# ଧରିତ୍ରୀ DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ବୁଧବାର, ସେପ୍ଟେମ୍ବର ୧୮/୨୦୨୪ (୧୮ ପୃଷ୍ଠା) | Bhubaneswar, Wednesday, September 18/2024 Page 18 | ₹ 7.00

୫୦ଶ ଭାଗ ୨୯୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 50 ISSUE 295 | ମୂଲ୍ୟ₹୭/-




**ମୀନାଙ୍କୁ ଡବଲ ସ୍ୱର୍ଣ୍ଣ ପଦକ**

ଫିଜିର ସୁଭାରେ ଅନୁଷ୍ଠିତ ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନ ଚାମ୍ପିୟନଶିପ୍‌ର ପ୍ରଥମ ଦିବସରେ ୨ ସ୍ୱର୍ଣ୍ଣ ଓ ୧ ରୌପ୍ୟ ପଦକ ହାସଲ କରିଛନ୍ତି ଓଡ଼ିଶାର ମୀନା ସାନ୍ତା।

୧୮

୦୨

**ଏକାଠି ଖୁସି, ଜୁନୈଦ**

ଆସନ୍ତା ବର୍ଷ ରିଲିଜ୍ ହେବାକୁ ଥିବା ଏକ ଚଳଚ୍ଚିତ୍ରରେ ଅଭିନେତ୍ରୀ ଖୁସି କପୁର ଓ ଅଭିନେତା ଜୁନୈଦ ଖାନଙ୍କୁ ଏକାଠି ଦେଖିବାକୁ ମିଳିବ।



# ମହିଳାଙ୍କ ସାମର୍ଥ୍ୟ ହେବ ବିକାଶର ମୂଳମନ୍ତ୍ର



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ସୁଭଦ୍ରା ଯୋଜନାର ଶୁଭାରମ୍ଭ କରି ଜଣେ ହିତାଧିକାରୀଙ୍କୁ ପ୍ରଥମ କିସ୍ତି ଭାଉଚର ପ୍ରଦାନ କରୁଛନ୍ତି। ନିକଟରେ ରାଜ୍ୟପାଳ ରଘୁବର ଦାସ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଜୁଏଲ ଓରାମ, ଦୁଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓ କନକ ବର୍ଦ୍ଧନ ସିଂଦେଓଙ୍କ ସହ ଉପସ୍ଥିତ ଅନ୍ୟମାନେ।

## 'ସୁଭଦ୍ରା' ଯୋଜନାର ଶୁଭାରମ୍ଭ କଲେ ପ୍ରଧାନମନ୍ତ୍ରୀ

### ୨୫ ଲକ୍ଷ ହିତାଧିକାରୀଙ୍କ ଆକାଉଣ୍ଟକୁ ଗଲା ପ୍ରଥମ କିସ୍ତି

**ଭୁବନେଶ୍ୱର,୧୭।୯(ଅନିଲ ଦାସ)**

ମହିଳାମାନେ ସଶକ୍ତ ହେଲେ ଓଡ଼ିଶାର ବିକାଶ ହେବ। ମହିଳାଙ୍କ ଶକ୍ତି ଓ ସାମର୍ଥ୍ୟ ରାଜ୍ୟ ବିକାଶର ମୂଳମନ୍ତ୍ର। ଏହାକୁ ହୃଦୟଙ୍ଗମ କରି କେନ୍ଦ୍ର ସରକାର ଆଗାମୀ ଦିନରେ ଓଡ଼ିଶାକୁ ସୁନାର ଓଡ଼ିଶାରେ ପରିଣତ କରିବେ ବୋଲି ଜନତା ମଇଦାନରେ ମଙ୍ଗଳବାର ନିଜ ଜନ୍ମଦିନରେ ବହୁ ଆକାଂକ୍ଷିତ ସୁଭଦ୍ରା ଯୋଜନାର ଶୁଭାରମ୍ଭ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି।

'ଜୟ ଜଗନ୍ନାଥ' ଧ୍ୱନିରୁ ଅଭିଭାଷଣ ଆରମ୍ଭକରି ପ୍ରଧାନମନ୍ତ୍ରୀ କହିଛନ୍ତି, ସୁଭଦ୍ରା ଯୋଜନା ମା' ଓ ଭଉଣୀମାନଙ୍କୁ ସଶକ୍ତ କରୁ। ଓଡ଼ିଶାର ବିକାଶରେ ନାରୀ ଶକ୍ତିର ସମାନ ଭାଗୀଦାରି ରହିବ। ଡବଲ ଇଞ୍ଜିନ ସରକାର ଓଡ଼ିଶାକୁ ବିକାଶର ନୂଆ ଶିଖରରେ ପହଞ୍ଚାଇବ। ପ୍ରଭୁ ଜଗନ୍ନାଥଙ୍କ କୃପାରୁ ପୁଣି ଓଡ଼ିଶା ଆସିବାର ସୌଭାଗ୍ୟ ମିଳିଲା। ମା'ମାନଙ୍କ ପାଇଁ ସୁଭଦ୍ରା ଶୁଭାରମ୍ଭର ସୁଯୋଗ ମିଳିଲା। ଓଡ଼ିଶାର ନୂଆ ସରକାର ଶପଥ ସମାରୋହକୁ ଆସିଥିଲି। ପ୍ରଚାର ବେଳେ ଡବଲ ଇଞ୍ଜିନ ସରକାର ହେଲେ ବିକାଶ ହେବ ବୋଲି କହିଥିଲି। ଯେଉଁ ସବୁ ସ୍ୱପ୍ନ ମହିଳା, ଆଦିବାସୀ, କୃଷକ, ଯୁବବର୍ଗ ଆଦି ଦେଖିଛନ୍ତି ସେସବୁ ସ୍ୱପ୍ନ ପୂରଣ ହେବ। ଆମେ ଯେଉଁସବୁ ପ୍ରତିଶ୍ରୁତି ଦେଇଥିଲୁ, ତାହା ଖୁବ୍ ଶୀଘ୍ର ପୂରଣ କରିବାକୁ ପ୍ରାଣପଣେ ଉଦ୍ୟମ କରୁଛୁ। ଦେଶର ୩୦ ଲକ୍ଷ ହିତାଧିକାରୀଙ୍କୁ ପକ୍କା ଘର ଦିଆଯାଇଛି। ସେଥିରୁ ୨୬ ଲକ୍ଷ ଘର ଗାଁରେ ରହୁଥିବା ଲୋକଙ୍କୁ ମିଳିଥିବାବେଳେ ୪ ଲକ୍ଷ ଘର ସହରରେ ରହୁଥିବା ଲୋକଙ୍କୁ ମିଳିଛି। ଓଡ଼ିଶାରେ ଭାଜପା ସରକାର ଗଠନ ହେଲେ ପୁରୀ ଜଗନ୍ନାଥ ମନ୍ଦିରର ୪ ଦ୍ୱାର ଖୋଲା ହେବ ଓ ରତ୍ନ ଭଣ୍ଡାର ଖୋଲାହେବ ବୋଲି ପ୍ରତିଶ୍ରୁତି ଦେଇଥିଲୁ। ସରକାର ଗଠନ ହେବା ପରେ ଶ୍ରୀମନ୍ଦିରର ୪ ଦ୍ୱାର ଖୋଲା ହୋଇଥିବାବେଳେ ରତ୍ନ ଭଣ୍ଡାର ମଧ୍ୟ ଖୋଲାଯାଇଛି। ଲୋକଙ୍କ ସେବାକୁ ଅଗ୍ରାଧିକାର ଦେବା ସହ ସେମାନଙ୍କ ପାଖକୁ ସରକାର ଯାଉଛି ଏବଂ ସମସ୍ୟାର ସମାଧାନ ପାଇଁ ଉଦ୍ୟମ କରୁଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ବିକଶିତ ଓଡ଼ିଶା ପାଇଁ ଏଠାରେ ସବୁ ପ୍ରକାର ସମ୍ପଦ ଭରପୂର ହୋଇ ରହିଛି। ଗତ ୧୦ ବର୍ଷରେ ଓଡ଼ିଶାକୁ ସର୍ବାଧିକ ଅନୁଦାନ ଦିଆଯାଇଛି। ଏବେ ତା' ଠାରୁ ୩ ଗୁଣ ଅଧିକ ଅନୁଦାନ ମିଳୁଛି। ଓଡ଼ିଶାବାସୀ ଏବେ ଆୟୁଷ୍ମାନ ଭାରତ ସୁବିଧା ପାଇବେ। ☞ପୃଷ୍ଠା-୧୪

**ଆଜିର ସମ୍ପାଦକୀୟ**

**ସହାନୁଭୂତି ହ୍ରାସ**

## ଆତିଶୀ ହେବେ ଦିଲ୍ଲୀର ସର୍ବକନିଷ୍ଠ ମହିଳା ମୁଖ୍ୟମନ୍ତ୍ରୀ



ଆପ୍ ନେତ୍ରୀ ଆତିଶୀ ମାର୍ଲେନା ଦିଲ୍ଲୀ ଉପରାଜ୍ୟପାଳ ଭି.କେ. ସାକ୍ସେନାଙ୍କ ନିକଟରେ ସରକାର ଗଠନ ପାଇଁ ଦାବି ଜଣାଉଛନ୍ତି। ଦଳର ରାଷ୍ଟ୍ରୀୟ ଆବାହକ ଅରବିନ୍ଦ କେଜ୍‌ରିୱାଲ ଉପସ୍ଥିତ।

### ଇସ୍ତଫା ଦେଲେ କେଜ୍‌ରିୱାଲ

**ନୂଆଦିଲ୍ଲୀ,୧୭।୯(ପି.ଟି.)**

ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ମଙ୍ଗଳବାର ଅପରାହ୍ନରେ ଉପରାଜ୍ୟପାଳ ଭି.କେ. ସାକ୍ସେନାଙ୍କୁ ଭେଟି ନିଜ ପଦରୁ ଇସ୍ତଫା ଦେଇଛନ୍ତି। ଆମ୍ ଆଦ୍‌ମୀ ପାର୍ଟି (ଆପ୍) ନେତ୍ରୀ ଆତିଶୀ ମାର୍ଲେନାଙ୍କୁ ଦଳ କେଜ୍‌ରିୱାଲଙ୍କ ଉତ୍ତରାଧିକାରୀ ମନୋନୀତ କରିବା ପରେ ସେ ନୂଆ ସରକାର ଗଢ଼ିବା ପାଇଁ ଉପରାଜ୍ୟପାଳଙ୍କ ନିକଟରେ ଦାବି ଉପସ୍ଥାପନ କରିଛନ୍ତି। ମଙ୍ଗଳବାର ପୂର୍ବାହ୍ନରେ ଅନୁଷ୍ଠିତ ଆପ୍ ବିଧାୟକ ଦଳ ବୈଠକରେ ଆତିଶୀଙ୍କୁ ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ କରିବା ପାଇଁ କେଜ୍‌ରିୱାଲ ପ୍ରସ୍ତାବ ରଖିଥିଲେ, ଯାହା ସର୍ବସମ୍ମତିକ୍ରମେ ଗୃହୀତ ହୋଇଥିଲା। ୪୩ ବର୍ଷୀୟା ଆତିଶୀଙ୍କ ହାତରେ ଗୁରୁତ୍ୱପୂର୍ଣ୍ଣ ଅର୍ଥ, ଶିକ୍ଷା ଏବଂ ରାଜସ୍ୱ ସମେତ ୧୮ଟି ବିଭାଗର ଦାୟିତ୍ୱ ରହିଛି। କେଜ୍‌ରିୱାଲ ଜେଲରେ ଥିବାବେଳେ ☞ପୃଷ୍ଠା-୪

# ହାଇକୋର୍ଟଙ୍କ ନିର୍ଦ୍ଦେଶରୁ ଡାକ୍ତରୀ ମାଇନା

### ଭରତପୁର ଥାନା: ଏଠି ନ୍ୟାୟ ନୁହେଁ, ଘାଡ଼ ଅନ୍ୟାୟ

**ଭୁବନେଶ୍ୱର,୧୭।୯(ସୁନିତ୍ ମିଶ୍ର)**

ଭରତପୁର ଥାନାର ମାଡ଼ ଓ ଅନ୍ୟାୟ କାହାଣୀର ସତ୍ୟତା ଯେତିକି ଯେତିକି ଆଗକୁ ଆସୁଛି ପୋଲିସର ଅସଲ ଚେହେରା ମଧ୍ୟ ଲୋକମାନେ ବୁଝିବା ଆରମ୍ଭ କରିଛନ୍ତି। ଆର୍ମି ମେଜର ଗୁରୁଭନ୍ସ ସିଂ ଏବଂ ତାଙ୍କ ବାନ୍ଧବୀ ଅଙ୍କିତା ପ୍ରଧାନଙ୍କ ସହ ଘଟିଥିବା ଘଟଣାକୁ ଦେଖିବା ପରେ ଲୋକମାନେ ନ୍ୟାୟ ପାଇଁ ପୋଲିସ ଉପରେ ଭରସାକରି ଥାନାକୁ ଯିବାକୁ କେତେ ଆଗ୍ରହ ପ୍ରକାଶ କରିବେ ତାହା ସମୟ ହିଁ କହିବ। ଯଦି ପୋଲିସ ନିଜ କ୍ଷମତାର ଦୁରୁପଯୋଗକରି ଏଭଳି କାଣ୍ଡ ଘଟାଇବା ପରେ ଏହା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯାଉଛି ତେବେ ସାଧାରଣ ଲୋକଙ୍କ ପୋଲିସ ବ୍ୟବସ୍ଥା ଉପରୁ ବିଶ୍ୱାସ ହଟିଯିବାର ସମ୍ଭାବନା ସୃଷ୍ଟିହେବ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଉଛି।

### ତଦନ୍ତ ଆରମ୍ଭ କଲା କ୍ରାଇମବ୍ରାଞ୍ଚ





ଭରତପୁର ଥାନା ଉଦ୍‌ଘାଟନ ଦିନର ଦୃଶ୍ୟ।

ଏଭଳି ସ୍ଥିତିରେ ଭରତପୁର ଥାନାରେ ଆର୍ମି ମେଜର ଓ ତାଙ୍କ ବାନ୍ଧବୀଙ୍କ ସହିତ ଘଟିଥିବା ଘଟଣାର ତଦନ୍ତ କରିବା ଲାଗି ପୋଲିସ ମହାନିର୍ଦ୍ଦେଶକ ୱାଇ.ବି. ଖୁରାନିଆ ମଙ୍ଗଳବାର କ୍ରାଇମବ୍ରାଞ୍ଚ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। କ୍ରାଇମବ୍ରାଞ୍ଚ ଡିଏସ୍‌ପି ନରେନ୍ଦ୍ର କୁମାର ବେହେରା ଏହି ଘଟଣାର ତଦନ୍ତ ଭାର ପାଇଛନ୍ତି। କ୍ରାଇମବ୍ରାଞ୍ଚ ଏଡିଜି ଅରୁଣ ବୋଥ୍ରାଙ୍କ ଦସ୍ତଖତରେ ଏନେଇ ଏକ ଚିଠି ଜାରି କରାଯାଇଛି। ନରେନ୍ଦ୍ର ବେହେରାଙ୍କ ନେତୃତ୍ୱରେ କ୍ରାଇମବ୍ରାଞ୍ଚର ଏକ ଟିମ୍ ମଧ୍ୟ ଭରତପୁର ଥାନାରେ ପହଞ୍ଚି ତଦନ୍ତ ପ୍ରକ୍ରିୟାକୁ ଜୋର୍‌ଦାର କରିଛନ୍ତି। ହେଲେ କେଉଁ ସବୁ ଦିଗକୁ ନେଇ କ୍ରାଇମବ୍ରାଞ୍ଚ ତଦନ୍ତ କରୁଛି, ସେନେଇ କିଛି ସୂଚନା ମିଳି ନାହିଁ। ଅନ୍ୟପକ୍ଷରେ ପୋଲିସ ନିଜ ଭୁଲ୍‌କୁ ଲୁଚାଇବା ସକାଶେ କ୍ୟାପିଟାଲ ☞ପୃଷ୍ଠା-୪

### ବଦଳିଲେ ଥାନା ଅଧିକାରୀ

**ଭୁବନେଶ୍ୱର,୧୭।୯ (ସତ୍ୟଜିତ୍ ରାଉତ)**

ଭୁବନେଶ୍ୱର ଭରତପୁର ଥାନାକୁ ଅଭିଯୋଗ କରିବାକୁ ଯାଇଥିବା ଜଣେ ଆର୍ମି ଅଫିସର ଏବଂ ତାଙ୍କ ବାନ୍ଧବୀଙ୍କୁ ପୋଲିସର ଅକଥନୀୟ ନିର୍ଯାତନା ଘଟଣା ଏବେ ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଛି। ପୋଲିସର କାର୍ଯ୍ୟକୁ ନେଇ ବିଭିନ୍ନ ମହଲରୁ ନିନ୍ଦା କରାଯାଉଛି। ଏହି ଘଟଣାରେ ବର୍ତ୍ତମାନ କ୍ରାଇମବ୍ରାଞ୍ଚ ତଦନ୍ତ ଆରମ୍ଭ କରିଛି। ଏଭଳି ସ୍ଥିତିରେ ତଦନ୍ତର ସ୍ୱଚ୍ଛତାକୁ ଦୃଷ୍ଟିରେ ରଖି ମଙ୍ଗଳବାର ରାତିରେ ଭରତପୁର ଥାନା ଅଧିକାରୀ ଦୀନକୃଷ୍ଣ ମିଶ୍ରଙ୍କୁ ଭୁବନେଶ୍ୱର ଡିସିପି ଅଫିସକୁ ବଦଳି କରାଯାଇଛି। ତାଙ୍କ ସ୍ଥାନରେ ☞ପୃଷ୍ଠା-୪

# ଚାଇନାକୁ ହରାଇ ଜିତିଲା ଭାରତ

**ହୁଲୁନବୁଇର,୧୭।୯(ପି.ଟି.)**

ଏସିଆନ ଚାମ୍ପିୟନ୍ସ ଟ୍ରଫି ପୁରୁଷ ହକିର ସବୁଠାରୁ ସଫଳ ଦଳ ଭାରତ ଏଥର ମଧ୍ୟ ଚାମ୍ପିୟନ ହୋଇଛି। ମଙ୍ଗଳବାର ଅନୁଷ୍ଠିତ ଫାଇନାଲରେ ଭାରତ ୧-୦ ଗୋଲରେ ଚାଇନାକୁ ହରାଇ ଟାଇଟଲ ବଜାୟ ରଖିଛି। ଏହା ପୂର୍ବରୁ ଭାରତ ୨୦୧୧, ୨୦୧୬, ୨୦୧୮ ଓ ୨୦୨୩ରେ ଚାମ୍ପିୟନ ହୋଇଥିଲା। ଟୁର୍ନାମେଣ୍ଟର ଲିଗ୍ ପର୍ଯ୍ୟାୟରେ ଭାରତ ୩-୦ରେ ଚାଇନାକୁ ହରାଇ ଥିଲେ ହେଁ ଫାଇନାଲରେ କଡ଼ା ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଥିଲା। ପ୍ରଥମ ୩ କ୍ୱାର୍ଟରରେ ଭାରତୀୟ ଦଳ ପ୍ରତିପକ୍ଷ ରକ୍ଷଣଭାଗକୁ ଭେଦ କରିବାରେ ଅସମର୍ଥ ହୋଇଥିଲା। ସୌଭାଗ୍ୟବଶତଃ ମ୍ୟାଚର ଶେଷ ପର୍ଯ୍ୟାୟ ଅର୍ଥାତ୍ ୫୧ତମ ମିନିଟରେ ଯୁଗରାଜ ସିଂଙ୍କ ଫିଲ୍ଡ ଗୋଲ ଭାରତର ସମ୍ମାନ ରଖିଥିଲା। ୫ମ ଥର ପାଇଁ ଟାଇଟଲ ଜିତି ଭାରତ ଏହି ପ୍ରତିଯୋଗିତାରେ ନିଜର ଆଧିପତ୍ୟ ବଜାୟ ରଖିଛି। ପୂରା ଟୁର୍ନାମେଣ୍ଟରେ ଅପରାଜେୟ ରହିଥିଲା ହରମନପ୍ରୀତ ସିଂଙ୍କ ନେତୃତ୍ୱାଧୀନ ଦଳ। ଲିଗ୍ ପର୍ଯ୍ୟାୟରେ ଚାଇନାକୁ ୩-୦ରେ ହରାଇ ଅଭିଯାନ ଆରମ୍ଭ କରିଥିବାବେଳେ ଜାପାନକୁ ୫-୧, ମାଲେସିଆକୁ ୮-୧, ଦକ୍ଷିଣ କୋରିଆକୁ ୩-୧ ଓ ପାକିସ୍ତାନକୁ ୨-୧ ଗୋଲରେ ପରାସ୍ତ କରିଥିଲା। ସେମିଫାଇନାଲରେ ☞ପୃଷ୍ଠା-୪






DHARITRI YOUTH CONCLAVE 2024
CLIMATE CHANGE: BUILDING RESILIENCE

ଧରିତ୍ରୀ 50 Years

DHARITRI YOUTH CONCLAVE 2024

CLIMATE CHANGE : BUILDING RESILIENCE

**ଧରିତ୍ରୀ କ୍ଲାଇମେଟ ଗ୍ରାଣ୍ଟ**

ସ୍ଥାନୀୟ ଅଞ୍ଚଳରେ ଜଳବାୟୁ ପରିବର୍ତ୍ତନର ମୁକାବିଲା କ୍ଷେତ୍ରରେ ଓତପ୍ରୋତ ଭାବେ ଜଡ଼ିତ ରହି କାର୍ଯ୍ୟ କରୁଥିବା ଓଡ଼ିଶାର ଯୁବପିଢ଼ି ଏବଂ ସଂଗଠନଗୁଡ଼ିକଠାରୁ ଆବେଦନପତ୍ର ଆହ୍ୱାନ କରାଯାଉଛି ।

ଆପଣ ପରିବେଶ ସୁରକ୍ଷା ଦିଗରେ କାର୍ଯ୍ୟ କରିଥିବା ସମ୍ପର୍କରେ (୨୫୦ରୁ ୩୫୦ ଶବ୍ଦ ମଧ୍ୟରେ) ଏକ ସରଳ ବିବରଣୀ ଆମ ପାଖକୁ ପଠାନ୍ତୁ । ଏଥିସହ ୪ଟି ହାଇ ରିଜୋଲ୍ୟୁଶନ ଫଟୋ ଏବଂ ଜଳବାୟୁ ପରିବର୍ତ୍ତନ ସଂକ୍ରାନ୍ତୀୟ ନିଜ ପଦକ୍ଷେପର ଗୋଟିଏ ଭିଡିଓ ମଧ୍ୟ ପଠାନ୍ତୁ, ଯାହାଦ୍ୱାରା ଆପଣମାନେ 'ଧରିତ୍ରୀ କ୍ଲାଇମେଟ ଗ୍ରାଣ୍ଟରେ' ବିଜୟୀ ହେବାର ସୁଯୋଗ ପାଇବେ।

ଅନୁରୂପ ପ୍ରକ୍ରିୟା ଅନୁସରଣ କରି ଆପଣ ଅନ୍ୟଜଣଙ୍କୁ ମଧ୍ୟ ମନୋନୀତ କରିପାରିବେ । ମନୋନୀତ ବ୍ୟକ୍ତି କିମ୍ବା ସଂଗଠନକୁ ପ୍ରୋତ୍ସାହନ ସ୍ୱରୂପ ଆସନ୍ତା ନଭେମ୍ବରରେ ଭୁବନେଶ୍ୱରରେ ଅନୁଷ୍ଠିତ ହେବାକୁ ଥିବା **'ଧରିତ୍ରୀ ୟୁଥ୍ କନ୍‌କ୍ଲେଭ—୨୦୨୪'**ରେ ଧରିତ୍ରୀ କ୍ଲାଇମେଟ ଗ୍ରାଣ୍ଟ ପୁରସ୍କାର ପ୍ରଦାନ କରାଯିବ। ଏହି ସ୍ୱୀକୃତି ଯୁବ ପରିବେଶବିତ୍‌ଙ୍କୁ ପରିବେଶ ଏବଂ ଜଳବାୟୁ ସୁରକ୍ଷା ଦିଗରେ ଅଧିକ ଅଗ୍ରସର କରାଇବ।

ମନୋନୀତ ଯୁବ ପରିବେଶବିତ୍ ଏବଂ ସଂଗଠନକୁ ଧରିତ୍ରୀ ୟୁଥ୍ କନ୍‌କ୍ଲେଭରେ ଯୁବ ପରିବେଶ ଯୋଦ୍ଧା ଏବଂ ବିଶେଷଜ୍ଞମାନଙ୍କ ସହ ଆଲୋଚନାରେ ଭାଗ ନେବାକୁ ନିମନ୍ତ୍ରଣ କରାଯିବ।

ଦୟାକରି ନିଜ ବିବରଣୀ
dharitriyouthconclave@gmail.com କୁ ପଠାନ୍ତୁ
ଅଧିକ ଜାଣିବା ପାଇଁ
www.dharitriyouthconclave.com କୁ ଦେଖନ୍ତୁ

SAVE THE PLANET
CLIMATE ACTION NOW

# ଆଜି ୨୧୯ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ

## କଶ୍ମୀରରେ ପ୍ରଥମ ପର୍ଯ୍ୟାୟ ଭୋଟ

ଶ୍ରୀନଗର/ଜମ୍ମୁ,୧୭।୯(ପି.ଟି.)



ଜମ୍ମୁ-କଶ୍ମୀରର କିସ୍ତୱାର ଜିଲାରେ ପୋଲିଂ ପାର୍ଟି ଇଭିଏମ୍ ଏବଂ ଅନ୍ୟ ଉପକରଣ ଧରି ଭୋଟ କେନ୍ଦ୍ରକୁ ଯାଉଛନ୍ତି।

ଦୀର୍ଘ ୧୦ ବର୍ଷ ପରେ ଜମ୍ମୁ-କଶ୍ମୀରରେ ପ୍ରଥମ ଥର ପାଇଁ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି। ବୁଧବାର ପ୍ରଥମ ପର୍ଯ୍ୟାୟରେ ୭ ଜିଲାର ୨୪ ଆସନରେ ଭୋଟଗ୍ରହଣ କରାଯିବ। ଏହି ପର୍ଯ୍ୟାୟରେ ୨୩ ଲକ୍ଷରୁ ଊର୍ଦ୍ଧ୍ୱ ଭୋଟର ୨୧୯ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ। ସେମାନଙ୍କ ମଧ୍ୟରୁ ୯୦ ଜଣ ସ୍ୱାଧୀନ ପ୍ରାର୍ଥୀ।

୨୦୧୯ ଅଗଷ୍ଟରେ ଜମ୍ମୁ-କଶ୍ମୀରରୁ ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ପରେ ଏହା ପ୍ରଥମ ବିଧାନସଭା ନିର୍ବାଚନ। ନିର୍ବାଚନ କମିଶନଙ୍କ ତଥ୍ୟ ଅନୁଯାୟୀ ପ୍ରଥମ ପର୍ଯ୍ୟାୟରେ ୨୩,୨୭,୫୮୦ ଯୋଗ୍ୟ ଭୋଟରେ ମତଦାନ କରିବାକୁ ଥିବାବେଳେ ସେମାନଙ୍କ ମଧ୍ୟରୁ ୧୧,୭୬,୪୬୨ ଜଣ ପୁରୁଷ, ୧୧,୫୧,୦୫୮ ଜଣ ମହିଳା ଏବଂ ୬୦ ଜଣ ତୃତୀୟଲିଙ୍ଗୀ ଭୋଟର ରହିଛନ୍ତି। ୧.୨୩ ଲକ୍ଷ ଭୋଟରଙ୍କ ବୟସ ୧୮ରୁ ୧୯ ବର୍ଷ ହୋଇଥିବାବେଳେ ୨୮,୩୦୯ ଜଣ ଭିନ୍ନକ୍ଷମ ଏବଂ ୧୫,୭୭୪ ଜଣ ଭୋଟରଙ୍କ ବୟସ ୮୫ ବର୍ଷରୁ ଊର୍ଦ୍ଧ୍ୱ। ମତଦାନ ପାଇଁ ୩,୨୭୬ଟି ଭୋଟକେନ୍ଦ୍ର ସ୍ଥାପନ କରାଯାଇଥିବାବେଳେ ୧୪,୦୦୦ ପୋଲିଂ କର୍ମଚାରୀ ଏଥିରେ ନିୟୋଜିତ ରହିବେ। ସେଥିରୁ ୩୦୨ଟି ବୁଥ୍ ସହରାଞ୍ଚଳରେ ହୋଇଥିବାବେଳେ ୨,୯୭୪ଟି ଗ୍ରାମାଞ୍ଚଳରେ ରହିଛି।

ପ୍ରଥମ ପର୍ଯ୍ୟାୟ ମତଦାନକୁ ମୁକ୍ତ ଓ ଅବାଧ କରିବା ପାଇଁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ସର୍ବାଧିକ ସଂଖ୍ୟାରେ ଭୋଟର ଯେପରି ବୁଥକୁ ଆସି ସେମାନଙ୍କର ଗଣତାନ୍ତ୍ରିକ ମତାଧିକାର ସାବ୍ୟସ୍ତ କରିପାରିବେ, ତାହା ଉପରେ ଗୁରୁତ୍ୱ ଦିଆଯାଇଥିବା କଶ୍ମୀର ଜୋନ୍ ପୋଲିସ ଆଇଜି ଭି.କେ. ବିର୍ଦ୍ଦି କହିଛନ୍ତି। ସୁରକ୍ଷା ଦାୟିତ୍ୱରେ କେନ୍ଦ୍ରୀୟ ସଶସ୍ତ୍ର ଅର୍ଦ୍ଧସାମରିକ ବଳ (ସିଏପିଏଫ୍), ଜମ୍ମୁ-କଶ୍ମୀର ସଶସ୍ତ୍ର ପୋଲିସ ଏବଂ ରାଜ୍ୟ ପୋଲିସଙ୍କୁ ନିୟୋଜିତ କରାଯାଇଛି।

ଏହି ପର୍ଯ୍ୟାୟର କଶ୍ମୀରର ପ୍ରମୁଖ ପ୍ରାର୍ଥୀଙ୍କ ମଧ୍ୟରେ ଅଛନ୍ତି ସିପିଆଇ(ଏମ୍)ର ମହମ୍ମଦ ୟୁସୁଫ୍ ତାରିଗାମି, ଏଆଇସିସି ସାଧାରଣ ସମ୍ପାଦକ ଗୁଲାମ ଅହମଦ ମୀର, ନ୍ୟାଶନାଲ କନ୍ଫରେନ୍ସ (ଏନ୍‌ସି)ର ସାକିନା ଇଟୁ, ପିଡିପିର ସର୍ତ୍ତାଜ ମଦନୀ ଏବଂ ଅବଦୁଲ ରେହମନ ବୀରି। ବିଜ୍‌ବେହରା ଆସନର ପିଡିପି ପ୍ରାର୍ଥୀ ଇଲତିଜା ମୁଫ୍ତି ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତାର ସମ୍ମୁଖୀନ ହୋଇଛନ୍ତି। ତାଙ୍କ ବିପକ୍ଷରେ ଏନ୍‌ସିରୁ ବଶିର ଅହମଦ ବୀରି ଏବଂ ଭାଜପାରୁ ସୋଫି ମହମ୍ମଦ ୟୁସୁଫ୍ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ସିପିଆଇ(ଏମ୍) ପ୍ରାର୍ଥୀ ମହମ୍ମଦ ୟୁସୁଫ୍ କୁଲ୍‌ଗାମ ଆସନରୁ କ୍ରମାଗତ ପଞ୍ଚମ ଥର ପାଇଁ ଲଢୁଛନ୍ତି। ସେହିପରି କଂଗ୍ରେସ ନେତା ଗୁଲାମ ଅହମଦ ମୀର୍ ଡୁରୁ ଆସନରୁ ତୃତୀୟ ଥର ପାଇଁ ବିଧାନସଭାକୁ ଯିବା ପାଇଁ ଆଶା ରଖିଛନ୍ତି। ଏନ୍‌ସି ପ୍ରାର୍ଥୀ ସାକିନା ଦମହାଲ ହାଜିପୋରା ଆସନରୁ ଦ୍ୱିତୀୟ ଥର ପାଇଁ ବିଧାୟକ ହେବାକୁ ପ୍ରତିଦ୍ୱନ୍ଦ୍ୱିତା କରୁଥିବାବେଳେ ପିଡିପିର ସର୍ତ୍ତାଜ ମଦନୀ ଦେବେସାରରୁ ଏବଂ ଅବଦୁଲ ରେହମନ ବୀରି ଶାଙ୍ଗୁସ୍-ଅନନ୍ତନାଗରୁ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ତେବେ ଇଲତିଜା ମୁଫ୍ତି ଏବଂ ୱାହିଦ ପାରା ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଶ୍ରୀଗୁଫୱାରା ବିଜ୍‌ବେହରା ଏବଂ ପୁଲୱାମା ଆସନ ଉପରେ ସମସ୍ତଙ୍କର ନଜର ରହିଛି। ଇଲ୍‌ତିଜା ମୁଫ୍ତି ପରିବାରର ତୃତୀୟ ପିଢ଼ି ରାଜନେତା ହୋଇଥିବାବେଳେ ୱାହିଦ ଆତଙ୍କବାଦୀ ମାମଲାରେ ଅଭିଯୁକ୍ତ ଅଛନ୍ତି। ତାଙ୍କ ବିରୋଧରେ ଦଳର ପୂର୍ବତନ ସହକର୍ମୀ ମହମ୍ମଦ ଖଲିଲ୍ ବନ୍ଧ ଏନ୍‌ସି ଟିକେଟରେ ଲଢୁଛନ୍ତି। ସେହିପରି ଜମ୍ମୁରୁ ଭାଗ୍ୟ ପରୀକ୍ଷା କରୁଥିବା ପ୍ରମୁଖ ପ୍ରାର୍ଥୀ ହେଲେ ପୂର୍ବତନ ମନ୍ତ୍ରୀ ସାଜ୍ଜଦ କିଚ୍‌ଲୁ (ଏନ୍‌ସି), ଖଲିଦ ନାଜିଦ ସହୁହର୍‌ୱାର୍ଡି (ଏନ୍‌ସି), ଭିକାର ରସୁଲ ୱାନି (କଂଗ୍ରେସ), ଅବ୍ଦୁଲ ମଜିଦ ୱାନି( ଡିପିଏପି), ସୁନୀଲ ଶର୍ମା (ଭାଜପା) ଶକ୍ତିରାଜ ପରିହାର ଏବଂ ଗୁଲାମ ମହମ୍ମଦ ସରୁରି। ୩ ଥର ବିଧାୟକ ଥିବା ସରୁରି ଡିପିଏପିରୁ ଟିକେଟ ନ ପାଇବାରୁ ସ୍ୱାଧୀନ ପ୍ରାର୍ଥୀ ହୋଇଛନ୍ତି। ଅନ୍ୟ ପ୍ରମୁଖ ପ୍ରାର୍ଥୀମାନେ ହେଲେ ପୂର୍ବତନ ବିଧାୟକ ଦଲିପ ସିଂ ପରିହାର(ଭାଜପା), ପୂର୍ବତନ ଏମ୍‌ଏଲ୍‌ସି ଫିର୍‌ଦୋସ୍ ତାକ୍ ଏବଂ ଇମ୍‌ତିୟାଜ ଶାନ୍(ପିଡିପି), ପୂଜା ଠାକୁର (ଏନ୍‌ସି)। ଭାଜପା ପ୍ରାର୍ଥୀ ଶଗୁନ ପରିହାରଙ୍କ ବାପା ଅଜିତ ପରିହାର ଏବଂ ଦାଦା ଅନିଲ ପରିହାର ୨୦୧୮ ନଭେମ୍ବର ଆତଙ୍କବାଦୀ ଆକ୍ରମଣରେ ପ୍ରାଣ ହରାଇଥିଲେ। ଆମ୍ ଆଦ୍‌ମୀ ପାର୍ଟିରୁ ପ୍ରମୁଖ ପ୍ରାର୍ଥୀ ଭାବେ ମେହରାଜ ଡିନ୍ ମଲିକ ନିର୍ବାଚନ ଲଢୁଛନ୍ତି।

କଂଗ୍ରେସ ଏବଂ ଏନ୍‌ସି ମଧ୍ୟରେ ମେଣ୍ଟ ହୋଇଥିଲେ ମଧ୍ୟ ଉଭୟ ଦଳ ବନିହାଲ, ଭଦେରୱା ଏବଂ ଡୋଡା ଆସନରେ ବନ୍ଧୁତ୍ୱପୂର୍ଣ୍ଣ ଲଢ଼େଇ ପାଇଁ ପ୍ରାର୍ଥୀ ଦେଇଛନ୍ତି। ବିଦ୍ରୋହୀ ଏନ୍‌ସି ନେତା ପ୍ୟାରେଲାଲ ଶର୍ମା ଇନ୍ଦେରୱାଲ ଆସନରୁ ସ୍ୱାଧୀନ ପ୍ରାର୍ଥୀ ହୋଇଥିବାବେଳେ ଭାଜପାର ୨ ଜଣ ବିଦ୍ରୋହୀ ରାକେଶ ଗୋସ୍ୱାମୀ ଏବଂ ସୂରଜ ସିଂ ପରିହାର ଯଥାକ୍ରମେ ରମ୍ବାନ ଏବଂ ପାଦେର-ନାଗସେନି ଆସନରୁ ସ୍ୱାଧୀନ ଭାବେ ଲଢୁଛନ୍ତି।

# ଶିକ୍ଷାବିତ୍‌ରୁ ଦିଲ୍ଲୀ ମୁଖ୍ୟମନ୍ତ୍ରୀ

ନୂଆଦିଲ୍ଲୀ,୧୭।୯

ଆତିଶୀ ମାର୍ଲେନା ସିଂ



ଦିଲ୍ଲୀ ମନ୍ତ୍ରୀ ଆତିଶୀ ମାର୍ଲେନା ସିଂ ମଙ୍ଗଳବାର ସର୍ବସମ୍ମତିକ୍ରମେ ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ମନୋନୀତ ହୋଇଛନ୍ତି। କଂଗ୍ରେସର ଶିଳା ଦୀକ୍ଷିତ ଏବଂ ଭାଜପାର ସୁଷମା ସ୍ୱରାଜଙ୍କ ପରେ ସେ ଦିଲ୍ଲୀର ତୃତୀୟ ତଥା ସର୍ବକନିଷ୍ଠା ମହିଳା ମୁଖ୍ୟମନ୍ତ୍ରୀ ହେବାକୁ ଯାଉଛନ୍ତି। ୪୩ ବର୍ଷୀୟା କାଲକାଜୀ ବିଧାୟିକା ଆତିଶୀ ଅର୍ଥ, ଶିକ୍ଷା ସମେତ ୧୪ଟି ଗୁରୁତ୍ୱପୂର୍ଣ୍ଣ ବିଭାଗର ମନ୍ତ୍ରୀ ରହିଛନ୍ତି।

ଆପ୍‌ରେ ଆତିଶୀଙ୍କ ରାଜନୈତିକ ପ୍ରୋଫାଇଲ ବେଶ୍ ପ୍ରଭାବୀ। ଶିକ୍ଷା ମନ୍ତ୍ରଣାଳୟରେ ପୂର୍ବତନ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆଙ୍କ ଉପଦେଷ୍ଟା ରହିବା ପରେ ସେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଭାଗର ମନ୍ତ୍ରୀ ପଦ ସମ୍ଭାଳିଥିଲେ। ଏବେ ସେ ସରକାରର ମୁଖ୍ୟ ହେବାକୁ ଯାଉଛନ୍ତି।

୧୯୮୧ ଜୁନ୍ ୮ରେ ଜନ୍ମିତ ଆତିଶୀ ଅକ୍ସଫୋର୍ଡ ୟୁନିଭର୍ସିଟିରେ ମାଷ୍ଟର ଡିଗ୍ରୀ ହାସଲ କରିଥିଲେ। ପରେ ରୋଡେସ୍ ସ୍କଲାର ଭାବେ ଉକ୍ତ ୟୁନିଭର୍ସିଟିରୁ ଶିକ୍ଷା ଗବେଷଣାରେ ଦ୍ୱିତୀୟ ମାଷ୍ଟର ଡିଗ୍ରୀ ହାସଲ କରିଥିଲେ। ରାଜନୀତିରେ ଯୋଗଦେବା ପୂର୍ବରୁ ସେ ତାଙ୍କ ସ୍ୱାମୀ ପ୍ରବୀଣ ସିଂଙ୍କ ସହ ମଧ୍ୟପ୍ରଦେଶର ଏକ ଛୋଟ ଗାଁରେ ୭ ବର୍ଷ ରହି ନିଜକୁ ଜୈବିକ କୃଷି ଏବଂ ଶୈକ୍ଷିକ ଉପକ୍ରମରେ ସାମିଲ କରିଥିଲେ। ତୃଣମୂଳ ସ୍ତରରେ ସେ ବିଭିନ୍ନ ଅଣଲାଭଦାୟକ ସଂସ୍ଥାରେ କାର୍ଯ୍ୟ କରିବା ସମୟରେ ଆପ୍ ନେତାଙ୍କ ସହ ସମ୍ପର୍କରୁ ରାଜନୀତିକୁ ଆସିଥିଲେ। ୨୦୧୩ ଦିଲ୍ଲୀ ବିଧାନସଭା ନିର୍ବାଚନ ପାଇଁ ଆପ୍‌ର ଇସ୍ତାହାର ଚିଠା କମିଟିରେ ଆତିଶୀଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା। ପରେ ସେ ଆପ୍ ରାଜନୈତିକ ବ୍ୟାପାର କମିଟି ସଦସ୍ୟ ହେବା ସହ କାଲ୍‌କାଜି ଆସନରୁ ପ୍ରତିନିଧିତ୍ୱ କରିଥିଲେ ଏବଂ ଦଳର ପୂର୍ବ ଦିଲ୍ଲୀ ଶାଖା ଦାୟିତ୍ୱରେ ରହିଥିଲେ। ସିସୋଡିଆଙ୍କ ଉପଦେଷ୍ଟା ଥିବାବେଳେ ଦିଲ୍ଲୀ ସରକାରୀ ସ୍କୁଲଗୁଡ଼ିକରେ ପରିବର୍ତ୍ତନ ଆଣିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥିଲେ। ଅବକାରୀ ଦୁର୍ନୀତି ମାମଲାରେ ମୁଖ୍ୟମନ୍ତ୍ରୀ କେଜ୍‌ରିୱାଲ ଗିରଫ ହେବା ବେଳେ ଆତିଶୀ ଏହାକୁ ବିରୋଧ କରି ବିକ୍ଷୋଭର ନେତୃତ୍ୱ ନେଇଥିଲେ। ୨୦୨୩ ମାର୍ଚ୍ଚରେ ସେ ମନ୍ତ୍ରୀ ହେବା ସହ ସର୍ବାଧିକ ୧୪ଟି ବିଭାଗର ଦାୟିତ୍ୱ ନେଇଥିଲେ। କେଜ୍‌ରିୱାଲ ଜେଲରେ ଥିବାବେଳେ ଆତିଶୀ ନିଜର ଦକ୍ଷତା, ଉତ୍ସର୍ଗୀକୃତ ମନୋଭାବ ଏବଂ ବୁଦ୍ଧିମତ୍ତା ପାଇଁ ରାଜନୀତି ଓ ପ୍ରଶାସନିକ ସଙ୍କଟ ମୁକାବିଲାରେ ସକ୍ରିୟ ଭୂମିକା ନେଇଥିଲେ। ଗତ ଲୋକ ସଭା ନିର୍ବାଚନ ବେଳେ ସେ ଆପ୍ ପ୍ରଚାରର ମଙ୍ଗ ଧରିଥିଲେ।

# ୟାଗି ବାତ୍ୟା: ଦକ୍ଷିଣ-ପୂର୍ବ ଏସିଆରେ ମୃତ୍ୟୁସଂଖ୍ୟା ୫୦୦ ଟପିଲା

ନେପିଡୋ, ୧୭।୯



ମ୍ୟାନ୍‌ମାରର ନେପିଡୋରେ ବନ୍ୟା ମଧ୍ୟରେ ଫସି ରହିଥିବା ଜଣେ ବୃଦ୍ଧାଙ୍କୁ ଉଦ୍ଧାର କରାଯାଉଛି।

## ମ୍ୟାନ୍‌ମାରରେ ବନ୍ୟା ଓ ଭୂସ୍ଖଳନରେ ୨୨୬ ମୃତ

'ୟାଗି' ବାତ୍ୟାର ପ୍ରଭାବରେ ମ୍ୟାନ୍‌ମାରରେ ବନ୍ୟା ଏବଂ ଭୂସ୍ଖଳନ ଘଟି ମଙ୍ଗଳବାର ସୁଦ୍ଧା ୨୨୬ ଜଣଙ୍କର ମୃତ୍ୟୁ ଘଟିଛି। ଏହାସହ ଉକ୍ତ ବାତ୍ୟା ପ୍ରଭାବରେ ସମ୍ପୂର୍ଣ୍ଣ ଦକ୍ଷିଣ-ପୂର୍ବ ଏସିଆରେ ମୃତ୍ୟୁ ସଂଖ୍ୟା ୫୦୦ ଟପିଛି। ମ୍ୟାନ୍‌ମାରରେ ବନ୍ୟା ଯୋଗୁ ମଙ୍ଗଳବାର ସୁଦ୍ଧା ୭୭ ଜଣ ନିଖୋଜ ଥିବାନେଇ ସ୍ଥାନୀୟ ଗଣମାଧ୍ୟମ ପ୍ରକାଶ କରିଛି। ସେହିପରି ବନ୍ୟାରେ ମ୍ୟାନ୍‌ମାରର ୬ ଲକ୍ଷ ୩୧ ହଜାରରୁ ଅଧିକ ଲୋକ ପ୍ରଭାବିତ ହୋଇଥିବା ନେଇ ମିଳିତ ଜାତସଂଘ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ମ୍ୟାନ୍‌ମାରର ବନ୍ୟା ପ୍ରଭାବିତ ଅଞ୍ଚଳରେ ଠିକ୍ ଭାବେ ଯୋଗାଯୋଗ ସମ୍ଭବ ହୋଇପାରୁ ନ ଥିବାରୁ ମୃତ୍ୟୁ ସଂଖ୍ୟା ଆହୁରି ବଢ଼ିବ ବୋଲି ଜାତିସଂଘ ଆଶଙ୍କା କରିଛି। ଏସିଆନ୍ କୋଅର୍ଡିନେଟିଂ ସେଣ୍ଟର ଫର୍ ହ୍ୟୁମାନିଟାରିୟାନ୍ ଆସିଷ୍ଟାନ୍ସର ତଥ୍ୟ ଅନୁଯାୟୀ ବାତ୍ୟା ୟାଗି ପ୍ରଭାବରେ ଦକ୍ଷିଣ ପୂର୍ବ ଏସିଆ ଥିବା ଭିଏତ୍‌ନାମରେ ୩୦୦ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ଥାଇଲାଣ୍ଡରେ ୪୨, ଫିଲିପାଇନ୍ସରେ ୨୧ ଏବଂ ଲାଓସ୍‌ରେ ୪ ଜଣଙ୍କର ମୃତ୍ୟୁ ଘଟିଛି।

# ଖୁବ୍‌ଶୀଘ୍ର ଜନଗଣନା ଘୋଷଣା: ଶାହା

ନୂଆଦିଲ୍ଲୀ, ୧୭।୯

ଦେଶରେ ଖୁବ୍‌ଶୀଘ୍ର ଜନଗଣନାକୁ ନେଇ କେନ୍ଦ୍ର ସରକାର ଘୋଷଣା କରିବେ ବୋଲି ମଙ୍ଗଳବାର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ସୂଚନା ଦେଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ତୃତୀୟ ପାଳିର ୧୦୦ତମ ଦିନ ପାଳନ ଅବସରରେ ଶାହା କହିଛନ୍ତି, ୧୮୮୧ରୁ ଭାରତରେ ପ୍ରତି ୧୦ ବର୍ଷକୁ ଥରେ ଜନଗଣନା ହୋଇ ଆସୁଛି। ଚଳିତ ଦଶକର ଜନଗଣନା ୨୦୨୦ ଏପ୍ରିଲରେ ଆରମ୍ଭ ହେବାର ଥିଲା। କିନ୍ତୁ କୋଭିଡ ମହାମାରୀ ଯୋଗୁ ଏହାକୁ ସ୍ଥଗିତ ରଖିବାକୁ ପଡ଼ିଥିଲା।

# ସ୍ୱାତୀ ମାଲିୱାଲଙ୍କ ଇସ୍ତଫା ଦାବିକଲା ଆପ୍

ନୂଆଦିଲ୍ଲୀ,୧୭।୯



ଦିଲ୍ଲୀର ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ମନୋନୀତ ହୋଇଥିବା ଆତିଶୀଙ୍କ ପ୍ରତି ବିବାଦୀୟ ମନ୍ତବ୍ୟ ଦେଇଥିବା ଦଳର ରାଜ୍ୟ ସଭା ସଦସ୍ୟ ସ୍ୱାତୀ ମାଲିୱାଲଙ୍କୁ ଇସ୍ତଫା ଦେବା ପାଇଁ ଆମ୍ ଆଦ୍‌ମୀ ପାର୍ଟି (ଆପ୍) କହିଛି। ସ୍ୱାତୀଙ୍କୁ ଆପ୍ ରାଜ୍ୟ ସଭାକୁ ପଠାଇଥିବାବେଳେ ସେ ଭାଜପାର ଲେଖାକୁ ପଢୁଛନ୍ତି। ତାଙ୍କର ସାମାନ୍ୟ ଲଜ୍ଜାବୋଧ ଥିଲେ, ସେ ରାଜ୍ୟ ସଭା ସଦସ୍ୟ ପଦରୁ ଇସ୍ତଫା ଦେଇ ଭାଜପା ଟିକେଟରେ ନିମ୍ନ ସଦନକୁ ଯିବା ଆବଶ୍ୟକ ବୋଲି ଆପ୍ ନେତା ଦିଲୀପ ପାଣ୍ଡେ କହିଛନ୍ତି। ଆତିଶୀ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ହେବେ ବୋଲି ଘୋଷଣା କରାଯିବା ପରେ ସ୍ୱାତୀ ତାଙ୍କ ବିରୋଧରେ କଡ଼ା ମନ୍ତବ୍ୟ ଦେଇଥିଲେ। ଆତଙ୍କବାଦୀ ଅଫଜଲ ଗୁରୁଙ୍କୁ ଫାଶୀରୁ ବଞ୍ଚାଇବା ପାଇଁ ଆତିଶୀଙ୍କ ମାଆବାପା ଉଦ୍ୟମ କରିଥିଲେ। ଆତିଶୀଙ୍କୁ ମୁଖ୍ୟମନ୍ତ୍ରୀ ମନୋନୀତ କରାଯିବା ଦିଲ୍ଲୀ ପାଇଁ ଦୁଃଖଦ ଦିନ ବୋଲି ସ୍ୱାତୀ କହିଥିଲେ।

# ନିଜ ନେତାଙ୍କୁ ଶୃଙ୍ଖଳିତ କରିବାକୁ ପ୍ରଧାନମନ୍ତ୍ରୀଙ୍କୁ କହିଲେ ଖାର୍ଗେ

ନୂଆଦିଲ୍ଲୀ,୧୭।୯

## ରାହୁଲଙ୍କ ପ୍ରତି ହିଂସାତ୍ମକ ମନ୍ତବ୍ୟ

ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କୁ ଟାର୍ଗେଟ କରି ଶାସକ ମେଣ୍ଟର ସଦସ୍ୟମାନେ ଦେଉଥିବା ହିଂସାତ୍ମକ ମନ୍ତବ୍ୟ ଅତ୍ୟନ୍ତ ଆପତ୍ତିଜନକ ବୋଲି କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ମଙ୍ଗଳବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପତ୍ର ଲେଖି ଜଣାଇଛନ୍ତି। ମୋଦି ତାଙ୍କ ନେତାମାନଙ୍କୁ ଶୃଙ୍ଖଳିତ କରିବା ପାଇଁ ଖାର୍ଗେ ନିବେଦନ କରିଛନ୍ତି। ଏଭଳି ମନ୍ତବ୍ୟ ଦେଉଥିବା ନେତାମାନଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଗଲେ, ଭାରତୀୟ ରାଜନୀତିକୁ ପତନରୁ ରକ୍ଷା କରାଯାଇପାରିବ। ରେଳ ରାଷ୍ଟ୍ରମନ୍ତ୍ରୀ ରଭନୀତ ସିଂ ବିଟ୍ଟୁ ଏବଂ ୟୁପି ମନ୍ତ୍ରୀ ରଘୁରାଜ ସିଂ ଲୋକସଭାର ବିରୋଧୀ ଦଳ ନେତାଙ୍କୁ ନମ୍ବର ୱାନ୍ ଆତଙ୍କବାଦୀ କହିଥିଲେ। ରାହୁଲଙ୍କ ଜିଭ କାଟିଦେଲେ ୧୧ ଲକ୍ଷ ଟଙ୍କା ପୁରସ୍କାର ଦିଆଯିବ ବୋଲି ଶିବସେନା ବିଧାୟକ ସଞ୍ଜୟ ଗାଏକ୍‌ୱାଡ୍ ଘୋଷଣା କରିଥିଲେ। ରାହୁଲଙ୍କୁ ତାଙ୍କ ଜେଜେମା'ଙ୍କ ଦଶା ଭୋଗିବାକୁ ପଡ଼ିବ ବୋଲି ଦିଲ୍ଲୀର ଜଣେ ପୂର୍ବତନ ବିଧାୟକ ଧମକ ଦେଇଥିବା ଖାର୍ଗେ ପ୍ରଧାନମନ୍ତ୍ରୀଙ୍କୁ ଜଣାଇଛନ୍ତି।

# ଆର୍. ଜି. କର ପୀଡ଼ିତାଙ୍କ ନାଁ, ଫଟୋ ହଟାଇବାକୁ ୱିକିପିଡିଆକୁ ନିର୍ଦ୍ଦେଶ

ନୂଆଦିଲ୍ଲୀ,୧୭।୯(ପି.ଟି.)

## ମୃତକଙ୍କ ମର୍ଯ୍ୟାଦା ଓ ପ୍ରିଭେସି ବଜାୟ ରହୁ: ସୁପ୍ରିମକୋର୍ଟ

କୋଲକାତାସ୍ଥିତ ଆର୍.ଜି. କର ହସ୍ପିଟାଲରେ ବଳାତ୍କାର ଓ ହତ୍ୟାର ଶିକାର ହୋଇଥିବା ମହିଳା ଡାକ୍ତରଙ୍କ ନାମ ଏବଂ ଫଟୋ ତୁରନ୍ତ ହଟାଇବା ପାଇଁ ସୁପ୍ରିମକୋର୍ଟ ମଙ୍ଗଳବାର ୱିକିପିଡିଆକୁ ନିର୍ଦ୍ଦେଶ ଦେଇଛନ୍ତି। ଏବେ ମଧ୍ୟ ଉକ୍ତ ଅନ୍‌ଲାଇନ ଏନ୍‌ସାଇକ୍ଲୋପିଡିଆରେ ପୀଡ଼ିତା ଡାକ୍ତରଙ୍କ ନାଁ ଓ ଫଟୋ ରହିଥିବା ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ଅଦାଲତଙ୍କୁ ଜଣାଇଥିଲେ। ବଳାତ୍କାର ଓ ହତ୍ୟା ମାମଲାରେ ପୀଡ଼ିତାଙ୍କ ପରିଚୟ ପ୍ରଘଟ ନ କରିବାକୁ ଆଇନରେ ଅତ୍ୟନ୍ତ ସ୍ପଷ୍ଟ ବ୍ୟବସ୍ଥା ରହିଥିବା ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ୩ ଜଣିଆ ଖଣ୍ଡପୀଠ କହିଥିଲେ। ମୃତକଙ୍କ ମର୍ଯ୍ୟାଦା ଏବଂ ପ୍ରିଭେସି ବଜାୟ ରଖିବା ଜରୁରୀ। ତେଣୁ ତାଙ୍କ ପରିଚୟକୁ କଦାପି ପ୍ରକାଶ କରାଯାଇପାରିବ ନାହିଁ ବୋଲି ଅଦାଲତ କହିଥିଲେ।

ଏହି ବହୁଚର୍ଚ୍ଚିତ ଘଟଣାରେ ମାସାଧିକ କାଳ ଧରି ନ୍ୟାୟ ଦାବିରେ କାର୍ଯ୍ୟବନ୍ଦ ଆନ୍ଦୋଳନ ଚଳାଇଥିବା ଜୁନିୟର ଡାକ୍ତରମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ ବୋଲି ପଶ୍ଚିମବଙ୍ଗ ସରକାର ସୁପ୍ରିମକୋର୍ଟଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। କାର୍ଯ୍ୟରେ ଯୋଗଦେବାରେ କୌଣସି ସମସ୍ୟା ନାହିଁ ବୋଲି ଆନ୍ଦୋଳନକାରୀ ଡାକ୍ତରମାନେ ସୁପ୍ରିମକୋର୍ଟଙ୍କୁ ଜଣାଇଛନ୍ତି। ସୋମବାର ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ସହ ଡାକ୍ତରମାନଙ୍କ ଆଲୋଚନା ସଫଳ ହୋଇଛି। ସେମାନଙ୍କ କେତେକ ଦାବିକୁ ସରକାର ମାନିନେଇ ଆସ୍ଥା ସୃଷ୍ଟି ଦିଗରେ ପଦକ୍ଷେପ ନେଉଛନ୍ତି। ଜୁନିୟର ଡାକ୍ତରମାନଙ୍କ ସାଧାରଣ ପରିଷଦ ବୈଠକ ଖୁବ୍‌ଶୀଘ୍ର ବସି କାର୍ଯ୍ୟରେ ଯୋଗଦେବା ସମ୍ପର୍କରେ ନିଷ୍ପତ୍ତି ନେବ ବୋଲି ବରିଷ୍ଠ ଆଇନଜୀବୀ ଇନ୍ଦିରା ଜୟସିଂ ଅଦାଲତଙ୍କୁ ଜଣାଇଥିଲେ।

## ମନୋଜ ବର୍ମା ହେଲେ କୋଲକାତା ପୋଲିସ କମିଶନର

କୋଲକାତା,୧୭।୯



ଆନ୍ଦୋଳନକାରୀ ଡାକ୍ତରମାନଙ୍କ ଦାବି କ୍ରମେ ପଶ୍ଚିମବଙ୍ଗ ସରକାର ମଙ୍ଗଳବାର କୋଲକାତା ପୋଲିସ କମିଶନର ପଦରୁ ବିନୀତ ଗୋୟଲଙ୍କୁ ହଟାଇ ତାଙ୍କ ସ୍ଥାନରେ ବରିଷ୍ଠ ଆଇପିଏସ୍ ଅଫିସର ମନୋଜ କୁମାର ବର୍ମାଙ୍କୁ ନୂଆ କମିଶନର ନିଯୁକ୍ତ କରିଛନ୍ତି। ଆର୍.ଜି. କର ହସ୍ପିଟାଲରେ ମହିଳା ଟ୍ରେନି ଡାକ୍ତରଙ୍କୁ ବଳାତ୍କାର ଓ ହତ୍ୟା ମାମଲା ପରିଚାଳନାକୁ ନେଇ ଗୋୟଲ ସମାଲୋଚିତ ହୋଇଥିଲେ। ଡାକ୍ତରମାନଙ୍କ ସହ ଆଲୋଚନା ପରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କୋଲକାତା ପୋଲିସ ମୁଖ୍ୟ ପଦରୁ ଗୋୟଲଙ୍କୁ ବିଦା କରାଯିବ ବୋଲି ଘୋଷଣା କରିଥିଲେ।

## ଫୁର୍‌ସତ୍

# ପ୍ରଦୂଷଣ ରୋକିବ ବାଉଁଶ



## ଆଜି ବିଶ୍ୱ ବାଉଁଶ ଦିବସ

୨୦୦୯ରୁ ସେପ୍ଟେମ୍ବର ୧୮କୁ 'ବିଶ୍ୱ ବାଉଁଶ ଦିବସ' ଭାବେ ପାଳନ କରାଯାଉଛି। ବ୍ୟାଙ୍କକକ୍ ଠାରେ ଆୟୋଜିତ ସମ୍ମିଳନୀରେ ଏହି ଦିବସ ପାଳନ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ତେବେ ଏହି ଦିବସ ପାଳନର ଉଦ୍ଦେଶ୍ୟ ହେଉଛି ବାଉଁଶରୁ ବିଭିନ୍ନ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ପ୍ରସ୍ତୁତ ଏବଂ ଏହାଦ୍ୱାରା ହେବାକୁ ଥିବା ଉପକାର ବିଷୟରେ ଲୋକମାନଙ୍କ ମଧ୍ୟରେ ଏହାର ସଚେତନତା ବୃଦ୍ଧି କରିବା। ଚଳିତ ବର୍ଷ ଏହି ଦିବସର ଥିମ ରହିଛି, ''ଆଗାମୀ ଦିନର ବାଉଁଶ: ନବୀକରଣ, ପରିକଳ୍ପନା ଓ ସମାଧାନ।''

ଘାସ ପ୍ରଜାତି ଅନ୍ତର୍ଗତ ବାଉଁଶର ବହୁଳ ବ୍ୟବହାର ହୋଇଥାଏ। ମଣିଷ ସଭ୍ୟତା ଆରମ୍ଭରୁ ବାଉଁଶର ଯାତ୍ରା ଆରମ୍ଭ ହୋଇଛି। ଯେବେଠୁ ମଣିଷ ସ୍ଥାୟୀ ଭାବେ ଘର କରି ରହିବା ଆରମ୍ଭ କଲା, ସେବେଠାରୁ ବାଉଁଶ ଆବଶ୍ୟକ ସାମଗ୍ରୀ ଭାବେ ପରିଣତ ହୋଇଥିଲା। ଶିକାର କରିବାରେ ବାଉଁଶକୁ ବ୍ୟବହାର କରି ଅସ୍ତ୍ରଶସ୍ତ୍ର ପ୍ରସ୍ତୁତ ହୋଇଥିଲା, ଯାହାକି ମନୁଷ୍ୟର ଖାଦ୍ୟ ଆବଶ୍ୟକତା ମେଣ୍ଟାଇବା ପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା। ଭେଳା ତିଆରି କରି ନଦୀ ପାର କରିବାରେ ବାଉଁଶର ବ୍ୟବହାର ମଧ୍ୟ କରାଯାଉଥିଲା। ସେହିପରି ବନ୍ୟାରେ ନଦୀବନ୍ଧରେ ଅତଡ଼ା ଖସିଲେ ବାଉଁଶ ବାଡ଼ରେ ବାଲିବସ୍ତା ପକାଇ ଏହାକୁ ରୋକାଯାଏ। ବାଉଁଶ ଖାଦ୍ୟ, ବାସଗୃହ, ସୁରକ୍ଷା ପ୍ରଦାନ କରିବାର ଏକ ଉପଯୁକ୍ତ ମାଧ୍ୟମରେ ପରିଣତ ହୋଇପାରିଛି।

# ଶୁଆ ବେକରେ ଟ୍ୟୁମର



ଭୋପାଳ

ମଧ୍ୟପ୍ରଦେଶର ସତ୍‌ନାସ୍ଥିତ ମୁକ୍ତିୟାରଗଞ୍ଜ ନିବାସୀ ଚନ୍ଦ୍ରଭାନ ବିଶ୍ୱକର୍ମା ୨୦ ବର୍ଷ ପୂର୍ବେ ଏକ ଶୁଆ ଆଣିଥିଲେ। ଉକ୍ତ ଶୁଆର ପଛବେକରେ ୬ ମାସ ଧରି ମାଂସର ଏକ ଚମଡ଼ା ବଢ଼ିବାକୁ ଲାଗିଥିଲା। ତେଣୁ ଚନ୍ଦ୍ରଭାନ୍ ଶୁଆକୁ ନେଇ ହସ୍ପିଟାଲ ଯାଇଥିଲେ। ସେଠାରେ ଶୁଆର ପରୀକ୍ଷା କରି ଡାକ୍ତର କହିଥିଲେ, ୯୮ ଗ୍ରାମ ଓଜନର ଏହି ଶୁଆ ବେକରେ ୨୦ ଗ୍ରାମ ଓଜନର ଏକ ଟ୍ୟୁମର ରହିଛି। ମଙ୍ଗଳବାର ଶୁଆର ସର୍ଜରି କରାଯାଇ ଟ୍ୟୁମରଟିକୁ ବାହାର କରାଯାଇଛି।

# ଏକାଠି ଖୁସି, ଜୁନୈଦ

ମୁମ୍ବାଇ



ଗତ ୨ ବର୍ଷ ମଧ୍ୟରେ ଅନେକ ବଲିଉଡ ଷ୍ଟାର କିଡ୍ ଅଭିନୟରେ ପାଦ ଥାପିଛନ୍ତି। ସେମାନଙ୍କ ମଧ୍ୟରୁ କେତେକ ଦର୍ଶକଙ୍କୁ ପ୍ରଭାବିତ କରିବାରେ ସଫଳ ହୋଇଥିବା ବେଳେ ଆଉ କେତେକ ଏହା କରିବାରେ ବିଫଳ ହୋଇଥିଲେ। ଏହି ତାଲିକାରେ ବରିଷ୍ଠ ଫିଲ୍ମ ନିର୍ମାତା ବୋନି କପୁର ଏବଂ ସ୍ୱର୍ଗତା ଅଭିନେତ୍ରୀ ଶ୍ରୀଦେବୀଙ୍କ ସାନ ଝିଅ ଖୁସି କପୁର ଓ ଅଭିନେତା ଆମିର ଖାନଙ୍କ ପୁଅ ଜୁନୈଦ ଖାନ ମଧ୍ୟ ରହିଛନ୍ତି। ତେବେ ଖୁବ୍‌ଶୀଘ୍ର ଖୁସି ଏବଂ ଜୁନୈଦଙ୍କର କେମେଷ୍ଟ୍ରିକୁ ଦେଖିବାକୁ ମିଳିବ। ଏନେଇ ଫାଣ୍ଟୋମ ଷ୍ଟୁଡିଓଜ୍ ଓ ଏଏସ୍‌ଜି ଏଣ୍ଟରଟେନମେଣ୍ଟ ପକ୍ଷରୁ ଇନ୍‌ଷ୍ଟାଗ୍ରାମରେ ସୂଚନା ଦିଆଯାଇଛି। ଆସନ୍ତା ବର୍ଷ ଫେବୃଆରୀ ୭ରେ ଭାଲେଣ୍ଟାଇନ ୱିକ୍‌ରେ ଅଦ୍ୱିତ ଚନ୍ଦନଙ୍କ ନିର୍ଦ୍ଦେଶିତ ଉକ୍ତ ଫିଲ୍ମ ରିଲିଜ୍ ହେବ। ତେବେ ନିର୍ମାତାଙ୍କ ପକ୍ଷରୁ ଫିଲ୍ମର ନାମକୁ ବର୍ତ୍ତମାନ ସୁଦ୍ଧା ଘୋଷଣା କରାଯାଇନାହିଁ। ଫିଲ୍ମ ସମ୍ପର୍କରେ ସୂଚନା ପରେ ଉଭୟ ଖୁସି ଓ ଜୁନୈଦଙ୍କ ପ୍ରଶଂସକଙ୍କ ମଧ୍ୟରେ ଉତ୍ସାହ ବୃଦ୍ଧି ପାଇଛି। ଖୁସି ପୂର୍ବରୁ ୨୦୨୩ରେ ରିଲିଜ୍ ହୋଇଥିବା ଜୋୟା ଅଖତରଙ୍କ ନିର୍ଦ୍ଦେଶିତ ଫିଲ୍ମ 'ଦି ଆର୍କିଜ' ସହ ଫିଲ୍ମ ଇଣ୍ଡଷ୍ଟ୍ରିରେ ଡେବ୍ୟୁ କରିଥିଲେ। ପୂର୍ବରୁ ଜୁନୈଦ ମଧ୍ୟ ଚଳିତବର୍ଷ ନେଟ୍‌ଫ୍ଲିକ୍ସରେ ରିଲିଜ୍ ହୋଇଥିବା 'ମହାରାଜ' ଫିଲ୍ମରେ ନଜରକୁ ଆସିଥିଲେ।




# ଓଡ଼ିଶାର ଜମି, ଜଙ୍ଗଲ, ବାଲି, ପାଣି ଉପରେ ଆନ୍ଧ୍ରର ନଜର

କାଶୀନଗର,୧୭।୯(ଟି. କ୍ରିଷ୍ଣା ରାଓ)

- ଓଡ଼ିଶା ସରକାର ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେବାକୁ ଦାବି
- ବୁଦୁରା ବାଲିଘାଟକୁ ଆନ୍ଧ୍ର ନିଜର ଦାବି କରି ସର୍ଭେ ବେଳେ ଦେଖାଇ ପାରି ନ ଥିଲା କୌଣସି କାଗଜପତ୍ର

କାଶୀନଗର ଦେଇ ପ୍ରବାହିତ ବଂଶଧାରା, ଗୋଦାବରୀ ଓ ମହାନଦୀ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ନଦୀ ଓଡ଼ିଶାର ରାୟଗଡ଼ା ଜିଲା ଅନ୍ତର୍ଗତ କଲ୍ୟାଣସିଂହପୁର ଓ କଳାହାଣ୍ଡି ଜିଲାର ଥୁଆମୂଳ ରାମପୁର ସୀମା ବାଉଁଶବଣରୁ ବାହାରି ଆନ୍ଧ୍ରର କଳିଙ୍ଗପାଟଣାଠାରେ ବଙ୍ଗୋପସାଗରରେ ମିଶିଛି। ଏହାର ଦୈର୍ଘ୍ୟ ୨୫୪ କି.ମି.। ଏହାର ବେସିନ୍ ଏରିଆର ଅଧିକାଂଶ ଭାଗ ଅର୍ଥାତ୍ ୮୦୧୫ ବର୍ଗ କି.ମି. ଓଡ଼ିଶାରେ ଥିବାବେଳେ ମାତ୍ର ୨୮୧୫ ବର୍ଗ କି.ମି. ଆନ୍ଧ୍ରରେ ରହିଛି। ଏହି ନଦୀରୁ ୧୧୫ ହଜାର ମିଲିଅନ କ୍ୟୁବିକ ପାଣିରୁ ଆନ୍ଧ୍ର ଓ ଓଡିଶା ୫୦ : ୫୦ ନେବା ପାଇଁ ପୂର୍ବରୁ ଚୁକ୍ତି ହୋଇଛି। ତେବେ ଗୋଟ୍ଟା ବ୍ୟାରେଜ, ନେରେ ବ୍ୟାରେଜ ଭଳି ପ୍ରକଳ୍ପ ନିର୍ମାଣ କରି ଆନ୍ଧ୍ର ବଂଶଧାରା ପାଣିର ସଦୁପଯୋଗ କରୁଥିବା ବେଳେ ଓଡ଼ିଶା ଏଯାଏ ସେଭଳି କୌଣସି ପ୍ରକଳ୍ପ କରିନାହିଁ। ଓଡ଼ିଶାର ରାୟଗଡା ଜିଲା ପାଣିଡଙ୍ଗରଠାରେ ବଂଶଧାରା ଓ ଏହାର ଉପନଦୀ ସାନନଦୀ ଉପରେ ବ୍ୟାରେଜ ଓ ଡ୍ୟାମ ନିର୍ମାଣ କଚ୍ଛପ ଗତିରେ ଚାଲିଛି। ଓଡ଼ିଶାର ଜମି, ଜଙ୍ଗଲ ଓ ଜଳକୁ କବ୍‌ଜା କରି ସେସବୁର ସଦୁପଯୋଗ ପାଇଁ ଆନ୍ଧ୍ରର ଉଦ୍ୟମ ଜାରି ରହିଛି। ତେବେ ବଂଶଧାରାର ବାଲି ନିର୍ମାଣ କାର୍ଯ୍ୟ ପାଇଁ ଅଧିକ ଉପଯୋଗୀ ହୋଇଥିବାରୁ ଏବେ ଆନ୍ଧ୍ରର ଆଖି ଉକ୍ତ ବାଲି ଉପରେ ପଡ଼ିଛି। ଅଳ୍ପ ଦିନ ତଳେ ଗଜପତି ଜିଲା କାଶୀନଗର ବ୍ଲକ ଅନ୍ତର୍ଗତ ବୁଦୁରା ବାଲିଘାଟକୁ ଆନ୍ଧ୍ର ନିଜର ବୋଲି ଦାବି କରିବା ପରେ ଠିକ୍ ସୀମା ନିର୍ଦ୍ଧାରଣ ପାଇଁ ଉଭୟ ରାଜ୍ୟର ପ୍ରଶାସନ ପକ୍ଷରୁ ମିଳିତ ସର୍ଭେ କରାଯାଇଥିଲା। ସେ ସମୟରେ ନିଜର ଦାବି ସପକ୍ଷରେ ଆନ୍ଧ୍ର ପ୍ରଶାସନ କୌଣସି କାଗଜପତ୍ର ଦେଖାଇ ପାରି ନ ଥିଲା। ଏହା ସତ୍ତ୍ୱେ ଆନ୍ଧ୍ର ଏଯାଏ ଏହି ଦାବିରୁ ଓହରିନାହିଁ। କାଶୀନଗର ଓ ଗୁଣୁପୁର ଅଞ୍ଚଳରୁ ଆନ୍ଧ୍ରକୁ ଚୋରା ବାଲିଚାଲାଣ କ୍ରମାଗତ ଭାବେ ଲାଗି ରହିଛି। ଚଳିତ ମାସ ୧୩ ତାରିଖରେ କାଶୀନଗର ବ୍ଲକ ଶିଆଳି ଗ୍ରାମ ନିକଟସ୍ଥ ରାଜ୍ୟ ରାଜପଥ ଦେଇ ବେଆଇନ ଭାବେ ଆନ୍ଧ୍ରକୁ ବାଲି ଚାଲାଣ ବେଳେ ଏକ ଟ୍ରକକୁ ଗଜପତି ଜିଲା ଖଣି ଅଧିକାରୀ ଜବତ କରି ଜରିମାନା କରିଥିଲେ। ତେବେ କେବେ କେମିତି ଆନ୍ଧ୍ରକୁ ଚୋରାରେ ବାଲି ନେଉଥିବା ଗୋଟେ ଟ୍ରକକୁ ଜବତ କରି ଜରିମାନା କରି ଦେଲେ ସମସ୍ୟାର ସମାଧାନ ହେବ ନାହିଁ ବୋଲି ଅଞ୍ଚଳବାସୀ ପ୍ରକାଶ କରିଛନ୍ତି। ଓଡ଼ିଶାର ଜମି, ଜଙ୍ଗଲ, ବାଲି, ପାଣି ଉପରେ ନଜର ରଖୁଥିବା ଆନ୍ଧ୍ର ବିରୋଧରେ ଦୃଷ୍ଟାନ୍ତମୂଳକ ପଦକ୍ଷେପ ଓଡ଼ିଶା ସରକାର ନେବାକୁ ଦାବି ହେଉଛି।

# ଧାତୁ ପ୍ଲେଟ୍ ତଳେ ଚାପି ହୋଇ ୨ ମୃତ, ୫ ଆହତ

## ଓଡ଼ିଶା ମେଟାଲିକ୍ସ କାରଖାନାରେ ପୁଣି ଦୁର୍ଘଟଣା

ଝାରସୁଗୁଡ଼ା,୧୭।୯(ସଞ୍ଜୟ ମାଳି)


ଘଟଣାକୁ ନେଇ ଶ୍ରମିକମାନଙ୍କ ମଧ୍ୟରେ ଉତ୍ତେଜନା ସୃଷ୍ଟି ହୋଇଛି।

ଝାରସୁଗୁଡା ସଦର ଥାନା ଅଞ୍ଚଳ ବୁଡ଼ିପଦର ଗ୍ରାମସ୍ଥିତ ଓଡ଼ିଶା ମେଟାଲିକ୍ସ କାରଖାନାରେ ମଙ୍ଗଳବାର ପୂର୍ବାହ୍ନରେ ଏକ ବଡ଼ଧରଣର ଦୁର୍ଘଟଣା ଘଟିଛି। ଏହି ଦୁର୍ଘଟଣାରେ କାରଖାନାରେ କାର୍ଯ୍ୟରତ ୨ଶ୍ରମିକଙ୍କ ମୃତ୍ୟୁ ଘଟିଥିବା ବେଳେ ୫ଜଣ ଆହତ ହୋଇଛନ୍ତି। ମୃତକ ହେଲେ ପୂର୍ଣ୍ଣଚନ୍ଦ୍ର ଜେନା (୪୦) ଓ ଆଲୋକ ଦେଓ ସାହୁ (୩୫)। ଉଭୟ କାରଖାନାରେ ଠିକା କର୍ମଚାରୀ ଭାବେ କାର୍ଯ୍ୟରତ ଥିଲେ।

ସୂଚନାଯୋଗ୍ୟ, ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ଶ୍ରମିକମାନେ ବ୍ଲାଷ୍ଟଫର୍ନେସରେ ସବୁଦିନ ଭଳି କାମ କରୁଥିଲେ। ଏହି ସମୟରେ ହଠାତ୍ ତାଙ୍କ ଉପରେ ଏକ ଲୁହା ଫିଲ୍ଟର ପ୍ଲେଟ୍ ପଡ଼ିଥିଲା ଏବଂ ଏହି ପ୍ଲେଟ୍ ତଳେ କେତେଜଣ ଶ୍ରମିକ ଚାପି ହୋଇଯାଇଥିଲେ। ଘଟଣା ସମ୍ପର୍କରେ ଜାଣିବା ପରେ ଚାପି ହୋଇଥିବା ଶ୍ରମିକଙ୍କୁ ସଙ୍ଗେ ସଙ୍ଗେ ଉଦ୍ଧାର କରାଯାଇ ଏକ ଘରୋଇ ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ପୂର୍ଣ୍ଣଚନ୍ଦ୍ର ଓ ଆଲୋକଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ ଏବଂ ଆହତ ୫ଜଣ ଶ୍ରମିକଙ୍କୁ ଆଇସିୟୁରେ ଭର୍ତ୍ତି କରାଯାଇଥିଲା। ଅନ୍ୟପକ୍ଷେ ଘଟଣା ନେଇ ଅନ୍ୟଶ୍ରମିକମାନଙ୍କ ମଧ୍ୟରେ ଉତ୍ତେଜନା ସୃଷ୍ଟି ହୋଇଛି। ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବି ନେଇ ଶ୍ରମିକମାନେ କାରଖାନା ଗେଟ ସମ୍ମୁଖରେ ବିକ୍ଷୋଭ କରିଥିଲେ। କାରଖାନାରେ ନିରାପତ୍ତା ବ୍ୟବସ୍ଥା ଢିଲା ଥିବାରୁ ବାରମ୍ବାର ଏଭଳି ଦୁର୍ଘଟଣା ଘଟୁଛି ବୋଲି ଶ୍ରମିକମାନେ ଅଭିଯୋଗ କରିଛନ୍ତି।

ଉଲ୍ଲେଖନୀୟ ଯେ, ଗତ ଅଗଷ୍ଟ ୬ ତାରିଖରେ ଓଡ଼ିଶା ମେଟାଲିକ୍ସ କାରଖାନାର ଗ୍ୟାସପ୍ଲାଣ୍ଟ ଗ୍ୟାସ୍ ଲିକ୍ ହେବା ଦ୍ୱାରା ବ୍ରଜରାଜନଗର ଅଞ୍ଚଳସ୍ଥିତ କେଚବାହାଲ ଗ୍ରାମର ବରୁଣ ପ୍ରଧାନ ନାମକ ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଥିଲା ଏବଂ ୫ଜଣ ଶ୍ରମିକ ଆହତ ହୋଇଥିଲେ। ସଦର ଥାନା ପୋଲିସ ଘଟଣାର ତଦନ୍ତ କରି କାରଖାନାରେ କାର୍ଯ୍ୟରତ ନିରାପତ୍ତା ସୁରକ୍ଷା ଅଧିକାରୀଙ୍କୁ ଗିରଫ କରିଥିଲେ। ଏହିପରି ଅବ୍ୟବସ୍ଥା ଯୋଗୁ ସହରର ଅନେକ କାରଖାନାରେ ବହୁ ସମୟରେ ନିରୀହ ଲୋକଙ୍କ ଜୀବନ ଯାଉଛି ଏବଂ ଜିଲା ପ୍ରଶାସନ ନୀରବଦ୍ରଷ୍ଟା ସାଜି ବସିଛି। ସୁରକ୍ଷା ଦୃଷ୍ଟିରୁ କାରଖାନା ଗେଟରେ ବ୍ୟାପକ ପୋଲିସ ମୁତୟନ କରାଯାଇଛି ଏବଂ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

# ଭସାଣି ବେଳେ ପାଣିରେ ବୁଡ଼ି ୨ ଛାତ୍ରଙ୍କ ମୃତ୍ୟୁ

ବାରିପଦା(ନୀଳାଦ୍ରି ବିହାରୀ ଦଣ୍ଡପାଟ)/ ବେତନଟୀ (ଧରଣୀଧର ମହାନ୍ତି),୧୭।୯


ଅଗ୍ନିଶମ ବିଭାଗ ପକ୍ଷରୁ ଉଦ୍ଧାର କାର୍ଯ୍ୟ ଚାଲିଛି।

ମୟୂରଭଞ୍ଜ ଜିଲା ବାରିପଦା ସହର ଆଖପାଖ ଅଞ୍ଚଳରେ ମୂର୍ତ୍ତି ଭସାଣ ବେଳେ ଛାତ୍ର ମୃତ୍ୟୁ ଘଟଣା ବଢ଼ିବାରେ ଲାଗିଛି। ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷଙ୍କ ଖାମଖିଆଲ ମନୋଭାବ ଓ ଜିଲା ପ୍ରଶାସନର ଅବହେଳାକୁ ନେଇ ଗତ ୪ ଦିନ ମଧ୍ୟରେ ୪ ଛାତ୍ରଙ୍କ ମୃତ୍ୟୁ ଘଟିଛି। ୧୩ ତାରିଖରେ ଗଣେଶ ମୂର୍ତ୍ତି ବିସର୍ଜନ ବେଳେ ସୁବର୍ଣ୍ଣରେଖା କେନାଲରେ ଭାସିଯାଇ ବାରିପଦା ଲକ୍ଷ୍ମୀପୋଷିସ୍ଥିତ ଏକ ଘରୋଇ କୋଚିଂ ସେଣ୍ଟରର ୨ ଛାତ୍ରଙ୍କ ଜୀବନ ଯାଇଥିଲା। ମଙ୍ଗଳବାର ବାରିପଦା ସହର ମଞ୍ଚାବନ୍ଧାସ୍ଥିତ ବ୍ରିଲିଆନ୍ସ ହାୟର ସେକେଣ୍ଡାରି ସ୍କୁଲରେ ପଢୁଥିବା +୨ ବିଜ୍ଞାନ ଦ୍ୱିତୀୟ ବର୍ଷର ୨ ଛାତ୍ରଙ୍କ ସଳିଳ ସମାଧି ଘଟିଛି। ନାଳରେ ବିଶ୍ୱକର୍ମା ମୂର୍ତ୍ତି ଭସାଇବା ସମୟରେ ଗୋଡ଼ ଖସିଯିବାରୁ ପାଣି ସୁଅରେ ଭାସିଯାଇ ଉଭୟଙ୍କ ମୃତ୍ୟୁ ଘଟିଛି। ଏଭଳି ଅଭାବନୀୟ ଘଟଣାକୁ ନେଇ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ଅଗ୍ନିଶମ ବିଭାଗ ପହଞ୍ଚି ୨ ମୃତଦେହ ବାହାର କରିଛି। ବେତନଟୀ ପୋଲିସ ମୃତଦେହ ଜବତକରି ବ୍ୟବଚ୍ଛେଦ ନିମନ୍ତେ ବାରିପଦା ପିଆର୍‌ଏମ୍ ହସ୍ପିଟାଲକୁ ପଠାଇଛି। ମୃତ ଛାତ୍ର ଦ୍ୱୟ ହେଲେ ବାଦାମପାହାଡ଼ ଥାନା ଅଧୀନ ଭଣ୍ଡନ ଗ୍ରାମର ଠାକୁର ସୋରେନ ଓ କରଞ୍ଜିଆ ଥାନା ଅଧୀନ ଟାଟୋ ଅଞ୍ଚଳ ବଡ଼ଗାଁ ଗ୍ରାମର ଭାଗ୍ୟପ୍ରକାଶ ପାତ୍ର। ସୂଚନାଯୋଗ୍ୟ, ବାରିପଦା ସହର ମଞ୍ଚାବନ୍ଧାସ୍ଥିତ ଏକ ଘରୋଇ ଶିକ୍ଷାନୁଷ୍ଠାନ ପରିସରରେ ଗୋପୀନାଥ ଶିଳ୍ପ ତାଲିମ କେନ୍ଦ୍ର(ଆଇଟିଆଇ) ଓ ବ୍ରିଲିଆନ୍ସ ହାୟର ସେକେଣ୍ଡାରି ସ୍କୁଲ ରହିଛି। ଆଇଟିଆଇ କେନ୍ଦ୍ରରେ ବିଶ୍ୱକର୍ମା ପୂଜା ପରେ ମଙ୍ଗଳବାର ବିସର୍ଜନ କରିବାକୁ ବ୍ରିଲିଆନ୍ସ ସ୍କୁଲର ୭ଜଣ ଛାତ୍ର ମୂର୍ତ୍ତି ଧରି ଅଳ୍ପ ଦୂରରେ ଥିବା ଏକ ନାଳ ପାଖକୁ ଯାଇଥିଲେ। ଭସାଣି ସମୟରେ ଅସାବଧାନତା ବଶତଃ ଗୋଡ଼ ଖସିଯିବାରୁ ଭାଗ୍ୟପ୍ରକାଶ ପାଣିରେ ବୁଡ଼ିଯାଇଥିଲେ। ସେ ଭାସିଯାଉଥିବା ଦେଖି ସାଙ୍ଗରେ ଥିବା ଠାକୁର ସୋରେନ ପାଣିକୁ ଡେଇଁ ତାଙ୍କୁ ବଞ୍ଚାଇବାକୁ ଚେଷ୍ଟାକରିଥିଲେ। ତେବେ ନାଳର ସ୍ରୋତରେ ଉଭୟେ ଭାସିଯାଇ ସ୍ଲୁଇସ୍ ଗେଟ୍‌ରେ ଫସି ରହିଥିଲେ। ଅଗ୍ନିଶମ ବାହିନୀ କର୍ମଚାରୀ ଛାତ୍ର ଦ୍ୱୟଙ୍କୁ ଉଦ୍ଧାର କରିବାକୁ ଉଦ୍ୟମ କରିଥିଲା। ମାତ୍ର ଦୀର୍ଘ ୪ ଘଣ୍ଟା ପରେ ଉଭୟଙ୍କ ମୃତଦେହ ମିଳିଥିଲା।






E-BOOK TODAY AT WWW.MARUTISUZUKI.COM OR VISIT YOUR NEAREST MARUTI SUZUKI DEALERSHIP.

NARAYANI MOTORS: BHUBANESHWAR: RASULGARH: 9583022009,7440019592,9583022013. JAGATSINGHPUR: 9583022090. PURI: 9583022035. NIMAPARA: 7381094851. PARADEEP: 9583022034/48. PURI HIGHWAY PIPLI: 9583022013. TIRTOL: 7381000159.

ODYSSEY MOTORS: ANGUL: 7752076136, 9776901481, PALLAHARA: 7873565435, 9437831123.

TUSHI MOTORS: CUTTACK: 9078076450. PANIKOILI: 9078076450. ATHAGARH: 9078076450. BALIKUDA: 9078076450.

JYOTE MOTORS: BHUBANESWAR: LEWIS ROAD: 8093027518. NAYAPALLI: 7064470102. TAMANDO: 9776615007. KEONJHAR: 8599019854. NAYAGARH: 7381028519. BALUGAON: 8093154878. ANANDPUR: 8599019854. KENDRAPARA: 9776615048. PATTAMUNDAI: 7440016539. GOTHAPATNA: 7064470142. BALASORE: 9776003548. BHADRAK: 7381072074. BARIPADA: 9437102597. UDALA: 9437102597. RAIRANGPUR: 9437102597. JALESWAR: 9776003548. BASUDEVPUR: 7381072074. SORO: 9776003548.

SKY AUTOMOBILES: BHUBANESWAR: PATIA : 7381045356. CUTTACK: 9776677771, 7381873818. DHENKANAL: 7381045357. NARSHINGPUR: 7381045357. KAMAKHYANAGAR: 7381045357. JAJPUR: 9776900777, SALEPUR: 9583544555, CHANDIKHOL: 9776900777, TANGI: 7381045356.

*Terms and conditions apply. Offer valid for select models/ variants and in select states only. Accessories and features shown may not be part of standard equipment and may vary from variant to variant. Images used are for illustration purpose only. Appearance of black shade on glass is due to lighting effect. Maruti Suzuki reserves the right to withdraw the offers at any point in time without any advance notice.

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ବିନତାଶ୍ୱ ମଲ୍ଲିକ ସ୍ମାରକୀ ନ୍ୟାସ ପକ୍ଷରୁ ବାର୍ଷିକ ପାଠଚକ୍ର ଓ ବିନତାଶ ମଲ୍ଲିକ ସ୍ମାରକୀ ବକ୍ତୃତା, ସ୍ଥାନ: ମିରା ପୟର, ଶ୍ରୀ ଅରବିନ୍ଦ ନଗର, ଚନ୍ଦ୍ରଶେଖରପୁର, ସମୟ: ପୂର୍ବାହ୍ନ ୧୦ଟା।
- ରେଭେନ୍‌ଶା ନାମ ପରିବର୍ତ୍ତନ ବିବାଦକୁ ନେଇ ମିଳିତ ଛାତ୍ର କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ବିକ୍ଷୋଭ, ସ୍ଥାନ: ମାଷ୍ଟରକ୍ୟାଣ୍ଟିନ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଗଡ଼ଜାତ ଗାନ୍ଧୀ ସ୍ୱର୍ଗତ ସାରଙ୍ଗଧର ଦାସଙ୍କ ୬୭ତମ ଶ୍ରାଦ୍ଧ ଦିବସ ଅବସରରେ ସ୍ମୃତି ସଭା, ସ୍ଥାନ: ହରେକୃଷ୍ଣପୁର, ସମୟ: ପୂର୍ବାହ୍ନ ୧୧ଟା।
- ଗୀତି ଗଙ୍ଗୋତ୍ରୀ ପକ୍ଷରୁ ସଙ୍ଗୀତ ସନ୍ଧ୍ୟା, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ଅପରାହ୍ନ ୪ଟା।
- ଇଣ୍ଟରନ୍ୟାଶନାଲ ଥିଏଟରର ୫୦ ବର୍ଷ ପୂର୍ତ୍ତି ସମ୍ପର୍କିତ ଖବରଦାତା ସମ୍ମିଳନୀ, ସ୍ଥାନ: ବୁଲନ ଭାଇ ସେବା ଭବନ, ମାଷ୍ଟର କ୍ୟାଣ୍ଟିନ,ସମୟ: ଅପରାହ୍ନ ୫ଟା।
- ଶାସ୍ତ୍ରୀୟ ସଙ୍ଗୀତ କାର୍ଯ୍ୟକ୍ରମ 'ସାୱନ', ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

## ଖୋର୍ଦ୍ଧା

- ଶ୍ରୀମଦ ଭାଗବତ ସପ୍ତାହ ପ୍ରବଚନ ଓ ଜ୍ଞାନଯଜ୍ଞ ଶୁଭାଧିବାସ, ସ୍ଥାନ: ଅରାଙ୍ଗ, ଖୋର୍ଦ୍ଧା, ସମୟ: ପୂର୍ବାହ୍ନ ୧୦ଟା।
- ଭାଗବତ ଜନ୍ମ ଉତ୍ସବ, ସ୍ଥାନ:ରାଧାବଲ୍ଲଭ ମନ୍ଦିର, ରାଧାବଲ୍ଲଭସାହି, ଖୋର୍ଦ୍ଧା, ସମୟ: ସନ୍ଧ୍ୟା ୬ଟା।

## କଟକ

- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଗଡ଼ଜାତଗାନ୍ଧୀ ସାରଙ୍ଗଧର ଦାସଙ୍କ ୬୭ତମ ସ୍ୱର୍ଗାରୋହଣ ଦିବସ, ସ୍ଥାନ: ସତୀଚଉରାସ୍ଥିତ ସମାଧିସ୍ଥଳ, ସମୟ: ସକାଳ ୮ଟା।
- ସାରଙ୍ଗଧର ଦାସ ସ୍ମୃତି କମିଟି ପକ୍ଷରୁ ବିପ୍ଳବୀ ସାରଙ୍ଗଧର ଦାସଙ୍କ ଶ୍ରାଦ୍ଧବାର୍ଷିକୀ, ସ୍ଥାନ: ସତୀଚଉରାସ୍ଥିତ ସମାଧିପୀଠ, ସମୟ: ସକାଳ ୮ଟା ୩୦।
- କଟକ ଜିଲା ଯୁବଛାତ୍ର ସଙ୍ଗଠନ ପକ୍ଷରୁ ଆର୍‌ଡିସିଙ୍କୁ ଦାବିପତ୍ର ପ୍ରଦାନ, ସ୍ଥାନ: ଆର୍‌ଡିସିଙ୍କ କାର୍ଯ୍ୟାଳୟ, ଚାନ୍ଦିନୀଚୌକ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ହିନ୍ଦୁସେନା ପକ୍ଷରୁ ପୋଲିସ ମହାନିର୍ଦ୍ଦେଶକଙ୍କୁ ଦାବିପତ୍ର ପ୍ରଦାନ, ସ୍ଥାନ: ବକ୍ସିବଜାରସ୍ଥିତ ପୋଲିସ ମୁଖ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଶ୍ରୀଜଗନ୍ନାଥ ଚେତନା ସେବା ସମିତି ଆନୁକୂଲ୍ୟରେ ଶ୍ରୀପୁରୁଷୋତ୍ତମ ସେବା ସଂଗ୍ରହ ଗ୍ରନ୍ଥର ଉନ୍ମୋଚନ ଉତ୍ସବ, ସ୍ଥାନ: କଟକ ଶ୍ରୀରାମଚନ୍ଦ୍ର ଭବନ, ସମୟ: ଅପରାହ୍ନ ୫ଟା ୩୦।

## ପୁରୀ

- ମହାମାନ୍ୟ ରାଜ୍ୟପାଳ ଙ୍କ ଶ୍ରୀମନ୍ଦିର ପରିଦର୍ଶନ, ସ୍ଥାନ: ସିଂହଦ୍ୱାର, ପୁରୀ, ସମୟ: ସକାଳ ୯ଟା।
- ରାଜ୍ୟ ବରିଷ୍ଠ ସାମ୍ବାଦିକ ସଂଘର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ, ସ୍ଥାନ: ସଂସ୍କୃତି ଭବନ, ପୁରୀ, ସମୟ: ସକାଳ ୧୧ଟା।
- ଅଳଗୁମର ଅଧିଷ୍ଠାତ୍ରୀ ଦେବୀ ମା' ଜାଗୁଳେଇଙ୍କ ପ୍ରସିଦ୍ଧ କାଠିଯାତ୍ରା, ସ୍ଥାନ: ଅଳଗୁମ ବାରବାଟୀ କାଠି ଯାତ୍ରା ପଡିଆ, ସାକ୍ଷୀଗୋପାଳ, ସମୟ: ଅପରାହ୍ନ ୩ଟା।

## ଭଦ୍ରକ

- ବିଶାଳ ରକ୍ତଦାନ ଶିବିର, ସ୍ଥାନ: ପୀରହାଟ ଥାନା ପରିସର, ତିହିଡ଼ି, ସମୟ: ପୂର୍ବାହ୍ନ ୧୦ଟା।
- ପୂର୍ବତନ କେନ୍ଦ୍ରମନ୍ତ୍ରୀ ସ୍ୱର୍ଗତ ଅର୍ଜୁନ ଚରଣ ସେଠୀଙ୍କ ୮୪ତମ ଜୟନ୍ତୀ ପାଳନ, ସ୍ଥାନ: ଆଗରପଡ଼ା ବଜାର, ବନ୍ତ, ସମୟ: ପୂର୍ବାହ୍ନ ୧୧ଟା।

## ମୟୂରଭଞ୍ଜ

- ଆଦର୍ଶ ବିଦ୍ୟାଳୟରେ ୧୦ମ ପ୍ରତିଷ୍ଠା ଦିବସ, ସ୍ଥାନ: ଶୀର୍ଷା ଆଦର୍ଶ ବିଦ୍ୟାଳୟ ପରିସର, ସାରସକଣା ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।
- ଦିବ୍ୟାଙ୍ଗ ସହାୟକ ଯନ୍ତ୍ର ପ୍ରଦାନ ଲାଗି ଚିହ୍ନଟ ଶିବିର, ସ୍ଥାନ: ଯଶିପୁର ବ୍ଲକ କାର୍ଯ୍ୟାଳୟ ପରିସର,ସମୟ: ପୂର୍ବାହ୍ନ ୧୧ଟା।

## ବ୍ରହ୍ମପୁର

- ମୁକ୍ତେଶ୍ୱର ମନ୍ଦିର କମିଟିର ଖବରଦାତା ସମ୍ମିଳନୀ, ସ୍ଥାନ: ଗେଟ ବଜାର,ସମୟ: ପୂର୍ବାହ୍ନ୧୧ଟା।
- ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ବକ୍ତୃତାମାଳା,ସ୍ଥାନ: ନୋଆମ ଚୋମସ୍କି ବକ୍ତୃତା ଗୃହ, ସମୟ: ଅପରାହ୍ନ ୩ଟା୩୦।

## କନ୍ଧମାଳ

- ମାଗଣା ଚକ୍ଷୁ ଚିକିତ୍ସା ଶିବିର, ସ୍ଥାନ: ବାଲିଗୁଡ଼ା ବନ୍ଧସାହି, ସମୟ: ସକାଳ ୯ଟା।
- ଶିଶୁ ସୁରକ୍ଷା ସମ୍ପର୍କିତ କର୍ମଶାଳା, ସ୍ଥାନ: ଫୁଲବାଣୀ ବନାନୀ କଳା ସଙ୍ଗମ, ସମୟ: ଅପରାହ୍ନ ୧ଟା ୩୦।

## ଗଜପତି

- ଜିଲାସ୍ତରୀୟ ନୂଆଖାଇ ଭେଟଘାଟ, ସ୍ଥାନ: ପାରଳାଖେମୁଣ୍ଡି ନଗର ଭବନ, ସମୟ: ସନ୍ଧ୍ୟା ୭ଟା।

## ଢେଙ୍କାନାଳ

- ଗଡ଼ଜାତ ଗାନ୍ଧୀ ସ୍ୱର୍ଗତ ସାରଙ୍ଗଧର ଦାସଙ୍କ ୬୭ତମ ଶ୍ରାଦ୍ଧ ଦିବସ, ସ୍ଥାନ:ହରେକୃଷ୍ଣପୁର, ସଦର ବ୍ଲକ ଢେଙ୍କାନାଳ, ସମୟ: ପୂର୍ବାହ୍ନ ୧୧ଟା।

## ଜଗତ୍‌ସିଂହପୁର

- ପାରାଦୀପ ବନ୍ଦର ମେରାଇନ ବିଭାଗ ପକ୍ଷରୁ ସ୍ୱଚ୍ଛତା କାର୍ଯ୍ୟକ୍ରମ, ସ୍ଥାନ ବଡ଼ପଡ଼ିଆ, ପାରାଦୀପ, ସମୟ: ସକାଳ ୮ଟା।
- ଭାରତୀୟ ମଜ୍ଦୁର ସଂଘ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ବିଶ୍ୱକର୍ମା ପୂଜା ମଣ୍ଡପ, ନୂଆବଜାର, ପାରାଦୀପ, ସମୟ: ସନ୍ଧ୍ୟା ୭ଟା।
- ଟ୍ରକ୍ ମାଲିକ ସଂଘ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ବିଶ୍ୱକର୍ମା ପୂଜା ମଣ୍ଡପ, ପାରଦୀପ, ସମୟ: ସନ୍ଧ୍ୟା ୭ଟା।

## କେନ୍ଦ୍ରାପଡ଼ା

- ମା' ପାଇଁ ଗଛଟିଏ, ସ୍ଥାନ: ହାତିନା, ରାଜନଗର, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର

- ବ୍ୟାସନଗର ପୌର ପରିଷଦ ପକ୍ଷରୁ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ, ସ୍ଥାନ: ଯାଜପୁର ରୋଡ଼ କାଳୀ ମେଲଣ ପଡ଼ିଆ, ସମୟ: ସକାଳ ୮ଟା।
- ଯାଜପୁର ଜିଲା ଆଥେଲେଟିକ ଆସୋସିଏଶନ ପକ୍ଷରୁ ଆନ୍ତଃଜିଲା ଫୁଟବଲ ଟିମ ଚୟନ କାର୍ଯ୍ୟକ୍ରମ, ସ୍ଥାନ : ବ୍ୟାସନଗର ରାଜୀବ ଗାନ୍ଧୀ ଷ୍ଟାଡିୟମ,ସମୟ : ସକାଳ ୮ଟା।
- ୩୫ ତମ ବାର୍ଷିକ ଚାରଣ ସମ୍ମିଳନୀ, ସ୍ଥାନ: ମାନତୀରା ଜଗନ୍ନାଥ ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।
- ୬ଷ୍ଠ ଜିଲା ପରିଷଦର ୫ମ ସାଧାରଣ ବୈଠକ,ସ୍ଥାନ : ଜିଲା ପରିଷଦ ସମ୍ମିଳନୀ କକ୍ଷ,ସମୟ : ପୂର୍ବାହ୍ନ ୧୧ଟା।

## ନୟାଗଡ଼

- ଭାଗବତ ଜନ୍ମ ଉତ୍ସବ, ସ୍ଥାନ:ଖଣ୍ଡପଡ଼ା ବ୍ଲକ୍ ସିଦ୍ଧାମୂଳା ଗୋକୁଳାନନ୍ଦ ପୀଠ, ସମୟ:ପୂର୍ବାହ୍ନ ୧୦ଟା।
- ଭାଗବତ ଜନ୍ମ ଉତ୍ସବ, ସ୍ଥାନ:କଣ୍ଟିଲୋ ନୀଳମାଧବ ପୀଠ, ସମୟ:ପୂର୍ବାହ୍ନ ୧୦ଟା।
- ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର ସାମାଜିକ ଜନଶୁଣାଣି, ସ୍ଥାନ:ନୟାଗଡ଼ ବ୍ଲକ୍ ନୂଆ କନଫେରେନ୍ସ ହଲ, ସମୟ: ପୂର୍ବାହ୍ନ ୧୧ଟା।
- ସ୍ୱଚ୍ଛତା ହିଁ ସେବା ପାଳନ ଅବସରରେ ୱାକାଥନ ଓ ଚାରା ରୋପଣ, ସ୍ଥାନ: ଜିଲା ପାଠାଗାରଠାରୁ ଆରମ୍ଭ ବ୍ରଜେନ୍ଦ୍ର ଉଚ୍ଚ ବିଦ୍ୟାଳୟରେ ଶେଷ, ସମୟ: ସକାଳ ୮ଟା।
- ଆଦର୍ଶ ବିଦ୍ୟାଳୟର ପ୍ରତିଷ୍ଠା ଦିବସ, ସ୍ଥାନ: ଖଣ୍ଡପଡ଼ା ଆଦର୍ଶ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ରାୟଗଡ଼ା

- ୭୯ ତମ ଜିଲା ପରିଷଦ ବୈଠକ, ସ୍ଥାନ: ଜିଲା ପରିଷଦ କାର୍ଯ୍ୟାଳୟ, ରାୟଗଡା,
- ସମୟ: ପୂର୍ବାହ୍ନ ୧୧ ଟା।

## ନବରଙ୍ଗପୁର

- ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ ଫୁଟବଲ ପ୍ରତିଯୋଗିତା ଦଳର ପଞ୍ଜୀକରଣ, ସ୍ଥାନ: ଉମରକୋଟ ସଦାଶିବ ସୁକୁମାର ସରକାରୀ ନୋଡାଲ ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା।

## ସମ୍ବଲପୁର

- ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ହାୱା ମଇଦାନ, ସମୟ : ସକାଳ ୭ଟା।
- ଯୋଗ ଶିବିର, ସ୍ଥାନ : ସହଯୋଗ ନଗର ସ୍ଥିତ ରାଧାକୃଷ୍ଣ ମନ୍ଦିର, ସମୟ : ସକାଳ ୭ଟା।
- ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ବୈଠକ, ସ୍ଥାନ: ସମ୍ବାଦିକ ଭବନ, ସମୟ : ପୂର୍ବାହ୍ନ ୧୦ଟା।
- ହାଟପଡା ବୀର ବଜରଙ୍ଗ ସଂଘ ଗଣେଶ ପୂଜା କମିଟି ପକ୍ଷରୁ ନାରୀ ସମ୍ମାନ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ : ହାଟପଡା ଛକରୁ କୁଞ୍ଜେଲପଡା ଛକ, ସମୟ : ଅପରାହ୍ନ ୨ଟା।

## ବଲାଙ୍ଗୀର

- ଲନ୍‌ବଲ ପ୍ରଶିକ୍ଷଣ, ସ୍ଥାନ: ଆରଏନ୍ ସିଂଦେଓ ସ୍ପୋର୍ଟସ୍ କମ୍ପ୍ଲେକ୍ସ, ବଲାଙ୍ଗୀର, ସମୟ: ସକାଳ ୬ଟା ୩୦।
- ନକ୍‌ଆଉଟ୍ ଫୁଟବଲ ମ୍ୟାଚ୍, ସ୍ଥାନ: ଖୁଜେପାଲି ଖେଳ ପଡିଆ, ବଲାଙ୍ଗୀର, ସମୟ: ଅପରାହ୍ନ ୩ଟା।

## ସୁବର୍ଣ୍ଣପୁର

- ସୋନପୁର ଧୋବାବାହାଲି ମଡେଲ ଡିଗ୍ରୀ କଲେଜ ଯୁବ ରେଡକ୍ରସ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: କଲେଜ ସେମିନାର ହଲ, ସମୟ: ସକାଳ ୯ଟା।
- ସୁନ୍ଦରାକାଣ୍ଡ ପାରାୟଣ, ସ୍ଥାନ: ଆଡ଼ିଆ ସାହି, ମୁର୍ଷୁଣ୍ଡି, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ବିଜେଡିର ବନ୍ଧୁ ମିଳନ, ସ୍ଥାନ: ବଜରଙ୍ଗ କଲ୍ୟାଣ ମଣ୍ଡପ,ବୀରମହାରାଜପୁର, ସମୟ:ପୂର୍ବାହ୍ନ ୧୧ଟା।
- ଡୁଙ୍ଗୁରିପାଲି ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଭିତ୍ତିପ୍ରସ୍ତର ସ୍ଥାପନ, ସ୍ଥାନ:ଫଟାମୁଣ୍ଡା ସ୍ଥିତ ବିଦ୍ୟାଳୟ ପରିସର, ସମୟ: ଅପରାହ୍ନ ୨ଟା।
- ତରଭା ଏନ୍‌ଏସିର ଅନ୍ତର୍ଭାରେ ଭାଗବତ ଜନ୍ମ ପାଳନ ଓ ଭଜନ କାର୍ଯ୍ୟକ୍ରମ, ସ୍ଥାନ: ଅନ୍ତର୍ଭା ଭାଗବତ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ବରଗଡ଼

- ସ୍ପେଶାଲ ଜଜ୍ (ଭିଜିଲାନ୍ସ) କୋର୍ଟର ଉଦ୍‌ଘାଟନୀ ସମାରୋହ, ସ୍ଥାନ: କୋର୍ଟ ପରିସର, ସମୟ: ପୂର୍ବାହ୍ନ ୯ଟା ୪୫।

## ଝାରସୁଗୁଡ଼ା

- ସ୍ୱତନ୍ତ୍ର ପୂଜା ଅର୍ଚ୍ଚନା ସହ ରୁଦ୍ରାଭିଶେକ୍ଷ, ସ୍ଥାନ: ଝାଡେଶ୍ୱର୍ ମନ୍ଦିର ପ୍ରାଙ୍ଗଣ, ସମୟ: ସକାଳ ୭ଟା
- ସ୍ୱତନ୍ତ୍ର ପୂଜା ସହ ହୋମୋଯଜ୍ଞ, ସ୍ଥାନ: ବେହେରାମାଲ ତାରିଣୀ ମନ୍ଦିର ପ୍ରାଙ୍ଗଣ, ସମୟ: ପୂର୍ବାହ୍ନ ୧୦ଟା
- ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମ, ସ୍ଥାନ: ବୁଢାପଡ଼ା ଗ୍ରାମ ଦିବ୍ୟାଙ୍ଗ ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ଗଣେଶ ପୂଜା ବିସର୍ଜନ କାର୍ଯ୍ୟକ୍ରମ, ସ୍ଥାନ: ୨୧ନଂ. ୱାର୍ଡ ବୁରୋମାଲ ଗ୍ରାମ ଷ୍ଟାରକ୍ଲବ, ସମୟ: ଅପରାହ୍ନ ୫ଟା।

## ରାଉରକେଲା

- ଭାଗବତ ଜନ୍ମୋତ୍ସବ, ସ୍ଥାନ: ଉଦିତନଗର ରାଧାକୃଷ୍ଣ ମନ୍ଦିର, ସମୟ: ସକାଳ ୬ଟା ୩୦।
- ବେଦବ୍ୟାସ ସଂସ୍କୃତ କଲେଜର ଜାତୀୟ ସେବା ଯୋଜନାରେ ସ୍ୱଚ୍ଛତା କାର୍ଯ୍ୟକ୍ରମ, ସ୍ଥାନ: ବେଦବ୍ୟାସ, ସମୟ: ଅପରାହ୍ନ ୨ଟା।
- ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର, ସ୍ଥାନ: ଛେଣ୍ଡ, ସମୟ: ସନ୍ଧ୍ୟା ୬ଟା।
- ସାହିତ୍ୟରେ ଭାଷା ସରଳତା ଶୀର୍ଷକ ଆଲୋଚନା, ସ୍ଥାନ: ନୋବୁଲ ଆସୋସିଏଶନ କ୍ଲବ, ସମୟ: ସନ୍ଧ୍ୟା ୭ଟା ୩୦।

## ଦେବଗଡ଼

- ବ୍ଲକସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡା ଚୟନ ୨୦୨୪-୨୫, ସ୍ଥାନ: ରିଆମାଳ ବ୍ଲକ, ସରକାରୀ ଉଚ୍ଚ ବିଦ୍ୟାଳୟ ନାଉଲିପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀଶ୍ରୀ ବିଶ୍ୱକର୍ମାଙ୍କ ଭସାଣି ଉତ୍ସବ, ସ୍ଥାନ: ଦେବଗଡ ସହର, ସମୟ: ଅପରାହ୍ନ ୫ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## କଳାହାଣ୍ଡି

- ଜିଲା ପରିଷଦ ବୈଠକ, ସ୍ଥାନ: ଭବାନୀପାଟଣା ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।

## ନୂଆପଡ଼ା

- ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ବିସର୍ଜନ ଶୋଭାଯାତ୍ରା, ସ୍ଥାନ: ବିଦ୍ୟୁତ୍ ସେକ୍ସନ ନୂଆପଡା, ସମୟ: ସକାଳ ୯ଟା।
- ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ବିସର୍ଜନ, ସ୍ଥାନ: ବିଶ୍ୱକର୍ମା ଟ୍ରଷ୍ଟ ଆମ୍ବେଡକର ଛକ ଖଡିଆଳ, ସମୟ: ଅପରାହ୍ନ ୩ଟା।
- ବିଶ୍ୱକର୍ମା ପୂଜା ଉପଲକ୍ଷେ ନାଟକ ପରିବେଷଣ, ସ୍ଥାନ: ବୋଡେନ ବ୍ଲକ ବିନପୁର ଗାଁ, ସମୟ ରାତ୍ର ୯ଟା।
- ବିଶ୍ୱକର୍ମା ପୂଜା ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଖଡିଆଳ ବ୍ଲକ ଆରେଡା ପଞ୍ଚାୟତ ମହୁରା ଗାଁ ସଲମାପଡ଼ା, ସମୟ: ରାତ୍ର ୯ଟା ୩୦।
- ବିଶ୍ୱକର୍ମା ପୂଜା ଉପଲକ୍ଷେ ନାଟକ ପରିବେଷଣ, ସ୍ଥାନ: ବୋଡେନ ବ୍ଲକ ସୁନାପୁର ପଞ୍ଚାୟତ ଆମଗୁଡା ଗାଁ, ସମୟ: ରାତ୍ର ୧୦ଟା।

## ବୌଦ୍ଧ

- ଭାଗବତ ସପ୍ତାହ ପାରାୟଣ ପୂର୍ଣ୍ଣାହୁତି, ସ୍ଥାନ: ବାବା ଗୁପ୍ତେଶ୍ୱର ମନ୍ଦିର ପ୍ରାଙ୍ଗଣ, ବୁରୁବୁଡା, ହରଭଙ୍ଗା, ସମୟ: ସକାଳ ୮ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ହିତୈଷୀଙ୍କ ପରାମର୍ଶରେ ନୂତନ କାମ କରିବା ସକାଶେ ମନ ବଳାଇବେ। ବିଶେଷ ଅସୁବିଧା ନ ହେଲେ ମଧ୍ୟ ଦୈହିକ ଦୁର୍ବଳତା ସଙ୍ଗକୁ ଧୈର୍ଯ୍ୟହରା ଓ ନୈରାଶ୍ୟ, ବିବ୍ରତ କରାଇପାରେ। ତଥାପି ଆପଣଙ୍କର ପାରିବାରିକ ଜୀବନରେ ଶାନ୍ତି ଓ ସ୍ଥିରତା ଅବ୍ୟାହତ ରହିବ। ସଞ୍ଚିତ ଟଙ୍କା ଭିନ୍ନ ବାଟରେ ଖର୍ଚ୍ଚ ହୋଇଯିବା କାରଣରୁ ଦୁଃଖ ପ୍ରକାଶ କରିପାରନ୍ତି।

**ବୃଷ** କର୍ମକ୍ଷେତ୍ରରେ ସମସ୍ୟା ଜାଲରେ ଛନ୍ଦି ହୋଇ ମନୋବଳ ଭାଙ୍ଗିଲା ଭଳି ଅନୁଭବ କରିବେ। ଦୀର୍ଘଦିନରୁ ଅଟକି ରହିଥିବା କାମର ଚିନ୍ତା ମନକୁ ଆନ୍ଦୋଳିତ କରିପାରେ। ବିଶେଷ ଲାଭ ନ ହେଲେ ମଧ୍ୟ ଶିଳ୍ପ, ବାଣିଜ୍ୟ ଭଲରେ ଚାଲିବ। ପ୍ରିୟବନ୍ଧୁଙ୍କ ମାଧ୍ୟମରେ ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇପାରନ୍ତି।

**ମିଥୁନ** ଭୁଲ୍ ବୁଝାମଣା କାରଣରୁ ପରିବାର ଭିତରେ ସମ୍ପର୍କ ହାନି ଫଳରେ ଚିନ୍ତା ପ୍ରକଟ କରିପାରନ୍ତି। ସଂଗଠନ, ରାଜନୀତି, ଆନୁଷ୍ଠାନିକ କାମ କ୍ଷେତ୍ରରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ବ୍ୟବସାୟୀମାନେ ନୂତନ ବ୍ୟବସାୟ ଯୋଡ଼ିବା ପାଇଁ ଚିନ୍ତା କରିପାରନ୍ତି। ପ୍ରତ୍ୟେକ କ୍ଷେତ୍ରରେ ସଂଯମତାର ଅଭାବ ଓ ଧନହାନି ଦୁଶ୍ଚିନ୍ତାର କାରଣ ହୋଇପାରେ।

**କର୍କଟ** ଆଜି ମନ ଅସ୍ଥିର ରହିବ। ଇଚ୍ଛା ନ ଥାଇ ମଧ୍ୟ ହଠାତ୍ ଦୂରଯାତ୍ରା କରିବାକୁ ପଡ଼ିପାରେ। କେହି ଜଣେ ବନ୍ଧୁ ସମସ୍ୟା ସମାଧାନରେ ସହାୟ ହେବେ। ରାଜନୀତି, ବିତର୍କ ଓ ଆନୁଷ୍ଠାନିକ କାର୍ଯ୍ୟରେ ପ୍ରଶଂସିତ ହେବେ। ବାଣିଜ୍ୟ, ପରିବହନ, କ୍ରୀଡ଼ା ଓ ପ୍ରଶାସନିକ କ୍ଷେତ୍ରରେ ସାଧାରଣ ଫଳ ମିଳିପାରେ। ପିଲାଙ୍କ ପଢ଼ାକୁ ନେଇ ଚିନ୍ତିତ ରହିବେ।

**ସିଂହ** ପୂର୍ବବିବାଦୀୟ ସମସ୍ୟାର ସରଳ ସମାଧାନ କରିବାରେ ସମର୍ଥ ହେବେ। ଆର୍ଥିକ ଦିଗରୁ ଉପକୃତ ହେବେ କିନ୍ତୁ ପୂର୍ଣ୍ଣ ଆବଶ୍ୟକତା ଅପୂରଣୀୟ ରହିବ। ପାରସ୍ପରିକ ସହଯୋଗ ପାରିବାରିକ ଜୀବନକୁ ସରସ ସୁନ୍ଦର କରିପାରେ। ଆଲୋଚନା ପରିସରରେ ସତକଥା କହି ବନ୍ଧୁଙ୍କ ଅପ୍ରିୟ ହୋଇପାରନ୍ତି।

**କନ୍ୟା** ଭଲ ସମ୍ପର୍କ ନ ଥିବା ବ୍ୟକ୍ତିଙ୍କ ଦ୍ୱାରା କୌଣସି ଗୁଜବ ମନକୁ ଚହଲାଇ ଦେବ। ଆତ୍ମୀୟଙ୍କ ନିକଟରୁ ଅସହଯୋଗ, ଅସମ୍ମାନ ପାଇ ଦୁଃଖିତ ହେବେ। କୌଣସି ସମ୍ପର୍କୀୟଙ୍କୁ ଅର୍ଥ କିମ୍ବା ଅଳଙ୍କାର ଦେବା ନେବାକୁ କେନ୍ଦ୍ରକରି ଝଗଡ଼ା ସୃଷ୍ଟି ହୋଇପାରେ। ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧିପାଇବା କାରଣରୁ ସାମୟିକ ଚିନ୍ତା କରିପାରନ୍ତି।

**ତୁଳା** ସନ୍ତାନଙ୍କ ବୈବାହିକ ସମ୍ପର୍କକୁ ନେଇ ନୂତନ ବନ୍ଧୁତ୍ୱ ସକାଶେ ଆଲୋଚନା କରିପାରନ୍ତି। ପଡ଼ୋଶୀ କିମ୍ବା ବନ୍ଧୁଙ୍କ ଜରିଆରେ ଦୀର୍ଘଦିନର ଆଶା ଫଳବତୀ ହେବ। ଧର୍ମକାର୍ଯ୍ୟ କିମ୍ବା ଆନୁଷ୍ଠାନ ପାଇଁ ସତ୍‌ସଙ୍ଗୀଙ୍କ ପ୍ରେରଣା ମିଳିପାରେ। ପଡ଼ୋଶୀଙ୍କ ଆଚରଣରେ ଅସନ୍ତୋଷ ବ୍ୟକ୍ତ କରି ମନେ ମନେ ବିରକ୍ତି ପ୍ରକାଶ କରିପାରନ୍ତି।

**ବିଛା** ଦୀର୍ଘଦିନରୁ ଯାହା ମନରେ ଆଶାବାନ୍ଧି ବସିଛନ୍ତି ଆଜି ତାହା ଅବଶ୍ୟ ପାଇବେ। ଧୈର୍ଯ୍ୟହରା ନ ହୋଇ ପରିସ୍ଥିତିର ମୁକାବିଲା କଲେ ଉପକୃତ ହେବେ। ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇ ନେବା ସକାଶେ ଦିନଟି ଭଲ। କଳା, ସାହିତ୍ୟ, ସାମ୍ବାଦିକତା, ସଭାସମିତି ଓ ମନୋରଞ୍ଜନରେ ଆଗ୍ରହ ପ୍ରକାଶ କରିପାରନ୍ତି।

**ଧନୁ** ଦୀର୍ଘଦିନରୁ ପରିକଳ୍ପିତ ଯୋଜନାଟିକୁ କାର୍ଯ୍ୟକାରୀ କରିବା ସକାଶେ ମନ ବଳାଇପାରନ୍ତି। ପୂର୍ବରୁ ଅପେକ୍ଷା କରିବାକୁ କହିଥିବା ବନ୍ଧୁଙ୍କୁ ନିର୍ଦ୍ଦିଷ୍ଟ ସ୍ଥାନରେ ନ ପାଇ ବ୍ୟସ୍ତ ହୋଇପଡ଼ିବେ। ବିବାଦୀୟ ଘଟଣାରେ ଦୁଃସାହସିକ ପଦକ୍ଷେପ ନେବା ଠିକ୍ ହେବନି। ପରିଜନଙ୍କ ସହିତ ନୂତନ ସ୍ଥାନ ପରିଭ୍ରମଣ ସାଙ୍ଗକୁ ଭ୍ରମଣ ସୁଯୋଗ ଜୁଟିବ।

**ମକର** କର୍ମକ୍ଷେତ୍ରରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ସମସ୍ୟା ଭିତରକୁ ଟାଣି ହୋଇପାରନ୍ତି। ପରିବାର ସକାଶେ ଧାର କରଜ କରି କାମ ତୁଲାଇ ନେବାକୁ ବାଧ୍ୟ ହେବେ। ପରିହାସଯୁକ୍ତ କଥା କର୍ମ କ୍ଷେତ୍ରରେ ସମସ୍ୟା ସୃଷ୍ଟି କରିପାରେ ଏଣୁ ସତର୍କତା ଅବଲମ୍ବନ କରିବା ଭଲ। ବନ୍ଧୁଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିବାର ସାମୟିକ ଆଶ୍ୱସ୍ତି ଅନୁଭବ କରିବେ।

**କୁମ୍ଭ** ପରିବାରର ଆବଶ୍ୟକତା ଅନୁଭବ କରି କୌଣସି ନୂତନ ଜିନିଷ କ୍ରୟ କରିବା ସକାଶେ ମନ ବଳାଇପାରନ୍ତି। କର୍ମ କ୍ଷେତ୍ରରେ ଛୋଟ କଥାକୁ ଧରି ବସନ୍ତୁ ନାହିଁ, ଯାହାକି ସମସ୍ୟା ସୃଷ୍ଟି କରିବ। ଆଜିର ପ୍ରତ୍ୟୁଷ ଯାତ୍ରାରେ ଜିନିଷ ପତ୍ର ପ୍ରତି ସତର୍କ ରହନ୍ତୁ। ଦୀର୍ଘ ଦିନରୁ ଲାଗି ରହିଥିବା ପୁରାତନ ରୋଗପୀଡ଼ାରୁ ବିଶେଷ କଷ୍ଟ ପାଇବେ।

**ମୀନ** ଆଜି ଫେରିବା ବେଳକୁ ଘରର ଅଶାନ୍ତ ପରିବେଶ କେତେକାଂଶରେ ଶାନ୍ତ ପଡି ଯାଇଥିବ। ବାଟରେ ବନ୍ଧୁଙ୍କୁ ଭେଟି ଆଗାମୀ କାଲିର ଯୋଜନା ପ୍ରସ୍ତୁତ କରିପାରନ୍ତି। ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ ତଥାପି ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ। ପରିବାର ଭିତରେ ବୁଝାମଣା ସମ୍ପର୍କରେ ଉନ୍ନତି ଘଟିବାର ଆଶା ରହିଛି।

ଆଜି ସେପ୍ଟେମ୍ବର ୧୮ ତାରିଖ, ଦିବା ଘ.୦୮.୦୪ମି. ପର୍ଯ୍ୟନ୍ତ ପୂର୍ଣ୍ଣିମା ବୁଧବାର, ଭାଗବତ ଜନ୍ମ, ତତ୍ପରେ ଆଶ୍ୱିନ କୃଷ୍ଣ ପ୍ରତିପଦା, ଶ୍ରୀମନ୍ଦିରରେ ଇନ୍ଦ୍ରଗୋବିନ୍ଦ ବନ୍ଦାପନା ଓ ଇନ୍ଦ୍ରହାତୀ ପ୍ରସ୍ତାବ, ଶ୍ରୀଦୁର୍ଗା ପାର୍ଶ୍ୱପରିବର୍ତ୍ତନ, ବୁଧିବାମନ ଓଷା ଶେଷପାଳି, ଜହ୍ନିଓଷା ଆରମ୍ଭ, ଅପରପକ୍ଷ ଓ ପିତୃତର୍ପଣ ଆରମ୍ଭ, ରାଶିନକ୍ଷତ୍ର-ପୂର୍ବଭାଦ୍ର/ମୀନ, ଦିବା ଘ.୧୧.୦୦ମି. ଗତେ, ଉତ୍ତର ଭାଦ୍ରବ ନକ୍ଷତ୍ର, ପ୍ରତିପଦାର ଶ୍ରାଦ୍ଧ ମହାଳୟା ବିଧିରେ କରାଯିବ, ସକାଳ ଘ.୦୫.୩୮ମି. ଗତେ ଘ.୦୮.୦୩ମି. ମଧ୍ୟେ, ଘ.୧୦.୨୮ମି. ଗତେ ଘ.୧୧.୪୦ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୧.୪୦ମି. ଗତେ ଘ.୦୧.୧୧ମି. ମଧ୍ୟେ ରାହୁକାଳ।

## ଆତିଶୀ ହେବେ...

ପ୍ରଥମ ପୃଷ୍ଠାରୁ...

ଆତିଶୀ ହିଁ ଦୁର୍ଗ ସମ୍ଭାଳିଥିଲେ। କଂଗ୍ରେସ ନେତ୍ରୀ ଶୀଲା ଦୀକ୍ଷିତ, ଭାଜପାର ସୁଷମା ସ୍ୱରାଜଙ୍କ ପରେ ୪୩ ବର୍ଷୀୟା ଆତିଶୀ ଦିଲ୍ଲୀର ତୃତୀୟ ମହିଳା ତଥା ସର୍ବକନିଷ୍ଠ ମହିଳା ମୁଖ୍ୟମନ୍ତ୍ରୀ ହେବାକୁ ଯାଉଛନ୍ତି। କେଜ୍‌ରିୱାଲ ଜାମିନରେ ତିହାର ଜେଲରୁ ବାହାରିବାର ୨ ଦିନ ପରେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବେ ବୋଲି ରବିବାର ଘୋଷଣା କରିଥିଲେ। ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ପଦ ପାଇଁ ଦଳର କେତେଜଣ ନେତାଙ୍କ ନାଁ ଚର୍ଚ୍ଚାକୁ ଆସିଥିବାବେଳେ ଦୌଡ଼ରେ ଆତିଶୀଙ୍କ ନାଁ ଆଗରେ ରହିଥିଲା। କାରଣ ସେ ଉଭୟ କେଜ୍‌ରିୱାଲ ଏବଂ ପୂର୍ବତନ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆଙ୍କ ଘନିଷ୍ଠ ଭାବେ ଜଣାଶୁଣା।

ଉପରାଜ୍ୟପାଳଙ୍କୁ ଭେଟି ନୂଆ ସରକାର ଗଢ଼ିବା ପାଇଁ ଦାବି ଜଣାଇଥିବା ଆତିଶୀ ଖବରଦାତାମାନଙ୍କୁ କହିଛନ୍ତି। ସେ ଦିଲ୍ଲୀ ଜନସାଧାରଣଙ୍କ ସ୍ୱାର୍ଥର ସୁରକ୍ଷା କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଶପଥ ଗ୍ରହଣ ଉତ୍ସବ ତାରିଖ ସମ୍ପର୍କରେ ନିଷ୍ପତ୍ତି ଜଣାଇବାକୁ ଦିଲ୍ଲୀ ମନ୍ତ୍ରୀ ଗୋପାଳ ରାୟ ଉପରାଜ୍ୟପାଳଙ୍କୁ ନିବେଦନ କରିଛନ୍ତି। ଆପ୍ ଆତିଶୀଙ୍କୁ ମୁଖ୍ୟମନ୍ତ୍ରୀ ମନୋନୀତ କରିବା ପରେ ସେ ପ୍ରଥମ ପ୍ରତିକ୍ରିୟାରେ କହିଥିଲେ, ଦଳ ସୁପ୍ରିମୋ କେଜ୍‌ରିୱାଲ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଉଥିବାରୁ ସେ ଦୁଃଖିତ। ତାଙ୍କୁ ମୁଖ୍ୟମନ୍ତ୍ରୀ ପଦକୁ ଫେରାଇ ଆଣିବା ପାଇଁ ସେ କାର୍ଯ୍ୟ କରିବେ ବୋଲି ଆତିଶୀ କହିଛନ୍ତି। କେଜ୍‌ରିୱାଲଙ୍କ ବିରୋଧରେ ମିଥ୍ୟା ଅଭିଯୋଗ ଆଣି କେନ୍ଦ୍ର ସରକାରଙ୍କ ତଦନ୍ତକାରୀ ସଂସ୍ଥାଗୁଡ଼ିକ ତାଙ୍କୁ ଟାର୍ଗେଟ କରିଥିଲେ। ସୁପ୍ରିମକୋର୍ଟ କେବଳ କେଜ୍‌ରିୱାଲଙ୍କୁ ଜାମିନ ଦେଇ ନାହାନ୍ତି, କେନ୍ଦ୍ର ସରକାର ଏବଂ ଏହାର ତଦନ୍ତକାରୀ ସଂସ୍ଥାଗୁଡ଼ିକୁ ଭର୍ତ୍ସନା କରିଛନ୍ତି। ତଦନ୍ତକାରୀ ସଂସ୍ଥାକୁ ପିଞ୍ଜରାବଦ୍ଧ ଶୁଆ ବୋଲି ସର୍ବୋଚ୍ଚ ଅଦାଲତ କହିଥିଲେ। ଅନ୍ୟ କୌଣସି ନେତା ହୋଇଥିଲେ, ସେ ମୁଖ୍ୟମନ୍ତ୍ରୀ ଆସନ ଛାଡ଼ି ନ ଥାନ୍ତେ। କିନ୍ତୁ କେଜ୍‌ରିୱାଲ ଲୋକଙ୍କ ଅଦାଲତକୁ ଯିବା ପାଇଁ ନିଷ୍ପତ୍ତି ନେଇ ଇସ୍ତଫା ଦେଇଛନ୍ତି। ଏହା ତାଙ୍କ ପାଇଁ ଅତ୍ୟନ୍ତ ଦୁଃଖଦ ମୁହୂର୍ତ୍ତ ବୋଲି ଆତିଶୀ କହିଛନ୍ତି।

## ହାଇକୋର୍ଟଙ୍କ ନିର୍ଦ୍ଦେଶରୁ...

ହସ୍ପିଟାଲରୁ ଯେଉଁ ଡାକ୍ତରୀ ମାଇନା ରିପୋର୍ଟ ଦେଇଥିଲା ତାକୁ ଅଙ୍କିତାଙ୍କ ପରିବାର ଲୋକେ ଏବଂ ଓଡ଼ିଶା ଷ୍ଟେଟ୍ ଏକ୍ସ ସର୍ଭିସ୍ ଆସୋସିଏଶନ ଅଧ୍ୟକ୍ଷ ବ୍ରିଗେଡିୟର ଅନ୍ତର୍ଯାମୀ ପ୍ରଧାନ ବିରୋଧ କରିଥିଲେ। ଡାକ୍ତରୀ ମାଇନା ଠିକ୍ ଭାବେ କରିବା ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ଏନେଇ ଅନୁମତି ପ୍ରଦାନ କରିବା ସଙ୍ଗେ ସଙ୍ଗେ ଏମ୍‌ସ ହସ୍ପିଟାଲରେ ଡାକ୍ତରୀ ମାଇନା କରାଇବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ମଙ୍ଗଳବାର ଅଙ୍କିତାଙ୍କୁ ଏମ୍‌ସ ନିଆଯାଇ ଡାକ୍ତରୀମାଇନା କରାଯାଇଛି। ଏଥିସହିତ ଏହି ଘଟଣାର ତଦନ୍ତ କରୁଥିବା ତଦନ୍ତକାରୀ ଅଧିକାରୀ(ଆଇଓ)ଙ୍କୁ ବୁଧବାର ସକାଳ ସାଢ଼େ ୧୦ଟାରେ ଡାକ୍ତରୀମାଇନା ରିପୋର୍ଟ ଏବଂ ତଦନ୍ତ ରିପୋର୍ଟ ସହ ହାଜର ହେବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ଅନ୍ତର୍ଯାମୀ ପ୍ରଧାନଙ୍କ ସୂଚନା ମୁତାବକ, ଆର୍ମି ସିନିୟର ଅଫିସରମାନେ ଦିଲ୍ଲୀ(ହାଇୟର ହେଡ୍‌କ୍ୱାର୍ଟର୍ସ)ରୁ ଆସିଥିଲେ। ସେମାନେ ଜେଲ ଯାଇ ଅଙ୍କିତାଙ୍କ ସହ ଦେଖା କରିଥିଲେ। ସେଠାରେ ଦେଖିବାକୁ ପାଇଲେ ଅଙ୍କିତା ଚାଲିପାରୁ ନାହିଁ, ଦେହରେ କ୍ଷତଚିହ୍ନ ରହିଛି ଏବଂ ମାଡ଼ର ଦାଗ ମଧ୍ୟ ଅଛି। ଜେଲ ଡାକ୍ତର ତାଙ୍କୁ ତରଳ ଖାଦ୍ୟ ଖାଇବା ଲାଗି କହିଛନ୍ତି। ଏମ୍‌ସ ହସ୍ପିଟାଲକୁ ଡାକ୍ତରୀ ମାଇନା ଲାଗି ପଠାଇବାକୁ ହାଇକୋର୍ଟରେ ଆବେଦନ କରିଥିଲେ। ଏହାକୁ କୋର୍ଟ ଗ୍ରହଣକରି ଏନେଇ ଅନୁମତି ଦେଇଛନ୍ତି। ଏଫ୍‌ଆଇଆର୍ କପି ଡିସିପି ଅଫିସରୁ ଗ୍ରହଣ କରାଯାଇଛି। ଏବେ ଯେତେବେଳେ ସବୁଆଡୁ ଚାପ ପଡ଼ିଲା ପୋଲିସ ଡିଜି କ୍ରାଇମବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଏକ ସ୍ୱାଧୀନ ତଦନ୍ତକାରୀ ସଂସ୍ଥାକୁ ଏହି ଦାୟିତ୍ୱ ଦିଆଯିବା କଥା। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ଏନେଇ ଅଭିଯୋଗ କରାଯିବ। ଜବଲ୍‌ପୁରରୁ ଆସିଥିବା ଜେନେରାଲ ଅଫିସର କମାଣ୍ଡିଂ ମୁଖ୍ୟଶାସନ ସଚିବଙ୍କୁ ଭେଟି ଘଟଣାକୁ ଗୁରୁତର ସହ ବିଚାର କରିବାକୁ ଅନୁରୋଧ କରିଥିବା ଅନ୍ତର୍ଯାମୀ କହିଛନ୍ତି। ଅପରପକ୍ଷରେ କ୍ରାଇମବ୍ରାଞ୍ଚ କେଉଁସବୁ ଦିଗକୁ ନେଇ ତଦନ୍ତ କରୁଛି ବୋଲି ନରେନ୍ଦ୍ର ବେହେରାଙ୍କୁ ପଚାରିବାରୁ ସେ କହିଛନ୍ତି, ଏହି ଘଟଣାର ତଦନ୍ତ ଏଡିଜି ଅରୁଣ ବୋଥ୍ରା ନିଜେ କରୁଛନ୍ତି। ସେ କେବଳ ସହଯୋଗ କରୁଛନ୍ତି। ଏନେଇ ଏବେ କିଛି କହିହେବ ନାହିଁ ବୋଲି ସେ କହିଛନ୍ତି।

ତେବେ କ୍ରାଇମବ୍ରାଞ୍ଚ ହାତରେ ନ୍ୟସ୍ତ କରାଯାଇଥିବା ଏହି ତଦନ୍ତ ଦାୟିତ୍ୱ କେଉଁ ଦିଗକୁ ଯାଉଛି ତାହା ଉପରେ ସମସ୍ତଙ୍କ ନଜର ରହିଛି। ପୋଲିସ ଯେଉଁଭଳି ଭାବେ ଏହି ଘଟଣାକୁ ଦିଗହରା କରାଇବା ଲାଗି ପ୍ରୟାସ କଲା କ୍ରାଇମବ୍ରାଞ୍ଚ ତାକୁ ସଫଳ କରିବାକୁ ଚେଷ୍ଟା କରିବ ନା ବାସ୍ତବ ଘଟଣାକୁ ସାମ୍ନାକୁ ଆଣିବ ତାହା ସବୁଠାରୁ ଚର୍ଚ୍ଚାର ବିଷୟ ପାଲଟିଛି। ରାଜ୍ୟରେ ନୂଆ ସରକାରର ଭାବମୂର୍ତ୍ତି ରକ୍ଷା କରିବା ଏବଂ ଲୋକଙ୍କୁ ଥାନାରେ ଯେ ଉଚିତ ନ୍ୟାୟ ମିଳୁଛି ସେହି ବାର୍ତ୍ତା ଦେବାକୁ କ୍ରାଇମବ୍ରାଞ୍ଚ କେତେଦୂର ପ୍ରଚେଷ୍ଟା କରୁଛି ତାହା ଖୁବ୍‌ଶୀଘ୍ର ଜଣାପଡ଼ିଯିବ ବୋଲି ଜଣେ ଏସିପି ପାହ୍ୟାର ପୋଲିସ ଅଧିକାରୀ ନିଜ ନାମ ଗୋପନ ରଖି କହିଛନ୍ତି।

## ଖର୍ଚ୍ଚ ହେଲା ସାଢ଼େ ୪ କୋଟି, ୬ ମାସ ପରେ ଲାଗିପାରିଲାନି ସିସିଟିଭି

୨୦୨୪ ମାର୍ଚ୍ଚ ୧୧ରେ ଭରତପୁର ଥାନାର ନୂଆ ବିଲ୍ଡିଂର ଉଦ୍‌ଘାଟନ କରାଯାଇଥିଲା। ଏହି ଥାନା ୧୧ ହଜାର ୪୦୦ ସ୍କୋୟାର ଫୁଟ୍ ଜମିରେ ପ୍ରାୟ ସାଢେ ୪ କୋଟି ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଛି। ଗୋଟିଏ ଏକର ଜମିରେ ନିର୍ମାଣ କରାଯାଇଥିବା ଏହି ଥାନା ଟ୍ରାଡିସନାଲ ପୋଲିସ ଷ୍ଟେଶନ ହେବ ବୋଲି କୁହାଯାଇଥିଲା। ଏଠାରେ ଲୋକଙ୍କ ସହ ବନ୍ଧୁତ୍ୱପୂର୍ଣ୍ଣ ବ୍ୟବହାର କରାଯିବ ବୋଲି ମଧ୍ୟ କୁହାଯାଇଥିଲା। ଥାନାକୁ ଅଭିଯୋଗ କରିବା ଲାଗି ଯିବା ମାତ୍ରେ ଉତ୍ତମ ବ୍ୟବହାର ସହ ମହିଳା, ଶିଶୁଙ୍କ ପାଇଁ ଭିନ୍ନ ଡେସ୍କ ବ୍ୟବସ୍ଥା ରହିଥିବା କୁହାଯାଇଥିଲା। ଏପରିକି ମହିଳା ଓ ଶିଶୁଙ୍କୁ ସେମାନଙ୍କ ସୁବିଧା ଓ ସୁରକ୍ଷା ପ୍ରାଥମିକତା ବୋଲି ମଧ୍ୟ ଉଦ୍‌ଘାଟନୀ ଅବସରରେ କୁହାଯାଇଥିଲା। ହେଲେ ଅତି ଉଚ୍ଚକୋଟିର ନିର୍ମାଣାଧୀନ ଏହି ଥାନାରେ ଅଙ୍କିତାଙ୍କ ପ୍ରତି କରାଯାଇଥିବା ଅନ୍ୟାୟ ଉଦ୍‌ଘାଟନୀ ଉତ୍ସବର ସେ ସମସ୍ତ କଥାକୁ ଭୁଲ୍ ପ୍ରମାଣ କରିଦେଇଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ଏତେ କୋଟି ଟଙ୍କାରେ ନିର୍ମିତ ଏହି ଅତ୍ୟାଧୁନିକ ଥାନାରେ ସିସିଟିଭି ନ ଲଗାଯିବା କଥା ସମସ୍ତଙ୍କୁ ଚକିତ କରିଛି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶାନୁଯାୟୀ, ଥାନାରେ ସିସିଟିଭି ଲଗାଇବା ବାଧ୍ୟତାମୂଳକ ଥିବାବେଳେ କାହିଁକି ଲାଗିନାହିଁ ବୋଲି ଡିସିପି ପ୍ରତୀକ ସିଂଙ୍କୁ ପଚାରିବାରୁ ସେ କହିଛନ୍ତି, ଭରତପୁର ଥାନା ନୂଆ ତିଆରି ହୋଇଥିଲା। ସିସିଟିଭି ଲଗାଇବା ପାଇଁ ଚିଠି ଲେଖିଥିଲୁ। ଥାର୍ଡ ପାର୍ଟି ଏହାକୁ ଲଗାଇଥାଆନ୍ତି। ହେଲେ ଏଯାବତ୍ ଲାଗିପାରି ନ ଥିବା ସେ କହିଛନ୍ତି।

## ବଦଳିଲେ ଥାନା ଅଧିକାରୀ...

କମିଶନରେଟ୍ ପୋଲିସ ମୁଖ୍ୟାଳୟରେ ଥିବା ଇନ୍‌ସ୍ପେକ୍ଟର ଦୀପକ କୁମାର ଖଣ୍ଡାୟତରାୟଙ୍କୁ ଭରତପୁର ଥାନା ଆଇଆଇସି ଭାବେ ଅବସ୍ଥାପିତ କରାଯାଇଛି। ସେହିପରି ଭରତପୁର ଥାନାରେ ଥିବା ଏଏସ୍‌ଆଇ ସଲିଳମୟୀ ସାହୁ ଓ କନଷ୍ଟେବଲ ବଳରାମ ହାଁସଦାଙ୍କୁ ମଧ୍ୟ ବଦଳି କରାଯାଇଛି। ସଲିଳମୟୀଙ୍କୁ ଭୁବନେଶ୍ୱର ଡିସିପି ଅଫିସ ଓ ବଳରାମଙ୍କୁ ଭୁବନେଶ୍ୱର ରିଜର୍ଭ ଅଫିସକୁ ବଦଳି କରାଯାଇଥିବା କମିଶନରେଟ୍ ପୋଲିସ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରୁ ଜଣାପଡ଼ିଛି।

ଦୀନକୃଷ୍ଣ ୨୦୨୨ ନଭେମ୍ବରରେ ମଧ୍ୟ ବିବାଦୀୟ ହୋଇ ନିଲମ୍ବିତ ହୋଇଥିଲେ। ସେ କଟକ କ୍ୟାଣ୍ଟନମେଣ୍ଟ ଥାନା ଅଧିକାରୀ ଥିବାବେଳେ ବାଲିଯାତ୍ରାରେ ପାର୍କିଂ ଟେଣ୍ଡର ନେଇଥିବା ଜଣେ ବ୍ୟକ୍ତିଙ୍କଠାରୁ ବଟି ମାଗିବା ଏବଂ ନ ଦେଲେ ମିଥ୍ୟା କେସ୍‌ରେ ଫସାଇବା ଦେବା ମଧ୍ୟ ଧମକ ଦେଇଥିଲେ। ଏହାର ଭିଡିଓ ସୋସିଆଲ୍ ମିଡିଆରେ ଭାଇରାଲ ହେବା ପରେ ଗଣମାଧ୍ୟମରେ ଶିରୋନାମା ପାଲଟିଥିଲା। ପରେ ଦୀନକୃଷ୍ଣଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ତାଙ୍କୁ ନଭେମ୍ବର ୨୧ରେ କଟକ ଡିସିପି ଅଫିସକୁ ବଦଳି କରାଯାଇଥିଲା।

## ଚାଇନାକୁ ହରାଇ...

ଦକ୍ଷିଣ କୋରିଆକୁ ୪-୧ ଗୋଲରେ ହରାଇ ଫାଇନାଲରେ ପ୍ରବେଶ କରିଥିଲା ଭାରତ। ମ୍ୟାଚ ଶେଷ ହେବା ପାଇଁ ୪ ମିନିଟ ଥିବାବେଳେ ଚାଇନା ଗୋଲକିପରଙ୍କୁ ପ୍ରତ୍ୟାହାର କରି ପୂରା ୧୧ଜଣ ଖେଳାଳିଙ୍କ ସହ ଆକ୍ରମଣାତ୍ମକ ଖେଳିଥିଲା। ମାତ୍ର ଭାରତୀୟ ରକ୍ଷଣଭାଗ ଗୋଲ ପରିଶୋଧ ହେବାକୁ ଦେଇ ନ ଥିଲା। ରନରଅପ୍ ହୋଇ ପ୍ରତିଯୋଗିତା ଶେଷ କରିବା ହେଉଛି ଚାଇନାର ସର୍ବଶ୍ରେଷ୍ଠ ପ୍ରଦର୍ଶନ। ଏହା ପୂର୍ବରୁ ଦଳ କେବଳ ୨୦୧୨ ଓ ୨୦୧୩ରେ ସର୍ବାଧିକ ୪ର୍ଥ ସ୍ଥାନରେ ସନ୍ତୁଷ୍ଟ ହୋଇଥିଲା। ଏହାକୁ ମିଶାଇ ଚାଇନା ଦ୍ୱିତୀୟ ଥର ପାଇଁ କୌଣସି ଅନ୍ତର୍ଜାତୀୟ ଟୁର୍ନାମେଣ୍ଟର ଫାଇନାଲ ଖେଳିଥିଲା। ପୂର୍ବରୁ ୨୦୦୬ ଏସିଆନ ଗେମ୍ସ ଫାଇନାଲ ଖେଳି କୋରିଆଠାରୁ ୧-୩ ଗୋଲରେ ପରାଜିତ ହୋଇଥିଲା। ଏଠାରେ ଫାଇନାଲ ପୂର୍ବରୁ ଅନୁଷ୍ଠିତ ପ୍ଲେ-ଅଫ୍ ମ୍ୟାଚରେ ଦକ୍ଷିଣ କୋରିଆକୁ ୫-୨ ଗୋଲରେ ହରାଇ ପାକିସ୍ତାନ ତୃତୀୟ ସ୍ଥାନ ହାସଲ କରିଛି।

## ୨୫ରେ ଡ୍ରିମ୍‌ସର ପୂଜ୍ୟପୂଜା ସମାରୋହ

ଭୁବନେଶ୍ୱର,୧୭।୯(ଅଭୟ ଦାଶ)

ରାଜ୍ୟର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ତଥା ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ 'ପୂଜ୍ୟପୂଜା ସମାରୋହ' ୨୦୨୪ ସେପ୍ଟେମ୍ବର ୨୫ରେ ଆୟୋଜିତ ହେଉଛି। ଏପରିକି ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ରାଜ୍ୟର ୫ ଜଣ ପ୍ରତିଭାବାନ୍‌ଙ୍କୁ ଧନେଶ୍ୱର ରଥ ସ୍ମୃତି ସମ୍ମାନ ପ୍ରଦାନ କରାଯିବ। ଅପରପକ୍ଷରେ ବିଶିଷ୍ଟ ସନ୍ଥ ସ୍ୱାମୀ ଡ. ଶଙ୍କରାନନ୍ଦ ସରସ୍ୱତୀ ମହାରାଜ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେବେ ବୋଲି ସୂଚନା ମିଳିଛି। ଏପରିକି ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ଉକ୍ତ କାର୍ଯ୍ୟକ୍ରମ ଚୂଡାନ୍ତ ହୋଇଛି। ସେହିଭଳି ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଅର୍ଜନ କରିଥିବା ରାଜ୍ୟର ୫ ପ୍ରତିଭାସମ୍ପନ୍ନ ବ୍ୟକ୍ତି ଯଥା ଶିକ୍ଷା ଓ ସାହିତ୍ୟ କ୍ଷେତ୍ରରେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ପ୍ରସନ୍ନ କୁମାର ସ୍ୱାଇଁ, ସେବା ଓ ସାମ୍ବାଦିକତା କ୍ଷେତ୍ରରେ ରାଜ୍ୟ ସୂଚନା ଆୟୁକ୍ତ ସୁଶାନ୍ତ କୁମାର ମହାନ୍ତି, କଳା ସଂସ୍କୃତି କ୍ଷେତ୍ରରେ ବିଶିଷ୍ଟ କଣ୍ଠଶିଳ୍ପୀ ଗୀତା ପଟ୍ଟନାୟକ, ଶ୍ରୀଜଗନ୍ନାଥ ସଂସ୍କୃତି ଓ ଗବେଷଣା କ୍ଷେତ୍ରରେ ଭାସ୍କର ମିଶ୍ର ଏବଂ କ୍ରୀଡା କ୍ଷେତ୍ରରେ ଅଲିମ୍ପିଆନ୍ ଶ୍ରାବଣୀ ନନ୍ଦଙ୍କୁ 'ଧନେଶ୍ୱର ରଥ ସ୍ମୃତି ସମ୍ମାନ-୨୦୨୪' ପ୍ରଦାନ ଲାଗି ମନୋନୀତ କରାଯାଇଛି। ଉଲ୍ଲେଖଯୋଗ୍ୟ, ୨୦୨୪ ସେପ୍ଟେମ୍ବର ୨୫ ପୂର୍ବାହ୍ନ ୧୧ ଘଟିକାରେ କର୍ମଯୋଗୀ ଧନେଶ୍ୱର ରଥଙ୍କ ୩୦ତମ ପୁଣ୍ୟତିଥି ଅବସରରେ କଟକ ଟାଙ୍ଗୀସ୍ଥିତ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ଅଡିଟୋରିୟମ୍‌ଠାରେ ଆୟୋଜିତ 'ପୂଜ୍ୟପୂଜା ସମାରୋହ-୨୦୨୪'ରେ ଏହି ସମ୍ମାନ ପ୍ରଦାନ କରାଯିବ।

**୫ ପ୍ରତିଭା ପାଇବେ ଧନେଶ୍ୱର ରଥ ସ୍ମୃତି ସମ୍ମାନ**

## ନାବାଳିକାଙ୍କୁ ବଳାତ୍କାର ପରେ ହତ୍ୟା ସନ୍ଦେହ

ନବରଙ୍ଗପୁର,୧୭।୯(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ବ୍ଲକ କଣ୍ଟାଗାଁ ସଦର ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ ନିକଟରେ ଥିବା ଏକ ମୋବାଇଲ ଟାୱାର ପାଖରେ ଥିବା ବୁଦା ମୂଳରୁ ଜଣେ ୧୧ ବର୍ଷୀୟା ନାବାଳିକାଙ୍କ ମୃତଦେହକୁ ପୋଲିସ ଜବତ କରିଛି। ପାରିପାର୍ଶ୍ୱିକ ସ୍ଥିତିରୁ ବଳାତ୍କାର ପରେ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ତେନ୍ତୁଲିଖୁଣ୍ଟି ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି। ପରିବାର ଲୋକଙ୍କ ଅଭିଯୋଗ ଅନୁଯାୟୀ, ନାବାଳିକା ଜଣକ ମଧ୍ୟାହ୍ନରେ ଶୌଚ ପାଇଁ ଯାଇଥିଲେ। ବହୁ ସମୟ ଧରି ଝିଅ ଘରକୁ ନ ଫେରିବାରୁ ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ। ଝିଅର ସମସ୍ତ ସାଙ୍ଗସାଥି ଏବଂ ପଡୋଶୀଙ୍କୁ ଯୋଗାଯୋଗ କରିବା ପରେ ମଧ୍ୟ କୌଣସି ସୂଚନା ମିଳି ନ ଥିଲା। ପରେ ରାତି ପ୍ରାୟ ୮ଟାରେ ଗ୍ରାମରେ ଥିବା ମୋବାଇଲ ଟାୱାର ନିକଟରେ ଝିଅର ମୃତଦେହ ପଡ଼ିଥିବା ଦେଖିବାକୁ ପାଇଥିଲେ। ଏ ନେଇ ସଙ୍ଗେସଙ୍ଗେ ପରିବାର ଲୋକେ ପୋଲିସକୁ ଖବର ଦେଇଥିଲେ। ତେନ୍ତୁଲିଖୁଣ୍ଟି ଥାନା ଅଧିକାରୀ ଗୋପାଳକୃଷ୍ଣ ଆଗୁପାତ୍ର ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

# ‘ବୁଲ୍‌ଡୋଜର ନ୍ୟାୟ’ ଉପରେ ସୁପ୍ରିମକୋର୍ଟଙ୍କ ରୋକ

**ଅକ୍ଟୋବର ୧ ପର୍ଯ୍ୟନ୍ତ ଅଭିଯୁକ୍ତଙ୍କ ସମେତ କୌଣସି ବ୍ୟକ୍ତିଙ୍କ ଘର ଭଙ୍ଗା ଯାଇପାରିବନାହିଁ**



ନୂଆଦିଲ୍ଲୀ, ୧୭।୯(ପି.ଟି.)

ତଥାକଥିତ ‘ବୁଲ୍‌ଡୋଜର ନ୍ୟାୟ’ ଉପରେ ସୁପ୍ରିମକୋର୍ଟ ମଙ୍ଗଳବାର ରୋକ୍ ଲଗାଇଛନ୍ତି। ଏପରିକି ବେଆଇନ ନିର୍ମାଣକୁ ଭାଙ୍ଗିବା ମଧ୍ୟ ସାମ୍ବିଧାନିକ ଲୋକାଚାରର ବିରୋଧୀ ବୋଲି ସର୍ବୋଚ୍ଚ ଅଦାଲତ କହିବା ସହ ଅକ୍ଟୋବର ୧ ପର୍ଯ୍ୟନ୍ତ ଅଭିଯୁକ୍ତଙ୍କ ସମେତ କୌଣସି ବ୍ୟକ୍ତିଙ୍କ ଘର ବିନା ଅନୁମତିରେ ନ ଭାଙ୍ଗିବାକୁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ସର୍ବସାଧାରଣ ରାସ୍ତା ଏବଂ ଫୁଟ୍‌ପାଥ ଇତ୍ୟାଦିରେ ବେଆଇନ ଭାବେ ନିର୍ମିତ ଢାଞ୍ଚା ପାଇଁ ଏହି ନିର୍ଦ୍ଦେଶ ଲାଗୁ ହେବନାହିଁ ବୋଲି ଜଷ୍ଟିସ୍ ବି.ଆର୍. ଗଭାଇ ଏବଂ କେ.ଭି. ବିଶ୍ୱନାଥନ୍‌ଙ୍କ ଖଣ୍ଡପୀଠ କହିଛନ୍ତି। ଅକ୍ଟୋବର ୧ରେ ମାମଲାର ପରବର୍ତ୍ତୀ ଶୁଣାଣି କରାଯିବାକୁ ଥିବାରୁ ସେ ପର୍ଯ୍ୟନ୍ତ କୋର୍ଟଙ୍କ ବିନା ଅନୁମତିରେ ବୁଲ୍‌ଡୋଜର କାର୍ଯ୍ୟାନୁଷ୍ଠାନ ନ ନେବାକୁ କୁହାଯାଇଛି।

ବିଭିନ୍ନ ରାଜ୍ୟରେ ଅଭିଯୁକ୍ତମାନଙ୍କ ଘରକୁ ବେଆଇନ ଭାବେ ଭାଙ୍ଗିଦିଆଯାଉଥିବାରୁ ଏହାକୁ ବିରୋଧ କରି ସୁପ୍ରିମକୋର୍ଟରେ ଏକାଧିକ ପିଟିଶନ ଦାଏର ହୋଇଥିଲା। ଏକ ନିର୍ଦ୍ଦିଷ୍ଟ ଧର୍ମର ଲୋକଙ୍କୁ ଟାର୍ଗେଟ କରାଯାଇ ସେମାନଙ୍କ ଘର ଭଙ୍ଗାଯାଉଥିବା ଏକ ପିଟିଶନରେ ଅଭିଯୋଗ ହୋଇଥିଲା। କ୍ଷତିଗ୍ରସ୍ତ ଲୋକେ ନୋଟିସ୍ ପାଇଥିବା ଏବଂ ସେମାନଙ୍କ ଗୃହ ନିର୍ମାଣ ବେଆଇନ ହୋଇଥିବାରୁ ସେମାନେ ଅଦାଲତକୁ ଆସୁନାହାନ୍ତି ବୋଲି ସଲିସିଟର ଜେନେରାଲ ତୁଷାର ମେହେଟ୍ଟା କହିଥିଲେ। ଜଣେ ବ୍ୟକ୍ତି ଅଭିଯୁକ୍ତ ହେବା ପରେ ତାଙ୍କ ଘରକୁ କିପରି ଭଙ୍ଗାଯିବ ବୋଲି ଗତ ୨ ତାରିଖରେ ସୁପ୍ରିମକୋର୍ଟ ପ୍ରଶ୍ନ କରିବା ସହ ଏହା ଉପରେ ଏକ ଗାଇଡ୍‌ଲାଇନ ଆଣିବାକୁ କହିଥିଲେ। ଏପରିକି ଜଣେ ଦୋଷୀସାବ୍ୟସ୍ତ ହେଲେ ମଧ୍ୟ ଆଇନଗତ ଅନୁମତି ବିନା ତାଙ୍କ ଘରକୁ ପ୍ରଶାସନ ଭାଙ୍ଗିପାରିବ ନାହିଁ ବୋଲି ସର୍ବୋଚ୍ଚ ଅଦାଲତ ଟିପ୍ପଣୀ ଦେଇଥିଲେ।

# ଆଜିଠୁ ରତ୍ନଭଣ୍ଡାରର ପ୍ରାରମ୍ଭିକ ନିରୀକ୍ଷଣ କରିବ ଏଏସ୍‌ଆଇ

ପୁରୀ, ୧୭।୯
(ଅଜିତ୍ କୁମାର ମହାନ୍ତି)

ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା(ଏଏସ୍‌ଆଇ) ପକ୍ଷରୁ ବୁଧବାର ଶ୍ରୀମନ୍ଦିର ରତ୍ନଭଣ୍ଡାରର ପ୍ରାରମ୍ଭିକ ନିରୀକ୍ଷଣ ଅନୁଷ୍ଠିତ ହେବ। ରାଜ୍ୟ ସରକାରଙ୍କ ଅନୁମୋଦନ ପରେ ଏହି ପ୍ରାରମ୍ଭିକ ନିରୀକ୍ଷଣ ଏବଂ ବୈଷୟିକ ଯାଞ୍ଚ ଅନୁଷ୍ଠିତ ହେବ। ଏଏସ୍‌ଆଇର ଅତିରିକ୍ତ ମହାନିର୍ଦ୍ଦେଶକଙ୍କ ନେତୃତ୍ୱରେ ଏକ ୨୬ ଜଣିଆ ଟିମ୍ ନିରୀକ୍ଷଣ କାର୍ଯ୍ୟ କରିବେ। ରାଜ୍ୟ ସରକାରଙ୍କ ଅନୁମୋଦିତ ମାର୍ଗଦର୍ଶିକା ଅନୁସାରେ ଏହା ଅନୁଷ୍ଠିତ ହେବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପୂର୍ବରୁ ସୂଚନା ପ୍ରଦାନ କରାଯାଇଛି। ତେବେ ଏଏସ୍‌ଆଇ ପକ୍ଷରୁ ରତ୍ନଭଣ୍ଡାରର ନିରୀକ୍ଷଣ ଓ ବୈଷୟିକ ଯାଞ୍ଚ ସମୟରେ ଯେପରି ମହାପ୍ରଭୁଙ୍କ ନୀତିକାନ୍ତିରେ କୌଣସି ସମସ୍ୟା ନ ହେବ ସେଥିପ୍ରତି ଧ୍ୟାନ ଦିଆଯାଇ ସ୍ୱତନ୍ତ୍ର ନୀତି ନିର୍ଘଣ୍ଟ ଚୂଡ଼ାନ୍ତ କରାଯାଇଛି। ବିଶେଷ ନୀତି ନିର୍ଘଣ୍ଟ ଅନୁସାରେ ମହାପ୍ରଭୁଙ୍କ ଦ୍ୱିତୀୟ ଭୋଗ ମଣ୍ଡପ ସମ୍ପନ୍ନ ପରେ ଦିନ ପ୍ରାୟ ୧ଟା ଠାରୁ ନିରୀକ୍ଷଣ କାର୍ଯ୍ୟ ଆରମ୍ଭ ହେବ। ତେଣୁ ଏହି ସମୟରେ ମହାପ୍ରଭୁଙ୍କ ନୀତି ବନ୍ଦ ରହିବା ସହ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ। ନିରୀକ୍ଷଣ କାର୍ଯ୍ୟ ସମ୍ପନ୍ନ ହେବା ପରେ ପୁନର୍ବାର ମହାପ୍ରଭୁଙ୍କ ନୀତି ଆରମ୍ଭ ହେବା ସହ ସର୍ବସାଧାରଣ ଦର୍ଶନ ଆରମ୍ଭ ହେବ। ତେବେ ନିରୀକ୍ଷଣ ସମୟରେ ମହାପ୍ରସାଦ କ୍ରୟ କରିବାକୁ ଇଚ୍ଛୁକ ଭକ୍ତ ସିଂହଦ୍ୱାର ପଟେ ବାଇଶି ପାହାଚ ଦେଇ ଆନନ୍ଦ ବଜାରରୁ ମହାପ୍ରସାଦ କ୍ରୟ କରି ଉତ୍ତର ଦ୍ୱାର ପଟେ ଉକ୍ତ ସମୟରେ ପ୍ରସ୍ଥାନ କରିପାରିବେ।

## ଖୋଲିପାରେ ଗୁପ୍ତ ସୁଡ଼ଙ୍ଗ ରହସ୍ୟ

ତେବେ ପୂର୍ବରୁ ରାଜ୍ୟ ସରକାରଙ୍କ ଅନୁମୋଦିତ ମାର୍ଗଦର୍ଶିକା ଅନୁସାରେ ବାହାର ଓ ଭିତର ରତ୍ନଭଣ୍ଡାରରୁ ସମସ୍ତ ଅଳଙ୍କାର ଅସ୍ଥାୟୀ ଷ୍ଟ୍ରଙ୍ଗ୍ ରୁମ୍‌କୁ ସ୍ଥାନାନ୍ତରଣ ହେବାପରେ ଖାଲି ଆଲ୍‌ମିରା ତଥା ସିନ୍ଦୁକଗୁଡ଼ିକ ସ୍ଥାନାନ୍ତରିତ ହୋଇସାରିଛି। ତା’ପରେ ଏଏସ୍‌ଆଇକୁ ସଂରକ୍ଷଣ ତଥା ମରାମତି କାର୍ଯ୍ୟ ହାତକୁ ନେବାକୁ ଶ୍ରୀମନ୍ଦିର ପ୍ରଶାସନ ଅନୁରୋଧ କରିଥିଲେ। ତେବେ ମରାମତି ପୂର୍ବରୁ ଅତ୍ୟାଧୁନିକ ଜ୍ଞାନକୌଶଳ ବ୍ୟବହାର କରି ସର୍ଭେ କରାଯିବାକୁ ଅନୁରୋଧ କରାଯାଇଥିଲା। ଏହାଦ୍ୱାରା ଯେପରି ଶ୍ରୀମନ୍ଦିର ଉପରେ କୌଣସି ପ୍ରତିକୂଳ ପ୍ରଭାବ ନ ପଡ଼ିବ ସେଥିପ୍ରତି ସମ୍ମାନ ଦେବାକୁ ଏଏସ୍‌ଆଇକୁ ଅନୁରୋଧ କରାଯାଇଥିଲା। ପୂର୍ଣ୍ଣାଙ୍ଗ ଅତ୍ୟାଧୁନିକ ତଥା ବୈଷୟିକ ଯାଞ୍ଚ ପରେ ଏଏସ୍‌ଆଇ ରତ୍ନଭଣ୍ଡାରର ସଂରକ୍ଷଣ ଓ ମରାମତି କାର୍ଯ୍ୟ ଅବିଳମ୍ବେ ସାରିବାକୁ ମୁଖ୍ୟ ପ୍ରଶାସକ ଅନୁରୋଧ କରିଥିଲେ। ଏବେ ଏଏସ୍‌ଆଇ ପକ୍ଷରୁ ରତ୍ନଭଣ୍ଡାରର ପ୍ରାରମ୍ଭିକ ନିରୀକ୍ଷଣ କରାଯିବା ପରେ ରାଜ୍ୟ ତଥା ଅଗଣିତ ଭକ୍ତଙ୍କ ସନ୍ଦେହ ଦୂରହେବ ବୋଲି ଆଶା କରାଯାଉଛି। ରତ୍ନଭଣ୍ଡାର ମଧ୍ୟରେ ଗୁପ୍ତ ସୁଡ଼ଙ୍ଗ କିମ୍ବା କୋଠରି ରହିଛି କି ନାହିଁ ତାହା ଜଣାପଡ଼ିବ ବୋଲି ଆଶା କରାଯାଉଛି।

# ଗୀତିନାଟ୍ୟ ନିର୍ଦ୍ଦେଶକ ନାରାୟଣ ସିଂଙ୍କ ପରଲୋକ

କଟକ, ୧୭।୯ (କାର୍ତ୍ତିକ ସାହୁ)



ବିଶିଷ୍ଟ ଅଭିନେତା, ନାଟ୍ୟ ନିର୍ଦ୍ଦେଶକ ତଥା ହାଇକୋର୍ଟର ଅବସରପ୍ରାପ୍ତ କର୍ମଚାରୀ ନାରାୟଣ ସିଂ(୭୮)ଙ୍କର ମଙ୍ଗଳବାର ପ୍ରତ୍ୟୁଷରୁ ପରଲୋକ ହୋଇଯାଇଛି। ସେ କିଛିଦିନ ଧରି କର୍କଟ ରୋଗରେ ପୀଡ଼ିତ ଥାଇ ଚିକିତ୍ସାଧୀନ ଥିଲେ। ପରଲୋକ ଖବର ପାଇ ଚୌଧୁରୀ ଭାରତୀକୃଷ୍ଣ, ଅଭିନେତ୍ରୀ ନମ୍ରତା ଦାସ, ସତ୍ୟ ନାରାୟଣ ଦାସ, ଅଶୋକ ଚୌଧୁରୀ, ନିମାନନ୍ଦ ପାତ୍ର, ଡା. ରବିରଞ୍ଜନ ସାହୁଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ କଟକ କାଳୀଗଳି ବୁଢ଼ୀ ଠାକୁରାଣୀ ଲେନ୍‌ସ୍ଥିତ ତାଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ କରିଛନ୍ତି। ଖାନ୍‌ନଗର ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ବଡ଼ପୁଅ ରବିଶଙ୍କର ସିଂ ମୁଖାଗ୍ନି ଦେଇଛନ୍ତି।

ସୂଚନା ଅନୁଯାୟୀ, ନାରାୟଣ ଜଣେ ସଫଳ ନାଟ୍ୟ ନିର୍ଦ୍ଦେଶକ ଓ ଅଭିନେତା ଭାବେ ସୁପରିଚିତ ଥିଲେ। ସେ ଶତାଧିକ ମଞ୍ଚ, ବେତାର, ଟେଲିଭିଜନରେ ଅଭିନୟ କରିଥିବାବେଳେ ଜଣେ ସରଳ, ନିଷ୍କପଟ, ମିଷ୍ଟଭାଷୀ, ବନ୍ଧୁବତ୍ସଳ ଓ ଧର୍ମପ୍ରାଣ ମଣିଷ ଭାବେ ତାଙ୍କର ଖ୍ୟାତି ଥିଲା। ସେ ପାରମ୍ପରିକ ଗୀତିନାଟ୍ୟର ପ୍ରଚାର ଓ ପ୍ରସାର ପାଇଁ ନିରବଚ୍ଛିନ୍ନ ଭାବେ ନିର୍ଦ୍ଦେଶକ, ସଙ୍ଗଠକ, ଅଭିନେତା ଭାବେ ଅବିରତ କାର୍ଯ୍ୟ କରିଥିଲେ। ଲୁପ୍ତପ୍ରାୟ ଲୋକକଳାକୁ ବଞ୍ଚାଇ ରଖିବା ଓ ତାର ପ୍ରଚାର ପ୍ରସାର ପାଇଁ ଅନବରତ ଉଦ୍ୟମ ଜାରି ରଖିଥିଲେ। ଗୀତିନାଟ୍ୟ ଅନୁଷ୍ଠାନ ସଂସ୍କୃତି ବିହାରର ଯୁଗ୍ମ ସମ୍ପାଦକ ଭାବେ ସେ କାର୍ଯ୍ୟରତ ଥିଲେ। ତାଙ୍କର ଉତ୍ସର୍ଗୀକୃତ ସେବା ପାଇଁ ଦେବଦାସୀ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ସ୍ୱତନ୍ତ୍ର ଉତ୍ସବରେ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୁରାତନ ନାଟ୍ୟାନୁଷ୍ଠାନ ଜନତା ରଙ୍ଗମଞ୍ଚକୁ ପୁନର୍ଗଠନ କରିବା ଦିଗରେ ସେ ଉଦ୍ୟମ ଅବ୍ୟାହତ ରଖିଥିଲେ। ସେ ବହୁ ମଞ୍ଚ ନାଟକର ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରିଛନ୍ତି। ଏଥିସହ ଜନତା ରଙ୍ଗମଞ୍ଚରେ ଶ୍ରୀମତୀ ସମାର୍ଜନୀ ନାଟକରେ ନିଜେ ଅଭିନୟ କରି ଦର୍ଶକଙ୍କ ହୃଦୟ ଜିଣିଥିଲେ। ତାଙ୍କ ବିୟୋଗରେ ଜନତା ରଙ୍ଗମଞ୍ଚ ପରିଚାଳନା କମିଟି ପକ୍ଷରୁ କାର୍ଯ୍ୟକାରୀ ସଭାପତି ଦିପେନ ଘୋଷ, ଉପସଭାପତି ଅମରେନ୍ଦ୍ର ମହାନ୍ତି, ସମ୍ପାଦକ ବିନୋଦ ବେହେରା, ସଙ୍ଗଠନ ସମ୍ପାଦକ ଇନ୍ଦ୍ରଜିତ୍ ଘୋଷ, କୋଷାଧ୍ୟକ୍ଷ ସୁକାନ୍ତ ଦାସ ପ୍ରମୁଖ ଗଭୀର ଶୋକପ୍ରକାଶ କରିଛନ୍ତି।

# ବିଦ୍ୟୁତ୍ ସଂସ୍ପର୍ଶରେ ବୃଦ୍ଧଙ୍କ ମୃତ୍ୟୁ

ଦାରିଙ୍ଗବାଡ଼ି, ୧୭।୯ (ଅରୁଣ ସାହୁ)

କନ୍ଧମାଳ ଓ ଗଞ୍ଜାମ ସୀମାରେ ଥିବା ବାଇମାଲା ଗାଁରେ ସୋମବାର ସନ୍ଧ୍ୟାରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଉକ୍ତ ଗ୍ରାମର ରମେଶ ପ୍ରଧାନ (୬୨)। ବିଦ୍ୟୁତ୍ ବିଭାଗ ଫୋନ୍ ନ ଉଠାଇବାରୁ ରମେଶଙ୍କ ମୃତ୍ୟୁ ଘଟିଥିବା ନେଇ ପରିବାର ଲୋକେ ସ୍ଥାନୀୟ ଥାନାରେ ଅଭିଯୋଗ କରିଛନ୍ତି। ସୋରଡ଼ା ଥାନା ଗାଜଲବାଡି ପଞ୍ଚାୟତର ବାଇମାଲା ଗାଁଟି ଦାରିଙ୍ଗବାଡି ନିକଟରେ ରହିଛି। ଉକ୍ତ ଗାଁରେ ଲଘୁଚାପ ଜନିତ ବର୍ଷା ଲାଗି ରହିଥିବା ବେଳେ ରମେଶଙ୍କ ବାଡି ପଟେ ଏକ ଅମୃତଭଣ୍ଡା ଗଛ ବର୍ଷାରେ ଭାଙ୍ଗି ବିଦ୍ୟୁତ୍ ତାର ଉପରେ ପଡିଯାଇଥିଲା। ଫଳରେ ତାର ଛିଣ୍ଡି ଯାଇଥିଲା। ଏହି ସମୟରେ ରମେଶ କଣ ପଡ଼ିଲା ବୋଲି ଶବ୍ଦ ଶୁଣି ବାଡିକୁ ଯାଇଥିଲେ। ଫଳରେ ସେ ବିଦ୍ୟୁତ ସଂସ୍ପର୍ଶରେ ଆସିଯାଇଥିଲେ। ତାଙ୍କ ପାଟି ଶୁଣି ପରିବାର ଲୋକେ ପହଞ୍ଚି ବିଦ୍ୟୁତ୍ ବିଭାଗକୁ ଫୋନ କରିଥିଲେ। କିନ୍ତୁ ସେମାନେ ନିକଟସ୍ଥ ବିଦ୍ୟୁତ୍ ବିଭାଗ ସହ ଯୋଗାଯୋଗ କରିବାକୁ କହିଥିଲେ। ହେଲେ ବିଦ୍ୟୁତ୍ କାଟ୍ ପାଇଁ କୌଣସି ପଦକ୍ଷେପ ନେଲେ ନାହିଁ ବୋଲି ମୃତକଙ୍କ ପରିବାରର ବଡ଼ ପୁଅ ଅପନା ପ୍ରଧାନ ଅଭିଯୋଗ କରିଛନ୍ତି।

# ବିପଦସଙ୍କୁଳ ଅବସ୍ଥାରେ ନାଳ ପାର

- **ଛାତ୍ରୀଛାତ୍ରଙ୍କ ଜୀବନ ପ୍ରତି ବିପଦ**
- **ଅଭିଯୋଗ ପରେ ବି ନିର୍ମାଣ ହେଉନି ପୋଲ**

ଚମ୍ପୁଆ, ୧୭।୯ (ମହେଶ୍ୱର ଦାସ)



କେନ୍ଦୁଝର ଜିଲା ଚମ୍ପୁଆ ବ୍ଲକ୍ ଅଧୀନ ଚନ୍ଦ୍ରଶେଖରପୁର ପଞ୍ଚାୟତର କାଞ୍ଜିଆଶୁଳା ପଞ୍ଚୁସାହିକୁ ନିତିଦିନିଆ ରାସ୍ତା ନ ଥିବାରୁ ବିପଦସଙ୍କୁଳ ଅବସ୍ଥାରେ ଛାତ୍ରୀଛାତ୍ର ନାଳ ପାରହୋଇ ବିଦ୍ୟାଳୟ ଯାଉଥିବା ଦେଖିବାକୁ ମିଳିଛି। ୩ ଥର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଅଭିଯୋଗ ପରେ ମଧ ମୁଖ୍ୟ ରାସ୍ତାରୁ ନାଳ ପାରହେବା ପାଇଁ ପୋଲଟିଏ ନିର୍ମାଣ ହୋଇପାରିନାହିଁ। ଫଳରେ ଛାତ୍ରିଛାତ୍ରୀଙ୍କ ସମେତ ସାହିର ଲୋକେ ବର୍ଷାଦିନରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ସୂଚନା ଅନୁଯାୟୀ, ପଞ୍ଚୁସାହି କାଞ୍ଜିଆଶୁଳା ଗ୍ରାମର ଏକ ଅଂଶ । ଏହି ସାହିରେ ରହୁଥିବା ଅଧିବାସୀମାନେ ମୁଖ୍ୟ ରାସ୍ତାକୁ ଅସିବାକୁ ହେଲେ ଏକ ନାଳ ପାରିହୋଇ ଆସିବାକୁ ପଡୁଛି। ବର୍ଷାଦିନେ ଏହି ନାଳରେ ଜଳସ୍ତର ବଢୁଥିବା ବେଳେ ଛାତ୍ରୀଛାତ୍ରଙ୍କଠାରୁ ଆରମ୍ଭକରି ଗ୍ରାମବାସୀ ବିପଦସଙ୍କୁଳ ଅବସ୍ଥାରେ ପାରିହେଉଛନ୍ତି। ବର୍ଷା ହେଲେ ଅଭିଭାବକମାନେ ନିଜ ପିଲାମାନଙ୍କୁ କାନ୍ଧରେ ବସାଇ ନାଳ ପାରକରୁଛନ୍ତି। ଏ ସମ୍ପର୍କରେ ସ୍ଥାନୀୟ ସରପଞ୍ଚ ଜୟମଣୀ ନାଏକଙ୍କୁ ପଚାରିବାରୁ ଏହି ସମସ୍ୟା ନେଇ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଅଭିଯୋଗ କରିଛୁ। କିଛିଦିନ ତଳେ ଚମ୍ପୁଆ ବିଡିଓ ଘଟଣାସ୍ଥଳକୁ ଆସିଥିଲେ। ମାତ୍ର ବର୍ତ୍ତମାନ ସୁଦ୍ଧା କୌଣସି ସମାଧାନ ହୋଇପାରିନାହିଁ ବୋଲି କହିଛନ୍ତି। ସେହିପରି ସମିତି ସଭ୍ୟ କୃଷ୍ଣଚନ୍ଦ୍ର ମୁଣ୍ଡା କୁହନ୍ତି, ଅଭିଯୋଗ ଦିଆଯାଉଛି ସତ, ମାତ୍ର କାର୍ଯ୍ୟାନୁଷ୍ଠାନ ହେଉନାହିଁ। ଆସନ୍ତା ପଞ୍ଚାୟତ ସମିତି ବୈଠକରେ ପୁଣି ପ୍ରସ୍ତାବ ଦିଆଯିବ।

# ଲୋକଙ୍କ ଖାଦ୍ୟ ପାଇଁ ମରାଯିବ ୨୦୦ ହାତୀ

ହରାରେ, ୧୭।୯



ଏଲ୍‌ନିନୋ ପ୍ରଭାବରେ ଜିମ୍ବାୱେ ଓ ଅନ୍ୟ ଦକ୍ଷିଣ ଆଫ୍ରିକୀୟ ଦେଶଗୁଡ଼ିକରେ ୪ ଦଶନ୍ଧି ମଧ୍ୟରେ ସବୁଠୁ ଉତ୍କଟ ମରୁଡ଼ି ସ୍ଥିତି ଦେଖାଦେଇଛି। ଏହାର ପ୍ରଭାବରେ ବହୁ ଫସଲ ନଷ୍ଟ ହେବା ସହ ୬.୮ କୋଟି ଲୋକ ପ୍ରଭାବିତ ହୋଇଛନ୍ତି। ଜିମ୍ବାୱେରେ ମରୁଡ଼ି ଯୋଗୁ ଖାଦ୍ୟ ଅଭାବ ଦେଖାଦେଇଛି। ତେଣୁ ଲୋକଙ୍କ ଭୋକ ମେଣ୍ଟାଇବା ପାଇଁ ଜିମ୍ବାୱେ ସରକାର ୨୦୦ ହାତୀଙ୍କୁ ମାରିବାକୁ ଯୋଜନା ପ୍ରସ୍ତୁତ କରିଛନ୍ତି। ଜିମ୍ବାୱେ ବନ୍ୟପ୍ରାଣୀ ପ୍ରାଧିକରଣ ମୁଖପାତ୍ର ତିନଶେ ଫରାୱ୍ ଏନେଇ ସୂଚନା ଦେଇ କହିଛନ୍ତି, ମରୁଡ଼ି ଯୋଗୁ ଦେଶରେ ସମ୍ବଳର ମାତ୍ରା କମିଛି। ତେଣୁ କେତେକ ଅଞ୍ଚଳରେ ଲୋକେ ୨ ଓଳି ମଧ୍ୟ ଖାଇବାକୁ ପାଉନାହାନ୍ତି। ତେଣୁ ସରକାର ଦେଶବ୍ୟାପୀ ୨୦୦ ହାତୀ ମାରିବାକୁ ଯୋଜନା କରିଛନ୍ତି। ମରୁଡ଼ି କ୍ଷତିଗ୍ରସ୍ତ ଅଞ୍ଚଳରେ ଲୋକମାନଙ୍କ ଭୋକ ମେଣ୍ଟାଇବାକୁ ହାତୀ ମାଂସ ପ୍ରଦାନ କରାଯିବ। ତେବେ ସମ୍ପୂର୍ଣ୍ଣ ପ୍ରକ୍ରିୟାକୁ କିପରି ପୂରଣ କରାଯିବ, ସେନେଇ ଆଲୋଚନା ଚାଲିଛି ବୋଲି ଫରାୱ୍ କହିଛନ୍ତି। ଜିମ୍ବାୱେରେ ଥିବା ବିଭିନ୍ନ ବନ୍ୟପ୍ରାଣୀ ସଂରକ୍ଷଣ ଓ ଜାତୀୟ ଉଦ୍ୟାନଗୁଡ଼ିକରେ ବହୁ ସଂଖ୍ୟାରେ ହାତୀ ରହୁଛନ୍ତି। ମରୁଡ଼ି ଯୋଗୁ ଦେଶର ସମ୍ବଳରେ ଅଭାବ

## ଜିମ୍ବାୱେରେ ଉତ୍କଟ ମରୁଡ଼ି

ଦେଖାଦେଇଥିବାରୁ ମାନବ-ବନ୍ୟଜନ୍ତୁ ସଂଘର୍ଷ ବୃଦ୍ଧି ପାଇଥିବା ନେଇ ଫରାୱ୍ ସ୍ୱୀକାର କରିଛନ୍ତି। ଗତ ମାସରେ ପଡ଼ୋଶୀ ନାମିବ୍ୟାରେ ମଧ୍ୟ ମରୁଡ଼ି ପ୍ରଭାବିତ ଲୋକଙ୍କର କ୍ଷୁଧା ମେଣ୍ଟାଇବା ପାଇଁ ୮୩ଟି ହାତୀଙ୍କୁ ହତ୍ୟା କରାଯାଇଥିଲା। ଅନୁରୂପ ଭାବେ ଜିମ୍ବାୱେରେ ୨୦୦ ହାତୀଙ୍କୁ ହତ୍ୟା କରାଯିବ ବୋଲି ସେ କହିଛନ୍ତି। ଜିମ୍ବାୱେରେ ମୋଟ ୮୪ ହଜାର ହାତୀ ବସବାସ କରୁଛନ୍ତି। ସେମାନଙ୍କ ମଧ୍ୟରୁ ମାତ୍ର ୨୦୦ ହାତୀଙ୍କୁ ମରାଯିବ। ଏହା ସମୁଦ୍ରକୁ ଶଙ୍ଖେ ପରି। ତେଣୁ ଏତେ କମ୍ ସଂଖ୍ୟକ ହାତୀମୃତ୍ୟୁରେ ଖାଦ୍ୟ ଶୃଙ୍ଖଳ ପ୍ରଭାବିତ ହେବ ନାହିଁ ବୋଲି ଫରାୱ୍ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ଜିମ୍ବାୱେର ପରିବେଶ ଓ ଜଳବାୟୁ ମନ୍ତ୍ରୀ ନକୋବିଜିଆ ମଙ୍ଗାଲିସୋ ଏଣ୍ଡଲୋବୁ ଗତ ସପ୍ତାହରେ କହିଥିଲେ, ଦେଶରେ ହାତୀସଂଖ୍ୟା ଆବଶ୍ୟକତାଠାରୁ ଅଧିକ ରହିଛି। ଜିମ୍ବାୱେରେ ଥିବା ସମସ୍ତ ବନ୍ୟପ୍ରାଣୀ ସଂରକ୍ଷଣ ଓ ଜାତୀୟ ଉଦ୍ୟାନଗୁଡ଼ିକରେ ୫୫ ହଜାର ହାତୀ ରହିବା ପାଇଁ ଉଦ୍ଦିଷ୍ଟ ଥିବାବେଳେ ସମ୍ପ୍ରତି ଏଠାରେ ୮୪ ହଜାର ହାତୀ ବସବାସ କରୁଛନ୍ତି। ଭୟଙ୍କର ମରୁଡ଼ି ଯୋଗୁ ଫସଲ ନଷ୍ଟ ହୋଇଛି ଏବଂ ଦେଶର ସଂଶାଧନ କମିଛି। ତେଣୁ ଜିମ୍ବାୱେରେ ହାତୀମାନଙ୍କୁ ବଞ୍ଚିବା ପାଇଁ ଦରକାରଠାରୁ କମ୍ ଆହାର ମିଳୁଥିବା ସେ କହିଥିଲେ। ସୂଚନାଯୋଗ୍ୟ, ୫ ଦକ୍ଷିଣ ଆଫ୍ରିକୀୟ ଦେଶ ଜିମ୍ବାୱେ, ନାମିବ୍ୟା, ବୋତ୍ସ୍ୱାନା, ଜାମ୍ବିଆ ଏବଂ ଆଙ୍ଗୋଲାର ବନ୍ୟଜନ୍ତୁ ସଂରକ୍ଷଣ ଅଞ୍ଚଳଗୁଡ଼ିକରେ ୨ ଲକ୍ଷରୁ ଅଧିକ ହାତୀ ବସବାସ କରୁଛନ୍ତି। ଉକ୍ତ ଅଞ୍ଚଳ ସମଗ୍ର ବିଶ୍ୱରେ ସର୍ବାଧିକ ହାତୀ ରହୁଥିବା ଅଞ୍ଚଳ ଭାବେ ପରିଗଣିତ ହୋଇଛି। ବିଶ୍ୱର ସର୍ବାଧିକ ହାତୀ ବୋତ୍ସ୍ୱାନାରେ ଥିବାବେଳେ ଏହି ତାଲିକାରେ ଜିମ୍ବାୱେ ଦ୍ୱିତୀୟ ସ୍ଥାନରେ ରହିଛି। ଜିମ୍ବାୱେ ନିଜର ବନ୍ୟପ୍ରାଣୀ ସଂରକ୍ଷଣ ପ୍ରୟାସ ଏବଂ ହାତୀଙ୍କର ବଢୁଥିବା ଜନସଂଖ୍ୟା ଯୋଗୁ ମିଳିତ ଜାତିସଂଘ ପକ୍ଷରୁ ବହୁବାର ପ୍ରଶଂସିତ ହୋଇଛି।

# ଶିକ୍ଷକଙ୍କ ବିରୋଧରେ ବଳାତ୍କାର ଅଭିଯୋଗ ଆଣିଲେ ରୋଷେୟା

ରାୟଗଡ଼ା, ୧୭।୯ (ଆଶିଷ ରଞ୍ଜନ ପଣ୍ଡା)

**ବୁଡୁବାଲି ଆଶ୍ରମ ବିଦ୍ୟାଳୟ**

ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକ ଅନ୍ତର୍ଗତ ବୁଡୁବାଲି ଆଶ୍ରମ ବିଦ୍ୟାଳୟର ସହକାରୀ ଶିକ୍ଷକଙ୍କ ବିରୋଧରେ ବଳାତ୍କାର ଅଭିଯୋଗ ଆଣିଛନ୍ତି ସେହି ବିଦ୍ୟାଳୟରେ କାର୍ଯ୍ୟରତ ଜଣେ ମହିଳା ରୋଷେୟା। ଏ ନେଇ ମହିଳା ଜଣକ ଚନ୍ଦ୍ରପୁର ଥାନାରେ ଅଭିଯୋଗ କରିଛନ୍ତି। ମହିଳାଙ୍କ ଅଭିଯୋଗ ଅନୁଯାୟୀ, ଆଶ୍ରମ ବିଦ୍ୟାଳୟର ସହକାରୀ ଶିକ୍ଷକ ରାମଚନ୍ଦ୍ର ପାଢ଼ୀ କିଛି ମାସ ହେଲା ତାଙ୍କୁ ଯୌନ ନିର୍ଯାତନା ଦେଉଥିଲେ। ଗତ ଜୁଲାଇରେ ବଳପୂର୍ବକ ବଳାତ୍କାର କରିଥିଲେ। ଘଟଣା ସମ୍ପର୍କରେ କାହାକୁ ଜଣାଇଲେ ବଦନାମ କରିଦେବେ ବୋଲି ଧମକ ଦେଉଥିଲେ। ଲୋକଲଜ୍ଜା ଭୟରେ ସେ ଅଭିଯୋଗ କରୁ ନ ଥିଲେ। ଶିକ୍ଷକ ଜଣକ ବାରମ୍ବାର ନିର୍ଯାତନା ଦେବାରୁ ଏଥିରେ ଅତିଷ୍ଠ ହୋଇ ସ୍ଥାନୀୟ ଲୋକଙ୍କୁ ଶିକ୍ଷକଙ୍କ କାର୍ଯ୍ୟକଳାପ ବିଷୟରେ ଜଣାଇଥିଲେ। ଗ୍ରାମବାସୀଙ୍କ ସହାୟତାରେ ସୋମବାର ଚନ୍ଦ୍ରପୁର ଥାନାକୁ ଯାଇ ଶିକ୍ଷକଙ୍କ ବିରୋଧରେ ଲିଖିତ ଭାବରେ ଅଭିଯୋଗ କରିଥିବା ସେ କହିଛନ୍ତି। ଏ ନେଇ ସହକାରୀ ଶିକ୍ଷକ ପାଢ଼ୀଙ୍କୁ ପଚାରିବାରୁ ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା। ରୋଷେୟାଙ୍କୁ ନିଜ କାର୍ଯ୍ୟରେ ଅବହେଳା କରୁଥିବା ନେଇ ମୁ ତାଗିଦ କରୁଥିବାରୁ ସେ ପ୍ରତିଶୋଧ ପରାୟଣ ହୋଇ ମୋ ବିରୋଧରେ ଏଭଳି ଅଭିଯୋଗ କରିଥିବା କହିଛନ୍ତି। ଚନ୍ଦ୍ରପୁର ପୋଲିସ ଏ ନେଇ କେସ୍ ନଂ. ୭୪/୨୪ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିବା ଆଇଆଇସି ଧରଣୀଧର ପ୍ରଧାନ ସୂଚନା ଦେଇଛନ୍ତି। ଶିକ୍ଷକ ପାଢ଼ୀ ବର୍ତ୍ତମାନ ଫେରାର ଥିବା ସେ କହିଛନ୍ତି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

ମହାରାଜ ସବୁ ପ୍ରକାର ନିରାମିଷ ବ୍ୟଞ୍ଜନ ରାନ୍ଧିପାରୁଥିବା (ବୟସ ୩୦ ପର୍ଯ୍ୟନ୍ତ) ଏବଂ ସବୁ ଘରଚାକର ଘରର ସବୁ କାମ କରିବାବାଲା ତୁରନ୍ତ ଆବଶ୍ୟକ। ଦରମା ମୋବାଇଲରେ ସ୍ଥିର କରାଯିବ।
ଯୋଗାଯୋଗ: ୭୦୪୫୫୭୭୫୩୩

WANTED
For Gas Plant Male /Female
Eligibility :- 10th to Graduate+Diploma Holder Technical Staff, Computer Operator, Store Incharge, Accountant, Fitter, Welder, Electrician, Plumber, Wireman Salary (22500/- to 42500/-) Food+Room+Cab (Send CV on this Email Id: recruitmentongc2023@gmail.com)
CONTACT : (W) 09654051305

REQUIRED UNISEX SPA
1. RECEPTIONIST (7 Nos) good Qualification
2. ମହିଳା ଥେରାପିଷ୍ଟ ଆବଶ୍ୟକ
Salary: 12000-15000+Bonous
Call: 7847834544

URGENTLY REQUIRED
Experienced Guest House incharge- 1 no., Housekeeper - 2 nos., Cook - 2 nos., Waiter - 2 nos. for Guest House, Bhubaneswar.
Contact : 7656915989

WE ARE HIRING !!! at VLCC Bhubaneswar
Applications invited from experienced Dermatology Doctors (full time). Salary negotiable as per experience.
Please apply within 7 days to :
khirodsamal1986@gmail.com
Contact : 9776681678

ଦିଲ୍ଲୀ ମେଟ୍ରୋ ରେଲ୍ କର୍ପୋରେଶନ୍ ଲିଃ
(ଭାରତ ସରକାର ଏବଂ ଦିଲ୍ଲୀ ସରକାରଙ୍କ ଏକ ଯୌଥ ଉଦ୍ୟୋଗ)
ସାଙ୍କେତିକ ବିଜ୍ଞାପନ
ବିଜ୍ଞାପନ ନଂ. ଡିଏମ୍‌ଆର୍‌ସି/ପିଇଆର୍‌ଏସ୍/୨୨/ଏଚ୍‌ଆର୍/୨୦୨୪ (୧୬୯) ତାରିଖ: ୧୧।୦୯।୨୦୨୪
ଦିଲ୍ଲୀ ମେଟ୍ରୋ ରେଲ୍ କର୍ପୋରେଶନ୍ ଲିମିଟେଡ୍ (ଡିଏମ୍‌ଆର୍‌ସି) ଭୁବନେଶ୍ୱର ମେଟ୍ରୋ ପ୍ରକଳ୍ପ ପାଇଁ ବିଭିନ୍ନ ବିଭାଗରେ ସ୍ଥାୟୀ ମିଆଦ ଚୁକ୍ତିମୂଳକ ନିୟୋଜନ ଭିତ୍ତିରେ କାର୍ଯ୍ୟନିର୍ବାହୀ ଏବଂ ଅଣ-କାର୍ଯ୍ୟନିର୍ବାହୀ ପଦବୀଗୁଡ଼ିକ ନିମନ୍ତେ ଅଭିଜ୍ଞ କର୍ମଚାରୀଙ୍କଠାରୁ ଦରଖାସ୍ତ ଆହ୍ୱାନ କରୁଛି। ବିଧିବଦ୍ଧ ଭାବେ ପୂରଣ ହୋଇଥିବା ଦରଖାସ୍ତ ପ୍ରାପ୍ତିର ଶେଷ ତାରିଖ ହେଉଛି ତା୨୬।୦୯।୨୦୨୪ରିଖ।
ଏହା ଏକ ସାଙ୍କେତିକ ବିଜ୍ଞାପନ ଅଟେ। ସବିଶେଷ ଖାଲିପଦବୀ ଅଧିସୂଚନା ଏବଂ ଯୋଗ୍ୟତା ମାନଦଣ୍ଡ, ଯୋଗ୍ୟତା, ଅଭିଜ୍ଞତା, ବୟସ ସୀମା, ମନୋନୟନ ପଦ୍ଧତି ଇତ୍ୟାଦି ସମ୍ବନ୍ଧୀୟ ବିବରଣୀ ଡିଏମ୍‌ଆର୍‌ସି ୱେବ୍‌ସାଇଟ୍: www.delhimetrorail.com ର କ୍ୟାରିୟର୍ ସେକ୍ସନରେ ଉପଲବ୍ଧ।
କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଏଚ୍‌ଆର୍)
ଦିଲ୍ଲୀ ମେଟ୍ରୋ ରେଲ୍ କର୍ପୋରେଶନ୍ ଲିଃ
ମେଟ୍ରୋ ଭବନ, ଫାୟାର୍ ବ୍ରିଗେଡ୍ ଲେନ୍,
ବାରାଖମ୍ବା ରୋଡ୍, ନୂଆଦିଲ୍ଲୀ
ବିଜ୍ଞାପନ ନଂ. : DMRC/949/2024

GIET UNIVERSITY, GUNUPUR
Established by Govt. Of Odisha Act 23/2018, Approved by UGC, AICTE & AIU, New Delhi

High quality education, famous for 97% Campus Placement in
B.Tech in CSE (AI & ML).
B.Sc. Agriculture, ICAR Accredited
B.TECH B.Sc. NURSING MBA MCA HOTEL MGT. Ph.D.
811 8053 001 to 009 deanadmission@giet.edu

OrissaPOST HERE. NOW
English daily
WANTED
Visual Graphic Designers
- Candidate should be able to create visual packages & attractive news / stories for digital audiences.
- Develop graphics and visuals for product illustrations.
- Responsible for creating on screen text, video graphics, developing company creatives, assist with custom graphics & packages and building marketing material.
Layout Designers
- Minimum 3 years+ experience in print media.
- Proficiency in QuarkXPress, Photoshop cs3, CorelDRAW is a must.
Apply within 7 days to :
recruitment@orissapost.com
Pay & perks will be the best in the industry for deserving candidates.

# ସହାନୁଭୂତି ହ୍ରାସ

୨୦୨୧ରେ ତାଲିବାନ୍ ଦ୍ୱିତୀୟ ଥର ଆଫଗାନିସ୍ତାନରେ କ୍ଷମତା ଦଖଲକରିବା ପରେ ମହିଳାଙ୍କ ଅଧିକାର ଛଡ଼ାଇନେବା ସହ ଏବେ ପୋଲିଓ ଟିକାକରଣ କାର୍ଯ୍ୟକ୍ରମ ବନ୍ଦ କରିଦେଇଛି। ଏହି ନିଷ୍ପତ୍ତିର କାରଣ ସମ୍ପର୍କରେ ତାଲିବାନ୍ କିଛି ଦର୍ଶାଇ ନ ଥିବା ଜାତିସଂଘ ତରଫରୁ ସେପ୍ଟେମ୍ବର ୧୬ରେ କୁହାଯାଇଛି। ଘରକୁ ଘର ଯାଇ ଟିକା ଦେବା ବଦଳରେ ମସଜିଦରେ ଏହି କାର୍ଯ୍ୟକ୍ରମ କରାଯିବା ପାଇଁ ଆଲୋଚନା ହୋଇଥିଲାବେଳେ ଏହାକୁ ବନ୍ଦ କରାଯାଉଥିବା ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍ଓ) ପ୍ରସ୍ତୁତ ପ୍ରକାଶ । ଏହା ସେହି ଦେଶର ଭବିଷ୍ୟତ ପିଢ଼ି ପାଇଁ ନିଶ୍ଚିତ ଭାବେ କ୍ଷତିକାରକ ହେବ। ଏହା ପଛରେ କଠୋର ଇସ୍ଲାମୀୟ ଚିନ୍ତାଧାରା ଥାଇପାରେ ବୋଲି କୁହାଯାଉଛି। ଉଲ୍ଲେଖନୀୟ ଯେ, ଏକ ପୋଲିଓମୁକ୍ତ ବିଶ୍ୱ ପାଇଁ ୧୯୮୮ରୁ ସମାବେଶୀ ପ୍ରୟାସ ଜାରି ରହିଛି। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ, ୟୁନିସେଫ୍, ଆମେରିକାର ଡିଜିଜ୍ କଣ୍ଟ୍ରୋଲ ଆଣ୍ଡ ପ୍ରିଭେନ୍ସନ(ସିଡିସି) ଏବଂ ରୋଟାରି ଇଣ୍ଟରନ୍ୟାସନାଲ ଭଳି ସଂସ୍ଥାଗୁଡ଼ିକର ସହଯୋଗରେ ବୈଶ୍ୱିକ ପୋଲିଓ ନିରାକରଣ ଅଭିଯାନ ଏଯାବତ୍ ସକ୍ରିୟ ଅଛି। କୋଭିଡ୍-୧୯ ମହାମାରୀ ସମୟରେ ସାରା ପୃଥିବୀର ଶିଶୁମାନେ ଏହି ଟିକାରୁ ବଞ୍ଚିତ ହୋଇଥିଲେ। ପରବର୍ତ୍ତୀ ସମୟରେ ଏହି ପଦକ୍ଷେପକୁ ତ୍ୱରାନ୍ୱିତ କରାଯାଇଛି। ୧୨୫ରୁ ଅଧିକ ସଂକ୍ରମଣପ୍ରବଣ ଦେଶରୁ ଏହାକୁ ଦୂରକରାଯାଇଥିବାବେଳେ ୨୦୧୪ରୁ ଭାରତକୁ ଏହି ସଂକ୍ରମଣରୁ ମୁକ୍ତ ବୋଲି ସରକାର ଦାବି କରିଥିଲେ। ଏବେ ସୁଦ୍ଧା ଆଫଗାନିସ୍ତାନ, ପାକିସ୍ତାନରେ ୱାଇଲ୍ଡ ପୋଲିଓ ଭାଇରସ୍‌ର ଉପସ୍ଥିତି ସମସ୍ତଙ୍କୁ ଚିନ୍ତାରେ ପକାଇଛି। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଦ୍ୱାରା କରାଯାଇଥିବା ସର୍ଭେର ତଥ୍ୟ ଅନୁଯାୟୀ ୨୦୨୩ରେ ଆଫଗାନିସ୍ତାନରେ ପୋଲିଓ ରୋଗୀ ସଂଖ୍ୟା ୬ ଥିବାବେଳେ ଏହା ୨୦୨୪ ଜୁନ୍ ସୁଦ୍ଧା ୧୮ରେ ପହଞ୍ଚିଛି। ପାକିସ୍ତାନରେ ଏହି ସଂଖ୍ୟା ୧୪ରେ ସୀମିତ । ପାକିସ୍ତାନରେ ବିଭିନ୍ନ ସମୟରେ ହିଂସାତ୍ମକ ଘଟଣା ଟିକାକରଣରେ ବାଧା ସୃଷ୍ଟି କରୁଥିବା ସମୟରେ ଆଫଗାନିସ୍ତାନରେ ତାଲିବାନୀ କଟକଣା ବୈଶ୍ୱିକ ପୋଲିଓ ନିରାକରଣ ଅଭିଯାନ ପ୍ରତି ଆହ୍ୱାନ ସୃଷ୍ଟି କରିଛି। ପୋଲିଓ ଟିକାକରଣ ବନ୍ଦ ହେଲେ ଆଫଗାନିସ୍ତାନରେ ଏହି ସଂକ୍ରମଣ ବଢ଼ିବାର ସମ୍ଭାବନା ଅଛି । ଏହା ନିଶ୍ଚିତ ଯେ, ଆଫଗାନିସ୍ତାନରେ ପୋଲିଓ ସଂକ୍ରମଣ ବଢ଼ିଲେ ତାହା କେବଳ ସେହି ଦେଶର ସୀମା ଭିତରେ ସୀମିତ ରହିବ ବୋଲି କହିହେବ ନାହିଁ, ବରଂ ଏହା ପୁନର୍ବାର ସାରା ପୃଥିବୀ ପ୍ରତି ବିପଦ ସୃଷ୍ଟିକରିବ। ଡବ୍ଲ୍ୟୁଏଚ୍ଓ ସତର୍କ କରିଦେଇଛି ଯେ, କୌଣସି ଦେଶରେ ଗୋଟିଏ ପୋଲିଓ ସଂକ୍ରମିତ ଶିଶୁ ରହିଲେ ପୋଲିଓ ନିରାକରଣ ଅଭିଯାନ ସମ୍ପୂର୍ଣ୍ଣ ସଫଳ ହେବ ନାହିଁ ଏବଂ ପୁନର୍ବାର ବୈଶ୍ୱିକ ସଂକ୍ରମଣ ପ୍ରକାଶ ପାଇବାର ଯଥେଷ୍ଟ ସମ୍ଭାବନା ରହିଛି। ଏ ଦୃଷ୍ଟିରୁ ବିଚାରକଲେ ତାଲିବାନ୍‌ର ପୋଲିଓ ଟିକାକରଣ କାର୍ଯ୍ୟକ୍ରମ ବନ୍ଦ କରିବା ନିଷ୍ପତ୍ତି ନିଜର କ୍ଷତି କରିବା ସହ ସମଗ୍ର ପୃଥିବୀ ପାଇଁ ହାନିକାରକ।

> ଇସ୍ଲାମୀୟ ଧର୍ମଗ୍ରନ୍ଥରେ ସମ୍ଭବତଃ କୌଣସି ସ୍ଥାନରେ ନବଜାତ ଶିଶୁଙ୍କ ସ୍ୱାସ୍ଥ୍ୟ ପ୍ରତି ବିପଦ ସୃଷ୍ଟି କରିବାର କେବେହେଲେ ଉଲ୍ଲେଖ ଥିବ ବୋଲି ବିଶ୍ୱାସ କରିହେଉନାହିଁ। ଆଜି ପୃଥିବୀବ୍ୟାପୀ ସବୁ ଜାଗାରେ ଇସ୍ଲାମୀୟ ଚିନ୍ତାଧାରାକୁ ବିରୋଧ ଏବଂ ଭୟ ସୃଷ୍ଟିହେବା ପଛରେ ଏହିଭଳି ଘୋଷଣା ଓ କାର୍ଯ୍ୟକଳାପ ମୁଖ୍ୟତଃ ଦାୟୀ।

ଉଲ୍ଲେଖନୀୟ ଯେ, ଆଫଗାନିସ୍ତାନରେ ତାଲିବାନ୍ ଶାସନର ଦ୍ୱିତୀୟ ପାଳିର ଆରମ୍ଭରୁ ମହିଳାଙ୍କ ଶିକ୍ଷା, ବୃତ୍ତିଗତ ଅଧିକାରକୁ କ୍ଷୁଣ୍ଣ କରାଯାଇଛି। ଏହାସହ ଚଳିତ ବର୍ଷ ଅଗଷ୍ଟ ମାସରେ 'ଭାଇସ୍ ଆଣ୍ଡ ଭର୍ଚ୍ଚୁ' ନାମରେ ଏକ କଠୋର ଆଇନ ଆଣି ମହିଳାଙ୍କ ବାକ୍ ସ୍ୱାଧୀନତା ଉପରେ କଟକଣା ଲଗାଇଛି। ଏସବୁ କଟକଣା ଦେଶର ବିକାଶରେ ବାଧା ଆଣିଥିବାବେଳେ ଏବେ ତାଲିବାନ୍ ପୋଲିଓ ଟିକାକରଣ ବନ୍ଦକରି ସ୍ୱାସ୍ଥ୍ୟ ସଙ୍କଟ ସୃଷ୍ଟିକରିବାକୁ ଚେଷ୍ଟା କରିଛି। ୧୯୯୬ରେ ତାଲିବାନ୍ ପ୍ରଥମ ଥର କ୍ଷମତାକୁ ଆସିବା ପରେ ଏହାର ଇସ୍ଲାମୀୟ ଚିନ୍ତାଧାରାରେ ଯେତିକି କଠୋର ନ ଥିଲା ଏବେ ତାହା ଅନେକ ଗୁଣ ବଢ଼ିଯାଇଛି। ଏହିଭଳି ଚିନ୍ତାଧାରାକୁ ବିଧିବଦ୍ଧ ଭାବେ କୌଣସି ଦେଶର ଶାସକମାନେ କାର୍ଯ୍ୟକାରୀ କରାଇଲେ ତାହା ସମଗ୍ର ପୃଥିବୀ ପ୍ରତି ବିପଦ ଟାଣି ଆଣୁଛି। ଇସ୍ଲାମୀୟ ଧର୍ମଗ୍ରନ୍ଥରେ ସମ୍ଭବତଃ କୌଣସି ସ୍ଥାନରେ ନବଜାତ ଶିଶୁଙ୍କ ସ୍ୱାସ୍ଥ୍ୟ ପ୍ରତି ବିପଦ ସୃଷ୍ଟି କରିବାର କେବେହେଲେ ଉଲ୍ଲେଖ ଥିବ ବୋଲି ବିଶ୍ୱାସ କରିହେଉନାହିଁ। ଆଜି ପୃଥିବୀବ୍ୟାପୀ ସବୁଜାଗାରେ ଇସ୍ଲାମୀୟ ଚିନ୍ତାଧାରାକୁ ବିରୋଧ ଏବଂ ଭୟ ସୃଷ୍ଟିହେବା ପଛରେ ଏହିଭଳି ଘୋଷଣା ଓ କାର୍ଯ୍ୟକଳାପ ମୁଖ୍ୟତଃ ଦାୟୀ।

କେବଳ ଇସ୍ଲାମୀୟ ଦେଶ ଆଫଗାନିସ୍ତାନରେ ବୋଲି ନୁହେଁ, ଅଶାନ୍ତ ମଧ୍ୟପ୍ରାଚ୍ୟରୁ ଅନେକ ଲକ୍ଷ ଶରଣାର୍ଥୀ ଜୀବନ ବଞ୍ଚାଇବା ପାଇଁ ୟୁରୋପରେ ପ୍ରବେଶ କରୁଛନ୍ତି। ଥରେ ପାଶ୍ଚାତ୍ୟ ଦେଶଗୁଡ଼ିକରେ ଅଧିବାସ ହୋଇଗଲା ପରେ ସେମାନେ ନିଜର ପୁରାତନ ଚିନ୍ତାଧାରାକୁ ନୂତନ ଦେଶରେ କାର୍ଯ୍ୟକାରୀ କରାଇବା ପାଇଁ ଲାଗିପଡୁଛନ୍ତି। ଏହି ଶରଣାର୍ଥୀମାନେ ପରବର୍ତ୍ତୀ ସମୟରେ ଆକ୍ରମଣାତ୍ମକ ଚରିତ୍ର ଦର୍ଶାଇବା ଫଳରେ ଏବେ ସେମାନଙ୍କ ପାଇଁ ସହାନୁଭୂତି ହ୍ରାସ ପାଉଛି।

# ସମବାୟରେ ଅର୍ଥନୈତିକ ସମାନତା



ପ୍ରତାପ ଚନ୍ଦ୍ର ସାମଲ

କୌଣସି ଦେଶ ସ୍ୱାଧୀନ ହେବା ପରେ ଯେଉଁ ଅର୍ଥନୈତିକ ବିକାଶ ଘଟେ ତାହା ଦେଶର ରାଜନୈତିକ ସ୍ଥିତି ଅନୁସାରେ ପରିଗଣିତ ହୁଏ। କିଏ ପୁଞ୍ଜିବାଦ ଚାହେଁ ତ କିଏ ସମାଜବାଦ, ନ ହେଲେ ସାମ୍ୟବାଦ। ଭାରତ ସ୍ୱାଧୀନ ହେଲାପରେ ଯେଉଁ ଗଣତାନ୍ତ୍ରିକ ସମାଜବାଦ ଆପଣାଇଲା ସେଥିରେ ଦେଶର ବିକାଶ ନିମନ୍ତେ ମିଶ୍ର ଅର୍ଥନୀତି ଗ୍ରହଣ କରାଗଲା। ଏଥିରେ ରାଷ୍ଟ୍ର ତଥା ଘରୋଇ ଉନ୍ନୟନକୁ ପ୍ରାଧାନ୍ୟ ଦିଆଗଲା। କେତେକ ସ୍ଥଳେ ରାଷ୍ଟ୍ର ଉନ୍ନୟନକୁ ଗୁରୁତ୍ୱ ଦେଲେ ଆଉ କେତେକ କ୍ଷେତ୍ରରେ ଘରୋଇ ସଂସ୍ଥା ଉନ୍ନୟନକୁ ଆଗେଇ ନେଲେ। ଆବଶ୍ୟକ ହେଲେ ରାଷ୍ଟ୍ର ଓ ଘରୋଇ ମିଶି ଉଦ୍ୟୋଗ କରିବେ ବୋଲି ସ୍ଥିର ହେଲା। ୧୯୫୫ ମସିହାରେ ଶିଳ୍ପୋଦ୍ୟୋଗୀ ସଂଘକୁ ସୂଚନା ଦେଇ ଭାରତର ପ୍ରଧାନମନ୍ତ୍ରୀ ପଣ୍ଡିତ ନେହେରୁ କହିଥିଲେ ଯେ, ଦେଶର ଆଶୁ ବିକାଶ ପାଇଁ ଉଭୟ ଯୋଗଦାନ ଅବଶ୍ୟମ୍ଭାବୀ, ଏଥିପାଇଁ ଏକ ଯୋଜନା ଆବଶ୍ୟକ। ତଦନୁସାରେ କେନ୍ଦ୍ର ଓ ରାଜ୍ୟଗୁଡ଼ିକରେ ଯୋଜନା ବୋର୍ଡ ଗଠିତ ହୋଇ ପଞ୍ଚବାର୍ଷିକ ଯୋଜନା ମାଧ୍ୟମରେ ଦେଶର ଅର୍ଥନୈତିକ ବିକାଶ ଆରମ୍ଭ କରାଯାଇଥିଲା। ସମ୍ବିଧାନର ଏହି ନୀତି ବ୍ୟବସ୍ଥା କଲାବେଳେ ସମବାୟ ମାଧ୍ୟମରେ ଅର୍ଥନୈତିକ ବିକାଶ ଘଟାଯାଇ ପାରିବ ବୋଲି ଚିନ୍ତା କରାଯାଇ ସମବାୟକୁ ଏହି ମିଶ୍ର ଅର୍ଥନୀତିରେ ସ୍ଥାନ ଦିଆଗଲା।

ତଦନୁସାରେ ଭାରି, ମଧ୍ୟମ ଓ କ୍ଷୁଦ୍ର ଉଦ୍ୟୋଗ ଏମାନଙ୍କ ମଧ୍ୟରେ ଉନ୍ନୟନ ଦାୟିତ୍ୱ ବଣ୍ଟାଯାଇ ସରକାରଙ୍କ ନିୟନ୍ତ୍ରଣରେ ରଖାଗଲା। ଯୋଜନାବଦ୍ଧ ଅର୍ଥନୀତିରେ ଦେଶର ପ୍ରାକୃତିକ ସମ୍ପଦ ଓ ମାନବ ସମ୍ବଳ ସହିତ ଉତ୍ପାଦନ ଓ ବଣ୍ଟନର ସଦ୍ ବିନିଯୋଗ ହୋଇଥାଏ; ଯାହା ସମସ୍ତଙ୍କୁ ସୁଫଳ ଦେଇ ସମାନ ଅର୍ଥନୈତିକ ବିକାଶ ଘଟାଇଥାଏ ବୋଲି ପ୍ରଫେସର 'ମଲାନବିଶ୍' କହନ୍ତି। ଡରବିନ୍‌ଙ୍କ ମତରେ ଯୋଜନା ଦ୍ୱାରା କେବଳ ପୁଞ୍ଜିବାଦର କୁଫଳକୁ ରୋକାଯାଇପାରିବ। ଆଉ ପାଦେ ଆଗକୁ ଯାଇ ପ୍ରଫେସର ଡାଲ୍‌ଟନ୍ କହିଛନ୍ତି ଯେ, ଯୋଜନାର ଠିକ୍ ରୂପାୟନ ପାଇଁ ସତର୍କତା ଅବଲମ୍ବନ ବିଧେୟ। ବିଭିନ୍ନ ଉନ୍ନୟନ ପାଇଁ ପୁଞ୍ଜି ଯୋଗାଡ଼ ସହିତ ଅଧିକ ଉତ୍ପାଦନ, ସେବା ଓ ବଜାର ସୃଷ୍ଟିହେବା ଉଚିତ। କୃଷି, ଶିଳ୍ପ, ଗମନାଗମନ, ଜଳ, ଶକ୍ତି, ଶିକ୍ଷା, ସ୍ୱାସ୍ଥ୍ୟ ସାଙ୍ଗକୁ ସଞ୍ଚାର ଓ ପ୍ରସାର ବିଭିନ୍ନ ପଞ୍ଚବାର୍ଷିକ ଯୋଜନା ଜରିଆରେ ବିକଶିତ ହେବାକୁ ଲାଗିଲାବେଳେ ରାଜନୀତି, ହିଂସା, ଅସ୍ୱଚ୍ଛ କାର୍ଯ୍ୟକଳାପ ଓ ପ୍ରାକୃତିକ ଦୁର୍ବିପାକ ଯୋଗୁ ସପ୍ତମ ପଞ୍ଚବାର୍ଷିକ ଯୋଜନା ପର୍ଯ୍ୟନ୍ତ ଦେଶର ଉନ୍ନୟନ ଗତି ମନ୍ଥର ରହିଲା। ବିଶ୍ୱ ଅର୍ଥନୀତି ସହ ଯୋଡ଼ିହୋଇ



ବିକାଶକୁ ଆହୁରି ବ୍ୟାପକ କରିବାକୁ ଆମ ଦେଶରେ ଅଷ୍ଟମ ପଞ୍ଚବାର୍ଷିକ ଯୋଜନାଠାରୁ ଅର୍ଥନୈତିକ ସଂସ୍କାର ଆରମ୍ଭ କରାଗଲା। ଏଥିରେ ରାଷ୍ଟ୍ରର ଗୁରୁତ୍ୱକୁ ସଙ୍କୁଚିତ କରାଯାଇ ଘରୋଇ ଓ ସମବାୟ ସଂସ୍ଥାକୁ ବିକେନ୍ଦ୍ରିତ ଜନଶାସନକୁ ବିକାଶ କ୍ଷେତ୍ରରେ ଦାୟିତ୍ୱ ଦିଆଗଲା। ଲାଇସେନ୍ସ କଟକଣା ଉଠାଇ ଦିଆଗଲା। ଦେଶଜ ଉନ୍ନୟନ ଓ ବହିର୍ବ୍ୟାପାର ନିମନ୍ତେ ଶୁଳ୍କ ଟିକସ କୋହଳ କରିଦିଆଗଲା। ଅଧିକ ପୁଞ୍ଜି ଉଭୟ ସରକାରୀ, ଘରୋଇ ତଥା ସମବାୟ କ୍ଷେତ୍ରରେ ବିନିଯୋଗ ହୋଇ ଉତ୍ପାଦନ ଓ ମୁକ୍ତ ବଜାରଭିତ୍ତିକ ବଣ୍ଟନ ସୁବିଧା ଦିଆଗଲା।

ଏହି ପରିପ୍ରେକ୍ଷୀରେ ଅର୍ଥନୀତିବିତ୍ ଜି.ଆର୍. ପଞ୍ଚମୁଖୀ କହନ୍ତି, ବିକାଶମୁଖୀ ଦେଶଗୁଡ଼ିକ ମଧ୍ୟରେ ଉତ୍ପାଦନ ବାଣିଜ୍ୟକୁ ସୁଦୃଢ଼ ଓ ଦକ୍ଷତା ବୃଦ୍ଧି କରିବା ସଙ୍ଗେ ସଙ୍ଗେ ବିଶ୍ୱ ଅର୍ଥନୈତିକ ପ୍ରଗତି ସହ ସମ୍ପର୍କ ରଖିବା ଅର୍ଥନୈତିକ ସଂସ୍କାରର ମୁଖ୍ୟ ଉଦ୍ଦେଶ୍ୟ। ଅଷ୍ଟମରୁ ଏକାଦଶ ଯୋଜନା ମଧ୍ୟରେ ମୁକ୍ତ ଅର୍ଥନୀତି ଘଟି ବିକାଶ ତ୍ୱରାନ୍ୱିତ କରାଗଲା ବେଳେ ଦେଖାଗଲା ଯେ ଉତ୍ପାଦନ ତଥା ବାଣିଜ୍ୟ ପ୍ରତି ଧ୍ୟାନ ନ ଦେଇ ଘରୋଇ ଉଦ୍ୟୋଗ ଶତାଂଶ କିମ୍ବା ଅର୍ଦ୍ଧାଧିକ ଅଂଶ ଓ ଭିତ୍ତିଭୂମି ଇତ୍ୟାଦିରେ ଦଖଲ ତଥା ରିହାତି ସୁବିଧା ଏବଂ ସର୍ବୋପରି ନିଜ ନିଜର ସ୍ୱାର୍ଥ ହାସଲରେ ଲାଗିପଡ଼ିଲେ। ଏପରି କି ସରକାରୀ ପୁଞ୍ଜି ତଥା ଗ୍ୟାରେଣ୍ଟି ଘରୋଇ ଉଦ୍ୟୋଗରେ ବିନିଯୋଗ ହେବା ଫଳରେ ଏସବୁ ଯୋଗୁ ଘରୋଇ ଅର୍ଥନୀତି ଦୁର୍ବଳ ହୋଇଗଲା। ସେବା କ୍ଷେତ୍ରରେ ଅବହେଳା କରାଗଲା। ଗ୍ରାମାଞ୍ଚଳକୁ ପୁଞ୍ଜି, ଶ୍ରମ, ଜ୍ଞାନ ଓ କୌଶଳ ବାଟମାରଣା ହେଲା। ସରକାର ତାଙ୍କର କୋହଳ ନୀତିରେ ନିୟନ୍ତ୍ରଣ ରଖିଲେ ନାହିଁ। ବର୍ତ୍ତମାନ କୃତ୍ରିମ ପୁଞ୍ଜି ଓ ଦ୍ରବ୍ୟ ଅଭାବ ସାଧାରଣରେ ଦେଖାଦେଇଛି। ଏଣୁ ଯୋଜନାର ପ୍ରକୃତ ଅର୍ଥ ଋଣ ଓ ସ୍ୱପାର୍ଜିରୁ ବିନିଯୁକ୍ତ ହେଲେ ମଧ୍ୟ ଯୋଗାଣ ଓ ଚାହିଦାର ଅଭାବ ଦୃଷ୍ଟିରୁ ଅର୍ଥନୈତିକ ବିଷମତା ଆମ ସମାଜରେ ଦେଖାଦେଇଛି। ଦରଦାମ ବୃଦ୍ଧି ଯୋଗୁ ମୁଦ୍ରାସ୍ଫୀତି ଘଟୁଛି। ଉତ୍ପାଦନ ଅଭାବ ଓ ଦ୍ରବ୍ୟ ହଡ଼ପ ଯୋଗୁ ବହୁ ଜିନିଷ ଆମଦାନୀ କରିବାକୁ ପଡୁଛି। ରପ୍ତାନି କମିଯାଉଛି। ଏଣେ ବିକେନ୍ଦ୍ରିତ ଶାସନ ସହ ବିକେନ୍ଦ୍ରିତ ଉନ୍ନୟନ କ୍ଷେତ୍ରରେ ରାଜନୀତି ଓ ଦଲାଲମାନଙ୍କ ପ୍ରାଦୁର୍ଭାବ ଯୋଗୁ ଗ୍ରାମ୍ୟ ଅର୍ଥନୀତି ବିକଶିତ ହେଉନାହିଁ। ଆଦର୍ଶ ଓ ଆଭିମୁଖ୍ୟରେ ଅର୍ଥାତ୍ ନ୍ୟାୟଯୁକ୍ତ ବିକାଶ କୁହାଯାଉଥିଲେ ମଧ୍ୟ ଅର୍ଥନୈତିକ ସଂସ୍କାର ତାହା କରିବାରେ ସକ୍ଷମ ହୋଇପାରୁ ନାହିଁ।

ଦ୍ୱିତୀୟ ଧାଡ଼ି ହିସାବରେ ସ୍ୱୟଂ ସହାୟକ ଗୋଷ୍ଠୀ, ସମବାୟ, ମଧ୍ୟବର୍ତ୍ତୀ ବିକାଶପନ୍ଥୀ, ଶ୍ରମିକ ଗୋଷ୍ଠୀ ଓ ନିମ୍ନ ଜନପ୍ରତିନିଧି ସଂସ୍ଥା ଥିଲେ ମଧ୍ୟ ଏମାନେ ଅର୍ଥନୈତିକ, ସାମାଜିକ ବିକାଶ ଘଟାଇବା ନିମନ୍ତେ ଉଚିତ ବ୍ୟବସ୍ଥା ପାଉନାହାନ୍ତି। ମାଇକ୍ରୋ ବିକାଶ କାର୍ଯ୍ୟକ୍ରମ ବୃହତ୍ ଗୋଷ୍ଠୀ ବା ସରକାର ଗ୍ରହଣ କଲାବେଳେ ମାଇକ୍ରୋ ବିକାଶ ଉପରେ ସୂଚିତ ଦ୍ୱିତୀୟ ଧାଡ଼ିଙ୍କ ହାତରେ ଦିଆଗଲା ଓ ସବୁଥିରେ ସରକାରୀ ନିୟନ୍ତ୍ରଣ ରଖାଗଲା। ଖାଲି ଅର୍ଥନୈତିକ ସ୍ୱାଧୀନତା ଘରୋଇ ସର୍ବସ୍ୱ କରିଦେଲେ ଅର୍ଥନୈତିକ ସମାନତା ବିପନ୍ନ ହେବ। ଅର୍ଥନୀତି କ୍ଷେତ୍ରରେ ଅରାଜକତା, ସ୍ୱେଚ୍ଛାଚାର ଓ ଭ୍ରଷ୍ଟାଚାର ଲାଗିରହୁଛି। ଆଗରୁ ରାଜନୀତି ଓ ସମାଜ କ୍ଷେତ୍ରରେ ଏହା ରହିଛି। ପୁଣି ଅର୍ଥନୀତିରେ ଏହା ଦେଖାଯିବାରୁ ଖୁବ୍‌ଶୀଘ୍ର ଦେଶ, ବିଦେଶୀ ଓ ଘରୋଇ ନିକଟରେ ବନ୍ଧା ପଡ଼ିବ। ଲୋକେ ହନ୍ତସନ୍ତ ହେବେ।

ଆଜିର ଏ ସନ୍ଧିକ୍ଷଣରେ ସମବାୟ ଅନୁଷ୍ଠାନଗୁଡ଼ିକ ଅଣ୍ଟାଭିଡ଼ିବା ଉଚିତ। ଏହାଦ୍ୱାରା ଉତ୍ପାଦନ ଓ ବଣ୍ଟନ ଜରିଆରେ ଅର୍ଥନୈତିକ ସମାନତା ସମାଜରେ ଆଣିବାରେ ସହାୟକ ହେବ। ଏବେ କେତେକ ରାଜ୍ୟରେ ଯୋଗାଣ ଦାୟିତ୍ୱ ସମବାୟକୁ ଦିଆଯାଇଛି। ଉଚିତ ମୂଲ୍ୟ ତଥା ପର୍ଯ୍ୟାପ୍ତ ଯୋଗାଣ ଆବଶ୍ୟକ ହୋଇଛି। ସ୍ୱୟଂ ସହାୟକ ଗୋଷ୍ଠୀ ମଧ୍ୟ ଅନେକ ଦାୟିତ୍ୱ ନେଲେଣି। କେତେକ ବିଦେଶୀ ରାଷ୍ଟ୍ର ସମବାୟ ହାତରେ ଅର୍ଥନୈତିକ ବିକାଶ ଦାୟିତ୍ୱ ଦେଇ ଭାରସାମ୍ୟ ରକ୍ଷା କଲେଣି। ଏଣୁ ସମବାୟ ପୁଞ୍ଜି ଓ ଦ୍ରବ୍ୟ ସଂଗ୍ରହ ଲଗାଣ ସହ ଯୋଜନାରେ ସକ୍ରିୟ ଅଂଶ ଗ୍ରହଣ କଲେ ଦେଶ ଅର୍ଥନୈତିକ ସ୍ୱାଧୀନତା ପରିବର୍ତ୍ତେ ସମାନତା ଆଣି ଅର୍ଥନୈତିକ ବୈଷମ୍ୟ ଦୂରକରି ସମାଜରେ ଶାନ୍ତି ଆଣିବାରେ ସହାୟକ ହୋଇପାରିବ। ଯୋଜନା କାର୍ଯ୍ୟକାରିତାରେ ଜନସମ୍ପର୍କ ରଖିବାକୁ ପଡ଼ିବ। ଏହା ଆଜିର ଆବଶ୍ୟକତା। ଏ ଦିଗରେ ମଧ୍ୟ ସରକାର ସୁଚିନ୍ତିତ ପଦକ୍ଷେପ ନେବା ପାଇଁ ଅର୍ଥ ବିଶାରଦ ଓ ତଳ ସ୍ତରରେ ଥିବା କାର୍ଯ୍ୟକାରିତାରେ ଯୋଗଦାନ କରିଥିବା ଲୋକମାନଙ୍କ ମତାମତକୁ ଯଥେଷ୍ଟ ସମ୍ମାନ ଦେବା ଆବଶ୍ୟକ। ଏହାର ସଫଳତା ପାଇଁ ଅର୍ଥନୈତିକ ସମାନତା ନିତାନ୍ତ ଆବଶ୍ୟକ।

**ବରିଷ୍ଠ ସମବାୟବିତ୍**
**ମୋ: ୯୦୯୦୩୨୫୮୦୨**

# ଗଡ଼ଜାତ ଗାନ୍ଧୀ ସାରଙ୍ଗଧର



ନବୀନ ନନ୍ଦ

ଢେଙ୍କାନାଳ-ପଶ୍ଚିମ କଟକ ଯୁଗ୍ମ ଲୋକ ସଭା ନିର୍ବାଚନମଣ୍ଡଳୀର ପ୍ରଥମ ସାଂସଦ ତଥା ଗଡ଼ଜାତ ଗାନ୍ଧୀ ସାରଙ୍ଗଧର ଦାସଙ୍କ ଆଜି ୫୭ତମ ପୁଣ୍ୟତିଥି। ଭାରତବର୍ଷର ପ୍ରଥମ ସାମ୍ବିଧାନିକ ନିର୍ବାଚନ ୧୯୫୧ ମସିହାରେ ଅନୁଷ୍ଠିତ ହୁଏ। ଓଡ଼ିଶାର ସେତେବେଳର ୧୬ଟି ଲୋକ ସଭା ନିର୍ବାଚନମଣ୍ଡଳୀ ମଧ୍ୟରୁ ଢେଙ୍କାନାଳ-ପଶ୍ଚିମ କଟକ ଲୋକ ସଭାରୁ ସୋସିଆଲିଷ୍ଟ ପାର୍ଟି ଟିକେଟରେ ନିର୍ବାଚିତ ହୁଅନ୍ତି ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ସାରଙ୍ଗଧର ଦାସ। ୧୮୮୬ ମସିହାରେ ଢେଙ୍କାନାଳ ସଦର ବ୍ଲକର ଏକ ନିପଟ ମଫସଲ ଗ୍ରାମ ହରେକୃଷ୍ଣପୁରରେ ସେ ଜନ୍ମଗ୍ରହଣ କରନ୍ତି। ସେତେବେଳକୁ ଓଡ଼ିଶାର ଗଡଜାତ ଅଞ୍ଚଳ ଶିକ୍ଷା ଓ ସମୃଦ୍ଧି କ୍ଷେତ୍ରରେ ବହୁ ଅନୁନ୍ନତ ଥିଲା। ରାଜତନ୍ତ୍ରର ସ୍ୱେଚ୍ଛାଚାରରେ ସାଧାରଣ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡୁଥିଲା। ଏହିଭଳି ପ୍ରତିକୂଳ ପରିସ୍ଥିତିରେ ପିଲାଦିନରୁ ଅତ୍ୟନ୍ତ ମେଧାବୀ ଥିବା ସାରଙ୍ଗଧର ରେଭେନ୍‌ଶା ମହାବିଦ୍ୟାଳୟରୁ ଶିକ୍ଷା ଶେଷ କରି ସୁଦୂର ଜାପାନର ଟୋକିଓ ଓ କାଲିଫର୍ନିଆ ବିଶ୍ୱବିଦ୍ୟାଳୟରେ ଉଚ୍ଚ ବୈଷୟିକ ଶିକ୍ଷାଲାଭ କରି ଚିନି ଶିଳ୍ପ ଉପରେ ଗବେଷଣା କରିଥିଲେ। କାଲିଫର୍ନିଆରେ ୧୧ ବର୍ଷ ରହଣି ଭିତରେ ଉଚ୍ଚ ବେତନରେ ଚାକିରି ମଧ୍ୟ କରିଥିଲେ। ସେ ବିଦେଶରେ ଥିବାବେଳେ ଜଣେ ବିଦେଶିନୀ ମହିଳା ଫ୍ରୀଡାଙ୍କୁ ବିବାହ କରିଥିଲେ।

ତାଙ୍କର ଲକ୍ଷ୍ୟ ଥିଲା ଓଡ଼ିଶା ମାଟିକୁ ଆସି ଏକ ଚିନି ଶିଳ୍ପ ସ୍ଥାପନ କରି ଓଡ଼ିଶାର କୃଷକ ସମାଜକୁ ସ୍ୱାବଲମ୍ବୀ କରିବା, କିନ୍ତୁ ତାଙ୍କର ଲକ୍ଷ୍ୟ ପୂରଣ ହେବାରେ ଢେଙ୍କାନାଳର ରାଜତନ୍ତ୍ର ବିରାଟ ପ୍ରତିବନ୍ଧକ ସାଜିଥିଲା। ଢେଙ୍କାନାଳ ଭୁବନ ଅଞ୍ଚଳର ଡମଶାଳ ଅଞ୍ଚଳରେ ଜମି ଲିଜ୍ ନେଇ ସେ ପ୍ରଥମେ ଆଖୁଚାଷ ଆରମ୍ଭ କରିଥିଲେ। ସେହି ଅଞ୍ଚଳରେ ଏକ ଚିନି ଶିଳ୍ପ ପାଇଁ ଯୋଜନା କରି ଜାପାନରୁ ଆବଶ୍ୟକ ଯନ୍ତ୍ରପାତି ମଧ୍ୟ ଆମଦାନୀ କରିଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ଢେଙ୍କାନାଳ ରାଜ ପରିବାରର ରୋଷର ଶିକାର ହେବା ପରେ ଚିନି ଶିଳ୍ପର ପରିକଳ୍ପନା ସାକାର ହୋଇପାରିଲା ନାହିଁ। ଆଖୁଚାଷ ପାଇଁ ଯେଉଁ ଜାଗା ଲିଜ୍ ସୂତ୍ରରେ ମିଳିଥିଲା ତାହା ତତ୍କାଳୀନ ରାଜାଙ୍କ ଦ୍ୱାରା ବାତିଲ କରିଦିଆଗଲା। ବିଦେଶରେ ଚାକିରି କରୁଥିବା ବେଳେ ସାରଙ୍ଗଧର ଉତ୍କଳମଣି ଗୋପବନ୍ଧୁ ଦାସ ଓ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରେରଣାରେ ଉଦ୍‌ବୁଦ୍ଧ ହୋଇ ଭାରତବର୍ଷର ସ୍ୱାଧୀନତା ସଂଗ୍ରାମରେ ଝାସ ଦେବାକୁ ମନ ସ୍ଥିର କରିଥିଲେ।

ସମ୍ଭବତଃ ସେହି କାରଣରୁ ସାରଙ୍ଗଧର ଢେଙ୍କାନାଳ ରାଜ ପରିବାରର ରୋଷର ଶିକାର ହୋଇଥିଲେ। ଭାରତବର୍ଷର ସ୍ୱାଧୀନତା ସଂଗ୍ରାମ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ଇଂରେଜ ଶାସନ ହଟାଇବାକୁ ଚାଲିଥିବା ବେଳେ ଓଡ଼ିଶାରେ ୨୬ଟି ଗଡ଼ଜାତ ଅଞ୍ଚଳରୁ ସ୍ୱେଚ୍ଛାଚାରୀ ରାଜତନ୍ତ୍ରକୁ ହଟାଇବା ପାଇଁ ପ୍ରଜାମଣ୍ଡଳ ଆନ୍ଦୋଳନର ପ୍ରଚେଷ୍ଟା ସାରଙ୍ଗଧରଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିଲା। ସର୍ବଭାରତୀୟ ଗଡ଼ଜାତ ଆନ୍ଦୋଳନରେ ଜବାହରଲାଲ ନେହରୁଙ୍କ ନିର୍ଦ୍ଦେଶରେ ଭାରତବର୍ଷର ଦେଶୀୟ ରାଜ୍ୟଗୁଡ଼ିକର ମିଶ୍ରଣ ପାଇଁ ହୋଇଥିବା କମିଟିର ସଭାପତି ଭାବେ ସିତାଭି ପଟ୍ଟାରାମେୟ ଓ ସମ୍ପାଦକ ଭାବେ ସାରଙ୍ଗଧର ମଧ୍ୟ ଦାୟିତ୍ୱ ତୁଲାଇଥିଲେ। ଭାରତବର୍ଷର ସ୍ୱାଧୀନତା ପ୍ରାପ୍ତି ପରେ ଓଡ଼ିଶାର ଗଡ଼ଜାତ ରାଜ୍ୟଗୁଡ଼ିକର ମିଶ୍ରଣ ଘଟି ଏକ ବୃହତ୍ତର ଓଡ଼ିଶାର ଉଦୟରେ ସାରଙ୍ଗଧରଙ୍କ ମୁଖ୍ୟ ଭୂମିକା ଥିଲା।

ସ୍ୱାଧୀନତା ଆନ୍ଦୋଳନରେ ଭାଗ ନେଇ

**ପୁଣ୍ୟତିଥି ଉପଲକ୍ଷେ**



ସାରଙ୍ଗଧରଙ୍କ ପାରିବାରିକ ଜୀବନ ଅତ୍ୟନ୍ତ ଦୁର୍ବିଷହ ହୋଇ ପଡ଼ିଥିଲା। ରାଜତନ୍ତ୍ରର ପ୍ରରୋଚନାରେ ସାରଙ୍ଗଧରଙ୍କ ବିଦେଶୀ ପତ୍ନୀଙ୍କ ପାଇଁ ସେ ସାମାଜିକ ବାସନ୍ଦର ଶିକାର ହୋଇଥିଲେ। ପରେ ବିଦେଶୀ ପତ୍ନୀ ଫ୍ରୀଡା ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଥିଲେ। ତାଙ୍କର କୌଣସି ସନ୍ତାନସନ୍ତତି ନ ଥିଲେ। ରାଜ ରୋଷର ଶିକାର ହୋଇ ସାରଙ୍ଗଧରଙ୍କ ଆଖୁ କ୍ଷେତ ଓ ଚିନି କାରଖାନା ସବୁ ଉଜୁଡ଼ି ଯାଇଥିଲା। ଶେଷରେ ସେ ନିଜର ଘରଦ୍ୱାର, ଜମିବାଡ଼ି ସର୍ବସ୍ୱ ହରାଇ ଥିଲେ। କୋଟ୍, ପ୍ୟାଣ୍ଟ, ଟାଇ ଓ ବୁଟ୍ ପିନ୍ଧା ମଣିଷଟି ମୋଟା ଖଦଡ଼ ଲୁଗା ଓ ଗେରୁଆ ଗାମୁଛାକୁ ଆଦରି ନେଇଥିଲେ। ଭାରତବର୍ଷର ସ୍ୱାଧୀନତା ପ୍ରାପ୍ତି ପରେ ସମ୍ବିଧାନ ପ୍ରଣୟନ ସଭାର ସଭ୍ୟ ରୂପେ ସେ ମନୋନୀତ ହୋଇଥିଲେ। ୧୯୫୧ରେ ସୋସିଆଲିଷ୍ଟ ପାର୍ଟି ଟିକେଟରେ ଢେଙ୍କାନାଳ-ପଶ୍ଚିମ କଟକ ଲୋକ ସଭା ନିର୍ବାଚନମଣ୍ଡଳୀରୁ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ନିର୍ବାଚନରେ ବିଜୟ ଲାଭ କରି ଢେଙ୍କାନାଳର ପ୍ରଥମ ସାଂସଦ ରୂପେ ନିର୍ବାଚିତ ହେବାର ସୌଭାଗ୍ୟ ଅର୍ଜନ କରିଥିଲେ। ୧୯୫୨ରୁ ୧୯୫୭ ପର୍ଯ୍ୟନ୍ତ ସେ ସାଂସଦ ରୂପେ ଲୋକ ସଭାରେ ଚିନି ଶିଳ୍ପ ଉପରେ ଦେଇଥିବା ଅଭିଭାଷଣ ଆଜି ମଧ୍ୟ ଅନାଲୋଚିତ ହୋଇରହିଛି। ୧୯୫୭ରେ ସାରଙ୍ଗଧର ଅସୁସ୍ଥ ହୋଇ ପଡ଼ିଥିଲେ। ସେହି ସମୟରେ ତାଙ୍କର ବିଦେଶୀ ପତ୍ନୀ ଫ୍ରୀଡା ତାଙ୍କୁ ଦେଖିବାକୁ ଆସିଥିଲେ। ସାରଙ୍ଗଧରଙ୍କ ମୃତ୍ୟୁ ପୂର୍ବରୁ ତାଙ୍କର ସମସ୍ତ ସମ୍ପତ୍ତି ୧୩୬ ଏକର ଜମିକୁ ଦୁଇଟି ଟ୍ରଷ୍ଟ ଗଠନ କରି ଦାନକରି ଦେଇଥିଲେ। ଢେଙ୍କାନାଳ ଜିଲାପାଳଙ୍କୁ ସେଥିରେ ଟ୍ରଷ୍ଟି ରୂପେ ମନୋନୀତ କରି ଯାଇଥିଲେ। ଏହି ଜମିରୁ ଆୟକୁ ଶିଶୁ ଏବଂ ମହିଳାମାନଙ୍କ ବିକାଶ ଓ ଶିକ୍ଷାର ଉନ୍ନତି ପାଇଁ ଖର୍ଚ୍ଚ କରିବା ଲାଗି ଏକ ଉଇଲକରି ଯାଇଛନ୍ତି।

ସାରଙ୍ଗଧରଙ୍କ ପତ୍ନୀ ଫ୍ରୀଡା ବିଦେଶରେ ଥିବା ବେଳେ ସାରଙ୍ଗଧରଙ୍କୁ ନେଇ ଦୁଇଟି ଉପନ୍ୟାସ ଇଂରାଜୀ ଭାଷାରେ ରଚନା କରିଥିଲେ। ସେଥିରୁ ଗୋଟିଏ ହେଲା "My marriage to India" ଆଉ ଗୋଟିଏ ହେଲା "My Hindu Husband"। ତା' ମଧ୍ୟରୁ ପ୍ରଥମ ପୁସ୍ତକଟି ଶରତ ଚନ୍ଦ୍ର ମହାପାତ୍ରଙ୍କ ଦ୍ୱାରା ଓଡ଼ିଆରେ ଅନୁବାଦ ହୋଇ 'ପରିଣୟ' ପୁସ୍ତକ ଆକାରରେ ପ୍ରକାଶିତ ହୋଇଛି। ସେ ପୁସ୍ତକରେ ଅତି ଆବେଗମୟ ଭାଷାରେ ଫ୍ରୀଡା ଲେଖିଛନ୍ତି। ଏହି ପୁସ୍ତକଟି ମୋର ବିଧାୟକ କାର୍ଯ୍ୟକାଳ ଭିତରେ ୨୦୦୩ ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ସାରଙ୍ଗଧରଙ୍କ ଜୀବନୀ ଉପରେ ଆଉ ଏକ ପୁସ୍ତକ 'ଗଡ଼ଜାତ ଗାନ୍ଧୀ ସାରଙ୍ଗଧର' ଢେଙ୍କାନାଳ ମହାବିଦ୍ୟାଳୟର ପ୍ରାକ୍ତନ ପ୍ରଫେସର ନିତ୍ୟାନନ୍ଦ ମିଶ୍ରଙ୍କ ଦ୍ୱାରା ୨୦୧୪ରେ ପ୍ରକାଶିତ ହୋଇଛି।

ଏଠି ଦୁଃଖର ସହ କହିବାକୁ ପଡୁଛି ଯେ ଏହି ମହାନ୍ ପୁରୁଷଙ୍କ ପ୍ରତିଭା ଆଜି ବି ଲୁକ୍କାୟିତ ହୋଇ ରହିଛି। ସାରଙ୍ଗଧରଙ୍କ ପ୍ରତିଭାକୁ ଆଗାମୀ ପିଢ଼ିର ଲୋକଲୋଚନକୁ ଆଣିବାକୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ପ୍ରତିଶ୍ରୁତି ଦେଇଛନ୍ତି। ଧର୍ମେନ୍ଦ୍ର ବାବୁଙ୍କ ଉଦ୍ୟମରେ ଏକ ସ୍ମାରକୀ ଡାକ ଟିକେଟ ମଧ୍ୟ ପ୍ରକାଶିତ ହୋଇଛି। ଆହୁରି ଅନେକ କାମ ବାକି ଅଛି। ଆଜି ମଧ୍ୟ ସାରଙ୍ଗଧରଙ୍କ ଜନ୍ମ ସ୍ଥାନ ହରେକୃଷ୍ଣପୁରରେ ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ସାରଙ୍ଗଧର ସେବା ପରିଷଦ' ଦ୍ୱାରା ତାଙ୍କ ଶ୍ରାଦ୍ଧ ଦିବସ ପାଳନ ହେବା ବ୍ୟତୀତ ରାଜ୍ୟ କିମ୍ବା ଜିଲା ସ୍ତରରେ ପାଳନ ହୁଏ ନାହିଁ। ସାରଙ୍ଗଧରଙ୍କ ଭଳି ଏକ ଯୋଗଜନ୍ମା ପୁରୁଷଙ୍କ ପ୍ରତିଭାର ପ୍ରଚାର ଓ ପ୍ରସାର ଅତ୍ୟନ୍ତ ଜରୁରୀ। ଆଶା କରିବି ଓଡ଼ିଶାର ନୂଆ ସରକାର ଏ ଦିଗରେ ବିହିତ ପଦକ୍ଷେପ ନେବେ।

**ପୂର୍ବତନ ବିଧାୟକ, ଗନ୍ଦିଆ ଓ ଢେଙ୍କାନାଳ**

## ଏଇ ଭାରତରେ

କ୍ଷତିକାରକ ପ୍ଲାଷ୍ଟିକ୍ ପ୍ୟାକେଜିଂ ଦ୍ରବ୍ୟର ବ୍ୟବହାର ରୋକିବା ପାଇଁ ମୁମ୍ବାଇର ନେହା ଜୈନ ଏକ ଅଭିନବ ଉପାୟ ଆପଣାଇଛନ୍ତି। ସେ ଗୁଗଲରୁ ଚାକିରି ଛାଡ଼ି ସାମୁଦ୍ରିକ ଶୈବାଳରୁ ପ୍ୟାକେଜିଂ ପାଇଁ ବିଘଟନ ଓ ଦ୍ରବଣୀୟ ଯୋଗ୍ୟ ଦ୍ରବ୍ୟ ଉତ୍ପାଦନ କରୁଛନ୍ତି। ଏହାକୁ ପ୍ଲାଷ୍ଟିକ୍‌ର ବିକଳ୍ପ ଭାବେ ବ୍ୟବହାର କରାଯାଉଛି। ଏହା ଶସ୍ତା ହେଉଛି। ଏଥିରୁ ମଧ୍ୟ ହ୍ୟାଣ୍ଡ୍‌ବ୍ୟାଗ୍, ବ୍ୟାଗ୍ ପ୍ରସ୍ତୁତ କରାଯାଉଛି। ଏହା ବ୍ୟତୀତ ଖାଦ୍ୟ ପ୍ୟାକ୍ କରିବା ଲାଗି ଫିଲ୍ମ ବା ସୂକ୍ଷ୍ମ ଆବରଣ ତିଆରି କରାଯାଉଛି ଓ ଦିନକୁ ୧ଟନ୍ ଫିଲ୍ମ ଉତ୍ପାଦନ କରିବାକୁ ନେହା ଯୋଜନା କରିଛନ୍ତି । ଏହିସବୁ ଦ୍ରବ୍ୟ ମାଟିରେ ସହଜରେ ବିଘଟନ ହୋଇ ଖତ ପାଲଟିଯାଉଛି। ସେ 'ଜିରୋସର୍କଲ' ଷ୍ଟାର୍ଟଅପ୍ ମାଧ୍ୟମରେ ଉକ୍ତ କାର୍ଯ୍ୟ କରୁଛନ୍ତି। ବେଙ୍ଗାଲୁରୁର କ୍ରାଏଷ୍ଟ କଲେଜରୁ ସାମ୍ବାଦିକତାରେ ଡିଗ୍ରୀ ହାସଲ କରି ଗୁଗଲରେ ନେହା ୫ ବର୍ଷ କାର୍ଯ୍ୟ କରିବା ପରେ ୨୦୧୮ରେ ଚାକିରି ଛାଡ଼ି ଉକ୍ତ ପରିବେଶ ସହନୀୟ କାର୍ଯ୍ୟ ଉପରେ ଗୁରୁତ୍ୱ ଦେଇଛନ୍ତି। ଦ୍ରବ୍ୟ ଉତ୍ପାଦନ ଲାଗି ଗୁଜରାଟ ଏବଂ ତାମିଲନାଡୁର ୨ଟି ଫାର୍ମ ସାହାଯ୍ୟରେ ୧୨,୦୦୦ ପ୍ରଜାତିର ସାମୁଦ୍ରିକ ଶୈବାଳ ଚାଷ କରାଯାଉଛି। ପରିବେଶ ଉପଯୋଗୀ ଦ୍ରବ୍ୟ ତିଆରି କରି ଆଗାମୀ ୩ ବର୍ଷ ମଧ୍ୟରେ ୨୫୦୦ରୁ ୩୦୦୦ ଟନ୍ ପ୍ଲାଷ୍ଟିକ ବ୍ୟବହାର କମ୍ କରିବାକୁ ନେହା ଲକ୍ଷ୍ୟ ରଖିଛନ୍ତି। ନେହାଙ୍କର ଏହି ପରିବେଶ ସୁରକ୍ଷା ଉପଯୋଗୀ ପଦକ୍ଷେପ ଭବିଷ୍ୟତରେ ଅନେକ ଯୁବପିଢ଼ିଙ୍କୁ ପ୍ରେରଣା ଯୋଗାଇବ।

## ଚିରନ୍ତନୀ

ବକୁଳ ଫୁଲର ଗନ୍ଧେ ଉଡ଼େ ପାଟ ପତନୀ,
କିମ୍ବା ଆସି ଧୀରପଦେ ଉଭା ହେଲ ସଜନୀ !
ଛନ୍ଦିଦେଲ ପ୍ରାଣ ମୋର କି ସ୍ୱପନ ଛନ୍ଦେ ଗୋ
ଅବଶ ଏ ହିଆ ତବ ହାସ-ମକରନ୍ଦେ ମୋ।
ହଜିଗଲା ବୁଦ୍ଧି ମୋର ଛନ୍ଦର କବଳେ,
ବୁଡ଼ିଗଲା ଚେତନା ମୁଁ ପଡ଼ିଗଲି ଭୂତଳେ।
ନ ବିଚାରି କିଛି ତୁମେ ଆସ ମଧୁ ବଦନୀ,
କହି ଯାଅ କିମ୍ବା ଏଥି ଉଭା ହେଲ ସଜନୀ !

–(ଛନ୍ଦ ନାୟିକା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku
Puzzles by Srikant Ghosh

## ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | | | | 8 | | 9 | | |
| | 6 | | 3 | | 1 | | | |
| | | 1 | | | | | 5 | |
| | 9 | | 6 | | | | | 7 |
| | | | | 5 | | | | |
| 4 | | | | | 9 | | | |
| | 7 | 3 | | | 2 | | | 4 |
| 2 | | 6 | | | 5 | | 8 | |
| | 5 | | 1 | | 6 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 9 | 5 | 2 | 4 | 6 | 8 | 3 | 7 |
| 8 | 7 | 6 | 9 | 3 | 5 | 2 | 1 | 4 |
| 2 | 3 | 4 | 1 | 8 | 7 | 5 | 9 | 6 |
| 7 | 5 | 1 | 3 | 9 | 8 | 6 | 4 | 2 |
| 4 | 6 | 8 | 5 | 2 | 1 | 3 | 7 | 9 |
| 3 | 2 | 9 | 7 | 6 | 4 | 1 | 5 | 8 |
| 6 | 4 | 3 | 8 | 1 | 9 | 7 | 2 | 5 |
| 5 | 8 | 2 | 4 | 7 | 3 | 9 | 6 | 1 |
| 9 | 1 | 7 | 6 | 5 | 2 | 4 | 8 | 3 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ସୁଭଦ୍ରା ହିତାଧିକାରୀ ହନ୍ତସନ୍ତ

ମହାଶୟ,

ପୁରୀ ଜିଲା ସତ୍ୟବାଦୀ(ସାକ୍ଷୀଗୋପାଳ) ବ୍ଲକ୍‌ର ୨୪ଟି ପଞ୍ଚାୟତ କାର୍ଯ୍ୟାଳୟରେ ଖୋଲିଥିବା ଜନସେବା କେନ୍ଦ୍ରକୁ ଆସି ମହିଳାମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଶିକ୍ଷାଗତ ଯୋଗ୍ୟତାର ଅଭାବ ସବୁ ପଞ୍ଚାୟତ ଅଫିସରେ ଦେଖିବାକୁ ମିଳିଥିଲା । ଅଙ୍ଗନୱାଡ଼ି କର୍ମୀଙ୍କ ପରାମର୍ଶ ଅନୁସାରେ ମହିଳାମାନେ ଫର୍ମପୂରଣ୍‌କରି ଘଣ୍ଟା ଘଣ୍ଟା ଅପେକ୍ଷା କରିବା ପରେ ମଧ୍ୟ ଲିଙ୍କ୍ ନ ଖୋଲିବାରୁ ହତାଶ ହୋଇପଡ଼ିଛନ୍ତି । ଆରମ୍ଭ ଦିନଠାରୁ ଦୌଡ଼ି ଦୌଡ଼ି ଶାସନ ଶ୍ରୀରାମଚନ୍ଦ୍ରପୁରର ହିତାଧିକାରୀ ନାକରେ କାନ୍ଦିଲେଣି । ଦିନ ଗଡ଼ିବା ସାଙ୍ଗକୁ ଆଉ ପୋର୍ଟାଲ ଖୋଲି ନ ଥିଲା । ରାତ୍ରି ୧୨ଟା ପରେ ବାୟୋମେଟ୍ରିକ ଛପା ଦେବା ପାଇଁ ମହିଳାମାନଙ୍କ ସ୍ୱାମୀମାନେ ଜନସେବା କେନ୍ଦ୍ରରେ ଭିଡ଼ ଜମାଉଥିବାର ଦୃଶ୍ୟ ସମଗ୍ର ସତ୍ୟବାଦୀରେ ଚର୍ଚ୍ଚା ହୋଇପଡ଼ିଛି । ମହିଳାମାନଙ୍କ ଆଧାର କାର୍ଡରେ ମୋବାଇଲ ନମ୍ବର ଥିବା ମହିଳାଙ୍କୁ ପଞ୍ଜୀକୃତ କରିବା ପାଇଁ କେତେକ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଗଣମାଧ୍ୟମ ସମ୍ମୁଖରେ ପ୍ରକାଶ କରିଛନ୍ତି । ପୁରୀ ଜିଲାପାଳ, ସ୍ଥାନୀୟ ବିଧାୟକ ଓ ପୁରୀ ସାଂସଦ ଅଭିଯୋଗ ପ୍ରତି ଦୃଷ୍ଟି ଆକର୍ଷଣକରି ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ।

**–ଦେବବ୍ରତ ମିଶ୍ର, ସାକ୍ଷୀଗୋପାଳ, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)


ଭୁବନେଶ୍ୱର ଜନତା ମଇଦାନରେ ମଙ୍ଗଳବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜଣେ ମହିଳା ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗୃହ ଶୁଭାରମ୍ଭର ପ୍ରତୀକାତ୍ମକ ଚାବି ହସ୍ତାନ୍ତର କରୁଛନ୍ତି। ନିକଟରେ ଅଛନ୍ତି ରାଜ୍ୟପାଳ ରଘୁବର ଦାସ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଜୁଏଲ ଓରାମ ଏବଂ ଅନ୍ୟମାନେ।


ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉଦ୍‌ବୋଧନ ଦେଉଛନ୍ତି।


ଓଡ଼ିଶାର ଭାଜପା ମହିଳା ଏମ୍‌ପିମାନେ ପ୍ରଧାନମନ୍ତ୍ରୀଙ୍କୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମହାପ୍ରସାଦ ଦେଉଛନ୍ତି।


ଗାଡ଼କଣଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମହିଳାମାନଙ୍କ ସହିତ ଆଲୋଚନା କରୁଛନ୍ତି।


ଗାଡ଼କଣଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ମହିଳାମାନେ ସ୍ୱାଗତ କରୁଛନ୍ତି।

# ଅନ୍ତର୍ଯାମୀଙ୍କ ଘରେ ଖିରି ଖାଇଲେ ପ୍ରଧାନମନ୍ତ୍ରୀ



**ବାରଙ୍ଗ, ୧୭।୯ (ଲିଙ୍ଗରାଜ ରାଉତ)**

ଭୁବନେଶ୍ୱର ଗାଡ଼କଣରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା -୨.୦ର ଶୁଭ ଉଦ୍‌ଘାଟନ ମଙ୍ଗଳବାର ହୋଇଯାଇଛି। ଏଥିରେ ୨୬ ଲକ୍ଷ ଲୋକଙ୍କୁ ଘରର ଚାବି ମିଳିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦିଲ୍ଲୀରୁ ସିଧାସଳଖ ଆସି ପହଞ୍ଚିବା ପରେ ଏହି ଯୋଜନାର ଶୁଭ ଉଦ୍‌ଘାଟନ କରିଥିଲେ। ଏହା ସହ ହିତାଧିକାରୀଙ୍କୁ ଗୃହ ପ୍ରବେଶ କରାଇଥିଲେ। ପ୍ରଥମେ ସେ ହିତାଧିକାରୀ ଅନ୍ତର୍ଯାମୀ ନାୟକଙ୍କ ଗୃହକୁ ଉଦ୍‌ଘାଟନ କରିବା ସହ ତାଙ୍କ ଗୃହକୁ ପ୍ରବେଶ କରିଥିଲେ। ଅନ୍ତର୍ଯାମୀଙ୍କ ଘରେ ଥିବା ଠାକୁରଙ୍କୁ ପୂଜା କରିଥିଲେ। ଏଥିସହ ତାଙ୍କ ଘରେ ପ୍ରଧାନମନ୍ତ୍ରୀ ମୋଦି ଖିରି ଖାଇଥିଲେ। ପରେ ସେଠାରେ ଉପସ୍ଥିତ ଅନ୍ତର୍ଯାମୀଙ୍କ ପରିବାର ସମେତ ହିତାଧିକାରୀଙ୍କ ପରିବାରକୁ ଭେଟି ପାଖାପାଖି ଅଧଘଣ୍ଟା ଆଲୋଚନା କରିଥିଲେ। ଏହି ସମୟରେ ସେଠାରେ ଥିବା ଏକ କୁନି ଝିଅ ସହ ମଜାଳିଆ କଥା ମଧ୍ୟ ପ୍ରଧାନମନ୍ତ୍ରୀ ହୋଇଥିଲେ। ଏହାପରେ ଜନତା ମଇଦାନ ଅଭିମୁଖେ ବାହାରିଥିଲେ।

# ମୋଦିଙ୍କୁ ପାଖରେ ପାଇ ଆତ୍ମବିଭୋର

## ବାସ୍ତବ ରୂପ ନେଇଛି ସ୍ୱପ୍ନ

**ଭୁବନେଶ୍ୱର, ୧୭।୯ (ବନ୍ଦନା ସେଠୀ)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ଭୁବନେଶ୍ୱରରେ ପହଞ୍ଚିବା ପରେ ବିମାନବନ୍ଦରରୁ ସିଧାସଳଖ ଗାଡ଼କଣ ଗାଁକୁ ଯାଇଥିଲେ। ସେଠାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ୨୦ଜଣ ହିତାଧିକାରୀଙ୍କୁ ଗୃହ ପ୍ରବେଶ କରାଇଥିଲେ। ମୋଦିଙ୍କୁ ସ୍ୱାଗତ ଜଣାଇବାକୁ ଲୋକେ ଘରକୁ ସଜାଇଥିବାବେଳେ ଘରଦୁଆର ମୁହଁରେ କଳସ ବସାଇଥିଲେ। ପ୍ରଧାନମନ୍ତ୍ରୀଙ୍କୁ ନିଜ ପାଖରେ ପାଇ ଗାଡ଼କଣବାସୀ ଖୁସିରେ ଆତ୍ମହରା ହୋଇପଡ଼ିଥିଲେ। ଯାହା କେବେ ସ୍ୱପ୍ନରେ ସୁଦ୍ଧା ଭାବି ନ ଥିଲୁ ତାହା ଆଜି ବାସ୍ତବ ରୂପ ନେଇଛି ବୋଲି ଗାଡ଼କଣବାସୀ ମତ ପ୍ରକାଶ କରିଛନ୍ତି।

## କାଲି ରାତିରୁ ଆଖିରେ ନିଦ ନାହିଁ



ପ୍ରଧାନମନ୍ତ୍ରୀ ଆମ ହାତକୁ ଘର ଚାବି ଦେଲେ, ଆମ ସହ କଥାହେଲେ। ତାଙ୍କୁ ଆମ ପାଖରେ ପାଇବୁ ବୋଲି କେବେ ସ୍ୱପ୍ନରେ ବି ଭାବି ନ ଥିଲୁ। ଆମକୁ କେତେ ଖୁସି ଲାଗୁଛି ତାହା ଭାଷାରେ ମୁଁ ବ୍ୟକ୍ତ କରିପାରୁନାହିଁ। କାଲି ରାତିରୁ ଆମ ଆଖିରେ ନିଦ ନାହିଁ। ସବୁକିଛି ସ୍ୱପ୍ନ ଭଳି ଲାଗୁଛି।

**-ଚୁନା ଦେଉରୀ, ଗାଡ଼କଣ ବାସିନ୍ଦା**

## ମୋତେ ଯୋଗ କରିବାକୁ କହିଲେ



ମୋଦିଙ୍କୁ ଦେଖି ଭାରି ଖୁସି ଲାଗିଲା। ପ୍ରଧାନମନ୍ତ୍ରୀ ମୋଦିଙ୍କ ଜନ୍ମଦିନ ଅବସରରେ ମୋ ପରିବାର ତରଫରୁ ତାଙ୍କୁ ଶ୍ରୀଜଗନ୍ନାଥଙ୍କର ଏକ ଫଟୋ ଭେଟି ଦେଲି। ମୋଦି ତାକୁ ଖୁସିରେ ଗ୍ରହଣ କଲେ। ମୋ ସ୍ୱାସ୍ଥ୍ୟକୁ ଦେଖି ମତେ ଯୋଗ କରିବା ପାଇଁ କହିଲେ। ଭଲମନ୍ଦ ପଚାରି ବୁଝିଲେ।

**-ଝୁନା ଦେଉରୀ, ଗାଡ଼କଣ ବାସିନ୍ଦା**

## ମୋଦିଙ୍କ ପାଇଁ ଭାଗ୍ୟ ବଦଳିଲା



ବହୁଦିନ ଧରି ଆମେ ଚାଳଘରେ ଦିନ କାଟିଥିଲୁ। ଏବେ ମୋଦିଙ୍କ ପାଇଁ ଆମ ଭାଗ୍ୟ ପରିବର୍ତ୍ତନ ହେଲା। ନୂଆ ସରକାର ଆସିବା ପରେ ଆମକୁ ନିଜର ପକ୍କା ଘର ମିଳିଲା। ମୁଁ ଏପର୍ଯ୍ୟନ୍ତ ବିଶ୍ୱାସ କରିପାରୁନି ଯେ, କେବଳ ଟିଭିରେ ଦେଖିଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ନିଜ ଆଖିରେ ଅତି ପାଖରୁ ଦେଖିବାର ସୁଯୋଗ ପାଇଲି।

**-ମାଧବୀ ଦେଉରୀ, ଗାଡ଼କଣ ବାସିନ୍ଦା**

## 'ମୋତେ ନିଜର ପୁଅ ବୋଲି ଭାବ'

'ମୋତେ ନିଜର ପୁଅ ବୋଲି ଭାବ, ଯାହା ସମସ୍ୟା ଅଛି ମନଖୋଲି କୁହ'। ଏତେ ଦୂରରେ କାହିଁକି ବସିଛ, ମା'ମାନେ ପାଖକୁ ଆସନ୍ତୁ ବୋଲି ମହିଳାମାନଙ୍କୁ କହିଥିଲେ ପ୍ରଧାନମନ୍ତ୍ରୀ। ଗାଡ଼କଣରେ ହିତାଧିକାରୀମାନଙ୍କ ସହିତ ଅଧଘଣ୍ଟା ସମୟ ବିତାଇବା ବେଳେ ପ୍ରଧାନମନ୍ତ୍ରୀ ସେଠାକାର ମହିଳା ହିତାଧିକାରୀଙ୍କ ସହ ଆଲୋଚନା କରିଥିଲେ। ଆଲୋଚନା ସମୟରେ ମହିଳାଙ୍କ ସହିତ ଚା' ପିଇବା ସହ ବିସ୍କୁଟ ମଧ୍ୟ ଖାଇଥିଲେ। ପରେ 'ଆପଣଙ୍କ ଗାଁର ଚା' ବହୁତ ଭଲ' ବୋଲି ମଧ୍ୟ କହିଥିଲେ। କେତେଜଣ ହିତାଧିକାରୀ ପିଏମ୍ ଆବାସ ଯୋଜନାରେ ଘର ପାଇଛନ୍ତି ସେ ନେଇ ପଚାରି ବୁଝିଥିଲେ। ଏଥିସହ ଉଜ୍ଜ୍ୱଳା ଯୋଜନା ଲାଭ ପାଇଛନ୍ତି କି ନାହିଁ, ଜୀବନଜ୍ୟୋତି ବୀମାରେ ଉପକୃତ ହୋଇଛନ୍ତି କି ନାହିଁ ଆଦି ସମ୍ପର୍କରେ ମଧ୍ୟ ପଚାରିଥିଲେ। ସୁଭଦ୍ରା ଯୋଜନାରେ ସବୁ ମହିଳା ହିତାଧିକାରୀଙ୍କୁ ଟଙ୍କା ମିଳିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ତେବେ ଟଙ୍କା ପାଇବା ପରେ କ'ଣ କରିବ? କାନ ଝୁମ୍‌କା ନା ଶାଢ଼ି କିଣିବ ବୋଲି ପଚାରିଥିଲେ। ଏହାର ଉତ୍ତରରେ ମହିଳାମାନେ 'ଠିକ୍ କାମରେ ଟଙ୍କା ଲଗାଇବୁ' ବୋଲି କହିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ଉପସ୍ଥିତ ଥିଲେ।


ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନ ଅବସରରେ ମିଷ୍ଟାନ୍ନ ବଣ୍ଟନ କରାଯାଉଛି।

# ହସ ଫୁଟାଇଲା 'ସୁଭଦ୍ରା' ଟଙ୍କା

## ପିଲାଙ୍କୁ ପାଠ ପଢ଼ାଇବି



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ କେବେ ଅତି ନିକଟରୁ ଦେଖିବି ବୋଲି ଭାବି ନ ଥିଲି। ଆଗରୁ କେବେ ଭୁବନେଶ୍ୱର ଆସି ନଥିଲି। ଆଜି ପ୍ରଥମ ଥର ପାଇଁ ଭୁବନେଶ୍ୱର ଆସିଛି। ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କଠାରୁ 'ସୁଭଦ୍ରା' ଅର୍ଥରାଶି ଗ୍ରହଣ କରିବା ପରେ ମୋତେ ବହୁତ ଖୁସି ଲାଗୁଛି। ଜଙ୍ଗଲରୁ ଆମ୍ବ ସଂଗ୍ରହ କରି ଓ ତାହାକୁ ବିକ୍ରି କରିସେଥିରେ ପରିବାର ଗୁଜରାଣ ମେଣ୍ଟାଉଛୁ। ଅର୍ଥାଭାବରୁ ପିଲାଙ୍କୁ ପଢ଼ାଇ ପାରୁ ନ ଥିଲି। ହେଲେ ଏବେ ସୁଭଦ୍ରା ଯୋଜନାରେ ମିଳୁଥିବା ଟଙ୍କାରେ ପିଲାଙ୍କୁ ପାଠ ପଢାଇବି।

**-ହୁଦାଡ଼ି ୱାଡାକା, ସୁଭଦ୍ରା ହିତାଧିକାରୀ, କଳାହାଣ୍ଡି**

## ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଉଛି



ସ୍ୱାମୀ ଗାଁରେ ଥିବା ଏକ ଦୋକାନରେ କାମ କରୁଛନ୍ତି। ଯେତିକି ଟଙ୍କା ମିଳୁଛି, ସେତିକିରେ ଚଳିବା କଷ୍ଟକର ହୋଇ ପଡୁଛି। 'ସୁଭଦ୍ରା' ଯୋଜନାରେ ଆଜି ମୋତେ ଟଙ୍କା ମିଳିବା ପରେ ଭାରି ଖୁସି ଅଛି। ଏହି ଟଙ୍କାରେ ଏକ ଛୋଟ ଦୋକାନ କରିବାକୁ ଯୋଜନା କରିଛୁ। ପ୍ରଧାନମନ୍ତ୍ରୀଙ୍କ ପାଇଁ ଏ ସବୁ ହୋଇଥିବାରୁ ତାଙ୍କୁ ଅନ୍ତରରୁ ଧନ୍ୟବାଦ ଜଣାଉଛି।

**-ସୁଚିତ୍ରା ବେହେରା, ସୁଭଦ୍ରା ହିତାଧିକାରୀ, ଗଞ୍ଜାମ**

## ଟଙ୍କା ପାଇବା ପରେ ଆତ୍ମବିଶ୍ୱାସ ସୃଷ୍ଟି ହୋଇଛି



ମୋର ଏବେ କଲେଜପଢା ସରିଛି। ତେଣୁ କିଛି ଗୋଟିଏ କାମ କରି ନିଜେ ସ୍ୱାବଲମ୍ବୀ ହେବାକୁ ଚାହୁଁଛି, ମାତ୍ର ଅର୍ଥାଭାବରୁ ସମସ୍ୟା ଦେଖାଦେଉଥିଲା। ଏବେ 'ସୁଭଦ୍ରା'ରେ ଟଙ୍କା ପାଇବା ପରେ ନିଜ ଭିତରେ ଆତ୍ମବିଶ୍ୱାସ ସୃଷ୍ଟି ହୋଇଛି। ଏହି ଯୋଜନା ମୋ' ଭଳି ଅନେକ ଯୁବତୀଙ୍କୁ ଆତ୍ମନିର୍ଭରଶୀଳ ହେବାରେ ସହାୟକ ହେବ।

**-ରୋଜି ପ୍ରିୟଦର୍ଶିନୀ, ସୁଭଦ୍ରା ହିତାଧିକାରୀ, ଭୁବନେଶ୍ୱର**

## ଝିଅର ପାଠପଢ଼ାରେ ଖର୍ଚ୍ଚ କରିବି



ପ୍ରଧାନମନ୍ତ୍ରୀଙ୍କ ପାଇଁ ମୁଁ ବି ସୁଭଦ୍ରା ଯୋଜନାରେ ୫ହଜାର ଟଙ୍କା ପାଇଛି। ପୂର୍ବରୁ ମୋ ଆକାଉଣ୍ଟକୁ ୧ଟଙ୍କା ଆସିଥିଲା। ମଙ୍ଗଳବାର ବାକି ୪ହଜାର ୯୯୯ ଟଙ୍କା ଆକାଉଣ୍ଟକୁ ଆସିଛି। ଏଥିପାଇଁ ମୁଁ ବହୁତ ଖୁସି। ଏହି ଟଙ୍କା ମୋ' ଝିଅର ପାଠପଢ଼ା ପାଇଁ ଖର୍ଚ୍ଚ କରିବି।

**-ରୀନା ସେଠୀ, ସୁଭଦ୍ରା ହିତାଧିକାରୀ, ଗଞ୍ଜାମ**





ଜନତା ମଇଦାନଠାରେ ଆୟୋଜିତ 'ସୁଭଦ୍ରା' ଯୋଜନା ଶୁଭାରମ୍ଭ ଏବଂ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗୃହ ବଣ୍ଟନ କାର୍ଯ୍ୟକ୍ରମରେ ଯୋଗଦେଇଥିବା ମହିଳା ହିତାଧିକାରୀ ଏବଂ ଅନ୍ୟମାନେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୭।୯।୨୦୨୪

| | |
|---|---|
| ୫,୪୨,୧୫୧ ଟଙ୍କା | |
| ସୁନା | ୨.୫୯୦ ଗ୍ରାମ୍ |
| ରୁପା | ୧୫୦ ଗ୍ରାମ୍ |

# ବିଶାଳ ସଭା ପାଇଁ ପ୍ରସ୍ତୁତି ସମୀକ୍ଷା କଲେ ଉପମୁଖ୍ୟମନ୍ତ୍ରୀ

## ୧୯ରେ ଭାଜପା ସରକାରଙ୍କୁ ୧୦୦ ଦିନ ପୂରିବ

ପୁରୀ,୧୭।୯ (ଅଜିତ୍ କୁମାର ମହାନ୍ତି)

୧୯ ତାରିଖକୁ ରାଜ୍ୟରେ ଗଠନ ହୋଇଥିବା ଭାଜପା ସରକାରଙ୍କୁ ୧୦୦ ଦିନ ପୂରିବ। ମୋହନ ସରକାର ୧୦୦ ଦିନ ମଧ୍ୟରେ ରାଜ୍ୟବାସୀଙ୍କ ପାଇଁ ଯେଉଁ ଜନହିତକର କାର୍ଯ୍ୟ କରିଛି ତାହାର ହିସାବ ଦେବ ରାଜ୍ୟ ଭାଜପା। ତେଣୁ ୧୯ ତାରିଖରେ ରାଜ୍ୟର ସମସ୍ତ ଜିଲାରେ ଭାଜପା ପକ୍ଷରୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ପୁରୀ ଶରଧାବାଲିଠାରେ ରାଜ୍ୟ ଭାଜପା ପକ୍ଷରୁ ଏକ ବିଶାଳ ସଭାର ଆୟୋଜନ କରାଯାଉଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ସମେତ ମନ୍ତ୍ରିମଣ୍ଡଳର ସମସ୍ତ ନେତା, ମନ୍ତ୍ରୀ ଓ କର୍ମୀମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏନେଇ ଶରଧାବାଲିଠାରେ ବିଶାଳ ସଭା ନିମନ୍ତେ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। କାର୍ଯ୍ୟକ୍ରମକୁ ଆଉ ଦୁଇଦିନ ଥିବାବେଳେ ମଙ୍ଗଳବାର ସନ୍ଧ୍ୟାରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ପୁରୀ ଗସ୍ତରେ ଆସି କାର୍ଯ୍ୟର ସମୀକ୍ଷା କରିଛନ୍ତି।

ଉପମୁଖ୍ୟମନ୍ତ୍ରୀ ପରିଡ଼ା ସଭାସ୍ଥଳ ବୁଲି କାର୍ଯ୍ୟ ସମୀକ୍ଷା କରିବା ପରେ କହିଛନ୍ତି, ୧୯ ତାରିଖରେ ସରକାରଙ୍କ ୧୦୦ ଦିନ ପୂରଣ ହେବାକୁ ଯାଉଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ନେଇ ଭାଜପା ରାଜ୍ୟରେ ପ୍ରଥମ ଥର ପାଇଁ ଏକାକୀ ସରକାର ଗଠନ କରିଛି। ସରକାର ଗଠନ ହେବାର ପ୍ରଥମ ଦିନ ନବନିର୍ବାଚିତ ନେତା ଓ ମନ୍ତ୍ରୀ ଆସି ମହାପ୍ରଭୁଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ୧୦୦ ଦିନ ପୂର୍ତ୍ତି ଅବସରରେ ପୁରୀ ଶରଧାବାଲିଠାରେ ପ୍ରଥମ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ପରେ ରାଜ୍ୟର ସମସ୍ତ ଜିଲାରେ କାର୍ଯ୍ୟକ୍ରମ ହେବ। ସରକାରଙ୍କ ସଫଳତାକୁ ପ୍ରଦର୍ଶନ କରାଯିବା ସହ ଏକ ବିଶାଳ ସଭା ଅନୁଷ୍ଠିତ ହେବ।

ଏନେଇ ଏସ୍‌ପି ପିନାକ ମିଶ୍ର କହିଛନ୍ତି, ୧୯ ତାରିଖରେ ଶରଧାବାଲିରେ ଏକ ବିଶାଳ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁ ଯାଉଛି। ଯେଉଁଥିରେ ମୁଖ୍ୟମନ୍ତ୍ରୀ, ୨ ଉପମୁଖ୍ୟମନ୍ତ୍ରୀ ଏବଂ ଅନ୍ୟ ମନ୍ତ୍ରୀ, ସାଂସଦ, ବିଧାୟକ, ଅତିଥିମାନେ ଉପସ୍ଥିତ ରହିବେ। କାର୍ଯ୍ୟକ୍ରମକୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ୩୫ ପ୍ଲାଟୁନ ପୋଲିସ ମୁତୟନ କରାଯିବା ନେଇ ବ୍ୟବସ୍ଥା କରାଯାଉଛି। ଏଥିସହ ଜିଲାର ପୋଲିସ କର୍ମଚାରୀ ଓ ବରିଷ୍ଠ ପୋଲିସ ଅଧିକାରୀମାନେ ନିୟୋଜିତ ରହିବେ। ଏଥିସହ ଟ୍ରାଫିକ୍ ନିୟନ୍ତ୍ରଣ, ପାର୍କିଂ, ହେଲିପ୍ୟାଡ୍ ବ୍ୟବସ୍ଥା ସହ ଅନ୍ୟାନ୍ୟ ବ୍ୟବସ୍ଥା କରାଯାଇଛି। ଏନେଇ ଜିଲା ପ୍ରଶାସନ ସହ ଆଲୋଚନା କରାଯିବା ପରେ ପ୍ରସ୍ତୁତି ବୈଠକ କରାଯାଇଛି।

ଏହି ସମୟରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ସହ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ମଧୁ ସିଂହାରୀ, ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଏସ୍‌ପି ପିନାକ ମିଶ୍ରଙ୍କ ସମେତ ଭାଜପାର ନେତା ଓ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ସମୀକ୍ଷା ପରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନ କରିବା ସହ ଆଶୀର୍ବାଦ ନେଇଛନ୍ତି। ସୁଭଦ୍ରା ଯୋଜନା ସଫଳ ହୋଇଥିବାରୁ ମହାପ୍ରଭୁଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରିଛନ୍ତି। ଯେଉଁମାନଙ୍କ ଆକାଉଣ୍ଟକୁ ଟଙ୍କା ଆସିନାହିଁ ସେମାନଙ୍କର ପେଣ୍ଡିଂ ଅଛି। ସମସ୍ତେ ଯେପରି ଟଙ୍କା ପାଇବେ ତାଙ୍କ ସରକାରର ଲକ୍ଷ୍ୟ ବୋଲି ଉପମୁଖ୍ୟମନ୍ତ୍ରୀ ପରିଡ଼ା କହିଛନ୍ତି।



ପୁରୀ ଶରଧାବାଲିରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଜିଲା ଓ ପୋଲିସ ପ୍ରଶାସନ ଏବଂ ଦଳୀୟ କର୍ମୀଙ୍କ ସହ ସ୍ଥିତି ସମୀକ୍ଷା କରୁଛନ୍ତି ।

# ‘ସ୍ୱଚ୍ଛତା ହିଁ ସେବା’ କାର୍ଯ୍ୟକ୍ରମର ଶୁଭାରମ୍ଭ



‘ସ୍ୱଚ୍ଛତା ହିଁ ସେବା’ କାର୍ଯ୍ୟକ୍ରମକୁ ପତାକା ଦେଖାଇ ଅତିଥିମାନେ ଶୁଭାରମ୍ଭ କରୁଛନ୍ତି ।

ପୁରୀ,୧୭।୯( ଅଜିତ୍ କୁମାର ମହାନ୍ତି)

‘ସ୍ୱଚ୍ଛତା ହିଁ ସେବା’ ପକ୍ଷ କାର୍ଯ୍ୟକ୍ରମ ମଙ୍ଗଳବାରଠାରୁ ପୁରୀରେ ଆରମ୍ଭ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଆସନ୍ତା ଅକ୍ଟୋବର ୨ ତାରିଖ ଗାନ୍ଧୀ ଜୟନ୍ତୀ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଗୃହ ନିର୍ମାଣ ଓ ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟର ପରାମର୍ଶରେ ପୁରୀ ପୌରପରିଷଦ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି।

ଦିଗବାରେଣୀ ଛକଠାରୁ ଏକ ସଚେତନତା ଶୋଭାଯାତ୍ରା ବ୍ଲୁ ଫ୍ଲାଗ ବିଚ୍ ପର୍ଯ୍ୟନ୍ତ ଯାଇଥିଲା। ପରେ ବ୍ଲୁ ଫ୍ଲାଗ ବିଚ୍‌ଠାରେ ଏକ ମାନବ ଶୃଙ୍ଖଳା, ସ୍ୱଚ୍ଛତା ହିଁ ସେବା ଶପଥ ପାଠ, ସ୍ୱାକ୍ଷର ଅଭିଯାନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ପୌରନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ସୂଚନା ଓ ଲୋକସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଏନ୍‌ଫୋର୍ସମେଣ୍ଟ ଅଧିକାରୀ ଦେବାଶିଷ ନାୟକ ପ୍ରମୁଖ ଉପସ୍ଥିତ ରହି ଶୋଭାଯାତ୍ରାକୁ ଉଦ୍‌ଘାଟନ ସହ ଶପଥ ପାଠରେ ସାମିଲ ହୋଇଥିଲେ।

# ୨୨ରୁ ରାଜ୍ୟସ୍ତରୀୟ ଖୋଖୋ ପ୍ରତିଯୋଗିତା

ପୁରୀ,୧୭।୯(ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲା ସ୍କୁଲ୍‌ଠାରେ ୨୨ ତାରିଖରୁ ରାଜ୍ୟ ବିଦ୍ୟାଳୟସ୍ତରୀୟ ଖୋଖୋ ପ୍ରତିଯୋଗିତା ଆରମ୍ଭ ହେବ। ଏନେଇ ମଙ୍ଗଳବାର ଜିଲା ଶିକ୍ଷାଧିକାରୀ ଦୀପକ କୁମାର ପାଢ଼ୀଙ୍କ ସଭାପତିତ୍ୱରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ପ୍ରତିଯୋଗିତାରେ ଉଭୟ ବାଳିକାବାଳକ ବିଭାଗର ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ଏହି ପ୍ରତିଯୋଗିତା ୫୬ ଦିନ ଧରି ଅନୁଷ୍ଠିତ ହେବାକୁ ଥିବାବେଳେ ରାଜ୍ୟର ୩୦ଟି ଜିଲାରୁ ପ୍ରାୟ ୧୫୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିବେ।

ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଥିବା ପ୍ରତିଯୋଗୀଙ୍କ ରହିବା ଓ ଖାଇବା ଆଦି ସାମଗ୍ରିକ ବିଷୟରେ ଆଲୋଚନା କରାଯାଇ ବିଭିନ୍ନ ପଦକ୍ଷେପ ନିଆଯିବା ପାଇଁ ବୈଠକରେ ସ୍ଥିର କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ହିମାଂଶୁ ଭୂଷଣ ସମରଥ, ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ, ପୁରୀ ସଦର ବିଇଓ ପ୍ରମୋଦ କୁମାର କର, ଗୋପ ବିଇଓ ସୁଶୀଲ କୁମାର ବ୍ରହ୍ମା, ଭବମ୍ ପ୍ରଧାନ, ବିନୋଦ ପ୍ରମାଣିକ ଓ ଶତ୍ରୁଘ୍ନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ସ୍କୁଲ୍ ପ୍ରଧାନ ଶିକ୍ଷକ ଜ୍ୟୋତିର୍ମୟୀ ମିଶ୍ର ଓ ଅନ୍ୟାନ୍ୟ ପ୍ରଧାନ ଶିକ୍ଷକ, କ୍ରୀଡ଼ା ଶିକ୍ଷକ ତଥା ଅନ୍ୟ ଶିକ୍ଷୟିତ୍ରୀଶିକ୍ଷକମାନେ ଉପସ୍ଥିତ ଥିଲେ। ଜିଲା ବିଦ୍ୟାଳୟ ସମୂହ କ୍ରୀଡ଼ାଧିକାରୀ ମହେନ୍ଦ୍ର କୁମାର ବିଶ୍ୱାଳ ବୈଠକ ପରିଚାଳନା କରିଥିଲେ।



ରାଜ୍ୟସ୍ତରୀୟ ଖୋ ଖୋ ପ୍ରତିଯୋଗିତା ପାଇଁ ପ୍ରସ୍ତୁତ ବୈଠକ ।

# ୪ ଦୃଷ୍ଟିବାଧିତ ମେଧାବୀ ଛାତ୍ରୀଛାତ୍ରଙ୍କୁ ଲାପ୍‌ଟପ ବଣ୍ଟନ

ପୁରୀ,୧୭।୯ (ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲା ପ୍ରଶାସନ ପକ୍ଷରୁ ୪ ଦୃଷ୍ଟିବାଧିତ ମେଧାବୀ ଛାତ୍ରୀଛାତ୍ରଙ୍କୁ ମଙ୍ଗଳବାର ଲାପ୍‌ଟପ ବଣ୍ଟନ କରାଯାଇଛି। ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଛାତ୍ରୀଛାତ୍ରଙ୍କୁ ଜାଭା ସଫଓ୍ୱେର ସଂଯୁକ୍ତ ଥିବା ଲାପଟପ ପ୍ରଦାନ କରିଛନ୍ତି। ଲାପ୍‌ଟପ ମାଧ୍ୟମରେ ମେଧାବୀ ପିଲାମାନେ ସେମାନଙ୍କ କ୍ୟାରିୟରକୁ ଆଗକୁ ନେବା ସହ ସମାଜର ଜଣେ ଜଣେ ସମ୍ବଳ ହୋଇପାରିବେ ବୋଲି ଜିଲାପାଳ ସ୍ୱାଇଁ ମତବ୍ୟକ୍ତ କରିଛନ୍ତି। ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ ପଢ଼ୁଥିବା ସ୍ୱାଧୀନ ଜେନା ଓ ସତ୍ୟଭାମା ରାଉତ, ଡେଲାଙ୍ଗ ଗାଦୀବ୍ରହ୍ମ ଡିଗ୍ରୀ କଲେଜ ଛାତ୍ର ଆକାଶ ପରିଡ଼ା, ସାତପଡ଼ା ପଞ୍ଚାୟତ ଡିଗ୍ରୀ କଲେଜ ଅଫ୍ ଏଡୁକେଶନର ଛାତ୍ର ବାପି ଜେନାଙ୍କୁ ଏହି ଲାପ୍‌ଟପ ପ୍ରଦାନ କରାଯାଇଛି। ଏହି ସମୟରେ ଅନ୍ୟମାନଙ୍କ ମଧ୍ୟରେ ଉପଜିଲାପାଳ ଗୋପୀନାଥ କୁଅଁର, ଅତିରିକ୍ତ ଏସ୍‌ପି ଦେବବ୍ରତ ଚକ୍ର, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଶୁଭ୍ରାଶଶେଖର ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।

# ପୁରୀରୁ ସାତପଡ଼ା ଟ୍ରେନ ଚଳାଚଳ ଦାବି

ପୁରୀ,୧୭।୯(ଅଜିତ୍ କୁମାର ମହାନ୍ତି)

ପୁରୀରୁ ସାତପଡ଼ା ମଧ୍ୟରେ ଟ୍ରେନ ଚଳାଚଳ ପାଇଁ ପୁରୀ ବିକାଶ ପରିଷଦ ପକ୍ଷରୁ ମଙ୍ଗଳବାର ଦାବି କରାଯାଇଛି। ଏଥିପାଇଁ ଖୁବଶୀଘ୍ର କେନ୍ଦ୍ର ରେଳମନ୍ତ୍ରୀଙ୍କ ସମେତ ରେଳବାଇ ବୋର୍ଡ ଅଧ୍ୟକ୍ଷଙ୍କୁ ଦାବିପତ୍ର ପ୍ରଦାନ କରାଯିବ। ମଙ୍ଗଳବାର ଭକ୍ତ ସାଲବେଗ ସମାଧି ପୀଠରେ ପରିଷଦର ସଭାପତି ଜଗନ୍ନାଥ ବସ୍ତିଆଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିସହ ପରିକ୍ରମା ମାର୍ଗ ନିର୍ମାଣ ପାଇଁ ଉଚ୍ଛେଦ ହୋଇଥିବା ଐତିହ୍ୟ ରଘୁନନ୍ଦନ ପାଠାଗାର ଏବଂ ଆଚାର୍ଯ୍ୟ ହରିହର ପାଠାଗାର ଉପଯୁକ୍ତ ସ୍ଥାନରେ ନିର୍ମାଣ କରାଯିବାକୁ ପରିଷଦ ପକ୍ଷରୁ ଦାବି କରାଯାଇଛି।

ପୁରୀର ବହୁପ୍ରାଚୀନ ମଠ ମନ୍ଦିର ଜରାଜୀର୍ଣ୍ଣ ଅବସ୍ଥାରେ ଥିବାରୁ ବୈଠକରେ ଅସନ୍ତୋଷ ପ୍ରକାଶ ପାଇଥିଲା। ପ୍ରାଚୀନ ଐତିହ୍ୟଗୁଡ଼ିକର ସୁରକ୍ଷା ପାଇଁ ଭାରତୀୟ ଐତିହ୍ୟ ପ୍ରାଧିକରଣ, ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା ଏବଂ ରାଜ୍ୟ ସରକାରଙ୍କୁ ଅନୁରୋଧ କରାଯିବ। ଅକ୍ଟୋବର ୨୩ ତାରିଖରେ ଜିଲା ପ୍ରତିଷ୍ଠା ଦିବସ ପାଳନ କରାଯିବ। ଏହି ଅବସରରେ ସାଧାରଣ ସମ୍ପାଦକ ଦିଲ୍ଲୀପ କୁମାର ଓଝା କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ସୁକାନ୍ତ କୁମାର ପଣ୍ଡା, ଡ. ରାଧାଶ୍ୟାମ ରଥ, ସଂଗଠନ ସମ୍ପାଦକ ସ୍ୱାଧୀନ କୁମାର ପଣ୍ଡା, କୋଷାଧ୍ୟକ୍ଷ ମଞ୍ଜୁଲତା ମୁଦୁଲି, ପ୍ରାନ୍ତସିନୀ ଜେନା, ସୁଜିତ କୁମାର ମହାପାତ୍ର, ଗୋବିନ୍ଦ ଦାସ ଘୋଷ, ବାପିନା ସାମନ୍ତରାୟ, ଉପଦେଷ୍ଟା ଚକ୍ରଧର ମହାପାତ୍ର, ପ୍ରଫେସର କୈଳାଶ ଭୂଷଣ ମହାପାତ୍ର, ନରେନ୍ଦ୍ର ପାତ୍ର , ଶୁଭଶ୍ରୀ ଦାସ ପ୍ରମୁଖ ବୈଠକରେ ଯୋଗ ଦେଇଥିଲେ।

# ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ପୂଜାର୍ଚ୍ଚନା

କଣାସ,୧୭।୯(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକର ବିଭିନ୍ନ ସ୍ଥାନରେ ବିଶ୍ୱକର୍ମାଙ୍କ ପୂଜା ଉତ୍ସବ ସୋମବାର ମହାସମାରୋହରେ ପାଳିତ ହୋଇଯାଇଛି। କଣାସ ପଞ୍ଚାୟତ ସମିତି ନିକଟବର୍ତ୍ତୀ ବିଦ୍ୟୁତ୍ କାର୍ଯ୍ୟାଳୟ ପରିସରରେ ବିଶ୍ୱକର୍ମାଙ୍କ ପୂଜା ଉତ୍ସବ ବ୍ରାହ୍ମପଣ୍ଡିତଙ୍କ ମନ୍ତ୍ରଧ୍ୱନି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। କଣାସ ଅଞ୍ଚଳର ବିଭିନ୍ନ ଲେଦ୍ ଓ ଗ୍ୟାରେଜଗୁଡିକରେ ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ପୂଜାର୍ଚ୍ଚନା କରାଯାଇଛି। କଣାସ ବଜାର, ଜଙ୍କିଆ ବଜାର, ବିଜିପୁର ବଜାର, କରମଳା ବଜାର, ଗଡ଼ିଶାଗୋଦା ବଜାର, କଉଡ଼ିଖଣି, ଜାଗୁଲେଇପଦର, ବଡ଼ାଲ, ଗଡ଼ଖାରଦ, ସାହୁପଡ଼ା ବଜାର, ବକୁ ବଜାର, ମନ୍ଦାରବସ୍ତ ବଜାର, କାତପଡ଼ା ବଜାର, ଜଂଘାର ବଜାରଠାରେ ବିଶ୍ୱକର୍ମାଙ୍କ ପୂଜା ଉତ୍ସବ ଅନୁଷ୍ଠିତ ହୋଇଯାଇଛି।

# ସମୂହ ଭସାଣି ଉତ୍ସବରେ ବାଜି ମାରିନେଲା ଏମ୍‌ଡିଡି କ୍ଲବ



ପିପିଲି,୧୭।୯(ପ୍ରଭାତ କୁମାର ମହାପାତ୍ର)

ପ୍ରତିଯୋଗିତାମୂଳକ ସମୂହ ଭସାଣି ଉତ୍ସବରେ ମା’ ଦୁଲ୍ଲାଦେବୀ କ୍ଲବ ପ୍ରଥମ ସ୍ଥାନ ଅଧିକାର କରିଛି। ଏନେଇ ପିପିଲି ବଜାର ବ୍ୟବସାୟୀ ସଂଘ ପକ୍ଷରୁ ମଙ୍ଗଳବାର ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକଙ୍କ ସହ ଏନ୍‌ଏସି ଅଧ୍ୟକ୍ଷ ସେକ୍ ବାବୁ, ପୂର୍ବତନ ଏନ୍‌ଏସି ଉପାଧ୍ୟକ୍ଷ ସୁକାନ୍ତ ଭଟ୍ଟ, ବରିଷ୍ଠ ଚାନ୍ଦୁଆ ଶିଳ୍ପୀ ଜବାର ଖାଁ, ଆବିଦ ଉଦ୍ଦିନ, ବିକ୍ରମ ସିଂହ ପ୍ରମୁଖ ଉପସ୍ଥିତ ରହି ପିପିଲି ବଜାରରେ ହୋଇଥିବା ସମୂହ ଭସାଣିରେ ବିଜେତାମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ସମୂହ ଭସାଣି ଉତ୍ସବରେ ୧୭ଟି ପୂଜା ମଣ୍ଡପ ସାମିଲ ହୋଇଥିବାବେଳେ ୭ଜଣିଆ ବିଚାରକମଣ୍ଡଳୀ ପ୍ରମୁଖ ପାରମ୍ପରିକ ଦୃଶ୍ୟ, ଶୃଙ୍ଖଳ, ସୁନ୍ଦର ମୂର୍ତ୍ତି, ସମାଜକୁ ସୁନ୍ଦର ବାର୍ତ୍ତାର ଦୃଶ୍ୟ ପ୍ରଦର୍ଶନ ଉପରେ ଆଧାରିତ ମେଢ଼କୁ ଚୟନ କରିଥିଲେ। ସେହି ଚୟନ ଆଧାରରେ ମା’ ଦୁଲ୍ଲାଦେବୀ କ୍ଲବ ୧ମ ସ୍ଥାନ ଅଧିକାର କରିଥିବା ବେଳେ ମହାରାଜା କ୍ଲବ ୨ୟ ସ୍ଥାନ, ବାଜି ରାଉତ କ୍ଲବ ୩ୟ ସ୍ଥାନ ଓ ରୟାଲ ୟୁଥ୍ କ୍ଲବ ୪ର୍ଥ ସ୍ଥାନ ଅଧିକାର କରିଛି। ପୁରସ୍କାର ବିତରଣ ଉତ୍ସବରେ ମା’ ଦୁଲ୍ଲାଦେବୀ କ୍ଲବର ସଭାପତି ପିନାକୀ ପ୍ରସନ୍ନ ଦାଶ, ଉପସଭାପତି ରିତେଶ ମହାପାତ୍ର, ସମ୍ପାଦକ ଅଜୟ ସେଠୀ, ଉପସମ୍ପାଦକ ବିକାଶ ମହାପାତ୍ର, କୋଷାଧ୍ୟକ୍ଷ ସୁମିତ କୁମାର ମହାପାତ୍ର, ଉପକୋଷାଧ୍ୟକ୍ଷ ଶୁଭାଶିଷ ମହାପାତ୍ର ପ୍ରମୁଖ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ।

# ମହିଳାଙ୍କ ଖାତାକୁ ଆସିଲା ପ୍ରଥମ କିସ୍ତି

ନିମାପଡ଼ା/ଅସ୍ତରଙ୍ଗ/କଣାସ/ପିପିଲି/ସାକ୍ଷୀଗୋପାଳ/କାକଟପୁର,୧୭।୯ (ବିଚିତ୍ରାନନ୍ଦ ସାହୁ/ରଞ୍ଜନ ପଟ୍ଟନାୟକ/ପ୍ରଦୀପ୍ତ କୁମାର ଦୀକ୍ଷିତ/ମମତା ଜେନା/ବିଭୂତି ଭୂଷଣ ତ୍ରିପାଠୀ/ଦୁର୍ଗାମାଧବ ମିଶ୍ର/ପ୍ରଭାତ କୁମାର ମହାପାତ୍ର/ପ୍ରଶାନ୍ତ କୁମାର ବାରିକ୍/ କିଶୋର ମହାପାତ୍ର/ ଶୁଭଦର୍ଶନ ମିଶ୍ର)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନ ଅବସରରେ ମଙ୍ଗଳବାର ଓଡ଼ିଶାରେ ରାଜ୍ୟ ସରକାରଙ୍କ ସୁଭଦ୍ରା ଯୋଜନାର ଶୁଭାରମ୍ଭ ହୋଇଛି। ଏହି ଅବସରରେ ନିମାପଡ଼ା ମୁକ୍ତାକାଶ ମଞ୍ଚ ପଡ଼ିଆଠାରେ ବ୍ଲକ ପକ୍ଷରୁ ସୁଭଦ୍ରାର ଶୁଭାରମ୍ଭ ସମାରୋହ ଅନୁଷ୍ଠିତ ହୋଇଥିଲା। ସୁଭଦ୍ରା ଶୁଭାରମ୍ଭ ହୋଇ ମହିଳାଙ୍କୁ ମିଳିଛି ପ୍ରଥମ କିସ୍ତି। ନିମାପଡ଼ା ବ୍ଲକରେ ଏହି ଯୋଜନାରେ ୪୫ ହଜାର ମହିଳା ପଞ୍ଜୀକୃତ ହୋଇଛନ୍ତି। ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଙ୍କର ଭୋଇ, ଉପାଧ୍ୟକ୍ଷା ଅନସୂୟା ମହାନ୍ତି, ବିଡିଓ ଭୁବନାନନ୍ଦ ପଟ୍ଟନାୟକ, ବ୍ଲକ ସହକାରୀ ଯନ୍ତ୍ରୀ ସୁନୀଲ କୁମାର ନନ୍ଦ, ତହସିଲଦାର ବସନ୍ତ କୁମାର ହାତୀ ଜିଲା ପରିଷଦ ସଭ୍ୟ ପ୍ରଦୀପ୍ତ କୁମାର ଖଟୋଇ, ପୋଲିସ ଏସ୍‌ଡିପିଓ ପ୍ରଭାତ ମଲ୍ଲିକ, ଓଡ଼ିଶା ଜୀବିକା ମିଶନର ବିପିଏମ୍ ମଧୁଛନ୍ଦା ପ୍ରଧାନ, ମିଶନ ଶକ୍ତିର ବ୍ଲକ ପ୍ରୋଜେକ୍ଟ ପ୍ରକଳ୍ପ ସଂଯୋଜକ (ବିପିସି) ଦେବଦତ୍ତ ବିଶ୍ୱାଳ, ସୁପରଭାଇଜର୍ ଦେବକୀ ସାହୁ ପ୍ରମୁଖ ଯୋଗଦେଇ ମହିଳାଙ୍କ ପାଇଁ ଏହି ସୁଭଦ୍ରା ଯୋଜନା ସରକାରଙ୍କ ଏକ ଅଭିନବ ପ୍ରୟାସ, ଏହି ଯୋଜନାରେ ମହିଳାମାନେ ବହୁଳ ଭାବେ ଉପକୃତ ହୋଇପାରିବେ ବୋଲି ଆଲୋକପାତ କରିଥିଲେ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜନ୍ମଦିନରେ ମହିଳାଙ୍କୁ ସୁଭଦ୍ରା ଭେଟି ଦେଇଛନ୍ତି। ମହିଳାଙ୍କ ଆକାଉଣ୍ଟକୁ ଆସିଲା ପ୍ରଥମ କିସ୍ତି ଟଙ୍କା। ପୁରୀ ଜିଲା ଅସ୍ତରଙ୍ଗ ବ୍ଲକ୍‌ର ୨୦,୧୨୮ଜଣ ହିତାଧିକାରୀ ପଞ୍ଜୀକରଣ କରିଥିବା ଜଣାପଡ଼ିଛି। ରାଜ୍ୟରେ ମହିଳାଙ୍କୁ ସଶକ୍ତ ଓ ଆତ୍ମନିର୍ଭରଶୀଳ କରିବ ସୁଭଦ୍ରା। ଏହା ସହ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୧୦ ହିତାଧିକାରୀଙ୍କୁ ମଞ୍ଚ ଉପରେ ଗୃହ ଚାବି ବଣ୍ଟନ କରାଯାଇଥିଲା। ଅସ୍ତରଙ୍ଗ ବ୍ଲକ ପଡ଼ିଆରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଅସ୍ତରଙ୍ଗ ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶନୀ ପତି, ବ୍ଲକ ଅଧ୍ୟକ୍ଷା ଆରତୀ ନାୟକ, ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ଯୋଗେନ୍ଦ୍ର ମହାକୁଡ଼, ବ୍ଲକ ଉପାଧ୍ୟକ୍ଷ ଦୁର୍ଜୟ ମିଶ୍ର, ଗ୍ରାମୀଣ ଗୃହ ନିର୍ମାଣ ବ୍ଲକ ପ୍ରକଳ୍ପ ସଂଯୋଜକ ପଦ୍ମନାଭ ସାମଲ, ମିଶନ ଶକ୍ତି ସଂଯୋଜିକା ନିବେଦିତା ଦୀକ୍ଷିତ, ମିଶନଶକ୍ତି ବିପିଏମ ପାର୍ଥସାରଥୀ ମହାନ୍ତି, ଅଙ୍ଗନୱାଡି ସୁପରଭାଇଜର୍ ନିବେଦିତା ସେନାପତି, ଲକ୍ଷ୍ମୀ ନାୟକ, ଲକ୍ଷ୍ମୀପ୍ରିୟା ମହାନ୍ତି, ମିଶନଶକ୍ତି ବିପିଏ ରାଜସ୍ମିତା ସେଠୀ, ବିଭିନ୍ନ ପଞ୍ଚାୟତର ଲୋକପ୍ରତିନିଧି, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ସଦସ୍ୟା, ବିଭିନ୍ନ ମହାସଂଘର ନେତୃମଣ୍ଡଳୀ ଏବଂ ଶତାଧିକ ମହିଳା ଯୋଗ ଦେଇଥିଲେ।

କଣାସ ସରକାରୀ ଉଚ୍ଚବିଦ୍ୟାଳୟ ପରିସରରେ ମଙ୍ଗଳବାର ସୁଭଦ୍ରା ଯୋଜନାର ଲୋକାର୍ପଣ ସଭା ଅନୁଷ୍ଠିତ ହୋଇଯାଇଛି। ସଭାରେ ସତ୍ୟବାଦୀର ଯୁବ ବିଧାୟକ ଓମ୍ ପ୍ରକାଶ ମିଶ୍ର, ଏଡିଏମ୍ ଶରତ ଚନ୍ଦ୍ର ବେହେରା, ବିଡିଓ ନାରାୟଣ ସାହୁ, ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ, କଣାସ ଥାନା ଆଇଆଇସି ରାକେଶ କୁମାର ତ୍ରିପାଠୀ, ଗଡ଼ିଶାଗୋଦା ଥାନା ଆଇଆଇସି ଦୁର୍ଗାଚରଣ ମହାପାତ୍ର, କଣାସ ବ୍ଲକ ସ୍ୱୟଂ ସହାୟକ ଗୋଷ୍ଠୀ ମହାସଂଘର ସଭାନେତ୍ରୀ ଶାନ୍ତିଲତା ସାହୁ, ସମ୍ପାଦିକା ଉଲ୍ଲାସ ସାମନ୍ତରାୟ, କଣାସ ସରପଞ୍ଚ ଭଗବାନ ସୁବୁଦ୍ଧି ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। କଣାସ ବ୍ଲକର ୨୧ବର୍ଷରୁ ୬୦ବର୍ଷ ମଧ୍ୟରେ ଥିବା ୪୮ହଜାରରୁ ଊର୍ଦ୍ଧ୍ୱ ମହିଳା ଉପକୃତ ହେବେ ବୋଲି ସୂଚନା ଦେଇଛନ୍ତି।

ପିପିଲି ବ୍ଲକ ପ୍ରଶାସନ ପକ୍ଷରୁ ସୁଭଦ୍ରା ଯୋଜନାର ସଚେତନତା ସଭା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ଯୋଗ ଦେଇଥିଲା ବେଳେ ବିଡିଓ ସରୋଜ ରାଉତ ମଞ୍ଚ ପରିଚାଳନା କରିଥିଲେ। ଏବିଡିଓ, ବ୍ଲକ ଅଧ୍ୟକ୍ଷା, ଉପାଧ୍ୟକ୍ଷ, ଜିଲା ପରିଷଦ ସଭ୍ୟ, ଅଙ୍ଗନୱାଡି କର୍ମୀ, ସିଆର୍‌ପି, ଏମବିକେଙ୍କ ସମେତ ୨୦୦୦ରୁ ଊର୍ଦ୍ଧ୍ୱ ମହିଳା ଯୋଗ ଦେଇଥିଲେ। ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ୧୨ ଜଣ ପିଏମ୍ ଆବାସ ଯୋଜନା ହିତାଧିକାରୀ ସମ୍ପୂର୍ଣ୍ଣ କରିଛନ୍ତି, ସେମାନଙ୍କୁ ଏକ ପ୍ରତୀକାତ୍ମକ ଚାବି ବିଧାୟକ ପ୍ରଦାନ କରିଛନ୍ତି। ସୁଭଦ୍ରା ଯୋଜନାର ପ୍ରଥମ କିସ୍ତି ଟଙ୍କା ବ୍ୟାଙ୍କ ଖାତାକୁ ଆସିଥିବାର ମେସେଜ ପାଇ ମହିଳାମାନେ ମୋଦିଙ୍କୁ ଧନ୍ୟବାଦ ଜଣାଇଛନ୍ତି।

ସତ୍ୟବାଦୀର ପଞ୍ଚସଖା ଖେଳ ପଡ଼ିଆରେ ମଙ୍ଗଳବାର ଆଭାସୀ ମାଧ୍ୟମରେ ସୁଭଦ୍ରା ଯୋଜନାର ଶୁଭାରମ୍ଭ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର, ଅତିଥି ଭାବେ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ବେହେରା, ଜିଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେହେରା, ସତ୍ୟବାଦୀ ବ୍ଲକ ବିଡିଓ ଲିପ୍ସା ରାୟ, ତହସିଲଦାର ଅଲୋକ ଦେହୁରୀ, ମହିଳା ଓ ଶିଶୁ ବିକାଶ ଅଧିକାରୀ ରାଜଲକ୍ଷ୍ମୀ ଦାସ, ଜିଲା ପରିଷଦ ସଭ୍ୟା ବିଷ୍ଣୁପ୍ରିୟା ବରାଳ, ସଭ୍ୟ ରତିକାନ୍ତ ମିଶ୍ର, ନେତା ଦୀପକ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ। ବିପିଏମ୍ ଶ୍ୱାଶତୀ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସତ୍ୟବାଦୀ ବ୍ଲକ ଅତିରିକ୍ତ ବିଡିଓ ସଲିଳ ଦାସ ଓ ବ୍ଲକ ସଂଯୋଜକ ଦେବାଶିଷ ପତ୍ରି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ମହିଳା ଓ ଶିଶୁ ବିକାଶ ଅଧିକାରୀ ରାଜଲକ୍ଷ୍ମୀ ଦାସ ଧନ୍ୟବାଦ ଦେଇଥିଲେ।

କାକଟପୁର ବ୍ଲକ ପରିସରରେ ସୁଭଦ୍ରା ଯୋଜନା ଶୁଭାରମ୍ଭରେ ଏକ ବ୍ଲକସ୍ତରୀୟ ସମାବେଶ ଅନୁଷ୍ଠିତ ହୋଇଯାଇଛି। ସମାବେଶରେ ୨ ହଜାରରୁ ଊର୍ଦ୍ଧ୍ୱ ସ୍ୱୟଂ ସହାୟକ ଗୋଷ୍ଠୀ ସଭ୍ୟା, ଅଙ୍ଗନୱାଡ଼ି କର୍ମୀ, ଆଶା କର୍ମୀ ଓ ସୁଭଦ୍ରା ହିତାଧିକାରୀମାନେ ଉପସ୍ଥିତ ଥିଲେ। ବ୍ଲକ ଅଧ୍ୟକ୍ଷ ଶ୍ରୀଧର ନାୟକ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଷ୍ଣୁ ଗୋବିନ୍ଦ, ତହସିଲଦାର ଅଙ୍କିତା ଅନିନ୍ଦିତା, ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ମେରୀ ମାଇକେଲା ଖେସ୍, ମିଶନ ଶକ୍ତିର ବିପିସି ନୟନ ଜେନା, ବ୍ଲକସ୍ତରୀୟ ମହାସଂଘ ସମ୍ପାଦିକା ଲିଲି ପ୍ରିୟା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସ୍ୱଚ୍ଛ ଭାରତ ମିଶନ କାର୍ଯ୍ୟକ୍ରମ ଅଧୀନ କେତେଜଣ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରଯାଇଥିଲା। ପ୍ରଧାନମନ୍ତ୍ରୀ ଆବାସ ସମ୍ପୂର୍ଣ୍ଣ କରିଥିବା କେତେଜଣ ହିତାଧିକାରୀଙ୍କୁ ଗୃହ ପ୍ରବେଶ ପ୍ରମାଣପତ୍ର ଦିଆଯାଇଥିଲା।

ଗୋପ,୧୭।୯(ଭାରତୀ ଭୂଷଣ ଉପାଧ୍ୟାୟ) ଗୋପ ବ୍ଲକରେ ସୁଭଦ୍ରା ଯୋଜନାର ଶୁଭାରମ୍ଭ ହୋଇଯାଇଛି। କାର୍ଯ୍ୟକ୍ରମ ଆରମ୍ଭରେ ବିଡିଓ ଛବିରାଣି ସାହୁଙ୍କ କବିତା ଉପସ୍ଥିତ ମହିଳାଙ୍କ ମନ ମୋହିଥିଲା। ଅତିରିକ୍ତ ଜିଲାପାଳ ନୀଳମାଧବ ଭୋଇ, ବ୍ଲକ ଅଧ୍ୟକ୍ଷା ଝୁନୁ ମଲ୍ଲିକ, ଉପାଧ୍ୟକ୍ଷ ବନରଞ୍ଜନ ପଟ୍ଟନାୟକ, ଅତିରିକ୍ତ ବିଡିଓ ଦୀପକ ଜେନା, ଥାନା ଅଧିକାରୀ ପ୍ରଶାନ୍ତ କୁମାର ପଢିହାରୀ, ଜିଲା ପରିଷଦ ସଭ୍ୟ ପ୍ରମୋଦ ରାୟ ପ୍ରମୁଖ ଉପସ୍ଥିତ ଥିଲେ।



ସୁଭଦ୍ରା ଯୋଜନାର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମହିଳାମାନେ ଏକତ୍ରିତ ହୋଇଛନ୍ତି ।

# ମହିଳାଙ୍କୁ ଯୌତୁକ ନିର୍ଯାତନା ଅଭିଯୋଗ

**ବଲଙ୍ଗା, ୧୭।୯ (କେଦାରେଶ୍ୱର ନନ୍ଦ)**

ଅଧିକ ଯୌତୁକ ଦାବିରେ ବଲଙ୍ଗା ଥାନା ଅଧୀନ ଝାଗେଡ଼ା ସାହି ଗ୍ରାମରେ ଜଣେ ମହିଳାଙ୍କୁ ନିର୍ଯାତନା ଦିଆଯାଉଥିବା ଅଭିଯୋଗ ହୋଇଛି। ଏନେଇ ବଲଙ୍ଗା ପୋଲିସ ୨୫୪/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ସୂଚନା ମୁତାବକ, ବଲଙ୍ଗା ଥାନା ଅଧୀନ ଝାଗେଡ଼ା ସାହି ଗ୍ରାମରେ ରାଘବ ସାହୁଙ୍କୁ ପୁଷ୍ପାଞ୍ଜଳି ସାହୁ ୭ ବର୍ଷ ତଳେ ବିବାହ କରିଥିଲେ। ସେତେବେଳେ ଦାବି ମୁତାବକ ୧ ଲକ୍ଷ ଟଙ୍କା, ସୁନା ଅଳଙ୍କାର ସହ ଆସବାବପତ୍ର ଦିଆଯାଇଥିଲା। ଏହାର ବର୍ଷକ ପରେ ପୁଅ ଜନ୍ମ ହେବା ପରେ ତାଙ୍କ ଶ୍ୱଶୁର ଜୟଦେବ ସାହୁ, ଶାଶୁ ପ୍ରମିଳା ସାହୁ, ଦେଢଶୁର ଲକ୍ଷ୍ମୀଧର, ଯାଆ ସୁଚିତ୍ରା, ନଣନ୍ଦ ସ୍ୱର୍ଣ୍ଣଲତା ଓ ସ୍ୱାମୀ ରାଘବ ଅଧିକ ୫ ଲକ୍ଷ ଟଙ୍କା ଯୌତୁକ ଆଣିବାକୁ ବାଧ କରିଥିଲେ। ପୁଷ୍ପାଞ୍ଜଳି ପୁଅକୁ ନେଇ ବାପ ଘରକୁ ଯାଇ କିଛି ଦିନ ରହି ଫେରିବାକୁ ସ୍ୱାମୀକୁ ଫୋନ ଯୋଗେ ଜଣାଇଥିଲେ। ଟଙ୍କା ନ ନେଇ ଆସିବେ ଘରକୁ ନ ଆସିବାକୁ ରାଘବ କହିଥିଲେ। ଏହାର କିଛି ଦିନ ପରେ ପୁଷ୍ପାଞ୍ଜଳି ପୁଅକୁ ନେଇ ଶ୍ୱଶୁର ଘରେ ରହିଥିଲେ। ଉକ୍ତ ଘଟଣାକୁ କେନ୍ଦ୍ର କରି ସ୍ୱାମୀ ଓ ଶ୍ୱଶୁର ଘର ଲୋକେ ତାଙ୍କୁ ମାନସିକ ନିର୍ଯାତନା ଦେବା ଆରମ୍ଭ କରିଥିଲେ। ଏନେଇ ପୁଷ୍ପାଞ୍ଜଳି ଥାନାରେ ଅଭିଯୋଗ କରିଥିଲେ। ଥାନାରେ ଭଦ୍ର ବ୍ୟକ୍ତିଙ୍କ ଉପସ୍ଥିତିରେ ଉକ୍ତ ଘଟଣାର ସମାଧାନ ହୋଇଥିଲା। ପୁନର୍ବାର ନିର୍ଯାତନା ଦେବାରୁ ସେ ଗତ ମାର୍ଚ୍ଚ ୨୭ରେ ବାପଘରକୁ ଆସିଥିଲେ। ସ୍କୁଲରେ ପୁଅର ନାମ ଲେଖାଇବା ପାଇଁ ସୋମବାର ସନ୍ଧ୍ୟାରେ ଆଧାରକାର୍ଡ ଦରକାର ବୋଲି କହିଥିଲେ। ଏଥିରେ ରାଘବ ମନା କରିବା ସହ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ୫ ଲକ୍ଷ ଟଙ୍କା ଆଣିଲେ ଆଧାର କାର୍ଡ ମିଳିବ ବୋଲି କହିଥିବା ପୁଷ୍ପାଞ୍ଜଳି ଥାନାରେ ଅଭିଯୋଗ କରିଛନ୍ତି।

### ଆଇଗିଣିଆ ଦଧିବାମନଦେବ ଦୁର୍ଗାପୂଜା କମିଟି

# ଏଥର ଜିରାଙ୍ଗ ମନ୍ଦିର ସଦୃଶ ତୋରଣ



**ଭୁବନେଶ୍ୱର, ୧୭।୯ (ଅନୁରାଧା ମହାରଣା)**

ଶରତ ଋତୁର ଆଗମନରେ ଦୁର୍ଗତିନାଶିନୀ ମା' ଦୁର୍ଗାଙ୍କ ଆବାହନ ପାଇଁ ଚାରିଆଡ଼େ ଉତ୍ସାହର ଲହରି। ରାଜଧାନୀର ବିଭିନ୍ନ ପୂଜା କମିଟି ପକ୍ଷରୁ ସୁସଜ୍ଜିତ ତୋରଣ, ସାଜସଜ୍ଜା ପ୍ରସ୍ତୁତି ଆରମ୍ଭ ହୋଇଗଲଣି। ଆଇଗିଣିଆସ୍ଥିତ ଦଧିବାମନଦେବ ଦୁର୍ଗାପୂଜା କମିଟି ପକ୍ଷରୁ ଗତ ୧୫ ତାରିଖରେ ମାଟି ଅନୁକୂଳ ହେବା ପରେ ପୂଜା ସାଜସଜ୍ଜା ଆଗେଇଛି।

ପ୍ରତିବର୍ଷ ସୁଉଚ୍ଚ ଆକର୍ଷଣୀୟ ତୋରଣରେ ଝଲସୁଥିବା ମଣ୍ଡପରେ ମା' ବିରାଜୁଥିବା ବେଳେ ଚଳିତବର୍ଷ କମିଟି ପକ୍ଷରୁ ସ୍ୱତନ୍ତ୍ର ଯୋଜନା କରାଯାଇଛି। ଏଥର ଗଜପତି ଜିଲାର ପ୍ରସିଦ୍ଧ ଜିରାଙ୍ଗ ମନ୍ଦିର ଆକୃତିର ତୋରଣ ପ୍ରସ୍ତୁତ କରାଯିବାକୁ ଥିବାବେଳେ ଏହାର



**ବିରାଜିବେ ମା'**

ଉଚ୍ଚତା ପ୍ରାୟ ୮୦ ଫୁଟ୍ ରହିବ। ଏଥିପାଇଁ କୋଲକାତାରୁ ୩୦ ଜଣ କାରିଗର ନିୟୋଜିତ ଅଛନ୍ତି। ୧୫ ଫୁଟ୍ ଉଚ୍ଚତା ବିଶିଷ୍ଟ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ଗଢ଼ିବାରେ ବାରଙ୍ଗର ୭ଜଣ କାରିଗର ଲାଗିପଡ଼ିଛନ୍ତି। ସମଗ୍ର ପୂଜା ଆୟୋଜନ ପାଇଁ ୨୦ ଲକ୍ଷ ଟଙ୍କା ଖର୍ଚ୍ଚ ଆକଳନ କରାଯାଇଛି।

ବିଧି ଅନୁସାରେ ଷଷ୍ଠୀଠାରୁ ପୂଜା ଆରମ୍ଭ ହେବାକୁ ଥିବାବେଳେ ୫ଦିନ ଧରି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ସପ୍ତମୀରେ ପାଲା, ଅଷ୍ଟମୀରେ ଭଜନ ସମାରୋହ ଅନୁଷ୍ଠିତ ହେବ। ନବମୀ ଓ ଦଶମୀରେ ମେଲୋଡି କାର୍ଯ୍ୟକ୍ରମ ରହିଥିବା ସଂଘ ପକ୍ଷରୁ ସୂଚନା ମିଳିଛି। ପରମ୍ପରା ଅନୁଯାୟୀ ମହାଷ୍ଟମୀରୁ ମା'ଙ୍କ ଠାରେ ଖେଚୁଡ଼ି ଭୋଗ ଲାଗି କରାଯିବା ସହ ଶ୍ରଦ୍ଧାଳୁଙ୍କ ମଧ୍ୟରେ ବଣ୍ଟନ ବନ୍ଦୋବସ୍ତ କରାଯାଇଛି।

ଭସାଣି ପାଇଁ ନୟାପଲ୍ଲୀରେ ସହରର ଅନ୍ୟାନ୍ୟ ମେଢ଼ ସହିତ ଏହି ମେଢ଼ ସାମିଲ ହେବା ପରେ ଧୂମ୍‌ଧାମରେ ଭସାଣି ଯାତ୍ରା କରାଯିବ। ଜାତୀୟ ରାଜପଥ କଡରେ ମଣ୍ଡପ ହୋଇଥିବାରୁ ମାତ୍ରାଧିକ ଶ୍ରଦ୍ଧାଳୁଙ୍କ ଭିଡ଼ ହେବ ବୋଲି କମିଟି ପକ୍ଷରୁ ଆଶା କରାଯାଉଥିବାବେଳେ ଅନୁରୂପ ଭାବେ ବନ୍ଦୋବସ୍ତ କରାଯାଇଛି।

### ମା' ପିନ୍ଧିବେ ୪୦ କିଲୋଗ୍ରାମ ସୁନାରୁପା ଗହଣା



ପୂଜାରେ ତୋରଣଠାରୁ ମା'ଙ୍କ ମୂର୍ତ୍ତି ଓ ପୂଜାବିଧି ଗୁରୁତ୍ୱପୂର୍ଣ୍ଣ। ତେବେ ପ୍ରତିବର୍ଷ ମା'ଙ୍କର କିଛି କିଛି ସୁନା ଓ ରୂପା କହଣା କିଣାଯାଇଥାଏ। ଏବର୍ଷ ମା' ପ୍ରାୟ ୪୦ କିଲୋଗ୍ରାମ ଓଜନର ଗହଣା ପିନ୍ଧିବେ। ମୁକୁଟ ଠାରୁ ଆରମ୍ଭ କରି କୁଣ୍ଡଳ, କଣ୍ଠ, ବାଜୁବନ୍ଧ ଆଦି ଗହଣା ରହିଛି। ମା'ଙ୍କ ଆଭୂଷଣ ଉପରେ ଏବର୍ଷ କାରିଗରମାନେ ସ୍ୱତନ୍ତ୍ର ଦୃଷ୍ଟିଦେବେ।

- ଟୁଲୁ ପ୍ରଧାନ, ସଦସ୍ୟ

### ଶୃଙ୍ଖଳା ରକ୍ଷା କରିବେ ସ୍ୱେଚ୍ଛାସେବୀ



ରାସ୍ତା ପାର୍ଶ୍ୱରେ ମେଢ଼ ହେଉଛି। ଏଥିସହ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ବହୁତ ଲୋକଗହଳି ହେବ ସେଥିରେ ସନ୍ଦେହ ନାହିଁ। ମାତ୍ର ଭିଡ଼ ତଥା କୌଣସି ପ୍ରକାର ବିଶୃଙ୍ଖଳାକୁ ଏଡ଼ାଇବା ପାଇଁ ୫୦ ଜଣ ସ୍ୱେଚ୍ଛାସେବୀ ନିୟୋଜିତ ହେବେ। ପୋଲିସ୍ ପ୍ରଶାସନର ମଧ ସହଯୋଗ ଲୋଡ଼ାଯାଇଛି। ସେହିପରି ପରିବେଶ ସୁରକ୍ଷାକୁ ଦୃଷ୍ଟି ରଖି ଆବର୍ଜନା ହଟାଇବା, ପ୍ଲାଷ୍ଟିକ୍ ତଥା ପଲିଥିନ୍ ବ୍ୟବହାର ଉପରେ ଯଥାସମ୍ଭବ କଟକଣା ଲଗାଇବାକୁ ଚେଷ୍ଟା କରାଯିବ।

- ନୃସିଂହ ପ୍ରସାଦ ସୁନ୍ଦରାୟ, ସଭାପତି

### ୩୫ ବର୍ଷରେ ପହଞ୍ଚିଛି ପୂଜା



୩୫ ବର୍ଷ ଧରି ଏହି ମଣ୍ଡପରେ ମା'ଙ୍କର ପୂଜା ଚାଲିଛି। ପ୍ରଥମେ କେବଳ ଆଖପାଖ ଗାଁ ଲୋକ ଆସୁଥିଲେଶ୍, ଏବେ ସାରା ସହରରୁ ଲୋକଙ୍କ ସମାଗମ ହେଉଛି। ପୂଜା ବୁଲିବାପାଇଁ ବାହାରୁ ଭୁବନେଶ୍ୱର ଆସୁଥିବା ଲୋକ ମଧ ଆମ ମଣ୍ଡପରେ ମା'ଙ୍କ ଦର୍ଶନ କରିବାକୁ ମନ ବଳାଉଛନ୍ତି। ମା'ଙ୍କ ଆଶୀର୍ବାଦରେ ପୂଜା ପ୍ରସ୍ତୁତି ସୁରୁଖୁରୁରେ ଆଗେଇ ଚାଲିଛି। ବିଶ୍ୱବାସୀଙ୍କ ମଙ୍ଗଳ ପାଇଁ ମା'ଙ୍କ ପାଖେ ପ୍ରାର୍ଥନା କରୁଛି।

- ରଞ୍ଜନ କୁମାର ସୁନ୍ଦରାୟ, ସମ୍ପାଦକ

### ମା'ଙ୍କ ପୂଜାରେ କର୍ତ୍ତା ଭାବେ ବସିବା ଭାଗ୍ୟର କଥା



ମା'ଙ୍କ ଦର୍ଶନ କଲେ ଯେତିକି ପୂଣ୍ୟ ମିଳେ ସେତିକି ଶାନ୍ତି ମିଳେ। ମା'ଙ୍କ ପୂଜାରେ କର୍ତ୍ତା ଭାବେ ବସିବା ଭାଗ୍ୟର କଥା। ଗାଁ ପୋଖରୀରେ ସବୁବର୍ଷ ଭଳି ଏବର୍ଷ ମଧ ମାଟି ଅନୁକୂଳ ହୋଇଛି। ନିଷ୍ଠାର ସହିତ ମା'ଙ୍କ ଆରାଧନା କରିବା। ପୂଜା କମିଟିର ପରିଶ୍ରମ, ମା'ଙ୍କ ଆଶୀର୍ବାଦ ତୋରଣ ଠିଆ ହେବ, ମା'ଙ୍କ ମୂର୍ତ୍ତି ଗଢ଼ାହେବ ଆଉ ସ୍ୱୟଂ ମା'ଙ୍କ ଇଚ୍ଛାରେ ହିଁ ସେ ମେଲାଣି ନେବେ।

- କୀର୍ତ୍ତିଚନ୍ଦ୍ର ସ୍ୱାଇଁ, କର୍ତ୍ତା

# ମାନସ ନାୟକ ଆକାଶବାଣୀ କଟକ କେନ୍ଦ୍ରର କାର୍ଯ୍ୟକ୍ରମ ମୁଖ୍ୟ



**କଟକ, ୧୭।୯ (କାର୍ତ୍ତିକ ସାହୁ)**

ଆକାଶବାଣୀ କଟକ କେନ୍ଦ୍ରର କାର୍ଯ୍ୟକ୍ରମ ମୁଖ୍ୟ ଭାବେ ସର୍ବଭାରତୀୟ ଲୋକ ପ୍ରସାରଣ ସେବାର ବରିଷ୍ଠ ଅଧିକାରୀ ମାନସ ରଞ୍ଜନ ନାୟକ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ଆକାଶବାଣୀ ପୁରୀ କେନ୍ଦ୍ର ମୁଖ୍ୟ ଭାବେ କାର୍ଯ୍ୟ କରୁଥିଲେ। ରଥଯାତ୍ରାର ଧାରା ବିବରଣୀ ଏବଂ ଅନ୍ୟାନ୍ୟ ପ୍ରସାରଣ କାର୍ଯ୍ୟକୁ ସେ ସଫଳତାର ସହିତ ପରିଚାଳନା କରି ନିଜର କାର୍ଯ୍ୟଦକ୍ଷତା ପ୍ରତିପାଦନ କରିଛନ୍ତି। ଦୀର୍ଘ ୩୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଆକାଶବାଣୀ ସହ ସମ୍ପୃକ୍ତ ରହି ସହକାରୀ କେନ୍ଦ୍ର ନିର୍ଦ୍ଦେଶକ ଭାବେ ପଦୋନ୍ନତି ପାଇଥିଲେ। ସିବିଏସ୍‌ର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ସହ ପରବର୍ତ୍ତୀ ସମୟରେ ଜୟପୁର, ବ୍ରହ୍ମପୁର ଏବଂ କଟକ କେନ୍ଦ୍ରରେ କାର୍ଯ୍ୟକ୍ରମ ନିଷ୍ପାଦକ ଭାବେ କାର୍ଯ୍ୟ କରିଥିଲେ। ଏ ନେଇ ମାନସ କହିଛନ୍ତି, ଆକାଶବାଣୀ କଟକ କେନ୍ଦ୍ରର ପରମ୍ପରା, ସଂସ୍କୃତିକୁ ବଜାୟ ରଖି କାର୍ଯ୍ୟ କରିବେ। କର୍ମଚାରୀ ଅଭାବ ସାଙ୍ଗକୁ ଅନ୍ୟାନ୍ୟ ସମସ୍ୟା ମଧ୍ୟରେ ବି କାର୍ଯ୍ୟକ୍ରମର ମାନ ପୂର୍ବଭଳି ବଜାୟ ରଖିବାକୁ ଚେଷ୍ଟା କରିବେ। କଟକ କେନ୍ଦ୍ରରେ କାର୍ଯ୍ୟ କରିବା ଏକ ଆହ୍ୱାନ। ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱକୁ ସମସ୍ତଙ୍କ ସହଯୋଗରେ ତୁଲାଇ କେନ୍ଦ୍ରର ମର୍ଯ୍ୟାଦା ରକ୍ଷା ନିମନ୍ତେ ପ୍ରୟାସ କରିବେ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, କିଛି ମାସ ତଳେ କାର୍ଯ୍ୟକ୍ରମ ମୁଖ୍ୟ ଥିବା ଉପନିର୍ଦ୍ଦେଶକ ତରୁଣକାନ୍ତ ରାଉତଙ୍କ ଅବସର ପରେ କାର୍ଯ୍ୟକ୍ରମ ନିଷ୍ପାଦକ ସୁମିତ୍ରା ମହାପାତ୍ର ଏହି ଦାୟିତ୍ୱ ତୁଲାଇ ଆସୁଥିଲେ।

# ଏନ୍‌ଆର୍‌ଆର୍‌ଆଇରେ ଶ୍ରମିକଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

**କଟକ, ୧୭।୯ (କାର୍ତ୍ତିକ ସାହୁ)**

### ବିଭିନ୍ନ ଦାବି ପୂରଣ କରାଯାଉ

କଟକ ବିଦ୍ୟାଧରପୁରସ୍ଥିତ ଜାତୀୟ ଧାନ ଗବେଷଣା ଅନୁଷ୍ଠାନ (ଏନ୍‌ଆର୍‌ଆର୍‌ଆଇ)ରେ ଠିକା ଶ୍ରମିକମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଛନ୍ତି। ଏଥିସହ ବିଭିନ୍ନ ଦାବି ନେଇ ସେମାନେ ଅନୁଷ୍ଠାନର ଫାଟକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ହାଉସ୍ କିପିଙ୍ଗରେ କାର୍ଯ୍ୟରତ ଶ୍ରମିକଙ୍କୁ ନିୟମ ଅନୁସାରେ ଦରମା ଏବଂ ବର୍ଦ୍ଧିତ ଦରମା ଦେବା, ଏଗ୍ରିକଲଚର ବିଭାଗରେ କାର୍ଯ୍ୟରତ ଶ୍ରମିକଙ୍କୁ ନିୟମିତ କାର୍ଯ୍ୟ ଯୋଗାଇ ଦେବା ସହ କୁଶଳୀ ଶ୍ରମିକ ମାନ୍ୟତା ପ୍ରଦାନ କରିବା, ଠିକାଦାର ଶ୍ରମିକମାନଙ୍କ ବକେୟା ଦରମା ଟଙ୍କା ତୁରନ୍ତ ପ୍ରଦାନ କରିବା ଆଦି ଦାବି ପୂରଣ ନିମନ୍ତେ ସେମାନେ ଆନ୍ଦୋଳନ କରିଛନ୍ତି। ଭାରତୀୟ ମଜଦୁର ସଂଘ ଦ୍ୱାରା ପରିଚାଳିତ ଏନ୍‌ଆର୍‌ଆର୍‌ଆଇ କଣ୍ଟ୍ରାକ୍ଟ ଲେବର ୟୁନିୟନ ପକ୍ଷରୁ ସଭାପତି ବସନ୍ତ କୁମାର ସାହୁ, ଉପସଭାପତି ପ୍ରବୀଣା ଭୋଇ, ସାଧାରଣ ସମ୍ପାଦକ କିଶୋର ଭୋଇ, ସହ ସମ୍ପାଦକ ଭାଗ୍ୟଧର ମଲ୍ଲିକ, କୋଷାଧ୍ୟକ୍ଷ ପ୍ରକାଶ ନାୟକ, ସଂଘର କମିଟି ସଦସ୍ୟ ସୁଧୀର ନାୟକ, ମନୋଜ ନାୟକ, ପବିତ୍ର କୁମାର ଦାସ, ସୁଲୋଚନା ଦାସ, ଶିବେନ୍ଦ୍ର ଦାସ, ସୁଜାତା ଭୋଇ, ସବିତା ସାହୁ ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଥିଲେ।

# ନନ୍ଦନକାନନରେ 'ସ୍ୱଚ୍ଛତା ହିଁ ସେବା' ଅଭିଯାନ

**ବାରଙ୍ଗ/ତ୍ରିଶୂଳିଆ, ୧୭।୯ (ଲିଙ୍ଗରାଜ ରାଉତ/ ତୁଷାର କାନ୍ତ ବେହେରା)**

ପ୍ରାଣୀଉଦ୍ୟାନ ନନ୍ଦନକାନନ ପରିସରରେ ମଙ୍ଗଳବାର ପୂର୍ବାହ୍ନରେ ସ୍ୱଚ୍ଛତା ହିଁ ସେବା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପ୍ରାକୃତିକ ବିଜ୍ଞାନ ସଂଗ୍ରହାଳୟ (ଆର୍‌ଏମ୍‌ଏନ୍‌ଏଚ୍) ଏବଂ ନନ୍ଦନକାନନ ଉଚ୍ଚ ବିଦ୍ୟାଳୟ ମିଳିତ ଭାବେ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଆର୍‌ଏମ୍‌ଏନ୍‌ଏଚ୍‌ର ୧୫୫ ଜଣ କର୍ମଚାରୀଙ୍କ ସମେତ ନନ୍ଦନକାନନ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ର ଏକତ୍ରିତ ହୋଇ ପ୍ରାଣୀଉଦ୍ୟାନ ପରିସରରେ ଥିବା ଅଳିଆ ଆବର୍ଜନା ସଫା କରିଥିଲେ। ଏଥିସହ ଉପସ୍ଥିତ ସମସ୍ତ କର୍ମଚାରୀ ଏବଂ ଛାତ୍ରୀଛାତ୍ର ପରିବେଶ ସୁରକ୍ଷା, ପରିଷ୍କାର ପରିଚ୍ଛନ୍ନ ରହିବା ଏବଂ ଏହାର ଯତ୍ନ ନେବାକୁ ଶପଥ ନେଇଥିଲେ।



ଅନନ୍ତ ବ୍ରତ ଅବସରରେ ମଙ୍ଗଳବାର ପୁରୁଣା ଭୁବନେଶ୍ୱରସ୍ଥିତ ଅନନ୍ତ ବାସୁଦେବ ମନ୍ଦିରକୁ ପୂଜାର୍ଚ୍ଚନା ପାଇଁ ଶ୍ରଦ୍ଧାଳୁମାନେ ଧାଡ଼ିରେ ଯାଉଛନ୍ତି। (ଫଟୋ: ମନୋରଞ୍ଜନ ମିଶ୍ର)

# ପୁରୀରୁ ସାତପଡ଼ା ଟ୍ରେନ୍ ଚଳାଚଳ ଦାବି

**ପୁରୀ, ୧୭।୯ (ଅଜିତ୍ କୁମାର ମହାନ୍ତି)**

ପୁରୀରୁ ସାତପଡ଼ା ମଧ୍ୟରେ ଟ୍ରେନ ଚଳାଚଳ ପାଇଁ ପୁରୀ ବିକାଶ ପରିଷଦ ପକ୍ଷରୁ ମଙ୍ଗଳବାର ଦାବି କରାଯାଇଛି। ଏଥିପାଇଁ ଖୁବଶୀଘ୍ର କେନ୍ଦ୍ର ରେଳମନ୍ତ୍ରୀଙ୍କ ସମେତ ରେଲୱେ ବୋର୍ଡ ଅଧ୍ୟକ୍ଷଙ୍କୁ ଦାବିପତ୍ର ପ୍ରଦାନ କରାଯିବ। ମଙ୍ଗଳବାର ଭକ୍ତ ସାଲବେଗ ସମାଧି ପୀଠରେ ପରିଷଦର ସଭାପତି ଜଗନ୍ନାଥ ବସ୍ତିଆଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିସହ ପରିକ୍ରମା ମାର୍ଗ ନିର୍ମାଣ ପାଇଁ ଉଚ୍ଛେଦ ହୋଇଥିବା ଐତିହ୍ୟ ରଘୁନନ୍ଦନ ପାଠାଗାର ଏବଂ ଆଚାର୍ଯ୍ୟ ହରିହର ପାଠାଗାର ଉପଯୁକ୍ତ ସ୍ଥାନରେ ନିର୍ମାଣ କରାଯିବାକୁ ପରିଷଦ ପକ୍ଷରୁ ଦାବି କରାଯାଇଛି। ପୁରୀର ବହୁ ପ୍ରାଚୀନ ମଠ ମନ୍ଦିର ଜରାଜୀର୍ଣ୍ଣ ଅବସ୍ଥାରେ ଥିବାରୁ ବୈଠକରେ ଅସନ୍ତୋଷ ପ୍ରକାଶ ପାଇଥିଲା। ପ୍ରାଚୀନ ଐତିହ୍ୟଗୁଡ଼ିକର ସୁରକ୍ଷା ପାଇଁ ଭାରତୀୟ ଐତିହ୍ୟ ପ୍ରାଧିକରଣ, ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା ଏବଂ ରାଜ୍ୟ ସରକାରଙ୍କୁ ଅନୁରୋଧ କରାଯିବ। ଅକ୍ଟୋବର ୨୩ ତାରିଖରେ ଜିଲା ପ୍ରତିଷ୍ଠା ଦିବସ ପାଳନ କରାଯିବ। ଏହି ଅବସରରେ ସାଧାରଣ ସମ୍ପାଦକ ଦିଲ୍ଲୀପ କୁମାର ଓଝା କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ସୁକାନ୍ତ କୁମାର ପଣ୍ଡା, ଡ. ରାଧାଶ୍ୟାମ ରଥ, ସଂଗଠନ ସମ୍ପାଦକ ସ୍ୱାଧୀନ କୁମାର ପଣ୍ଡା, କୋଷାଧ୍ୟକ୍ଷ ମଞ୍ଜୁଲତା ମୁଦୁଲି, ପ୍ରାନ୍ତସିନୀ ଜେନା, ସୁଜିତ କୁମାର ମହାପାତ୍ର, ଗୋବିନ୍ଦ ଦାସ ଘୋଷ, ବାପିନା ସାମନ୍ତରାୟ, ଉପଦେଷ୍ଟା ଚକ୍ରଧର ମହାପାତ୍ର, ପ୍ରଫେସର କୈଳାସ ଭୂଷଣ ମହାପାତ୍ର, ନରେନ୍ଦ୍ର ପାତ୍ର, ଶୁଭଶ୍ରୀ ଦାସ ପ୍ରମୁଖ ବୈଠକରେ ଯୋଗ ଦେଇଥିଲେ।

# ଭୁବନେଶ୍ୱର ଏମ୍‌ପିଙ୍କ ପ୍ରତିନିଧି ହେଲେ ବାବି

**ବାଲିଅନ୍ତା, ୧୭।୯ (ନୀଳମାଧବ ସାହୁ)**

ଜୟଦେବ ନିର୍ବାଚନମଣ୍ଡଳୀ ପାଇଁ ଚୈଧୁରୀ ଦ୍ୱାରିକାନାଥ ଦାସ(ବାବି) ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀଙ୍କ ପ୍ରତିନିଧି ହୋଇଛନ୍ତି। ଭୁବନେଶ୍ୱର ଏମ୍‌ପି ଷଡ଼ଙ୍ଗୀ ମଙ୍ଗଳବାର ଜୟଦେବ ନିର୍ବାଚନମଣ୍ଡଳୀରେ ତାଙ୍କର ପ୍ରତିନିଧି ଭାବେ ବାବିଙ୍କୁ ମନୋନୀତ କରିଥିଲେ। ପୂର୍ବରୁ ୨୦୦୭-୨୦୧୨ ମସିହା ପର୍ଯ୍ୟନ୍ତ ବାବି ଭିଙ୍ଗାରପୁର ପଞ୍ଚାୟତର ସରପଞ୍ଚ ଓ ୨୦୧୨-୨୦୧୭ ପର୍ଯ୍ୟନ୍ତ ଜିଲା ପରିଷଦ ସଭ୍ୟ ରୂପେ ଦାୟିତ୍ୱ ତୁଲାଉଥିଲେ। ସେ ଜଣେ ଦୃଢ ସଙ୍ଗଠକ ଭାବରେ ଜୟଦେବ ନିର୍ବାଚନମଣ୍ଡଳୀରେ ଜଣାଶୁଣା। ୨୦୧୨ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀ ରୂପେ ଜିଲା ପରିଷଦ ସଭ୍ୟ ପଦ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରି ସେ ବିଜେଡି ପ୍ରାର୍ଥୀଙ୍କୁ ହରାଇ ଚର୍ଚ୍ଚାର ପରିସରକୁ ଆସିଥିଲେ। ତାଙ୍କ ଉପରେ ଆସ୍ଥା ପ୍ରକଟ କରି ଏହି ନୂତନ ଦାୟିତ୍ୱ ପ୍ରଦାନ କରିଥିବାରୁ ସେ ଏମ୍‌ପି ଷଡ଼ଙ୍ଗୀଙ୍କୁ ଧନ୍ୟବାଦ ଦେଇଛନ୍ତି। ଯେତେବେଳେ ଯେଉଁ ଦାୟିତ୍ୱ ଦେବେ, ସେ ତାକୁ ନିଷ୍ଠାର ସହିତ ତୁଲାଇବା ସହ ଆଗାମୀ ଦିନରେ ଜୟଦେବ ନିର୍ବାଚନମଣ୍ଡଳୀର ବିକାଶ ପାଇଁ ସ୍ୱତନ୍ତ୍ର ଦୃଷ୍ଟି ଦେବେ ବୋଲି ସେ କହିଥିଲେ।

# ବାରଙ୍ଗ ବ୍ଲକ୍‌ରେ ସୁଭଦ୍ରା ଯୋଜନାର ଶୁଭାରମ୍ଭ

**ବାରଙ୍ଗ/ତ୍ରିଶୂଳିଆ, ୧୭।୯ (ଲିଙ୍ଗରାଜ ରାଉତ/ ତୁଷାର କାନ୍ତ ବେହେରା)**

ବାରଙ୍ଗ ବ୍ଲକ ପ୍ରଶାସନ ପକ୍ଷରୁ ଆୟୋଜିତ ବ୍ଲକସ୍ତରୀୟ ସୁଭଦ୍ରା ଯୋଜନାର ଉଦ୍‌ଘାଟନ ସମାରୋହ ମଙ୍ଗଳବାର ଦାଢ଼ାପାଟଣା ପଞ୍ଚାୟତରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମ ଦିବସରେ ଏହି ବୃହତ୍ ଯୋଜନାର ଉଦ୍‌ଘାଟନ କରାଯାଇଛି। ଦାଢ଼ାପାଟଣା ପଞ୍ଚାୟତ କାର୍ଯ୍ୟାଳୟ ନିକଟ ପଡ଼ିଆରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ବ୍ଲକର ୧୬ଟି ପଞ୍ଚାୟତର ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା, ଲୋକେ ପ୍ରତିନିଧି, ସାଧାରଣ ଜନତା ଆଦି ଉପସ୍ଥିତ ଥିଲେ। ଭୁବନେଶ୍ୱର ଜନତା ମଇଦାନରେ ଆୟୋଜିତ ପ୍ରଧାନମନ୍ତ୍ରୀଙ୍କ ଏହି ଉଦ୍‌ଘାଟନ ଉତ୍ସବକୁ ଏଠାରେ ଉପସ୍ଥିତ ଥିବା ଶତାଧିକ ମହିଳା ଓ ଜନସାଧାରଣ ଏଲ୍‌ଇଡି ସ୍କ୍ରିନ ମାଧ୍ୟମରେ ଦେଖି ସ୍ୱାଗତ କରିଥିଲେ। ଉଦ୍‌ଘାଟନ ପରେ ସୁଭଦ୍ରା ଯୋଜନାରେ ଆବେଦନ କରିଥିବା ମହିଳାଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପ୍ରଥମ କିସ୍ତି ଟଙ୍କା ଆସିଥିଲା। ଯାହାକୁ ନେଇ ବାରଙ୍ଗ ଅଞ୍ଚଳର ମହିଳାମାନେ ଖୁସିବ୍ୟକ୍ତ କରିଥିଲେ। ଏଥିସହ 'ସ୍ୱଚ୍ଛତା ହିଁ ସେବା' ଉପରେ ଉପସ୍ଥିତ ଜନସାଧାରଣଙ୍କ ସହ ଆଲୋଚନା କରାଯାଇଥିଲା। ବାରଙ୍ଗ ବିଡିଓ ଧର୍ମରଞ୍ଜନ ପଣ୍ଡାଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଦାଢ଼ାପାଟଣା ସରପଞ୍ଚ ଦିଲୀପ କୁମାର ବେହେରାଙ୍କ ସମେତ ବିଭିନ୍ନ ପଞ୍ଚାୟତର ଲୋକପ୍ରତିନିଧିମାନେ ଉପସ୍ଥିତ ଥିଲେ।




ତ୍ରିଶୂଳିଆଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# 'ଧର୍ମପାଳଙ୍କ ପାଇଁ ଦେଶରେ ବୌଦ୍ଧଧର୍ମ ପୁନଃ ପ୍ରତିଷ୍ଠିତ ହୋଇପାରିଛି'

**ଭୁବନେଶ୍ୱର, ୧୭।୯ (ବନ୍ଦନା ସେଠୀ)**

ଭାରତରୁ ବୌଦ୍ଧଧର୍ମ ଆରମ୍ଭ ହୋଇ ସାରା ବିଶ୍ୱରେ ପରିବ୍ୟାପ୍ତ ହୋଇଥିଲା। ତେବେ ଏପରି ଏକ ସମୟ ଆସିଲା, ଯେତେବେଳେ ଭାରତ ତଥା ବିଶ୍ୱର ଅଧିକାଂଶ ଦେଶରୁ ବୌଦ୍ଧ ଧର୍ମ ଲୋପ ପାଇଗଲା। ଏପରି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ଅନାଗରିକ ଧର୍ମପାଳଙ୍କର ଆବିର୍ଭାବ ହୋଇଥିଲା। ଊନବିଂଶ ଶତାବ୍ଦୀର ଶେଷଭାଗରେ ସେ ଶ୍ରୀଲଙ୍କାରୁ ଭାରତ ଏବଂ ଅନ୍ୟାନ୍ୟ ଦେଶରେ ପହଞ୍ଚି ବୌଦ୍ଧ ଧର୍ମର ମୁଖ୍ୟ ପୀଠସ୍ଥଳୀଗୁଡ଼ିକର ପୁନରୁଦ୍ଧାର କରିବା ସହ ଭବ୍ୟ ବୁଦ୍ଧ ମନ୍ଦିର ନିର୍ମାଣ କରିଥିଲେ ବୋଲି ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ କହିଛନ୍ତି। ମଙ୍ଗଳବାର ମହାବୋଧି ସୋସାଇଟି ଅଫ୍ ଇଣ୍ଡିଆ ପକ୍ଷରୁ ଏହାର ପ୍ରତିଷ୍ଠାତା ଅନାଗରିକ ଧର୍ମପାଳଙ୍କର ୧୬୦ତମ ଜୟନ୍ତୀ ବୁଦ୍ଧ ମନ୍ଦିର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ପଟ୍ଟନାୟକ ଯୋଗଦେଇ ଧର୍ମପାଳଙ୍କ ପାଇଁ ଦେଶରେ ବୁଦ୍ଧଧର୍ମ ପୁନଃ ପ୍ରତିଷ୍ଠିତ ହୋଇପାରିଲା ବୋଲି କହିଥିଲେ। ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ତଥା ମହାବୋଧି ସୋସାଇଟିର ଓଡ଼ିଶା ଶାଖା ସଭାପତି ନରେନ୍ଦ୍ର କୁମାର ମିଶ୍ର ସଭାପତିତ୍ୱ କରି ଧର୍ମପାଳ ଓ ସ୍ୱାମୀ ବିବେକାନନ୍ଦଙ୍କ ମଧ୍ୟରେ ୧୮୯୧ ଶିକାଗୋ ବିଶ୍ୱ ଧର୍ମ କଂଗ୍ରେସ ଅଧିବେଶନରେ କିଭଳି ପ୍ରଗାଢ଼ ବନ୍ଧୁତ୍ୱ ଗଢିଉଠିଥିଲା ତାହା ବର୍ଣ୍ଣନା କରିଥିଲେ। ଓଡ଼ିଶା ଶାଖା ସମ୍ପାଦକ ତଥା ସୋସାଇଟି କେନ୍ଦ୍ରୀୟ ଟ୍ରଷ୍ଟି ସୌରେନ୍ଦ୍ର ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକାରୀ କମିଟି ସଭ୍ୟ ସିଦ୍ଧାର୍ଥ କୁମାର ପଣ୍ଡା ଧନ୍ୟବାଦ ଦେଇଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

# ଏଥର ବୈଷ୍ଣୋଦେବୀ ମନ୍ଦିର ଗେଟ୍ ସଦୃଶ ତୋରଣ



## ବିରାଜିବେ ମା'

କଟକ,୧୭।୯(ଶିଳ୍ପା ପ୍ରିୟଦର୍ଶିନୀ)



**ଖାନ୍‌ନଗର-ଖପୁରିଆ ଶିଳ୍ପାଞ୍ଚଳ ପୂଜା କମିଟି**

ପାଖେଇ ଆସୁଛି ଦୁର୍ଗା ପୂଜା। ଧରାବତରଣ କରିବେ ଜଗଜ୍ଜନନୀ ମା'ଦୁର୍ଗା। ଏଥିପାଇଁ ଚଳଚଞ୍ଚଳର ହୋଇଛି କଟକ ସହରର ବିଭିନ୍ନ ପୂଜାମଣ୍ଡପ। ପୂଜାମଣ୍ଡପଗୁଡିକରେ ମଧ୍ୟ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଏହି ପୂଜା ଦୌଡରେ ସାମିଲ ହୋଇଛି ଖାନ୍‌ନଗର-ଖପୁରିଆ ଶିଳ୍ପାଞ୍ଚଳ ପୂଜା କମିଟି। ବୃନ୍ଦାବନସ୍ଥିତ ବୈଷ୍ଣୋଦେବୀ ମନ୍ଦିର ଗେଟ୍ ଆକୃତିର ତୋରଣ ଚଳିତବର୍ଷ ଆକର୍ଷଣ ସାଜିବ। ଏହି ତୋରଣର ଉଚ୍ଚତା ୬୫ ଫୁଟ୍ ରହିଥିବାବେଳେ କଟକ ପଦ୍ମପୁର ଅଞ୍ଚଳର କାରିଗର ଏହାକୁ ତିଆରି କରୁଛନ୍ତି। ସେହିପରି ୮ ଫୁଟ ଉଚ୍ଚତାର ମା'ଙ୍କ ମୂର୍ତ୍ତି ନିର୍ମାଣରେ କଟକ କାଠଗଡ଼ା ସାହିର ସୁରେନ୍ଦ୍ର ବେହେରା ଓ ଅନ୍ୟ କାରିଗର ଲାଗି ପଡ଼ିଛନ୍ତି। ୧୯୫୬ରୁ କମିଟି ପକ୍ଷରୁ ପ୍ରଥମେ ପଞ୍ଚମୁଖୀ ମହାଦେବଙ୍କ ପୂଜା କରାଯାଇଥିଲା। ଏହାପରେ କିଛି ବର୍ଷ ବଗଳାମୁଖୀଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ୧୯୬୨ରେ ଦୁର୍ଗା ପୂଜା ଆରମ୍ଭ ହୋଇଥିଲା। ୨୦୧୧ରେ ମା'ଙ୍କ ଚାନ୍ଦିମେଢ ଓ ୨୦୧୮ରେ ସୁନା ମୁକୁଟ ନିର୍ମାଣ କରାଯାଇଥିଲା। ସେହିପରି ପାର୍ଶ୍ୱ ଦେବଦେବୀଙ୍କ ଅଳଙ୍କାର ମଧ୍ୟ ତିଆରି କରାଯାଇଥିଲା। ଚଳିତବର୍ଷ ପୂଜା ବଜେଟ୍ ୧୦ ଲକ୍ଷ ଟଙ୍କା ରହିଛି। ସେହିପରି ମହାସପ୍ତମୀରେ ମା'ଙ୍କ ପୂଜାର୍ଚ୍ଚନା, ମହାଷ୍ଟମୀରେ ଖିରି ଭୋଗ କରାଯାଇ ଶତାଧିକ ଶ୍ରଦ୍ଧାଳୁଙ୍କ ବଣ୍ଟାଯିବ। ମହାନବମୀ ମା'ଙ୍କ ପୂଜାର୍ଚ୍ଚନା ଓ ଦଶମୀରେ ଦହି ପଖାଳ ଭୋଗ କରାଯାଇ ଶ୍ରଦ୍ଧାଳୁଙ୍କୁ ବଣ୍ଟନ କରାଯିବ। ଏଥିସହ ୫ ରାତି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ଭସାଣିରେ ବ୍ରହ୍ମପୁରର ବ୍ୟାଣ୍ଡ୍ ପାର୍ଟି, ବଲାଙ୍ଗୀର ଘଣ୍ଟ ବାଦ୍ୟ ସମେତ ପାରମ୍ପରିକ ବାଦ୍ୟ ପରିବେଷଣ କରାଯିବ।

### ଶୃଙ୍ଖଳିତ ଦର୍ଶନକୁ ଗୁରୁତ୍ୱ



"ପୂଜା ସମୟରେ ସୁରକ୍ଷା ବ୍ୟବସ୍ଥା ସହ ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ପୂଜା କମିଟି ପକ୍ଷରୁ ଗୁରୁତ୍ୱ ଦିଆଯାଇଛି। ଶ୍ରଦ୍ଧାଳୁ ବିଶେଷକରି ବରିଷ୍ଠ ନାଗରିକ ଓ ଦିବ୍ୟାଙ୍ଗ କିଭଳି ଭାବେ ଶୃଙ୍ଖଳିତ ଦର୍ଶନ କରିବେ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣବେଳେ ଯେପରି କୌଣସି ବାଧା ସୃଷ୍ଟି ନ ହେବ ସେଥିପ୍ରତି କମିଟି ସଦସ୍ୟ ଦୃଷ୍ଟି ଦେବେ।

**ସୁବାସ ଚନ୍ଦ୍ର ବେହେରା, ସଭାପତି**

### ମହାଷଷ୍ଠୀରେ ଚାରା ବଣ୍ଟନ କରାଯିବ



"୬୨ ବର୍ଷ ହେବ ଶାରଦୀୟ ଦୁର୍ଗା ପୂଜା କରାଯାଉଛି। ଚଳିତବର୍ଷ ପୋଲିସ ପକ୍ଷରୁ ଲାଗୁ ହୋଇଥିବା ନିୟମକୁ ପାଳନ କରାଯିବ। ନିଶାମୁକ୍ତ ଭସାଣି ପାଇଁ କମିଟି ପକ୍ଷରୁ ବୈଠକ କରାଯାଇ ସଚେତନ କରାଯାଉଛି। ଏହାସହ ଡିଜେମୁକ୍ତ ଭସାଣି କରାଯିବ। ମହାଷଷ୍ଠୀରେ କମିଟି ପକ୍ଷରୁ ଚାରା ବଣ୍ଟନ କରାଯିବ। ସେହିପରି ମା'ଙ୍କ ପୂଜାରେ ଖିରି ଭୋଗର ସ୍ୱତନ୍ତ୍ରତା ରହିଛି।

**ପ୍ରଫୁଲ ସାହୁ, ସମ୍ପାଦକ**



କଟକ ରାଣୀହାଟ କେନାଲ ରୋଡ୍‌ରେ ତେଲୁଗୁ ସମ୍ପ୍ରଦାୟ ପକ୍ଷରୁ ଅନୁଷ୍ଠିତ ଷୋଳପୁଅ ମା' ଠାକୁରାଣୀ ପୂଜା।

## 'ସ୍ୱଚ୍ଛତା ହିଁ ସେବା' କାର୍ଯ୍ୟକ୍ରମ

ଚୌଦ୍ୱାର,୧୭।୯(ଆଶୁତୋଷ ଦାସ)

ଚୌଦ୍ୱାର ପୌରପାଳିକା ପକ୍ଷରୁ 'ସ୍ୱଚ୍ଛତା ହିଁ ସେବା' କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପୌରପାଳିକା ସ୍ୱଚ୍ଛ ଭାରତ ନୋଡାଲ ଅଫିସର ବିଚିତ୍ରା ନନ୍ଦ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ପୌର ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ରାଉତ, କାଉନ୍‌ସିଲର ବିଜୟ ମଲ୍ଲିକ, ଦିଲୀପ ସାହୁ, ବିଜୟ ସାହୁ, ଦିଲୀପ ଭୂୟାଁ, ଲିଲିବାଳା ସାହୁ, ବିନୋଦିନୀ ରାଉତରାୟ ପ୍ରମୁଖ ଯୋଗଦେଇ ପୌରପାଳିକାରେ କାର୍ଯ୍ୟରତ ସମସ୍ତ ସ୍ୱଚ୍ଛ କର୍ମଚାରୀଙ୍କୁ ଚୌଦ୍ୱାର ସହରକୁ ସ୍ୱଚ୍ଛ ରଖିବା ପାଇଁ କହିଥିଲେ। ଏହି ଅବସରରେ ବିରୁପା ନଦୀ କୂଳରେ ଥିବା ମାଗୁରା ବୋଟିଂ ପାର୍କ ପରିସର ସଫା କରାଯାଇ ଚାରା ରୋପଣ କରାଯାଇଥିଲା। ଏଥିସହ ଉପସ୍ଥିତ ସଦସ୍ୟା, ସଦସ୍ୟ ସଚେତନ ହେବା ସହ ଅନ୍ୟମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ଶପଥ ନେଇଥିଲେ। ପୌରପାଳିକା ପରିମଳ ବିଶେଷଜ୍ଞ ପୀୟୂଷ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ସମସ୍ତ ସ୍ୱଚ୍ଛ ସାଥୀ, ସ୍ୱଚ୍ଛ ସୁପର ଭାଇଜର, ମହିଳା ମହାସଂଘର କର୍ମକର୍ତ୍ତା, ସ୍ୱେଚ୍ଛାସେବୀ ସଙ୍ଗଠନର କର୍ମକର୍ତ୍ତା, ପୌର କର୍ମଚାରୀ, ସଫେଇ କର୍ମଚାରୀ, ଏଫ୍‌ଏସ୍‌ଟିପି, ଏମ୍‌ସିସିର କର୍ମଚାରୀ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ ଆସନ୍ତା ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀରେ ଶେଷ ହେବ ବୋଲି ନିର୍ବାହୀ ଅଧିକାରୀ ସୂଚନା ଦେଇଛନ୍ତି ।

## 'ଦୁର୍ବଳ ଲୋକଙ୍କୁ ସହାୟତା କରୁଥିଲେ ବୁଦ୍ଧଦେବ'

କଟକ,୧୭।୯(କାର୍ତ୍ତିକ ସାହୁ)

ନିଖିଳ ଓଡ଼ିଶା ବୁଦ୍ଧିଜୀବୀ ଫୋରମ୍ ପକ୍ଷରୁ ସାମାଜିକ କର୍ମୀ ବୁଦ୍ଧଦେବ ଜେନାଙ୍କ ସ୍ମୃତିଚାରଣ ସଭା ଖାନ୍‌ନଗରସ୍ଥିତ ପଞ୍ଚମୁଖୀ କଲ୍ୟାଣୀ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଫୋରମ୍‌ର ଉପସଭାପତି ତାପସ ଦ୍ୱିବେଦୀଙ୍କ ଅଧ୍ୟକ୍ଷତାରେ ବୁଦ୍ଧଦେବଙ୍କ ସ୍ମୃତିଚାରଣ ହୋଇଥିଲା। ସ୍ୱର୍ଗତ ଜେନା ବହୁ ଆର୍ଥିକ ଅନଗ୍ରସର ପିଲାଙ୍କୁ ଆର୍ଥିକ ସହାୟତା ମାଧ୍ୟମରେ ସେମାନଙ୍କର ପାଠପଢ଼ାରେ ସହାୟକ ହେଉଥିଲେ। ଆର୍ଥିକ ଦୁର୍ବଳ ଲୋକଙ୍କ ଅସୁବିଧା ସମୟରେ ଆର୍ଥିକ ସହାୟତା କରି ସମସ୍ତଙ୍କର ସେ ପ୍ରିୟ ହୋଇଥିଲେ ବୋଲି ବକ୍ତାମାନେ କହିଥିଲେ। ବୈଜ୍ଞାନିକ ଏମ୍.ସି. ମଲ୍ଲିକ, ଶିକ୍ଷାବିତ୍ ଯୁଧିଷ୍ଠିର ପଣ୍ଡା, କନ୍ୟା ସସ୍ମିତା ଜେନା, ବ୍ରଜେନ୍ଦ୍ର ଦ୍ୱିବେଦୀ, ଆଶିଷ ଜେନା, ରାଜେଶ ଜେନା, ପ୍ରଜ୍ଞା ପରମିତା ଜେନା ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପୁଷ୍ପାଞ୍ଜଳି ପ୍ରଧାନ ଓ କୁମାର ସୋନୁଙ୍କ ତତ୍ତ୍ୱାବଧାନରେ ଭଜନ ପରିବେଷଣ ହୋଇଥିଲା। କ୍ଷିତିଶ ଚନ୍ଦ୍ର ପରିଡ଼ା, ଅର୍ମିତା ପରିଡ଼ା, ଅପରାଜିତା ପରିଡ଼ା, ଅମିତ୍ ପରିଡ଼ା, ଆୟୁଷ ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।





ବିଭିନ୍ନ ଦାବି ନେଇ ଏନ୍‌ଆର୍‌ଆର୍‌ଆଇ ସମ୍ମୁଖରେ ମଙ୍ଗଳବାର ଠିକା ଶ୍ରମିକମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ କରୁଛନ୍ତି।

## ଏନ୍‌ଆର୍‌ଆର୍‌ଆଇରେ ଶ୍ରମିକଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

କଟକ,୧୭।୯(କାର୍ତ୍ତିକ ସାହୁ)

**ବିଭିନ୍ନ ଦାବି ପୂରଣ କରାଯାଉ**

କଟକ ବିଦ୍ୟାଧରପୁରସ୍ଥିତ ଜାତୀୟ ଧାନ ଗବେଷଣା ଅନୁଷ୍ଠାନ (ଏନ୍‌ଆର୍‌ଆର୍‌ଆଇ)ରେ ଠିକା ଶ୍ରମିକମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଛନ୍ତି। ଏଥିସହ ବିଭିନ୍ନ ଦାବି ନେଇ ସେମାନେ ଅନୁଷ୍ଠାନର ଫାଟକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ହାଉସ୍ କିପିଙ୍ଗରେ କାର୍ଯ୍ୟରତ ଶ୍ରମିକଙ୍କୁ ନିୟମ ଅନୁସାରେ ଦରମା ଏବଂ ବର୍ଦ୍ଧିତ ଦରମା ଦେବା, ଏଗ୍ରିକଲଚର ବିଭାଗରେ କାର୍ଯ୍ୟରତ ଶ୍ରମିକଙ୍କୁ ନିୟମିତ କାର୍ଯ୍ୟ ଯୋଗାଇ ଦେବା ସହ କୁଶଳୀ ଶ୍ରମିକ ମାନ୍ୟତା ପ୍ରଦାନ କରିବା, ଠିକାଦାର ଶ୍ରମିକମାନଙ୍କ ବକେୟା ଦରମା ଟଙ୍କା ତୁରନ୍ତ ପ୍ରଦାନ କରିବା ଆଦି ଦାବି ପୂରଣ ନିମନ୍ତେ ସେମାନେ ଆନ୍ଦୋଳନ କରିଛନ୍ତି। ଭାରତୀୟ ମଜଦୁର ସଂଘ ଦ୍ୱାରା ପରିଚାଳିତ ଏନ୍‌ଆର୍‌ଆର୍‌ଆଇ କଣ୍ଟ୍ରାକ୍ଟ ଲେବର ୟୁନିୟନ ପକ୍ଷରୁ ସଭାପତି ବସନ୍ତ କୁମାର ସାହୁ, ଉପସଭାପତି ପ୍ରବୀଣା ଭୋଇ, ସାଧାରଣ ସମ୍ପାଦକ କିଶୋର ଭୋଇ, ସହ ସମ୍ପାଦକ ଭାଗ୍ୟଧର ମଲ୍ଲିକ, କୋଷାଧ୍ୟକ୍ଷ ପ୍ରକାଶ ନାୟକ, ସଂଘର କମିଟି ସଦସ୍ୟ ସୁଧୀର ନାୟକ, ମନୋଜ ନାୟକ, ପବିତ୍ର କୁମାର ଦାସ, ସୁଲୋଚନା ଦାସ, ଶିବେନ୍ଦ୍ର ଦାସ, ସୁଜାତା ଭୋଇ, ସବିତା ସାହୁ ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଥିଲେ।

## ୫୦ ଛାତ୍ରୀଛାତ୍ରଙ୍କୁ ସାଇକେଲ ବଣ୍ଟନ

କଣ୍ଟାପଡା,୧୭।୯(ଡି.ଏନ୍.ଏ.)

କଣ୍ଟାପଡା ବ୍ଲକ ଅନ୍ତର୍ଗତ ପୋସ୍ତଲ ପଞ୍ଚାୟତର ବଳେଶ୍ୱର ହାଇସ୍କୁଲରେ ସାଇକେଲ ବଣ୍ଟନ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କାନାରା ରୋବେକୋ ମ୍ୟୁଚୁଆଲ ଫଣ୍ଡ୍ ଭୁବନେଶ୍ୱର ଶାଖାର ପରିଚାଳକ ଶାନ୍ତିସ୍ୱରୂପ ମିଶ୍ର ଯୋଗଦେଇ ଉକ୍ତ ବିଦ୍ୟାଳୟର ନବମ ଓ ଦଶମ ଶ୍ରେଣୀର ୫୦ଜଣ ଗରିବ ଛାତ୍ରୀଛାତ୍ରଙ୍କୁ ସାଇକେଲ ବଣ୍ଟନ କରିଥିଲେ। ବିଦ୍ୟାଳୟର ଶିକ୍ଷକମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ମାନସ ନାୟକ ଆକାଶବାଣୀ କଟକ କେନ୍ଦ୍ରର କାର୍ଯ୍ୟକ୍ରମ ମୁଖ୍ୟ

କଟକ,୧୭।୯(କାର୍ତ୍ତିକ ସାହୁ)



ମାନସ ରଞ୍ଜନ ନାୟକ

ଆକାଶବାଣୀ କଟକ କେନ୍ଦ୍ରର କାର୍ଯ୍ୟକ୍ରମ ମୁଖ୍ୟ ଭାବେ ସର୍ବଭାରତୀୟ ଲୋକ ପ୍ରସାରଣ ସେବାର ବରିଷ୍ଠ ଅଧିକାରୀ ମାନସ ରଞ୍ଜନ ନାୟକ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ଆକାଶବାଣୀ ପୁରୀ କେନ୍ଦ୍ର ମୁଖ୍ୟ ଭାବେ କାର୍ଯ୍ୟ କରୁଥିଲେ। ରଥଯାତ୍ରାର ଧାରା ବିବରଣୀ ଏବଂ ଅନ୍ୟାନ୍ୟ ପ୍ରସାରଣ କାର୍ଯ୍ୟକୁ ସେ ସଫଳତାର ସହିତ ପରିଚାଳନା କରି ନିଜର କାର୍ଯ୍ୟଦକ୍ଷତା ପ୍ରତିପାଦନ କରିଛନ୍ତି। ଦୀର୍ଘ ୩୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଆକାଶବାଣୀ ସହ ସମ୍ପୃକ୍ତ ରହି ସହକାରୀ କେନ୍ଦ୍ର ନିର୍ଦ୍ଦେଶକ ଭାବେ ପଦୋନ୍ନତି ପାଇଥିଲେ। ସିବିଏସ୍‌ର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ସହ ପରବର୍ତ୍ତୀ ସମୟରେ ଜୟପୁର, ବ୍ରହ୍ମପୁର ଏବଂ କଟକ କେନ୍ଦ୍ରରେ କାର୍ଯ୍ୟକ୍ରମ ନିଷ୍ପାଦକ ଭାବେ କାର୍ଯ୍ୟ କରିଥିଲେ। ଏ ନେଇ ମାନସ କହିଛନ୍ତି, ଆକାଶବାଣୀ କଟକ କେନ୍ଦ୍ରର ପରମ୍ପରା, ସଂସ୍କୃତିକୁ ବଜାୟ ରଖି କାର୍ଯ୍ୟ କରିବେ। କର୍ମଚାରୀ ଅଭାବ ସାଙ୍ଗକୁ ଅନ୍ୟାନ୍ୟ ସମସ୍ୟା ମଧ୍ୟରେ ବି କାର୍ଯ୍ୟକ୍ରମର ମାନ ପୂର୍ବଭଳି ବଜାୟ ରଖିବାକୁ ଚେଷ୍ଟା କରିବେ। କଟକ କେନ୍ଦ୍ରରେ କାର୍ଯ୍ୟ କରିବା ଏକ ଆହ୍ୱାନ। ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱକୁ ସମସ୍ତଙ୍କ ସହଯୋଗରେ ତୁଲାଇ କେନ୍ଦ୍ରର ମର୍ଯ୍ୟାଦା ରକ୍ଷା ନିମନ୍ତେ ପ୍ରୟାସ କରିବେ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, କିଛି ମାସ ତଳେ କାର୍ଯ୍ୟକ୍ରମ ମୁଖ୍ୟ ଥିବା ଉପନିର୍ଦ୍ଦେଶକ ତରୁଣକାନ୍ତ ରାଉତଙ୍କ ଅବସର ପରେ କାର୍ଯ୍ୟକ୍ରମ ନିଷ୍ପାଦକ ସୁମିତ୍ରା ମହାପାତ୍ର ଏହି ଦାୟିତ୍ୱ ତୁଲାଇ ଆସୁଥିଲେ।

## ଜିଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି

କଟକ,୧୭।୯(କାର୍ତ୍ତିକ ସାହୁ)

**ତ୍ୱରିତ ସମାଧାନ ପାଇଁ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ**

ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏସ୍‌ପି ଏଲ୍. ଦିବ୍ୟା, ଅତିରିକ୍ତ ଜିଲାପାଳ ଶିବ ଟପୋ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ୪୩ଟି ବ୍ୟକ୍ତିଗତ ଓ ୮ଟି ସାମୂହିକ ଅଭିଯୋଗ ଶୁଣାଣି ପାଇଁ ହସ୍ତଗତ ହୋଇଥିଲା। ସେଥିମଧ୍ୟରୁ ୧୧ଟି ଅଭିଯୋଗର ତ୍ୱରିତ ସମାଧାନ ନିମନ୍ତେ ପଦକ୍ଷେପ ଗ୍ରହଣ କରାଯାଇଛି। ଏଥିସହ ପାନୀୟ ଜଳ, ବାର୍ଦ୍ଧକ୍ୟ ଭତ୍ତା, ଦିବ୍ୟାଙ୍ଗ ଭତ୍ତା, ସ୍ୱାସ୍ଥ୍ୟ, ଶିକ୍ଷା, କୃଷି, ପ୍ରାଣୀ ସମ୍ପଦ ଆଦି ସମ୍ପର୍କିତ ବିଭିନ୍ନ ପଞ୍ଜୀକୃତ ଅଭିଯୋଗର ଶୁଣାଣି ପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ବିଭିନ୍ନ ବିଭାଗର ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହି ଶିବିରରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ, ଜିଲା କୃଷି ଅଧିକାରୀ, ଜିଲା ଶିକ୍ଷା ଅଧିକାରୀ, ଅବକାରୀ ସୁପରିଣ୍ଟେଣ୍ଡେଣ୍ଟ, ଅଧୀକ୍ଷଣ ଯନ୍ତ୍ରୀ, ଜିଲା ନିୟୋଜନ ଅଧିକାରୀ, ଜିଲା ଜନମଙ୍ଗଳ ଅଧିକାରୀ ଓ ଜିଲା ଶିଶୁ ସୁରକ୍ଷା ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ।



ଯୁଗ୍ମ ଜନ ଅଭିଯୋଗ ଶୁଣାଣିରେ ଜିଲାପାଳଙ୍କ ସମେତ ଅନ୍ୟମାନେ।

## ବାହାରେ ପୁରାତନ ଛାତ୍ରନେତା, ଭିତରେ ଛାତ୍ରୀଛାତ୍ରଙ୍କ ପ୍ରତିବାଦ









କଟକ କଲେଜ ଛକସ୍ଥିତ ନେତାଜୀଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ପୂର୍ବତନ ଛାତ୍ରନେତାମାନେ ବିକ୍ଷୋଭ କରୁଛନ୍ତି। ବିଶ୍ୱବିଦ୍ୟାଳୟ ପରିସରରେ ଛାତ୍ରୀଛାତ୍ରମାନେ ମହମବତି ଜଳାଇ ଶୋଭାଯାତ୍ରାରେ ପ୍ରତିବାଦ କରୁଛନ୍ତି।

କଟକ,୧୭।୯(କାର୍ତ୍ତିକ ସାହୁ)

**ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ନାମ ପରିବର୍ତ୍ତନର ଅନାବଶ୍ୟକ ବିତର୍କ ବନ୍ଦ ହେଉ**

ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ନାମ ପରିବର୍ତ୍ତନ ବିତର୍କ ବନ୍ଦ କରିବାକୁ ନେଇ ଛାତ୍ରନେତା ଓ ଛାତ୍ରୀଛାତ୍ର ପ୍ରତିବାଦ ଜାରି ରଖିଛନ୍ତି। ମଙ୍ଗଳବାର ପୂର୍ବାହ୍ନରେ ବିଶ୍ୱବିଦ୍ୟାଳୟ ବାହାରେ ପୁରାତନ ଛାତ୍ରନେତାମାନେ ପ୍ରତିବାଦ କରିଥିଲେ। ପୁଣି ସନ୍ଧ୍ୟାରେ ବିଶ୍ୱବିଦ୍ୟାଳୟ ପରିସରରେ ଛାତ୍ରୀଛାତ୍ରମାନେ ମହମବତି ଜଳାଇ ଶୋଭାଯାତ୍ରା କରିଛନ୍ତି। ଏଭଳି ଅଭିନବ ପ୍ରତିବାଦ କରି ସେମାନେ ରାଜ୍ୟର ପ୍ରାଚୀନ ଶିକ୍ଷାନୁଷ୍ଠାନର ଭିତ୍ତିଭୂମି ବିକାଶ ଦିଗରେ ଦୃଷ୍ଟି ଦେବାକୁ ଦାବି କରିଛନ୍ତି।

ସୂଚନା ଅନୁଯାୟୀ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ନାମ ପରିବର୍ତ୍ତନକୁ ନେଇ ମତପ୍ରକାଶ କରିବା ପରେ ବିଭିନ୍ନ ମହଲରେ ବିତର୍କ ଆରମ୍ଭ ହୋଇଛି। କେହି କେହି ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ନାମ ପରିବର୍ତ୍ତନ କରି ରାଜ୍ୟର କୌଣସି ବରପୁତ୍ରଙ୍କ ନାମରେ ନାମିତ କରିବାକୁ ମତବ୍ୟକ୍ତ କରିଛନ୍ତି। ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଭିତ୍ତିଭୂମିର ବିକାଶ ଦାବିରେ ମଙ୍ଗଳବାର ପୂର୍ବାହ୍ନରେ ରେଭେନ୍‌ଶାର ପୂର୍ବତନ ଛାତ୍ରନେତାମାନେ କଲେଜ ଛକସ୍ଥିତ ନେତାଜୀଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ବିକ୍ଷୋଭ କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶା ଗସ୍ତରେ ଆସିଥିବାରୁ ସେ ତାଙ୍କର ମନ୍ତ୍ରୀ, ଏମ୍‌ପି ଓ ବିଧାୟକମାନଙ୍କୁ ରେଭେନ୍‌ଶା ନାମ ପରିବର୍ତ୍ତନ ସପକ୍ଷରେ କୌଣସି ମତାମତ ନ ଦେବାକୁ ପରାମର୍ଶ ଦିଅନ୍ତୁ ବୋଲି ଛାତ୍ରନେତାମାନେ ଦାବି କରିଛନ୍ତି। ରେଭେନ୍‌ଶାରେ ଖାଲି ପଡ଼ିଥିବା ଅଧ୍ୟାପକ ପଦବୀ ପୂରଣ, ଅଧିକ ସଂଖ୍ୟକ ହଷ୍ଟେଲ ନିର୍ମାଣ ଓ ଅନ୍ୟାନ୍ୟ ଭିତ୍ତିଭୂମି ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଗୁରୁତ୍ୱ ଦିଅନ୍ତୁ ବୋଲି ଦାବି କରାଯାଇଛି। ଏହି ବିକ୍ଷୋଭରେ ରେଭେନ୍‌ଶା ଛାତ୍ର ସଂସଦର ପୂର୍ବତନ ଛାତ୍ର ନେତା ଅକ୍ଷୟ ଦାସ, ଚିତ୍ତରଞ୍ଜନ ମହାନ୍ତି, ଜିନେଶ ଦାସ, ଗଣେଶ ତ୍ରିପାଠୀ, ନନ୍ଦଲାଲ ସିଂହ, ସିଦ୍ଧାର୍ଥ ରଥ, ଶିଶିର ପରିଡ଼ା, ସତ୍ୟବ୍ରତ ପଟ୍ଟନାୟକ, ନସିମ ସରକାର, ହରିଶଙ୍କର ରାଉତଙ୍କ ସମେତ ଅନ୍ୟମାନେ ଯୋଗଦେଇଥିଲେ। ସେହିପରି ବହୁ ସଂଖ୍ୟକ ଛାତ୍ରୀଛାତ୍ର କ୍ୟାଣ୍ଡେଲ ଶୋଭାଯାତ୍ରାରେ ଯୋଗଦେଇ ସେମାନଙ୍କର ବିରୋଧଭାବ ପ୍ରତିପାଦିତ କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଓଡ଼ିଶା ଗସ୍ତ ଅବସରରେ ଏଭଳି ପ୍ରତିବାଦର ସ୍ୱର ଉଠାଯାଇ ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ନାମ ପରିବର୍ତ୍ତନ ବିତର୍କ ବନ୍ଦ କରିବା ନିମନ୍ତେ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିବା ଜଣାପଡିଛି।


ଗଣେଶ ମହୋତ୍ସବ ଅବସରରେ ମଙ୍ଗଳବାର ଜଟଣୀ ପୋଷ୍ଟ ଅଫିସ୍ ଛକ ବ୍ୟବସାୟୀ ସଂଘ ପକ୍ଷରୁ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମ।


ରାଜାବଜାର ବ୍ୟବସାୟୀ ସଂଘ ପୂଜା କମିଟି ପକ୍ଷରୁ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ସଙ୍ଗୀତ ପରିବେଷଣ କରାଯାଉଛି।


ହରିଭାଇନା ଛକ ବ୍ୟବସାୟୀ ସଂଘ ପକ୍ଷରୁ ଗଣେଶ ପୂଜା ମଣ୍ଡପ ସମ୍ମୁଖରେ ଅନୁଷ୍ଠିତ ବାଦୀପାଲା।

# ଚଇତି ଘୋଡ଼ା ନୃତ୍ୟ, ଓଡ଼ିଶୀ ମନମୋହିଲା

## ଜଟଣୀ ଗଣେଶ ମହୋତ୍ସବର ଅନ୍ତିମ ସନ୍ଧ୍ୟା

ଜଟଣୀ,୧୭।୯(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ଗଣେଶ ପୂଜା ଏବଂ ମହୋତ୍ସବର ଅନ୍ତିମ ଦିବସରେ ବିଭିନ୍ନ ପୂଜାମଣ୍ଡପ ଓ ମୀନାବଜାରରେ ଲୋକଙ୍କ ପ୍ରବଳ ଭିଡ଼ ହୋଇଥିଲା। କଳିଙ୍ଗ ଯୁବ ପରିଷଦ ପକ୍ଷରୁ ଅନୁଷ୍ଠିତ ଗଣେଶ ମହୋତ୍ସବର ୧୧ତମ ସନ୍ଧ୍ୟା ମଙ୍ଗଳବାର ଆୟୋଜକ ସଙ୍ଗଠନର ସଭାପତି ରବିନାରାୟଣ ଦାଶଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଅତିଥିଭାବେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିଶ୍ୱରଞ୍ଜନ ବଡ଼ଜେନା, ଭାରତୀୟ ତୈଳନିଗମ ନିର୍ଦ୍ଦେଶକ ସୁଦୀପ୍ତ ରାୟ, ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବରିଷ୍ଠ ଅଧିବକ୍ତା ସୁଖବିନ୍ଦର କର, ସମାଜସେବୀ ମନସ୍ମିତା ଜେନା, ଜଟଣୀ ବ୍ଲକ ଅଧକ୍ଷା ଜୟନ୍ତୀ ଛୋଟରାୟ, ସୁରଜ ପାଇକରାୟ ପ୍ରମୁଖ ଯୋଗଦେଇଥିଲେ। ମେଳା, ମହୋତ୍ସବ ଆୟୋଜନ ଦ୍ୱାରା ଅଞ୍ଚଳର ଆର୍ଥିକ ବିକାଶ ହେବା ସହ ଲୋକେ କଳା, ସଂସ୍କୃତି ଏବଂ ପରମ୍ପରାକୁ ଜାଣିବାରେ ସହାୟକ ହୋଇଥାଏ ବୋଲି ମତପ୍ରକାଶ ପାଇଥିଲା। ଏହି ଅବସରରେ କାକଟପୁରର ମା' କାକଟେଶ୍ୱରୀ ଲୋକନୃତ୍ୟ କଳାପରିଷଦର କଳାକାରଙ୍କ ଚଇତି ଘୋଡ଼ା ନାଚ ଏବଂ ଓଡ଼ିଶୀ ନୃତ୍ୟଶିଳ୍ପୀ ଶମ୍ଭୁଦତ୍ତ ସ୍ୱାଇଁଙ୍କ ଓଡ଼ିଶୀନୃତ୍ୟ ଦର୍ଶକଙ୍କୁ ଆକୃଷ୍ଟ କରିଥିଲା। ସମାଜର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୫ ଜଣଙ୍କୁ ଶରତ ପାଇକରାୟ ସେବା ସମ୍ମାନ ଏବଂ ମେଧା ସମ୍ମାନରେ ସମ୍ମାନିତ କରାଯାଇଥିଲା। ଜଟଣୀ ଅଞ୍ଚଳର ବିଶିଷ୍ଟ ଦନ୍ତ ଚିକିତ୍ସକ ସୁନୀଲ କୁମାର ରାଉତରାୟଙ୍କୁ ଶରତ ପାଇକରାୟ ସେବା ସମ୍ମାନ-୨୦୨୪ ରେ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ହରିଭାଇନା ଛକ ବ୍ୟବସାୟୀ ସଂଘ, ଗୋପବନ୍ଧୁ ବଜାର ବ୍ୟବସାୟୀ ସଂଘ, ମହୁଲଗୁଡ଼ିଆ ଛକ ବ୍ୟବସାୟୀ ସଂଘ, ମେଡିକାଲ ଛକ ଏବଂ ହନୁମାନ ବାଟିକା ଛକକୁ ମହୋତ୍ସବ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାରମ୍ଭରେ ଆୟୋଜକ ସଙ୍ଗଠନର ଆବାହକ ସୀତାକାନ୍ତ ନାୟକ ଏବଂ ପ୍ରତାପ କୁମାର ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନୁଷ୍ଠାନର ସମ୍ପାଦକ ସମୀର ଜେନା ଉତ୍ସବର ଅଭିମୁଖ୍ୟ ଏବଂ ଅନୁଷ୍ଠାନ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବାକୁ ଲୋକଙ୍କ ବେଶ୍ ଭିଡ଼ ଜମିଥିଲା।


ଜଟଣୀ ଗଣେଶ ମହୋତ୍ସବର ଅନ୍ତିମ ସନ୍ଧ୍ୟାରେ ଚଇତି ଘୋଡ଼ା ନୃତ୍ୟ ପରିବେଷଣ କରାଯାଉଛି।


ଜଟଣୀ କଳିଙ୍ଗ ଯୁବ ପରିଷଦ ପକ୍ଷରୁ ଅନୁଷ୍ଠିତ ଗଣେଶ ମହୋତ୍ସବର ଅନ୍ତିମ ସନ୍ଧ୍ୟାରେ ଦନ୍ତ ଚିକିତ୍ସକ ସୁନୀଲ କୁମାର ରାଉତରାୟଙ୍କୁ ଶରତ ପାଇକରାୟ ସେବା ସମ୍ମାନ-୨୦୨୪ ରେ ସମ୍ମାନିତ କରାଯାଉଛି।

# ନିଲାମ ହେଲା ୫୫ କେଜି ଲଡୁ



## ୬୩ ହଜାର ଟଙ୍କାରେ ନିଲାମ ନେଲେ ଟିଣ୍ଟୁ ଅଗ୍ରୱାଲ

ଜଟଣୀ,୧୭।୯(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ଗଣେଶ ମହୋତ୍ସବର ୧୧ତମ ଦିବସରେ ପ୍ରତିବର୍ଷ ଭଳି ଗୋପବନ୍ଧୁ ଛକ ବ୍ୟବସାୟୀ ସଂଘ ପକ୍ଷରୁ ୫୫ କେଜି ଓଜନର ଲଡୁ ନିଲାମ କରାଯାଇଛି। ସଂଘ ସଭାପତି ସୁରେନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଏହି ନିଲାମ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଲଡୁ ନିଲାମ ଡାକ ୧୦୧ରୁ ଆରମ୍ଭ ହୋଇଥିବା ବେଳେ ଶେଷରେ ଜଟଣୀ ଅଞ୍ଚଳର ବ୍ୟବସାୟୀ ଟିଣ୍ଟୁ ଅଗ୍ରୱାଲ ୬୩ହଜାର ଟଙ୍କାରେ ଉକ୍ତ ଲଡୁ ନେବା ପାଇଁ ହକ୍‌ଦାର ହୋଇଥିଲେ। ଏହି ନିଲାମ ପ୍ରକ୍ରିୟାରେ ବିଭିନ୍ନ ଅଞ୍ଚଳରୁ ଆସିଥିବା ଶ୍ରଦ୍ଧାଳୁଙ୍କ ସହ ସ୍ଥାନୀୟ ଶ୍ରଦ୍ଧାଳୁ ଅଂଶଗ୍ରହଣ କରିଥିଲେ। ଏହି ନିଲାମ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିଶ୍ୱରଞ୍ଜନ ବଡ଼ଜେନା, ଭୁବନେଶ୍ୱର ଏମ୍‌ପିଙ୍କ ପ୍ରତିନିଧି ସତୀଶ୍ ଶର୍ମା, ଖୋର୍ଦ୍ଧା ଜିଲା ବିଜେଡି ଉପସଭାପତି ସୁଦର୍ଶନ ସୁନ୍ଦରାୟ, ବିଜୟ କୁମାର ଛୋଟରାୟ, କୈଳାସ ମହାପାତ୍ର, କାଉନ୍‌ସିଲର ବିଷ୍ଣୁ ସାହୁ, ଭାଜପାନେତ୍ରୀ ରୋଜିନାରାଣୀ ଦାସ, ନୋଟାରୀ ଅବନୀ ରାଉତରାୟ, ରବି ବେହେରା ପ୍ରମୁଖ ଯୋଗଦେଇଥିଲେ। ଅଧ୍ୟାପକ ବିଜୟ କୁମାର ପଣ୍ଡା ଅତିଥି ପରିଚୟ ପ୍ରଦାନ ସହ ମଞ୍ଚ ପରିଚାଳନା କରିଥିଲେ। ଶ୍ରୀଗଣେଶଙ୍କ ନିକଟରେ ପୂଜା ପାଉଥିବା ଲଡୁ ନିଲାମ ପ୍ରକ୍ରିୟା ଦେଖିବା ପାଇଁ ମଣ୍ଡପ ସମ୍ମୁଖରେ ପ୍ରବଳ ଜନସମାଗମ ହୋଇଥିଲା।

# ବ୍ଲକସ୍ତରୀୟ ବିଦ୍ୟାଳୟ ସମୂହ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା

ବାଣପୁର,୧୭।୯(ଦିଲୀପ କୁମାର ସ୍ୱାଇଁ)

ବାଣପୁର ବ୍ଲକ ଅନ୍ତର୍ଗତ ଗମ୍ଭାରୀମୁଣ୍ଡା ସ୍ଥିତ ପତିତପାବନ ବାଣୀ ବିଦ୍ୟାମନ୍ଦିର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ବିଦ୍ୟାଳୟ ସମୂହ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ୧୨ ବିଦ୍ୟାଳୟ ଏବଂ ୩ଟି ଉଚ୍ଚ ମାଧମିକ ବିଦ୍ୟାଳୟରୁ ୧୮୮ କ୍ରୀଡ଼ାବିତ୍ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଏବିଇଓ ଲକ୍ଷ୍ମୀଧର ସେଠୀ ଉଦ୍‌ଘାଟନ କରିଥିଲେ। ପତିତପାବନ ବାଣୀ ମନ୍ଦିରର ସହକାରୀ ଶିକ୍ଷକ ତ୍ରିନାଥ ହୋତା ମୁଖ୍ୟବକ୍ତା ଭାବେ ଯୋଗଦେଇ କ୍ରୀଡ଼ା ଦ୍ୱାରା କିପରି ଶାରୀରିକ ଓ ମାନସିକ ବିକାଶ ହୋଇପାରିବ ସେ ସମ୍ପର୍କରେ ଉଦ୍‌ବୋଧନ ଦେଇଥିଲେ। ଏହି ପ୍ରତିଯୋଗିତାରେ ଖୋଖୋ, ବ୍ୟାଡ୍‌ମିଣ୍ଟନ, ଚେସ୍, ଯୋଗ ଆଦି ପ୍ରତିଯୋଗିତା ହୋଇଥିଲା। ଶିକ୍ଷକ ସୌମ୍ୟକାନ୍ତ ସାହୁ, ପ୍ରଶାନ୍ତ କୁମାର ଜେନା, ଗତିକୃଷ୍ଣ ବିଶ୍ୱାଳ, ଜୟନ୍ତ ବଳିୟାରସିଂହ, ସରୋଜ କୁମାର ସ୍ୱାଇଁ, ସୁଧନ୍ୟ ସାହୁ, ସିଦ୍ଧାନ୍ତ ସ୍ୱାଇଁ ପ୍ରମୁଖ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ।


ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ପିଲାମାନେ।

# ମା'ପାଇଁ ଗଛଟିଏ କାର୍ଯ୍ୟକ୍ରମ

ବେଗୁନିଆ,୧୭।୯(ହରପ୍ରସନ୍ନ ପଣ୍ଡା)

ବେଗୁନିଆ ବ୍ଲକ ରାଧାକାନ୍ତପୁର ପଞ୍ଚାୟତ ଅନ୍ତର୍ଗତ ଗଡ଼ତରା ଗ୍ରାମସ୍ଥିତ ଆଦିବାସୀ ସାହିର ମା' ମଙ୍ଗଳା ମନ୍ଦିର ପରିସରରେ ମଙ୍ଗଳବାର ମା'ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭାଜପା କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁଙ୍କ ନିର୍ଦ୍ଦେଶନାରେ ଖୋର୍ଦ୍ଧା ଜିଲା ଭାଜପା କୃଷକ ମୋର୍ଚ୍ଚା ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଭିନ୍ନ କିସମର ଚାରା ରୋପଣ କରାଯାଇଥିଲା। କୃଷକ ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶିବପ୍ରସାଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପରିବେଶବିତ୍ ରବୀନ୍ଦ୍ର ପଟେଲ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ମହେଶ୍ୱର ପରିଡ଼ା, ଜିତେନ୍ଦ୍ର ରାଉତ ପ୍ରମୁଖ ଅତିଥିଭାବେ ଉପସ୍ଥିତ ଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆଭିମୁଖ୍ୟକୁ ସମ୍ମାନ ଜଣାଇ ମା'ପାଇଁ ଗଛଟିଏ ଲଗାଇ ତାଙ୍କ ଜନ୍ମଦିନ ଅବସରରେ କୃଷକ ମୋର୍ଚ୍ଚା ପକ୍ଷରୁ ଭେଟି ଜଣାଇଲୁ ବୋଲି ଆୟୋଜକ ମିଶ୍ର କହିଛନ୍ତି। ଜୀବଜଗତ ତିଷ୍ଠି ରହିବାକୁ ହେଲେ ବୃକ୍ଷକୁ ବଞ୍ଚାଇ ରଖିବା ଜରୁରୀ ବୋଲି ଆହ୍ୱାନ ଦେଇଥିଲେ।

# ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନରେ ଚାରାରୋପଣ

କୃଷ୍ଣପ୍ରସାଦ,୧୭।୯(କୈଳାସ ଚନ୍ଦ୍ର ପଟ୍ଟନାୟକ)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନ ଅବସରରେ ଗ୍ରୀନ୍ ପାରିକୁଦ ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ମୁଖ୍ୟ ପରିଚାଳକ ତଥା ସାମାଜିକ କର୍ମୀ ହିମାଂଶୁ ଶେଖର ନାୟକଙ୍କ ତତ୍ତ୍ୱାବଧାନରେ ବରିଷ୍ଠ ସଦସ୍ୟା ଅମିତା ତରେଇଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଟୁବୁକାସ୍ଥିତ ବାଟିପୋଖରୀ ଗୁରୁକୁଳ ଆଶ୍ରମରେ ବିଭିନ୍ନ କିସମର ଚାରା ରୋପଣ କରାଯାଇଥିଲା। ବିଷ୍ଣୁଚରଣ ବେହେରା, ମୀନାରାଣୀ ସାହୁ, ପ୍ରଭାତୀ ପାହାଣ, ନକୁଳ ସୁନ୍ଦରା ପ୍ରମୁଖ ସହଯୋଗ କରିଥିଲେ।

# ଆଇନ ସଚେତନତା ଶିବିର



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

ଖୋର୍ଦ୍ଧା,୧୭।୯(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ନିକଟ ସରକାରୀ ଉଚ୍ଚ ବିଦ୍ୟାଳୟ ପାଇକତିଗିରିଆଠାରେ ତାଲୁକ୍ ଆଇନସେବା ପକ୍ଷରୁ ପ୍ରଧାନ ଶିକ୍ଷକ ମହେଶ୍ୱର ମହାନ୍ତିଙ୍କ ସଭାପତିତ୍ୱରେ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହାକୁ ତାଲୁକ୍ ସମ୍ପାଦକ ବସନ୍ତ ଶତପଥୀ ସଂଯୋଜନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଆଇନଜୀବୀ ବିକ୍ରମ କେଶରୀ ଚମ୍ପତି, ଶିକ୍ଷକ ନିରଞ୍ଜନ ସାହୁ, ପିଣ୍ଟୁ ବେହେରା, ସାମୁଏଲ ଗମାଙ୍ଗ, ଶିକ୍ଷୟିତ୍ରୀ ରାମାମଣି ଜେନା, ରାଜଶ୍ରୀ ନାୟକ, କିରଣ ସିଂ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଉକ୍ତ ସଭାରେ ସାଇବର କ୍ରାଇମ୍, ମୌଳିକ ଅଧିକାର ଓ କର୍ତ୍ତବ୍ୟ ସମ୍ବନ୍ଧରେ ଆଲୋଚନା ହୋଇଥିଲା। ସ୍କୁଲ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଇଥିଲା। ଶେଷରେ ଆଇନଜୀବୀ ବିକ୍ରମ କେଶରୀ ଚମ୍ପତି ଧନ୍ୟବାଦ ଦେଇଥିଲେ।

# ଡାକ୍ତରୀ ପାଠପଢ଼ାରେ ଅର୍ଥ ସାଜିଛି ବାଧକ

## ସହାୟତା ଅପେକ୍ଷାରେ ନନ୍ଦିନୀ

ଖୋର୍ଦ୍ଧା,୧୭।୯(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ବ୍ଲକ ମଲ୍ଲୀପୁର ପଞ୍ଚାୟତର ପୋଡ଼ାପୁଟ ଗ୍ରାମର ନନ୍ଦିନୀ ଦାସ। ସେ ଓଡ଼ିଶା ଜଏଣ୍ଟ ଏଣ୍ଟ୍ରାନ୍ସ ପରୀକ୍ଷାରେ ୧୩୦୫ ର୍ୟାଙ୍କ୍ ରଖି ଡାକ୍ତରୀ ପାଠ ପଢ଼ିବା ପାଇଁ ଯୋଗ୍ୟ ବିବେଚିତ ହେବା ସହ ସମ୍ବଲପୁର ବୁର୍ଲାସ୍ଥିତ ଭୀମ୍‌ସାରରେ ନାମ ଲେଖାଇଛନ୍ତି। ଆଗକୁ ଡାକ୍ତରୀ ପାଠ ପାଇଁ ୬ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଆବଶ୍ୟକ। ତେବେ ତାଙ୍କ ଡାକ୍ତରୀ ପାଠ ପଢ଼ାରେ ଅର୍ଥ ବାଧକ ସାଜିଛି। ଯଦି କେହି ସହୃଦୟ ବ୍ୟକ୍ତି ଆର୍ଥିକ ସହାୟତା କରନ୍ତେ ନନ୍ଦିନୀଙ୍କ ଡାକ୍ତର ହେବା ଆଶା ପୂରଣ ହୋଇପାରନ୍ତା ବୋଲି ବାପା ନିରଞ୍ଜନ ଦାସ କହିଛନ୍ତି।

ନିରଞ୍ଜନ ଜଣେ ଦିନମଜୁରିଆ, ପୁଣି ରୋଗଗ୍ରସ୍ତ। ଦିନେ କାମକୁ ନ ଗଲେ ପରିବାର ଉପାସ। ୩୮ହଜାର ଟଙ୍କା ଧାରକରି ନନ୍ଦିନୀଙ୍କ ପାଠ ପଢ଼ିବା ପାଇଁ ଆଡ୍‌ମିଶନ କରିଥିଲେ। ହେଲେ ଡାକ୍ତରୀ ପାଠ ପଢ଼ିବା ଲାଗି ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହେବ। ଏତେ ଟଙ୍କା କେଉଁଠୁ ଆଣିବେ, ସେହି ଚିନ୍ତାରେ ଭାଙ୍ଗିପଡ଼ିଛନ୍ତି ପରିବାର। ସେପଟେ ନନ୍ଦିନୀ ତାଙ୍କ ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପାଇଁ ଆର୍ଥିକ ସହଯୋଗ ଲାଗି ଅନ୍ୟମାନଙ୍କ ସହାୟତା ଲୋଡ଼ିଛନ୍ତି। ଯଦି କେହି ସହୃଦୟ ବ୍ୟକ୍ତି ଆର୍ଥିକ ସହାୟତା କରିବାକୁ ଚାହୁଁଥିଲେ ଏହି ନମ୍ବର (୭୮୪୮୮୦୯୩୧୪, ୭୮୯୪୮୦୭୮୨୦) ରେ ଯୋଗାଯୋଗ କରିପାରିବେ। ଏଥିସହ ଆକାଉଣ୍ଟ ନମ୍ବର (୪୩୨୮୭୯୭୭୪୯୯) ରେ ମଧ୍ୟ ସହାୟତା କରିପାରିବେ ବୋଲି ନିରଞ୍ଜନ ନିବେଦନ କରିଛନ୍ତି।


ମା' ବାପାଙ୍କ ସହ ନନ୍ଦିନୀ ଦାସ।

# ସେବା, ସମର୍ପଣ ଭାବ ନେଇ ରାଷ୍ଟ୍ରର ବିକାଶରେ ସାମିଲ ହୁଅ

## ପ୍ରତିଶ୍ରୁତି ପରିବାର ପକ୍ଷରୁ ସମୂହ ଦୀପଦାନ ଓ ଜୟନ୍ତୀ ଉତ୍ସବ

ଖୋର୍ଦ୍ଧା,୧୭।୯(ପ୍ରଭାତ ପାଣିଗ୍ରାହୀ)

ପ୍ରତ୍ୟେକ ବ୍ୟକ୍ତିଙ୍କ ଅନ୍ତର୍ନିହିତ ପ୍ରତିଭା ରହିଛି। ବ୍ୟସ୍ତବହୁଳ ଜୀବନଶୈଳୀ ମଧ୍ୟରେ ସବୁଠି ଏକ ଅଶାନ୍ତର ବାତାବରଣ ରହିଛି। ଏଥିରୁ ମୁକ୍ତି ପାଇଁ ଦୈନିକ ଦୁଇ ମିନିଟ୍ ଜପତପ, ଧ୍ୟାନ କଲେ ପରମ ଆନନ୍ଦ ଅନୁଭବ ହେବା ସହ ସକଳ ସମସ୍ୟାରୁ ମୁକ୍ତି ମିଳିବ। କୌଣସି ସମୟରେ ଅଶାନ୍ତ ମନକୁ ଶାନ୍ତ କରିବା ପାଇଁ ଦୁଇ ମିନିଟ ନୀରବ ଧ୍ୟାନ ସହ ୩ଥର ଓମ୍‌କାର ଉଚ୍ଚାରଣ କରନ୍ତୁ। ନିଜ ପରିବାର ବ୍ୟତୀତ ଅନ୍ୟର ହିତ ସାଧନ, ସହଯୋଗ ପାଇଁ ଚିନ୍ତନ କରନ୍ତୁ। ଦେବଦେବୀଙ୍କ ପୂଜାର୍ଚ୍ଚନାରେ ଘରେ ଆଧ୍ୟାତ୍ମିକତା, ଊର୍ଜା ଜାତ ହୋଇଥାଏ। ପରିବାରର ସୁଖ ସମୃଦ୍ଧି ବୃଦ୍ଧି ସହ ମନରେ କରୁଣା, ମମତା ଏବଂ ଦେବତ୍ୱଭାବ ଜାଗ୍ରତ ହେବ ବୋଲି ସ୍ୱାମୀ ଶିବ ଚିଦାନନ୍ଦ ସରସ୍ୱତୀଜୀ ମହାରାଜ କହିଛନ୍ତି।

ଖୋର୍ଦ୍ଧାର ଅଗ୍ରଣୀ ସାଂସ୍କୃତିକ, ସାମାଜିକ ଅନୁଷ୍ଠାନ ପ୍ରତିଶ୍ରୁତି ପରିବାର ପକ୍ଷରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନ ଅବସରରେ ସାମୂହିକ ଦୀପଦାନ ଓ ଆଲୋଚନାଚକ୍ର ସ୍ଥାନୀୟ ଗୀତାଭବନ ପରିସରରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପ୍ରତିଶ୍ରୁତି ସମ୍ପାଦକ ବ୍ରଜକିଶୋର ସାହୁଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମରେ କର୍ନେଲ ଡା. ଶରତ ଚନ୍ଦ୍ର ମିଶ୍ର ସଭାପତିତ୍ୱ କରିଥିଲେ। ଦିବ୍ୟଜୀବନ ସଂଘର ସ୍ୱାମୀ ଶିବ ଚିଦାନନ୍ଦ ସରସ୍ୱତୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ସେବା ଓ ସମର୍ପଣ ଭାବ ନେଇ ରାଷ୍ଟ୍ରର ବିକାଶରେ ସାମିଲ ହେବାକୁ ପରାମର୍ଶ ଦେଇଥିଲେ। ନିଜ ସ୍ୱାର୍ଥ ଅପେକ୍ଷା ରାଷ୍ଟ୍ର ସ୍ୱାର୍ଥକୁ ଗୁରୁତ୍ୱ ଦେବାକୁ କହିଥିଲେ। ସଂସ୍କୃତି ଗବେଷକ ଶକ୍ତିଶଙ୍କର ମିଶ୍ର ମୁଖ୍ୟବକ୍ତାଭାବେ ଯୋଗଦେଇ ପ୍ରଧାନମନ୍ତ୍ରୀଙ୍କ ବିକଶିତ ଭାରତ ପରିକଳ୍ପନାରେ ପ୍ରତ୍ୟେକ ବ୍ୟକ୍ତି ସାମିଲ ହେବାକୁ ଆହ୍ୱାନ ଦେଇଥିଲେ। ସମାଜ, ରାଷ୍ଟ୍ରର କଲ୍ୟାଣ ଦିଗରେ ବ୍ରତୀ ହେବାକୁ ଆହ୍ୱାନ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅତିଥିମାନେ ଚତୁର୍ଦ୍ଧାମୂର୍ତ୍ତିଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରିଥିଲେ। ମୋଦିଙ୍କ ଦୀର୍ଘାୟୁ କାମନା କରି ୭୪ଟି ଦୀପ ପ୍ରଜ୍ୱଳନ କରାଯାଇଥିଲା। ହୋମଯଜ୍ଞ ସନ୍ଧ୍ୟାରେ ପୂର୍ଣ୍ଣାହୁତି ହୋଇଥିଲା। ସ୍ମୃତି ଅନନ୍ୟା ବେଦପାଠ କରିଥିଲେ। ପ୍ରଭାତ ପାଣିଗ୍ରାହୀ ମଞ୍ଚ ସଂଯୋଜନା, ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ବିଭୁରେନ୍ଦ୍ର ବିଦ୍ୟାଧର ଧନ୍ୟବାଦ ଦେଇଥିଲେ। ଗୋଲକ କୁମାର ହାତୀ, ଅଭିମନ୍ୟୁ ଘଟୁଆଳ, ଜିତେନ୍ଦ୍ର ବେହେରା, ନରହରି ସାହୁ, ମିହିର ବିଧାର, ବୈକୁଣ୍ଠନାଥ ମହାପାତ୍ର ଏବଂ ପ୍ରତିଶ୍ରୁତି ପରିବାର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

# ରାଜ୍ୟର ବିକାଶରେ କେନ୍ଦ୍ର ଅବହେଳା କରିଛି: ବିଜେଡି

ଭୁବନେଶ୍ୱର,୧୭।୯(ଅନିଲ ଦାସ)

କେନ୍ଦ୍ର ଗତ ୧୦ ବର୍ଷରେ ଓଡ଼ିଶାର ବିକାଶକୁ ଅଗ୍ରାଧିକାର ନୁହେଁ, ଅବହେଳା କରିଥିବା ବିଜେଡି ଅଭିଯୋଗ କରିଛି। ମଙ୍ଗଳବାର ଶଙ୍ଖଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବିଜେଡିର ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ସଞ୍ଜୟ ଦାସବର୍ମା ଏବଂ ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ ଜନତା ମଇଦାନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ଶାସନ କାଳରେ ଓଡ଼ିଶାର ବିକାଶକୁ ଅଗ୍ରାଧିକାର ଦେଇଥିବା ବକ୍ତବ୍ୟକୁ ଦୃଢ଼ ଭାବେ ଖଣ୍ଡନ କରିଛନ୍ତି। ଦାସବର୍ମା କହିଛନ୍ତି, ଓଡ଼ିଶାରୁ ଭାଜପା ସରକାର ୨୧ରୁ ୨୦ ଏମ୍‌ପି ହାସଲ କରିଥିବା ବେଳେ ଚଳିତ ବଜେଟରେ କେନ୍ଦ୍ର ସରକାରଙ୍କ ଓଡ଼ିଶା ପ୍ରତି ଆଭିମୁଖ୍ୟ ନୈରାଶ୍ୟଜନକ। ବିହାରକୁ ୨୬ ହଜାର କୋଟି ଓ ଆନ୍ଧ୍ର ପ୍ରଦେଶକୁ ୧୬ ହଜାର କୋଟି ଟଙ୍କାର ସ୍ୱତନ୍ତ୍ର ଅନୁଦାନ ଦେଇଥିବା ବେଳେ କେନ୍ଦ୍ର ସରକାରଙ୍କ ଓଡ଼ିଶା ପ୍ରତି ଅବହେଳା ସ୍ପଷ୍ଟ ଦେଖାଯାଉଛି। ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟର ବୃହତ୍ତର ସ୍ୱାର୍ଥ ପାଇଁ ପୂର୍ବାଞ୍ଚଳ କାଉନସିଲ୍ ବୈଠକରେ କୋଇଲା ରୟାଲଟି ସଂଶୋଧନ କରି ୧୪%ରୁ ୨୦% କରିବା ପାଇଁ ଦାବି କରିଆସିଛନ୍ତି। କେନ୍ଦ୍ର ସରକାରଙ୍କ ନିୟମ ଅନୁସାରେ ୩ ବର୍ଷରେ ରୟାଲଟି ସଂଶୋଧନ ହେବାର ଥିଲା ବେଳେ ଏହାକୁ ଅଣଦେଖା କରାଯାଇଛି। ସୁପ୍ରିମକୋର୍ଟଙ୍କ ୯ ଜଣିଆ ଖଣ୍ଡପୀଠ ଚଳିତ ବର୍ଷ ଜୁଲାଇ ୨୫ରେ ଏକ ଐତିହାସିକ ନିଷ୍ପତ୍ତି ଶୁଣାଇଥିଲେ। ଏହି ନିଷ୍ପତ୍ତି ଅନୁଯାୟୀ, ରାଜ୍ୟ ସରକାର ରାଜ୍ୟର ଖଣିଜ ଅଞ୍ଚଳ ଓ ଖଣିଜ ସମ୍ପଦ ଉପରେ ସେସ୍ ଓ ଟିକସ ଲଗାଇ ପାରିବେ ଏବଂ ୨୦୦୫ଠାରୁ ଏ ପର୍ଯ୍ୟନ୍ତ ବକେୟା ରାଜସ୍ୱ ଖଣି ମାଲିକଙ୍କଠାରୁ ବିନା ସୁଧରେ ଆଦାୟ କରିପାରିବେ। ଓଡ଼ିଶାରେ ଦେଶର ସମୁଦାୟ ଖଣିଜ ଉତ୍ପାଦନର ୫୦ ଭାଗରୁ ଊର୍ଦ୍ଧ୍ୱ ଥିଲାବେଳେ ସୁପ୍ରିମକୋର୍ଟଙ୍କ ଏହି ନିର୍ଦ୍ଦେଶ କାର୍ଯ୍ୟକାରୀ ହେଲେ ଓଡ଼ିଶା ସରକାର ବକେୟା ଦେୟ ବାବଦରେ ପ୍ରାୟ ୨ ଲକ୍ଷ କୋଟି ଟଙ୍କା ପାଇବା ସଙ୍ଗେ ସଙ୍ଗେ ପ୍ରତିବର୍ଷ ଖଣିଜ ସେସ୍‌ରୁ ଅତିକମ୍‌ରେ ୫୦ ହଜାର କୋଟି ଟଙ୍କା ପାଇପାରିବେ। ସୁପ୍ରିମକୋର୍ଟଙ୍କ ଏହି ନିଷ୍ପତ୍ତି ବିରୋଧରେ କେନ୍ଦ୍ର ସରକାର ପୁନର୍ବିଚାର ସକାଶେ ଆବେଦନ କରିଛନ୍ତି। କେନ୍ଦ୍ର ସରକାରଙ୍କ ଏହି ଆଭିମୁଖ୍ୟ ଯୋଗୁ ଓଡ଼ିଶା ସବୁଠାରୁ ଅଧିକ କ୍ଷତି ସହିବ। ଓଡ଼ିଶାରୁ ନିର୍ବାଚିତ ୨୦ ଜଣ ଭାଜପା ଏମ୍‌ପି ତୁରନ୍ତ ପ୍ରଧାନମନ୍ତ୍ରୀଙ୍କୁ ଏ ସମ୍ପର୍କରେ ଅବଗତ କରି କେନ୍ଦ୍ର ସୁପ୍ରିମକୋର୍ଟରେ ଦାଖଲ କରିଥିବା ରିଭ୍ୟୁ ପିଟିଶନକୁ ପ୍ରତ୍ୟାହାର କରନ୍ତୁ ଏବଂ ଓଡ଼ିଶାର ଦୀର୍ଘ ଦିନର ଦାବି ପୂରଣରେ ସହାୟକ ହୁଅନ୍ତୁ ବୋଲି ଦାସବର୍ମା କହିଛନ୍ତି।



ଖବରଦାତା ସମ୍ମିଳନୀରେ ବିଜେଡି ନେତା ସଞ୍ଜୟ ଦାସବର୍ମା ଓ ସ୍ନେହାଙ୍ଗିନୀ ଛୁରିଆ।

## ଲେଖିଲେ ୫୦ ହଜାର, ଦେଲେ ୫ ହଜାର

ସେହିପରି ସ୍ନେହାଙ୍ଗିନୀ ଛୁରିଆ କହିଛନ୍ତି, ପ୍ରଧାନମନ୍ତ୍ରୀ ସୁଭଦ୍ରା ଯୋଜନାର ଶୁଭାରମ୍ଭ କାର୍ଯ୍ୟକ୍ରମରେ ହିତାଧିକାରୀଙ୍କୁ ପ୍ରଦାନ କରିଥିବା ଚେକ୍‌ରେ ବଡ଼ ବଡ଼ ଅକ୍ଷରରେ ୫୦ ହଜାର ଟଙ୍କା ଲେଖା ଯାଇଥିବା ବେଳେ ତଳେ ଛୋଟ ଅକ୍ଷରରେ ୫ ବର୍ଷରେ ପାଇବେ ବୋଲି ଲେଖାଯାଇଛି। ଦେଲେ ୫ ହଜାର, ଲେଖିଲେ ୫୦ ହଜାର। ୫ ହଜାର ଦେଇ ୫୦ ହଜାର ଲେଖିବାର ଅଭିପ୍ରାୟ ପ୍ରତାରଣା ନୁହେଁ ତ ଆଉ କ'ଣ ବୋଲି ଛୁରିଆ ପ୍ରଶ୍ନ କରିଛନ୍ତି। ସେହିପରି ପ୍ରଧାନମନ୍ତ୍ରୀ ସୁଭଦ୍ରା ଯୋଜନାରେ ପ୍ରାୟ ୧ କୋଟିରୁ ଊର୍ଦ୍ଧ୍ୱ ମହିଳା ଲାଭବାନ ହେବେ ବୋଲି କହିଛନ୍ତି, ଯାହାର ଅର୍ଥ ରାଜ୍ୟର ପ୍ରାୟ ୨ କୋଟି ମହିଳାଙ୍କ ଭିତରୁ ଅଧିକାଂଶ ଏହି ଯୋଜନାର ସୁଫଳ ପାଇବାରୁ ବଞ୍ଚିତ ହେବେ ବୋଲି ସ୍ପଷ୍ଟ ହୋଇଯାଇଛି। ସେହିପରି ଅଙ୍ଗନୱାଡ଼ି, ଆଶାକର୍ମୀ, ସିଆର୍‌ପି, ଏମ୍‌ବିକେ ଭାବେ କାର୍ଯ୍ୟରତ ମହିଳାମାନେ ଏହି ଯୋଜନାରୁ ସୁଫଳ ପାଇବେ କି ନାହିଁ ତାହା ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ଗୋଟିଏ ପଟେ ଏହି ମହିଳାମାନେ ସୁଭଦ୍ରା ଯୋଜନାରେ ଅନ୍ତର୍ଭୁକ୍ତ ହୋଇପାରିବେ ବୋଲି ସରକାରଙ୍କ ତରଫରୁ ସ୍ପଷ୍ଟୀକରଣ ଦିଆଯାଇ ଥିଲେ ହେଁ ସୁଭଦ୍ରାର ନିର୍ଦ୍ଦେଶାବଳୀରେ ମାସିକ ୧୫୦୦ ଟଙ୍କାରୁ ଊର୍ଦ୍ଧ୍ୱ ରୋଜଗାରକ୍ଷମ ମହିଳାମାନେ ଯୋଗ୍ୟ ନୁହନ୍ତି ବୋଲି ଦର୍ଶାଯାଇଛି। ପ୍ରଧାନମନ୍ତ୍ରୀଙ୍କ ଆଜିର କାର୍ଯ୍ୟକ୍ରମକୁ ସଫଳ କରିବାରେ ଏମାନଙ୍କର ଭୂମିକା ରହିଛି। ତେଣୁ ଯଦି ସେମାନେ ଏହି ଯୋଜନାର ସୁଫଳ ପାଇବାରୁ ବଞ୍ଚିତ ହୁଅନ୍ତି, ତା'ହେଲେ ଏହା ତାଙ୍କ ପ୍ରତି ପ୍ରତାରଣା ସଦୃଶ। ସରକାର ଏ ବିଷୟକୁ ତୁରନ୍ତ ସ୍ପଷ୍ଟ କରନ୍ତୁ। ନଚେତ୍ ବିଜେଡି ରାସ୍ତାକୁ ଓହ୍ଲାଇବ ବୋଲି ସେ ଚେତାବନୀ ଦେଇଛନ୍ତି।

# ରାଜପଥ କଡ଼ରେ ପକୁଡ଼ି ବିକିଲେ ଯୁବକଂଗ୍ରେସ କର୍ମକର୍ତ୍ତା

ରାୟଗଡ଼ା,୧୭।୯(ଆଶିଷ ରଞ୍ଜନ ପଣ୍ଡା)

କେନ୍ଦ୍ରରେ ପ୍ରଥମ ଥର ଭାଜପା ସରକାର ଆସିବା ପୂର୍ବରୁ ଦେଶରେ ୨ କୋଟି ବେକାର ଯୁବତୀଯୁବକଙ୍କୁ ନିଯୁକ୍ତିର ପ୍ରତିଶ୍ରୁତି ଦେଇଥିଲେ। ହେଲେ ତାହା ଅଦ୍ୟାବଧି ପୂରଣ ହୋଇପାରିଲା ନାହିଁ । ଏହା ପ୍ରହସନ ପାଲଟିଛି। ଏହାର ପ୍ରତିବାଦରେ ମଙ୍ଗଳବାର ରାୟଗଡ଼ା ଜିଲ୍ଲା ଯୁବ କଂଗ୍ରେସ ପକ୍ଷରୁ ରାଷ୍ଟ୍ରୀୟ ବେରୋଜଗାର ଦିବସ ପାଳନ କରାଯାଇ ୩୨୬ ନଂ. ଜାତୀୟ ରାଜପଥ କଡ଼ରେ ପକୁଡ଼ି ବିକ୍ରି କରାଯାଇଥିଲା। ଜିଲ୍ଲା ଯୁବ କଂଗ୍ରେସ ସଭାପତି ମୋହନ ନାଏକଙ୍କ ନେତୃତ୍ୱରେ ଆୟୋଜିତ ଏହି ପ୍ରତିବାଦ କାର୍ଯ୍ୟକ୍ରମରେ ରାୟଗଡ଼ା ବିଧାୟକ ଆପଲସ୍ୱାମୀ କାଡ୍ରାକା, ପିସିସିର ପୂର୍ବତନ ସାଧାରଣ ସମ୍ପାଦକ ଦୁର୍ଗାପ୍ରସାଦ ପଣ୍ଡା ପ୍ରମୁଖ ଯୋଗଦେଇ

## ୨ କୋଟି ରୋଜଗାର ପ୍ରତିଶ୍ରୁତି ପ୍ରହସନ

ଭାଜପା ଶାସିତ କେନ୍ଦ୍ର ସରକାର ଲୋକଙ୍କୁ ମିଥ୍ୟା ପ୍ରତିଶ୍ରୁତି ଦେଇ କ୍ଷମତାକୁ ଆସିବା ପରେ ଅଦ୍ୟାବଧି ନିଜ ପ୍ରତିଶ୍ରୁତି ପୂରଣ କରିପାରିନାହିଁ ବୋଲି କହିଥିଲେ । ତେଣୁ ଭାଜପା ଦେଇଥିବା ପ୍ରତିଶ୍ରୁତି ପୂରଣ ନ କଲେ ଆଗାମୀ ଦିନରେ କଂଗ୍ରେସ ପକ୍ଷରୁ ଏକ ବିଶାଳ ଆନ୍ଦୋଳନ କରାଯିବ ବୋଲି ଯୁବ କଂଗ୍ରେସ କହିଛି। ଏହି ପ୍ରତିବାଦ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଯୁବନେତା ତଥା ସରପଞ୍ଚ ଅଶୋକ ପୁଆଲା, ଜିଲ୍ଲା ଯୁବ କଂଗ୍ରେସ ଉପସଭାପତି ଅସଲମ ଖାନ୍, ସତ୍ୟବାନ ମାଣ୍ଡାଙ୍ଗି, ରାଜେନ୍ଦ୍ର ପାଲକା ଓ ସୟଦ ଜିନଉଲ୍ ହକ୍, କେ.ଗାନ୍ଧୀ, ହରିଶ ପଟ୍ଟନାୟକ ଓ ବହୁ ଦଳୀୟ ଯୁବକର୍ମୀ ଉପସ୍ଥିତ ଥିଲେ।



ପ୍ରତିବାଦ କାର୍ଯ୍ୟକ୍ରମରେ ବିଧାୟକ ଆପଲସ୍ୱାମୀ କାଡ୍ରାକା ପକୁଡ଼ି ଛାଣି ବିକ୍ରି କରୁଛନ୍ତି।

# ଖଣ୍ଡପଡ଼ା ଏନ୍‌ଏସି ଅଧ୍ୟକ୍ଷା ଅନାସ୍ଥା ନିର୍ବାଚନ ବାତିଲ



ଅନାସ୍ଥା ଭୋଟ ବାତିଲ ପରେ ଖଣ୍ଡପଡ଼ା ଏନ୍‌ଏସି ସମ୍ମୁଖରେ ବସି ବିଜେଡି କାଉନସିଲରମାନେ ସ୍ଲୋଗାନ୍ ଦେଉଛନ୍ତି।

ନୟାଗଡ଼/ଖଣ୍ଡପଡ଼ା,୧୭।୯(ଲୋକନାଥ ମିଶ୍ର/ଅଜୟ କୁମାର ମହାରଣା)

- ଅତିରିକ୍ତ ଜିଲାପାଳଙ୍କ ଅନୁପସ୍ଥିତି ଯୋଗୁ ବନ୍ଦ
- ୨୭ରେ ଅନାସ୍ଥା ଭୋଟ ପାଇଁ ଜିଲାପାଳଙ୍କ ଘୋଷଣା

ନୟାଗଡ଼ ଜିଲା ଖଣ୍ଡପଡ଼ା ଏନ୍‌ଏସି ଅଧ୍ୟକ୍ଷା ଆରତୀ ପ୍ରଧାନଙ୍କ ବିରୋଧରେ ଆସିଥିବା ଅନାସ୍ଥା ପ୍ରସ୍ତାବ ମଙ୍ଗଳବାର ବାତିଲ୍ ହୋଇଯାଇଛି। ନିର୍ବାଚନ ଅଧିକାରୀ ତଥା ଅତିରିକ୍ତ ଜିଲାପାଳ ରୋଜିନା ଦାସ ଅନୁପସ୍ଥିତ ରହିବାରୁ ନିର୍ବାଚନ ବନ୍ଦ ରହିଛି। ଭୋଟ ଗ୍ରହଣ ପାଇଁ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଥିଲା । ଏ ପରିପ୍ରେକ୍ଷୀରେ ନୟାଗଡ଼ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ନିର୍ଦ୍ଦେଶ କ୍ରମେ ପୋଲିସ ପକ୍ଷରୁ ଏନ୍‌ଏସି କାର୍ଯ୍ୟାଳୟ ସମ୍ମୁଖରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା । ତେବେ ଅନାସ୍ଥା ଭୋଟ ପରିଚାଳନା ଦାୟିତ୍ୱରେ ଥିବା ନୟାଗଡ଼ ଅତିରିକ୍ତ ଜିଲାପାଳ ଦାସ ସରକାରୀ କାର୍ଯ୍ୟକ୍ରମରେ ନିୟୋଜିତ ରହିଥିବାରୁ ଅନାସ୍ଥା ଭୋଟକୁ ବାତିଲ କରାଗଲା ବୋଲି ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ନିରଞ୍ଜନ କୁମାର ଧଳ ଗଣମାଧ୍ୟମକୁ ସୂଚନା ଦେଇଥିଲେ । ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ, ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକଙ୍କ ସମେତ ବିଜେଡିର ୭ ଜଣ କାଉନସିଲର ଏନ୍‌ଏସି କାର୍ଯ୍ୟାଳୟରେ ଉପସ୍ଥିତ ଥିଲେ । ଅନାସ୍ଥା ଭୋଟ ବାତିଲ ଘୋଷଣା ପରେ ବିଜେଡି କାଉନସିଲରମାନେ ଏନ୍‌ଏସି ଉପାଧ୍ୟକ୍ଷ ମିହିର କୁମାର ମିଶ୍ରଙ୍କ ନେତୃତ୍ୱରେ ଏନ୍‌ଏସି କାର୍ଯ୍ୟାଳୟ ସମ୍ମୁଖରେ କିଛି ସମୟ ପାଇଁ ନାରାବାଜି କରିବା ଯୋଗୁ ଉତ୍ତେଜନା ପ୍ରକାଶ ପାଇଥିଲା। କାର୍ଯ୍ୟାଳୟ ନିକଟରେ ଉପସ୍ଥିତ ଥିବା ପୋଲିସ ଓ ପ୍ରଶାସନର ବରିଷ୍ଠ ଅଧିକାରୀମାନେ ସମସ୍ତଙ୍କୁ ବୁଝାଶୁଝା କରି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ। ଅପରପକ୍ଷେ ଚଳିତ ମାସ ୨୭ ତାରିଖ ପୂର୍ବାହ୍ନ ୧୧ଟାରେ ଖଣ୍ଡପଡ଼ା ଏନ୍‌ଏସି କନ୍‌ଫେରେନ୍ସ ହଲରେ ଅନାସ୍ଥା ପ୍ରସ୍ତାବ ପାଇଁ ଭୋଟ ହେବ ବୋଲି ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ନିର୍ଦ୍ଦେଶନାମା ଜାରି କରିଛନ୍ତି।

ସୂଚନାଯୋଗ୍ୟ, ଖଣ୍ଡପଡ଼ା ଏନ୍‌ଏସିର ୧୩ କାଉନସିଲରଙ୍କ ମଧ୍ୟରୁ ୮ଜଣ କାଉନସିଲର ଅଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିଥିଲେ।

# କର୍ଣ୍ଣାଟକ ମଡେଲ ସରକାର ଆପଣାନ୍ତୁ: ରାମଚନ୍ଦ୍ର କାଡ଼ାମ

କୋରାପୁଟ,୧୭।୯(ଅମିତାଭ ବେହେରା)

ସୁଭଦ୍ରା ଯୋଜନା ମଙ୍ଗଳବାର ଶୁଭାରମ୍ଭ ହୋଇଛି। ହିତାଧିକାରୀଙ୍କ ପାଖକୁ ପ୍ରଥମ କିସ୍ତି ଅର୍ଥ ପ୍ରଦାନ କରାଯାଇଛି । ଏହି ଯୋଜନାରେ ମହିଳାମାନେ କେତେ ଉପକାର ପାଇବେ ତାହା ସମୟ ହିଁ କହିବ ବୋଲି ପଟ୍ଟାଙ୍ଗି ବିଧାୟକ ତଥା କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ କହିଛନ୍ତି। ସେହିପରି ମହିଳାଙ୍କ ସମୃଦ୍ଧି ହେବା ଆମେ ଚାହୁଁ ବୋଲି ସେ କହିଛନ୍ତି । ଓଡ଼ିଶା ସରକାର ସୁଭଦ୍ରା ଯୋଜନା ମାଧ୍ୟମରେ ଦିନକୁ ମାତ୍ର ୨୭ ଟଙ୍କା ଦେଉଛନ୍ତି । ଏହି ଟଙ୍କା ମା' ଭଉଣୀଙ୍କ କେଉଁ କାମରେ ଲାଗିବ ? ଯଦି ଓଡ଼ିଶାର ମହିଳାଙ୍କୁ ପ୍ରକୃତରେ ସରକାର ସଶକ୍ତ କରିବାକୁ ଚାହୁଁଛନ୍ତି, ତେବେ କର୍ଣ୍ଣାଟକ ସରକାରଙ୍କ ମଡେଲ ଆପଣାନ୍ତୁ । କର୍ଣ୍ଣାଟକରେ ସରକାର ମାସିକ ୨ହଜାର ଟଙ୍କା ଲେଖାଏ ମହିଳାମାନଙ୍କୁ ନିୟମିତ ପ୍ରଦାନ କରୁଛନ୍ତି। ଅନୁରୂପ ଭାବେ ମହିଳାମାନେ କର୍ଣ୍ଣାଟକ ରାଜ୍ୟରେ ବିନା ମୂଲ୍ୟରେ ବସ୍‌ଯାତ୍ରା କରିପାରୁଛନ୍ତି । ୨୦୦ ୟୁନିଟ୍ ପର୍ଯ୍ୟନ୍ତ ବିଜୁଳି ଛାଡ଼ ମଧ୍ୟ କରାଯାଇଛି। ତେଣୁ କର୍ଣ୍ଣାଟକ ଆର୍ଥିକ ସ୍ଥିତି ଓ ଆମ ରାଜ୍ୟର ସ୍ଥିତିକୁ ଯଦି ତୁଳନା କରାଯାଏ, ତେବେ ମହିଳାଙ୍କୁ ମାସିକ ଅନ୍ୟୁନ ୪ହଜାର ଟଙ୍କା ମିଳିବା କଥା । ସେମାନଙ୍କୁ ବସ୍‌ଯାତ୍ରା ସମ୍ପୂର୍ଣ୍ଣ ମାଗଣା କରାଯିବା ଉଚିତ । ମାସିକ ଯଦି ୨୦୦ ୟୁନିଟ୍ ବିଦ୍ୟୁତ୍ ଦେୟ ଛାଡ଼ କରାଯାଇପାରନ୍ତା, ତେବେ ମହିଳାମାନେ ଉପକୃତ ହୋଇପାରନ୍ତେ । ପ୍ରଚାରରେ ବହୁ କୋଟି ଟଙ୍କା ଖର୍ଚ୍ଚକରି ଜନସାଧାରଣଙ୍କ ମୌଳିକ ସମସ୍ୟା ସମାଧାନ ହୁଏନାହିଁ ବୋଲି ବିଧାନସଭାରେ କଂଗ୍ରେସର ମୁଖ୍ୟ ସଚେତକ କାଡାମ ପ୍ରକାଶ କରିଛନ୍ତି।

# ତାରାଙ୍କ ଭାଷଣକୁ ନେଇ ଭାଜପା କର୍ମୀଙ୍କ ମଧ୍ୟରେ ଅସନ୍ତୋଷ

ଜୟପୁର,୧୭।୯(ପବନ ପାଣିଗ୍ରାହୀ)

ସୁଭଦ୍ରା ଯୋଜନାର ମଙ୍ଗଳବାର ଶୁଭାରମ୍ଭ କରାଯାଇଛି। ଏହି ଅବସରରେ କୋରାପୁଟ ଜିଲ୍ଲା ଜୟପୁର ସହରରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ତାରାପ୍ରସାଦ ବାହିନୀପତିଙ୍କ ଭାଷଣକୁ ନେଇ ଭାଜପାର ପୂର୍ବତନ ବିଧାୟକ ପ୍ରାର୍ଥୀ ଗୌତମ ସାମନ୍ତରାୟ ଓ କେତେଜଣ କର୍ମୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ବିଧାୟକ ବାହିନୀପତି ତାଙ୍କ ଭାଷଣରେ କହିଥିଲେ, ନିର୍ବାଚନ ପୂର୍ବରୁ ଓଡ଼ିଶାର ସମସ୍ତ ମହିଳାଙ୍କୁ ୫୦ ହଜାର ଟଙ୍କା ଦେବାକୁ ଭାଜପା ଇସ୍ତାହାରରେ କହିଥିଲା। କିନ୍ତୁ ନିର୍ବାଚନ ସରିଗଲା ପରେ ସରକାର ଯେଉଁ ଇସ୍ତାହାର ଦେଇଥିଲେ ସେହି ଆଧାରରେ ତାହା ପୂରଣ କରିପାରିଲେ ନାହିଁ। ଯେଉଁ ବିଧବା ମା' ଓ ଭଉଣୀମାନେ ରହିଛନ୍ତି ସେମାନଙ୍କୁ ସୁଭଦ୍ରା ଯୋଜନାରେ ଅନ୍ତର୍ଭୁକ୍ତ କରାଗଲା ନାହିଁ। ଏହା ଦୁର୍ଭାଗ୍ୟର କଥା, କାରଣ କମ୍ ବୟସର ମା' ଓ ଭଉଣୀମାନେ ବିଧବା ହୋଇ ରହିଛନ୍ତି। ସେମାନେ ହାତରେ ଗୋଟିଏ ଆଉ କାଖରେ ଗୋଟିଏ ପିଲା ଧରି ଖଟି ଖାଉଛନ୍ତି। ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାର ନିର୍ବାଚନ ପୂର୍ବରୁ ଗୋଟିଏ କଥା କହିଥିଲେ କିନ୍ତୁ ଆଜି ତାହା ପୂରଣ କରିବାରେ ଅସଫଳ ହୋଇଛନ୍ତି। ତେଣୁ ଯେଉଁ ବିଧବା ମା' ଓ ଭଉଣୀମାନେ ଏଥିରୁ ବଞ୍ଚିତ ରହିଛନ୍ତି ସେମାନଙ୍କୁ ମଧ୍ୟ ସୁଭଦ୍ରା ଯୋଜନାରେ ଅନ୍ତର୍ଭୁକ୍ତ କରିବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ତାରା ଅନୁରୋଧ କରିଛନ୍ତି। ଆଗାମୀ ଦିନରେ ବିଧାନସଭାରେ ମଧ୍ୟ ଏକଥା ଉଠାଇବେ ବୋଲି ସେ କହିଥିଲେ।

ତାରା ପୁଣି କହିଛନ୍ତି, ୨ କିସ୍ତିରେ ସରକାର ଯଦି ମା', ଭଉଣୀଙ୍କୁ ସୁଭଦ୍ରା ଯୋଜନା ଟଙ୍କା ଦେଇଥାନ୍ତେ ତେବେ ସେମାନେ ସ୍ୱାବଲମ୍ବୀ ହୋଇପାରିଥାନ୍ତେ। ୫ ବର୍ଷ ଭିତରେ ୫୦ ହଜାର ଟଙ୍କା ସରକାର ଦେବେ, ଏ ପଦକ୍ଷେପକୁ ଆମେ ସ୍ୱାଗତ କରୁଛୁ । କିନ୍ତୁ ୨ କିସ୍ତିରେ ଟଙ୍କା ପ୍ରଦାନ କରାଯାଇଥିଲେ ସେମାନେ ସ୍ୱାବଲମ୍ବୀ ହେବା ସହଜ ହୋଇପାରିଥାନ୍ତା ବୋଲି ସେ କହିଥିଲେ। ଏହାକୁ ମଞ୍ଚ ତଳେ ବସିଥିବା ଭାଜପା ନେତା ତଥା ପୂର୍ବତନ ବିଧାୟକ ପ୍ରାର୍ଥୀ ଗୌତମ ସାମନ୍ତରାୟ ବିରୋଧ କରିବା ସହ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକଙ୍କ ସହ ଯୁକ୍ତି କରିଥିଲେ। ଆଗାମୀ କୌଣସି କାର୍ଯ୍ୟକ୍ରମରେ ଆମେ ଯାହା ପଢ଼ିବାକୁ ଦେବୁ ତାହା ବିଧାୟକ ପଢ଼ିବେ, ନ ହେଲେ ହାତଧରି ମଞ୍ଚରୁ ଓହ୍ଲାଇ ଦେବୁ ବୋଲି ଗୌତମ କହିଥିଲେ। ତାଙ୍କ ସମର୍ଥକମାନେ ମଧ୍ୟ ଜୟପୁର ବିଡିଓ ଶକ୍ତି ମହାପାତ୍ର ଏବଂ ପୌର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଜୟପୁରରୁ ବଦଳିକରିବା ପାଇଁ ଚେତାବନୀ ଦେଇଥିଲେ। ଏହି ଘଟଣାକୁ ସାଧାରଣରେ ତୀବ୍ର ନିନ୍ଦା କରାଯାଇଛି। କାର୍ଯ୍ୟକ୍ରମରେ ଯୋଗଦେବାକୁ ଆସିଥିବା କେତେକ ମହିଳା ବିଧାୟକ ବାହିନୀପତି ଯାହା କହିଲେ ତାହା ସତ୍ୟ ବୋଲି କହିଛନ୍ତି।

ଘଟଣା ସମ୍ପର୍କରେ ଜୟପୁର ବିଡିଓ ଶକ୍ତି ମହାପାତ୍ରଙ୍କୁ ପଚାରିବାରୁ ଆମକୁ ଭାଜପା କର୍ମୀମାନେ ଦେଇଥିବା ଧମକ ସମ୍ପର୍କରେ ଜିଲାପାଳଙ୍କୁ ଅବଗତ କରିଛୁ ଓ ସେ ଯାହା ନିଷ୍ପତ୍ତି ନେବେ ତାହାକୁ ମାନିନେବୁ ବୋଲି କହିଛନ୍ତି। ସେହିପରି ପୌର ନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ ମଧ୍ୟ ସମାନ କଥା କହିଛନ୍ତି । ତେବେ ଏ ନେଇ ବିଡିଓ ଜୟପୁର ଟାଉନ ଥାନାରେ ଅଭିଯୋଗ କରିବା ପରେ ଭାଜପା ନେତା ଗୌତମ ସାମନ୍ତରାୟଙ୍କ ବିରୋଧରେ ୨୮୪/୨୪ରେ ମାମଲା ରୁଜୁ କରାଯାଇଛି।

# ସରକାରୀ କାର୍ଯ୍ୟକ୍ରମକୁ ଦଳୀୟ କରାଇଛନ୍ତି ପ୍ରଶାସକ

କୁନ୍ଦୁରା,୧୭।୯(ସନ୍ତୋଷ ପ୍ରହରାଜ)

## କୋରାପୁଟ ଜିଲା ବିଜେଡିର ଅଭିଯୋଗ

କୋରାପୁଟ ଜିଲା କୁନ୍ଦୁରା ବ୍ଲକ ସଦରସ୍ଥିତ ଶାସ୍ତ୍ରୀ ମୈଦାନରେ ସୁଭଦ୍ରା ଯୋଜନାର ଶୁଭାରମ୍ଭ କାର୍ଯ୍ୟକ୍ରମର ସିଧାପ୍ରସାରଣ ମଙ୍ଗଳବାର ହୋଇଥିଲା । ଏହି କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ଭାବେ ସରକାରୀ ହୋଇଥିବା ବେଳେ ବିଡିଓ କପିଳେଶ୍ୱର ତାଣ୍ଡି ଏଠାରେ କେତେକ ଦଳୀୟ ଲୋକଙ୍କୁ ମଞ୍ଚ ଉପରକୁ ଡାକିବା ଯୋଗୁ ଏହା ସରକାରୀ ବଦଳରେ ଦଳୀୟ ଭଳି ଲାଗୁଥିବା ଅନୁଭବ କରି ବିଜେଡି ଜିଲା ପରିଷଦ ଉପାଧ୍ୟକ୍ଷ ରାଧା ବିନୋଦ ସାମନ୍ତରାୟ ଏହାକୁ ନିନ୍ଦା କରିଥିଲେ। କିନ୍ତୁ ଏହାକୁ ନେଇ ବିଡିଓ ତାଣ୍ଡିଙ୍କୁ ପଚାରିବାରୁ ଏହି ଯୋଜନା ଏବଂ କାର୍ଯ୍ୟକ୍ରମ ପ୍ରଧାନମନ୍ତ୍ରୀଙ୍କ ଏକ ଯୁଗାନ୍ତକାରୀ ଯୋଜନା। ଯେଉଁଥିରେ ସବୁ ଦଳର ଲୋକପ୍ରତିନିଧିଙ୍କୁ ନିମନ୍ତ୍ରିତ କରାଯାଇଥିଲା ଏବଂ ସମସ୍ତେ ଯୋଗ ଦେଇଥିଲେ ବୋଲି ସେ କହିଛନ୍ତି।

# କେନ୍ଦୁଝରରେ ଯୁବ କଂଗ୍ରେସ ପାଳିଲା ବେରୋଜଗାର ଦିବସ

କେନ୍ଦୁଝର,୧୭।୯(ନରେଶ ଚନ୍ଦ୍ର ପଟ୍ଟନାୟକ)

ଦେଶରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନ ଧୂମଧାମରେ ପାଳନ କରାଯାଉଥିବା ବେଳେ ଯୁବ କଂଗ୍ରେସ ଏହାକୁ ବିରୋଧ କରି ଜାତୀୟ ବେରୋଜଗାର ଦିବସ ଭାବେ ପାଳନ କରିଛି। ରାଷ୍ଟ୍ରୀୟ ଯୁବ କଂଗ୍ରେସ ସଭାପତି ଭି. ଶ୍ରୀନିବାସଙ୍କ ଆହ୍ୱାନ ଓ ରାଜ୍ୟ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ରଙ୍କ ନିର୍ଦ୍ଦେଶ କ୍ରମେ କେନ୍ଦୁଝର ଜିଲ୍ଲା ଯୁବ କଂଗ୍ରେସ ସଭାପତି ସୁନେଶ ଧୀରଙ୍କ ନେତୃତ୍ୱରେ ସ୍ଥାନୀୟ ଯୁବ କଂଗ୍ରେସ କାର୍ଯ୍ୟାଳୟ ସମ୍ମୁଖରେ ଯୁବ କଂଗ୍ରେସ କର୍ମୀମାନେ କଳା ପତାକା ଦେଖାଇବା ସହ ଚା' ତିଆରି କରି ବିକିଥିଲେ। ମୋଦି ବିରୋଧୀ ସ୍ଲୋଗାନ ଦେଇ ଶିକ୍ଷିତ ଯୁବତୀ ଓ ଯୁବକ ଚାକିରି କିମ୍ବା ରୋଜଗାର ନ ପାଇ ଶେଷରେ ଚା' ବିକ୍ରି କରି ଆତ୍ମ ନିର୍ଭରଶୀଳ ହେବେ ବୋଲି ମୋଦି ସରକାରଙ୍କୁ କଟୁ ସମାଲୋଚନା କରିଥିଲେ। ଏଥିରେ ପୂର୍ବତନ ପିସିସି ସାଧାରଣ ସମ୍ପାଦକ ଆଲୋକ ମିଶ୍ର, ପୂର୍ବତନ ପିସିସି ସମ୍ପାଦକ ସଂଗ୍ରାମ ଦାସ, ମହିଳା କଂଗ୍ରେସ ରାଜ୍ୟ ଉପସଭାନେତ୍ରୀ ସଂଗୀତା ସିଂହ, ପୂର୍ବତନ କଂଗ୍ରେସ ଏମପି ପ୍ରାର୍ଥୀ ବିନୋଦ ବିହାରୀ ନାୟକ, ପୂର୍ବତନ ତେଲକୋଇ କଂଗ୍ରେସ ବିଧାୟକ ନିର୍ମଳ ଚନ୍ଦ୍ର ନାଏକ, ପୂର୍ବତନ ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଶୁଭମ ରାଜ, ଛାତ୍ର କଂଗ୍ରେସ ନେତା ଆଶିଷ କୁମାର ପାତ୍ର, ଯୁବ କଂଗ୍ରେସ ନେତା ମାନସ ବେହେରା, ସୌମ୍ୟରଞ୍ଜନ ପଲେଇ, ଆକାଶ ବେହେରା, ଅଭିଜିତ୍ ବେହେରା, ସଂଗ୍ରାମ ବେହେରା, ସଞ୍ଜୟ ପରିହାଳ ପ୍ରମୁଖ ସାମିଲ ଥିଲେ।



କେନ୍ଦୁଝର ଯୁବ କଂଗ୍ରେସ କାର୍ଯ୍ୟାଳୟ ସମ୍ମୁଖରେ ଯୁବ କଂଗ୍ରେସ କର୍ମକର୍ତ୍ତା ଓ କର୍ମୀ ପ୍ରତିବାଦ କରୁଛନ୍ତି।

# ପ୍ରଧାନମନ୍ତ୍ରୀଙ୍କ ଗସ୍ତକୁ ବିରୋଧକରି ଯୁବ କଂଗ୍ରେସର ବିକ୍ଷୋଭ

ଭୁବନେଶ୍ୱର, ୧୭।୯(ସୁନିତ୍ ମିଶ୍ର)

ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ରଣଜିତ ପାତ୍ରଙ୍କ ଅଧ୍ୟକ୍ଷତାରେ ଶତାଧିକ କର୍ମୀ କଂଗ୍ରେସ ଭବନରୁ ଏକ ବିକ୍ଷୋଭ ଶୋଭାଯାତ୍ରାରେ ବାହାରି ମଙ୍ଗଳବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଗସ୍ତକୁ ବିରୋଧ କରିଛନ୍ତି। କଂଗ୍ରେସ ଭବନରୁ ଯୁବକର୍ମୀମାନେ ବାହାରି ଲୋୟର ପିଏମ୍‌ଜି ଦେଇ ଯିବା ସମୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ବାସଭବନ ନିକଟରେ ସେମାନଙ୍କୁ ପୋଲିସ ଅଟକାଇଥିଲା। ଏହାପରେ ସେମାନେ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ନିକଟରେ ବିକ୍ଷୋଭ କରିଥିଲେ। ପୋଲିସ ସହ ଏହି ସମୟରେ ଯୁବକଂଗ୍ରେସ କର୍ମୀଙ୍କ ମୁହାଁମୁହିଁ ସ୍ଥିତି ସୃଷ୍ଟି ହୋଇଥିବା ବେଳେ ରଣଜିତ ଏବଂ ଶତାଧିକ କର୍ମୀଙ୍କୁ ଘଟଣାସ୍ଥଳରୁ ପୋଲିସ ଉଠାଇନେଇ ଅଟକ ରଖିଛି। ଏହି ପରିପ୍ରେକ୍ଷୀରେ ରଣଜିତ କହିଛନ୍ତି, ପ୍ରଧାନମନ୍ତ୍ରୀ ଏହି ରାଜ୍ୟ ଓ ଦେଶର ବେକାର ଯୁବତୀଯୁବକଙ୍କୁ ପ୍ରତାରିତ କରିଛନ୍ତି। ବର୍ଷକୁ ୨ କୋଟି ନିଯୁକ୍ତି ଦେବେ ବୋଲି ନିର୍ବାଚନୀ ଇସ୍ତାହାରରେ ପ୍ରତିଶ୍ରୁତି ଦେବା ପରେ ୧୧ ବର୍ଷ ଧରି ପ୍ରତାରିତ କରିଚାଲିଛନ୍ତି। ଏବେ କେନ୍ଦ୍ର ସରକାରଙ୍କ ୧୦ ଲକ୍ଷ ପଦବୀ ଖାଲି ପଡ଼ିଛି, ତାହାକୁ ପୂରଣ କରିବାରେ ମୋଦି ଅସମର୍ଥ। ତାଙ୍କ ପ୍ରତିଶ୍ରୁତି ଅନୁଯାୟୀ ୧୧ ବର୍ଷରେ ୨୨ କୋଟି ନିଯୁକ୍ତି ଦେବା କଥା, କିନ୍ତୁ ତାହା ପାଳନ କଲେନାହିଁ। ନିଯୁକ୍ତି ପ୍ରସଙ୍ଗରେ ପ୍ରଶ୍ନ କଲେ ବେକାର ଯୁବତୀଯୁବକଙ୍କ ଦୁରବସ୍ଥାକୁ ଉପହାସ କରି 'ପକୋଡ଼ା ବିକ୍ରି' ନିଯୁକ୍ତିର ଅଂଶବିଶେଷ ବୋଲି କହୁଛନ୍ତି। ପ୍ରଧାନମନ୍ତ୍ରୀ ଯେଉଁ ଅଚ୍ଛେଦିନ୍‌ର ସ୍ୱପ୍ନ ଦେଖାଇଥିଲେ ତାହା ବାସ୍ତବ ରୂପକୁ ଏ ଦେଶ ଓ ରାଜ୍ୟବାସୀ ଅନୁଭବ କଲେଣି। ଉକ୍ଟ ମହଙ୍ଗା ମାଡ଼ରେ ସାଧାରଣ ଖାଉଟି ହନ୍ତସନ୍ତ। ନିକଟରେ ଖାଇବାତେଲ ଦର ବଢ଼େଇ ଦିଆଯାଇଛି। ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟରେ ଜିଏସ୍‌ଟି ଲାଗୁ କରାଯିବା ଫଳରେ ଏହାର ଦର ଆକାଶଛୁଆଁ ହୋଇଛି। ୭୦ ବର୍ଷ ଧରି କଂଗ୍ରେସ ଦେଶର ଯେଉଁ ସମ୍ପତ୍ତି ସୃଷ୍ଟି କରିଥିଲା ତାହାକୁ ମୋଦି ତାଙ୍କ ପ୍ରିୟ ଅସାଧୁ କମ୍ପାନୀଗୁଡ଼ିକୁ ଦାନକରି ଚାଲିଛନ୍ତି। ରେଳପଥ, ବନ୍ଦର, ଏଲ୍‌ଆଇସି, ବ୍ୟାଙ୍କ, ଖଣି ପ୍ରଭୃତି ସମସ୍ତ ରାଷ୍ଟ୍ରାୟତ୍ତ ସମ୍ପତ୍ତିକୁ ଆଦାନୀ ଆଦି କିଛି କମ୍ପାନୀ ହାତକୁ ବିକିଦିଆଯାଉଛି। ଓଡ଼ିଶାରେ ଯେଉଁ ସୁଭଦ୍ରା ଯୋଜନା ଅର୍ଥ ରାଶି ବଣ୍ଟନ ଏବଂ ଜନ୍ମଦିନ ପାଳନ ପାଇଁ ମୋଦି ଆସିଛନ୍ତି ତାହା କେବଳ ଡ୍ରାମାବାଜି। ସୁଭଦ୍ରା ଯୋଜନାରେ ହାତୀ ଦେବି, ଘୋଡ଼ା ଦେବି କହି ବର୍ଷକୁ ମାତ୍ର ୧୦ ହଜାର ଟଙ୍କା ଦେଇ ମହିଳା ସଶକ୍ତୀକରଣର ଯେଉଁ ରଚନା ସୃଷ୍ଟି କରାଯାଉଛି ତାହା କେବଳ ଏ ରାଜ୍ୟର ମହିଳାଙ୍କୁ ଭୁଆଁ ବୁଲାଇବା ପାଇଁ ଉଦ୍ଦିଷ୍ଟ ବୋଲି ଯୁବକଂଗ୍ରେସ ପକ୍ଷରୁ କୁହାଯାଇଛି।



କଂଗ୍ରେସ ଭବନରୁ ଯୁବକର୍ମୀମାନେ ବାହାରି ଲୋୟର ପିଏମ୍‌ଜି ଦେଇ ଯିବା ସମୟରେ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ନିକଟରେ ସେମାନଙ୍କୁ ପୋଲିସ ଅଟକାଉଛି।

# ଜଳବାୟୁ ଅନୁକୂଳ କୃଷି ବ୍ୟବସ୍ଥା ଉପରେ ଗୁରୁତ୍ୱ



ସମ୍ମିଳନୀରେ ଯୋଗଦେଇଥିବା ଅତିଥିମାନେ ଏକ ପୁସ୍ତିକା ଉନ୍ମୋଚନ କରୁଛନ୍ତି।

### ଓୟୁଏଟିରେ ଅନ୍ତର୍ଜାତୀୟ ସମ୍ମିଳନୀ

ଭୁବନେଶ୍ୱର,୧୭।୯(ଅନୁରାଧା ମହାରଣା)

ଓୟୁଏଟି ପରିସରରେ ମଙ୍ଗଳବାର ନିରନ୍ତର ଖାଦ୍ୟ ସୁରକ୍ଷା ସାଧନ ନିମନ୍ତେ 'କ୍ଷୁଦ୍ରଚାଷୀଙ୍କ ପାଇଁ ଜଳବାୟୁ ଅନୁକୂଳ କୃଷି ବ୍ୟବସ୍ଥା' ସମ୍ପର୍କିତ ଅନ୍ତର୍ଜାତୀୟ ସମ୍ମିଳନୀ ଉଦ୍‌ଘାଟିତ ହୋଇଯାଇଛି। ନୂଆଦିଲ୍ଲୀସ୍ଥିତ ନରୱେର ଜୈବ ଅର୍ଥନୀତି ଗବେଷଣା ଅନୁଷ୍ଠାନ (ନିବିଓ)ର ରେଜିଲିଏନ୍‌ସ ପ୍ରକଳ୍ପର ପୃଷ୍ଠପୋଷକତାରେ ଆୟୋଜିତ ଏହି ସମ୍ମିଳନୀର ଉଦ୍‌ଘାଟନୀ ସମାରୋହରେ ନରୱେର ଭାରତୀୟ ରାଷ୍ଟ୍ରଦୂତ ମେ-ଏଲିନ୍ ଷ୍ଟିନର୍ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସମ୍ମିଳନୀରେ ନିବିଓର ମହାନିର୍ଦ୍ଦେଶକ ଡ. ଇଭାର ଏଚ୍ କ୍ରିଷ୍ଟେନ୍‌ସେନ୍, ଭାରତୀୟ ପାଣିପାଗ ବିଭାଗର ମହାନିର୍ଦ୍ଦେଶକ ଡ. ମୃତ୍ୟୁଞ୍ଜୟ ମହାପାତ୍ର, ନିବିଓର ଅନ୍ତର୍ଜାତୀୟ ବିକାଶ କେନ୍ଦ୍ରର ନିର୍ଦ୍ଦେଶକ ଡ. ଉଦୟ ଏସ୍ ନାଗୋଥୁ ତଥା ଓୟୁଏଟି କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳଙ୍କ ସମେତ ବିଶିଷ୍ଟ ବୈଜ୍ଞାନିକମାନେ ଯୋଗଦେଇ ନିରନ୍ତର ଖାଦ୍ୟ ସୁରକ୍ଷା ଲକ୍ଷ୍ୟ ହାସଲ ପାଇଁ ଜଳବାୟୁ ଅନୁକୂଳ କୃଷି ସମ୍ପର୍କିତ ଜ୍ଞାନକୌଶଳ ତଥା ସରକାରୀ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ୧୯ ତାରିଖ ଯାଏ ହେବାକୁ ଥିବା ଏହି ସମ୍ମିଳନୀରେ ଜଳବାୟୁ ଅନୁକୂଳ କୃଷି ବ୍ୟବସ୍ଥା, ପରିବର୍ତ୍ତିତ ଜଳବାୟୁରେ ଚାଷ ହୋଇପାରୁଥିବା ବିହନ ଉତ୍ପାଦନ, ସମନ୍ୱିତ ଖାଦ୍ୟସାର ଓ ରୋଗପୋକ ପରିଚାଳନା, ପ୍ରାକୃତିକ ସମ୍ବଳ ସଂରକ୍ଷଣ, କୃଷି କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତ୍ତାର ପ୍ରୟୋଗ ତଥା ଖାଦ୍ୟସୁରକ୍ଷା ପାଇଁ ଆବଶ୍ୟକୀୟ କୃଷିନୀତି ଉପରେ ମତ ଉପସ୍ଥାପନା କରାଯିବାର କାର୍ଯ୍ୟକ୍ରମ ରହିଛି। ଏହି ସମ୍ମିଳନୀରେ ଦେଶ ବିଦେଶରୁ ପ୍ରାୟ ୫୦୦ ପ୍ରତିନିଧି ଯୋଗଦେଇଛନ୍ତି। ନରୱେର ବୈଦେଶିକ ମନ୍ତ୍ରଣାଳୟ ଏବଂ ନିବିଓ ମଧ୍ୟରେ ଏକ ଚୁକ୍ତି ସ୍ୱାକ୍ଷରିତ ହେବା ସହିତ ଏହି ପ୍ରକଳ୍ପ ଆସାମ କୃଷି ବିଶ୍ୱବିଦ୍ୟାଳୟ, ଜାତୀୟ ଧାନ ଗବେଷଣା କେନ୍ଦ୍ର, କଟକ ଓ ସ୍ୱାମୀନାଥନ୍ ରିସର୍ଚ୍ଚ ଫାଉଣ୍ଡେଶନ୍ ସହାୟତାରେ ଆସାମ ଏବଂ ଓଡ଼ିଶାରେ କାର୍ଯ୍ୟକାରୀ ହେବାକୁ ଯାଉଛି। ଏହି ରେଜିଲିଏନ୍‌ସ ପ୍ରକଳ୍ପ ଗଞ୍ଜାମର ସୋରଡ଼ା ବ୍ଲକ୍ ଅନ୍ତର୍ଗତ ଲାଠିଗଦା ଓ ସୋରିଷାବିଲି, ରଙ୍ଗେଇଲୁଣ୍ଡା ବ୍ଲକ୍ ଅଧୀନସ୍ଥ ଚିକରଡ଼ା ଓ ଶାସନପଦର ଗ୍ରାମରେ ୨୦୧୮ ମସିହାରୁ କାର୍ଯ୍ୟକାରୀ ହେଉଥିବାବେଳେ ଏବେ ଏହା ନୟାଗଡ଼ ଓ କନ୍ଧମାଳ ଜିଲାରେ ମଧ୍ୟ କାର୍ଯ୍ୟକାରୀ କରାଯାଉଛି।

## ଶ୍ରୀମନ୍ଦିରରେ ଶୃଙ୍ଖଳିତ ଦର୍ଶନ ଉପରେ ଗୁରୁତ୍ୱ

### ଧାଡ଼ି ପ୍ରବେଶ, ସିସିଟିଭି ଲଗାଯିବା ନେଇ ଆଲୋଚନା

ପୁରୀ,୧୭।୯(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର ଭିତରେ ଦର୍ଶନ ଶୃଙ୍ଖଳା ନେଇ ମୁଖ୍ୟ ପ୍ରଶାସକଙ୍କ ଅଧ୍ୟକ୍ଷତାରେ ଏକ ଜରୁରୀ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୁରୀ ଜିଲାପାଳ ସିଦ୍ଧାର୍ଥ ସ୍ୱାଇଁ ଏବଂ ଆରକ୍ଷୀ ଅଧୀକ୍ଷକ ପିନାକ ମିଶ୍ରଙ୍କ ସମେତ ଶ୍ରୀମନ୍ଦିର ପ୍ରଶାସନର ଅଧିକାରୀମାନେ ଉପସ୍ଥିତ ଥିଲେ। ବୈଠକରେ ଶ୍ରୀମନ୍ଦିର ନାଟ ମଣ୍ଡପରେ ଅନଧିକୃତ ଆଲମିରାଗୁଡ଼ିକୁ ବାହାର କରାଯିବ, ଦର୍ଶନ ପାଇଁ ଧାର୍ଯ୍ୟ ପ୍ରମୁଖ ସ୍ଥାନ ତଥା ପ୍ରବେଶ, ପ୍ରସ୍ଥାନ ପଥରେ ସିସିଟିଭି ଲଗାଯିବ, ଦର୍ଶନାର୍ଥୀଙ୍କ ପାଇଁ ଧାଡ଼ି ପ୍ରବେଶ ପଥରେ ଶେଡ୍‌ର ବ୍ୟବସ୍ଥା କରାଯିବାକୁ ଆଲୋଚନା ହୋଇଛି। ଖୁବ୍‌ଶୀଘ୍ର ଏନେଇ ସମ୍ପୃକ୍ତ ସେବକଙ୍କ ସହ ଜିଲାପାଳ ଏବଂ ଆରକ୍ଷୀ ଅଧୀକ୍ଷକ ବିସ୍ତୃତ ଆଲୋଚନା କରିବାକୁ ବୈଠକରେ ନିଷ୍ପତ୍ତି ହୋଇଛି।

## ଘରେ ଘରେ ପହଞ୍ଚିବ ଭାଗବତ

### ବିଶ୍ୱ ସାଧୁସନ୍ଥ ମହାସମ୍ମିଳନୀ ଉଦ୍‌ଯାପିତ



ମହାସମ୍ମିଳନୀ ଉଦ୍‌ଯାପନୀ ଦିବସରେ ଯୋଗଦେଇଥିବା ଅତିଥି ଓ ସାଧୁସନ୍ଥ।

ପୁରୀ,୧୭।୯(ଅଜିତ୍ କୁମାର ମହାନ୍ତି)

ବିଶ୍ୱ ସନାତନ ଧର୍ମ ସେବା ଟ୍ରଷ୍ଟ ପକ୍ଷରୁ ବୃନ୍ଦାବନ ଭକ୍ତନିବାସ ପରିସରରେ ଆୟୋଜିତ ୩ ଦିନିଆ ବିଶ୍ୱ ସାଧୁସନ୍ଥ ମହାସମ୍ମିଳନୀ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ସମ୍ମିଳନୀରେ ଭାରତ ତଥା ବିଦେଶର ସନାତନ ଧର୍ମର ବିଭିନ୍ନ ସମ୍ପ୍ରଦାୟର ପ୍ରାୟ ୧୫୦୦ରୁ ଊର୍ଦ୍ଧ୍ୱ ସାଧୁସନ୍ଥ ଅଂଶଗ୍ରହଣ କରିଥିଲେ। ୩ଦିନ ମଧ୍ୟରେ ବିଭିନ୍ନ ଅଧିବେଶନରେ ସନାତନ ଧର୍ମର ସାଧୁମାନଙ୍କ ମା' ଗୋମାତାଙ୍କ ସମସ୍ୟାର ସମାଧାନ ପାଇଁ ୮ଟି ପଏଣ୍ଟ ଉପରେ ପ୍ରସ୍ତାବ ପାରିତ ହୋଇଥିଲା। ଶେଷ ଦିନରେ ଟ୍ରଷ୍ଟ ପକ୍ଷରୁ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା।

ଟ୍ରଷ୍ଟ ସଭାପତି ପଣ୍ଡିତ କାଶୀନାଥ ମିଶ୍ର ଖବରଦାତା ସମ୍ମିଳନୀରେ କହିଛନ୍ତି, ଟ୍ରଷ୍ଟ ଦ୍ୱାରା ପ୍ରତ୍ୟେକ ଗାଁର ପ୍ରତିଘରେ ଘରେ ଭାଗବତ ପହଞ୍ଚିବା ପାଇଁ ବ୍ୟବସ୍ଥା କରାଯାଇଛି। ଏହାସହିତ ସମଗ୍ର ଦେଶରେ ସାଧୁମାନଙ୍କୁ ସମ୍ମାନିତ କରିବା ପାଇଁ ଯୋଜନା ମଧ୍ୟ ପ୍ରସ୍ତୁତ କରାଯାଇଛି। ଗୋରୁଙ୍କ ସୁରକ୍ଷା ପାଇଁ ପ୍ରଚୁର ଗୋଚରଭୂମି ଥିବା ଅଞ୍ଚଳରେ ଆଶ୍ରୟସ୍ଥଳ ନିର୍ମାଣ କରାଯିବା ସହ ଜଙ୍ଗଲ ଜମିରେ ଭୟମୁକ୍ତ ଗୋଶାଳା ସୃଷ୍ଟି କରାଯାଉ। ଏହାସହିତ ଦେଶରୁ ବଧଘର ସମ୍ପୂର୍ଣ୍ଣ ଅପସାରଣ ସହିତ ସରକାର ୟୁଟ୍ୟୁବ୍‌ରେ ଚିତ୍ର ଏବଂ ଭିଡିଓ ଉପରେ ପ୍ରତିବନ୍ଧକ ଲଗାନ୍ତୁ। ଯେଉଁ ଅସାମାଜିକ ବ୍ୟକ୍ତିମାନେ ମହିଳାଙ୍କୁ ହଇରାଣ କରୁଛନ୍ତି, ସେମାନଙ୍କୁ ୭ଦିନ ମଧ୍ୟରେ ଦଣ୍ଡ ଦିଆଯାଉ, ଶ୍ରୀମନ୍ଦିରଠାରୁ ଅଣଶାକାହାରୀ ବିଷାକ୍ତ ପଦାର୍ଥକୁ ୧୦ କି.ମି. ମଧ୍ୟରେ ନିଷେଧ କରାଯାଉ। ମହାମଣ୍ଡଳଶ୍ୱର ସ୍ୱାମୀ ରାମଗିରି ଏବଂ ଆସାମ କାମାକ୍ଷାରୁ ଆସିଥିବା ନାଗା ବାବା ନିତ୍ୟାନନ୍ଦ ଗିରି କହିଛନ୍ତି, ଧର୍ମର ସୁରକ୍ଷା, ଗୋମାତାର ସୁରକ୍ଷା, ଜାତିର ସୁରକ୍ଷା ଆମର ପ୍ରାଥମିକତା, ସମସ୍ତେ ଧର୍ମ ପାଇଁ ସଂଗଠିତ ହେବା ଉଚିତ। ଆଗାମୀ ଦିନରେ ଓଡ଼ିଶା ଏବଂ ଭାରତ ସନାତନ ହେବା ସହିତ ଆମ ଦେଶକୁ ହିନ୍ଦୁସ୍ତାନ ଘୋଷିତ କରିବାକୁ ଦାବି କରିଥିଲେ। ଖବରଦାତା ସମ୍ମିଳନୀରେ ଦେଶ ତଥା ବିଦେଶରୁ ଆସିଥିବା ସାଧୁସନ୍ଥମାନେ ଯୋଗଦାନ କରିଥିଲେ।

## ସ୍ଥିତି ସୁଧୁରିବା ପରେ କ୍ଷୟକ୍ଷତି ଆକଳନକରି ସପ୍ତାହକରେ ରିପୋର୍ଟ ଦେବେ ଜିଲାପାଳ

### ୬ ଜିଲାରେ ବନ୍ୟା ପରିସ୍ଥିତି ନେଇ ମନ୍ତ୍ରୀଙ୍କ ସମୀକ୍ଷା

ଭୁବନେଶ୍ୱର, ୧୭।୯(ସୁନିତ୍ ମିଶ୍ର)

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ବାଲେଶ୍ୱର, ମୟୂରଭଞ୍ଜ, ଭଦ୍ରକ, କେନ୍ଦୁଝର, ଯାଜପୁର ଓ ସୁନ୍ଦରଗଡ଼ ଜିଲାର ଜିଲାପାଳମାନଙ୍କ ସହ ଲଗାଣ ବର୍ଷା ଓ ସମ୍ଭାବ୍ୟ ବନ୍ୟା ପରିସ୍ଥିତିର ମୁକାବିଲା ପାଇଁ ଆଗୁଆ ପ୍ରସ୍ତୁତି ସମ୍ପର୍କରେ ସମୀକ୍ଷା କରିଛନ୍ତି। ଭାରତୀୟ ପାଣିପାଗ କେନ୍ଦ୍ରର ପୂର୍ବାନୁମାନ ଅନୁଯାୟୀ ସୋମବାରର ଗଭୀର ଅବପାତ ଦୁର୍ବଳହୋଇ ଅବପାତରେ ପରିଣତ ହେବା ସହ ଏହା ଛତିଶଗଡ଼ ଓ ଝାଡ଼ଖଣ୍ଡ ମୁହାଁ ହୋଇଛି। ଏହାର ପ୍ରଭାବରେ ଗତ ୪ ଦିନ ଧରି ବାଲେଶ୍ୱର ଓ ମୟୂରଭଞ୍ଜ ଜିଲାରେ ପ୍ରବଳ ବର୍ଷା ହୋଇଥିବାବେଳେ ଏବେ ଯାଜପୁର ଓ ଭଦ୍ରକ ଜିଲାରେ ମଧ୍ୟ ଭଲ ବର୍ଷା ହୋଇଛି। ଫଳରେ ବୈତରଣୀ ନଦୀର ଆଖୁଆପଦାଠାରେ ବିପଦ ସଙ୍କେତ ୧୮.୩୩ ମିଟର ଥିବାବେଳେ ଏବେ ୧୮ ମିଟରରେ ଜଳ ପ୍ରବାହ ହେଉଛି। ତେବେ ଏହି ଜଳସ୍ତର ହ୍ରାସ ପାଉଛି। ସେହିପରି ବୁଢ଼ାବଳଙ୍ଗ ନଦୀର ଜାତୀୟ ରାଜପଥ ନମ୍ବର ୫, ଗୋବିନ୍ଦପୁରଠାରେ ବିପଦ ସଙ୍କେତ ୮.୧୩ ମିଟର ଥିବାବେଳେ ଏବେ ଜଳସ୍ତର ୭.୫୨ ମିଟରରେ ପ୍ରବାହିତ ହେଉଛି। ସୁବର୍ଣ୍ଣରେଖା ନଦୀର ରାଜଘାଟଠାରେ ବିପଦ ସଙ୍କେତ ୧୦.୩୬ ମିଟର ଥିବାବେଳେ ଏବେ ଜଳସ୍ତର ୧୦.୭୦ ମିଟର ରହିଛି। ଜଳକା ନଦୀର ମଥାନୀଠାରେ ବିପଦ ସଙ୍କେତ ୬.୫୦ ମିଟର ଥିବାବେଳେ ଏବେ ଜଳସ୍ତର ୬.୭୬ ମିଟର ରହିଛି। ଏହା ହ୍ରାସ ପାଇବାରେ ଲାଗିଛି। ସେଣ୍ଟ୍ରାଲ ୱାଟର କମିଶନର ପୂର୍ବାନୁମାନ ଅନୁଯାୟୀ ସୁବର୍ଣ୍ଣରେଖା ନଦୀରେ ୧୦.୯୫ ମିଟର ସ୍ତରରେ ଜଳ ପ୍ରବାହିତ ହୋଇପାରେ, ଯାହାକି ସର୍ବୋଚ୍ଚ ଜଳପ୍ରବାହ ସ୍ତର। ଏହାର ପ୍ରଭାବରେ ବାଲେଶ୍ୱର ଜିଲାର ବସ୍ତା, ଭୋଗରାଇ ଓ ବାଲିଆପାଳ ଅଞ୍ଚଳରେ ବନ୍ୟା ଆଶଙ୍କା ସୃଷ୍ଟି ହୋଇପାରେ। ଅନ୍ୟପକ୍ଷରେ ସୁନ୍ଦରଗଡ଼ ଓ କେନ୍ଦୁଝର ଜିଲାପାଳଙ୍କ ସୂଚନା ଅନୁଯାୟୀ ଏହିସବୁ ଜିଲାରେ ସେଭଳି କିଛି ବନ୍ୟାର ଆଶଙ୍କା ନାହିଁ। ତଥାପି ଜିଲା ପ୍ରଶାସନଙ୍କୁ ପରବର୍ତ୍ତୀ ୨୪ ଘଣ୍ଟା ସତର୍କ ରହିବା ପାଇଁ ସୂଚାଇ ଦିଆଯାଇଛି। ଭଦ୍ରକ ଜିଲାପାଳଙ୍କ ସୂଚନା ଅନୁଯାୟୀ ଆଖୁଆପଦାଠାରେ ଜଳସ୍ତର ହ୍ରାସ ପାଇଥିବାବେଳେ ଜିଲାରେ ବିଶେଷ ବର୍ଷା ହୋଇନାହିଁ। ତେବେ ଜିଲାରେ ବନ୍ୟା ପରିସ୍ଥିତିର ସମ୍ଭାବନା ନାହିଁ। ପରବର୍ତ୍ତୀ ୨୪ ଘଣ୍ଟା ସତର୍କ ରହିବା ପାଇଁ କୁହାଯାଇଛି। ମୟୂରଭଞ୍ଜ ଜିଲାପାଳଙ୍କ ସୂଚନା ଅନୁଯାୟୀ ଜିଲାରେ ଗତ ୩ ଦିନ ମଧ୍ୟରେ ହାରାହାରି ବୃଷ୍ଟିପାତ ଭଲ ରହିଛି। ବୁଢ଼ାବଳଙ୍ଗ ଓ ସୁବର୍ଣ୍ଣରେଖା ଉଭୟ ନଦୀ ଜିଲା ପାଇଁ ବିପଦ। ଜିଲାରେ ସେଭଳି ବର୍ଷା ନାହିଁ। ବାଲେଶ୍ୱର ଜିଲାପାଳଙ୍କ ସୂଚନା ଅନୁଯାୟୀ ସୁବର୍ଣ୍ଣରେଖା, ବୁଢ଼ାବଳଙ୍ଗ ଓ ଜଳକା ନଦୀ ଜିଲା ମଧ୍ୟ ଦେଇ ପ୍ରବାହିତ ହେଉଥିବାବେଳେ ଏବେ ଏସବୁ ଜିଲା ପାଇଁ ଚିନ୍ତାର ବିଷୟ। ସ୍ୱତନ୍ତ୍ର ରିଲିଫ୍ କମିଶନର ପରିସ୍ଥିତିରେ ଉନ୍ନତି ଘଟିବା ପରେ ଜିଲାପାଳମାନେ କ୍ଷୟକ୍ଷତିର ଆକଳନକରି ସପ୍ତାହକ ମଧ୍ୟରେ ରିପୋର୍ଟ ଦାଖଲ କରିବା ପାଇଁ କହିଛନ୍ତି। ଜିଲାପାଳମାନଙ୍କ ଆବଶ୍ୟକତା ଅନୁସାରେ ମୁଖ୍ୟ ଆଗ୍ନିକ, ଅଗ୍ନିଶମ ବାହିନୀର ଅତିରିକ୍ତ ଟିମ୍‌କୁ ତୁରନ୍ତ ମୁତୟନ କରିବା ପାଇଁ କୁହାଯାଇଛି।

ସେଲ୍ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଗୋପୀନାଥ



@ ଚନ୍ଦ୍ରକାନ୍ତ



@ ଇତିଶ୍ରୀ



@ ସୁମିତ୍

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ସୁଜାଗଡ଼ ଗାଁରେ ପୋଲିସର ଚଢ଼ାଉ: ସୁନାଗହଣା, ଟଙ୍କା ଜବତ

### ସୁନା ଦୋକାନୀଙ୍କୁ ଗୁଳି ମାଡ଼ ଘଟଣା

ଅସ୍ତରଙ୍ଗ/ଯୋଗେଶ୍ୱରପୁର,୧୭।୯ (ମମତା ଜେନା/ରଶ୍ମିରଞ୍ଜନ ସାହୁ)

କାକଟପୁର ଥାନା ଅଧୀନ କୁଣ୍ଢେଇ ହାଟ ବଜାରରେ ସୁନା ଦୋକାନୀଙ୍କୁ ଗୁଳିମାଡ଼ ଘଟଣାରେ କାକଟପୁର, ଅସ୍ତରଙ୍ଗ, ଗୋପ, କୋଣାର୍କ, ଚାରିଛକ ଥାନା ଓ ନୟାହାଟ ଫାଣ୍ଡି ପୋଲିସ ମଙ୍ଗଳବାର ନୟାହାଟ ନିକଟ ସୁଜାଗଡ଼ ଗାଁରେ ଚଢ଼ାଉ କରିଥିଲା। ସେଠାରୁ ନଗଦ ୧ଲକ୍ଷ ୬ ହଜାର ଟଙ୍କା, ସୁନା ଗହଣା, ବାଇକ୍, ଟ୍ରାଭେରାକୁ ଜବତ କରିଛି। ଏଥିସହ ଜଣଙ୍କୁ ଅଟକ ରଖି ପଚରାଉଚରା କରାଯାଉଥିବା ନିମାପଡ଼ା ଏସ୍‌ଡିପିଓ ପ୍ରଭାତ ମଲ୍ଲିକ ସୂଚନା ଦେଇଛନ୍ତି। ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ୍ ତନାଘନା ଜାରି ରଖିଛି। ପ୍ରକାଶ ଯେ, ସୁନା ଦୋକାନୀ ନିରଞ୍ଜନ ସାହୁଙ୍କୁ ସୋମବାର ୨ ଦୁର୍ବୃତ୍ତ ଗୁଳିମାଡ଼ କରିଥିଲେ। ଏହାପରେ ସେମାନେ ଆସିଥିବା ବାଇକ୍‌କୁ ଛାଡ଼ି ଅନ୍ୟ ଏକ କାର୍‌ରେ ସେଠାରୁ ଖସି ପଳାଇଥିଲେ। ସୁଜାଗଡ଼ ଫେରିବା ବାଟରେ ସେମାନଙ୍କ ଗାଡ଼ି ଖରାପ ହୋଇଯାଇଥିଲା। ଫଳରେ ସେମାନେ କାର୍‌କୁ ସେଠାରେ ଛାଡ଼ି ଗାଁରେ ଲୁଚି ରହିଥିଲେ। ଖବର ପାଇ ପୋଲିସ ଖୋଜାଖୋଜି କରୁଥିବାବେଳେ ଛାଡ଼ି ଯାଇଥିବା କାର୍‌କୁ ଜବତ କରିଛି। କାର୍ (ଓଆର୍- ୦୫ ଏକେ ୪୪୪୧)ଟି ସୁଜାଗଡ଼ ବସ୍ତିର କସର ଖାଁଙ୍କ ବୋଲି ଜଣାପଡ଼ିଥିଲା। ପୋଲିସ ରାଙ୍ଗାଙ୍କ ଘରେ ଚଢ଼ାଉ କରିଥିଲା।

## ଗଛରୁ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

କୋଣାର୍କ,୧୭।୯ (ଜ୍ୟୋତିରାଜ ମହାନ୍ତି)

କୋଣାର୍କ ଥାନା ଅଧୀନ ଶିମିଳି ଗ୍ରାମର ଜଣେ ଯୁବକଙ୍କ ମୃତଦେହ କୋଣାର୍କ-ପୁରୀ ବେଳାମାର୍ଗ ରାସ୍ତାର ଇକୋ-ରିଟ୍ରିଟ ନିକଟ ଏକ ଝାଉଁ ଗଛରେ ରଶିରେ ଝୁଲୁଥିବା ଅବସ୍ଥାରେ ମଙ୍ଗଳବାର ପୋଲିସ ଜବତ କରିଛି। ମୃତକ ହେଲେ କାଳନ୍ଦୀ ରାଉତ (୩୮)। ସେ ଇକୋ-ରିଟ୍ରିଟଠାରେ କୋଲା ବ୍ୟବସାୟ କରୁଥିଲେ। ସେ ସକାଳୁ ବ୍ୟବସାୟ କରିବାକୁ ଯାଇ ଆଉ ଫେରି ନଥିଲେ। ଗଛରେ ଏକ ମୃତଦେହ ଝୁଲୁଥିବା ନେଇ ଖବର ପାଇ କୋଣାର୍କ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଥିବା ଥାନାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ କହିଛନ୍ତି।

## ୪ ରେଳ ପ୍ରକଳ୍ପର ଶୁଭାରମ୍ଭ କଲେ ପ୍ରଧାନମନ୍ତ୍ରୀ

### ୧୪୦୦ କୋଟିର ୪ ପ୍ରକଳ୍ପର ଶିଳାନ୍ୟାସ

- ବାଣିଜ୍ୟ, ଶିଳ୍ପ ଏବଂ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବ ନୂଆ ପ୍ରକଳ୍ପ
- ଆନ୍ଧ୍ର-ଝାଡ଼ଖଣ୍ଡ ସହ ଓଡ଼ିଶାର ସଂଯୋଗ ବୃଦ୍ଧି ହେବ

ଭୁବନେଶ୍ୱର,୧୭।୯(ଅନୁରାଧା ମହାରଣା)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ଓଡ଼ିଶା ଗସ୍ତରେ ଆସିଥିବା ଅବସରରେ ରାଜ୍ୟ ପାଇଁ ମୋଟ ୨୮୭୧ କୋଟି ଟଙ୍କାର ୪ଟି ରେଳ ପ୍ରକଳ୍ପର ଉଦ୍‌ଘାଟନ ଏବଂ ୪ଟି ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ଏହି ପ୍ରକଳ୍ପଗୁଡ଼ିକ ଓଡ଼ିଶାର ଶିଳ୍ପ, ସମ୍ବଳ ସମୃଦ୍ଧ ଏବଂ ଆଦିବାସୀ ପ୍ରାଧାନ୍ୟ ଅଞ୍ଚଳରେ ରେଳ ନେଟୱର୍କକୁ ମଜଭୁତ କରିବା ସହ ବାଣିଜ୍ୟ, ଶିଳ୍ପ ଓ ପର୍ଯ୍ୟଟନକୁ ପ୍ରୋତ୍ସାହିତକରିବବୋଲିଆଶାକରାଯାଉଛି।

ପ୍ରଧାନମନ୍ତ୍ରୀ ୧୪୭୧ କୋଟି ଟଙ୍କାର ୪ଟି ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି। ୪୩୨ କୋଟି ଟଙ୍କା ବ୍ୟୟରେ ନିର୍ମିତ ବିଜୟନଗରମ୍-ଟିଟିଲାଗଡ଼ ତୃତୀୟ ଲାଇନ ପ୍ରକଳ୍ପର ଲାଞ୍ଜିଗଡ଼ ରୋଡ୍-ଅମ୍ବାଦୋଳା-ଦୋଇକାଲୁ ରେଳ ସେକ୍ସନକୁ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରାଯାଇଛି। ଏହା ବିଜୟନଗରମ୍-ଟିଟିଲାଗଡ଼ ମାର୍ଗରେ କ୍ଷମତା ବୃଦ୍ଧି କରିବା ସହିତ ପଶ୍ଚିମ ଓଡ଼ିଶା ଏବଂ ଆନ୍ଧ୍ରପ୍ରଦେଶ ମଧ୍ୟରେ ସଂଯୋଗକୁ ସୁଦୃଢ଼ କରିବ। ସେହିପରି ୨୬୦ କୋଟି ଟଙ୍କା ବ୍ୟୟରେ ନିର୍ମିତ କୋରାପୁଟ-ସିଙ୍ଗାପୁର ରୋଡ୍ ଦୋହରୀକରଣ ପ୍ରକଳ୍ପର ଲକ୍ଷ୍ମୀପୁର ରୋଡ୍-ସିଙ୍ଗରମ-ଟିକିରି ରେଳ ସେକ୍ସନ ନିର୍ମାଣ କରାଯାଇଛି। ଏହା ଦକ୍ଷିଣ ଓଡ଼ିଶାରେ ଟ୍ରେନ ଚଳାଚଳ କ୍ଷମତା ବୃଦ୍ଧି କରିବା ସହ ଉତ୍ପାଦନ ସମୃଦ୍ଧ ଅଞ୍ଚଳରୁ ପ୍ରମୁଖ ବଜାର ପର୍ଯ୍ୟନ୍ତ ପରିବହନକୁ ଉନ୍ନତ କରିବ ବୋଲି ଆଶା କରାଯାଉଛି। ସେହିପରି ୫୪୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ବୁଢ଼ାପଙ୍କ-ଶାଳଗାଁ ତୃତୀୟ ଓ ଚତୁର୍ଥ ଲାଇନ ପ୍ରକଳ୍ପର ଢେଙ୍କାନାଳ-ସଦାଶିବପୁର-ହିନ୍ଦୋଳ ରୋଡ୍ ରେଳ ସେକ୍ସନ ଉଦ୍‌ଘାଟିତ ହୋଇଛି। ଏହି ପ୍ରକଳ୍ପ ପଣ୍ୟ ପରିବହନକୁ ସୁଗମ କରିବ। ସେହିପରି ୨୩୯ କୋଟି ଟଙ୍କା ବ୍ୟୟରେ ନିର୍ମିତ ବଣ୍ଡାମୁଣ୍ଡା-ରାଞ୍ଚି ଦୋହରୀକରଣ ପ୍ରକଳ୍ପର ବାଙ୍ଗୁରେକେଲା-ନୋଗାଓଁ ରେଳ ସେକ୍ସନର ମଧ୍ୟ ଶୁଭାରମ୍ଭ ହୋଇଛି। ଏହି ଲାଇନର ଦୋହରୀକରଣ ଦ୍ୱାରା ଓଡ଼ିଶା ଏବଂ ଝାଡ଼ଖଣ୍ଡ ମଧ୍ୟରେ ସଂଯୋଗ ବୃଦ୍ଧି ହେବ।

ଅନ୍ୟପଟେ ୧୪୦୦ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ୪ଟି ପ୍ରକଳ୍ପର ଶିଳାନ୍ୟାସ କରାଯାଇଛି। ଏହି କ୍ରମରେ ସିଜୁ-ପାରାଦୀପ ଫ୍ଲାଏଓଭର ୨୦୦ କୋଟି ମୂଲ୍ୟରେ ନିର୍ମାଣ କରାଯିବ, ଯାହା ଭାରତର ପ୍ରମୁଖ ବାଣିଜ୍ୟ ହବ୍ ମଧ୍ୟରୁ ପାରାଦୀପ ବନ୍ଦରରେ ସୁଗମ ତଥା ନିରବଚ୍ଛିନ୍ନ ଟ୍ରେନ ଚଳାଚଳକୁ ସୁନିଶ୍ଚିତ କରିବ। ମଙ୍ଗଳବାର ପ୍ରଧାନମନ୍ତ୍ରୀ ମୋଦି ଏହି ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ଶିଳାନ୍ୟାସ ହୋଇଥିବା ଅନ୍ୟ ପ୍ରକଳ୍ପଗୁଡ଼ିକ ମଧ୍ୟରେ ୧୮.୫୧ କିମି ଦୀର୍ଘ ପାରାଦୀପ-ବଡ଼ବନ୍ଧ ତୃତୀୟ ଓ ଚତୁର୍ଥ ଲାଇନ ରହିଛି। ୩୦୦ କୋଟି ଟଙ୍କାରେ ଏହାର ନିର୍ମାଣ କରାଯିବ। ଏହା ଉଭୟ ମାଲ୍ ପରିବହନ ଏବଂ ଯାତ୍ରୀ ଯାତାୟାତ ପାଇଁ କ୍ଷମତା ବଢାଇବା ସହିତ ପାରାଦୀପ ବନ୍ଦର ସହିତ ସଂଯୋଗ ବୃଦ୍ଧି କରିବ। ସେହିପରି ୧୦.୯୩ କିମି ଦୀର୍ଘ ଆଭ୍ୟନ୍ତରୀଣ କରିଡର ଫେଜ୍ -୧ର ଦୋହରୀକରଣ ପାଇଁ ୧୫୨ କୋଟି ଟଙ୍କା ବ୍ୟୟ କରାଯିବ। ଏଥିସହ ବହୁ ପ୍ରତୀକ୍ଷିତ ୪୧.୯ କିମି ଦୀର୍ଘ ଜୟପୁର-ନବରଙ୍ଗପୁର ନୂତନ ରେଳ ଲାଇନକୁ ପ୍ରାୟ ୭୪୮ କୋଟି ଟଙ୍କା ବ୍ୟୟରେ ନିର୍ମାଣ କରାଯିବ, ଯାହା ଜୟପୁର ଓ ନବରଙ୍ଗପୁରର ଆଦିବାସୀ ପ୍ରାଧାନ୍ୟ ଅଞ୍ଚଳକୁ ସଂଯୋଗ କରିବ। ଉକ୍ତ କାର୍ଯ୍ୟକ୍ରମରେ ରାଜ୍ୟପାଳ ରଘୁବର ଦାସ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଜୁଏଲ ଓରାମ, ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ଏବଂ ପ୍ରଭାତୀ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

## ପୂର୍ବତଟ ରେଳପଥ ପକ୍ଷରୁ ହିନ୍ଦୀ ଦିବସ ପାଳିତ



କାର୍ଯ୍ୟକ୍ରମରେ ଅଧିକାରୀ ଏବଂ କର୍ମଚାରୀମାନେ ଶପଥ ପାଠ କରୁଛନ୍ତି।

ଭୁବନେଶ୍ୱର,୧୭।୯ (ଅନୁରାଧା ମହାରଣା)

ପୂର୍ବତଟ ରେଳପଥ ଏବଂ ଏହାର ସମସ୍ତ ରେଳମଣ୍ଡଳ ଯଥା ଖୋର୍ଦ୍ଧାରୋଡ୍, ୱାଲଟିୟର ଓ ସମ୍ବଲପୁରଠାରେ ହିନ୍ଦୀ ଦିବସ ପାଳନ କରାଯାଇଛି। ଏହି ଦିବସକୁ ସ୍ମରଣୀୟ କରିବା ପାଇଁ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲଙ୍କ ନେତୃତ୍ୱରେ କର୍ମଚାରୀ ଏବଂ ଅଧିକାରୀମାନେ ହିନ୍ଦୀର ପ୍ରଚାର ଓ ପ୍ରସାର ପାଇଁ ଶପଥ ଗ୍ରହଣ କରିଥିଲେ। ହିନ୍ଦୀ ଦିବସ ମହତ୍ତ୍ୱପୂର୍ଣ୍ଣ କାରଣ ଏହା ଜାତୀୟ ଏକୀକରଣକୁ ପ୍ରୋତ୍ସାହିତ କରେ, ଯାହା ଭାରତରେ ଭାଷା ସମ୍ପ୍ରଦାୟମାନଙ୍କୁ ଏକତ୍ର କରିଥାଏ। ହିନ୍ଦୀର ସଂସ୍କୃତି ଓ ଐତିହ୍ୟ ଏବଂ ଆମ ସଂସ୍କୃତିରେ ଭାଷାର ମହତ୍ତ୍ୱକୁ ପ୍ରୋତ୍ସାହିତ କରିବା ପାଇଁ ଏହା ପ୍ରତିବର୍ଷ ପାଳନ କରାଯାଏ ବୋଲି କାର୍ଯ୍ୟକ୍ରମରେ ମତ ପ୍ରକାଶ ପାଇଥିଲା। ରେଳପଥର ମୁଖ୍ୟ ରାଜଭାଷା ଅଧିକାରୀ ତଥା ପ୍ରମୁଖ ବୈଦ୍ୟୁତିକ ଯନ୍ତ୍ରୀ ଆଲୋକ ସହାୟ ଏହି ଶପଥ ଗ୍ରହଣ ଉତ୍ସବକୁ ପରିଚାଳନା କରିଥିଲେ।

# ମା'ଙ୍କ ଆଗମନର ବାର୍ତ୍ତା ନେଇ ହସୁଛି କାଶତଣ୍ଡୀ

ଅସ୍ତରଙ୍ଗ,୧୭।୯(ପ୍ରଦୀପ୍ତ କୁମାର ଦୀକ୍ଷିତ)

କାଶତଣ୍ଡୀ ଫୁଲେ ମହି ଦିଶଇ ଧବଳ, ସରୋବରେ ଫୁଟିଅଛି କୁମୁଦ କମଳ। ମା'ଙ୍କ ଆଗମନରେ ପୁଲକିତ ଧରଣୀ ରାଣୀ। ଶସ୍ୟ ଶ୍ୟାମଳା ଧରଣୀରେ ନିଜ ପତିଆରା ବିସ୍ତାର କରି ନୀଳ ଆକାଶ ତଳେ ଖିଲିଖିଲି ହସୁଛି କାଶତଣ୍ଡୀ ଫୁଲ। ପୁରୀ ଜିଲା ଅସ୍ତରଙ୍ଗ ଅଞ୍ଚଳରେ ନଦୀ ପଠାଠାରୁ ଆରମ୍ଭ କରି ରାସ୍ତାକଡ଼ ପର୍ଯ୍ୟନ୍ତ ସବୁଠି ଭରିଦେଇଛି ସୌନ୍ଦର୍ଯ୍ୟ।

ଆସୁଛି ପାର୍ବଣ, ମାଆଙ୍କ ଆଗମନର ବାର୍ତ୍ତା ନେଇ ଫୁଟିଲାଣି କାଶତଣ୍ଡୀ। ଧରାପୃଷ୍ଠକୁ ଓହ୍ଲାଇବେ ଜଗତ୍‌ଜନନୀ ମା'ଦୁର୍ଗା। ମା'ଙ୍କ ସ୍ୱାଗତରେ ବାହୁମେଲାଇ ବସିଲାଣି କାଶତଣ୍ଡୀ ଫୁଲ। ପ୍ରକୃତି ରାଣୀ ସଜେଇ ହେଲାଣି। ଶାରଦୀୟ ପୂଜା ସମୟରେ



ନାନାଦି ଫୁଲର ବାସ୍ନା ମା'ଙ୍କ ଆଗମନକୁ ସୁଗନ୍ଧିତ କରୁଛି। କୃଷି କ୍ଷେତ୍ରରେ ଧରଣୀ ରାଣୀ ସବୁଜ ବନାନୀ ସାଙ୍ଗକୁ ପବନରେ କାଶତଣ୍ଡୀ ଫୁଲ ହଲିଝୁଲି ମା'ଙ୍କୁ ସ୍ୱାଗତ ଜଣାଉଛି।

ଚଉଦିଗରେ ଏବେ ଭରିରହିଛି ମାଳମାଳ କାଶତଣ୍ଡୀ। ସତେ ଯେମିତି ରାସ୍ତାକଡ଼ରୁ ଦୂରଦିଗନ୍ତ ପର୍ଯ୍ୟନ୍ତ ଧରଣୀ ରାଣୀ ଘୋଡ଼େଇ ହୋଇଛି ଧଳା ଚାଦର। ସୁଲୁସୁଲିଆ ପବନରେ ଦୋଳି ଖେଳୁଥିବା କାଶତଣ୍ଡୀକୁ ଦେଖି କ୍ଷଣିଏ ଅଟକି ଯାଉଛନ୍ତି ସଭିଏ। ଏହି ଫୁଲ ଓଡ଼ିଆ ସଂସ୍କୃତି ସହ ମଧ୍ୟ ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ରେଖା ପଞ୍ଚମୀରେ କାଶତଣ୍ଡୀ ଫୁଲର ବେଣୀ ଘର କବାଟରେ ବାନ୍ଧି ପୂଜା କରାଯାଏ। ଆଉ କାଶତଣ୍ଡୀର ବେଳାୟିତ ଚାମରରେ ମା' ଦୁର୍ଗା ଧରାବତରଣ କରନ୍ତି ବିଶ୍ୱାସ ରହିଛି ବୋଲି କହିଛନ୍ତି ଅସ୍ତରଙ୍ଗ ଅଞ୍ଚଳର ଶିକ୍ଷାବିତ୍ ତଥା ସୁସାହିତ୍ୟିକ ରବୀନ୍ଦ୍ର ମହାନ୍ତି। ଶରତ ଋତୁର ଆଗମନଠାରୁ ଆରମ୍ଭ କରି ଶାରଦୀୟ ଦୁର୍ଗାପୂଜାର ପ୍ରତୀକ କାଶତଣ୍ଡୀ ଫୁଲ ଧରାପୃଷ୍ଠରେ ନିଜ ସୌନ୍ଦର୍ଯ୍ୟ ସଦା ବିକିରଣ କରିଥାଏ।



କଣାସରେ ପୂଜା ପାଉଥିବା ବିଶ୍ୱକର୍ମା ।



ନିମାପଡା ପୂର୍ତ୍ତ ବିଭାଗ ପୂଜାମଣ୍ଡପ ।

## ସଂକ୍ଷେପରେ

### ଶ୍ରୀଜଗନ୍ନାଥ ଭକ୍ତ ସମାଜ ପକ୍ଷରୁ ଆଲୋଚନାଚକ୍ର

ବର୍ତ୍ତମାନର ଯୁବ ସମାଜ ଭାଗବତ ପଢ଼ନ୍ତୁ

ପୁରୀ,୧୭।୯ (ଅଜିତ୍ କୁମାର ମହାନ୍ତି)

ଶ୍ରୀଜଗନ୍ନାଥ ଭକ୍ତ ସମାଜ ପକ୍ଷରୁ ଶ୍ରୀଜଗନ୍ନାଥ ବଲ୍ଲଭ ମଠ ପରିସରରେ ସୋମବାର ଅନୁଷ୍ଠାନର ସାଧାରଣ ସଭା ଏବଂ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଶଙ୍କର୍ଷଣ ମଙ୍ଗରାଜଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶ୍ରୀମନ୍ଦିର ପୁରୋହିତ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଶ୍ରୀମଦ୍ ଭାଗବତ ଜନ୍ମ ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ସଦାଶିବ ପରିସରର ପୁରାଣ ଇତିହାସ ବିଭାଗର ଅଧ୍ୟାପକ ଡ. କୃଷ୍ଣଚନ୍ଦ୍ର କବି ଶ୍ରୀମଦ୍ ଭାଗବତ ଭଗବାନ ଶ୍ରୀକୃଷ୍ଣଙ୍କ ସ୍ୱରୂପ ଓ ବ୍ୟାସ ଦେବଙ୍କ ସର୍ବଶ୍ରେଷ୍ଠ କୃତି ବୋଲି ମତବ୍ୟକ୍ତ କରିଥିଲେ। ଅଧ୍ୟାପକ ଡ. ବଳରାମ ଦାଶ ସମ୍ମାନିତ ଅତିଥି ଭାବରେ ଯୋଗଦାନ କରି ଅତିବଡ଼ୀ ଜଗନ୍ନାଥ ଦାସଙ୍କ କୃତି ଭାଗବତ ଏହାର ରଚନା ସମ୍ପର୍କରେ ଆଲୋଚନା କରି ଭାଗବତ ହିଁ ବର୍ତ୍ତମାନ ଯୁବ ସମାଜକୁ ପଠନ କରିବା ନିତାନ୍ତ ଜରୁରୀ ବୋଲି କହିଥିଲେ। ଅଧ୍ୟାପକ ଦିବାକର ଷଡ଼ଙ୍ଗୀ, ଦୀନବନ୍ଧୁ ମିଶ୍ର ଖାଡ଼ଙ୍ଗା ପ୍ରମୁଖ ଯୋଗଦାନ କରି ଭାଗବତ ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ. ଅଜୟାନନ୍ଦ ସାହୁ, ଡ. ପ୍ରିୟରଞ୍ଜନ ରଥ, ଡ. ଅଜୟ କୁମାର ଦା, ଯୋଗଶିକ୍ଷକ ରମାବଲ୍ଲଭ ମହାପାତ୍ର, ଡ. ସ୍ନେହଲତା ମହାପାତ୍ର, ପୁଷ୍ପିତା ପଟ୍ଟନାୟକ, ସଂଯୁକ୍ତା ମହାପାତ୍ର, କାର୍ତ୍ତିକ ସାହୁ, ଜୟଶ୍ରୀ ସାହୁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

### ନିଲାମ ହେଲା ୫୫ କେଜି ଲଡୁ

ଜଟଣୀ,୧୭।୯(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ଗଣେଶ ମହୋତ୍ସବର ୧୧ତମ ଦିବସରେ ପ୍ରତିବର୍ଷ ଭଳି ଗୋପବନ୍ଧୁ ଛକ ବ୍ୟବସାୟୀ ସଂଘ ପକ୍ଷରୁ ୫୫ କେଜି ଓଜନର ଲଡୁ ନିଲାମ କରାଯାଇଛି। ସଂଘ ସଭାପତି ସୁରେନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଏହି ନିଲାମ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଲଡୁ ନିଲାମ ଡାକ ୧୦୧ରୁ ଆରମ୍ଭ ହୋଇଥିବା ବେଳେ ଶେଷରେ ଜଟଣୀ ଅଞ୍ଚଳର ବ୍ୟବସାୟୀ ଚିଣ୍ଟୁ ଅଗ୍ରୱାଲ ୬୩ହଜାର ଟଙ୍କାରେ ଉକ୍ତ ଲଡୁ ନେବା ପାଇଁ ହକ୍‌ଦାର ହୋଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ଉପସ୍ଥିତ ଥିଲେ।

# ଚିରସ୍ରୋତାଙ୍କୁ ବି ହାଇଗ୍ରେଡ୍, ମୀରାଙ୍କୁ ବି ଗ୍ରେଡ୍ ମାନ୍ୟତା

ସାକ୍ଷୀଗୋପାଳ,୧୭।୯(ପ୍ରଶାନ୍ତ କୁମାର ବାରିକ୍/କିଶୋର ମହାପାତ୍ର)

ପ୍ରସାର ଭାରତୀ ଦୂରଦର୍ଶନ କେନ୍ଦ୍ର ନୂଆଦିଲ୍ଲୀଠାରେ ଅନୁଷ୍ଠିତ ଦୂରଦର୍ଶନ ୨୦୨୪ ଅଡିଶନରେ ସଫଳ ଓଡ଼ିଶୀ ନୃତ୍ୟ ଶିଳ୍ପୀ ଭାବେ ସତ୍ୟବାଦୀ ସଙ୍ଗୀତ ମହାବିଦ୍ୟାଳୟ ନୃତ୍ୟଶିଳ୍ପୀ ଚିରସ୍ରୋତା ଖୁଣ୍ଟିଆଙ୍କୁ ବି ହାଇଗ୍ରେଡ୍ ଓ ନୃତ୍ୟଶିଳ୍ପୀ ମୀରା ଦାସଙ୍କୁ ବି ଗ୍ରେଡ୍ ମାନ୍ୟତା ମିଳିଛି। ୨୦୨୪ ଜୁଲାଇ ୮ରୁ ଅଗଷ୍ଟ ୨୮ ପର୍ଯ୍ୟନ୍ତ ଦୂରଦର୍ଶନ ନିର୍ଦ୍ଦେଶାଳୟ ନୂଆଦିଲ୍ଲୀଠାରେ ଆୟୋଜିତ ଅଡିଶନ ସେସନ ସମୟରେ କେନ୍ଦ୍ରୀୟ ନୃତ୍ୟ ଅଡିଶନ ବୋର୍ଡଙ୍କ ନିର୍ଣ୍ଣୟ କ୍ରମେ ୩୭ ଜଣ ନୃତ୍ୟଶିଳ୍ପୀ ମନୋନୀତ ହୋଇଥିଲେ। ସେମାନଙ୍କ ମଧ୍ୟରେ ସତ୍ୟବାଦୀ ସଙ୍ଗୀତ ମହାବିଦ୍ୟାଳୟର ଏହି ୨ ନୃତ୍ୟଶିଳ୍ପୀଙ୍କ ନାମ ରହିଛି। ଏହି ସଫଳତା ପାଇଁ ଶିକ୍ଷା ଗ୍ରହଣ କରୁଥିବା ଅନୁଷ୍ଠାନ ସହିତ, ନୃତ୍ୟ ଗୁରୁ ଓ ଉଭୟ ନୃତ୍ୟ ଶିଳ୍ପୀଙ୍କୁ ରାଜ୍ୟର ଅନେକ କଳାକାର ତଥା ବିଭିନ୍ନ ଓଡ଼ିଶୀ ନୃତ୍ୟ ଅନୁଷ୍ଠାନ ପକ୍ଷରୁ ଶୁଭେଚ୍ଛା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରାଯାଇଛି। ଭାରତ ସରକାରଙ୍କ ପକ୍ଷରୁ ଥିବା ଗୁରୁ-ଶିଷ୍ୟ ପରମ୍ପରାରେ ନୃତ୍ୟ ଶିଳ୍ପୀ ଚିରସ୍ରୋତା ଓ ମୀରା ଉଭୟ ସତ୍ୟବାଦୀ ସଙ୍ଗୀତ ମହାବିଦ୍ୟାଳୟର ନୃତ୍ୟ ଗୁରୁ ଲିଙ୍ଗରାଜ ସ୍ୱାଇଁଙ୍କଠାରୁ ନୃତ୍ୟ ଶିକ୍ଷା ଗ୍ରହଣ କରୁଛନ୍ତି। ଆଗକୁ ଉଭୟ ନୃତ୍ୟ ଶିଳ୍ପୀ ଭାରତ ସରକାରଙ୍କ (ଇଣ୍ଡିଆନ କାଉନସିଲ ଫର୍ କଲଚରାଲ ରେଲେଶନ) ଆଇସିସିଆର୍‌ରେ ନିଖୁଣ ଓ ଉଚ୍ଚକୋଟୀର ଓଡ଼ିଶୀ ନୃତ୍ୟ ପରିବେଷଣ କରି ମାନ୍ୟତା ହାସଲ ପାଇଁ ଶିକ୍ଷା ଗ୍ରହଣ କରୁଛନ୍ତି। ସତ୍ୟବାଦୀ ସଙ୍ଗୀତ ମହାବିଦ୍ୟାଳୟ ସମ୍ପାଦକ ବଦ୍ରି ନାରାୟଣ ଖୁଣ୍ଟିଆଙ୍କ ସମେତ ଅନ୍ୟ କର୍ମକର୍ତ୍ତା ଓ କଳାକାରମାନେ ଚିରସ୍ରୋତା ଓ ମୀରାଙ୍କ ଏହି ସଫଳତା ପାଇଁ ତାଙ୍କର ଉତ୍ତରୋତ୍ତର କାମନା କରିଛନ୍ତି।



ନୃତ୍ୟଶିଳ୍ପୀ ଚିରସ୍ରୋତା ଖୁଣ୍ଟିଆ ଓ ମୀରା ଦାସ ଓଡ଼ିଶୀ ନୃତ୍ୟ ପରିବେଷଣ କରୁଛନ୍ତି ।

# ମହିଳାଙ୍କୁ ଯୌତୁକ ନିର୍ଯାତନା ଅଭିଯୋଗ

ବଳଙ୍ଗା,୧୭।୯(କେଦାରେଶ୍ୱର ନନ୍ଦ)

ଅଧିକ ଯୌତୁକ ଦାବିରେ ବଳଙ୍ଗା ଥାନା ଅଧୀନ ଝାଗେଡ଼ା ସାହି ଗ୍ରାମରେ ଜଣେ ମହିଳାଙ୍କୁ ନିର୍ଯାତନା ଦିଆଯାଉଥିବା ଅଭିଯୋଗ ହୋଇଛି। ଏନେଇ ବଳଙ୍ଗା ପୋଲିସ ୨୫୪/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସୂଚନା ମୁତାବକ, ବଳଙ୍ଗା ଥାନା ଅଧୀନ ଝାଗେଡ଼ା ସାହି ଗ୍ରାମରେ ରାଘବ ସାହୁଙ୍କୁ ପୁଷ୍ପାଞ୍ଜଳି ସାହୁ ୭ ବର୍ଷ ତଳେ ବିବାହ କରିଥିଲେ। ସେତେବେଳେ ଦାବି ମୁତାବକ ୧ ଲକ୍ଷ ଟଙ୍କା, ସୁନା ଅଳଙ୍କାର ସହ ଆସବାବପତ୍ର ଦିଆଯାଇଥିଲା। ଏହାର ବର୍ଷକ ପରେ ପୁଅ ଜନ୍ମ ହେବା ପରେ ତାଙ୍କ ଶ୍ୱଶୁର ଜୟଦେବ ସାହୁ, ଶାଶୁ ପ୍ରମିଳା ସାହୁ, ଦେଢଶୁର ଲକ୍ଷ୍ମୀଧର, ଯାଆ ସୁଚିତ୍ରା, ନଣନ୍ଦ ସ୍ୱର୍ଣ୍ଣଲତା ଓ ସ୍ୱାମୀ ରାଘବ ଅଧିକ ୫ ଲକ୍ଷ ଟଙ୍କା ଯୌତୁକ ଆଣିବାକୁ ବାଧ କରିଥିଲେ। ପୁଷ୍ପାଞ୍ଜଳି ପୁଅକୁ ନେଇ ବାପ ଘରକୁ ଯାଇ କିଛି ଦିନ ରହି ଫେରିବାକୁ ସ୍ୱାମୀକୁ ଫୋନ ଯୋଗେ ଜଣାଇଥିଲେ। ଟଙ୍କା ନ ନ ଆଣିଲେ ଘରକୁ ନ ଆସିବାକୁ ରାଘବ କହିଥିଲେ। ଏହାର କିଛି ଦିନ ପରେ ପୁଷ୍ପାଞ୍ଜଳି ପୁଅକୁ ନେଇ ଶ୍ୱଶୁର ଘରେ ରହିଥିଲେ। ଉକ୍ତ ଘଟଣାକୁ କେନ୍ଦ୍ର କରି ସ୍ୱାମୀ ଓ ଶ୍ୱଶୁର ଘର ଲୋକେ ତାଙ୍କୁ ମାନସିକ ନିର୍ଯାତନା ଦେବା ଆରମ୍ଭ କରିଥିଲେ। ଏନେଇ ପୁଷ୍ପାଞ୍ଜଳି ଥାନାରେ ଅଭିଯୋଗ କରିଥିଲେ। ଥାନାରେ ଭଦ୍ର ବ୍ୟକ୍ତିଙ୍କ ଉପସ୍ଥିତିରେ ଉକ୍ତ ଘଟଣାର ସମାଧାନ ହୋଇଥିଲା। ପୁନର୍ବାର ନିର୍ଯାତନା ଦେବାରୁ ସେ ଗତ ମାର୍ଚ୍ଚ ୨୭ରେ ବାପଘରକୁ ଆସିଥିଲେ। ସ୍କୁଲରେ ପୁଅର ନାମ ଲେଖାଇବା ପାଇଁ ସୋମବାର ସନ୍ଧ୍ୟାରେ ଆଧାରକାର୍ଡ ଦରକାର ବୋଲି କହିଥିଲେ। ଏଥିରେ ରାଘବ ମନା କରିବା ସହ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ୫ ଲକ୍ଷ ଟଙ୍କା ଆଣିଲେ ଆଧାର କାର୍ଡ ମିଳିବ ବୋଲି କହିଥିବା ପୁଷ୍ପାଞ୍ଜଳି ଥାନାରେ ଅଭିଯୋଗ କରିଛନ୍ତି।

# ପ୍ରହ୍ଲାଦ ଚମ୍ପତିରାୟଙ୍କ ସ୍ମୃତିଚାରଣ ସଭା

ପୁରୀ,୧୭।୯(ଅଜିତ୍ କୁମାର ମହାନ୍ତି)

ସାମାଜିକ କର୍ମୀ ତଥା ବରିଷ୍ଠ ରାଜନେତା ପ୍ରହ୍ଲାଦ ଚମ୍ପତିରାୟଙ୍କ ଏକାଦଶାହ ଉପଲକ୍ଷେ ମଙ୍ଗଳବାର କଣାସ ବ୍ଲକ ଅନ୍ତର୍ଗତ ଝାରଡ଼ା ଗ୍ରାମରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ସଭାରେ କଣାସ ବ୍ଲକର ପୂର୍ବତନ ପ୍ରାଥମିକ ଶିକ୍ଷକ ସଂଘର ସମ୍ପାଦକ ଭାଗୀରଥି ମହାପାତ୍ରଙ୍କ ସଭାପତିତ୍ୱରେ ପୁରୀ ଜିଲା ଓଷ୍ଟାର ପୂର୍ବତନ ସମ୍ପାଦକ ମହେନ୍ଦ୍ର ରଣସିଂହ, ଓଷ୍ଟାର ରାଜ୍ୟ ଶିକ୍ଷାପ୍ରଦୀପ ସମ୍ପାଦକ ଶଙ୍କର୍ଷଣ ସୁବୁଦ୍ଧି, ଶିକ୍ଷକ କରୁଣାକର ମହାପାତ୍ର, କୃଷ୍ଣଚନ୍ଦ୍ର ଜେନାଙ୍କ ସହିତ ଉତ୍କଳମଣି ଗୋପବନ୍ଧୁ ବିଦ୍ୟା ନିକେତନର ପୂର୍ବତନ ଛାତ୍ର ଏବଂ ସ୍ଥାନୀୟ ରାଜନେତା ଯୋଗଦେଇ ପ୍ରହ୍ଲାଦ ଚମ୍ପତିରାୟଙ୍କ ସ୍ମୃତିଚାରଣ କରିଥିଲେ। ସ୍ୱର୍ଗତ ଚମ୍ପତିରାୟ ରାଜନୀତିର ପିତାମହ ଥିଲେ ବୋଲି ଅତିଥିମାନେ ସେମାନଙ୍କ ବକ୍ତବ୍ୟରେ କହିଥିଲେ। ସ୍ୱର୍ଗତ ଚମ୍ପତିରାୟ ଅବିଭକ୍ତ ବିଜିପୁର ପଞ୍ଚାୟତର ୨ଥର ସମିତି ସଭ୍ୟ ଓ ଗୋପବନ୍ଧୁ ବିଦ୍ୟାନିକେତନ ଝାରଡ଼ାର ପ୍ରତିଷ୍ଠାତା ଥିଲେ।



ସ୍ମୃତିଚାରଣ ସଭାରେ ଉପସ୍ଥିତ ଅତିଥି ।

# ସରସ୍ୱତୀ ବିଦ୍ୟାମନ୍ଦିର ପ୍ରତିଷ୍ଠା ଦିବସ

ନିମାପଡା,୧୭।୯(ରଞ୍ଜନ ପଟ୍ଟନାୟକ)

ନିମାପଡ଼ା ବସନ୍ତବିହାରସ୍ଥିତ ସରସ୍ୱତୀ ବିଦ୍ୟାମନ୍ଦିରର ୩୩ତମ ପ୍ରତିଷ୍ଠା ଦିବସ ସୋମବାର ପରିଚାଳନା କମିଟି ସଭାପତି ନିର୍ମଳ କୁମାର ମିଶ୍ରଙ୍କ ଉପସ୍ଥିତିରେ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଶିକ୍ଷା ବିକାଶ ସମିତିର ପୂର୍ବ ସମ୍ଭାର ସମ୍ପାଦକ ପ୍ରଫୁଲ୍ଲଚନ୍ଦ୍ର ପଣ୍ଡା ଯୋଗଦେଇଥିଲେ। ସରସ୍ୱତୀ ବିଦ୍ୟାମନ୍ଦିର ନିମାପଡ଼ା ପରିଚାଳନା କମିଟି ଉପସଭାପତି ସହଦେବ ବାରିକ୍, ପିପିଲି ବରିଷ୍ଠ ନାଗରିକ ମଞ୍ଚ ସମ୍ପାଦକ ଅଜୟ ରାୟ, ସରସ୍ୱତୀ ବିଦ୍ୟାମନ୍ଦିର ନିମାପଡ଼ା ପ୍ରଧାନ ଆଚାର୍ଯ୍ୟ ସଞ୍ଜୟ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରତିଷ୍ଠା ଦିବସ ଅବସରରେ ମୁଖ୍ୟ ଅତିଥି ପଣ୍ଡା ଅନ୍ୟ ଅତିଥିଙ୍କ ଗ୍ରହଣରେ ବିଦ୍ୟାଳୟର ଅତ୍ୟାଧୁନିକ ୨ଟି ସ୍ମାର୍ଟ ଶ୍ରେଣୀଗୃହକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ୯ମ ଏବଂ ୧୦ମ ଶ୍ରେଣୀ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ ନିମନ୍ତେ ସ୍ମାର୍ଟ ଶ୍ରେଣୀଗୃହ ଉପଯୁକ୍ତ ମାଧ୍ୟମ ରୂପେ କାର୍ଯ୍ୟ କରିବ ବୋଲି ମୁଖ୍ୟ ଅତିଥି ପଣ୍ଡା ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ବୃନ୍ଦ, ମାତୃମଣ୍ଡଳୀ ସଦସ୍ୟା ଓ ସମସ୍ତ ଗୁରୁଜୀ ଗୁରୁମା ଏବଂ କର୍ମଚାରୀ ଉପସ୍ଥିତ ରହିଥିଲେ।



ସରସ୍ୱତୀ ବିଦ୍ୟାମନ୍ଦିର ପ୍ରତିଷ୍ଠା ଦିବସ ଅବସରରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

# ପେନ୍‌ସନରୁ ବଞ୍ଚିତ ୪୮୮ ବର୍ଗ ମହାବିଦ୍ୟାଳୟ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ

ବଳଙ୍ଗା,୧୭।୯(କେଦାରେଶ୍ୱର ନନ୍ଦ)

ସ୍ଥାନୀୟ ସରସ୍ୱତୀ ଶିଶୁମନ୍ଦିରର ସମ୍ମିଳନୀ କକ୍ଷରେ ଚାକିରି ସର୍ତ୍ତାବଳୀ ଓ ପେନ୍‌ସନରୁ ବଞ୍ଚିତ ୪୮୮ ବର୍ଗ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀଙ୍କ ବୈଠକ ସୋମବାର ଅବସରପ୍ରାପ୍ତ ଅଧ୍ୟାପକ ହରମୋହନ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଯାଜପୁର ଜିଲାର ଗଡ଼ମଧୁପୁର ମହାବିଦ୍ୟାଳୟର ଦର୍ଶନ ଶାସ୍ତ୍ର ଅଧ୍ୟାପକ ଦୀନବନ୍ଧୁ ଦାଶ, ମୁଖ୍ୟବକ୍ତା ଭାବେ ବ୍ରହ୍ମଗିରି ଅଲାରନାଥ ମହାବିଦ୍ୟାଳୟର ଚନ୍ଦ୍ରଶେଖର ଦାଶ, ଅତିଥି ଭାବେ ବଳଙ୍ଗା ମହାବିଦ୍ୟାଳୟର ଅଧ୍ୟାପକ ଭାସ୍କର ମୁଦୁଲି, ସ୍ୱୟଂଶାସିତ ମହାବିଦ୍ୟାଳୟ ନିମାପଡ଼ାର ଅଧ୍ୟାପକ କିଶୋର ସ୍ୱାଇଁ, ଅଡଶପୁର ୟୁଏନ୍ ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧ୍ୟାପକ ଦେବେନ୍ଦ୍ର ନାଥ ସାହୁ, ଗୋପ ମହାବିଦ୍ୟାଳୟର ଅଧ୍ୟାପକ ବାଳକୃଷ୍ଣ ସ୍ୱାଇଁ ପ୍ରମୁଖ ଯୋଗଦେଇ ଚାକିରି ସର୍ତ୍ତାବଳୀ ଓ ପେନ୍‌ସନରୁ ବଞ୍ଚିତ ହୋଇଥିବା ଅଧ୍ୟାପକ ଓ କର୍ମଚାରୀଙ୍କର ଦୁରବସ୍ଥା ଓ ଦୟନୀୟ ଅବସ୍ଥା ପ୍ରତି ସରକାର ଅଣଦେଖା କରୁଥିବା ଏବଂ ଭେଦଭାବ ନୀତିରେ ଅସହାୟତା ପ୍ରକାଶ କରିଥିଲେ। ପୁରୀ, କଟକ, ଯାଜପୁର ଜିଲାର ପ୍ରତିନିଧିମାନେ ଯୋଗଦେଇ ବୈଠକକୁ ସଫଳ କରାଇଛନ୍ତି। ବଳଙ୍ଗା ମହାବିଦ୍ୟାଳୟର ଶିକ୍ଷା ବିଭାଗୀୟ ମୁଖ୍ୟ ଡ. ପ୍ରଦୋଷ କୁମାର ପତି ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶେଷରେ ଶିବପ୍ରସାଦ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# ସ୍ୱଚ୍ଛତା ହିଁ ସେବା, ସ୍ୱଚ୍ଛତା ରଥ କାର୍ଯ୍ୟକ୍ରମ ଶୁଭାରମ୍ଭ

କୋଣାର୍କ,୧୭।୯ (ଜ୍ୟୋତିରାଜ ମହାନ୍ତି)

କୋଣାର୍କସ୍ଥିତ କଲ୍ୟାଣ ମଣ୍ଡପଠାରେ ମଙ୍ଗଳବାର ସ୍ୱଚ୍ଛତା ହିଁ ସେବା ଓ ସ୍ୱଚ୍ଛତା ରଥ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଯାଇଛି। କୋଣାର୍କ ଅଞ୍ଚଳର ବରିଷ୍ଠ ନାଗରିକ, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା, ସ୍ୱଚ୍ଛ ସାଥୀ ଓ ବିଭିନ୍ନ ବର୍ଗର ଜନସାଧାରଣଙ୍କୁ ନେଇ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କୋଣାର୍କ ଏନ୍‌ଏସି ଅଧକ୍ଷା ସଂଯୁକ୍ତା ତ୍ରିପାଠୀ ଏଥିରେ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକ ସଂଘ କୋଣାର୍କ ଶାଖା ସଭାପତି ଶକ୍ତିଦେବ ଶତପଥୀ, ସାମାଜିକ କର୍ମୀ ହରିଶ୍ଚନ୍ଦ୍ର ଦାସ, ଅବସରପ୍ରାପ୍ତ ପ୍ରାଧ୍ୟାପକ ଶରତଚନ୍ଦ୍ର ପ୍ରଧାନ, ଅବସରପ୍ରାପ୍ତ ଶିକ୍ଷକ ନରେନ୍ଦ୍ର ପାତ୍ର, ସଂଯୋଜକ ନିର୍ମଳ ପ୍ରଧାନ ଓ କୋଣାର୍କ ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ୱେତପଦ୍ମା ଧଳ ଯୋଗଦେଇଥିଲେ। ଏନ୍‌ଏସିକୁ କିଭଳି ସ୍ୱଚ୍ଛତା କରାଯିବ, ସେ ସମ୍ପର୍କରେ ଆଲୋଚନା ସହ ସ୍ୱଚ୍ଛତା ରଥ ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ।




କୋଣାର୍କରେ ସ୍ୱଚ୍ଛତା ରଥ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଉଛି ।

# ସଙ୍ଗଠନ ସୁଦୃଢ଼ କରିବା ପାଇଁ ଆହ୍ୱାନ

## ପିପିଲି ମିଡିଆ ୟୁନିୟନର କାର୍ଯ୍ୟକାରିଣୀ ବୈଠକ

ପିପିଲି,୧୭।୯(ପ୍ରଭାତ କୁମାର ମହାପାତ୍ର)

ପିପିଲି ମିଡିଆ ୟୁନିୟନର କାର୍ଯ୍ୟକାରିଣୀ ବୈଠକ ମଙ୍ଗଳବାର ନିକଟସ୍ଥ ଯୋଗମାୟା ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଖବରଦାତା ପ୍ରଭାତ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ବୈଠକରେ ପିପିଲି ମିଡିଆ ୟୁନିୟନର କର୍ମକର୍ତ୍ତା ଚୟନ କରାଯାଇଥିଲା। ସର୍ବସମ୍ମତିକ୍ରମେ ସଭାପତି ଭାବେ ମନୋରଞ୍ଜନ ମହାପାତ୍ରଙ୍କୁ ଚୟନ କରାଯାଇଥିବା ବେଳେ ଉପସଭାପତି ବାଲୁଙ୍କେଶ୍ୱର ପ୍ରଧାନ, ସାଧାରଣ ସମ୍ପାଦକ ଦେବାଶିଷ ସିଂରାୟନ, ସହସମ୍ପାଦକ ସଞ୍ଜୟ ପ୍ରଧାନ, କୋଷାଧ୍ୟକ୍ଷ ସୁରେଶ ମହାନ୍ତି ଓ ଉପଦେଷ୍ଟା ଭାବେ ପ୍ରଭାତ କୁମାର ମହାପାତ୍ର, ବିରଞ୍ଜନ ମଲିକଙ୍କୁ ଚୟନ କରାଯାଇଥିଲା।

ପିପିଲି ମିଡିଆ ୟୁନିୟନର ସମସ୍ତ ସଭ୍ୟ ପିପିଲି ଅଞ୍ଚଳରେ ଥିବା ସମସ୍ୟାକୁ ଖବରକାଗଜ ଓ ବୈଦ୍ୟୁତିକ ଗଣମାଧ୍ୟମରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ସଭାପତି ସଭ୍ୟମାନଙ୍କୁ ପରାମର୍ଶ ଦେଇଥିଲେ। ବିଶେଷ କରି 'ମୁଁ ନୁହେଁ ଆମେ' ସଂଗଠିତ ହୋଇ କାମ କରିବା ପାଇଁ ସାମ୍ବାଦିକମାନେ ଶପଥ ନେଇଥିଲେ। ବୈଠକରେ ବରିଷ୍ଠ ସାମ୍ବାଦିକ ପ୍ରଫୁଲ କୁମାର ସାହୁ, ଜୟନ୍ତ କୁମାର ଷଡ଼ଙ୍ଗୀ, ବାପୁ ବେହେରା, ପ୍ରଫୁଲ କୁମାର ସାହୁ, ବସନ୍ତ ଖଣ୍ଡାୟତରାୟ, ଜୀବନ ଜୟ ରାଉତରାୟ, ପ୍ରଶାନ୍ତ ମହାରଣା, ଶ୍ରୀଧର ଆଚାର୍ଯ୍ୟ, ରମେଶ ଚନ୍ଦ୍ର ବେହେରା, ସତ୍ୟ ନାରାୟଣ ସିଂ, ନିଗମାନନ୍ଦ ଶର୍ମା, ଧୀରେନ୍ଦ୍ର ମହାରଣା, ଜଗନ୍ନାଥ ବେହେରା, ସୌମ୍ୟରଞ୍ଜନ ଶତପଥୀ ପ୍ରମୁଖ ଯୋଗଦେଇ ଆଗାମୀ କାର୍ଯ୍ୟପନ୍ଥା ସ୍ଥିର କରାଯାଇଥିଲା।



ପିପିଲି ମିଡିଆ ୟୁନିୟନର କାର୍ଯ୍ୟକାରିଣୀ ବୈଠକରେ ଉପସ୍ଥିତ କର୍ମକର୍ତ୍ତାମାନେ ।

## ସଂକ୍ଷେପରେ

### କାଠ ଫାଳିଆରେ ଆକ୍ରମଣ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୧୭।୯(ସୂର୍ଯ୍ୟକାନ୍ତ ବେହେରା)

ଲକ୍ଷ୍ମୀସାଗର ଥାନା ଅଞ୍ଚଳରେ କାର୍ତ୍ତିକ ମଲ୍ଲିକ ନାମକ ବ୍ୟକ୍ତିଙ୍କୁ କାଠଫାଳିଆରେ ଆକ୍ରମଣ କରାଯାଇଛି। ଏ ନେଇ ଥାନାରେ ଅଭିଯୋଗ ପରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଖୋର୍ଦ୍ଧା ଜଟଣୀ ଅଞ୍ଚଳରେ ରହୁଥିବା ଗଞ୍ଜାମର ସୁମନ ଜାଲି। ସୂଚନାନୁଯାୟୀ, କାର୍ତ୍ତିକ ଓ ସୁମନଙ୍କ ଜଣେ ସମ୍ପର୍କୀୟ ଲକ୍ଷ୍ମୀସାଗର ଅଞ୍ଚଳରେ ରହୁଛନ୍ତି। ସୋମବାର କାର୍ତ୍ତିକ ଓ ସୁମନ ପୃଥକ ଭାବେ ସମ୍ପୃକ୍ତ ସମ୍ପର୍କୀୟଙ୍କୁ ଭେଟିବା ପାଇଁ ସେଠାକୁ ଯାଇଥିଲେ। କାର୍ତ୍ତିକ ଘର ବାହାରେ କଥାବାର୍ତ୍ତା ହେଉଥିବାବେଳେ କୌଣସି କାରଣକୁ ନେଇ ସୁମନଙ୍କ ସହିତ ଝଗଡ଼ା ହୋଇଥିଲା। ଏଥିରେ ସୁମନ ରାଗିଯାଇ ତାଙ୍କୁ ଏକ କାଠଫାଳିଆରେ ଆକ୍ରମଣ କରିଥିଲେ।

### ବିକେ ଆର୍ଟ କଲେଜରେ ଅକ୍ଷରାଙ୍କନ କର୍ମଶାଳା

ଭୁବନେଶ୍ୱର,୧୭।୯(ଅନୁରାଧା ମହାରଣା)

ଖଣ୍ଡଗିରିସ୍ଥିତ ବିଭୂତି କାନୁନଗୋ (ବି.କେ) ଚାରୁ ଓ କାରୁ କଳା ମହାବିଦ୍ୟାଳୟରେ ଏକ ଟାଇପୋଗ୍ରାଫି (ଅକ୍ଷରାଙ୍କନ) କର୍ମଶାଳା ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଖଲ୍ଲିକୋଟସ୍ଥିତ ସରକାରୀ ଚାରୁ ଓ କାରୁକଳା ମହାବିଦ୍ୟାଳୟର ୧୩ ଜଣ ଏବଂ ବିକେ ଆର୍ଟ କଲେଜର ୨୭ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରି ସୁନ୍ଦର ଓଡ଼ିଆ ଅକ୍ଷରମାଳା ପ୍ରସ୍ତୁତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଉଭୟ ଅନୁଷ୍ଠାନ ମିଳିତ ଭାବେ ଆୟୋଜନ କରିଥିବା ବିକେ ଆର୍ଟ କଲେଜ୍ ଅଧ୍ୟକ୍ଷ ସୁବ୍ରତ କୁମାର ମଲ୍ଲିକ ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ମୁମ୍ବାଇସ୍ଥିତ ଜେଜେ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଆପ୍ଲାଏଡ୍ ଆର୍ଟର ଡିନ୍ ସନ୍ତୋଷ ସିର ସାଗର ଅଂଶଗ୍ରହଣକାରୀଙ୍କ ମାର୍ଗ ଦର୍ଶନ କରିଥିଲେ। ପ୍ରାରମ୍ଭିକ ଅଭିଭାଷଣରେ ସେ କହିଥିଲେ, ଓଡ଼ିଆ ଲିପିର ଗୋଲାକାର ନିର୍ମାଣଶୈଳୀ ହିଁ ଏହାର ପ୍ରମୁଖ ମାଧୁର୍ଯ୍ୟ। ବିଭିନ୍ନ ଭାରତୀୟ ଭାଷାର ଅକ୍ଷରାଗତ ପାର୍ଥକ୍ୟ, ସମାନତା, ସୁନ୍ଦରତା, ଲେଖିବା ଶୈଳୀ, ଅକ୍ଷରାକୃତି, ବର୍ଣ୍ଣମାଳା, ଦର୍ଶନତତ୍ତ୍ୱ ଆଦି ସମ୍ପର୍କରେ ସେ ଆଲୋଚନା କରିଥିଲେ। ଅଧ୍ୟାପକ ମୀନକେତନ ପଟ୍ଟନାୟକ ଏବଂ ନିଗମାନନ୍ଦ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅତିଥି ଅଧ୍ୟାପକ ବାସେନ୍ ଟୁଡୁ ଏବଂ ଅସ୍ମିତା ନାୟକ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ୧୯ ତାରିଖ ପର୍ଯ୍ୟନ୍ତ କର୍ମଶାଳା ଚାଲିବ।

### ପରେଡ୍ ଚୟନ ଶିବିର

ଭୁବନେଶ୍ୱର,୧୭।୯(ଅନୁରାଧା ମହାରଣା)

ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ପକ୍ଷରୁ ବିଶ୍ୱବିଦ୍ୟାଳୟସ୍ତରୀୟ ପ୍ରାକ୍ ସାଧାରଣତନ୍ତ୍ର ଦିବସ ପରେଡ ଚୟନ ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ସଂଯୋଜକ ଡ. ଶୁଶାନ୍ତ କୁମାର ପଟ୍ଟନାୟକଙ୍କ ସହଯୋଗରେ ଫ୍ଲାଇଟ ଲେଫ୍ଟନାଣ୍ଟ ମିହିର ରଞ୍ଜନ ସରନଙ୍କ ତତ୍ତ୍ୱାବଧାନରେ ପରେଡ କରାଯାଇଥିଲା। କୁଳପତି ପ୍ରଫେସର ଅପରାଜିତା ଚୌଧୁରୀଙ୍କ ତତ୍ତ୍ୱାବଧାନରେ ଏବଂ ଡ. ମନ୍ଦାକିନୀ ତ୍ରିପାଠୀ ଓ ସହକାରୀ ଜିଲା ଏନ୍‌ଏସ୍‌ଏସ୍ ଅଧିକାରୀ ଡ. ରଘୁନାଥ ମଣ୍ଡଳଙ୍କ ସହଯୋଗରେ କାର୍ଯ୍ୟକ୍ରମ ହୋଇଥିଲା।

# ପାର୍ବଣ ପୂର୍ବରୁ ମାତିଲେଣି ଲୁଟେରା: ସୁରକ୍ଷା ବ୍ୟବସ୍ଥା ଢିଲା

ଭୁବନେଶ୍ୱର,୧୭।୯(ସୂର୍ଯ୍ୟକାନ୍ତ ବେହେରା)

ପାର୍ବଣ ପୂର୍ବରୁ ରାଜଧାନୀ ଭୁବନେଶ୍ୱରରେ ଲୁଟେରା ମାତିଲେଣି। ପ୍ରତିଦିନ ସହରରେ ଚୋରି, ଛିନ୍‌ତାଇ ଓ ଲୁଟ୍ ପ୍ରଭୃତି ଘଟୁଛି। କେବଳ ରାସ୍ତାଘାଟରେ ନୁହେଁ, ଘରେ ପଶି ଲୁଟେରାମାନେ ଜିନିଷପତ୍ର ଲୁଟ୍ କରୁଛନ୍ତି। ସହରର ବିଭିନ୍ନ ସ୍ଥାନ ସମେତ ଗଳିକନ୍ଦିରେ ସିସିଟିଭି ଲାଗିଛି। ପ୍ରାୟ ପ୍ରତ୍ୟେକ ଛକରେ ପୋଲିସ ମୁତୟନ ରହୁଛନ୍ତି। ଏପରିକି ରାତ୍ରକାଳୀନ ପାଟ୍ରୋଲିଂ ହେଉଥିବା ପୋଲିସ କହୁଛି। ଏହାସତ୍ତ୍ୱେ ପୋଲିସକୁ ଚ୍ୟାଲେଞ୍ଜ ଦେଇ ଦୁର୍ବୃତ୍ତମାନେ ଆପରାଧିକ କାର୍ଯ୍ୟକଳାପ ଘଟାଇବାକୁ ପଛାଉ ନାହାନ୍ତି। ଦିନରେ ଘରର ସଦସ୍ୟମାନଙ୍କ ଅନୁପସ୍ଥିତିର ସୁଯୋଗ ନେଇ ତାଲା ଭାଙ୍ଗି ଘରେ ପଶି କେତେବେଳେ ସୁନା ଅଳଙ୍କାର ତ ଆଉ କେବେ ଦାମୀ ଜିନିଷପତ୍ର ଲୁଟି ନେଉଛନ୍ତି। ପୁଣି କେତେବେଳେ ରାସ୍ତାରେ ଛିନତାଇ କରି ଫେରାର ହୋଇଯାଉଛନ୍ତି। ଲୁଟପାଟ୍ ପାଇଁ ଲୋକଙ୍କୁ ଆକ୍ରମଣ ମଧ୍ୟ କରୁଛନ୍ତି। ଫଳରେ ଜନସାଧାରଣ ନିଜକୁ ଅସୁରକ୍ଷିତ ମନେ କରିବା ସହ ଚିନ୍ତାରେ ପଡ଼ିଛନ୍ତି। ଆଗକୁ ଦୁର୍ଗାପୂଜା, ଲକ୍ଷ୍ମୀପୂଜା ଓ କାଳୀପୂଜା ଆସୁଛି। ଏହି ସମୟରେ ଲୁଟେରାମାନେ ଅଧିକ ସକ୍ରିୟ ହେବାର ସମ୍ଭାବନା ରହିଛି। ପୋଲିସ ଏହାକୁ ଦୃଷ୍ଟିରେ ରଖି ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରିବା ସହ ଲୁଟେରାମାନଙ୍କ ଉପରେ ତୀକ୍ଷ୍ଣ ନଜର ରଖିବାକୁ ସାଧାରଣରେ ମତ ପ୍ରକାଶ ପାଇଛି। ଅନ୍ୟପକ୍ଷରେ ଗତ କିଛିଦିନର ଘଟଣାବଳୀ ଉପରେ ନଜର ପକାଇଲେ, ସହରରେ ଆପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଉଥିବା ସ୍ପଷ୍ଟ ହେଉଛି। ପୋଲିସର ସୁରକ୍ଷା ବ୍ୟବସ୍ଥା ଉପରେ ଏହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ସହର ଏବେ ଲୁଟେରାଙ୍କ ଚରାଭୂଇଁ ପାଲଟିଛି। ରାତିଦିନ ଚୋରି, ଛିନତାଇ ହେଉଛି। ପୋଲିସ ସେମାନଙ୍କୁ ଧରିବା ବେଳକୁ କେତେଜଣ ଅଭିଯୁକ୍ତ ବାହାର ରାଜ୍ୟକୁ ଫେରାର ହୋଇଯାଉଛନ୍ତି। ଫଳରେ ପୋଲିସ ସେମାନଙ୍କଠାରୁ ସବୁ ଚୋରି ଜିନିଷ ଉଦ୍ଧାର କରିପାରୁନାହିଁ। ଲୁଟ୍ ପାଇଁ ସେମାନେ ମାରଣାସ୍ତ୍ରରେ ଆକ୍ରମଣ କରୁଥିବାରୁ ଲୋକଙ୍କ ଜୀବନ ପ୍ରତି ମଧ୍ୟ ବିପଦ ରହୁଛି। ତେଣୁ ବର୍ତ୍ତମାନ ଧନ ଓ ଜୀବନ ଦୁଇଟିଯାକ ଅସୁରକ୍ଷିତ ହୋଇପଡ଼ିଛି ବୋଲି ସହର ବାସିନ୍ଦା ସୁନନ୍ଦ ପ୍ରଧାନ କହିଛନ୍ତି। ସେହିପରି ଆଉ କେତେଜଣ ସହର ବାସିନ୍ଦା ସୁରକ୍ଷା ବ୍ୟବସ୍ଥା ଢିଲା ହୋଇପଡ଼ିଥିବା ଅଭିଯୋଗ କରିଛନ୍ତି। ତେବେ ଏ ନେଇ ଡିସିପି ପ୍ରତୀକ ସିଂ କହିଛନ୍ତି, ଅଭିଯୁକ୍ତମାନଙ୍କୁ ସିସିଟିଭି ଫୁଟେଜ ଆଧାରରେ ଚିହ୍ନଟ କରି ଗିରଫ କରାଯାଉଛି। ଆପରାଧିକ କାର୍ଯ୍ୟକଳାପ ରୋକିବାକୁ ନିୟମିତ ରାତ୍ରକାଳୀନ ପାଟ୍ରୋଲିଂ ହେଉଛି। ଆଗକୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯିବା ସହ ଗଳିକନ୍ଦିରେ ବାଇକ ପାଟ୍ରୋଲିଂକୁ ଗୁରୁତ୍ୱ ଦିଆଯିବ ବୋଲି ଡିସିପି ପ୍ରକାଶ କରିଛନ୍ତି।

**ଗତ କିଛି ଦିନର ଘଟଣାବଳୀ**

**ସେପ୍ଟେମ୍ବର ୧୩**
- ତ୍ରିଶୂଳିଆ ଅଞ୍ଚଳର ଏକ ଆପାର୍ଟମେଣ୍ଟରୁ ୩୦୦ ଗ୍ରାମରୁ ଅଧିକ ସୁନା ଗହଣା ଚୋରି।
- ନୟାପଲ୍ଲୀ ଥାନା ଅଞ୍ଚଳରେ ଜଣେ ବ୍ୟକ୍ତି ସିଆରପି ଛକସ୍ଥିତ ଏକ ବ୍ୟାଙ୍କରୁ ଟଙ୍କା ଉଠାଇ ଯାଉଥିବା ବେଳେ ଲୁଟ୍।

**ସେପ୍ଟେମ୍ବର ୧୪:**
- ଗୋଠପାଟଣାଠାରେ ଥିବା ଏକ ଆପାର୍ଟମେଣ୍ଟରୁ ସୁନା ଗହଣା ଚୋରି।

**ସେପ୍ଟେମ୍ବର ୧୫**
- ଗୋଠପାଟଣାର ଜଣେ ଇଞ୍ଜିନିୟରଙ୍କ ଘରୁ ସୁନା ଗହଣା, ଟଙ୍କା ଲୁଟ୍।
- କଳିଙ୍ଗବିହାର ଅଞ୍ଚଳରେ ମର୍ନିଂ ୱାକ୍ ବେଳେ ଜଣେ ମହିଳାଙ୍କ ବେକରୁ ସୁନାଚେନ୍ ଲୁଟ୍।



ମଙ୍ଗଳବାର ବର୍ଷା ସମୟରେ ଜୟଦେବବିହାରଠାରେ ରାସ୍ତାରେ ଜମି ରହିଥିବା ପାଣି। (ଫଟୋ: ମନୋରଞ୍ଜନ ମିଶ୍ର)

# ଡାକ୍ତରୀ ପାଠ ପଢ଼ାରେ ଅର୍ଥ ସାଜିଛି ବାଧକ



ବାପା ମା'ଙ୍କ ସହ ନନ୍ଦିନୀ।

ଖୋର୍ଦ୍ଧା,୧୭।୯(ପ୍ରଭାତ ପାଣିଗ୍ରାହୀ)

**ସହାୟତା ଅପେକ୍ଷାରେ ନନ୍ଦିନୀ**

ଖୋର୍ଦ୍ଧା ବ୍ଲକ ମଲ୍ଲୀପୁର ପଞ୍ଚାୟତର ପୋଡ଼ାପୁଟ ଗ୍ରାମର ନନ୍ଦିନୀ ଦାସ। ସେ ଓଡ଼ିଶା ଜଏଣ୍ଟ ଏଣ୍ଟ୍ରାନ୍ସ ପରୀକ୍ଷାରେ ୧୩୦୫ ର୍ୟାଙ୍କ୍ ରଖି ଡାକ୍ତରୀ ପାଠ ପଢ଼ିବା ପାଇଁ ଯୋଗ୍ୟ ବିବେଚିତ ହେବା ସହ ସମ୍ବଲପୁର ବୁର୍ଲାସ୍ଥିତ ଭୀମ୍‌ସାରରେ ନାମ ଲେଖାଇଛନ୍ତି। ଆଗକୁ ଡାକ୍ତରୀ ପାଠ ପାଇଁ ୬ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଆବଶ୍ୟକ। ତେବେ ତାଙ୍କ ଡାକ୍ତରୀ ପାଠ ପଢ଼ାରେ ଅର୍ଥ ବାଧକ ସାଜିଛି। ଯଦି କେହି ସହୃଦୟ ବ୍ୟକ୍ତି ଆର୍ଥିକ ସହାୟତା କରନ୍ତେ ନନ୍ଦିନୀଙ୍କ ଡାକ୍ତର ହେବା ଆଶା ପୂରଣ ହୋଇପାରନ୍ତା ବୋଲି ବାପା ନିରଞ୍ଜନ ଦାସ କହିଛନ୍ତି।

ନିରଞ୍ଜନ ଜଣେ ଦିନମଜୁରିଆ, ପୁଣି ରୋଗଗ୍ରସ୍ତ। ଦିନେ କାମକୁ ନ ଗଲେ ପରିବାର ଉପାସ। ୩୮ହଜାର ଟଙ୍କା ଧାରକରି ନନ୍ଦିନୀଙ୍କ ପାଠ ପଢ଼ିବା ପାଇଁ ଆଡ୍‌ମିଶନ କରିଥିଲେ। ହେଲେ ଡାକ୍ତରୀ ପାଠ ପଢ଼ିବା ଲାଗି ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହେବ। ଏତେ ଟଙ୍କା କେଉଁଠୁ ଆଣିବେ, ସେହି ଚିନ୍ତାରେ ଭାଙ୍ଗିପଡ଼ିଛନ୍ତି ପରିବାର। ସେପଟେ ନନ୍ଦିନୀ ତାଙ୍କ ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପାଇଁ ଆର୍ଥିକ ସହଯୋଗ ଲାଗି ଅନ୍ୟମାନଙ୍କ ସହାୟତା ଲୋଡ଼ିଛନ୍ତି। ଯଦି କେହି ସହୃଦୟ ବ୍ୟକ୍ତି ଆର୍ଥିକ ସହାୟତା କରିବାକୁ ଚାହୁଁଥିଲେ ଏହି ନମ୍ବର (୭୮୪୮୮୦୯୩୧୪, ୭୮୯୪୮୦୭୮୨୦)ରେ ଯୋଗାଯୋଗ କରିପାରିବେ। ଏଥିସହ ଆକାଉଣ୍ଟ ନମ୍ବର (୪୩୨୮୭୯୭୭୪୯୯)ରେ ମଧ୍ୟ ସହାୟତା କରିପାରିବେ ବୋଲି ନିରଞ୍ଜନ ନିବେଦନ କରିଛନ୍ତି।

# ନିଲାମ ହେଲା ୫୫ କେଜି ଲଡ୍ଡୁ

ଜଟଣୀ,୧୭।୯(ରବୀନ୍ଦ୍ରନାଥ ମହାକୁଡ଼)

**୬୩ ହଜାର ଟଙ୍କାରେ ନିଲାମ ନେଲେ ଚିଣ୍ଟୁ ଅଗ୍ରୱାଲ**

ଜଟଣୀ ଗଣେଶ ମହୋତ୍ସବର ୧୧ତମ ଦିବସରେ ପ୍ରତିବର୍ଷ ଭଳି ଗୋପବନ୍ଧୁ ଛକ ବ୍ୟବସାୟୀ ସଂଘ ପକ୍ଷରୁ ୫୫ କେଜି ଓଜନର ଲଡ୍ଡୁ ନିଲାମ କରାଯାଇଛି। ସଂଘ ସଭାପତି ସୁରେନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଏହି ନିଲାମ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଲଡ୍ଡୁ ନିଲାମ ଡାକ ୧୦୧ରୁ ଆରମ୍ଭ ହୋଇଥିବା ବେଳେ ଶେଷରେ ଜଟଣୀ ଅଞ୍ଚଳର ବ୍ୟବସାୟୀ ଚିଣ୍ଟୁ ଅଗ୍ରୱାଲ ୬୩ହଜାର ଟଙ୍କାରେ ଉକ୍ତ ଲଡ୍ଡୁ ନେବା ପାଇଁ ହକ୍‌ଦାର ହୋଇଥିଲେ। ଏହି ନିଲାମ ପ୍ରକ୍ରିୟାରେ ବିଭିନ୍ନ ଅଞ୍ଚଳରୁ ଆସିଥିବା ଶ୍ରଦ୍ଧାଳୁଙ୍କ ସହ ସ୍ଥାନୀୟ ଶ୍ରଦ୍ଧାଳୁ ଅଂଶଗ୍ରହଣ କରିଥିଲେ। ଏହି ନିଲାମ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିଶ୍ୱରଞ୍ଜନ ବଡ଼ଜେନା, ଭୁବନେଶ୍ୱର ଏମ୍‌ପିଙ୍କ ପ୍ରତିନିଧି ସତୀଶ୍ ଶର୍ମା, ଖୋର୍ଦ୍ଧା ଜିଲା ବିଜେଡି ଉପସଭାପତି ସୁଦର୍ଶନ ସୁନ୍ଦରାୟ, ବିଜୟ କୁମାର ଛୋଟରାୟ, କୈଳାସ ମହାପାତ୍ର, କାଉନ୍‌ସିଲର ବିଷ୍ଣୁ ସାହୁ, ଭାଜପାନେତ୍ରୀ ରୋଜିନାରାଣୀ ଦାସ, ନୋଟାରୀ ଅବନୀ ରାଉତରାୟ, ରବି ବେହେରା ପ୍ରମୁଖ ଯୋଗଦେଇଥିଲେ। ଅଧ୍ୟାପକ ବିଜୟ କୁମାର ପଣ୍ଡା ଅତିଥି ପରିଚୟ ପ୍ରଦାନ ସହ ମଞ୍ଚ ପରିଚାଳନା କରିଥିଲେ। ଶ୍ରୀଗଣେଶଙ୍କ ନିକଟରେ ପୂଜା ପାଉଥିବା ଲଡ୍ଡୁ ନିଲାମ ପ୍ରକ୍ରିୟା ଦେଖିବା ପାଇଁ ମଣ୍ଡପ ସମ୍ମୁଖରେ ପ୍ରବଳ ଜନସମାଗମ ହୋଇଥିଲା।



ବିଧାୟକ ପ୍ରଶାନ୍ତ ଜଗ୍‌ଦେବଙ୍କ ଉପସ୍ଥିତିରେ ଲଡ୍ଡୁ ନିଲାମ କରାଯାଉଛି।

# ଚଇତି ଘୋଡ଼ା ନୃତ୍ୟ, ଓଡ଼ିଶୀ ମନମୋହିଲା

ଜଟଣୀ,୧୭।୯(ରବୀନ୍ଦ୍ରନାଥ ମହାକୁଡ଼)

**ଜଟଣୀ ଗଣେଶ ମହୋତ୍ସବର ଅନ୍ତିମ ସନ୍ଧ୍ୟା**

ଜଟଣୀ ଗଣେଶ ପୂଜା ଏବଂ ମହୋତ୍ସବର ଅନ୍ତିମ ଦିବସରେ ବିଭିନ୍ନ ପୂଜାମଣ୍ଡପ ଓ ମୀନାବଜାରରେ ଲୋକଙ୍କ ପ୍ରବଳ ଭିଡ଼ ହୋଇଥିଲା। କଳିଙ୍ଗ ଯୁବ ପରିଷଦ ପକ୍ଷରୁ ଅନୁଷ୍ଠିତ ଗଣେଶ ମହୋତ୍ସବର ୧୧ତମ ସନ୍ଧ୍ୟା ମଙ୍ଗଳବାର ଆୟୋଜକ ସଙ୍ଗଠନର ସଭାପତି ରବିନାରାୟଣ ଦାଶଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଅତିଥିଭାବେ ଭାଜପା ରାଜ୍ୟ କାର୍ଯ୍ୟକାରୀଣୀ ସଦସ୍ୟ ବିଶ୍ୱରଞ୍ଜନ ବଡ଼ଜେନା, ଭାରତୀୟ ତୈଳନିଗମ ନିର୍ଦ୍ଦେଶକ ସୁଦୀପ୍ତ ରାୟ, ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବରିଷ୍ଠ ଅଧିବକ୍ତା ସୁଖିବିନ୍ଦର କର, ସମାଜସେବୀ ମନସ୍ମିତା ଜେନା, ଜଟଣୀ ବ୍ଲକ ଅଧ୍ୟକ୍ଷା ଜୟନ୍ତୀ ଛୋଟରାୟ, ସୁରଜ ପାଇକରାୟ ପ୍ରମୁଖ ଯୋଗଦେଇଥିଲେ। ମେଳା, ମହୋତ୍ସବ ଆୟୋଜନ ଦ୍ୱାରା



ଜଟଣୀ ଗଣେଶ ମହୋତ୍ସବର ଅନ୍ତିମ ସନ୍ଧ୍ୟାରେ ଚଇତି ଘୋଡ଼ା ନୃତ୍ୟ ପରିବେଷଣ କରାଯାଉଛି।

ଅଞ୍ଚଳର ଆର୍ଥିକ ବିକାଶ ହେବା ସହ ଲୋକେ କଳା, ସଂସ୍କୃତି ଏବଂ ପରମ୍ପରାକୁ ଜାଣିବାରେ ସହାୟକ ହୋଇଥାଏ ବୋଲି ମତପ୍ରକାଶ ପାଇଥିଲା। ଏହି ଅବସରରେ କାକଟପୁରର ମା' କାକଟେଶ୍ୱରୀ ଲୋକନୃତ୍ୟ କଳାପରିଷଦର କଳାକାରଙ୍କ ଚଇତି ଘୋଡ଼ା ନାଚ ଏବଂ ଓଡ଼ିଶୀ ନୃତ୍ୟଶିଳ୍ପୀ ଶମ୍ଭୁଦତ୍ତ ସ୍ୱାଇଁଙ୍କ ଓଡ଼ିଶୀନୃତ୍ୟ ଦର୍ଶକଙ୍କୁ ଆକୃଷ୍ଟ କରିଥିଲା। ସମାଜର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୫ ଜଣଙ୍କୁ ଶରତ ପାଇକରାୟ ସେବା ସମ୍ମାନ ଏବଂ ମେଧା ସମ୍ମାନରେ ସମ୍ମାନିତ କରାଯାଇଥିଲା। ଜଟଣୀ ଅଞ୍ଚଳର ବିଶିଷ୍ଟ ଦନ୍ତ ଚିକିତ୍ସକ ସୁନୀଲ କୁମାର ରାଉତରାୟଙ୍କୁ ଶରତ ପାଇକରାୟ ସେବା ସମ୍ମାନ-୨୦୨୪ ରେ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ହରିଭାଇନା ଛକ ବ୍ୟବସାୟୀ ସଂଘ, ଗୋପବନ୍ଧୁ ବଜାର ବ୍ୟବସାୟୀ ସଂଘ, ମହୁଲଗୁଡ଼ିଆ ଛକ ବ୍ୟବସାୟୀ ସଂଘ, ମେଡିକାଲ ଛକ ଏବଂ ହନୁମାନ ବାଟିକା ଛକକୁ ମହୋତ୍ସବ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାରମ୍ଭରେ ଆୟୋଜକ ସଙ୍ଗଠନର ଆବାହକ ସୀତାକାନ୍ତ ନାୟକ ଏବଂ ପ୍ରତାପ କୁମାର ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନୁଷ୍ଠାନର ସମ୍ପାଦକ ସମୀର ଜେନା ଉତ୍ସବର ଅଭିମୁଖ୍ୟ ଏବଂ ଅନୁଷ୍ଠାନ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବାକୁ ଲୋକଙ୍କ ବେଶ୍ ଭିଡ଼ ଜମିଥିଲା।





ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଗସ୍ତ ଅବସରରେ ମଙ୍ଗଳବାର ସିଆର୍‌ପି-ଜୟଦେବବିହାର ରାସ୍ତାରେ ଟ୍ରାଫିକ୍ ଜାମ୍ ଯୋଗୁ ଗାଡ଼ିଗୁଡ଼ିକ ଅଟକି ରହିଛି।

# ଯୋଗ ମାଧ୍ୟମରେ ରୋଗର ଉପଚାର ନେଇ ଆଲୋକପାତ

ଭୁବନେଶ୍ୱର, ୧୭।୯ (ବନ୍ଦନା ସେଠୀ)

ଭିଏସ୍‌ଏସ୍ ଯୋଗ ଜିଲା ଆନୁକୂଲ୍ୟରେ ଭୁବନେଶର ଅଟଳାସ୍ଥିତ ପଞ୍ଚମୁଖୀ ଗ୍ରୀନ୍ସଠାରେ ଭାରତୀୟ ଯୋଗ ସଂସ୍ଥାନ ତରଫରୁ ଦୁଇଦିନିଆ ଯୋଗ ଉତ୍ସବ ପାଳିତ ହୋଇଯାଇଛି। ଜିଲା ପ୍ରଧାନ ବୁଦ୍ଧଦେବ ମୁଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ଏହି ଅଟଳା ଅଞ୍ଚଳରେ ଥିବା ଆପାର୍ଟମେଣ୍ଟଗୁଡ଼ିକରେ ପ୍ରଭାତ ଫେରି ଆୟୋଜନ କରାଯାଇ ଲୋକଙ୍କ ମଧ୍ୟରେ ଯୋଗ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ଦ୍ୱିତୀୟ ଦିବସରେ ପଞ୍ଚମୁଖୀ ଗ୍ରୀନ୍ସ କେନ୍ଦ୍ରଠାରେ ଏକ ସାମୂହିକ ଯୋଗ ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇ ଯୋଗ ମାଧ୍ୟମରେ ରୋଗର ଉପଚାର ବିଷୟରେ ଆଲୋକପାତ କରାଯାଇଥିଲା। ଭାରତୀୟ ଯୋଗ ସଂସ୍ଥାନ ଓଡ଼ିଶା ପ୍ରାନ୍ତ ସଦସ୍ୟ ତଥା ଭିଏସ୍‌ଏସ୍ ଯୋଗ ଜିଲା ପ୍ରଭାରୀ ରଘୁନାଥ ରେଡ୍ଡୀ ଯୋଗଦେଇ ନିୟମିତ ଯୋଗାଭ୍ୟାସର ମହତ୍ତ୍ୱ ବିଷୟରେ ଆଲୋକପାତ କରିଥିଲେ। ଜିଲା ପ୍ରଧାନ ବୁଦ୍ଧଦେବ ମୁଣ୍ଡା ସଂସ୍ଥାନର ପରିଚୟ ଓ ଉଦ୍ଦେଶ୍ୟ ବିଷୟରେ ସାଧକସାଧିକାମାନଙ୍କୁ ଅବଗତ କରାଇଥିଲେ। ଜିଲା ମନ୍ତ୍ରୀ ନୀଳିମା ଭଟ୍ଟାଚାର୍ଯ୍ୟ ମଞ୍ଚ ପରିଚାଳନା କରିଥିବାବେଳେ ଜିଲା ସଂଗଠନ ମନ୍ତ୍ରୀ ସୌଭାଗ୍ୟ କୁମାର ଜେନା ଧନ୍ୟବାଦ ଦେଇଥିଲେ। ଭିଏସ୍‌ଏସ୍ ଯୋଗ ଜିଲାର ସମସ୍ତ କେନ୍ଦ୍ରର ପ୍ରାୟ ୧୫୦ରୁ ଊର୍ଦ୍ଧ୍ୱ ସାଧିକା ସାଧକ ଏବଂ ଅଞ୍ଚଳର ଯୋଗପ୍ରେମୀମାନେ ଉତ୍ସବରେ ଯୋଗଦେଇ ମନୁଷ୍ୟ ଜୀବନରେ ଯୋଗର ଉପକାରିତାକୁ ହୃଦୟଙ୍ଗମ କରିଥିଲେ।



ଯୋଗ ଉତ୍ସବ ଅବସରରେ ଯୋଗାଭ୍ୟାସ କରାଯାଉଛି।

## ସଂକ୍ଷେପରେ

### ପ୍ରବଳ ବର୍ଷା: ବାଙ୍କୀ ସହରରେ ଜଳବନ୍ଦୀ ପରିସ୍ଥିତି

ବାଙ୍କୀ,୧୭।୯(ଜ୍ଞାନେନ୍ଦ୍ର ମୋହନ ମିଶ୍ର )

ବାଙ୍କୀ ସହର ତଥା ଆଖପାଖ ଅଞ୍ଚଳରେ ମଙ୍ଗଳବାର ଅପରାହ୍ନରେ ପ୍ରବଳ ବର୍ଷା ଯୋଗୁ ଲୋକେ ଜଳବନ୍ଦୀ ହେବା ଭଳି ପରିସ୍ଥିତ ଉପୁଜିଛି। ଫଳରେ ଯାତାୟତରେ ବାଧାହୋଇଛି। ଲୋକମାନେ ଡ୍ରେନ ଓ ଜଳ ନିଷ୍କାସନ ସ୍ଥାନରେ ଜବରଦଖଲ କରି ଗୃହ ନିର୍ମାଣ କରୁଥିବାରୁ ଜଳ ନିଷ୍କାସନ ହୋଇପାରୁ ନାହିଁ । ଏଥିପ୍ରତି ବାଙ୍କୀ ପ୍ରଶାସନ ଦୃଷ୍ଟି ଦେଇ ଜବର ଦଖଲକାରୀଙ୍କୁ ଉଚ୍ଛେଦ କରିବା ସହ ଜଳ ନିଷ୍କାସନ କିପରି ସୁବିଧାରେ ହୋଇପାରିବ ସେଥିପ୍ରତି ଦୃଷ୍ଟି ଦେବାକୁ ଦାବି କରାଯାଇଛି ।

### ନନ୍ଦନକାନନରେ 'ସ୍ୱଚ୍ଛତା ହିଁ ସେବା' ଅଭିଯାନ

ବାରଙ୍ଗ,୧୭।୯(ଲିଙ୍ଗରାଜ ରାଉତ)

ପ୍ରାଣୀଉଦ୍ୟାନ ନନ୍ଦନକାନନ ପରିସରରେ ମଙ୍ଗଳବାର ପୂର୍ବାହ୍ନରେ ସ୍ୱଚ୍ଛତା ହିଁ ସେବା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପ୍ରାକୃତିକ ବିଜ୍ଞାନ ସଂଗ୍ରହାଳୟ (ଆର୍‌ଏମ୍‌ଏନ୍‌ଏଚ୍) ଏବଂ ନନ୍ଦନକାନନ ଉଚ୍ଚ ବିଦ୍ୟାଳୟ ମିଳିତ ଭାବେ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଆର୍‌ଏମ୍‌ଏନ୍‌ଏଚ୍‌ର ୧୫୫ ଜଣ କର୍ମଚାରୀଙ୍କ ସମେତ ନନ୍ଦନକାନନ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ର ଏକତ୍ରିତ ହୋଇ ପ୍ରାଣୀଉଦ୍ୟାନ ପରିସରରେ ଥିବା ଅଳିଆ ଆବର୍ଜନା ସଫା କରିଥିଲେ। ଏଥିସହ ଉପସ୍ଥିତ ସମସ୍ତ କର୍ମଚାରୀ ଏବଂ ଛାତ୍ରୀଛାତ୍ର ପରିବେଶ ସୁରକ୍ଷା, ପରିଷ୍କାର ପରିଚ୍ଛନ୍ନ ରହିବା ଏବଂ ଏହାର ଯତ୍ନ ନେବାକୁ ଶପଥ ନେଇଥିଲେ।

### କାଠ ଫାଳିଆରେ ଆକ୍ରମଣ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୧୭।୯(ସୂର୍ଯ୍ୟକାନ୍ତ ବେହେରା): ଲକ୍ଷ୍ମୀସାଗର ଥାନା ଅଞ୍ଚଳରେ କାର୍ତ୍ତିକ ମଲ୍ଲିକ ନାମକ ବ୍ୟକ୍ତିଙ୍କୁ କାଠଫାଳିଆରେ ଆକ୍ରମଣ କରାଯାଇଛି। ଏ ନେଇ ଥାନାରେ ଅଭିଯୋଗ ପରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଖୋର୍ଦ୍ଧା ଜଟଣୀ ଅଞ୍ଚଳରେ ରହୁଥିବା ଗଞ୍ଜାମର ସୁମନ ଜାଲି। ସୂଚନାନୁଯାୟୀ, କାର୍ତ୍ତିକ ଓ ସୁମନଙ୍କ ଜଣେ ସମ୍ପର୍କୀୟ ଲକ୍ଷ୍ମୀସାଗର ଅଞ୍ଚଳରେ ରହୁଛନ୍ତି। ସୋମବାର କାର୍ତ୍ତିକ ଓ ସୁମନ ପୃଥକ ଭାବେ ସମ୍ପୃକ୍ତ ସମ୍ପର୍କୀୟଙ୍କୁ ଭେଟିବା ପାଇଁ ସେଠାକୁ ଯାଇଥିଲେ। କାର୍ତ୍ତିକ ଘର ବାହାରେ କଥାବାର୍ତ୍ତା ହେଉଥିବାବେଳେ କୌଣସି କାରଣକୁ ନେଇ ସୁମନଙ୍କ ସହିତ ଝଗଡ଼ା ହୋଇଥିଲା। ଏଥିରେ ସୁମନ ରାଗିଯାଇ ତାଙ୍କୁ ଏକ କାଠଫାଳିଆରେ ଆକ୍ରମଣ କରିଥିଲେ। ଫଳରେ କାର୍ତ୍ତିକଙ୍କ ମୁଣ୍ଡରୁ ପ୍ରଚୁର ରକ୍ତସ୍ରାବ ହୋଇଥିଲା। ଖବର ପାଇ ଘଟଣାସ୍ଥଳରେ ପୋଲିସ ପହଞ୍ଚି କାର୍ତ୍ତିକଙ୍କୁ ଉଦ୍ଧାର କରି ହସ୍ପିଟାଲକୁ ପଠାଇଥିଲା। ପ୍ରାଥମିକ ଚିକିତ୍ସା ପରେ କାର୍ତ୍ତିକ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ।

### ମା'ସାହେଶ୍ୱରୀ ପୀଠରେ ସମୂହ ଦୀପଦାନ

ସାଲେପୁର,୧୭।୯(ଅରବିନ୍ଦ ଭୂୟାଁ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୪ତମ ଜୟନ୍ତୀ ଅବସରରେ ତାଙ୍କ ଶୁଭ କାମନା କରି ସାଲେପୁର ଭାଜପା ନେତା ଅରିନ୍ଦମ ରାୟଙ୍କ ନେତୃତ୍ୱରେ ମା'ସାହେଶ୍ୱରୀ ପୀଠରେ ଏକ ସମୂହ ଦୀପଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସାଲେପୁର ଅଞ୍ଚଳର ବହୁ ଭାଜପା ନେତା ଓ କର୍ମୀମାନେ ଯୋଗଦେଇ ଦୀପଦାନ କରିବା ପ୍ରଧାନମନ୍ତ୍ରୀଙ୍କ ଦୀର୍ଘାୟୁ କାମନା କରିଥିଲେ। ପରେ ଅରିନ୍ଦମ ରାୟ ସାଲେପୁର ସାପ୍ତାହିକ ହାଟ ପରିଦର୍ଶନ କରି ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ସାପ୍ତାହିକ ହାଟର ପୁନରୁଦ୍ଧାର ପାଇଁ ଆରଏମ୍‌ସି ଅଧିକାରୀଙ୍କୁ ଭେଟିଥିଲେ।

# ରାସ୍ତାରେ ପାଣି, ପଥଚାରୀ ହଟହଟା

- କାମ ଆରମ୍ଭ କରି ଠିକାଦାର ଛୁ
- ପୁନର୍ବାର ରାସ୍ତାକୁ ଜବରଦଖଲ ପ୍ରୟାସ
- ଶିଳାନ୍ୟାସର ୮ ମାସ ପରେ ବି ଆରମ୍ଭ ହୋଇପାରୁନି କାମ

ନିଶ୍ଚିନ୍ତକୋଇଲି, ୧୭।୯
(ଅଶୋକ କୁମାର ମହାପାତ୍ର)



କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ କଟିକଟା ବଜାରରେ ଥିବା କଟିକଟା-ଜୟପୁର ରାସ୍ତାର ଆରମ୍ଭରୁ ଦୁରବସ୍ଥା ଦେଖିବାକୁ ମିଳିଛି। ବର୍ଷା ହେବା ଫଳରେ ରାସ୍ତାରେ ଆଣ୍ଠୁଏ ପାଣି ଜମି ରହୁଛି। ପଥଚାରୀ ଗମନାଗମନ ପାଇଁ ନାକେଦମ ହେଉଛନ୍ତି। ଅପରପକ୍ଷରେ ଠିକାଦାର ନାମକୁମାତ୍ର କାମ ଆରମ୍ଭ କରି ଛୁ ମାରିଛନ୍ତି। କେନ୍ଦ୍ରାପଡା ପୂର୍ତ୍ତ ବିଭାଗର ଦାୟିତ୍ୱହୀନତା ଯୋଗୁ ରାସ୍ତା ନିର୍ମାଣରେ ଅହେତୁକ ବିଳମ୍ବ ଘଟିଛି। ଫଳରେ ସ୍ଥାନୀୟ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ସୂଚନାଯୋଗ୍ୟ, ନିଶ୍ଚିନ୍ତକୋଇଲି ବ୍ଲକ ମଧ୍ୟ ଦେଇ ଯାଇଥିବା କଟିକଟା-ଜୟପୁର ପୂର୍ତ୍ତ ବିଭାଗ ରାସ୍ତାର ରକ୍ଷଣାବେକ୍ଷଣ ଦାୟିତ୍ୱ କେନ୍ଦ୍ରାପଡ଼ା ପୂର୍ତ୍ତ ବିଭାଗ ଅଧୀନରେ ରହିଛି। ଦୀର୍ଘବର୍ଷ ଧରି ନିଶ୍ଚିନ୍ତକୋଇଲି ବ୍ଲକ ଅସୁରେଶ୍ୱର ତଥା କଟିକଟା ବଜାର ରାସ୍ତାର କିଛି ଅଂଶ ଜବରଦଖଲରେ ରହିଥିଲା। ଦେଢ଼ବର୍ଷ ତଳେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶକ୍ରମେ ନିଶ୍ଚିନ୍ତକୋଇଲି ତହସିଲ ତରଫରୁ ଜବରଦଖଲକାରୀଙ୍କୁ ପ୍ରଶାସନ ତରଫରୁ ହଟାଇ ଦିଆଯାଇଥିଲା। ଏହି ସ୍ଥାନରେ ରାସ୍ତାକୁ ପ୍ରଶସ୍ତୀକରଣ ଓ କଟିକଟା-ଜୟପୁର ରାସ୍ତା ନିର୍ମାଣ ନିମନ୍ତେ ସରକାର ୫୩ଲକ୍ଷ ଟଙ୍କା ମଞ୍ଜୁର କରିଥିଲେ। ଟେଣ୍ଡର ଅନୁଯାୟୀ ଠିକାଦାର ଚୟନ କରାଯାଇଥିଲା। ମାହାଙ୍ଗାର ତତ୍କାଳୀନ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା ଏହି ରାସ୍ତାର ଶିଳାନ୍ୟାସ ଗତ ଜାନୁଆରୀ ୨ରେ କରିଥିଲେ। ଇତିମଧ୍ୟରେ ୮ମାସ ଅତିକ୍ରାନ୍ତ ହୋଇସାରିଥିଲେ ମଧ୍ୟ ପୂର୍ତ୍ତ ବିଭାଗର ଦାୟିତ୍ୱହୀନତା ପାଇଁ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇପାରିନାହିଁ। ଅପରପକ୍ଷେ ରାସ୍ତାକୁ ତାଡ଼ି ଦିଆଯାଇଥିବାରୁ ଏବେ ମରଣଯନ୍ତାରେ ପରିଣତ ହୋଇଯାଇଛି। ଟିକିଏ ବର୍ଷା ହେଲେ ରାସ୍ତାରେ ପାଣିଜମି ରହି କୃତ୍ରିମ ହ୍ରଦର ଭ୍ରମ ସୃଷ୍ଟି କରୁଛି। ଦୈନନ୍ଦିନ ଏହି ରାସ୍ତାରେ ଛୋଟବଡ଼ ଦୁର୍ଘଟଣା ଘଟି ବହୁ ଧନଜୀବନ ହାନି ହେଉଛି। ଅପରପକ୍ଷରେ ନିର୍ମାଣ କାର୍ଯ୍ୟରେ ଅହେତୁକ ବିଳମ୍ବ ହେତୁ ଲୋକେ ପୁନର୍ବାର ରାସ୍ତାକୁ ଜବରଦଖଲ କରିବାକୁ ପ୍ରୟାସ କରୁଥିବା ଅଭିଯୋଗ ହୋଇଛି। ଏସମ୍ପର୍କରେ ବିଭାଗୀୟ ଯନ୍ତ୍ରୀଙ୍କୁ ବାରମ୍ବାର ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ କୌଣସି ଉତର ଦେଇ ନ ଥିଲେ।

# ଡାକ୍ତରୀ ପାଠପଢ଼ାରେ ଅର୍ଥ ସାଜିଛି ବାଧକ

ଖୋର୍ଦ୍ଧା,୧୭।୯(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ବ୍ଲକ ମଲ୍ଲୀପୁର ପଞ୍ଚାୟତର ପୋଡ଼ାପୁଟ ଗ୍ରାମର ନନ୍ଦିନୀ ଦାସ। ସେ ଓଡ଼ିଶା ଜଏଣ୍ଟ ଏଣ୍ଟ୍ରାନ୍ସ ପରୀକ୍ଷାରେ ୧୩୦୫ ର୍‍ୟାଙ୍କ୍ ରଖି ଡାକ୍ତରୀ ପାଠ ପଢ଼ିବା ପାଇଁ ଯୋଗ୍ୟ ବିବେଚିତ ହେବା ସହ ସମ୍ବଲପୁର ବୁର୍ଲାସ୍ଥିତ ଭୀମ୍‌ସାରରେ ନାମ ଲେଖାଇଛନ୍ତି। ଆଗକୁ ଡାକ୍ତରୀ ପାଠ ପାଇଁ ୬ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଆବଶ୍ୟକ। ତେବେ ତାଙ୍କ ଡାକ୍ତରୀ ପାଠ ପଢ଼ାରେ ଅର୍ଥ ବାଧକ ସାଜିଛି। ଯଦି କେହି ସହୃଦୟ ବ୍ୟକ୍ତି ଆର୍ଥିକ ସହାୟତା କରନ୍ତେ ନନ୍ଦିନୀଙ୍କ ଡାକ୍ତର ହେବା ଆଶା ପୂରଣ ହୋଇପାରନ୍ତା ବୋଲି ବାପା ନିରଞ୍ଜନ ଦାସ କହିଛନ୍ତି।

ନିରଞ୍ଜନ ଜଣେ ଦିନମଜୁରିଆ, ପୁଣି ରୋଗଗ୍ରସ୍ତ। ଦିନେ କାମକୁ ନ ଗଲେ ପରିବାର ଉପାସ। ୩୮ହଜାର ଟଙ୍କା ଧାରକରି ନନ୍ଦିନୀଙ୍କ ପାଠ ପଢ଼ିବା ପାଇଁ ଆଡ୍‌ମିଶନ କରିଥିଲେ। ହେଲେ

### ସହାୟତା ଅପେକ୍ଷାରେ ନନ୍ଦିନୀ



ଡାକ୍ତରୀ ପାଠ ପଢ଼ିବା ଲାଗି ଲକ୍ଷ। ଧିକ ଟଙ୍କା ଖର୍ଚ୍ଚ ହେବ। ଏତେ ଟଙ୍କା କେଉଁଠୁ ଆଣିବେ, ସେହି ଚିନ୍ତାରେ ଭାଙ୍ଗିପଡ଼ିଛନ୍ତି ପରିବାର। ସେପଟେ ନନ୍ଦିନୀ ତାଙ୍କ ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପାଇଁ ଆର୍ଥିକ ସହଯୋଗ ଲାଗି ଅନ୍ୟମାନଙ୍କ ସହାୟତା ଲୋଡ଼ିଛନ୍ତି। ଯଦି କେହି ସହୃଦୟ ବ୍ୟକ୍ତି ଆର୍ଥିକ ସହାୟତା କରିବାକୁ ଚାହୁଁଥିଲେ ଏହି ନମ୍ବର (୭୮୪୮୮୦୯୩୧୪, ୭୮୯୪୮୦୭୮୨୦)ରେ ଯୋଗାଯୋଗ କରିପାରିବେ। ଏଥିସହ ଆକାଉଣ୍ଟ ନମ୍ବର (୪୩୨୮୭୯୭୭୪୯୯)ରେ ମଧ୍ୟ ସହାୟତା କରିପାରିବେ ବୋଲି ନିରଞ୍ଜନ ନିବେଦନ କରିଛନ୍ତି।



କଟକ ଶିଳ୍ପୀ କୁମ୍ଭାର ସାହି ଅଞ୍ଚଳରେ ୨ ଜଣ ଶିଳ୍ପୀ ମା' ଦୁର୍ଗାଙ୍କ ମାଟିମୁଖା ଓ ପ୍ରତିମା ଗଢୁଛନ୍ତି।



ଭାଜପା ପକ୍ଷରୁ ଚାରା ରୋପଣ କରାଯାଉଛି।

### ମା'ପାଇଁ ଗଛଟିଏ କାର୍ଯ୍ୟକ୍ରମ

ବାଙ୍କୀ,୧୭।୯(ଜ୍ଞାନେନ୍ଦ୍ର ମୋହନ ମିଶ୍ର):

ବାଙ୍କୀ ବ୍ଲକ ବୈଦ୍ୟେଶ୍ୱରଠାରେ ମା'ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଭାଜପାର ବରିଷ୍ଠ ନେତା ତଥା ରାଜ୍ୟ କୃଷକ ମୋର୍ଚ୍ଚାର ସଂଯୋଜକ ଅଜୟ କୁମାର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଟି-ସେତୁ ନିକଟରେ ଚାରାରୋପଣ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ସୁବାସ ଦଳେଇ ଅତିଥି ପରିଚୟ ପ୍ରଦାନ କରିବା ସହ ସେମାନଙ୍କୁ ଉତ୍ତରୀୟ ପ୍ରଦାନ କରିଥିଲେ । ଏହି ଅବସରରେ ବୈଦ୍ୟେଶ୍ୱରସ୍ଥିତ ଦୁର୍ଗା ମନ୍ଦିରରେ ଦୀପ ପ୍ରଦାନ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୀର୍ଘ ନିରାମୟ ଜୀବନ କାମନା କରାଯାଇଥିଲା । କାର୍ଯ୍ୟକ୍ରମରେ କଳାପଥର ମଣ୍ଡଳର ଚନ୍ଦନ ରାୟ, ପଦ୍ମନାଭ ବେହେରା, ସୁରେନ୍ଦ୍ର ବିଶ୍ୱାଳ, ପଦ୍ମଲୋଚନ ନାୟକ ଓ ନିତ୍ୟାନନ୍ଦ ସାହୁ ପ୍ରମୁଖ ଯୋଗଦେଇଥିଲେ । ପୂର୍ବତନ ଜିଲା ଭାଜପା ସମ୍ପାଦକ ସିଦ୍ଧେଶ୍ୱର ପାଇକରାୟ ଧନ୍ୟବାଦ ଅର୍ପଣ କରିଥିଲେ ।

# ମହିଳାଙ୍କୁ ସ୍ୱାବଲମ୍ବୀ କରିବା ସୁଭଦ୍ରା ଯୋଜନାର ମୂଳ ଉଦ୍ଦେଶ୍ୟ

କଟକ ସଦର/ଚୌଦ୍ୱାର/ନିଶ୍ଚିନ୍ତକୋଇଲି/ ମାହାଙ୍ଗା/ସାଲେପୁର/ବାଙ୍କୀ/ ଟିଗିରିଆ/ ଆଠଗଡ, ୧୭।୯ (ସୁଶାନ୍ତ କୁମାର ଜେନା/ଆଶୁତୋଷ ଦାସଅଶୋକ କୁମାର ମହାପାତ୍ର/ ଯଯାତି ସିଂହ/ଅରବିନ୍ଦ ଭୂୟାଁ/ ଜ୍ଞାନେନ୍ଦ୍ର ମୋହନ ମିଶ୍ର/ ଜାଫର ଖାଁ/ ସତ୍ୟ ପ୍ରସାଦ ରଥ)





ସୁଭଦ୍ରା ଯୋଜନାର ଶୁଭାରମ୍ଭ ଅବସରରେ ଟିଗିରିଆରେ ଯୋଗଦେଇଥିବା ମହିଳା ଓ ଅନ୍ୟମାନେ। ସାଲେପୁରରେ ମହିଳାମାନେ ଶପଥପାଠ କରୁଛନ୍ତି।

ମହିଳାଙ୍କୁ ସୁଭଦ୍ରା ଯୋଜନାର ରାଜ୍ୟସ୍ତରୀୟ ଲୋକାର୍ପଣ ଉତ୍ସବ ଦେଖାଇବା ପାଇଁ ମଙ୍ଗଳବାର କଟକ ସଦର ବ୍ଲକ ଅନ୍ତର୍ଗତ କିଶୋର ନଗରଠାରେ ବ୍ଲକସ୍ତରୀୟ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। କଟକ ସଦର ବିଡିଓ ରୁମାନା ଜାଫ୍ରିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଜିଲା ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ, ଜିଲା ପରିମଳ ସଂଯୋଜକ ବିଦ୍ୟାଧର ନାୟକ ଓ ତ୍ରିଦେବ ରଥ, ସିଡିପିଓ ରଶ୍ମିତା ମହାନ୍ତି, କିଶୋର ନଗର ସରପଞ୍ଚ ସୁଜାତା ସେଠୀ, ଇତିଶ୍ରୀ ରାଜ ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ ସଫଳ ସ୍ୱୟଂ ସହାୟକ ଗୋଷ୍ଠୀର ମୁଖ୍ୟଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ୧୧ ଜଣ ମହିଳାଙ୍କୁ ପ୍ରଧାନମନ୍ତ୍ରୀ ଆବାସର କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। ପ୍ରାରମ୍ଭରେ ସ୍ୱଚ୍ଛତା ହିଁ ଜୀବନ ଉପରେ ଉପସ୍ଥିତ ମହିଳା ଓ ପୁରୁଷଙ୍କୁ ଶପଥ ପାଠ କରାଯାଇଥିଲା। ପରେ ଭୁବନେଶ୍ୱରଠାରେ ପ୍ରଧାନମନ୍ତ୍ରୀଙ୍କ ଉପସ୍ଥିତିରେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମକୁ ବଡ଼ ପରଦାରେ ଉପସ୍ଥିତ ମହିଳାମାନେ ଦେଖିଥିଲେ। ପରିମଳ ମିଶନ ସଂଯୋଜକ ତେଜସ୍କର ସିଂହ, ପ୍ରଭାତ କୁମାର ସେଠୀ କାର୍ଯ୍ୟକ୍ରମ ସଂଯୋଜନାରେ ସହଯୋଗ କରିଥିଲେ।

ସେହିପରି ସୁଭଦ୍ରା ଯୋଜନା ଲୋକାର୍ପଣ ଉତ୍ସବର ସିଧା ପ୍ରସାରଣ ଦେଖିବା ପାଇଁ ଚୌଦ୍ୱାର ପୌରପାଳିକା ପକ୍ଷରୁ ସ୍ଥାନୀୟ ଗାନ୍ଧୀଛକସ୍ଥିତ ଟାଉନ୍ ହଲ୍‌ରେ ଏଲ୍‌ଇଡି ବ୍ୟବସ୍ଥା କରାଯାଇଥିଲା। ପୌର ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ରାଉତ, ଯନ୍ତ୍ରୀ ପତିତପାବନ ପଟ୍ଟନାୟକ, ଶୁଭଶ୍ରୀ ବେହେରା, କାଉନ୍‌ସିଲର ବିନୋଦିନୀ ରାଉତରାୟ, ଲିଲିବାଳା ସାହୁ, ଦିଲୀପ ଭୂୟାଁ, ସୁଜାତା ସାହୁ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏଥିସହ ଅଙ୍ଗନୱାଡି କର୍ମୀ, ଆଶା କର୍ମୀ, ସ୍ୱଚ୍ଛ ସାଥୀ, ସ୍ୱଚ୍ଛ ସୁପର ଭାଇଜର, ଜଳସାଥୀ, ମହାସଂଘ ଓ ସ୍ୱୟଂ ସହାୟିକା ଗୋଷ୍ଠୀ ମହିଳା ଉପସ୍ଥିତ ଥିଲେ। ପୌରପାଳିକାର ସିଓ ନିକିତା ଜେନା, ଶିକ୍ତା ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ହାତଗଣତି କେତେଜଣ କାଉନ୍‌ସିଲରଙ୍କୁ ଛାଡିଦେଲେ ପୌରାଧ୍ୟକ୍ଷା, ଉପାଧ୍ୟକ୍ଷ ଓ ବିଜେଡି କାଉନସିଲରଙ୍କ ଅନୁପସ୍ଥିତିକୁ ନେଇ ଚୌଦ୍ୱାରରେ ଚର୍ଚ୍ଚା ଜୋର୍ ଧରିଛି।

ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତି ପରିସରରେ ସିଡିପିଓ ସତ୍ୟଭାମା ବିଶୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ମାହାଙ୍ଗା ସ୍ୱାଧୀନ ବିଧାୟକ ସାରଦା ପ୍ରଧାନ ଯୋଗଦେଇ ସୁଭଦ୍ରା ଯୋଜନା ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତାଭାବେ ବ୍ଲକ ଅଧ୍ୟକ୍ଷା ରୋଜି ସେଠୀ ଯୋଗ ଦେଇଥିଲେ। ପ୍ରାରମ୍ଭରେ ବିଡିଓ ବିରଞ୍ଚି ନାରାୟଣ ବେହେରା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

ମାହାଙ୍ଗା ବ୍ଲକରେ ସୁଭଦ୍ରା ଯୋଜନାର ଶୁଭାରମ୍ଭ କାର୍ଯ୍ୟକ୍ରମକୁ ଆଭାସୀ ମାଧ୍ୟମରେ ପ୍ରସାରଣ କରାଯାଇଥିଲା । ବିଡିଓ ବିଶ୍ୱରଞ୍ଜନ ବିଶ୍ୱାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ମାହାଙ୍ଗା ବିଧାୟକ ସାରଦା ପ୍ରସାଦ ପ୍ରଧାନ ଯୋଗଦେଇ ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ଏହି ଯୋଜନାର ମୂଳ ଲକ୍ଷ୍ୟ ବୋଲି କହିଥିଲେ । ସମ୍ମାନିତ ଅତିଥିଭାବେ ବ୍ଲକ ଉପାଧ୍ୟକ୍ଷ ସତ୍ୟ ନାରାୟଣ ମହାନ୍ତି, ତହସିଲଦାର ସୁଶାନ୍ତ ମିଶ୍ର ,ସିଡିପିଓ ଗୁରୁବାରୀ ସିଂହ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବିଧାୟକ ପ୍ରଧାନ ୬ ଜଣଙ୍କୁ ଆବାସ ଯୋଜନା କାର୍ଯ୍ୟାଦେଶ ପ୍ରଦାନ କରିଥିଲେ।

ସାଲେପୁର ହାଇସ୍କୁଲ ପଡ଼ିଆରେ ବିଡିଓ ଖଗେଶ୍ୱର ପାତ୍ରଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ୩୫ ପଞ୍ଚାୟତର ମହିଳାମାନେ ଯୋଗଦେଇଥିଲେ। ଏହି ଅବସରରେ ୨୦ଜଣ ସଂଖ୍ୟାଲଘୁ ମହିଳାଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ରାମଚନ୍ଦ୍ର ଭୋଇ, ଉପାଧ୍ୟକ୍ଷ ପ୍ରତିନିଧି ବିଶ୍ୱଜିତ୍ ବିଶ୍ୱାଳ, ଅତିରିକ୍ତ ବିଡିଓ ସୂର୍ଯ୍ୟକାନ୍ତ ରାଉତ, ଅଙ୍ଗନୱାଡି ସୁପରଭାଇଜର ସ୍ୱାଗତିକା ବେହେରା, ସହକାରୀ ନିର୍ବାହୀ ଯନ୍ତ୍ରୀ ସୁଶାନ୍ତ କୁମାର ମଲ୍ଲିକ, ଯାଜ୍ଞସେନୀ ସାହୁ ପ୍ରମୁଖ ଯୋଗଦେଇଥିଲେ।

ଡମପଡ଼ା ବ୍ଲକ ବି.କେ.ବିଦ୍ୟାପୀଠ ଖେଳପଡିଆରେ ଆୟୋଜିତ କାର୍ଯ୍ୟକ୍ରମରେ ବିଡିଓ ଅଂଶୁମାନ ଦାଶ, ବ୍ଲକ ଅଧ୍ୟକ୍ଷ ପ୍ରଣବ କିଶୋର ପଟେଲ, କେନ୍ଦ୍ରୀୟ ଜୋନ ଜିଲା ପରିଷଦ ସଦସ୍ୟା ମିନତୀ ମହାପାତ୍ର, ୩୮ ନଂ. ଜିଲାପରିଷଦ ସଦସ୍ୟ ଆଶିଷ କୁମାର ସାହୁ, କଟକ ଏମ୍‌ପିଙ୍କ ପ୍ରତିନିଧି ସରୋଜ କୁମାର ମତଗଜ ସିଂହ ପ୍ରମୁଖ ଯୋଗଦେଇଥିଲେ। ବାଙ୍କୀ ବ୍ଲକ ପକ୍ଷରୁ କଚେରୀ ପଡ଼ିଆରେ ଆୟୋଜିତ କାର୍ଯ୍ୟକ୍ରମରେ ଏନ୍‌ଏସି ନିର୍ବାହୀ ଅଧିକାରୀ ସମ୍ପଦ ସ୍ୱାଇଁ, ବାଙ୍କୀ ବ୍ଲକ ଏମ୍‌ପିଙ୍କ ପ୍ରତିନିଧି ଜୟନ୍ତ ବେଉରା, ଏନଏସି ଏମ୍‌ପିଙ୍କ ପ୍ରତିନିଧି ସରୋଜ କୁମାର ସାମନ୍ତରାୟ ପ୍ରମୁଖ ଯୋଗଦେଇଥିଲେ।

ଟିଗିରିଆ ବ୍ଲକ କାର୍ଯ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ବିଡିଓ ଯାଜ୍ଞସେନୀ ଗୋଚ୍ଛାୟତ ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସିଡିପିଓ ଟି. ଜୟଲକ୍ଷ୍ମୀ, କଟକ ଏମ୍‌ପିଙ୍କ ପ୍ରତିନିଧି ସୂର୍ଯ୍ୟକାନ୍ତ ଧଳ, ସହକାରୀ ନିର୍ବାହୀ ଯନ୍ତ୍ରୀ ଅଶୋକ କୁମାର ନନ୍ଦ, ମିଶନଶକ୍ତି ବିଭାଗ ବିପିଏମ୍ ପ୍ରଦୀପ କୁମାର ସିଂ, ବିପିସି ତପନ କୁମାର ମହାନ୍ତି, ସୋମପଡା ସରପଞ୍ଚ ପ୍ରଶାନ୍ତ କୁମାର ରାଉତ ପ୍ରମୁଖ ଉପସ୍ଥିତ ରହି ସୁଭଦ୍ରା ଯୋଜନା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ୧୬ ଜଣଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା।

ଆଠଗଡ଼ ବ୍ଲକ ପକ୍ଷରୁ ଏକ ବିଶାଳ ଟେଣ୍ଟ କରାଯାଇ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମର ସିଧାପ୍ରସାରଣ କରାଯାଇଥିଲା। ଆଠଗଡ ମହିଳା ଓ ଶିଶୁ ପ୍ରକଳ୍ପ ଅଧିକାରୀ ନିବେଦିତା ରାୟଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉପଜିଲାପାଳ ପ୍ରହ୍ଲାଦ ନାରାୟଣ ଶର୍ମା, ବିଡିଓ ବିଜୟ କେତନ ଚୌଧୁରୀ, ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ରଶ୍ମିରେଖା ନାଏକ, ସହକାରୀ ନିର୍ବାହୀ ଯନ୍ତ୍ରୀ ବିଷ୍ଣୁ ପ୍ରସାଦ ଖାଡ଼େଙ୍ଗା, ଏନଏସି ନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ସାହା, ସହକାରୀ ଜିଲାପାଳ ସୁଶ୍ରୀକଲ୍ୟାଣୀ ମହାପାତ୍ର ଏବଂ ଏମ୍‌ପିଙ୍କ ପ୍ରତିନିଧି ସଞ୍ଜୟ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ।



କଟକ ଜିଲା କ୍ଲଥ, ଲାଇଟ୍, ଫ୍ଲାୱାର, ଇଭେଣ୍ଟ ଆଣ୍ଡ୍ ସପ୍ଲାଏର ଓନର୍ସ ଆସୋସିଏଶନ ଦ୍ୱାରା ବାଲିଯାତ୍ରା ଉପର ପଡିଆରେ ଅନୁଷ୍ଠିତ ବିଶ୍ୱକର୍ମା ପୂଜା ଉତ୍ସବରେ ଉପସ୍ଥିତ ବାଚସ୍ପତି ସୁରମା ପାଢୀ, ବିଧାୟିକା ସୋଫିଆ ଫିର୍ଦ୍ଦୌସ ଓ ଅନ୍ୟମାନେ।



କଟକ କ୍ରିମିନାଲ କୋର୍ଟସ ବାର୍ ଆସୋସିଏଶନ କନ୍‌ଭେନ୍‌ଶନ୍ ହଲ୍‌ରେ ଜିଲା ଓ ଦୌରାଜଜ୍ ହିରଣ୍ମୟ ବିଶୋୟୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ ଅବସରରେ ଉପସ୍ଥିତ ଆସୋସିଏଶନ ସଭାପତି ଶରତ ଚନ୍ଦ୍ର ପ୍ରଧାନ ଓ ଆଇନଜୀବୀମାନେ।

**ସଂକ୍ଷେପରେ**

## ବିକେ ଆର୍ଟ କଲେଜରେ ଅକ୍ଷରାଙ୍କନ କର୍ମଶାଳା

**ଭୁବନେଶ୍ୱର,୧୭।୯(ଅନୁରାଧା ମହାରଣା)**

ଖଣ୍ଡଗିରିସ୍ଥିତ ବିଭୂତି କାନୁନଗୋ ଚାରୁ ଓ କାରୁ କଳା ମହାବିଦ୍ୟାଳୟରେ ଏକ ଟାଇପୋଗ୍ରାଫି (ଅକ୍ଷରାଙ୍କନ) କର୍ମଶାଳା ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଖଲ୍ଲିକୋଟସ୍ଥିତ ସରକାରୀ ଚାରୁ ଓ କାରୁକଳା ମହାବିଦ୍ୟାଳୟର ୧୩ ଜଣ ଏବଂ ବିକେ ଆର୍ଟ କଲେଜର ୨୭ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରି ସୁନ୍ଦର ଓଡ଼ିଆ ଅକ୍ଷରମାଳା ପ୍ରସ୍ତୁତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଉଭୟ ଅନୁଷ୍ଠାନ ମିଳିତ ଭାବେ ଆୟୋଜନ କରିଥିବା ବିକେ ଆର୍ଟ କଲେଜ୍ ଅଧ୍ୟକ୍ଷ ସୁବ୍ରତ କୁମାର ମଲ୍ଲିକ ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ମୁମ୍ବାଇସ୍ଥିତ ଜେଜେ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଆପ୍ଲାଏଡ୍ ଆର୍ଟର ଡିନ୍ ସନ୍ତୋଷ ସିର ସାଗର ଅଂଶଗ୍ରହଣକାରୀଙ୍କ ମାର୍ଗ ଦର୍ଶନ କରିଥିଲେ। ପ୍ରାରମ୍ଭିକ ଅଭିଭାଷଣରେ ସେ କହିଥିଲେ, ଓଡ଼ିଆ ଲିପିର ଗୋଲାକାର ନିର୍ମାଣଶୈଳୀ ହିଁ ଏହାର ପ୍ରମୁଖ ମାଧୁର୍ଯ୍ୟ। ବିଭିନ୍ନ ଭାରତୀୟ ଭାଷାର ଅକ୍ଷରାଗତ ପାର୍ଥକ୍ୟ, ସମାନତା, ସୁନ୍ଦରତା, ଲେଖିବା ଶୈଳୀ, ଅକ୍ଷରାକୃତି, ବର୍ଣ୍ଣମାଳା, ଦର୍ଶନତତ୍ତ୍ୱ ଆଦି ସମ୍ପର୍କରେ ସେ ଆଲୋଚନା କରିଥିଲେ। ଅଧ୍ୟାପକ ମୀନକେତନ ପଟ୍ଟନାୟକ ଏବଂ ନିଗମାନନ୍ଦ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅତିଥି ଅଧ୍ୟାପକ ବାସେନ୍ ଟୁଡୁ ଏବଂ ଅସ୍ମିତା ନାୟକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ୧୯ ତାରିଖ ପର୍ଯ୍ୟନ୍ତ କର୍ମଶାଳା ଚାଲିବ।

## ସଞ୍ଜୁକ୍ତା ସାମନ୍ତରାୟଙ୍କ ସ୍ମୃତିଚାରଣ

**ନିରାକାରପୁର,୧୭।୯ (ମାନସ ଚନ୍ଦ୍ର ପଟ୍ଟନାୟକ)**

ନିରାକାରପୁରସ୍ଥିତ ପଦ୍ମପୁର ପ୍ରାଥମିକ ବିଦ୍ୟାଳୟ ନିକଟରେ ସମାଜସେବୀ ସଞ୍ଜୁକ୍ତା ସାମନ୍ତରାୟଙ୍କ ଦ୍ୱାଦଶ ତିଥିରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ବିପିନ କୁମାର ଜୟସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅତିଥିଭାବେ ଶିକ୍ଷାବିତ୍ କିଶୋର ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ଅଧ୍ୟାପକ ଡ. ମୃତ୍ୟୁଞ୍ଜୟ ରଥ, ପ୍ରଧାନ ଶିକ୍ଷକ ଅଜୟ କୁମାର ସେଠୀ, ଶିକ୍ଷାବିତ୍ ପ୍ରଶାନ୍ତ କୁମାର ପାଇଟଶାଣୀ, ସାମାଜିକ କର୍ମୀ ଅପର୍ତ୍ତି କୁମାର ଜେନା, ସତ୍ୟବାଦୀର ପୂର୍ବତନ ବିଧାୟକ ଉମାକାନ୍ତ ସାମନ୍ତରାୟ ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିବା ସହ ମତବ୍ୟକ୍ତ କରିଥିଲେ। ଶିକ୍ଷାବିତ୍ କମଳଲୋଚନ ପ୍ରଧାନ ସଭା ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ତାଙ୍କ ପରିବାରବର୍ଗ ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ।

# ମହିଳାଙ୍କ ମନରେ ଉତ୍ସାହ ଭରିଲା 'ସୁଭଦ୍ରା'

**ଖୋର୍ଦ୍ଧା,୧୭।୯(ପ୍ରଭାତ ପାଣିଗ୍ରାହୀ)**

ସୁଭଦ୍ରା ଯୋଜନାର ଶୁଭାରମ୍ଭ ଅବସରରେ ସ୍ଥାନୀୟ ହାବେଳି ପଡ଼ିଆରେ ଖୋର୍ଦ୍ଧା ବ୍ଲକ ଓ ପୌରାଞ୍ଚଳ ସ୍ତରର ସ୍ୱୟଂ ସହାୟକ ଗୋଷ୍ଠୀର ଶତାଧିକ ମହିଳା ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ପଞ୍ଚାୟତ ସମିତି ଅଧ୍ୟକ୍ଷା ଶ୍ରୀମୟୀ ପ୍ରିୟଦର୍ଶିନୀ, ପ୍ରକାଶ ଚନ୍ଦ୍ର ସାମନ୍ତରାୟ, ଦିଲୀପ କୁମାର ହୋତା, ସିଡିପିଓ ନନ୍ଦିନୀ ମହାନ୍ତି ପ୍ରମୁଖ ମଞ୍ଚାସୀନ ଥିଲେ। ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ କ୍ଷୀରାବ୍ଧିତନୟା ସାହୁ। ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଶୁଭାରମ୍ଭର ଲାଇଭ୍ ଦେଖିଥିଲେ। ମିଶନ ଶକ୍ତି, ଆଶା ଓ ଅଙ୍ଗନୱାଡି କର୍ମୀ, ବ୍ୟାଙ୍କ ମିତ୍ର ପ୍ରମୁଖ ଯୋଗଦେଇ ନିଜ ନିଜର ଅନୁଭୂତି କହିଥିଲେ। ଛୋଟ ଅର୍ଥରାଶି ହେଲେ ବି ତାକୁ କ୍ଷୁଦ୍ର କାର୍ଯ୍ୟରେ ନିବେଶକରି ସ୍ୱାବଲମ୍ବୀ ହୋଇପାରିବେ। ସୁଭଦ୍ରା ମହିଳା ସଶକ୍ତୀକରଣରେ ଏହା ସହାୟକ ହେବ ବୋଲି ସେ ମତପ୍ରକାଶ ପାଇଥିଲା। ଏହି ଅବସରରେ ୭ଜଣଙ୍କୁ ଆବାସ ଯୋଜନାର ୱାର୍କ ଅର୍ଡର ପ୍ରଦାନ କରାଯାଇଥିଲା। ସେମାନେ ହେଲେ ଗୋଡ଼ିପଡ଼ା ପଞ୍ଚାୟତ ଅନ୍ତର୍ଗତ ପମୋଟା ଗ୍ରାମର ପ୍ରମିଳା ବଳବନ୍ତରାୟ, ଲହଙ୍ଗା ଗ୍ରାମର ସାବିତ୍ରୀ ଗୁମାନ୍‌ସିଂହ, କାନପୁର ପଞ୍ଚାୟତର କାନପୁର ଗ୍ରାମର ଭବାନୀ ଜେନା, ଚିନୁ ରାଉତରାୟ, ଶ୍ୱେତା ଫତାଲସିଂ, ନଳିପଡ଼ା ଅର୍ଜୁନପୁର ପଞ୍ଚାୟତ ତରତୁଆ ଗ୍ରାମର ମୌୟମ ବିବି ଏବଂ ଶରଧାପୁର ଗ୍ରାମର ଖାତୁନ ବିବି।



ଜଟଣୀ ବ୍ଲକ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୋଗଦେଇଥିବା ମହିଳାମାନେ।

**ବେଗୁନିଆ (ହରପ୍ରସନ୍ନ ପଣ୍ଡା/ ସନ୍ଧ୍ୟାରାଣୀ ମିଶ୍ର):**
ବେଗୁନିଆ ବ୍ଲକସ୍ତରୀୟ 'ସୁଭଦ୍ରା' ଯୋଜନାର ଶୁଭାରମ୍ଭ ମଙ୍ଗଳବାର ବ୍ଲକ ସମ୍ମୁଖରେ ଅନୁଷ୍ଠିତ ହୋଇଯାଇଛି। ଆଭାସୀ ମାଧ୍ୟମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହାର ଶୁଭାରମ୍ଭ କରିଥିଲେ। ବ୍ଲକ ପ୍ରଶାସନ ପକ୍ଷରୁ ଆୟୋଜିତ ମଞ୍ଚରେ ବିଧାୟକ ପ୍ରଦୀପ କୁମାର ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, ସରପଞ୍ଚ ସତ୍ୟନାରାୟଣ ପ୍ରଧାନ, ବିଡିଓ ଲକ୍ଷ୍ମୀଧର ସାହୁ, ତହସିଲଦାର ତାପସ ବିସି, କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସୁସ୍ମିତା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ୧୨ ଜଣ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା। ୬ ଜଣ ମହିଳାଙ୍କୁ ପ୍ରଧାନମନ୍ତ୍ରୀ ଆବାସର ଗୃହ ପ୍ରବେଶ ଚାବି ପ୍ରଦାନ କରାଯାଇଛି। ଅନ୍ୟପକ୍ଷରେ ସୁଭଦ୍ରା ଯୋଜନାର ସମସ୍ତ ଯୋଗ୍ୟ ବିବେଚିତ ମହିଳା ଆଗାମୀ ଦିନରେ କିପରି ଉପକୃତ ହେବେ ସେନେଇ ଗୁରୁତ୍ୱ ଦେବେ ବୋଲି ବିଡିଓ ସାହୁ କହିଥିଲେ। ସମସ୍ତ ବ୍ଲକ କର୍ମଚାରୀ, ସ୍ୱୟଂ ସହାୟିକା ଗୋଷ୍ଠୀ, ଅଙ୍ଗନୱାଡି କର୍ମୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**କୃଷ୍ଣପ୍ରସାଦ (କୈଳାସ ଚନ୍ଦ୍ର ପଟ୍ଟନାୟକ):**
ସୁଭଦ୍ରା ଯୋଜନାର ଶୁଭାରମ୍ଭ ଅବସରରେ କୃଷ୍ଣପ୍ରସାଦ ବ୍ଲକ ଅଧୀନ ୨୧ ପଞ୍ଚାୟତରୁ ୫ ହଜାରରୁ ଊର୍ଦ୍ଧ୍ୱ ମହିଳା କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ସରୋଜିନୀ ତରେଇ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବିଡିଓ ଅମିୟ କୁମାର ପଣ୍ଡା, ତହସିଲଦାର ଅଭିଷେକ ସାହୁ, ଆଇଆଇସି ବସନ୍ତ କୁମାର ସାହୁ, ସିଡିପିଓ ଶର୍ମିଷ୍ଠା ଚକ୍ରବର୍ତ୍ତୀ, ଉତ୍ତମ ତରେଇ, ରଘୁନାଥ ବଡୁ, ବ୍ଲକ ଉପାଧ୍ୟକ୍ଷା ଶକୁନ୍ତଳା ଗଡୁ, ବିଜୟ ତରେଇ, ସହକାରୀ ନିର୍ବାହୀ ଯନ୍ତ୍ରୀ ତୀର୍ଥ ତଥାଗତ ଆଇଚ, କନିଷ୍ଠଯନ୍ତ୍ରୀ କମଳାକାନ୍ତ ବାସ୍କେ, ପଙ୍କଜରାଜ ମିଞ୍ଜ, ଜିତେନ୍ଦ୍ର ଦାସ, ମନୋଜ ସ୍ୱାଇଁ, ଅମିତାଭ ବିଶ୍ୱାଳ, ପ୍ରଭାତ ଜେନା, ସରପଞ୍ଚ ଇଂ. ମଳୟ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ବିଡିଓ ପଣ୍ଡା କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିବା ସହ ଯୋଜନାର ସଫଳତା ନେଇ ଅଞ୍ଚଳବାସୀଙ୍କ ସହଯୋଗ କାମନା କରିଥିଲେ।

**ବାଣପୁର (ଦିଲୀପ କୁମାର ସ୍ୱାଇଁ):**
ସୁଭଦ୍ରା ଯୋଜନା ଶୁଭାରମ୍ଭ ଅବସରରେ ବାଣପୁର ବ୍ଲକ ପକ୍ଷରୁ ସ୍ଥାନୀୟ ପଲ୍‌ଟନ ପଡ଼ିଆ ଶହୀଦ କୃତ୍ତିବାସ ଭବନ ପଡ଼ିଆରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବାଣପୁର ବ୍ଲକ ଅଧ୍ୟକ୍ଷ ଅମରେନ୍ଦ୍ର ରଣସିଂହ, ବିଡିଓ ଶୀତଳ ଅଗ୍ରୱାଲ, ତହସିଲଦାର ଟି. ପଦ୍ମନାଭ ଦୋରା, ଏନ୍‌ଏସି ଅଧ୍ୟକ୍ଷ ମିଟୁ ନାୟକଙ୍କ ସମେତ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ, ସରପଞ୍ଚ, ସମିତିସଭ୍ୟ ଏବଂ ମହିଳା ନେତ୍ରୀମାନେ ଉପସ୍ଥିତ ଥିଲେ। ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଶୁଭାରମ୍ଭର ଲାଇଭ୍ ଦେଖିଥିଲେ। ସୁଭଦ୍ରା ଯୋଜନାର ରୂପରେଖ, କାର୍ଯ୍ୟକାରିତା ସମ୍ପର୍କରେ ବିଭିନ୍ନ କଳା ପରିଷଦର କଳାକାରଙ୍କ ଦ୍ୱାରା ଓଡ଼ିଶୀ ଓ ପାଲା ମାଧ୍ୟମରେ ମହିଳାମାନଙ୍କୁ ଅବଗତ କରାଯାଇଥିଲା।

**ଜଟଣୀ/ଝାଁଳା (ରବୀନ୍ଦ୍ରନାଥ ମହାକୁଡ଼/ବୁଲା ବାରିକ):**
ସୁଭଦ୍ରା ଯୋଜନାର ଶୁଭାରମ୍ଭ ଅବସରରେ ଜଟଣୀ ବ୍ଲକ କାର୍ଯ୍ୟାଳୟ ପରିସରରେ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ଅଧ୍ୟକ୍ଷା ଜୟନ୍ତୀ ଛୋଟରାୟ, ଝାଁଳା ସରପଞ୍ଚ ଶ୍ରଦ୍ଧାଞ୍ଜଳି ବେହେରା, ଛଣଘର ସରପଞ୍ଚ ସୁବାସିନୀ ବିଶ୍ୱାଳ, ତିରିମଲ୍ଲ ସରପଞ୍ଚ ପ୍ରସନ୍ନ ଛୋଟରାୟ, କନ୍ତିଆ ସରପଞ୍ଚ ମନୋଜ ବେହେରା, ପଦନପୁର ସମିତିସଭ୍ୟ ପ୍ରିୟରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରଶ୍ମିତା ନାଥ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ସଭା ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୂର୍ଯ୍ୟମଣି ପାଟଯୋଶୀ, ସଞ୍ଜୁଲତା ନାୟକ, ଶୁଭଶ୍ରୀ ପଣ୍ଡା, ନରହରି ପାତ୍ରଙ୍କ ସମେତ ସମସ୍ତ ଅଙ୍ଗନୱାଡି କର୍ମୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ଆଶାକର୍ମୀଙ୍କ ସମେତ ୨ହଜାରରୁ ଊର୍ଦ୍ଧ୍ୱ ହିତାଧିକାରୀ ଉପସ୍ଥିତ ଥିଲେ। ଜଟଣୀ ବ୍ଲକର ୫ଜଣ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ନିର୍ମାଣ ପାଇଁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି। ୫ ଜଣ ହିତାଧିକାରୀ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କାର୍ଯ୍ୟ ସମ୍ପୂର୍ଣ୍ଣ କରିଥିବାରୁ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ୨୫ଜଣ ଅଙ୍ଗନୱାଡି କର୍ମୀ, ୫ ଆଶାକର୍ମୀ, ୧୨ଜଣ ଏମ୍‌ବିକେ, ୪ ଜଣ ବ୍ୟାଙ୍କମିତ୍ରଙ୍କୁ ନିଜର ଉତ୍କୃଷ୍ଟ ସେବା ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

## କାଠଫାଳିଆରେ ଆକ୍ରମଣ, ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର,୧୭।୯(ସୂର୍ଯ୍ୟକାନ୍ତ ବେହେରା)**

ଲକ୍ଷ୍ମୀସାଗର ଥାନା ଅଞ୍ଚଳରେ କାର୍ତ୍ତିକ ମଲ୍ଲିକ ନାମକ ବ୍ୟକ୍ତିଙ୍କୁ କାଠଫାଳିଆରେ ଆକ୍ରମଣ କରାଯାଇଛି। ଏ ନେଇ ଥାନାରେ ଅଭିଯୋଗ ପରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଖୋର୍ଦ୍ଧା ଜଟଣୀ ଅଞ୍ଚଳରେ ରହୁଥିବା ଗଞ୍ଜାମର ସୁମନ ଜାଲି। ସୂଚନାନୁଯାୟୀ, କାର୍ତ୍ତିକ ଓ ସୁମନଙ୍କ ଜଣେ ସମ୍ପର୍କୀୟ ଲକ୍ଷ୍ମୀସାଗର ଅଞ୍ଚଳରେ ରହୁଛନ୍ତି। ସୋମବାର କାର୍ତ୍ତିକ ଓ ସୁମନ ପୃଥକ ଭାବେ ସମ୍ପୃକ୍ତ ସମ୍ପର୍କୀୟଙ୍କୁ ଭେଟିବା ପାଇଁ ସେଠାକୁ ଯାଇଥିଲେ। କାର୍ତ୍ତିକ ଘର ବାହାରେ କଥାବାର୍ତ୍ତା ହେଉଥିବାବେଳେ କୌଣସି କାରଣକୁ ନେଇ ସୁମନଙ୍କ ସହିତ ଝଗଡ଼ା ହୋଇଥିଲା। ଏଥିରେ ସୁମନ ରାଗିଯାଇ ତାଙ୍କୁ ଏକ କାଠଫାଳିଆରେ ଆକ୍ରମଣ କରିଥିଲେ। ଫଳରେ କାର୍ତ୍ତିକଙ୍କ ମୁଣ୍ଡରୁ ପ୍ରଚୁର ରକ୍ତସ୍ରାବ ହୋଇଥିଲା। ପୋଲିସ ପହଞ୍ଚି କାର୍ତ୍ତିକଙ୍କୁ ଉଦ୍ଧାର କରି ହସ୍ପିଟାଲକୁ ପଠାଇଥିଲା।

## ଏନ୍‌ଆର୍‌ଆର୍‌ଆଇରେ ଶ୍ରମିକଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

**କଟକ,୧୭।୯(କାର୍ତ୍ତିକ ସାହୁ)**

କଟକ ବିଦ୍ୟାଧରପୁରସ୍ଥିତ ଜାତୀୟ ଧାନ ଗବେଷଣା ଅନୁଷ୍ଠାନ (ଏନ୍‌ଆର୍‌ଆର୍‌ଆଇ)ରେ ଠିକା ଶ୍ରମିକମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଛନ୍ତି। ବିଭିନ୍ନ ଦାବି ନେଇ ସେମାନେ ଅନୁଷ୍ଠାନର ଫାଟକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ହାଉସ୍ କିପିଙ୍ଗରେ କାର୍ଯ୍ୟରତ ଶ୍ରମିକଙ୍କୁ ନିୟମ ଅନୁସାରେ ଦରମା, ଏଗ୍ରିକଲଚର ବିଭାଗରେ କାର୍ଯ୍ୟରତ ଶ୍ରମିକଙ୍କୁ ନିୟମିତ କାର୍ଯ୍ୟ ଯୋଗାଇ ଦେବା ସହ କୁଶଳୀ ଶ୍ରମିକ ମାନ୍ୟତା ପ୍ରଦାନ କରିବା ଆଦି ଦାବି ରହିଛି।



ଝାଁଳା ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟ।




ବାଲୁଗାଁ ଉମାମହେଶ୍ୱର ଅଟୋ ଆସୋସିଏଶନ।

## ସୁଭଦ୍ରା ଯୋଜନାର ଶୁଭାରମ୍ଭ

**ବୋଲଗଡ଼,୧୭।୯(ଦେବବ୍ରତ ହୋତା)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ସୁଭଦ୍ରା ଯୋଜନାର ଶୁଭାରମ୍ଭ କରିଛନ୍ତି। ବୋଲଗଡ ବ୍ଲକରେ ଏହି କାର୍ଯ୍ୟକ୍ରମକୁ ଶତାଧିକ ମହିଳା ଆଭାସୀ ମାଧ୍ୟମରେ ଏହି କାର୍ଯ୍ୟକ୍ରମ ଅବଲୋକନ କରିଥିଲେ। ବ୍ଲକ ପ୍ରଶାସନ ପକ୍ଷରୁ ଆୟୋଜିତ ଉତ୍ସବରେ ସ୍ଥାନୀୟ ବିଧାୟକ ପ୍ରଦୀପ କୁମାର ସାହୁ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ହୁଲ୍ଲାସ ପ୍ରଧାନ, ବିଡିଓ ଶରତ ମଲ୍ଲିକ, ଜିଲା ପରିଷଦ ସଭ୍ୟା ସୁନନ୍ଦିତା ସାହୁ, ସ୍ଥାନୀୟ ସରପଞ୍ଚ ଗୀତାଞ୍ଜଳି ସାହୁ, ସମିତିସଭ୍ୟା ନିର୍ମଳା ପ୍ରଧାନ, ବଡ଼କୁମାରୀ ସରପଞ୍ଚ ପ୍ରଫୁଲ୍ଲ ପ୍ରଧାନ, ଏବିଡିଓ ରତିକାନ୍ତ ମିଶ୍ର, ମହିଳା ମହାସଂଘ ସଭାନେତ୍ରୀ ଶୈଳବାଳା ବାହିନୀପତି ଓ ସମ୍ପାଦିକା ଗୀତାଞ୍ଜଳି ମହାନ୍ତି ମଞ୍ଚାସୀନ ଥିଲେ। ଅନ୍ତିମ ପର୍ଯ୍ୟାୟରେ ଖୋର୍ଦ୍ଧା ଜିଲା ଭାଜପା ଓବିସି ସେଲର ସଭାପତି ଆର୍ତ୍ତବନ୍ଧୁ ପ୍ରଧାନ ଯୋଗଦେଇ ୨୦ଟି ପ୍ରଧାନମନ୍ତ୍ରୀ ଆବାସ ଗୃହର କାର୍ଯ୍ୟାଦେଶ ଏବଂ ୧୦ଟି ଗୃହ ପ୍ରବେଶର ଚାବି ହିତାଧିକାରୀଙ୍କୁ ପ୍ରଦାନ କରିବାରେ ଅତିଥିଙ୍କୁ ସହଯୋଗ କରିଥିଲେ। କାର୍ଯ୍ୟକ୍ରମକୁ ବ୍ଲକର ବିପିସି ସୁରୁଚୀ ସୁପ୍ରତୀ ସାହୁ ପରିଚାଳନା କରିଥିଲେ। ଶେଷରେ ବୋଲଗଡ଼ ବ୍ଲକର ସହକାରୀ ନର୍ବାହୀ ଯନ୍ତ୍ରୀ ଅମୂଲ୍ୟ ବାହିନୀପତି ଧନ୍ୟବାଦ ଦେଇଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

## ଯୋଗ ମାଧ୍ୟମରେ ରୋଗର ଉପଚାର ନେଇ ଆଲୋକପାତ

**ଭୁବନେଶ୍ୱର, ୧୭।୯ (ବନ୍ଦନା ସେଠୀ)**

ଭିଏସ୍‌ଏସ୍ ଯୋଗ ଜିଲା ଆନୁକୂଲ୍ୟରେ ଭୁବନେଶର ଅଟଳାସ୍ଥିତ ପଞ୍ଚମୁଖୀ ଗ୍ରୀନ୍ସଠାରେ ଭାରତୀୟ ଯୋଗ ସଂସ୍ଥାନ ତରଫରୁ ଦୁଇଦିନିଆ ଯୋଗ ଉତ୍ସବ ପାଳିତ ହୋଇଯାଇଛି। ଜିଲା ପ୍ରଧାନ ବୁଦ୍ଧଦେବ ମୁଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ଏହି ଅଟଳା ଅଞ୍ଚଳରେ ଥିବା ଆପାର୍ଟମେଣ୍ଟଗୁଡ଼ିକରେ ପ୍ରଭାତ ଫେରି ଆୟୋଜନ କରାଯାଇ ଲୋକଙ୍କ ମଧ୍ୟରେ ଯୋଗ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ଦ୍ୱିତୀୟ ଦିବସରେ ପଞ୍ଚମୁଖୀ ଗ୍ରୀନ୍ସ କେନ୍ଦ୍ରଠାରେ ଏକ ସାମୂହିକ ଯୋଗ ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇ ଯୋଗ ମାଧ୍ୟମରେ ରୋଗର ଉପଚାର ବିଷୟରେ ଆଲୋକପାତ କରାଯାଇଥିଲା। ଭାରତୀୟ ଯୋଗ ସଂସ୍ଥାନ ଓଡ଼ିଶା ପ୍ରାନ୍ତ ସଦସ୍ୟ ତଥା ଭିଏସ୍‌ଏସ୍ ଯୋଗ ଜିଲା ପ୍ରଭାରୀ ରଘୁନାଥ ରେଷ୍ଟୀ ଯୋଗଦେଇ ନିୟମିତ ଯୋଗାଭ୍ୟାସର ମହତ୍ତ୍ୱ ବିଷୟରେ ଆଲୋକପାତ କରିଥିଲେ। ଜିଲା ପ୍ରଧାନ ବୁଦ୍ଧଦେବ ମୁଣ୍ଡା ସଂସ୍ଥାନର ପରିଚୟ ଓ ଉଦ୍ଦେଶ୍ୟ ବିଷୟରେ ସାଧକସାଧିକାମାନଙ୍କୁ ଅବଗତ କରାଇଥିଲେ। ଜିଲା ମନ୍ତ୍ରୀ ନୀଳିମା ଭଟ୍ଟାଚାର୍ଯ୍ୟ ମଞ୍ଚ ପରିଚାଳନା କରିଥିବାବେଳେ ଜିଲା ସଂଗଠନ ମନ୍ତ୍ରୀ ସୌଭାଗ୍ୟ କୁମାର ଜେନା ଧନ୍ୟବାଦ ଦେଇଥିଲେ। ଭିଏସ୍‌ଏସ୍ ଯୋଗ ଜିଲାର ସମସ୍ତ କେନ୍ଦ୍ରର ପ୍ରାୟ ୧୫୦ରୁ ଊର୍ଦ୍ଧ୍ୱ ସାଧିକା ସାଧକ ଏବଂ ଅଞ୍ଚଳର ଯୋଗପ୍ରେମୀମାନେ ଉତ୍ସବରେ ଯୋଗଦେଇ ମନୁଷ୍ୟ ଜୀବନରେ ଯୋଗର ଉପକାରିତାକୁ ହୃଦୟଙ୍ଗମ କରିଥିଲେ।




କାର୍ଯ୍ୟକ୍ରମରେ ଯୋଗଦେଇଥିବା ମହିଳାମାନେ।

## ମହିଳାଙ୍କୁ ଯୌତୁକ ନିର୍ଯାତନା ଅଭିଯୋଗ

**ବଳଙ୍ଗା,୧୭।୯(କେଦାରେଶ୍ୱର ନନ୍ଦ)**

ଅଧିକ ଯୌତୁକ ଦାବିରେ ବଳଙ୍ଗା ଥାନା ଅଧୀନ ଝାଗେଡ଼ା ସାହି ଗ୍ରାମରେ ଜଣେ ମହିଳାଙ୍କୁ ନିର୍ଯାତନା ଦିଆଯାଉଥିବା ଅଭିଯୋଗ ହୋଇଛି। ଏନେଇ ବଳଙ୍ଗା ପୋଲିସ ୨୫୪/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ସୂଚନା ମୁତାବକ, ବଳଙ୍ଗା ଥାନା ଅଧୀନ ଝାଗେଡ଼ା ସାହି ଗ୍ରାମରେ ରାଘବ ସାହୁଙ୍କୁ ପୁଷ୍ପାଞ୍ଜଳି ସାହୁ ୭ ବର୍ଷ ତଳେ ବିବାହ କରିଥିଲେ। ସେତେବେଳେ ଦାବି ମୁତାବକ ୧ ଲକ୍ଷ ଟଙ୍କା, ସୁନା ଅଳଙ୍କାର ସହ ଆସବାବପତ୍ର ଦିଆଯାଇଥିଲା। ଏହାର ବର୍ଷକ ପରେ ପୁଅ ଜନ୍ମ ହେବା ପରେ ତାଙ୍କ ଶ୍ୱଶୁର ଜୟଦେବ ସାହୁ, ଶାଶୁ ପ୍ରମିଳା ସାହୁ, ଦେଢ଼ଶୁର ଲକ୍ଷ୍ମୀଧର, ଯାଆ ସୁଚିତ୍ରା, ନଣନ୍ଦ ସ୍ୱର୍ଣ୍ଣଲତା ଓ ସ୍ୱାମୀ ରାଘବ ଅଧିକ ୫ ଲକ୍ଷ ଟଙ୍କା ଯୌତୁକ ଆଣିବାକୁ ବାଧ୍ୟ କରିଥିଲେ। ପୁଷ୍ପାଞ୍ଜଳି ପୁଅକୁ ନେଇ ବାପ ଘରକୁ ଯାଇ କିଛି ଦିନ ରହି ଫେରିବାକୁ ସ୍ୱାମୀକୁ ଫୋନ ଯୋଗେ ଜଣାଇଥିଲେ। ଟଙ୍କା ନ ନେଇ ଆସିବେ ଘରକୁ ନ ଆସିବାକୁ ରାଘବ କହିଥିଲେ। ଏହାର କିଛି ଦିନ ପରେ ପୁଷ୍ପାଞ୍ଜଳି ପୁଅକୁ ନେଇ ଶ୍ୱଶୁର ଘରେ ରହିଥିଲେ। ଉକ୍ତ ଘଟଣାକୁ କେନ୍ଦ୍ର କରି ସ୍ୱାମୀ ଓ ଶ୍ୱଶୁର ଘର ଲୋକେ ତାଙ୍କୁ ମାନସିକ ନିର୍ଯାତନା ଦେବା ଆରମ୍ଭ କରିଥିଲେ। ଏନେଇ ପୁଷ୍ପାଞ୍ଜଳି ଥାନାରେ ଅଭିଯୋଗ କରିଥିଲେ। ଥାନାରେ ଭଦ୍ର ବ୍ୟକ୍ତିଙ୍କ ଉପସ୍ଥିତିରେ ଉକ୍ତ ଘଟଣାର ସମାଧାନ ହୋଇଥିଲା। ପୁନର୍ବାର ନିର୍ଯାତନା ଦେବାରୁ ସେ ଗତ ମାର୍ଚ୍ଚ ୨୭ରେ ବାପଘରକୁ ଆସିଥିଲେ। ସ୍କୁଲରେ ପୁଅର ନାମ ଲେଖାଇବା ପାଇଁ ସୋମବାର ସନ୍ଧ୍ୟାରେ ଆଧାରକାର୍ଡ ଦରକାର ବୋଲି କହିଥିଲେ। ଏଥିରେ ରାଘବ ମନା କରିବା ସହ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ୫ ଲକ୍ଷ ଟଙ୍କା ଆଣିଲେ ଆଧାର କାର୍ଡ ମିଳିବ ବୋଲି କହିଥିବା ପୁଷ୍ପାଞ୍ଜଳି ଥାନାରେ ଅଭିଯୋଗ କରିଛନ୍ତି।

## ପୁରୀରୁ ସାତପଡ଼ା ଟ୍ରେନ୍ ଚଳାଚଳ ଦାବି

**ପୁରୀ,୧୭।୯(ଅଜିତ୍ କୁମାର ମହାନ୍ତି)**

ପୁରୀରୁ ସାତପଡ଼ା ମଧ୍ୟରେ ଟ୍ରେନ ଚଳାଚଳ ପାଇଁ ପୁରୀ ବିକାଶ ପରିଷଦ ପକ୍ଷରୁ ମଙ୍ଗଳବାର ଦାବି କରାଯାଇଛି। ଏଥିପାଇଁ ଖୁବଶୀଘ୍ର କେନ୍ଦ୍ର ରେଳମନ୍ତ୍ରୀଙ୍କ ସମେତ ରେଲୱେ ବୋର୍ଡ ଅଧ୍ୟକ୍ଷଙ୍କୁ ଦାବିପତ୍ର ପ୍ରଦାନ କରାଯିବ। ମଙ୍ଗଳବାର ଭକ୍ତ ସାଲବେଗ ସମାଧି ପୀଠରେ ପରିଷଦର ସଭାପତି ଜଗନ୍ନାଥ ବସ୍ତିଆଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିସହ ପରିକ୍ରମା ମାର୍ଗ ନିର୍ମାଣ ପାଇଁ ଉଚ୍ଛେଦ ହୋଇଥିବା ଐତିହ୍ୟ ରଘୁନନ୍ଦନ ପାଠାଗାର ଏବଂ ଆଚାର୍ଯ୍ୟ ହରିହର ପାଠାଗାର ଉପଯୁକ୍ତ ସ୍ଥାନରେ ନିର୍ମାଣ କରାଯିବାକୁ ପରିଷଦ ପକ୍ଷରୁ ଦାବି କରାଯାଇଛି। ପୁରୀର ବହୁ ପ୍ରାଚୀନ ମଠ ମନ୍ଦିର ଜରାଜୀର୍ଣ୍ଣ ଅବସ୍ଥାରେ ଥିବାରୁ ବୈଠକରେ ଅସନ୍ତୋଷ ପ୍ରକାଶ ପାଇଥିଲା। ପ୍ରାଚୀନ ଐତିହ୍ୟଗୁଡ଼ିକର ସୁରକ୍ଷା ପାଇଁ ଭାରତୀୟ ଐତିହ୍ୟ ପ୍ରାଧିକରଣ, ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା ଏବଂ ରାଜ୍ୟ ସରକାରଙ୍କୁ ଅନୁରୋଧ କରାଯିବ। ଅକ୍ଟୋବର ୨୩ ତାରିଖରେ ଜିଲା ପ୍ରତିଷ୍ଠା ଦିବସ ପାଳନ କରାଯିବ। ଏହି ଅବସରରେ ସାଧାରଣ ସମ୍ପାଦକ ଦିଲ୍ଲୀପ କୁମାର ଓଝା କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ସୁକାନ୍ତ କୁମାର ପଣ୍ଡା, ଡ. ରାଧାଶ୍ୟାମ ରଥ, ସଂଗଠନ ସମ୍ପାଦକ ସ୍ୱାଧୀନ କୁମାର ପଣ୍ଡା, କୋଷାଧ୍ୟକ୍ଷ ମଞ୍ଜୁଲତା ମୁଦୁଲି, ପ୍ରାନ୍ତସିନୀ ଜେନା, ସୁଜିତ କୁମାର ମହାପାତ୍ର, ଗୋବିନ୍ଦ ଦାସ ଘୋଷ, ବାପିନା ସାମନ୍ତରାୟ, ଉପଦେଷ୍ଟା ଚକ୍ରଧର ମହାପାତ୍ର, ପ୍ରଫେସର କୈଳାସ ଭୂଷଣ ମହାପାତ୍ର, ନରେନ୍ଦ୍ର ପାତ୍ର , ଶୁଭଶ୍ରୀ ଦାସ ପ୍ରମୁଖ ବୈଠକରେ ଯୋଗ ଦେଇଥିଲେ।

## 'ଧର୍ମପାଳଙ୍କ ପାଇଁ ଦେଶରେ ବୌଦ୍ଧଧର୍ମ ପୁନଃ ପ୍ରତିଷ୍ଠିତ ହୋଇପାରିଛି'

**ଭୁବନେଶ୍ୱର, ୧୭।୯ (ବନ୍ଦନା ସେଠୀ)**

ଭାରତରୁ ବୌଦ୍ଧଧର୍ମ ଆରମ୍ଭ ହୋଇ ସାରା ବିଶ୍ୱରେ ପରିବ୍ୟାପ୍ତ ହୋଇଥିଲା। ତେବେ ଏପରି ଏକ ସମୟ ଆସିଲା, ଯେତେବେଳେ ଭାରତ ତଥା ବିଶ୍ୱର ଅଧିକାଂଶ ଦେଶରୁ ବୌଦ୍ଧ ଧର୍ମ ଲୋପ ପାଇଗଲା। ଏପରି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ଅନାଗରିକ ଧର୍ମପାଳଙ୍କର ଆବିର୍ଭାବ ହୋଇଥିଲା। ଊନବିଂଶ ଶତାବ୍ଦୀର ଶେଷଭାଗରେ ସେ ଶ୍ରୀଲଙ୍କାରୁ ଭାରତ ଏବଂ ଅନ୍ୟାନ୍ୟ ଦେଶରେ ପହଞ୍ଚି ବୌଦ୍ଧ ଧର୍ମର ମୁଖ୍ୟ ପୀଠସ୍ଥଳୀଗୁଡ଼ିକର ପୁନରୁଦ୍ଧାର କରିବା ସହ ଭବ୍ୟ ବୁଦ୍ଧ ମନ୍ଦିର ନିର୍ମାଣ କରିଥିଲେ ବୋଲି ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ କହିଛନ୍ତି। ମଙ୍ଗଳବାର ମହାବୋଧି ସୋସାଇଟି ଅଫ୍ ଇଣ୍ଡିଆ ପକ୍ଷରୁ ଏହାର ପ୍ରତିଷ୍ଠାତା ଅନାଗରିକ ଧର୍ମପାଳଙ୍କର ୧୬୦ତମ ଜୟନ୍ତୀ ବୁଦ୍ଧ ମନ୍ଦିର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ପଟ୍ଟନାୟକ ଯୋଗଦେଇ ଧର୍ମପାଳଙ୍କ ପାଇଁ ଦେଶରେ ବୁଦ୍ଧଧର୍ମ ପୁନଃ ପ୍ରତିଷ୍ଠିତ ହୋଇପାରିଲା ବୋଲି କହିଥିଲେ। ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ତଥା ମହାବୋଧି ସୋସାଇଟିର ଓଡ଼ିଶା ଶାଖା ସଭାପତି ନରେନ୍ଦ୍ର କୁମାର ମିଶ୍ର ସଭାପତିତ୍ୱ କରି ଧର୍ମପାଳ ଓ ସ୍ୱାମୀ ବିବେକାନନ୍ଦଙ୍କ ମଧ୍ୟରେ ୧୮୯୧ ଚିକାଗୋ ବିଶ୍ୱ ଧର୍ମ କଂଗ୍ରେସ ଅଧିବେଶନରେ କିଭଳି ପ୍ରଗାଢ଼ ବନ୍ଧୁତ୍ୱ ଗଢ଼ିଉଠିଥିଲା ତାହା ବର୍ଣ୍ଣନା କରିଥିଲେ। ଓଡ଼ିଶା ଶାଖା ସମ୍ପାଦକ ସୌରେନ୍ଦ୍ର ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ସିଦ୍ଧାର୍ଥ ପଣ୍ଡା ଧନ୍ୟବାଦ ଦେଇଥିଲେ।




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

# ୨ ଶିଶୁକନ୍ୟାଙ୍କୁ ବିକ୍ରି ବେଳେ ଧରାପଡ଼ିଲେ ମହିଳା

ପୁରୀ/ପିପିଲି, ୧୭।୯ (ଅଜିତ୍ କୁମାର ମହାନ୍ତି/ପ୍ରଭାତ କୁମାର ମହାପାତ୍ର)

ଦୁଇ ଶିଶୁ କନ୍ୟାଙ୍କୁ ମାତ୍ର ୫୦ହଜାର ଟଙ୍କାରେ ବିକ୍ରି ଉଦ୍ୟମ ପଣ୍ଡ ହୋଇଛି। ପୁରୀ ଜିଲା ପିପିଲି ବ୍ଲକ୍ ମଙ୍ଗଳପୁର ନିକଟରେ ଶିଶୁ କନ୍ୟାଙ୍କୁ ବିକ୍ରି କରୁଥିବା ଜଣେ ମହିଳାଙ୍କୁ ସ୍ଥାନୀୟ ଲୋକେ ଅଟକ ରଖି ପୋଲିସ ଜିମା ଦେଇଛନ୍ତି। ଏଥିସହିତ ଉଦ୍ଧାର ୨ଶିଶୁକନ୍ୟାଙ୍କୁ ପୁରୀ ଶିଶୁ ମଙ୍ଗଳ କମିଟିକୁ ହସ୍ତାନ୍ତର କରାଯାଇଛି। ଉଦ୍ଧାର ଶିଶୁକନ୍ୟାଙ୍କ ମଧ୍ୟରୁ ଜଣଙ୍କ ବୟସ ଦେଢ଼ ବର୍ଷ ଏବଂ ଅନ୍ୟଜଣଙ୍କ ୩ରୁ ୪ବର୍ଷ ବୟସ ହେବ ବୋଲି ଜଣାପଡ଼ିଛି। ମହିଳା ଜଣଙ୍କ ପିଲା ଦୁଇଜଣଙ୍କୁ ଚୋରି କରି ଆଣି ବିକ୍ରି କରୁଥିବା ନେଇ ଅନୁମାନ କରାଯାଉଛି। ମହିଳା ନିଶାସକ୍ତ ଥିବାରୁ ଅଧିକ ସୂଚନା ମିଳିପାରି ନାହିଁ। ମହିଳା ଜଣଙ୍କ ଖୋର୍ଦ୍ଧା ଅଞ୍ଚଳର ହୋଇଥିବାବେଳେ ସେ ମଙ୍ଗଳପୁର ଅଞ୍ଚଳରେ ରହୁଥିବା ଜଣାପଡ଼ିଛି। ଏହି ଘଟଣା ଏବେ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

ମିଳିଥିବା ସୂଚନା ଅନୁଯାୟୀ ମଙ୍ଗଳପୁର ମଧୁବନ ହୋଟେଲ ନିକଟରେ ଜଣେ ମହିଳା ଦୁଇ ଶିଶୁ କନ୍ୟାଙ୍କୁ ବିକ୍ରି କରିବା ନିମନ୍ତେ ଯୋଜନା କରୁଥିବା ସ୍ଥାନୀୟ ଅଞ୍ଚଳର କେତେଜଣ ଲୋକ ଜାଣିବାକୁ ପାଇଥିଲେ। ମହିଳା ଜଣଙ୍କ ନିଶାସକ୍ତ ଥିବା ଜଣାପଡ଼ିବାରୁ ସେ ଶିଶୁ କନ୍ୟାଙ୍କୁ ଚୋରିକରି ଆଣିଥିବା ଲୋକମାନେ ସନ୍ଦେହକରି ଚାଇଲ୍ଡ ଲାଇନ୍‌କୁ



ଟ୍ରୋଲ ଫ୍ରି' ନମ୍ବରରେ କଲ୍ କରିଥିଲେ। ଖବରପାଇ ଅପରାହ୍ନ ପ୍ରାୟ ୩ ଟା ୩୦ ମିନିଟ୍‌ରେ ରୁଚିକା ସୋସିଆଲ ସର୍ଭିସ ସଂଗଠନ ଏବଂ ପୁରୀ ଚାଇଲ୍ଡ ଲାଇନର ଟିମ୍ ସ୍ଥାନୀୟ ଅଙ୍ଗନୱାଡି କର୍ମୀ ଏବଂ ଆଶାକର୍ମୀଙ୍କ ସହ ଘଟଣାସ୍ଥଳରେ ପହଞ୍ଚି ଶିଶୁ କନ୍ୟାଙ୍କ ବିଷୟରେ ମହିଳାଙ୍କୁ ପଚାରିଥିଲେ। ମହିଳା ଜଣକ ଉକ୍ତ ପିଲାଙ୍କ କୌଣସି ସମ୍ପର୍କୀୟ ହୋଇ ନ ଥିବାବେଳେ ପିଲା ଦୁଇଜଣଙ୍କୁ ଡେଲାଙ୍ଗ ରେଳ ଷ୍ଟେଶନରେ ଟ୍ରେନ୍‌ରୁ ପାଇଥିବା କହିଥିଲେ। ଏଥିସହ ସେ ଶିଶୁକନ୍ୟାଦ୍ୱୟଙ୍କୁ ୫୦ହଜାର ଟଙ୍କାରେ ବିକ୍ରି କରିବାକୁ ଡିଲ୍ କରିଥିବା କହିଥିଲେ। ଏହା ପରେ ମହିଳାଙ୍କଠାରୁ ଉଦ୍ଧାର କରିବା ସହ ମହିଳାଙ୍କୁ ପିପିଲି ଥାନା ଜିମା ଦେଇଥିଲେ। ଏନେଇ ପିପିଲି ପୋଲିସ ମହିଳାଙ୍କୁ ପଚରାଉଚରା କରୁଥିବା ସୂଚନା ମିଳିଛି। ରୁଚିକା ସୋସିଆଲ ସର୍ଭିସ ସଂଗଠନର ଜିଲା ସଂଯୋଜକ ହେମନ୍ତ କୁମାର ଦାସ ଓ ସଦସ୍ୟା ତଟିନୀ ବିଶ୍ୱାଳ ସୂଚନା ଦେଇ କହିଛନ୍ତି, ରୁଚିକା ସଂଗଠନ ଏବଂ ପୁରୀ ଚାଇଲ୍ଡ ଲାଇନ ସଦସ୍ୟ ଶିଶୁକନ୍ୟାଦ୍ୱୟଙ୍କୁ ଉଦ୍ଧାର କରି ପୁରୀରେ ଥିବା ଶିଶୁ ମଙ୍ଗଳ କମିଟିକୁ ରାତି ୧୦ଟା ସମୟରେ ହସ୍ତାନ୍ତର କରିଛନ୍ତି। ପିଲା ଦୁଇଜଣ ସୁସ୍ଥ ଅଛନ୍ତି। ଅପରପକ୍ଷରେ ଶିଶୁ କନ୍ୟାଙ୍କୁ ବିକ୍ରି ଉଦ୍ୟମ କରୁଥିବା ମହିଳାଙ୍କୁ ପୋଲିସର ଜିମା ଦିଆଯାଇଛି। ପୋଲିସ ଅଧିକ ପଚରାଉଚରା କରୁଥିବା ଦାସ କହିଛନ୍ତି।

## ପୁରୀରେ ବୋମାମାଡ଼, ୨ ଗୁରୁତର

ପୁରୀ, ୧୭।୯ (ଅଜିତ୍ କୁମାର ମହାନ୍ତି)

କିଛିଦିନର ବ୍ୟବଧାନ ପରେ ମଙ୍ଗଳବାର ଶ୍ରୀକ୍ଷେତ୍ର ପୁଣି ରକ୍ତରଞ୍ଜିତ ହୋଇଛି। ଦୁର୍ବୃତ୍ତଙ୍କ ବୋମାମାଡ଼ ଓ ଆକ୍ରମଣରେ ୨ଜଣ ଗୁରୁତର ହୋଇଛନ୍ତି। ଗୁରୁତର ଦ୍ୱୟ ହେଲେ ବଳିଆପଣ୍ଡା ଥାନା ଅନ୍ତର୍ଗତ ବିଜୟନଗର ବସ୍ତିର ସନ୍ଦୀପ ସାନିୟଲ ଓ ମୃତ୍ୟୁଞ୍ଜୟ ସାନିୟଲ।

ବଳିଆପଣ୍ଡା ଥାନା ଅନ୍ତର୍ଗତ ନାଲିଫିଲ୍ଡ ପଡ଼ିଆସ୍ଥିତ ଜନମଙ୍ଗଳ ସମିତିଠାରେ ସନ୍ଦୀପ ସାନିୟଲ ତାଙ୍କ ପରିବାର ସହ ରହୁଛନ୍ତି। ସେହିପରି ତାଙ୍କ ପଡ଼ୋଶୀ ଭାବେ ମାନସ ସେନାପତି ପରିବାର ସହ ରହୁଛନ୍ତି। ଦୁଇ ପରିବାର ମଧ୍ୟରେ ପୂର୍ବରୁ ବିବାଦ ରହିଛି। ମଙ୍ଗଳବାର ସକାଳ ୯ଟାରେ ମୃତ୍ୟୁଞ୍ଜୟ ତାଙ୍କ ବ୍ୟାଟେରିଚାଳିତ ଅଟୋ (ଟୋଟୋ)ରେ ବସିଥିଲେ। ହଠାତ୍ ତାଙ୍କ ପଡ଼ୋଶୀ ମାନସ ଦୁଇ ତିନୋଟି ବୋମା ମୃତ୍ୟୁଞ୍ଜୟଙ୍କ ଘର ଓ ଗାଡ଼ି ଉପରକୁ ମାଡ଼ କରିଥିଲେ। ଫଳରେ ପ୍ରଚଣ୍ଡ ଶବ୍ଦରେ ଟୋଟୋ ବ୍ୟାଟେରି ଫାଟିଯାଇଥିଲା। ଏହି ଶବ୍ଦ ଶୁଣି ସନ୍ଦୀପ ଘରୁ ବାହାରି ଆସିଥିଲେ। ଏହି ସମୟରେ ମାନସ ତାଙ୍କୁ ଖଣ୍ଡାରେ ହାଣି ସେଠାରୁ ପଳାଇଥିଲେ। ସେପଟେ ଟୋଟୋ ପାଖରେ ମୃତ୍ୟୁଞ୍ଜୟ ଗୁରୁତର ଅବସ୍ଥାରେ ପଡ଼ି ରହିଥିଲେ।



ଉଭୟଙ୍କୁ ପରିବାର ଲୋକେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ସନ୍ଦୀପ ସାନିୟଲଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ଖବରପାଇ ବଳିଆ ପଣ୍ଡା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଅଭିଯୁକ୍ତ ମାନସଙ୍କୁ ଗିରଫ କରି ଥାନାକୁ ଆଣି ୨୦୩/୨୪ରେ ମାମଲା ରୁଜୁ କରି କୋର୍ଟଚାଲାଣ କରିଛି। ଅପରପକ୍ଷରେ ମାନସଙ୍କ ନାମରେ ପୂର୍ବରୁ ଅନେକ ମାମଲା ରହିଥିବା ପୋଲିସ କହିଛି।

## ସିଲିଣ୍ଡର ଚୋରି ପଛରେ ଗୋଦାମ ମ୍ୟାନେଜର

ବଲାଙ୍ଗୀର, ୧୭।୯ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲାର ବିଭିନ୍ନ ଗ୍ୟାସ ଗୋଦାମରୁ ଗ୍ୟାସ ସିଲିଣ୍ଡର ଚୋରି କରୁଥିବା ଏକ ରାକେଟ୍‌କୁ ପୋଲିସ ଧରିଛି। ଏହି ସିଲିଣ୍ଡର ରାକେଟ୍‌ର ମାଷ୍ଟର ମାଇଣ୍ଡଙ୍କ ସମେତ ୪ ଜଣଙ୍କୁ ପୋଲିସ ଗିରଫ କରିବା ସହ ସେମାନଙ୍କଠାରୁ ୧୩୩ ଗ୍ୟାସ୍ ସିଲିଣ୍ଡର ଏବଂ ଏକ ଟାଟା ଏସିଇ ଗାଡ଼ି ଜବତ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ପୁଇଁତଲା ଥାନା ବୁବେଲ ଗାଁର ସତ୍ୟ ଓରଫ୍ ସତ୍ୟନାରାୟଣ ନାଏକ (୫୨), ରଣ୍ଡା ଗାଁର ଟୁନୁ ନନ୍ଦ (୫୦), ଦେଓଗାଁ ଥାନା ଅନ୍ତର୍ଗତ ସାହାଜବାହାଲ ଗାଁର ପ୍ରେମରାଜ ପୁରୋହିତ (୫୨) ଓ ବଲାଙ୍ଗୀର ଟାଉନ୍ ଥାନା ଇନ୍ଦିରାନଗରର କ୍ଷମା ସାଗର ଭୁଏ (୪୬)। ପୁଇଁତଲା ଥାନା ସାଉନ୍ତପୁର-ଇସ୍ତଲା ରାସ୍ତା ପାର୍ଶ୍ୱରେ ଥିବା ଭାରତ ଗ୍ୟାସ୍ ଗୋଦାମର ମ୍ୟାନେଜର ସତ୍ୟନାରାୟଣ ଏହି ସିଲିଣ୍ଡର ଚୋରି ରାକେଟ୍‌ର ମୁଖ୍ୟ ବୋଲି ବଲାଙ୍ଗୀର ସଦର ଏସ୍‌ଡିପିଓ ପ୍ରଦୀପ କୁମାର ସାହୁ ସୂଚନା ଦେଇଛନ୍ତି। ଗିରଫ ୪ ଅଭିଯୁକ୍ତଙ୍କ ନାଁରେ ପୂର୍ବରୁ ଅନେକ ମାମଲା ରହିଥିବା ଜଣାପଡ଼ିଛି।

## ବୌଲାଣି ଯାତ୍ରାରେ ଗୋଷ୍ଠୀ ସଂଘର୍ଷ: ୧୧ ଆହତ, ୬ ଗୁରୁତର

କୋରାପୁଟ/ଲକ୍ଷ୍ମୀପୁର, ୧୭।୯ (ଅମିତାଭ ବେହେରା/ ଅନନ୍ତ ନାୟକ)

କୋରାପୁଟ ଜିଲା କାକିରିଗୁମା ଥାନା ଅନ୍ତର୍ଗତ ତୁନପାର ସଦର ପଞ୍ଚାୟତରେ ହେଉଥିବା ବୌଲାଣି ଯାତ୍ରାରେ ମଙ୍ଗଳବାର ଗୋଷ୍ଠୀ ସଂଘର୍ଷ ହୋଇଛି। ଗୋଟିଏ ଗୋଷ୍ଠୀର ଆକ୍ରମଣରେ ଅନ୍ୟ ଗୋଷ୍ଠୀର ୧୧ ଆହତ ହୋଇଥିବା ବେଳେ ୬ ଗୁରୁତର ହୋଇଛନ୍ତି। କୋରାପୁଟ ଚିକିତ୍ସାଳୟରେ ଦଳିତ ସାହିର ରାନୁ କନ୍ଦପାନ, ପ୍ରତାପ କନ୍ଦପାନ, ସଞ୍ଜୟ କନ୍ଦପାନ, ଅନୁ କନ୍ଦପାନ ଓ କୁମାରୀ ଗରଡ଼ା ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି। ସେହିପରି ଆଦିବାସୀ ସାହିର ଶିବ ମୁଦୁଲି ମଧ୍ୟ ଚିକିତ୍ସିତ ହେଉଛନ୍ତି । କାକିକିରିଗୁମା ପୋଲିସ ଉଭୟ ପକ୍ଷର ଏକାଧିକ ବ୍ୟକ୍ତିଙ୍କୁ ଅଟକ ରଖିଛି। ଏହାକୁ ନେଇ ନଂ. ୮୩/୨୪ ଓ ୮୪/୨୪ରେ ଦୁଇଟି ମାମଲା ରୁଜୁ ହେବାସହ ପରିସ୍ଥିତି ନିୟନ୍ତ୍ରଣ ପାଇଁ ଗ୍ରାମରେ ଫୋର୍ସ ମୁତୟନ କରାଯାଇଛି ।



ଗୋଷ୍ଠୀ ସଂଘର୍ଷରେ ଗୁରୁତର ବ୍ୟକ୍ତିମାନେ।

ସୂଚନା ଅନୁଯାୟୀ, ତୁନାପୁର ଗ୍ରାମର ଆଦିବାସୀ ସାହିରେ ବୌଲାଣି ଯାତ୍ରା ଯୋଗୁ ସୋମବାର ରାତିରେ ନାଚଗୀତ ହେଉଥିଲା। ଏଠାରେ ଆଦିବାସୀଙ୍କ ସହ ଦଳିତସାହିର ଯୁବକମାନେ ସାମିଲ ହୋଇଥିଲେ । ଉଭୟ ଗୋଷ୍ଠୀର ଯୁବକମାନଙ୍କ ମଧ୍ୟରେ କୌଣସି କଥାକୁ ନେଇ ଗଣ୍ଡଗୋଳ ହୋଇଥିଲା। ଏହାପରେ ଉଭୟ ଗୋଷ୍ଠୀ ଆଲୋଚନାକରି ସୋମବାର ରାତିରେ ଆପୋଷ ବୁଝାମଣା କରାଯାଇଥିଲା। କିନ୍ତୁ ମଙ୍ଗଳବାର ସକାଳେ ଘଟଣାଟି ଉଗ୍ରରୂପ ନେବାସହ ଉଭୟ ଗୋଷ୍ଠୀର କେତେକ ମହିଳାଙ୍କ ପାଟି ଶୁଭିଥିଲା । ଏହାପରେ ଉତ୍ତ୍ୟକ୍ତ ହୋଇ ଆଦିବାସୀ ସାହି ଲୋକେ ଅସ୍ତ୍ରଶସ୍ତ୍ର ସହିତ ଦଳିତ ସାହିରେ ପଶି ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଏହି ଆକ୍ରମଣରେ ଅନେକ ଆହତ ହୋଇଛନ୍ତି। ଦଳିତ ସାହିର ୧୦ ଜଣ କାକିରିଗୁମା ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଥିଲା ବେଳେ ଜଣଙ୍କ ଅବସ୍ଥା ଗୁରୁତର ହେବାରୁ କୋରାପୁଟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଏ ସମ୍ପର୍କରେ କାକିରିଗୁମା ଥାନାଧିକାରୀ ଡମ୍ବରୁଧର ବାତ୍ରିୟାଙ୍କୁ ପଚାରିବାରୁ ତଦନ୍ତ ଜାରି ରହିଛି। ପ୍ରକୃତ ଆକ୍ରମଣକାରୀଙ୍କୁ ଚିହ୍ନଟ କରି ଗିରଫ କରାଯିବ ବୋଲି ସେ କହିଛନ୍ତି।

## ଘରୁ ଡାକି ନେଇ ଯୁବକଙ୍କୁ ହତ୍ୟା

ବ୍ରହ୍ମପୁର, ୧୭।୯ (ସୁବାସ ଚନ୍ଦ୍ର ପାଢ଼ୀ)

**ପୋଖରୀରୁ ମୃତଦେହ ଜବତ**

ଗଞ୍ଜାମ ଜିଲା ସଦର ଥାନା ଅନ୍ତର୍ଗତ ଲାଞ୍ଜିଆ ଗ୍ରାମର ଜଣେ ଯୁବକଙ୍କୁ ସୋମବାର ରାତିରେ ଘରୁ ଡାକିନେଇ ହତ୍ୟା କରାଯାଇଛି। ମୃତକ ହେଲେ ରାମକୃଷ୍ଣ ଚୌଧୁରୀଙ୍କ ପୁଅ ଶିବାଶିଷ ଚୌଧୁରୀ ଓରଫ ଶିବା (୨୫)। ଶିବାଙ୍କୁ ଘରଠାରୁ ୫କି.ମି. ଦୂର ଡେଙ୍ଗାପଦରରେ ହତ୍ୟାପରେ ଆତ୍ମହତ୍ୟାର ରୂପ ଦେବା ପାଇଁ ଅଭିଯୁକ୍ତମାନେ ନିକଟସ୍ଥ ପୋଖରୀରେ ଫିଙ୍ଗି ଦେଇଥିଲେ। ପୋଲିସ ମଙ୍ଗଳବାର ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ପୋଲିସ ପ୍ରାଥମିକ ତଦନ୍ତରୁ ଅନୁମାନ କରୁଛି। ସନ୍ଦେହରେ କେତେଜଣ ଯୁବକଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଚଳାଇଛି।

ସୋମବାର ରାତି ପ୍ରାୟ ସାଢ଼େ ୧୧ଟାରେ କେତେଜଣ ସାଙ୍ଗ ଶିବାଙ୍କ ଘରକୁ ଆସି କୌଣସି କାମରେ ତାଙ୍କୁ ଡାକି ନେଇଥିଲେ। ଶିବା ରାତିରେ ଘରକୁ ଫେରିନ ଥିଲେ। ମଙ୍ଗଳବାର ସକାଳେ ଡେଙ୍ଗାପଦର ଗାଁ ନିକଟସ୍ଥ ପୋଖରୀରେ ଏକ ମୃତଦେହ ଭାସୁଥିବା ଖବର ମିଳିଥିଲା। ଶିବାଙ୍କ ବାପା ରାମକୃଷ୍ଣ ସେଠାରେ ପହଞ୍ଚି ପୋଲିସ ଉପସ୍ଥିତିରେ ମୃତକ ତାଙ୍କ ପୁଅ ବୋଲି ଚିହ୍ନଟ କରିଥିଲେ। ପରେ ସେ ପୋଲିସ ନିକଟରେ ଘଟଣା ସମ୍ପର୍କରେ କହିବା ସହ ଯେଉଁମାନେ ପୁଅକୁ ଘରୁ ଡାକିନେଇଥିଲେ ସେମାନେ ହିଁ ତାକୁ କରିଛନ୍ତି ବୋଲି ଅଭିଯୋଗ କରିଥିଲେ। ଏନେଇ ଥାନାରେ ନଂ.୨୯୬/୨୪ ରେ ଏକ ହତ୍ୟା ମାମଲା ରୁଜୁ କରାଯାଇଥିବା ସଦର ଏସଡ଼ିପିଓ ଶୁଭ୍ରାଂଶୁ ପରିଡା କହିଛନ୍ତି। ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁର ସହାୟତାରେ ପୋଲିସ ଘଟଣାର ତଦନ୍ତ କରୁଛି। ପୋଖରୀ ନିକଟରୁ ଏକ ରକ୍ତଭିଜା କାତି ଜବତ ହୋଇଛି। ଶିବାଙ୍କ ମୁଣ୍ଡ, ବେକ ଓ ମୁହଁରେ ମାରଣାସ୍ତ୍ରରେ ଏକାଧିକ ଗଭୀର ଆଘାତ ଯୋଗୁ ମୃତ୍ୟୁ ହୋଇଥିବା ବ୍ୟବଚ୍ଛେଦ ବେଳେ ଜଣାପଡିଛି ବୋଲି ଏଫଏମଟି ବିଭାଗ ମୁଖ୍ୟ ଡା. ସୁଚିତ୍ରା ଦାଶ କହିଛନ୍ତି।

## ପାଣିରେ ବୁଡ଼ିଗଲେ ୨ ଯୁବକ

ଜଗନ୍ନାଥପ୍ରସାଦ/ଶେରଗଡ଼, ୧୭।୯ (ବିଭୁ ପ୍ରସାଦ ପଟ୍ଟନାୟକ/ ସୂର୍ଯ୍ୟ ନାରାୟଣ ଦାଶ)

ଗଞ୍ଜାମ ଜିଲା ଜଗନ୍ନାଥପ୍ରସାଦ ଓ ଶେରଗଡ଼ରେ ମଙ୍ଗଳବାର ନଦୀ ଓ ପୋଖରୀରେ ବୁଡି ୨ ଯୁବକଙ୍କ ମୃତ୍ୟୁ ହୋଇଛି। ସେମାନେ ହେଲେ ଅନିଲ ପ୍ରଧାନ (୨୮) ଓ ବାୟା ସେଠୀ (୨୪)। ଜଗନ୍ନାଥପ୍ରସାଦ ନିକଟ ଦେଇ ଯାଇଥିବା ବୋଡ଼ା ନଦୀକୁ ଆଙ୍କାପ୍ରସାଦ ଗ୍ରାମର ଅନିଲ ସନ୍ଧ୍ୟାରେ ସ୍ନାନ, ଶୌଚ ପାଇଁ ଯାଇଥିବା ବେଳେ ଅସାବଧାନତାରୁ ବୁଡ଼ି ଯାଇଥିଲେ। ବହୁ ସମୟ ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଲୋକେ ଯାଇ ଖୋଜାଖୋଜି କରିଥିଲେ। ନଦୀ ମଧ୍ୟରେ ଥିବା ଅମରିବୁଦା ପଙ୍କରୁ ଅନିଲଙ୍କୁ ଉଦ୍ଧାର କରି ଜଗନ୍ନାଥପ୍ରସାଦ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ । ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

ସେହିପରି ଶେରଗଡ ବ୍ଲକ ଧନନ୍ତର ଗ୍ରାମ ଗୁଡିବନ୍ଧକୁ ଗାଧୋଇ ଯାଇଥିବା ବେଳେ ବୁଡ଼ିଯାଇ ଦିବ୍ୟାଙ୍ଗ ବାୟାଙ୍କ ମୃତ୍ୟୁ ହୋଇଛି। ବାୟା ପ୍ରତିଦିନଭଳି ଭୋରରେ ବନ୍ଧକୁ ଗାଧୋଇ ଯାଇଥିବା ବେଳେ ବୁଡି ଯାଇଥିଲେ। ସେ ସମୟରେ ପୋଖରୀରେ କେହି ନ ଥିଲେ। କିଛି ସମୟ ପରେ ସେଠାକୁ ଗାଧୋଇ ଯାଇଥିବା କିଛି ଲୋକ ପାଣିରେ ତାଙ୍କ ମୃତଦେହ ଭାସୁଥିବା ଦେଖି ଶେରଗଡ ପୋଲିସକୁ ଖବର ଦେଇଥିଲେ। ପୋଲିସ ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏ ନେଇ ନଂ.୧୩/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ନିରପେକ୍ଷ ତଦନ୍ତ ପାଇଁ ଅନୁରୋଧ କଲେ ରାଜ୍ୟପାଳ

ଭୁବନେଶ୍ୱର, ୧୭।୯ (ସତ୍ୟଜିତ୍ ରାଉତ)

**ଘରୋଇ ଇଞ୍ଜିନିୟରିଂ କଲେଜରେ ରାଞ୍ଚି ଛାତ୍ରଙ୍କ ମୃତ୍ୟୁ ଘଟଣା**

ଭୁବନେଶ୍ୱର ଖଣ୍ଡଗିରି ଥାନା ଅଧୀନ ଏକ ଘରୋଇ ଇଞ୍ଜିନିୟରିଂ କଲେଜରେ ପଢୁଥିବା ଝାଡ଼ଖଣ୍ଡ ରାଞ୍ଚିର ଜଣେ ଇଞ୍ଜିନିୟରିଂ ଛାତ୍ରଙ୍କ ମୃତ୍ୟୁ ଘଟଣାରେ ଓଡ଼ିଶା ରାଜ୍ୟପାଳ ରଘୁବର ଦାସ ହସ୍ତକ୍ଷେପ କରିଛନ୍ତି। ଏହି ଘଟଣାରେ ନିରପେକ୍ଷ ତଦନ୍ତ ପାଇଁ ବିହିତ ପଦକ୍ଷେପ ନେବାକୁ ରାଜ୍ୟ ସରକାରଙ୍କୁ ରାଜଭବନ ପକ୍ଷରୁ ମଙ୍ଗଳବାର ଅନୁରୋଧ କରାଯାଇଛି। ଅନ୍ୟପକ୍ଷରେ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ ମଧ୍ୟ ଏହି ଘଟଣା ସମ୍ପର୍କରେ 'ଏକ୍ସ'ରେ ପୋଷ୍ଟ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରି ଅଭିଯୁକ୍ତଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମୋହନଙ୍କୁ ହେମନ୍ତ ଅନୁରୋଧ କରିଛନ୍ତି।

ମୃତ ଛାତ୍ର ଅଭିଷେକ ରବି (୧୯)ଙ୍କ ଘର ରାଞ୍ଚି ରବିଦାସ ମୋହଲ୍ଲା ଅଞ୍ଚଳରେ। ସେ ଉକ୍ତ କଲେଜରେ କମ୍ପ୍ୟୁଟର ସାଇନ୍ସର ପ୍ରଥମ ବର୍ଷର ଛାତ୍ର ଥିଲେ। କଲେଜରେ ନାମ ଲେଖାଇବାର ମାତ୍ର ୩ଦିନ ପରେ ଅର୍ଥାତ୍ ସେପ୍ଟେମ୍ବର ୧୩ରେ ଅଭିଷେକଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଥିଲା। କଲେଜ ପକ୍ଷରୁ କୁହାଯାଇଥିଲା ଯେ, ଗତ ଶୁକ୍ରବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ଅଭିଷେକ ହଷ୍ଟେଲ ଶିଡ଼ିରୁ ଖସି ଗୁରୁତର ହୋଇଥିଲେ। ଅଭିଷେକଙ୍କୁ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯିବା ପରେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଡାକ୍ତରଙ୍କ ଏମ୍‌ଏଲ୍‌ସି ରିପୋର୍ଟ ଆଧାରରେ ଖଣ୍ଡଗିରି ପୋଲିସ ଏକ ଅପମୃତ୍ୟୁ (ନଂ.୨୩୨/୨୦୨୪) ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ଅନ୍ୟପକ୍ଷରେ ପରିବାର ଲୋକେ ଏହି ଘଟଣାରେ କଲେଜ କର୍ତ୍ତୃପକ୍ଷଙ୍କ ଉପରେ ସନ୍ଦେହ କରିଛନ୍ତି। ନାମ ଲେଖାଇବାର ମାତ୍ର ୩ଦିନ ପରେ କେଉଁଭଳି ସ୍ଥିତିରେ ଅଭିଷେକ ଶିଡ଼ିରୁ ପଡ଼ିଲେ କିମ୍ବା ତାଙ୍କୁ କେହି ଠେଲିଦେଲେ ସେନେଇ ଠିକ୍ ତଦନ୍ତ କରିବାକୁ ଦାବି କରାଯାଇଛି।

## ଗଛରେ ପିଟି ହେଲା ବାଇକ୍, ୨ ମୃତ

ନୟାଗଡ଼/ଦଶପଲ୍ଲା, ୧୭।୯ (ଲୋକନାଥ ମିଶ୍ର/ପ୍ରକାଶ କୁମାର ପାଣି)

ବଲାଙ୍ଗୀର ଖୋର୍ଦ୍ଧା ୫୭ନଂ.ଜାତୀୟ ରାଜପଥର ନୟାଗଡ଼ ଜିଲା ଦଶପଲ୍ଲା ଥାନା ନଛିପୁର ରାଇସ୍ ମିଲ୍ ବୁଲାଣି ନିକଟରେ ମଙ୍ଗଳବାର ଅପରାହ୍ନ ରେ ବାଇକ ଦୁର୍ଘଟଣା ଘଟି ୨ ଜଣଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଲକ୍ଷ୍ମୀବସ ତଥା ମୁଖ୍ୟମନ୍ତ୍ରୀ ବସ ଯୋଜନା ଅପରେଟର ସୂର୍ଯ୍ୟକାନ୍ତ ବେହେରା(୨୪) ଓ ଦଶପଲ୍ଲା ସୁପରଭାଇଜର ଜ୍ଞାନ ରଞ୍ଜନ ସାହୁ (୨୧)। ସୂର୍ଯ୍ୟକାନ୍ତଙ୍କର ଘର ଓଡ଼ଗାଁ ଥାନା ଦଳକରେ ହୋଇଥିବାବେଳେ ଜ୍ଞାନଙ୍କ ଘର ଦଶପଲ୍ଲା ଥାନା ଅଧୀନ ମଧ୍ୟଖଣ୍ଡ ଗାଁରେ। ଲକ୍ଷ୍ମୀବସ ଅଚଳ ହୋଇ ଯିବାରୁ ସୂର୍ଯ୍ୟକାନ୍ତ ଓ ଜ୍ଞାନ ବାଇକ୍‌ରେ ଘୁଗୁଡିପଡ଼ାକୁ ଯାଇଥିଲେ। ସେଠାରେ ଲକ୍ଷ୍ମୀବସର ମରାମତି ସାରି ଫେରୁଥିବାବେଳେ ନଛିପୁର ରାଇସ୍ ମିଲ୍ ବୁଲାଣି ନିକଟରେ ତାଙ୍କ ବାଇକ୍ ଭାରସାମ୍ୟ ହରାଇ ଏକ ଗଛକୁ ଧକ୍କା ଦେଇ ବିଲ ଭିତରକୁ ଖସି ପଡିଥିଲା। ଦଶପଲ୍ଲା ଥାନା ପୋଲିସ ଉଭୟଙ୍କୁ ଉଦ୍ଧାର କରି ଦଶପଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ।

## ଦାଦାବଟି ନ ଦେବାରୁ ଦୋକାନରେ ନିଆଁ ଲଗାଇଦେଲେ

ଭୁବନେଶ୍ୱର, ୧୭।୯ (ସତ୍ୟଜିତ୍ ରାଉତ)

**ଜଣେ ଗିରଫ**

ପ୍ରଥମେ ଦାଦା ବଟି ମାଗିଲେ। ନ ଦେବାରୁ ପାନ ଦୋକାନରୁ ଚୋରି କରି ନିଆଁ ଲଗାଇଦେଲେ। ଏଭଳି ଏକ ଘଟଣାରେ ଲକ୍ଷ୍ମୀସାଗର ପୋଲିସ ଏୟାରଫିଲ୍ଡ ଥାନା ଅଞ୍ଚଳରେ ରହୁଥିବା ମୁରଲୀଧର ପଣ୍ଡାଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ଅଭିଯୋଗ ଅନୁଯାୟୀ, ସ୍ଥାନୀୟ ଅଞ୍ଚଳର ନବକିଶୋର ନାୟକ ପ୍ରଜାପତି ମଣ୍ଡପ ନିକଟରେ ଏକ କ୍ୟାବିନ୍‌ରେ ପାନ ଓ ଚା' ଆଦି ବିକ୍ରି କରୁଛନ୍ତି। ରବିବାର ଅପରାହ୍ନ ପ୍ରାୟ ୪ଟା ବେଳେ ନବକିଶୋରଙ୍କ ଦୋକାନକୁ ଆସି ମୁରଲୀଧର ଦାଦାବଟି ମାଗିଥିଲେ। ଟଙ୍କା ଦେବାକୁ ମନା କରିବାରୁ ମୁରଲୀଧର ତାଙ୍କୁ ଖରାପ ଭାଷାରେ ଗାଳିଗୁଲଜ କରି ଦୋକାନରେ ନିଆଁ ଲଗାଇଦେବାକୁ ଧମକ ଦେଇଥିଲେ। ଏହାର ପରଦିନ ସୋମବାର ଭୋର ପ୍ରାୟ ୪ଟା ସମୟରେ ମୁରଲୀଧର ଉକ୍ତ ଦୋକାନରୁ କିଛି ସାମଗ୍ରୀ ଚୋରି କରିବା ସହ ଦୋକାନରେ ନିଆଁ ଲଗାଇ ଦେଇଥିଲେ। ଦୋକାନରେ ନିଆଁ ଲାଗିଥିବା ଜାଣି ନବକିଶୋର ତୁରନ୍ତ ଆସି ନିଆଁକୁ ଲିଭାଇ ଦେଇଥିଲେ। ଏନେଇ ନବକିଶୋରଙ୍କ ପକ୍ଷରୁ ଥାନାରେ ଏତଲା ହେବା ପରେ ପୋଲିସ ଏକ ମାମଲା (ନଂ.୫୦୦/୨୦୨୪) ରୁଜୁ କରି ତଦନ୍ତ କରିଥିଲା। ପୋଲିସ ଟିମ୍ ଅଭିଯୁକ୍ତ ମୁରଲୀଧରଙ୍କୁ ଝାରପଡ଼ା ଓଭରବ୍ରିଜ ଅଞ୍ଚଳରୁ ଗିରଫ କରିଥିଲା। ମୁରଲୀଧରଙ୍କ ନାମରେ ପୂର୍ବରୁ ଏୟାରଫିଲ୍ଡ ଏବଂ ଲକ୍ଷ୍ମୀସାଗର ଥାନାରେ ଗୋଟିଏ ଲେଖାଏ ମାମଲା ଥିବା ଜଣାପଡ଼ିଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆକାଶ କଇଁଆ ଚିଲିକା ମାଛ**
**କେତେ କରୁଅଛୁ ଅପାଞ୍ଚ ପାଞ୍ଚ ।**

କଇଁଆ କୋଳି ଖଟା। କିନ୍ତୁ ମାଛ ତରକାରିରେ ଖଟା ପଡ଼ିଲେ ତରକାରି ଭଲ ଲାଗେ। ଚିଲିକା ହ୍ରଦରେ ମାଛ ବହୁତ। ଗଛରୁ କଇଁଆ ତୋଳା ହବ, ଚିଲିକାରୁ ମାଛ ଆସିବ ତା'ପରେ ତରକାରି ହେବ। କାହିଁ କେତେଦୂରର କଥା। ଅସମ୍ଭବ ବା ଅନିଶ୍ଚିତ କଥା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଆଳୁ ବାରପଳ ସାରୁ ବାରପଳ**
**ବାର ବାର ପଳ ଚବିଶ ପଳ ।**

ସାଧାରଣତଃ ପିଲାଙ୍କ ଓଡ଼ିଆ ଅକ୍ଷର ଉଚ୍ଚାରଣରେ କେତେ ଶୁଦ୍ଧତା ଓ ପାରଦର୍ଶିତା ଆସିଲାଣି, ତାହା ଜାଣିବା ପାଇଁ ପିଲାମାନଙ୍କୁ ଏହା ଶୀଘ୍ର ଶୀଘ୍ର କହିବାକୁ କୁହାଯାଏ। ଏପରି ତରତର ହୋଇ କହିବା ବେଳେ ଗୋଟିଏ ଅକ୍ଷର ଜାଗାରେ ଆଉ ଗୋଟିଏ ଅକ୍ଷରର ଉଚ୍ଚାରଣ ବାହାରି ପଡ଼ିଲେ ଏକ ହାସ୍ୟାତ୍ମକ ପରିସ୍ଥିତି ଉପୁଜିବା ନେଇ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ ପବ୍ଲିଶର୍ସ




ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

## ୩୦ ହଜାର ଲାଞ୍ଚ ନେଇ ଧରାପଡ଼ିଲେ ଆରଆଇ

ଢେଙ୍କାନାଳ, ୧୭।୯ (ରତନ ନାୟାର)

- **ଜମି କିସମ ପରିବର୍ତ୍ତନ ପାଇଁ ଲାଞ୍ଚ ନେଉଥିଲେ**
- **ନିଜକୁ ପିଅନ ପରିଚୟ ଦେଉଥିବା ସହଯୋଗୀ ଗିରଫ**



ବରୁଣ ଜେନା



ବଳରାମ ସାହୁ

ଢେଙ୍କାନାଳ ସହରସ୍ଥିତ କୁଞ୍ଜକାନ୍ତଠାରେ ଥିବା ସଦର ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟରେ ଏକ ଜମି କିସମ ପରିବର୍ତ୍ତନ ପାଇଁ ୩୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ରାଜସ୍ୱ ନିରୀକ୍ଷକ (ଆରଆଇ) ବରୁଣ ଜେନା ମଙ୍ଗଳବାର ଭିଜିଲାନ୍ସ ବିଭାଗ ହାତରେ ଧରାପଡିଛନ୍ତି । ଏହି ଘଟଣାରେ ତାଙ୍କୁ ସହଯୋଗ କରୁଥିବା ଏବଂ ନିଜକୁ କାର୍ଯ୍ୟାଳୟର ପିଅନ ଭାବେ ସମସ୍ତଙ୍କୁ ପରିଚୟ ଦେଉଥିବା ବଳରାମ ସାହୁ ନାମକ ଜଣେ ବ୍ୟକ୍ତିଙ୍କୁ ମଧ୍ୟ ଭିଜିଲାନ୍ସ ବିଭାଗ ଧରିଛନ୍ତି। ଢେଙ୍କାନାଳ ସହର ମହିଷାପାଟ ଅଞ୍ଚଳରେ ୮ ଡିସିମିଲ ଚାଷଜମିକୁ ଅଣଚାଷ ଜମି କରି ଘରବାରିରେ ପରିବର୍ତ୍ତନ କରିବା ପାଇଁ ମ୍ୟୁଟେସନ କେଶ୍‌କୁ ନେଇ ମହିଷାପାଟ ଅଞ୍ଚଳର ମହେଶ୍ୱର ସାମଲ ନାମକ ଜଣେ ବ୍ୟକ୍ତିଙ୍କଠାରୁ ଢେଙ୍କାନାଳ ସଦର ଆରଆଇ ବରୁଣ ଜେନା ୫୬ ହଜାର ଟଙ୍କା ମାଗିଥିଲେ। ତନ୍ମଧ୍ୟରୁ ୨୬ହଜାର ଟଙ୍କା କାର୍ଯ୍ୟ ପାଇଁ ଡିପୋଜିଟ୍ ହେବ ବୋଲି କହି ଆଉ ୩୦ହଜାର ଟଙ୍କା ତାଙ୍କ ପାଇଁ ମାଗିଥିଲେ। ଏହାପରେ ମହେଶ୍ୱର ଭିଜିଲାନ୍ସ ବିଭାଗର ଦ୍ୱାରସ୍ଥ ହୋଇଥିଲେ। ତଦନୁଯାୟୀ ମଙ୍ଗଳବାର ଅପରାହ୍ନରେ ଢେଙ୍କାନାଳ ସହର କୁଞ୍ଜକାନ୍ତସ୍ଥିତ କାର୍ଯ୍ୟାଳୟରେ ମହେଶ୍ୱରଙ୍କଠାରୁ ଆର୍‌ଆଇ ବରୁଣ ଜେନା ୩୦ହଜାର ଟଙ୍କା ଲାଞ୍ଚ ନେଇ ନିଜର ସହଯୋଗୀ ବଳରାମଙ୍କୁ ଦେଇଦେଇଥିଲେ। ବଳରାମ ଟଙ୍କାକୁ ବାଇକ୍‌ରେ ନେଇ ପଳାଇବାକୁ ବାହାରୁଥିବା ବେଳେ ଢେଙ୍କାନାଳ ଭିଜିଲାନ୍ସ ବିଭାଗ ତାଙ୍କୁ ମାଡ଼ି ବସିଥିଲା। ଏହାପରେ ଉଭୟଙ୍କୁ ଭିଜିଲାନ୍ସ ବିଭାଗ କାର୍ଯ୍ୟାଳୟକୁ ଆଣି ପଚରାଉଚରା କରାଯାଇଥିଲା। ଉକ୍ତ ଜମିଜମା ସମ୍ପର୍କିତ ରେକର୍ଡ ପତ୍ରକୁ ଭିଜିଲାନ୍ସ ବିଭାଗ ଜବତ କରିବା ପରେ ଏ ସଂକ୍ରାନ୍ତରେ ଢେଙ୍କାନାଳ ଭିଜିଲାନ୍ସ ଡିଏସ୍‌ପି ଅନୁସୟା ସେନାପତି ସଦର ତହସିଲଦାରଙ୍କ ସହ ଆଲୋଚନା କରିଥିଲେ। ଭିଜିଲାନ୍ସ ବିଭାଗ ସହରସ୍ଥିତ ହାଡ଼ରୋଡ଼ରେ ଥିବା ଆରଆଇ ବରୁଣଙ୍କ ଘର ସହିତ ତାଙ୍କର ସରକାରୀ କାର୍ଯ୍ୟାଳୟ ଏବଂ ଗଁଦିଆସ୍ଥିତ ପୈତୃକ ଗୃହରେ ଚଢାଉ କରିଛନ୍ତି। ସେହିପରି ନକଲି ପିଅନ ବଳରାମଙ୍କ ଢେଙ୍କାନାଳସ୍ଥିତ ଭଗବାନପୁର ଘରେ ମଧ୍ୟ ଚଢ଼ାଉ କରାଯାଇଛି। ଭିଜିଲାନ୍ସ ଢେଙ୍କାନାଳ ଶାଖା ଡିଏସ୍‌ପି ଅନୁସୟା ସେନାପତି, କଟକ ଶାଖା ଡିଏସ୍‌ପି ସନ୍ତକ ଜେନା, ଇନ୍ସପେକ୍ଟର ଜ୍ୟୋତିଶଙ୍କର ସାହୁ ଓ ରୀତାରାଣୀ ପ୍ରଧାନ ପ୍ରମୁଖ ଚଢ଼ାଉ କରିଥିଲେ। ଏ ସଂକ୍ରାନ୍ତରେ କଟକ ଭିଜିଲାନ୍ସ କେସ୍ ନଂ. ୨୬/୨୦୨୪ରେ ଏକ ମାମଲା ରୁଜୁ କରାଯାଇଛି। ଆର୍‌ଆଇଙ୍କ କାର୍ଯ୍ୟାଳୟରେ ଦୀର୍ଘବର୍ଷ ହେବ ନିଜକୁ ପିଅନ ବୋଲି ପରିଚୟ ଦେଇ କାର୍ଯ୍ୟ କରୁଥିବା ବଳରାମଙ୍କ ସଂପର୍କରେ ଖୋଳତାଡ଼ ଆରମ୍ଭ ହୋଇଛି।

## ୨୧ରୁ ମୋଦିଙ୍କ ଆମେରିକା ଗସ୍ତ

ନୂଆଦିଲ୍ଲୀ, ୧୭।୯

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ୨୧ରୁ ୨୩ ତାରିଖ ଯାଏ ଆମେରିକା ଗସ୍ତରେ ରହିବେ। ସେ ଏହି ଅବସରରେ ଚତୁର୍ଥ କ୍ୱାଡ୍ ଲିଡର୍ସ ସମିଟ୍‌ରେ ଯୋଗଦେବେ ବୋଲି ମଙ୍ଗଳବାର ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଏହି ବୈଠକ ଆମେରିକାର ଡେଲାୱେରର ୱିଲମିଙ୍ଗଟନ୍‌ରେ ଅନୁଷ୍ଠିତ ହେବ। ଏହାସହ ମୋଦି ନିଜ ଆମେରିକା ଗସ୍ତରେ ମିଳିତ ଜାତିସଂଘ ସାଧାରଣ ସଭାର ଏକ କାର୍ଯ୍ୟକ୍ରମକୁ ମଧ୍ୟ ସମ୍ବୋଧନ କରିବେ। କ୍ୱାଡ ଲିଡର୍ସ ସମିଟ୍‌ରେ ଭାରତ ଓ ଆମେରିକା ସହ ଅଷ୍ଟ୍ରେଲିଆ ଏବଂ ଜାପାନ ମଧ୍ୟ ସଦସ୍ୟ ରହିଛନ୍ତି। ଏହି ସମ୍ମିଳନୀରେ ୪ ଦେଶର ନେତାଙ୍କ ପକ୍ଷରୁ ଗତ ବର୍ଷେ ମଧ୍ୟରେ ବିଭିନ୍ନ ବିକାଶମୂଳକ କାର୍ଯ୍ୟର ସମୀକ୍ଷା କରାଯିବା ସହ ଆଗାମୀ ବର୍ଷେ ପାଇଁ ଯୋଜନା ପ୍ରସ୍ତୁତ ହେବ।

## ନ୍ୟୁୟର୍କରେ ସ୍ୱାମୀନାଥନ୍ ମନ୍ଦିର ଭଙ୍ଗାରୁଜାକୁ ନିନ୍ଦା

ନୂଆଦିଲ୍ଲୀ,୧୭।୯

ନ୍ୟୁୟର୍କର ମେଲ୍‌ଭିଲେରେ ବିଏପିଏସ୍ ସ୍ୱାମୀନାଥନ୍ ମନ୍ଦିର ଭଙ୍ଗାରୁଜାକୁ ଆମେରିକା କଂଗ୍ରେସର ସଦସ୍ୟମାନେ ମଙ୍ଗଳବାର ନିନ୍ଦା କରିଛନ୍ତି। ସେମାନେ ଏହାକୁ ଧର୍ମାନ୍ଧତା ଏବଂ ଘୃଣା ବୋଲି କହିବା ସହ ଏଥିପାଇଁ ଜାତୀୟ ନେତାମାନଙ୍କ ଉତ୍ତେଜନାପୂର୍ଣ୍ଣ ବାକ୍‌ପଟୁତାକୁ ଦାୟୀ କରିଛନ୍ତି। ମନ୍ଦିର ଭଙ୍ଗା ଘଟଣାକୁ ନେଇ ଆମେରିକାର ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିବାବେଳେ ଏଭଳି କାର୍ଯ୍ୟକୁ ନିନ୍ଦା କରାଯାଇଛି। ଘୃଣା ହିଂସା ଭାବେ ଏହାର ତଦନ୍ତ କରାଯାଇ ଏଥିପାଇଁ ଦାୟୀ ବ୍ୟକ୍ତିଙ୍କୁ ଦଣ୍ଡିତ କରିବା ପାଇଁ କଂଗ୍ରେସ ସଦସ୍ୟ ଦାବି କରିଛନ୍ତି।

# ଲେବାନନ୍‌ରେ ପେଜର ବିସ୍ଫୋରଣ | ୯ ମୃତ, ୨୮୦୦ ଆହତ

ବେରୁଟ୍, ୧୭।୯

ଲେବାନନ୍‌ରେ ମଙ୍ଗଳବାର ଆମେରିକା ଦ୍ୱାରା ଘୋଷିତ ଆତଙ୍କୀ ସଙ୍ଗଠନ ହେଜ୍‌ବୋଲ୍ଲାକୁ ଟାର୍ଗେଟକରି ଆକ୍ରମଣ ହୋଇଛି। ଲେବାନନ୍‌ରେ ହେଜ୍‌ବୋଲ୍ଲା ସଦସ୍ୟଙ୍କର ଅନେକ ହଜାର ସଂଖ୍ୟାରେ ଥିବା ପେଜର ଏକ ସମୟରେ ବିସ୍ଫୋରଣ ହୋଇଛି। ଲେବାନନ୍ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଅନୁଯାୟୀ, ଉକ୍ତ ବିସ୍ଫୋରଣରେ ୯ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୨,୮୦୦ ଲୋକ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ହେଜ୍‌ବୋଲ୍ଲାର କିଛି ସଦସ୍ୟ ରହିଛନ୍ତି। ସେହିପରି ଲେବାନନ୍‌ରେ କାର୍ଯ୍ୟରତ ଇରାନ ରାଷ୍ଟ୍ରଦୂତ ମୋଜତମା ଅମାମୀ ଉକ୍ତ ବିସ୍ଫୋରଣରେ ଆହତ ହୋଇଥିବା ନେଇ ଇରାନର ସରକାରୀ



ଜଣେ ଆହତଙ୍କୁ ଆମ୍ବୁଲାନ୍ସରେ ହସ୍ପିଟାଲ ନିଆଯାଉଛି।

### ଇସ୍ରାଏଲକୁ ଦାୟୀକଲା ହେଜ୍‌ବୋଲ୍ଲା

ଗଣମାଧ୍ୟମ ପ୍ରକାଶ କରିଛି। ତେବେ ବିସ୍ଫୋରଣ ପାଇଁ ହେଜ୍‌ବୋଲ୍ଲା ଇସ୍ରାଏଲକୁ ଦାୟୀ କରିଛି। ସୁରକ୍ଷାରେ ବଡ଼ ତ୍ରୁଟି ହୋଇଥିବା ନେଇ ହେଜ୍‌ବୋଲ୍ଲା କହିଛି। ଯେଉଁ ପେଜରରେ ବିସ୍ଫୋରଣ ଘଟିଛି ସେଗୁଡ଼ିକ ଅତ୍ୟାଧୁନିକ ମଡେଲର ହୋଇଥିବା ସ୍ଥାନୀୟ ଗଣମାଧ୍ୟମରେ ପ୍ରକାଶ ପାଇଛି। ପେଜର ବିସ୍ଫୋରଣ ଘଟିଥିବା ସ୍ଥାନଗୁଡ଼ିକର ନିକଟବର୍ତ୍ତୀ ହସ୍ପିଟାଲଗୁଡ଼ିକୁ ହାଇ ଆଲର୍ଟ ମୋଡ୍‌ରେ ରଖାଯାଇଥିବା ନେଇ ଲେବାନନ୍ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ସୂଚନା ଦେଇଛି। ସେହିପରି ସମସ୍ତ ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ ହସ୍ପିଟାଲରେ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଆହତଙ୍କ ସହାୟତା ପାଇଁ ୫୦ରୁ ଅଧିକ ଆମ୍ବୁଲାନ୍ସ ଏବଂ ୩୦୦ରୁ ଅଧିକ ଜରୁରିକାଳୀନ କର୍ମଚାରୀଙ୍କୁ ନିୟୋଜିତ କରାଯାଇଥିବା ଲେବାନନ୍ ରେଡ୍‌କ୍ରସ୍ ସୂଚନା ଦେଇଛି। ବିସ୍ଫୋରଣ ପରେ ହେଜ୍‌ବୋଲ୍ଲା ନିଜ ସଦସ୍ୟଙ୍କୁ ମୋବାଇଲ ଫୋନ୍ ବ୍ୟବହାର ନ କରିବାକୁ ପରାମର୍ଶ ଦେଇଛି। ତେବେ ବିସ୍ଫୋରଣକୁ ନେଇ ଇସ୍ରାଏଲୀ ସେନା ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ। ହେଜ୍‌ବୋଲ୍ଲା ଲେବାନନ୍‌ର ରାଜନୈତିକ ଏବଂ ସାମରିକ ଶକ୍ତିକୁ ଦର୍ଶାଉଥିବାବେଳେ ଏହାକୁ ଇରାନ ମଧ୍ୟ ସମର୍ଥନ କରୁଛି। ୨୦୨୩ ଅକ୍ଟୋବରରୁ ଗାଜାରେ ଆରମ୍ଭ ହୋଇଥିବା ଇସ୍ରାଏଲ-ହମାସ ଯୁଦ୍ଧରେ ହେଜ୍‌ବୋଲ୍ଲା ହମାସକୁ ସମର୍ଥନ କରିଆସୁଛି। ହେଜ୍‌ବୋଲ୍ଲା ଉପରେ ଉଭୟ ଆମେରିକା ଏବଂ ୟୁରୋପୀୟ ସଂଘର ପ୍ରତିବନ୍ଧକ ରହିଛି।

## କାର୍‌ରେ ନାବାଳିକାଙ୍କୁ ଗଣବଳାତ୍କାର

ପାଟନା,୧୭।୯

ବିହାରର ସହର୍ଷା ଜିଲାରେ ୨ ଯୁବକ ଜଣେ ନାବାଳିକାଙ୍କୁ ଚଳନ୍ତା କାର ଭିତରେ ଗଣବଳାତ୍କାର କରିଥିବା ଅଭିଯୋଗ ହୋଇଛି। ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଥିବାବେଳେ ଅନ୍ୟ ଜଣଙ୍କୁ ଧରିବା ପାଇଁ ଚଢାଉ ଚଳାଇଛି। ଅପରାଧରେ ବ୍ୟବହୃତ କାରକୁ ଜବତ କରାଯାଇଛି। ଗତ ୧୪ ତାରିଖରେ ନାବାଳିକା ଜଣକ ପାଖ ପଡ଼ିଆରେ ଗାଈ ଚରାଉଥିବାବେଳେ ଅଭିଯୁକ୍ତମାନେ ତାଙ୍କୁ ବନ୍ଧୁକ ଦେଖାଇ ଜବରଦସ୍ତ କାରରେ ଉଠାଇନେବା ସହ ଜଣକ ପରେ ଜଣେ ବଳାତ୍କାର କରିଥିଲେ। ପ୍ରତିରୋଧ କରିବାରୁ ସେମାନେ ନାବାଳିକାଙ୍କୁ ମାଡ଼ ମାରିଥିଲେ। ପୀଡ଼ିତା ସାହାଯ୍ୟ ପାଇଁ ଚିତ୍କାର କରିବାରୁ ସେମାନେ ଡ୍ରାଇଭରକୁ ଉଚ୍ଚ ସ୍ୱରରେ ଗୀତ ବଜାଇବାକୁ କହିଥିଲେ। ପରେ ପୀଡ଼ିତାଙ୍କୁ ଅର୍ଦ୍ଧନଗ୍ନ ଅବସ୍ଥାରେ ଏକ ନିଛାଟିଆ ସ୍ଥାନରେ ଫିଙ୍ଗିଦେଇ ଅଭିଯୁକ୍ତମାନେ ପଳାଇଥିଲେ। ତା ପରଦିନ ପୀଡ଼ିତା ଘରେ ପହଞ୍ଚି ଘଟଣା ସମ୍ପର୍କରେ ଜଣାଇବା ପରେ ସେମାନେ ପୋଲିସରେ ଅଭିଯୋଗ କରିଥିଲେ। ଅଭିଯୁକ୍ତମାନଙ୍କ ଦାବି ନ ରଖିଲେ ସେମାନେ ଅପହରଣ କରିବେ ବୋଲି ପୂର୍ବରୁ ନାବାଳିକାଙ୍କୁ ଧମକ ଦେଇଥିଲେ। ଘଟଣା ପରେ ଅଭିଯୁକ୍ତମାନେ ପୀଡ଼ିତାଙ୍କ ପରିବାରକୁ ଚୁପ୍ ରହିବା ପାଇଁ ଲାଞ୍ଚ ଯାଚିଥିଲେ ବୋଲି ତାଙ୍କ ଖୁଡ଼ୀ ଅଭିଯୋଗ କରିଛନ୍ତି। ଆମେ ଟଙ୍କା ବୁଝେନି, ଝିଅ ପାଇଁ ନ୍ୟାୟ ଚାହୁଁ ବୋଲି ପୀଡ଼ିତାଙ୍କ ବାପା କହିଛନ୍ତି।

## ମରାଠା କୋଟା ଦାବିରେ ମନୋଜ ଜରାଙ୍ଗେଙ୍କ ଆମରଣ ଅନଶନ

ଛତ୍ରପତି ସମ୍ଭାଜୀନଗର, ୧୭।୯(ପି.ଟି.)



ଅନ୍ୟାନ୍ୟ ପଛୁଆ ବର୍ଗ (ଓବିସି) ବର୍ଗରେ ମରାଠାମାନଙ୍କ ପାଇଁ ସଂରକ୍ଷଣ ଦାବିରେ ମନୋଜ ଜରାଙ୍ଗେ ମଙ୍ଗଳବାରଠାରୁ ଆମରଣ ଅନଶନ ଆରମ୍ଭ କରିଛନ୍ତି। ଏହା ଚଳିତ ବର୍ଷ ତାଙ୍କର ଷଷ୍ଠ ଅନଶନ। ମରାଠା ଆକ୍ଟିଭିଷ୍ଟ ଜରାଙ୍ଗେ ତାଙ୍କ ନିଜ ଗାଁ ଜାଲନା ଜିଲାର ଅନ୍ତରୱାଲି ସରାଟିରେ ମଧ୍ୟରାତ୍ରରୁ ଅନଶନରେ ବସିଛନ୍ତି। ଏହା ପୂର୍ବରୁ ସେ ଗଣମାଧ୍ୟମକୁ ସମ୍ବୋଧିତ କରି କହିଥିଲେ, ମହାରାଷ୍ଟ୍ର ସରକାର ଜାଣିଶୁଣି ମରାଠା ସମ୍ପ୍ରଦାୟକୁ ସଂରକ୍ଷଣ ଦେଉନାହାନ୍ତି। ସେମାନଙ୍କ ଦାବି ପୂରଣ ପାଇଁ ମରାଠାମାନେ ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବିସ୍‌ଙ୍କୁ ଆଉ ଗୋଟିଏ ସୁଯୋଗ ଦେଉଛନ୍ତି। କୁନ୍‌ବିମାନଙ୍କୁ ମରାଠା ସମ୍ପ୍ରଦାୟ ସଦସ୍ୟଙ୍କ ରକ୍ତସମ୍ପର୍କୀୟ ଭାବେ ସ୍ୱୀକୃତି ଦେଉଥିବା ଚିଠା ବିଜ୍ଞପ୍ତି କାର୍ଯ୍ୟକାରୀ କରିବା ଏବଂ ସେମାନଙ୍କୁ ଓବିସି ବର୍ଗ ଅଧୀନରେ ସଂରକ୍ଷଣ ସୁବିଧା ଯୋଗାଇ ଦେବାକୁ ଜରାଙ୍ଗେ ଦାବି କରିଛନ୍ତି।

## ଜାତୀୟ ବିଜ୍ଞାନ ପୁରସ୍କାର ଚୟନରେ ସ୍ୱଚ୍ଛତା ରହୁ

### କେନ୍ଦ୍ରକୁ ଚିଠି ଲେଖିଲେ ୨୬ ବୈଜ୍ଞାନିକ

**ନୂଆଦିଲ୍ଲୀ, ୧୭।୯:** କେନ୍ଦ୍ର ସରକାରଙ୍କ ପକ୍ଷରୁ ଗତ ମାସ ୨୨ରେ ଦେଶର ପ୍ରତିଷ୍ଠିତ ବୈଜ୍ଞାନିକମାନଙ୍କୁ ରାଷ୍ଟ୍ରୀୟ ବିଜ୍ଞାନ ପୁରସ୍କାର ପ୍ରଦାନ କରାଯାଇଥିଲା। ତେବେ ଏହି ପୁରସ୍କାରର ଚୟନ ପ୍ରକ୍ରିୟା ଉପରେ ୨୬ ଜଣିଆ ବିଶିଷ୍ଟ ବୈଜ୍ଞାନିକଙ୍କ ଏକ ଦଳ ପ୍ରଶ୍ନ ଉଠାଇ ପ୍ରଧାନମନ୍ତ୍ରୀଙ୍କ ପ୍ରିନ୍ସିପାଲ ସାଇଣ୍ଟିଫିକ୍ ଆଡ୍‌ଭାଇଜର(ପିଏସ୍‌ଏ) ଅଜୟ ସୁଦ୍‌ଙ୍କୁ ପତ୍ର ଲେଖିଛନ୍ତି। ବିଶେଷଜ୍ଞ କମିଟିର ସୁପାରିସ ସତ୍ତ୍ୱେ ମଧ୍ୟ ରାଷ୍ଟ୍ରୀୟ ବିଜ୍ଞାନ ପୁରସ୍କାର ପାଇଁ ରହିଥିବା ଚୟନ ପ୍ରକ୍ରିୟାର ଶେଷ ପର୍ଯ୍ୟାୟରୁ ୩ ଜଣ ବିଶିଷ୍ଟ ବୈଜ୍ଞାନିକଙ୍କୁ ବଞ୍ଚିତ କରାଯାଇଥିବା ନେଇ ଏକ ରିପୋର୍ଟ ପ୍ରକାଶ ପାଇଥିଲା। ଉକ୍ତ ୩ ବୈଜ୍ଞାନିକ ପୂର୍ବରୁ ବିଭିନ୍ନ ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଥିଲେ ବୋଲି ରିପୋର୍ଟରେ ଉଲ୍ଲେଖ ଥିଲା। ଏହି ରିପୋର୍ଟ ଉପରେ ସ୍ପଷ୍ଟୀକରଣ ରଖିବାକୁ ୨୬ ଜଣିଆ ବୈଜ୍ଞାନିକଙ୍କ ଏକ ଟିମ୍ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଛନ୍ତି। ସମସ୍ତ ସନ୍ଦେହକୁ ବିରାମ ଦେବା ସହ ସମ୍ମାନଜନକ ରାଷ୍ଟ୍ରୀୟ ବିଜ୍ଞାନ ପୁରସ୍କାରର ଅଖଣ୍ଡତାକୁ ରକ୍ଷା କରିବା ପାଇଁ ସରକାର ସମ୍ପୂର୍ଣ୍ଣ ପ୍ରକ୍ରିୟାର ସ୍ୱଚ୍ଛତାକୁ ଲୋକଲୋଚନକୁ ଆଣନ୍ତୁ ବୋଲି ଉକ୍ତ ପତ୍ରରେ ବୈଜ୍ଞାନିକମାନେ କହିଛନ୍ତି। ସୂଚନାଯୋଗ୍ୟ, ଗତମାସ ୨୨ରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ବୈଜ୍ଞାନିକମାନଙ୍କୁ ରାଷ୍ଟ୍ରୀୟ ବିଜ୍ଞାନ ପୁରସ୍କାର ପ୍ରଦାନ କରିଥିଲେ।

## ୩୦ ଯବାନଙ୍କ ବିରୋଧରେ ମକଦ୍ଦମା ବନ୍ଦକଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୧୭।୯

### ଉଗ୍ରପନ୍ଥୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ବେଳେ ୧୩ ନାଗରିକଙ୍କ ମୃତ୍ୟୁ ଘଟଣା

୨୦୨୧ରେ ନାଗାଲାଣ୍ଡର ମୋନ୍ ଜିଲାରେ ଉଗ୍ରପନ୍ଥୀଙ୍କ ବିରୋଧରେ ସେନାର ତଲାସୀ ଅଭିଯାନ ବେଳେ ଗୁଳିମାଡ଼ରେ ୧୩ ଜଣ ନାଗରିକ ପ୍ରାଣ ହରାଇଥିଲେ। ଏନେଇ ୩୦ ଜଣ ଯବାନଙ୍କ ବିରୋଧରେ ଚାଲିଥିବା ଆପରାଧିକ ମୋକଦ୍ଦମାକୁ ସୁପ୍ରିମକୋର୍ଟ ମଙ୍ଗଳବାର ବନ୍ଦ କରିଦେଇଛନ୍ତି। ତେବେ ଅଦାଲତଙ୍କ ଏହି ରାୟ ସେନାକୁ ଏହାର ଯବାନମାନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣରେ ବାଧକ ହେବ ନାହିଁ ବୋଲି ଜଷ୍ଟିସ୍ ବିକ୍ରମ ନାଥ ଏବଂ ପି.ବି. ଭରାଲେଙ୍କ ଖଣ୍ଡପୀଠ କହିଛନ୍ତି। ସେନା ଯବାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ କେନ୍ଦ୍ର ସରକାର ଅନୁମତି ଦେଉ ନ ଥିବାରୁ ନାଗାଲାଣ୍ଡ ସରକାର ଏହାକୁ ଚ୍ୟାଲେଞ୍ଜ କରିଥିଲେ। ନାଗାଲାଣ୍ଡ ପୋଲିସ ଦାଏର କରିଥିବା ମୋକଦ୍ଦମା ବନ୍ଦ କରାଯିବାକୁ ନିବେଦନ କରି ଜଣେ ଅଫିସରଙ୍କ ସମେତ ଯବାନମାନଙ୍କ ସ୍ତ୍ରୀଙ୍କ ପକ୍ଷରୁ ଦୁଇଟି ପିଟିଶନ ଦାଏର ହୋଇଥିଲା। ସଶସ୍ତ୍ର ବଳ ସ୍ୱତନ୍ତ୍ର କ୍ଷମତା ଆଇନ (ଏଏଫ୍‌ଏସ୍‌ପିଏ)ରେ ସେନା ଯବାନମାନଙ୍କୁ ରାଜ୍ୟ ସରକାରଙ୍କ ଆଇନଗତ କାର୍ଯ୍ୟାନୁଷ୍ଠାନରୁ ବାଦ୍ ଦିଆଯାଇଥିବା ସେମାନେ ଦର୍ଶାଇଥିଲେ।

## ଅବକାରୀ ଦୁର୍ନୀତି ମାମଲା: ଅମିତ ଆରୋରା, ଅମନଦୀପ୍‌ଙ୍କୁ ଜାମିନ

ନୂଆଦିଲ୍ଲୀ, ୧୭।୯

ଦିଲ୍ଲୀ ଅବକାରୀ ନୀତି ମନିଲଣ୍ଡରିଂ ମାମଲାରେ ହାଇକୋର୍ଟ ମଙ୍ଗଳବାର ବ୍ୟବସାୟୀ ଅମିତ ଆରୋରା ଏବଂ ଅମନଦୀପ ସିଂ ଧଲଙ୍କୁ ଜାମିନ ଦେଇଛନ୍ତି। ଦିଲ୍ଲୀ ସରକାରଙ୍କ ତ୍ରୁଟିପୂର୍ଣ୍ଣ ଅବକାରୀ ନୀତି ଯୋଗୁ ମଦ ବ୍ୟବସାୟୀଙ୍କୁ ଲାଇସେନ୍ସ ସମୟସୀମା ବୃଦ୍ଧି କରାଯାଇ ସେମାନଙ୍କୁ ଅହେତୁକ ଅନୁକମ୍ପା ଦେଖାଯାଇଥିବା ଇଡି ଏବଂ ସିବିଆଇ ଦର୍ଶାଇଥିଲେ। ମନିଲଣ୍ଡରିଂ ମାମଲାରେ ଗୁରୁଗ୍ରାମର ବୁଡ୍ଡି ରିଟେଲ ପ୍ରା.ଲିଃର ନର୍ଦ୍ଦେଶକ ଆରୋରାଙ୍କୁ ଇଡି ୨୦୨୨ ନଭେମ୍ବର ୨୯ରେ ଗିରଫ କରିଥିଲା। ଆରୋରା ଦିଲ୍ଲୀର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆଙ୍କ ଘନିଷ୍ଠ ଥିଲେ। ଉଭୟ ବିବାଦୀୟ ଅବକାରୀ ନୀତି ବଳରେ ମଦ ବ୍ୟବସାୟୀଙ୍କୁ ଲାଇସେନ୍ସ ଦେଇ ବେଆଇନ ଭାବେ ଅର୍ଥ ସଂଗ୍ରହ କରିଥିଲେ। ଏହି ଷଡ଼ଯନ୍ତ୍ରରେ ବ୍ରିଣ୍ଡକୋ ସେଲ୍ସ ପ୍ରା.ଲିଃର ନିର୍ଦ୍ଦେଶକ ଧଲ ସାମିଲ ଥିବା ଇଡି ଦର୍ଶାଇଥିଲା।

**ରାଜ୍ୟ ଖବର**

# ସୁବର୍ଣ୍ଣରେଖା ବନ୍ୟା ସ୍ଥିତି ଗମ୍ଭୀର



ବାଲିଆପାଳ ବ୍ଲକ ଚରବସ୍ତକାଳରୁଇ ଗ୍ରାମର ଲୋକେ ବନ୍ୟାପାଣିରେ ପଶି ମୁଖ୍ୟ ବଜାରକୁ ଆସୁଛନ୍ତି।

- ୪ ବ୍ଲକ୍‌ରେ ଲକ୍ଷାଧିକ ଲୋକ ଜଳବନ୍ଦୀ
- ଦୁର୍ବଳ ବନ୍ଧରେ ଜଗିଲେ ସେଚ ବିଭାଗ

ଭୋଗରାଇ(ପ୍ରଦୀପ ଦାସ)/ ବାଲିଆପାଳ (ଗୋପାଳ ଚନ୍ଦ୍ର ସାହୁ)/କାଳିପଦା (ରାଜଶ୍ରୀ ପାଣିଗ୍ରାହୀ)/ ଜଳେଶ୍ୱର (ରବିନାରାୟଣ ପାତ୍ର), ୧୭।୯

ଝାଡ଼ଖଣ୍ଡର ମାଳାଞ୍ଚଳରେ ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁ ସୁବର୍ଣ୍ଣରେଖାର ନିମ୍ନ ଅବବାହିକରେ ପ୍ରଥମ ଥର ବନ୍ୟା ଦେଖାଦେଇଛି। ସୁବର୍ଣ୍ଣରେଖା ରାଜଘାଟ ଗେଜ୍‌ଠାରେ ବନ୍ୟାଜଳ ବୃଦ୍ଧିପାଇ ମଙ୍ଗଳବାର ମଧ୍ୟାହ୍ନରେ ବିପଦସଂକେତ ୧୦.୩୬ମିଟର ଟପି ରାତି ୮ଟା ୩୦ସୁଦ୍ଧା ୧୧.୦୪ମିଟରରେ ବନ୍ୟାଜଳ ପ୍ରବାହିତ ହେଉଛି। ସୁବର୍ଣ୍ଣରେଖାର ବନ୍ୟାଜଳ ଦୁଇ କୂଳ ଲଙ୍ଘି ଭୋଗରାଇ, ବାଲିଆପାଳ, ବସ୍ତା ଓ ଜଳେଶ୍ୱର ବ୍ଲକ ସହ ମୟୂରଭଞ୍ଜର କେତେକ ପଞ୍ଚାୟତରେ ଉଣା ଅଧିକେ ପାଣି ପ୍ରବେଶ କରିଛି। ଏଭଳି ସ୍ଥିତିରେ ପଶ୍ଚିମବଙ୍ଗର ଦୁଇ ମେଦିନୀପୁର ଜିଲାର ଉଦବୃତ୍ତ ବର୍ଷା ଓ ବନ୍ୟାଜଳ ଭୋଗରାଇ ଏବଂ ଜଳେଶ୍ୱର ତଳି ଅଞ୍ଚଳରେ ପ୍ରବେଶ କରି ସ୍ଥିତିକୁ ବିଗାଡି ଦେଇଛି। ଭୋଗରାଇ ବ୍ଲକର ୨୦ ପଞ୍ଚାୟତର ଶତାଧିକ ଗାଁ ବନ୍ୟା ପ୍ଲାବିତ ହୋଇଥିବାରୁ ଜୀବନଜୀବିକା ଦୁର୍ବିଷହ ହୋଇଛି। ଗୋଟିଏ ଗାଁରୁ ଅନ୍ୟ ଗାଁକୁ ଯିବାକୁ ହେଲେ ଡ଼ଙ୍ଗା ବା କଦଳୀଭେଳା ଏକମାତ୍ର ସାହା ହୋଇଛି। ସୁବର୍ଣ୍ଣରେଖା ଦୁର୍ବଳ ନଦୀବନ୍ଧରେ ସେଚ ବିଭାଗ ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ ହଜାର ହଜାର ବାଲିବସ୍ତା ମହଜୁଦ ରଖାଯାଇଥିବା ସେଚ ବିଭାଗର କନିଷ୍ଠଯନ୍ତ୍ରୀ ବସନ୍ତ କୁମାର ବେହେରା ଓ ଚିତ୍ତରଞ୍ଜନ ସିଅଳ କହିଛନ୍ତି। ସମସ୍ତ ସେଚ କର୍ମଚାରୀଙ୍କୁ ସତର୍କ ରହିବାକୁ ସେଚ ବିଭାଗର ଏସ୍‌ଇ ନବ କୁମାର ମହାଳିକ ନିର୍ଦ୍ଦେଶ ଦେଇଛନ୍ତି। ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଉପଜିଲାପାଳ ପ୍ରଥମେଶ ସିରକେ, ଅତିରିକ୍ତ ଜିଲାପାଳ ନିରଞ୍ଜନ ବେହେରା ବନ୍ୟାସ୍ଥିତି ଅନୁଧ୍ୟାନ କରି ଫେରିଥିଲେ। ବାଲିଆପାଳ ବ୍ଲକର ୧୫ଟି ପଞ୍ଚାୟତରେ ବନ୍ୟା ପାଣି ପଶିଛି। ୫୦ ହଜାରରୁ ଊର୍ଦ୍ଧ୍ୱ ଲୋକ ପ୍ରଭାବିତ ହେବାର ଆଶଙ୍କା ରହିଛି। ବାଲିଆପାଳ ବିଡିଓ ବିନୋଦ ଚନ୍ଦ୍ର ପଣ୍ଡା, ବାଲିଆପାଳ ତହସିଲଦାର ଜନକ କୁମାର ନାୟକ ବିଭିନ୍ନ ବନ୍ୟାଞ୍ଚଳ ବୁଲି ବନ୍ୟା ସ୍ଥିତି ଅନୁଧ୍ୟାନ କରୁଛନ୍ତି। ସୁଭଦ୍ରା ଯୋଜନା ଲୋକାର୍ପଣ ହେଉଥିବାରୁ ତଳିଆ ଅଞ୍ଚଳରୁ ମହିଳାମାନେ ବନ୍ୟାଜଳରେ ପଶି କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ବେଳେ ଲୋକେ ବନ୍ୟାଜଳରେ ପଶି ୧ କି.ମି.ରୁ ଅଧିକ ବାଟ ଯାଇ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ କିଣି ଘରକୁ ଫେରୁଥିବା ଦେଖିବାକୁ ମିଳିଛି। ଜଳେଶ୍ୱରସ୍ଥିତ ଜିଲା କୃଷି ଅଧିକାରୀ ପ୍ରଦୀପ କୁମାର ମହାନ୍ତିଙ୍କ ତଥ୍ୟ ଅନୁଯାୟୀ, ଜଳେଶ୍ୱରର ୩୫ଟି ପଞ୍ଚାୟତର ୧୦୫ଟି ଗାଁର ୨୦୫୦ ହେକ୍ଟର ଧାନଜମି ପାଣିରେ ବୁଡି ରହିଛି।

### ଆଜି ବାଲେଶ୍ୱର ବନ୍ୟାଞ୍ଚଳ ପରିଦର୍ଶନ କରିବେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୭।୯ (ଅନିଲଦାସ)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ବାଲେଶ୍ୱର ବନ୍ୟାଞ୍ଚଳ ପରିଦଶନ କରିବେ। ମୁଖ୍ୟମନ୍ତ୍ରୀ ପୂର୍ବାହ୍ନ ୧୧ଟାରେ ଆକାଶ ମାର୍ଗରୁ ବାଲେଶ୍ୱର ଜିଲାର ଭୋଗରାଇ ଏବଂ ବାଲିଆପାଳ ବନ୍ୟାଞ୍ଚଳ ଅନୁଧ୍ୟାନ କରିବେ। ଏହା ପରେ ବାଲେଶ୍ୱରସ୍ଥିତ ପଦ୍ମାବତୀ ପାର୍କ ଠାରେ ଥିବା ସମ୍ମିଳନୀ କକ୍ଷରେ ମୁଖ୍ୟମନ୍ତ୍ରୀ ବନ୍ୟା ସ୍ଥିତିର ସମୀକ୍ଷା କରିବେ। ଏଥିସହିତ ଓଡ଼ିଶା ମେଡିକାଲ ସେବା ସଂଘର ଏକ କାର୍ଯ୍ୟକ୍ରମରେ ଯୋଗ ଦେବେ। ଅପରାହ୍ନ ୧ଟାରେ ମୁଖ୍ୟମନ୍ତ୍ରୀ ଭୁବନେଶ୍ୱର ଫେରିବାର କାର୍ଯ୍ୟକ୍ରମ ରହିଛି।


**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER, CENTRAL (R&B) CIRCLE, BHUBANESWAR**
Mail ID : seccbbsr@gmail.com
E-procurement Tender Call Notice No.03 of 2024-25
No.3599 (Estg.) Bhubaneswar the 12th September-2024

No.B-291 : The Chief Construction Engineer, Central (R&B) Circle Bhubaneswar on behalf of the Governor of Odisha invites percentage rate bids for one number Building work to be received in online bidding, double cover system for construction work as detailed in : https://tendersodisha.gov.in. The details of bid documents will be available in the above website from **5.00 P.M. of 21.09.2024 to 5.00 P.M. of 05.10.2024**. The bidders must possess compatible digital signature Certificate of Class II or III. Bids received online shall be opened at **11.00 A.M. of 07.10.2024** in the Office of the Chief Construction Engineer, Central (R&B) Circle Bhubaneswar.
Further details can be seen from the e-procurement portal www.tendersodisha.gov.in. Addendum / Corrigendum, if required, will be available only in the Website.

Sd./- Er. M.R. Behera
Chief Construction Engineer
Central (R&B) Circle, Bhubaneswar
OIPR-34156/11/0001/2425



**OFFICE OF THE EXECUTIVE ENGINEER BHUBANESWAR (R&B) DIVISION NO II BHUBANESWAR**
eerb2_bbsr@yahoo.com
INVITATIONS FOR BIDS THROUGH e-Procurement
Bid Identification No-C.C. (R&B)-02
e-Procurement Notice No. 17 of 2024-25

No.B-287 : The Executive Engineer, Bhubaneswar (R&B) Division No-II, Bhubaneswar on behalf of the Governor of Odisha invites percentage rate bids for **Three** Number works to be received in online bidding, Double cover system as detailed in : https://tendersorissa.gov.in. The details of bid documents will be available in the above website from **18.09.2024 to 5.00 P.M. of 25.09.2024**. The bidders must possess compatible Digital Signature Certificate of Class II or III. Bids received online shall be opened at 11.00 A.M. of **26.09.2024** in the Office of the Superintending Engineer, Bhubaneswar (R&B) Division No-II, Bhubaneswar. Further details can be seen from e-procurement portal www.tendersorissa.gov.in. Addendum / Corrrigendum , if required, will be available only in the Website.

Sd./- Executive Engineer,
BBSR (R&B) Division No.II, BBSR
OIPR-34088/11/0008/2425



**ସାର୍ବଜନୀନ ବିଜ୍ଞପ୍ତି**
ଏତଦ୍ୱାରା ସର୍ବସାଧାରଣଙ୍କୁ ସୂଚିତ କରାଯାଉଛି ଯେ **କୋଟାକ୍ ମହିନ୍ଦ୍ରା ବ୍ୟାଙ୍କ ଲିଃ** ନିମ୍ନଲିଖିତ ଗାଡ଼ିଗୁଡ଼ିକ ପାଇଁ ଏକ ନିଲାମ ଆୟୋଜନ କରିଛି।
**ବିକ୍ରୟ ପାଇଁ ଉଦ୍ଦିଷ୍ଟ ଗାଡ଼ି**
1) ମଡେଲ ନଂ. ଟାଟା_ଏଲ୍‌ପିଟି_3718
ଗାଡ଼ି ନଂ. OD01W7411
ନିର୍ମାଣ ବର୍ଷ - 2018
ସଂରକ୍ଷିତ ମୂଲ୍ୟ - 1165000.00
**ମେସର୍ସ କୋଟାକ୍ ମହିନ୍ଦ୍ରା ବ୍ୟାଙ୍କ ଲିଃ** ନିକଟରେ ବନ୍ଧକ ଅଧୀନରେ ଥିବା ଏହି ଗାଡ଼ିଗୁଡ଼ିକୁ **"ଯେପରି ଅଛି ଯେଉଁଠି ଅଛି ଭିତ୍ତିରେ"** ବିକ୍ରୟ କରାଯିବ। ଆଗ୍ରହୀ ପକ୍ଷମାନେ ବିଜ୍ଞାପନ ତାରିଖରୁ 7 ଦିନ ମଧ୍ୟରେ ସେମାନଙ୍କର କୋଟେଶନ
**କୋଟାକ୍ ମହିନ୍ଦ୍ରା ବ୍ୟାଙ୍କ ଲିମିଟେଡ୍,**
184, ତଳ ମହଲା, ଜନପଥ, ଭୁବନେଶ୍ୱର, ଓଡ଼ିଶା - 751001 ଠିକଣାରେ ପଠାଇପାରିବେ କିମ୍ବା ଯୋଗାଯୋଗ କରିପାରିବେ:
ଜ୍ୟୋତି ରଞ୍ଜନ ମିଶ୍ର - 9583041012
ରବି କୁମାର ଡି - 6201641482



**STATE SELECTION BOARD**
**DEPARTMENT OF HIGHER EDUCATION**
**GOVT. OF ODISHA**
**BHUBANESWAR-09**
**NOTICE**
**No.453/SSB, Date:13.09.2024**

**No.N-102:** It is for information of all candidates who have applied for the Post of TGT (Arts), TGT (PCM), TGT (CBZ), Hindi Teachers, Classical Teachers (Sanskrit) and P.E.T. in Non-Govt. fully Aided High Schools of Odisha in pursuance of Advt. No. 01/2024, that the verification of original certificates/ documents of the provisionally shortlisted candidates shall be done at different zones. The list of provisionally shortlisted candidates alongwith detailed instructions and zone wise- date wise- sitting wise schedule of verification is available in the official website of State Selection Board (www.ssbodisha.ac.in). Candidates are instructed to go through the notice given in the website in this regard and act accordingly.

OIPR-11015/11/0017/2425
**Sd./- Secretary**



**ODISHA LIFT IRRIGATION CORPORATION LTD.**
(A Government of Odisha Undertaking)
Plot No. N-17/2, Nayapalli, Bhubaneswar-751012
Phone No. : (0674)2390195(Off), Fax No. : (0674)2395844,
E-mail ID : olicltd123@bsnl.in, olicltd@ymail.com, http://odishalift.com
**NATIONAL COMPETITIVE BIDDING THROUGH e-Procurement**
**No. IT - 18/2024-6027/OLIC, dated : 13.09.2024**

No.CAD-1106: The Managing Director, OLIC Ltd., Bhubaneswar invites percentage rate online tender through e-procurement for installation of bore wells for Solar Pumping Syatem in different districts of Odisha state. Interested Bidders may visit website : www.tendersodisha.gov.in to view and download Detailed Tender Call Notice and bid documents. The bids should be submitted only online in the website www.tendersodisha.gov.in.

**Important features of this NCB are as under :**

| | | | |
|---|---|---|---|
| A | Brief description of Work | : | Installation of bore wells for Solar Pumping System in Sundargarh (Rourkela division), Mayurbhanj (Karanjia division), Angul, Dhenkanal & Rayagada districts of Odisha State (05 Package) |
| B | Estimated cost of works | : | Varies from Rs. 601.84 Lakhs to Rs. 769.44 Lakhs |
| C | Date and time of availability of bid document in the portal | : | From dt. 18.09.2024 to dt. 09.10.2024 (Up to 17.00 Hours) |
| D | Last date/time for receipt of bid in the Portal | : | Dt. 09.10.2024 up to 17.00 Hours |
| E | Last date of seeking clarification | : | Dt. 26.09.2024 up to 17.00 Hours |
| F | Technical Bid will be opened on | : | Dt. 14.10.2024 at 11.00 Hours |

Any Addendum/Corrigendum/Cancellation of tender will be available in the said website.
Authority reserves the right to accept/reject any or all the tenders, increase or decrease the quantities of work put to bidding without assigning any reasons thereof.

SD./- MANAGING DIRECTOR
OLIC LTD., BHUBANESWAR
OIPR-32432/11/0001/2425



**ଦ.ପୂ. ରେଳପଥ - ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ତରଫରୁ ସିନିୟର ଡିଭିଜନାଲ ସିଗ୍‌ନାଲ୍ ଆଣ୍ଡ ଟେଲିକମ୍ ଇଞ୍ଜିନିୟର, ଦକ୍ଷିଣ ପୂର୍ବ ରେଳପଥ, ଆଦ୍ରା, ପିନ୍-୭୨୩୧୨୧, ପଶ୍ଚିମବଙ୍ଗ ନିମ୍ନଲିଖିତ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । ଟେଣ୍ଡରର ସମାପ୍ତି ତାରିଖ ଓ ସମୟ ହେଉଛି **ତା୦୪।୧୦।୨୦୨୪ରିଖ, ୧୧.୦୦ ଘଟିକା** । ବିବରଣୀ ୱେବ୍‌ସାଇଟ୍ **www.ireps.gov.in**ରେ ଉପଲବ୍ଧ: **ଟେଣ୍ଡର ବିଜ୍ଞପ୍ତି ନଂ.: ଏସ୍‌ଏନ୍‌ଟି_ଇ_ଟେଣ୍ଡର_ଏଡିଏ_୨୪_୨୫_୨୨, ତାରିଖ: ୧୪।୦୯।୨୦୨୪। କାର୍ଯ୍ୟର ନାମ:** ନିମ୍ନଲିଖିତ ସଂକ୍ରାନ୍ତରେ ସିଗ୍‌ନାଲ ଓ ଟେଲିକମ୍ କାର୍ଯ୍ୟ (ଇନ୍‌ଡୋର୍ ଓ ଆଉଟ୍‌ଡୋର୍) (i) ଅନାରାର ୟାର୍ଡ ରିମଡେଲିଂ ଅର୍ଥାତ୍ ଡିଏନ୍ ୟାର୍ଡରେ ୩ଟି ନୂଆ ଲାଇନ୍ (ଲାଇନ୍ ନଂ.- ୭, ୮ ଓ ୯)ର ବ୍ୟବସ୍ଥା ଏବଂ ପୂର୍ଣ୍ଣ ସିଏସ୍‌ଏଲ୍ ପାଇବା ପାଇଁ ବଗାଲିଆ ପ୍ରାନ୍ତ ଆଡ଼କୁ କ୍ରସ୍ ଓଭରର ଶିଫ୍ଟିଂ ଦ୍ୱାରା ଲାଇନ୍ ନଂ.-୨, ୩ ଓ ୪ର ସମ୍ପ୍ରସାରଣ । (ii) ଗୋକୁଳନଗରରୁ ରିସେପ୍ସନ୍ ସୁବିଧା ସହିତ ବିଷ୍ଣୁପୁର ଷ୍ଟେଶନଠାରେ କମନ୍ ଲୁପ୍ ଭାବେ ୟୁପି ଲୁପ୍ ଲାଇନ୍‌ର ବ୍ୟବସ୍ଥା ଦ୍ୱାରା ଡିଏନ୍ ମେନ୍ ତଥା ୟୁପି ଲୁପ୍ ସୁବିଧାକୁ ଉଚ୍ଛେଦ କରିବା ପାଇଁ ଉଭୟ ପ୍ରାନ୍ତରେ ୟୁପି ଓ ଡିଏନ୍ ମେନ୍ ଲାଇନ୍ କ୍ରସ୍ ଓଭରକୁ ଭାଙ୍ଗିବା ଏବଂ (iii) ଆଦ୍ରା ଡିଭିଜନର ଲାଇନ୍ ନଂ.-୧ ପାର୍ଶ୍ୱରେ ୪୫୦ ମିଟର ଲାଇନ୍‌ର ବ୍ୟବସ୍ଥା କରି ବୋକାରୋ (ବିକେଏସ୍‌ସି) ଗୁଡ୍‌ସ ଶେଡ୍‌ର ବିକାଶ । **ଟେଣ୍ଡର ମୂଲ୍ୟ:** ₹୫,୮୬,୪୪,୬୧୧.୯୮।

ଭାରତର ରାଷ୍ଟ୍ରପତିଙ୍କ ତରଫରୁ ସିନିୟର ଡିଭିଜନାଲ ସିଗ୍‌ନାଲ୍ ଆଣ୍ଡ ଟେଲିକମ୍ ଇଞ୍ଜିନିୟର, ଦକ୍ଷିଣ ପୂର୍ବ ରେଳପଥ, ଆଦ୍ରା, ପିନ୍-୭୨୩୧୨୧, ପଶ୍ଚିମବଙ୍ଗ ନିମ୍ନଲିଖିତ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । ଟେଣ୍ଡରର ସମାପ୍ତି ତାରିଖ ଓ ସମୟ ହେଉଛି **ତା୩୦।୦୯।୨୦୨୪ରିଖ, ୧୧.୦୦ ଘଟିକା** । ବିବରଣୀ ୱେବ୍‌ସାଇଟ୍ **www.ireps.gov.in**ରେ ଉପଲବ୍ଧ: **କ୍ର.ସଂ.-୧ । ଟେଣ୍ଡର ବିଜ୍ଞପ୍ତି ନଂ.: ଏସ୍‌ଏନ୍‌ଟି_ଇ_ଟେଣ୍ଡର_ଏଡିଏ_୨୪_୨୫_୧୮, ତାରିଖ: ୧୪।୦୯।୨୦୨୪। କାର୍ଯ୍ୟର ନାମ:** ନିମ୍ନଲିଖିତ ସଂକ୍ରାନ୍ତରେ ଏସ୍ ଆଣ୍ଡ ଟି କାର୍ଯ୍ୟ (i) ଆଦ୍ରା ଡିଭିଜନରେ ତିନି (୦୩) ଗୋଟି ଅଣ-ଇଣ୍ଟରଲକ୍‌ଡ ଏଲସି ଗେଟ୍ (ଡିକେ-୬, କେଏ-୬୩ ଓ ଏମ୍‌ଆର୍-୩୨)ର ଇଣ୍ଟରଲକିଂ । (ii) ଆଦ୍ରା ଡିଭିଜନର ୩ ଗୋଟି ଅଣ-ଇଣ୍ଟରଲକ୍‌ଡ ଇଏନ୍‌ଜିଜି ଏଲସି ଗେଟ୍ ନଂ. ବିଆର୍-୪୭, ଜେସି-୨୪ ଓ ଏଏମ୍-୩୮ର ଇଣ୍ଟରଲକିଂ । (iii) ଆଦ୍ରା ଡିଭିଜନରେ ବିଦ୍ୟମାନ ପୁରୁଣା ଏଣ୍ଡ କ୍ୟାବିନ୍ ଲିଭର୍ ଫ୍ରେମ୍‌ରୁ ଗେଟ୍ ଲକ୍‌କୁ ବଦଳାଇବା ପାଇଁ ୫ ଗୋଟି ଏଲସି ଗେଟ୍ (କେଏ-୨୭, କେଏ-୭୨, କେଏ-୧୫୭, ଜେସି-୧୪ ଏବଂ ଜେସି-୪୦)ଠାରେ ଗେଟ୍ ଗୁମ୍‌ଟି ସହିତ ନୂଆ ଇଏଲ୍‌ବିର ବ୍ୟବସ୍ଥା ଏବଂ (iv) ଆଦ୍ରା ଡିଭିଜନରେ ୯ ଗୋଟି ଇଏନ୍‌ଜିଜି. ଗେଟ୍ (କେଏ-୧୦୨, କେଏ-୧୦୬, ଏଏମ୍-୭, କେଏ-୧୪୨, କେଏ-୧୬୦, କେଏ-୧୪୭, ପିକେ-୩, ଆର୍‌ଏ-୮ ଏବଂ ବିଜି-୫) ନିମନ୍ତେ ଏମ୍‌ଏଲ୍‌ବିକୁ ଇଏଲ୍‌ବି ଗେଟ୍‌ରେ ରୂପାନ୍ତରଣ କରିବା । **ଟେଣ୍ଡର ମୂଲ୍ୟ:** ₹୨,୩୨,୩୦,୧୩୦.୬୯ । **କ୍ର.ସଂ.-୨ । ଟେଣ୍ଡର ବିଜ୍ଞପ୍ତି ନଂ.: ଏସ୍‌ଏନ୍‌ଟି_ଇ_ଟେଣ୍ଡର_ଏଡିଏ_୨୪_୨୫_୧୯, ତାରିଖ: ୧୪।୦୯।୨୦୨୪। କାର୍ଯ୍ୟର ନାମ:** ଆଦ୍ରା ଡିଭିଜନରେ ଚରା ଷ୍ଟେଶନଠାରେ ଚରା ଗୁଡ୍‌ସ ୟାର୍ଡ ସମ୍ବନ୍ଧରେ ନୂଆ ଇଲେକ୍ଟ୍ରୋନିକ୍ସ ଇଣ୍ଟରଲକିଂ ସିଷ୍ଟମ୍, ଇନ୍‌ଡୋର୍ ଏବଂ ଆଉଟ୍‌ଡୋର୍ ସିଗ୍‌ନାଲିଂ ଓ ଟେଲିକମ୍ କାର୍ଯ୍ୟର ବ୍ୟବସ୍ଥା। **ଟେଣ୍ଡର ମୂଲ୍ୟ:** ₹୫,୭୧,୫୦,୭୭୪.୦୬ । **କ୍ର.ସଂ.-୩ । ଟେଣ୍ଡର ବିଜ୍ଞପ୍ତି ନଂ.: ଏସ୍‌ଏନ୍‌ଟି_ଇ_ଟେଣ୍ଡର_ଏଡିଏ_୨୪_୨୫_୨୧, ତାରିଖ: ୧୪।୦୯।୨୦୨୪। କାର୍ଯ୍ୟର ନାମ:** ଆଦ୍ରା ଡିଭିଜନରେ ବେରୋ ଷ୍ଟେଶନଠାରେ ସାଇଡିଂ କାର୍ଯ୍ୟ ସଂକ୍ରାନ୍ତରେ ନୂଆ ଇଲେକ୍ଟ୍ରୋନିକ୍ସ ଇଣ୍ଟରଲକିଂ ସିଷ୍ଟମ୍, ଇନ୍‌ଡୋର୍ ଏବଂ ଆଉଟ୍‌ଡୋର୍ ସିଗ୍‌ନାଲିଂ ଓ ଟେଲିକମ୍ କାର୍ଯ୍ୟର ବ୍ୟବସ୍ଥା । **ଟେଣ୍ଡର ମୂଲ୍ୟ:** ₹୬,୮୩,୦୬,୦୬୦.୩୫ । (PR-611)



**ODISHA LIFT IRRIGATION CORPORATION LTD.**
(A Government of Odisha Undertaking)
Plot No. N-17/2, Nayapalli, Bhubaneswar-751012
Phone No. : (0674)2390195(Off), Fax No. : (0674)2395844,
E-mail ID : olicltd123@bsnl.in, olicltd@ymail.com, http://odishalift.com
**NATIONAL COMPETITIVE BIDDING THROUGH e-Procurement**
**No. IT - 17/2024-6013/OLIC, dated : 12.09.2024**

No.CAD-1102: The Managing Director, OLIC Ltd., Bhubaneswar invites percentage rate online tender through e-procurement for installation of bore wells for Solar Pumping System in different districts of Odisha state. Interested Bidders may visit website : www.tendersodisha.gov.in to view and download Detailed Tender Call Notice and bid documents. The bids should be submitted only online in the website www.tendersodisha.gov.in.

**Important features of this NCB are as under :**

| | | | |
|---|---|---|---|
| A | Brief description of Work | : | Installation of bore wells for Solar Pumping System in Jharsuguda, Deogarh, Koraput, Nuapada & Subarnapur districts of Odisha State (05 Package) |
| B | Estimated cost of works | : | Varies from Rs. 399.97 Lakhs to Rs. 1418.30 Lakhs |
| C | Date and time of availability of bid document in the portal | : | From dt. 18.09.2024 to dt. 09.10.2024 (Up to 17.00 Hours) |
| D | Last date/time for receipt of bid in the Portal | : | Dt. 09.10.2024 up to 17.00 Hours |
| E | Last date of seeking clarification | : | Dt. 26.09.2024 up to 17.00 Hours |
| F | Technical Bid will be opened on | : | Dt. 14.10.2024 at 11.00 Hours |

Any Addendum/corrigendum/Cancellation of tender will be available in the said website.
Authority reserves the right to accept/reject any or all the tenders, increase or decrease the quantities of work put to bidding without assigning any reasons thereof.

OIPR-32432/11/0002/2425
SD./- MANAGING DIRECTOR
OLIC LTD, BHUBANESWAR



**ODISHA LIFT IRRIGATION CORPORATION LTD.**
(A Government of Odisha Undertaking)
Plot No. N-17/2, Nayapalli, Bhubaneswar-751012
Phone No. : (0674)2390195(Off), Fax No. : (0674)2395844,
E-mail ID : olicltd123@bsnl.in, olicltd@ymail.com, http://odishalift.com
**NATIONAL COMPETITIVE BIDDING THROUGH e-Procurement**
**No. IT - 19/2024-6073/OLIC, dated : 17.09.2024**

No.CAD-1115: The Managing Director, OLIC Ltd., Bhubaneswar invites percentage rate online tender through e-procurement for installation of bore wells for Solar Pumping System in different districts of Odisha state. Interested Bidders may visit website : www.tendersodisha.gov.in to view and download Detailed Tender Call Notice and bid documents. The bids should be submitted only online in the website www.tendersodisha.gov.in.

**Important features of this NCB are as under :**

| | | | |
|---|---|---|---|
| A | Brief description of Work | : | Installation of bore wells for Solar Pumping System in Nabarangpur, Kandhamal, Boudh & Sundargarh (Sundargarh Division) districts of Odisha State (04 Package) |
| B | Estimated cost of works | : | Varies from Rs. 176.20 Lakhs to Rs. 1307.59 Lakhs |
| C | Date and time of availability of bid document in the portal | : | From dt. 18.09.2024 to dt. 09.10.2024 (Up to 17.00 Hours) |
| D | Last date/time for receipt of bid in the Portal | : | Dt. 09.10.2024 up to 17.00 Hours |
| E | Last date of seeking clarification | : | Dt. 26.09.2024 up to 17.00 Hours |
| F | Technical Bid will be opened on | : | Dt. 14.10.2024 at 11.00 Hours |

Any Addendum/corrigendum/Cancellation of tender will be available in the said website.
Authority reserves the right to accept/reject any or all the tenders, increase or decrease the quantities of work put to bidding without assigning any reasons thereof.

OIPR-32432/11/0003/2425
SD./- MANAGING DIRECTOR
OLIC LTD, BHUBANESWAR

**ସେପ୍ଟେମ୍ବର ୨୭ରୁ ଏଜିଆଇଏଫ୍**

ନୂଆଦିଲ୍ଲୀ: ଦେଶର ପ୍ରମୁଖ ଇ କର୍ମସ ପ୍ଲାଟ୍‌ଫର୍ମ ତଥା ଆମାଜନ.ଇନ୍‌ର ବହୁ ପ୍ରତୀକ୍ଷିତ ଆମାଜନ୍ ଗ୍ରେଟ୍ ଇଣ୍ଡିଆନ୍ ଫେଷ୍ଟିଭାଲ୍ (ଏଜିଆଇଏଫ୍) ସେଲର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ସେଲ୍ ୨୦୨୪ ସେପ୍ଟେମ୍ବର ୨୭ରୁ ଆରମ୍ଭ ହେଉଛି। ଏଥିରେ ପ୍ରାଇମ୍ ସଦସ୍ୟମାନଙ୍କ ପାଇଁ ୨୪ଘଣ୍ଟାର ଆଗୁଆ ଆକ୍ସେସ୍ ରହିବ। ଭାରତର ପସନ୍ଦ ଏବଂ ବିଶ୍ୱସ୍ତ ଅନ୍‌ଲାଇନ ମାର୍କେଟ ପ୍ଲେସ୍‌ରେ ଦ୍ରୁତ ଏବଂ ବିଶ୍ୱସନୀୟ ଡେଲିଭରି ସୁବିଧା ସହ ଗ୍ରାହକମାନେ ଉତ୍ପାଦଗୁଡ଼ିକର ବ୍ୟାପକ ଚୟନ ଉପରେ ଆକର୍ଷଣୀୟ ଡିଲ୍ ଉପଭୋଗ କରିପାରିବେ।

# ଖାଇବା ତେଲ ଉପରେ ମୌଳିକ କଷ୍ଟମ୍ସ ଶୁଳ୍କ ବୃଦ୍ଧି

## ଏମ୍ଆର୍‌ପି ଅପରିବର୍ତ୍ତିତ ରଖିବାକୁ ତୈଳ ସଙ୍ଗଠନକୁ ପରାମର୍ଶ



ଭୁବନେଶ୍ୱର,୧୭।୯ (ଅନୁରାଧା ମହାରଣା)

ଖାଦ୍ୟ ଏବଂ ସାଧାରଣ ବଣ୍ଟନ ବିଭାଗ (ଡିଏଫ୍‌ପିଡି) ସଚିବ, ସଲ୍‌ଭେଣ୍ଟ ଏକ୍ସଟ୍ରାକସନ ଆସୋସିଏସନ ଅଫ୍ ଇଣ୍ଡିଆ (ଏସ୍ଇଏଆଇ), ଇଣ୍ଡିଆନ ଭେଜିଟେବୁଲ ଅଏଲ ଉତ୍ପାଦକ ସଂଘ (ଆଇଭିପିଏ) ଏବଂ ସୋୟାବିନ ତୈଳ ଉତ୍ପାଦକ ସଂଘ (ସୋପା)ର ପ୍ରତିନିଧିଙ୍କ ସହ ଦରଦାମ ନିୟନ୍ତ୍ରଣ ରଣନୀତି ଉପରେ ଆଲୋଚନା କରିଛନ୍ତି। ଅଗ୍ରଣୀ ଖାଇବା ତେଲ ସଙ୍ଗଠନଗୁଡିକ ଆମଦାନୀ ହେଉଥିବା ଖାଇବା ତେଲ ଷ୍ଟକ୍‌ଗୁଡିକ ଶୂନ ଏବଂ ୧୨.୫ ପ୍ରତିଶତ ମୌଳିକ କଷ୍ଟମ୍ସ ଡ୍ୟୁଟି(ବିସିଡି) ଉପଲବ୍ଧ ନ ହେବା ପର୍ଯ୍ୟନ୍ତ ଖାଇବା ତେଲର ଏମ୍ଆର୍‌ପି ଅପରିବର୍ତ୍ତିତ ରଖିବାକୁ ପରାମର୍ଶ ଦିଆଯାଇଛି।

ଏହା ପୂର୍ବରୁ ଅଗ୍ରଣୀ ଖାଇବା ତେଲ ସଙ୍ଗଠନ ସହ ବିଭାଗର ବୈଠକରେ ଶିଳ୍ପ ଦ୍ୱାରା ସୂର୍ଯ୍ୟମୁଖୀ, ସୋୟାବିନ ଏବଂ ସୋରିଷ ତେଲ ଭଳି ଖାଇବା ତେଲର ଏମ୍ଆର୍‌ପି ହ୍ରାସ ପାଇଥିଲା। ଅନ୍ତର୍ଜାତୀୟ ବଜାରରେ ମୂଲ୍ୟ ହ୍ରାସ ଏବଂ ଖାଇବା ତେଲ ଉପରେ ଆମଦାନୀ ଶୁଳ୍କ ହ୍ରାସ ହେତୁ ତୈଳ ମୂଲ୍ୟ ହ୍ରାସ ପାଇଛି। ସମୟ ସମୟରେ, ଶିଳ୍ପ ଉପରେ ଘରୋଇ ମୂଲ୍ୟକୁ ଅନ୍ତର୍ଜାତୀୟ ମୂଲ୍ୟ ସହ ସମାନ କରିବାକୁ ପରାମର୍ଶ ଦିଆଯାଇଛି ଯାହା ଦ୍ୱାରା ଗ୍ରାହକଙ୍କ ଉପରେ କୌଣସି ବୋଝ ପଡ଼ିବ ନାହିଁ।

ଘରୋଇ ତୈଳବୀଜ ମୂଲ୍ୟକୁ ସମର୍ଥନ କରିବା ପାଇଁ କେନ୍ଦ୍ର ସରକାର ବିଭିନ୍ନ ଖାଇବା ତେଲ ଉପରେ ମୌଳିକ କଷ୍ଟମ୍ସ ଶୁଳ୍କ ବୃଦ୍ଧି କରିଛନ୍ତି। ଅଶୋଧିତ ସୋୟାବିନ ତେଲ, ଅଶୋଧିତ ପାମ୍ ତେଲ ଏବଂ ଅଶୋଧିତ ସୂର୍ଯ୍ୟମୁଖୀ ତେଲ ଉପରେ ମୌଳିକ କଷ୍ଟମସ୍ ଶୁଳ୍କ ଶୂନରୁ ୨୦ ପ୍ରତିଶତକୁ ବୃଦ୍ଧି କରାଯାଇ ସେପ୍ଟେମ୍ବର ୧୪ରୁ ଅଶୋଧିତ ତୈଳ ଉପରେ ପ୍ରଭାବଶାଳୀ ଶୁଳ୍କ ୨୭.୫ ପ୍ରତିଶତକୁ ନିଆଯାଇଛି। ଏଥିସହ ବିଶୋଧିତ ପାମ୍ ତେଲ, ବିଶୋଧିତ ସୂର୍ଯ୍ୟମୁଖୀ ତେଲ ଏବଂ ବିଶୋଧିତ ସୋୟାବିନ ତେଲ ଉପରେ ମୌଳିକ କଷ୍ଟମ୍ସ ଶୁଳ୍କ ୧୨.୫ ପ୍ରତିଶତରୁ ୩୨.୫ ପ୍ରତିଶତକୁ ବୃଦ୍ଧି କରାଯାଇ ବିଶୋଧିତ ତେଲ ଉପରେ ପ୍ରଭାବଶାଳୀ ଶୁଳ୍କ ୩୫.୭୫ ପ୍ରତିଶତକୁ ନିଆଯାଇଛି। ଘରୋଇ ତୈଳବୀଜ ଚାଷୀଙ୍କୁ ସହାୟତା କରିବା ପାଇଁ ସରକାର ପ୍ରୟାସ କରୁଥିବା କୁହାଯାଇଥିବାବେଳେ ଅକ୍ଟୋବରରୁ ନୂଆ ସୋୟାବିନ ଏବଂ ବାଦାମ ଫସଲ ବଜାରରେ ପହଞ୍ଚିବ ବୋଲି ଆଶା କରାଯାଉଛି।

ସୋୟାବିନ, ତେଲ, ପାମ୍ ଅଏଲ୍ ଏବଂ ଅନ୍ୟାନ୍ୟ ତୈଳବୀଜର ବିଶ୍ୱ ଉତ୍ପାଦନରେ ବୃଦ୍ଧି ହୋଇଛି। ଗତ ବର୍ଷ ତୁଳନାରେ ଅଧିକ ଷ୍ଟକ୍ ଏବଂ ବିଶ୍ୱରେ ଅଧିକ ଉତ୍ପାଦନ ହେତୁ ଖାଇବା ତେଲର ବିଶ୍ୱ ମୂଲ୍ୟରେ ହ୍ରାସ ଏହି ପରିସ୍ଥିତିରେ ଶସ୍ତା ତେଲ ଆମଦାନୀରେ ବୃଦ୍ଧି ଘଟିଛି। ଆମଦାନୀ ହେଉଥିବା ଖାଇବା ତେଲର ମୂଲ୍ୟ ବୃଦ୍ଧି , ଏହି ପଦକ୍ଷେପଗୁଡିକ ଘରୋଇ ତୈଳବୀଜ ମୂଲ୍ୟ ବୃଦ୍ଧି, ଉତ୍ପାଦନକୁ ସମର୍ଥନ କରିବା ଏବଂ କୃଷକମାନଙ୍କୁ ସେମାନଙ୍କ ଉତ୍ପାଦ ପାଇଁ ଯଥେଷ୍ଟ କ୍ଷତିପୂରଣ ପ୍ରଦାନ କରିବାକୁ ଲକ୍ଷ୍ୟ ରଖାଯାଇଛି। ପ୍ରାୟ ୩୦ ଏଲ୍ଏମ୍‌ଟି ଷ୍ଟକ୍ ଖାଇବା ତେଲ ଘରୋଇ ବ୍ୟବହାରର ୪୫ ରୁ ୫୦ ଦିନ ପାଇଁ ଯଥେଷ୍ଟ ବୋଲି ସରକାରୀସ୍ତରରେ ଆକଳନ କରାଯାଇଛି।

# ଶେୟାର ବଜାର କାରବାରରେ ଉତ୍ସାହ

ନୂଆଦିଲ୍ଲୀ,୧୭।୯(ଅଭୟ ଦାଶ)

କ୍ରମାଗତ ୨ୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଏପରିକି ଚଳିତ ସପ୍ତାହର ଦ୍ୱିତୀୟ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢ଼ାଇଛନ୍ତି। ବିଶେଷ କରି ମଙ୍ଗଳବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନ୍‌ସେକ୍ସ ୯୧ (୯୦.୮୮) ପଏଣ୍ଟ ବଢ଼ି ୮୩,୦୮୦ (୮୩,୦୭୯.୬୬) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ)ର ନିଫ୍ଟି-୫୦ରେ ମଧ୍ୟ ୩୫ (୩୪.୮୦) ପଏଣ୍ଟ ବୃଦ୍ଧି ଘଟି ୨୫,୪୧୯ (୨୫,୪୧୮.୫୫) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନଏସଇ ନିଫ୍ଟି ମିଡକ୍ୟାପ,ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ବୃଦ୍ଧି ଘଟିଛି।

# ଟାଟା ପାୱାରର ଦକ୍ଷତା ବିକାଶ ଅଭିଯାନ



ଭୁବନେଶ୍ୱର,୧୭।୯(ଅଭୟ ଦାଶ)

ଟାଟା ପାୱାରର ବହୁ ପ୍ରତୀକ୍ଷିତ ଯୋଜନା 'ଟାଟା ପାୱାର ଦକ୍ଷତା ବିକାଶ ଅଭିଯାନ'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା ହୋଇଯାଇଛି। ଏପରିକି ନିକଟରେ ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ସ୍ଥାପନ ହୋଇଛି। ଉଭୟ ସଂସ୍ଥାଙ୍କ ମଧ୍ୟରେ ଚୁକ୍ତି ସ୍ୱାକ୍ଷର ହେବା ପରେ ଏହି ବ୍ୟାପକ ଦକ୍ଷତା ବିକାଶ ଅଭିଯାନ ଆଇଟିଆଇ ଛାତ୍ରୀଛାତ୍ରମାନଙ୍କୁ ସଶକ୍ତ କରିବା ପାଇଁ ଲକ୍ଷ୍ୟ ରଖିଛି, ଏହା ଛାତ୍ରୀଛାତ୍ରମାନଙ୍କ ଭବିଷ୍ୟତ ଲାଗି ଆବଶ୍ୟକ ଦକ୍ଷତା ପ୍ରଦାନ କରି ଉଲ୍ଲେଖନୀୟ ଅଗ୍ରଗତି ହାସଲ କରିଛି।

ସ୍କିଲ୍‌ଡ ଇନ୍ ଓଡ଼ିଶା'ର ଏକ ଅଂଶସ୍ୱରୂପ,ଟାଟା ପାୱାରର ଏହି ସହଯୋଗିତା ସାରା ରାଜ୍ୟର ଅନେକ ଆଇଟିଆଇ ପାଖରେ ପହଞ୍ଚିଥିବା ବେଳେ ଶହ ଶହ ଛାତ୍ରୀଛାତ୍ର ଉପକୃତ ହୋଇଛନ୍ତି। ଛାତ୍ରୀଛାତ୍ରମାନଙ୍କୁ ଶିଳ୍ପ ଲାଗି ଉପଯୋଗୀ ଦକ୍ଷତା ଓ ଶକ୍ତି ଶିଳ୍ପର ପ୍ରତ୍ୟକ୍ଷ ଜ୍ଞାନ ପ୍ରଦାନ କରିବା ଲାଗି ଏହି ଅଭିଯାନ ପ୍ରସ୍ତୁତ କରାଯାଇଛି। ଶ୍ରେଣୀ ଗୃହ ଶିକ୍ଷା ଓ ବାସ୍ତବ ଦୁନିଆର ପ୍ରୟୋଗ ମଧ୍ୟରେ ରହିଥିବା ଅନ୍ତରକୁ ଦୂର କରି ଏହା ଓଡ଼ିଶାର ଯୁବବର୍ଗଙ୍କ ନିଯୁକ୍ତି ହାସଲ କ୍ଷମତାରେ ଉଲ୍ଲେଖନୀୟ ଉନ୍ନତି ଆଣିପାରିଛି।

ଉଭୟ ବର୍ତ୍ତମାନ ଓ ଭବିଷ୍ୟତର ଶିଳ୍ପ ଆବଶ୍ୟକତା ପୂରଣ କରିବା ଲାଗି ଏହି କାର୍ଯ୍ୟକ୍ରମକୁ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ କରିଛନ୍ତି। ଯେଉଁଥିରେ ଇଲେକ୍ଟ୍ରିକାଲ ଓ ଲଘୁ ଦକ୍ଷତା ଉପରେ ସ୍ୱତନ୍ତ୍ର ଗୁରୁତ୍ୱ ପ୍ରଦାନ କରାଯାଇଛି। ଜାତୀୟ ଦକ୍ଷତା ଯୋଗ୍ୟତା ଫ୍ରେମୱର୍କ (ଏନଏସକ୍ୟୁଏଫ) ସହିତ ଏହି ମଡ୍ୟୁଲଗୁଡ଼ିକ ସମନ୍ୱିତ ରହିଛି,ଯାହା ଉଚ୍ଚମାନର ତାଲିମ ସୁନିଶ୍ଚିତ କରୁଛି। ଏହି ଅଭିଯାନର ପ୍ରଥମ ପର୍ଯ୍ୟାୟରେ ପାଖାପାଖି ୨୦୦୦ ଛାତ୍ରୀଛାତ୍ରଙ୍କୁ ତାଲିମ ପ୍ରଦାନ କରାଯିବ ଏବଂ ପାଠ୍ୟ ଉପକରଣରେ ବିଦ୍ୟୁତ ସୁରକ୍ଷା ଉପରେ ସ୍ୱତନ୍ତ୍ର ଗୁରୁତ୍ୱ,ରାଜ୍ୟରେ ସୁରକ୍ଷିତ ଓ ଉନ୍ନତ ବିଦ୍ୟୁତ ସ୍ଥାପନାରେ ଉନ୍ନତି ଆଣିବ।

କଟକ, ଭୁବନେଶ୍ୱର, ଢେଙ୍କାନାଳ, ପଟ୍ଟାମୁଣ୍ଡାଇ ଓ ବାଲେଶ୍ୱର ଆଇଟିଆଇରେ ସଫଳତାର ସହ ପ୍ରାରମ୍ଭିକ ଅଧିବେଶନ ଆୟୋଜନ କରାଯାଇଛି। ଟାଟା ପାୱାରର ଅଭିଜ୍ଞ ପ୍ରଫେସନାଲମାନେ ପ୍ରାକ୍ଟିକାଲ୍ ତାଲିମ ଅଧିବେଶନ ଆୟୋଜନ କରି ଛାତ୍ରୀଛାତ୍ରମାନଙ୍କୁ ମୂଲ୍ୟବାନ ମେଣ୍ଟରଶିପ ପ୍ରଦାନ କରୁଥିବାବେଳେ ସେମାନଙ୍କୁ ଶିଳ୍ପର ଶ୍ରେଷ୍ଠ ଅଭ୍ୟାସ ଓ ଶକ୍ତି କ୍ଷେତ୍ରର ଉନ୍ନତ ପ୍ରଯୁକ୍ତି ବିଷୟରେ ଜଣାଉଛନ୍ତି।

# ପତଞ୍ଜଳି ପାଥୋଲୋଜି ଲାବ୍‌ରେ ଅତ୍ୟାଧୁନିକ ମେଶିନର ଲୋକାର୍ପଣ

ନୂଆଦିଲ୍ଲୀ,୧୭।୯ (ଅଭୟ ଦାଶ)

ଦେଶର ପ୍ରମୁଖ ଘରୋଇ ପ୍ରତିଷ୍ଠାନ ତଥା ପତଞ୍ଜଳି ଆୟୁର୍ବେଦ ହସ୍ପିଟାଲ ଦ୍ୱାରା ପରିଚାଳିତ ପାଥୋଲୋଜି ଲାବ୍‌ରେ ଏକ ଅତ୍ୟାଧୁନିକ ରକ୍ତ ପରୀକ୍ଷା ଯନ୍ତ୍ର 'ମାଇଣ୍ଡ୍‌ରେ ବିସି ୭୬୦ ଅଟୋମେଟେଡ୍ ହେମାଟୋଲୋଜି ଆନାଲାଇଜର ନିକଟରେ ଉଦ୍‌ଘାଟିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଆୟୋଜିତ କାର୍ଯ୍ୟକ୍ରମରେ ପତଞ୍ଜଳି ସମୂହର ସମ୍ପାଦକ ଆଚାର୍ଯ୍ୟ ବାଲକ୍ରିଷ୍ଣାଙ୍କ ସମେତ ନୂଆଦିଲ୍ଲୀ ସେଣ୍ଟ୍ରାଲ ୟୁନିର୍ଭିଟିର କୁଳପତି ପ୍ରଫେସର ଶ୍ରୀନିବାସ ଭାର୍କେଡି ଏବଂ ବାଙ୍ଗାଲୋରର ପ୍ରଫେସର ଡ. ଶିବାନୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପତଞ୍ଜଳି ଆୟୁର୍ବେଦ ହସ୍ପିଟାଲର ଏମ୍‌ଡି ପାଥୋଲୋଜିଷ୍ଟ ଡା. ଏସ୍. ରେଣୁକା, ମନୋଜ କୁମାର ସିଂ, ମନୀଷ ଲାଖଡା, ଦୀନେଶ ପାଲି,ସଞ୍ଜୟ କୁମାର, କେତନ ଏବଂ ସୋମଦେବ ପ୍ରମୁଖ ଉପସ୍ଥିତ ଥିଲେ।

ଏ ସମ୍ପର୍କରେ ଆଚାର୍ଯ୍ୟ ବାଲକ୍ରିଷ୍ଣା କହିଥିଲେ, ମାଇଣ୍ଡ୍‌ରେ ବିସି ୭୬୦ ଅଟୋମେଟେଡ୍ ହେମାଟୋଲୋଜି ଆନାଲାଇଜରକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନକରି ଆମେ ବେଶ୍ ଉତ୍ସାହିତ ଅଛୁ। ଏପରିକି ଏହି ଅତ୍ୟାଧୁନିକ ପରୀକ୍ଷଣ ଯନ୍ତ୍ର ସିବିସି ଏବଂ ଇଏସ୍ଆର୍ ବିଷୟରେ ଠିକ୍ ସୂଚନା ଖୁବ୍ କମ୍ ସମୟ ମଧ୍ୟରେ ଉପଲବ୍ଧ କରାଇବ। ଫଳରେ ଶରୀରର ତରଳ ପଦାର୍ଥର ଠିକ୍ ଏବଂ ଭିନ୍ନ ଭିନ୍ନ ଗଣନା କରିବାରେ ଏହା ବେଶ୍ ସହାୟକ ହେବ। ସେହିଭଳି ରୋଗୀମାନଙ୍କୁ ଉନ୍ନତ ଚିକିତ୍ସା ସୁବିଧା ସହ ଗୁଣାତ୍ମକ ସେବା ଯୋଗାଇବା ପାଇଁ ଆମେ ନିରନ୍ତର ଚେଷ୍ଟା କରୁଛୁ ବୋଲି ଆଚାର୍ଯ୍ୟ ବାଲକ୍ରିଷ୍ଣା ବିସ୍ତୃତ ଭାବେ ମତବ୍ୟକ୍ତ କରିଛନ୍ତି।



ମାଇଣ୍ଡ୍‌ରେ ବିସି ୭୬୦ ଅଟୋମେଟେଡ୍ ହେମାଟୋଲୋଜି ଆନାଲାଇଜରକୁ ଆଚାର୍ଯ୍ୟ ବାଲକ୍ରିଷ୍ଣା ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରୁଛନ୍ତି। ଏହି ଅବସରରେ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

# ଏଏମ୍ଏନ୍ଏସ୍ ଇଣ୍ଡିଆ ପକ୍ଷରୁ ଜାତୀୟ ପୋଷଣ ସପ୍ତାହ




ଭୁବନେଶ୍ୱର,୧୭।୯(ଅଭୟ ଦାଶ)

ଆର୍ସେଲର ମିତ୍ତଲ ନିପ୍ପନ୍ ଷ୍ଟିଲ୍(ଏଏମ୍ଏନ୍ଏସ୍) ଇଣ୍ଡିଆର କାର୍ଯ୍ୟ ପରିସରଗୁଡ଼ିକରେ ଜାତୀୟ ପୋଷଣ ସପ୍ତାହ ପାଳିତ ହୋଇଯାଇଛି। ଏପରିକି କମ୍ପାନୀ କାର୍ଯ୍ୟ ପରିସର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ବସବାସ କରୁଥିବା ଲୋକମାନଙ୍କ ସ୍ୱାସ୍ଥ୍ୟ ଓ କଲ୍ୟାଣ ପ୍ରତି ପ୍ରତିବଦ୍ଧତାର ଏକ ଅଂଶ ଭାବେ ଓଡ଼ିଶାର ବିଭିନ୍ନ ସ୍ଥାନରେ ଜାତୀୟ ପୋଷଣ ସପ୍ତାହ ପାଳନ କରାଯାଇଥିଲା।

ଜାତିସଂଘର ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟ ସହ ସମାନ୍ତରାଳ ଭାବେ ଚଳିତ ବର୍ଷର ବିଷୟ ବସ୍ତୁ ସମସ୍ତଙ୍କ ପାଇଁ ପୁଷ୍ଟିକର ଖାଦ୍ୟକୁ ନେଇ ଏହି ସପ୍ତାହ ପାଳନ କରାଯାଇଛି,ଯାହାକି ଜୀବନର ପ୍ରତ୍ୟେକ ପର୍ଯ୍ୟାୟରେ ବ୍ୟକ୍ତିର ପୁଷ୍ଟିକର ଆବଶ୍ୟକତା ପୂରଣ କରୁଥିବା ଖାଦ୍ୟ ଉପରେ ଗୁରୁତ୍ୱାରୋପ କରୁଛି।

ସେହିଭଳି କେନ୍ଦୁଝର ଜିଲା ଠାକୁରାଣୀ ମାଇନ୍ସ ଅନ୍ତର୍ଗତ ଡାଲକି ଗ୍ରାମର ମୁଣ୍ଡାସାହି ଅଙ୍ଗନୱାଡି କେନ୍ଦ୍ରଠାରେ ସନ୍ତୁଳିତ ଏବଂ ପୁଷ୍ଟିକର ଖାଦ୍ୟର ଗୁରୁତ୍ୱ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ୪୨ ଜଣ ମହିଳା ଓ ଶିଶୁ ଅଂଶ ଗ୍ରହଣ କରିଥିଲେ। ଏହି ସଚେତନତା କାର୍ଯ୍ୟକ୍ରମରେ ଏଏମ୍ଏନ୍ଏସ୍ ଇଣ୍ଡିଆ କର୍ପୋରେଟ ସାମାଜିକ ଦାୟିତ୍ୱବୋଧ (ସିଏସ୍ଆର୍) ଟିମ୍‌ର ଡ. ବରୁଣ କୁମାର ସାମଲ ଓ ଡ. ସୁବ୍ରତ ଧଳ ବିଭିନ୍ନ ପ୍ରକାର ଖାଦ୍ୟ ଓ ଏହାର ପୋଷକତତ୍ତ୍ୱ ବିଷୟରେ ବର୍ଣ୍ଣନାକରି ସମ୍ପୂର୍ଣ୍ଣ ସ୍ୱାସ୍ଥ୍ୟ ଉପରେ ଏହି ଖାଦ୍ୟଗୁଡିକର ଉତ୍ତମ ପ୍ରଭାବ ସମ୍ପର୍କରେ ଆଲୋକପାତ କରିଥିଲେ।

ଅପରପକ୍ଷରେ ଏଏମ୍ଏନ୍ଏସ୍ ଇଣ୍ଡିଆ ପକ୍ଷରୁ ଜଗତ୍‌ସିଂହପୁର ଜିଲା ଟିବି କାର୍ଯ୍ୟାଳୟ ସହଯୋଗରେ ପାରାଦୀପଠାରେ ଏକ ପୋଷଣ ଖାଦ୍ୟ ପ୍ୟାକେଟ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଯକ୍ଷ୍ମା (ଟିବି) ରୋଗ ବିଷୟରେ ସଚେତନତା ସୃଷ୍ଟି କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା।

ଏହି ଅବସରରେ ଯକ୍ଷ୍ମା ରୋଗୀଙ୍କୁ ଚିକିତ୍ସା ସମୟରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବା ପାଇଁ ପୁଷ୍ଟିକର ଖାଦ୍ୟ ବାସ୍କେଟ୍ ସହିତ ବାୟୁବାହିତ ସଂକ୍ରମଣ ନିୟନ୍ତ୍ରଣ କିଟ୍ ଯଥା ଫିନାଇଲ, ମାସ୍କ ଏବଂ ଗ୍ଲୋଭସ୍ ପ୍ରଦାନ କରାଯାଇଥିଲା, ଯାହା ସଂକ୍ରମଣ ବ୍ୟାପିବାରୁ ରୋକିପାରିବ।

ଏପରିକି ଯକ୍ଷ୍ମା ରୋଗରୁ ଆରୋଗ୍ୟ ଲାଭ କରିଥିବା ନିତ୍ୟାନନ୍ଦ ବର୍ମନ ଏହି ରୋଗରେ ପୀଡ଼ିତ ଥିବା ସମୟର ବ୍ୟକ୍ତିଗତ ଅଭିଜ୍ଞତା ଏବଂ ତାଙ୍କ ଆରୋଗ୍ୟରେ ଉପଯୁକ୍ତ ପୋଷଣର ଗୁରୁତ୍ୱ ସମ୍ପର୍କରେ କହିଥିଲେ। ଏହା ସହିତ ଯକ୍ଷ୍ମା ରୋଗରୁ ଆରୋଗ୍ୟ ଲାଭ କରିଥିବା ତଥା କୁଜଙ୍ଗ ବ୍ଲକ୍‌ରେ ଏହି ରୋଗ ସମ୍ପର୍କରେ ସଚେତନତା ସୃଷ୍ଟି କରୁଥିବା ଅନ୍ୟ କେତେଜଣ ବ୍ୟକ୍ତି ଏହି ରୋଗ ବିରୋଧରେ ଲଢ଼େଇରେ ସହାୟତା କରିଥିବାରୁ ଏଏମ୍ଏନ୍ଏସ୍ ଇଣ୍ଡିଆକୁ କୃତଜ୍ଞତା ଜଣାଇଥିଲେ।

ଏହି ପରିପ୍ରେକ୍ଷୀରେ ବିଜୁ ମେମୋରିଆଲ ହସ୍ପିଟାଲ ସୁପରିଣ୍ଟେଣ୍ଡେଣ୍ଟ ଡା. ବସନ୍ତ କୁମାର ରାଉତ, ମେଡିକାଲ ଅଫିସର ଡା. ପ୍ରସନ୍ନ ସାମଲ, ଜିଲା ପିପିଏମ୍ ସଂଯୋଜକ ଡ. ୱାକାର ଅଲ୍ଲୀ, ପାରାଦୀପ ଟିବି କାଉନସେଲର ସୌମିତ୍ର ସ୍ୱାଇଁ ପ୍ରମୁଖ ଯୋଗଦେଇ ଯକ୍ଷ୍ମା ରୋଗର ମୁକାବିଲା ସମ୍ପର୍କରେ ଉପଯୁକ୍ତ ପୋଷକତତ୍ତ୍ୱର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ।

# ଇନ୍‌ଫୋସିସ୍ ବିକାଶ କରିବ ଏଲ୍ଆଇସିର ଡିଜିଟାଲ ପ୍ଲାଟ୍‌ଫର୍ମ

ନୂଆଦିଲ୍ଲୀ,୧୭।୯ (ଅଭୟ ଦାଶ)

ଭାରତୀୟ ଜୀବନ ବୀମା ନିଗମ (ଲାଇଫ୍ ଇନ୍‌ସ୍ୟୁରାନ୍ସ କର୍ପୋରେଶନ ଅଫ୍ ଇଣ୍ଡିଆ ବା ଏଲ୍ଆଇସି)ର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ ତଥା ପରବର୍ତ୍ତୀ ପିଢ଼ିର ଡିଜିଟାଲ ପ୍ଲାଟ୍‌ଫର୍ମ 'ଡିଜିଟାଲ ଇନୋଭେଶନ ଆଣ୍ଡ ଭାଲ୍ୟୁ ଏନ୍‌ହାନ୍ସମେଣ୍ଟ ବା ଡାଇଭ'କୁ ଇନ୍‌ଫୋସିସ୍ ବିକାଶ କରିବ ବୋଲି ନିଗମ ପକ୍ଷରୁ ବିସ୍ତୃତ ଭାବେ ଆଲୋକପାତ କରାଯାଇଛି। ଏପରିକି ନିଗମର ଗ୍ରାହକ, ଫିଲ୍ଡଫୋର୍ସ,ପାଟନର୍ସ ଏବଂ କର୍ମଚାରୀମାନଙ୍କୁ ଉତ୍କୃଷ୍ଟ ମାନର ଅନୁଭୂତି ପ୍ରଦାନ କରିବା ଲକ୍ଷ୍ୟ ନେଇ ଏହି ଡିଜିଟାଲ ପ୍ଲାଟ୍‌ଫର୍ମର ବିକାଶ କରାଯାଉଛି। ଏହା ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଡିଜିଟାଲ ବୀମା ସମାଧାନ ପ୍ରଦାନ କରିବ। ସେହିଭଳି ଏହାକୁ ଏଭଳି ବିକାଶ କରାଯବ, ଯାହାଦ୍ୱାରା ଅତିଶୀଘ୍ର ଓ ସହଜରେ ତାହା ନୂଆ ପ୍ରଯୁକ୍ତି, ଉତ୍ପାଦ ଓ ସୁବିଧା ସୁଯୋଗକୁ ଗ୍ରହଣ କରିପାରିବ ବୋଲି ନିଗମ ପକ୍ଷରୁ କୁହାଯାଇଛି। ଏପରିକି ଏଲ୍ଆଇସି ପାଇଁ ଏହା ଗ୍ରାହକ ଓ ବିକ୍ରି ସୁପର ଆପ୍, ପୋର୍ଟାଲ ଓ ଡିଜିଟାଲ ଶାଖା ଗଠନ କରିବ।

ଏ ସମ୍ପର୍କରେ ଏଲ୍ଆଇସିର ଏମ୍‌ଡି ତଥା ସିଇଓ ସିଦ୍ଧାର୍ଥ ମହାନ୍ତି କହିଥିଲେ, ଆମେ ଏକ ବିଶ୍ୱସ୍ତରୀୟ ଡିଜିଟାଲ ସମାଧାନ ସୃଷ୍ଟି କରିବା ଓ ସମସ୍ତ ଅଂଶୀଦାରଙ୍କୁ ଶ୍ରେଷ୍ଠ ଅନୁଭବ ପ୍ରଦାନ କରିବା ଲାଗି ଇନ୍‌ଫୋସିସ୍ ସହ କାର୍ଯ୍ୟ କରିବାକୁ ଚାହିଁ ରହିଛୁ। ଏପରିକି ଆମେ ଏକ ଡିଜିଟାଲ ଦୁନିଆରେ ବାସ କରୁଛି, ଯେଉଁଠାରେ ଗ୍ରାହକମାନେ ସବୁ କିଛି ଶୀଘ୍ର ଜାଣିବାକୁ ଚାହୁଁଛନ୍ତି ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଥିଲେ। ଅପରପକ୍ଷରେ ଏଲ୍ଆଇସିକୁ ଏକ ପ୍ରଯୁକ୍ତି ଦ୍ୱାରା ପରିଚାଳିତ ସଂସ୍ଥାରେ ପରିଣତ କରିବା ସହ ଜୀବନ ବୀମା ସମାଧାନ ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛୁ।



ସିଦ୍ଧାର୍ଥ ମହାନ୍ତି

ପ୍ରଥମ ପୃଷ୍ଠାରୁ...

## ମହିଳାଙ୍କ ସାମର୍ଥ୍ୟ...

୭୦ ବର୍ଷରୁ ଅଧିକ ସମସ୍ତ ବୟସ୍କଙ୍କୁ ଆୟୁଷ୍ମାନ ଭାରତ ସୁବିଧା ମିଳିବ। ମୋଦି ଗ୍ୟାରେଣ୍ଟି ପୂରା କରି ଦେଖାଉଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ଓଡ଼ିଶାର ପ୍ରାକୃତିକ ସମ୍ପଦକୁ ଓଡ଼ିଶାର ସାମର୍ଥ୍ୟ ବନାଇବୁ। ୫ ବର୍ଷରେ ଓଡ଼ିଶାକୁ ନୂଆ ସୋପାନକୁ ନେବୁ। ବିଭିନ୍ନ ପ୍ରକଳ୍ପ ଯୋଗୁ ଓଡ଼ିଶାର ଯୁବକଙ୍କୁ ରୋଜଗାର ମିଳିବ। ଏନ୍‌ଡିଏ ସରକାରର ତୃତୀୟ ପାଳିର ଶହେ ଦିନ ପୂରଣ ହୋଇଛି। ଚାଷୀ, ମହିଳା, ଗରିବଙ୍କ ବିକାଶ ପାଇଁ ବଡ଼ ବଡ଼ ନିଷ୍ପତ୍ତି ନିଆଯାଇଛି। ଗରିବଙ୍କୁ ପକ୍କା ଘର, ଯୁବବର୍ଗଙ୍କ ପାଇଁ ପ୍ୟାକେଜ ଘୋଷଣା ହୋଇଛି। ଓଡ଼ିଶା ସହ ଅନ୍ୟ ରାଜ୍ୟରେ ୭୫ ହଜାର ମେଡିକାଲ ସିଟ୍ ଯୋଡ଼ାଯିବ। ବଜେଟରେ ଜନଜାତିଙ୍କ ପାଇଁ ଅର୍ଥରାଶି ୨ ଗୁଣା ବୃଦ୍ଧି କରାଯାଇଛି। ଖରିଫ ଫସଲ ପାଇଁ ଏମ୍ଏସ୍‌ପି ବୃଦ୍ଧି କରାଯାଇଛି। ୧୦୦ ଦିନ ଭିତରେ ଓଡ଼ିଶା ସମେତ ଦେଶରେ ୧୧ ଲକ୍ଷ ନୂଆ ଲକ୍ଷପତି ଦିଦି ସୃଷ୍ଟି ହୋଇପାରିଛନ୍ତି। ଚାଷୀଙ୍କ ଆୟ ବୃଦ୍ଧି ପାଇଁ ବାସୁମତି ଚାଉଳ ରପ୍ତାନି ଉପରୁ ଶୁଳ୍କ ହ୍ରାସ କରାଯାଇଛି। ବିଭିନ୍ନ ଉତ୍ପାଦିତ ସାମଗ୍ରୀର ସର୍ବନିମ୍ନ ସହାୟକ ମୂଲ୍ୟ ବଢ଼ାଯାଇଛି।

ଜନ୍ମଦିନରେ ମୋଦି ନିଜ ମା'ଙ୍କୁ ମନେ ପକାଇଛନ୍ତି। ଗାଡ଼କଣରେ ଖିରି ଖାଇବା କଥା ଉଲ୍ଲେଖ କରି ସେ କହିଛନ୍ତି, ଏଠାକୁ ଆସିବା ପୂର୍ବରୁ ମୁଁ ଏକ ଆଦିବାସୀ ପରିବାରକୁ ଯାଇଥିଲି। ଆବାସ ଗୃହ ପ୍ରବେଶ କରାଇବାକୁ ସେଠାକୁ ଯାଇଥିଲି। ସେଠାରେ ଆଦିବାସୀ ମା' ଜଣକ ମୋତେ ଖିରି ଖୁଆଇଲେ। ଖିରି ଖାଇବାବେଳେ ମୋ ମା' କଥା ମନେପଡ଼ିଲା। ମୋ ଜନ୍ମଦିନରେ ସବୁ ବର୍ଷ ମା'ଙ୍କ ନିକଟକୁ ଯାଇଥାଏ। ସେ ମୋତେ ଗୁଡ଼ ଖୁଆଇଦେଇଥାନ୍ତି। କିନ୍ତୁ ଏବେ ଆଉ ମୋ ମା' ନାହାନ୍ତି। ହେଲେ ଆଜି ଜଣେ ଆଦିବାସୀ ମା' ମୋତେ ଖିରି ଖୁଆଇଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

## ■ ୨୮୦୦ କୋଟିର ରେଳ ପ୍ରକଳ୍ପ, ୧ ହଜାର କୋଟିର ଜାତୀୟ ରାଜପଥ ପ୍ରକଳ୍ପ, ଆବାସ ପ୍ଲସ୍ ଆପ୍‌ର ଶୁଭାରମ୍ଭ
## ■ ଆବାସ ଯୋଜନା ହିତାଧିକାରୀଙ୍କ ସହ ଭାବ ବିନିମୟ କଲେ ପ୍ରଧାନମନ୍ତ୍ରୀ

ଏହି ଅବସରରେ ପ୍ରଧାନମନ୍ତ୍ରୀ ସୁଇଚ୍ ଟିପି ରାଜ୍ୟର ୨୫ ଲକ୍ଷ ୧୧ ଜଣ ମହିଳାଙ୍କ ଖାତାକୁ ପ୍ରଥମ କିସ୍ତି ସୁଭଦ୍ରା ସହାୟତା ରାଶି ପ୍ରଦାନ କରିଛନ୍ତି। ଯୋଜନାରେ ୧ କୋଟିରୁ ଊର୍ଦ୍ଧ୍ୱ ମହିଳାଙ୍କୁ ୫୦ ହଜାର ଟଙ୍କା ପ୍ରଦାନ କରାଯିବ। ଏଥିସହିତ ପ୍ରଧାନମନ୍ତ୍ରୀ ଅନେକ ଜନକଲ୍ୟାଣ ଯୋଜନାର ଶୁଭାରମ୍ଭ ମଧ୍ୟ କରିଛନ୍ତି। ଓଡ଼ିଶାରେ ୨,୮୦୦ କୋଟି ଟଙ୍କାର ରେଳ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି। ୪ଟି ପ୍ରକଳ୍ପ ପାଇଁ ଭିତ୍ତି ରଖିଥିବା ବେଳେ ଆଉ ୪ଟି ପ୍ରକଳ୍ପର ଉଦ୍‌ଘାଟନ ମଧ୍ୟ କରିଛନ୍ତି। ଉଦ୍‌ଘାଟିତ ହୋଇଥିବା ପ୍ରକଳ୍ପ ମଧ୍ୟରେ ଲାଞ୍ଜିଗଡ଼ ରୋଡ୍-ଅମ୍ବାଦୋଳା- ଡହିକାଲୁ ତୃତୀୟ ଲାଇନ୍, ଲକ୍ଷ୍ମୀପୁର ରୋଡ୍- ସିଙ୍ଗାରାମ- ଟିକିରି ଦୋହରୀକରଣ, ବାଙ୍ଗୁରକେଲା- ନୂଆଗାଁ ଦୋହରୀକରଣ ଏବଂ ଢେଙ୍କାନାଳ- ସଦାଶିବପୁର- ହିନ୍ଦୋଳ ରୋଡର ତୃତୀୟ ଓ ଚତୁର୍ଥ ଲାଇନ। ସେହିପରି ପାରାଦୀପ- ବଡ଼ବନ୍ଧ ତୃତୀୟ ଓ ଚତୁର୍ଥ ଲାଇନ୍, ଏମ୍‌ସିଆର୍‌ଏଲ୍ ଭିତର କରିଡର ପ୍ରଥମ ପର୍ଯ୍ୟାୟର ଦୋହରୀକରଣ, ଜୟପୁର- ନବରଙ୍ଗପୁର ନୂତନ ଲାଇନ୍ ଓ ସିକୁ ଏବଂ ପାରାଦୀପ କୋଚିଙ୍ଗ ୟାର୍ଡ ମଧ୍ୟରେ ଫ୍ଲାଏଓଭର ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହିସବୁ ପ୍ରକଳ୍ପ ଦ୍ୱାରା ଆଞ୍ଚଳିକ ଅର୍ଥନୀତିରେ ଉନ୍ନତି ଆସିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ ୧,୦୦୦ କୋଟି ଟଙ୍କାର ଜାତୀୟ ରାଜପଥ ପ୍ରକଳ୍ପର ଶୁଭାରମ୍ଭ ମଧ୍ୟ କରିଛନ୍ତି। ଏଥିସହିତ ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ଗ୍ରାମୀଣ)ରେ ୧୦ ଲକ୍ଷ ହିତାଧିକାରୀଙ୍କୁ ପକ୍କା ଘର ପାଇଁ ପ୍ରଥମ କିସ୍ତି ପ୍ରଦାନ କରାଯାଇଛି। ୧୫ ଲକ୍ଷ ଆବାସ ପାଇଁ ସ୍ୱୀକୃତିପତ୍ର ମଧ୍ୟ ପ୍ରଦାନ କରାଯାଇଛି। ଆବାସ ପ୍ଲସ ୨୦୨୪ ମୋବାଇଲ ଆପ୍‌ର ମଧ୍ୟ ପ୍ରଧାନମନ୍ତ୍ରୀ ଶୁଭାରମ୍ଭ କରିଛନ୍ତି।

ପ୍ରଧାନମନ୍ତ୍ରୀ ଭୁବନେଶ୍ୱରରେ ପହଞ୍ଚିବା ପରେ ପ୍ରଥମେ ଗାଡ଼କଣ ଯାଇ ଆବାସ ଯୋଜନାର ହିତାଧିକାରୀମାନଙ୍କୁ ଭେଟି ସେମାନଙ୍କ ସହିତ କିଛି ସମୟ ବିତାଇଥିଲେ। ଗାଡ଼କଣସ୍ଥିତ ଶବର ସାହିରେ ସେ ଆବାସ ଯୋଜନା(ସହରୀ)ର ହିତାଧିକାରୀମାନଙ୍କୁ ବାସଗୃହର ଚାବି ହସ୍ତାନ୍ତର କରିଥିଲେ। ହିତାଧିକାରୀ ଅନ୍ତର୍ଯ୍ୟାମୀ ନାୟକଙ୍କ ନୂତନ ବାସଗୃହରେ ପ୍ରଧାନମନ୍ତ୍ରୀ କିଛି ସମୟ ବିତାଇଥିଲେ। ଜନ୍ମଦିନ ଅବସରରେ ପ୍ରଧାନମନ୍ତ୍ରୀଙ୍କୁ ମହିଳାମାନେ ଫୁଲ ଓ ଉତ୍ତରୀୟ ପ୍ରଦାନ କରି ଶୁଭେଚ୍ଛା ଜଣାଇଥିଲେ। ସେଠାରେ ପ୍ରଧାନମନ୍ତ୍ରୀ ପୂଜାର୍ଚ୍ଚନା ମଧ୍ୟ କରିଥିଲେ ଏବଂ ଜଣେ ହିତାଧିକାରୀଙ୍କ ଠାରୁ ଖିରି ଖାଇଥିଲେ।

ଏହି ଅବସରରେ ପ୍ରଧାନମନ୍ତ୍ରୀ ସୁଭଦ୍ରା ହିତାଧିକାରୀ କେନ୍ଦୁଝରର ଅଞ୍ଜଳି ବାରିକ, ରାୟଗଡ଼ାର ହୁଣ୍ଡାଡି ୱାଡକା, ବଲାଙ୍ଗୀରର ଅହଲ୍ୟା ବନଛୋର, ମୟୂରଭଞ୍ଜର ଭାରତୀ ମୁଣ୍ଡାଙ୍କୁ ସୁଭଦ୍ରା ଯୋଜନାର ସହାୟତା ରାଶି ପ୍ରଦାନ କରିଥିଲେ ଏବଂ ପ୍ରଧାନମନ୍ତ୍ରୀ ଆବାସ ଯୋଜନା- ସହରାଞ୍ଚଳ ପାଇଁ ଭୁବନେଶ୍ୱରର ଦୁର୍ଗାବତୀ ଭୋଇ ଓ ଶୁଭଶ୍ରୀ ମହାରଣା ଏବଂ ପ୍ରଧାନମନ୍ତ୍ରୀ ଆବାସ ଯୋଜନା-ଗ୍ରାମୀଣ ପାଇଁ କୋରାପୁଟର ବିଶ୍ୱନାଥ ପ୍ରଧାନୀ ଓ ସମ୍ବଲପୁରର ସୁରୁବାଲି କିଷାନଙ୍କୁ ଘରର ଚାବି ହସ୍ତାନ୍ତର କରିଥିଲେ।

କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, ପ୍ରଧାନମନ୍ତ୍ରୀ କେବଳ ଦେଶର ନୁହନ୍ତି, ସାରା ବିଶ୍ୱର ସବୁଠାରୁ ଅଧିକ ଲୋକପ୍ରିୟ ନେତା। ଆଜିର ଏହି ସ୍ୱତନ୍ତ୍ର ଦିନରେ ଯେତେବେଳେ ସାରା ବିଶ୍ୱରୁ ପ୍ରଧାନମନ୍ତ୍ରୀଙ୍କ ପାଇଁ ଜନ୍ମଦିନର ଶୁଭେଚ୍ଛା ଆସୁଛି, ସେତେବେଳେ ସେ ଆଜି ଆମ ଗହଣରେ ଉପସ୍ଥିତ ହୋଇ ସୁଭଦ୍ରା ଯୋଜନାର ଶୁଭାରମ୍ଭ କରୁଛନ୍ତି। ଏଥିପାଇଁ ସେ ପ୍ରଧାନମନ୍ତ୍ରୀଙ୍କ ନିକଟରେ କୃତଜ୍ଞତା ଜଣାଇଥିଲେ। ନିର୍ବାଚନ ପୂର୍ବରୁ ଆମେ ଯେଉଁ ପ୍ରତିଶ୍ରୁତି ଦେଇଥିଲୁ, ତାକୁ ଆଜି ୧୦୦ ଦିନ ମଧ୍ୟରେ ପୂରଣ କରିଛୁ। ସୁଭଦ୍ରା ଯୋଜନା ଆମ ରାଜ୍ୟ ପାଇଁ ସବୁଠାରୁ ବଡ଼ ଜନହିତକାରୀ ଯୋଜନା ବୋଲି ସେ କହିଥିଲେ। ଆମ ସରକାର କ୍ଷମତାକୁ ଆସିବା ପୂର୍ବରୁ ମା'ମାନଙ୍କ ପାଇଁ 'ସୁଭଦ୍ରା' ଯୋଜନାର ପ୍ରତିଶ୍ରୁତି ଦେଇଥିଲେ। ଜଗନ୍ନାଥ ସଂସ୍କୃତିରେ ମା' ସୁଭଦ୍ରା ହେଉଛନ୍ତି ଶକ୍ତି ସ୍ୱରୂପିଣୀ ଓ ସମାନତାର ପ୍ରତୀକ। କଥା ଅଛି, ମା' ହେଲେ ପାଠୋଇ, ଦେଶ ଯିବ ଆଗେଇ। ଠିକ୍ ସେହିପରି ଜଣେ ମହିଳା ଅର୍ଥନୈତିକ ଦୃଷ୍ଟିରୁ ସଶକ୍ତ ଓ ସ୍ୱାବଲମ୍ବୀ ହେଲେ, ପରିବାରର ସାମାଜିକ ଓ ଅର୍ଥନୈତିକ ନିରାପତ୍ତା ସୁଦୃଢ଼ ହୋଇଥାଏ। ସେମାନଙ୍କୁ ଆର୍ଥିକ କ୍ଷେତ୍ରରେ ସ୍ୱାବଲମ୍ବୀ କରିବା ପାଇଁ ଏବଂ ଅର୍ଥନୈତିକ ପ୍ରଗତି ପାଇଁ ସୁଯୋଗ ପ୍ରଦାନ କରିବାକୁ ଓଡ଼ିଶା ସରକାର ଏହି ପ୍ରଗତିଶୀଳ ତଥା ବୈପ୍ଲବିକ ସୁଭଦ୍ରା ଯୋଜନା ଆରମ୍ଭ କରିଛନ୍ତି। ଆମ ସମସ୍ତଙ୍କ ପାଇଁ ଅତ୍ୟନ୍ତ ଆନନ୍ଦ ଓ ଖୁସିର କଥା ଯେ 'ସୁଭଦ୍ରା'ର ଶୁଭାରମ୍ଭ ପାଇଁ ଭାରତର ପ୍ରଧାନମନ୍ତ୍ରୀ ଆଜି ଆମ ସହିତ ଅଛନ୍ତି। ପ୍ରଧାନମନ୍ତ୍ରୀଙ୍କର ତାଙ୍କ ମା'ଙ୍କ ପ୍ରତି ଭକ୍ତି ଓ ସମ୍ମାନକୁ ଆମେ ସମସ୍ତେ ଅନୁଭବ କରିଛେ। ତାଙ୍କ ମା' ହିଁ ଥିଲେ ଅଭିନବ 'ଉଜ୍ଜ୍ୱଳା' ଯୋଜନାର ପ୍ରେରଣା। ମା'ଙ୍କ ଦୁଃଖ, କଷ୍ଟକୁ ଅନୁଭବ କରିଥିବା ପ୍ରଧାନମନ୍ତ୍ରୀ ଦାୟିତ୍ୱ ଗ୍ରହଣ କଲା ପରେ ଆରମ୍ଭ କରିଥିଲେ ଦେଶର ସମସ୍ତ ଗରିବ ମା' ମାନଙ୍କୁ ଗ୍ୟାସ୍ ଯୋଗାଇ ଦେବାର ମହତ୍ତ୍ୱାକାଂକ୍ଷୀ ଉଜ୍ଜ୍ୱଳା ଯୋଜନା। ଏହି ଯୋଜନା ବିଶ୍ୱର ଅନ୍ୟତମ ବୃହତ ଲୋକ-କଲ୍ୟାଣକାରୀ ଯୋଜନା। ଓଡ଼ିଶାରେ ପ୍ରାୟ ୫୩ ଲକ୍ଷ ୨୦ ହଜାର ମହିଳା ହିତାଧିକାରୀ ଏବଂ ଦେଶରେ ୧୦ କୋଟି ୩୫ ଲକ୍ଷ ଗରିବ ମହିଳା ଏହି ଯୋଜନା ଦ୍ୱାରା ଉପକୃତ ହେଉଛନ୍ତି। ଏହି ଯୋଜନାରେ ଡାଇରେକ୍ଟ ବେନିଫିଟ ଟ୍ରାନ୍ସଫର (ଡିବିଟି)ମାଧ୍ୟମରେ ଓଡ଼ିଶାର ମା'ମାନଙ୍କ ବ୍ୟାଙ୍କ୍ ଖାତାକୁ ସିଧାସଳଖ ଅର୍ଥ ପ୍ରଦାନ କରାଯିବ, ଯାହାକୁ ସେମାନେ ନିଜ ଆବଶ୍ୟକତା ଅନୁଯାୟୀ ବ୍ୟବହାର କରିପାରିବେ। ଏହି ଅର୍ଥକୁ ସେମାନେ କ୍ଷୁଦ୍ର ବ୍ୟବସାୟ, ଘରୋଇ ଉଦ୍ୟୋଗ ତଥା ପିଲାଙ୍କ ଶିକ୍ଷା ପାଇଁ ବିନିଯୋଗ କରିପାରିବେ। ଏହି ଯୋଜନା ପ୍ରତି ମା'ମାନଙ୍କ ମଧ୍ୟରେ ଅଭୂତପୂର୍ବ ଉତ୍ସାହ ଦେଖିବାକୁ ମିଳୁଛି। ସୁଭଦ୍ରା ଯୋଜନା ମା' ମାନଙ୍କୁ ସେମାନଙ୍କ ସ୍ୱପ୍ନ ପୂରଣ କରିବା ପାଇଁ ସାହାଯ୍ୟ କରିବ। ପ୍ରଧାନମନ୍ତ୍ରୀଙ୍କ ଦୂରଦୃଷ୍ଟିସମ୍ପନ୍ନ ଉଦ୍ୟମରେ ଆରମ୍ଭ ହୋଇଥିବା 'ସ୍ୱଚ୍ଛ ଭାରତ ମିଶନ' ଚଳିତ ବର୍ଷ ଏକ ଦଶନ୍ଧି ପୂରଣ କରୁଛି। ଏହି ଅବସରରେ ସାରା ଦେଶରେ 'ସ୍ୱଚ୍ଛତା ହିଁ ସେବା' ଅଭିଯାନ କାର୍ଯ୍ୟକାରୀ କରାଯାଉଛି। ଏହା ୧୫ ଦିନ ପାଇଁ ଚାଲିବ। ଏହି ଅଭିଯାନରେ ନିଜକୁ ସାମିଲ କରି ଓଡ଼ିଶାକୁ ସାରା ଦେଶରେ ଏକ ନମ୍ବର କରିବା ପାଇଁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ୨୦୩୬ ସୁଦ୍ଧା ଓଡ଼ିଶାକୁ ଭାରତର ଏକ ଅଗ୍ରଣୀ ରାଜ୍ୟରେ ପରିଣତ କରିବାର ଲକ୍ଷ୍ୟ ପୂରଣ ଦିଗରେ ଏହି ଯୋଜନା ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ।

ରାଜ୍ୟରେ ହେଉଥିବା ବିକାଶ କାମ ପ୍ରମାଣିତ କରୁଛି ଯେ, ଡବଲ ଇଞ୍ଜିନ ସରକାରରେ ଓଡ଼ିଶାର ବିକାଶର ଗତି କ୍ଷିପ୍ର ହେଉଛି। ୨୦୩୬ରେ ଯେତେବେଳେ ସ୍ୱତନ୍ତ୍ର ଓଡ଼ିଶା ଗଠନର ୧୦୦ ବର୍ଷ ପୂର୍ତ୍ତି ପାଳନ ହେବ, ସେତେବେଳେ ଆମର ଜିଏସ୍‌ଡିପି ୫୦୦ ବିଲିୟନ ଡଲାରରେ ପହଞ୍ଚିବ ଏବଂ ୨୦୪୭ ମସିହାରେ ଏହା ୧.୫ ଟ୍ରିଲିଅନ ଡଲାରରେ ପହଞ୍ଚିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ସ୍ୱାଗତ ଭାଷଣ ଦେଇ ଉପ ମୁଖ୍ୟମନ୍ତ୍ରୀ ତଥା ମହିଳା ଶିଶୁ ବିକାଶ ମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି, ରାଜ୍ୟରେ ଆଜି ସୁଦ୍ଧା ସୁଭଦ୍ରା ଯୋଜନାରେ ୭୨ଲକ୍ଷ ମହିଳା ପଞ୍ଜୀକୃତ ହେଲେଣି। ଓଡ଼ିଶାର ମହିଳାମାନଙ୍କ ବିକାଶ ପାଇଁ ସୁଭଦ୍ରା ହେଉଛି ପ୍ରଧାନମନ୍ତ୍ରୀଙ୍କ ଗ୍ୟାରେଣ୍ଟି। ବିକଶିତ ଓଡ଼ିଶାର ମୂଳପିଣ୍ଡ ସୁଭଦ୍ରା ହେବ ବୋଲି ସେ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ରାଜ୍ୟପାଳ ରଘୁବର ଦାସ, କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ର ମହିଳା ଓ ଶିଶୁବିକାଶ ମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଏବଂ ଅନେକ ଏମ୍‌ପି, ବିଧାୟକ ଓ ବରିଷ୍ଠ ନେତୃବୃନ୍ଦ ଉପସ୍ଥିତ ଥିଲେ।

# ମୋଦିଙ୍କ ଜନ୍ମଦିନରେ ୭୪ ୟୁନିଟ୍ ରକ୍ତ ସଂଗ୍ରହ



ଭୁବନେଶ୍ୱର,୧୭।୯ (ଅନୁରାଧା ମହାରଣା)

## ସବୁ ନିର୍ବାଚନମଣ୍ଡଳୀରେ ରକ୍ତଦାନ ଶିବିର କରିବ ଭାଜପା ଯୁବମୋର୍ଚ୍ଚା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନ ଅବସରରେ ମଙ୍ଗଳବାର ରାଜ୍ୟ ଭାଜପା କାର୍ଯ୍ୟାଳୟରେ ଯୁବମୋର୍ଚ୍ଚା ପକ୍ଷରୁ ରକ୍ତଦାନ ଶିବିର କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଶିବିରକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରିଥିଲେ। ମୋଦିଙ୍କ ୭୪ତମ ଜନ୍ମ ଦିବସ ଉପଲକ୍ଷେ ୭୪ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ରାଜ୍ୟ ଯୁବମୋର୍ଚ୍ଚା ସଭାପତି ଅଭିଲାଷ ପଣ୍ଡାଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ମୁଖ୍ୟମନ୍ତ୍ରୀ କାର୍ଯ୍ୟକ୍ରମ ବୁଲି ଦେଖିବା ସହ ଯୁବମୋର୍ଚ୍ଚାର ଏଭଳି ପ୍ରୟାସକୁ ପ୍ରଂଶସା କରିଥିଲେ। ସ୍ୱାସ୍ଥ୍ୟମନ୍ତ୍ରୀ ଡା. ମୁକେଶ ମହାଲିଙ୍ଗ ଏବଂ ରାଜ୍ୟ ଭାଜପା ସଭାପତି ମନମୋହନ ସାମଲ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ରାଜ୍ୟର ସମସ୍ତ ୧୪୭ ବିଧାନସଭା ନିର୍ବାଚନମଣ୍ଡଳୀରେ ୭୪ ୟୁନିଟ ଲେଖାଏ ରକ୍ତ ସଂଗ୍ରହ କରାଯିବ ବୋଲି ଯୁବମୋର୍ଚ୍ଚା ସଭାପତି ପଣ୍ଡା ସୂଚନା ଦେଇଛନ୍ତି।

# ଓଡ଼ିଆ ଶିଳ୍ପୀ ସୋଫିଆଙ୍କ ଚିତ୍ରକଳା ପ୍ରଦର୍ଶନୀ



ଭୁବନେଶ୍ୱର,୧୭।୯(ବନ୍ଦନା ସେଠୀ) ମୁମ୍ବଇର ନେହେରୁ ଆର୍ଟ ସେଣ୍ଟରରେ ଗତ ଏକ ସପ୍ତାହ ଧରି ଚାଲିଥିବା ଓଡ଼ିଆ ଶିଳ୍ପୀ ସୋଫିଆ ୟାସମିନ୍‌ଙ୍କ ଏକକ ଚିତ୍ରକଳା ପ୍ରଦର୍ଶନୀ 'ରୂପାନ୍ତର' ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରଦର୍ଶନୀ ସେପ୍ଟେମ୍ବର ୧୦ରୁ ୧୬ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହୋଇଥିଲା। ପ୍ରଦର୍ଶନୀରେ ସୋଫିଆଙ୍କ ୬୨ଟି ସମସାମୟିକ ଚିତ୍ରକଳା ପ୍ରଦର୍ଶିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଶିଳ୍ପୀ ରିୟାଜ କୋମୁ, ସମ୍ମାନିତ ଅତିଥି ଭାବେ ଫଟୋଗ୍ରାଫର ପ୍ରଦୀପ ଚନ୍ଦ୍ରା, ଶିଳ୍ପୀ ବିଶ୍ୱ ସାହାଣୀ, ସୋନୁ ଗୁପ୍ତା ଏବଂ ରାଜ୍ କ୍ରିଏଟର ପ୍ରତିଷ୍ଠାତା ରାଜକୁମାର ବିଶ୍ୱକର୍ମା ପ୍ରମୁଖ ଯୋଗଦେଇ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିବା ସହ ବୁଲି ଦେଖିଥିଲେ। ଚିତ୍ରକଳାଗୁଡ଼ିକରେ ଓଡ଼ିଶାର ଗ୍ରାମ୍ୟ ଜୀବନ ଓ ହଜି ଯାଉଥିବା ଐତିହ୍ୟର ଅବତାରଣା ନିଖୁଣ ଭାବେ ଫୁଟି ଉଠିଥିଲା, ଯାହା ମୁମ୍ବଇର ଦର୍ଶକଙ୍କୁ ଅଭିଭୂତ କରିଥିଲା। ଜଳରଙ୍ଗ ଚିତ୍ର ଓ ଏକ୍ରିଲିକ ଚିତ୍ର ମିଶି ମୋଟ ୬୨ଟି ଚିତ୍ରକଳା ପ୍ରଦର୍ଶିତ ହୋଇଥିଲା। ସୋଫିଆ ଭୁବନେଶ୍ୱର ଧଉଳି ଚାରୁକଳା ମହାବିଦ୍ୟାଳୟରୁ କଳାରେ ସ୍ନାତକ ଡିଗ୍ରୀ ସମାପ୍ତ କରି ଏବେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ସ୍ନାତକୋତ୍ତର ଅଧ୍ୟୟନ କରୁଛନ୍ତି।

# ବିଶ୍ୱଭୂଷଣଙ୍କୁ ଭେଟି ଆରୋଗ୍ୟ କାମନା କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୭।୯ (ଅନିଲ ଦାସ)



ଆନ୍ଧ୍ର ପ୍ରଦେଶ ଓ ଛତିଶଗଡ଼ର ପୂର୍ବତନ ରାଜ୍ୟପାଳ ତଥା ବରିଷ୍ଠ ଭାଜପା ନେତା ବିଶ୍ୱଭୂଷଣ ହରିଚନ୍ଦନ ଅସୁସ୍ଥତାଜନିତ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର ତାଙ୍କୁ ହସ୍ପିଟାଲରେ ସାକ୍ଷାତ କରି ଆଶୁ ଆରୋଗ୍ୟ କାମନା କରିଛନ୍ତି। ଚିକିତ୍ସା କରୁଥିବା ଡାକ୍ତରମାନଙ୍କ ସହିତ ହରିଚନ୍ଦନଙ୍କ ସ୍ୱାସ୍ଥ୍ୟ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଆଲୋଚନା କରିବା ସହ ସେ ଯେପରି ଶୀଘ୍ର ଆରୋଗ୍ୟ ଲାଭ କରିବେ ସେଥିପାଇଁ ଧ୍ୟାନ ଦେବାକୁ ସେମାନଙ୍କୁ ପରାମର୍ଶ ଦେଇଛନ୍ତି। ଏହି ସାକ୍ଷାତ ସମୟରେ ହରିଚନ୍ଦନଙ୍କ ପୁତ୍ର ତଥା ରାଜ୍ୟ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଉପସ୍ଥିତ ଥିଲେ।


## ZILLA SWASTHYA SAMITI, DHENKANAL
## OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, DHENKANAL

e-mail:nhmdkl@gmail.com

Advt.No.2855 Date:17.9.24

### CONTRACTUAL RECRUITMENT

**No.E-323:** Walk-in-Interview will be conducted as scheduled below for filling up of the following posts under National Health Mission, Dhenkanal on contractual basis for a term of 11 months with monthly remuneration as noted against each as per approval under PIP and subject to renewal as per OSH & FW Society norms basing on the performance and subsistence of the programme. The position is purely temporary and co-terminus with the Scheme. Lower age limit is 21 years as on dt.01.08.2024.

| Sl. No. | Name of the Post | No. of Vacancy | Monthly Base Remuneration (in Rs.) | Date of Interview | Venue |
|---|---|---|---|---|---|
| 5 | Pediatrician-DEIC | 01 | 83,903/-+ PI | 21.09.2024 | Conference Hall, DHH, Dhenkanal |
| 6 | Dental Technician-DEIC | 01 | 15,623/- + PI | | |
| 8 | M.O- SNCU | 01 | 67,121/- + PI | | |

Interested candidates may log on to www.dhenkanal.odisha.gov.in to download details of advertisement, terms, conditions & application form etc. Eligible Candidates for the above post, who are interested, may appear for registration on the date as mentioned against each post with duly filled application form alongwith other documents. Registration timing will be from 10.00 am to 11.00 am only on Walk-in-Interview dates. No application form shall be entertained after scheduled timing of registration. No personal correspondence/ Enquiry will be entertained in this matter. Number of vacancies under this advertisement is provisional which may increase or decrease depending upon the actual vacancy. The undersigned reserves the right to cancel/ reject any or all the applications without assigning any reason thereof.

OIPR-10059/11/0005/2425 Sd./- CDM & PHO-cum-DMD, Dhenkanal

## ବିଶେଷ ସୂଚନା

ମୁଁ ପରେଶ ସେନ୍, ବୟସ ୪୬ ବର୍ଷ, ପିତା:ଂ ପ୍ରଦୀପ ସେନ୍, ସା:କାଜିବଜାର, ପୋ.ଅ.: ଚାନ୍ଦିନୀଚୌକ, ଥାନା:ଲାଲ୍‌ବାଗ, ଜିଲ୍ଲା:କଟକ, ମୋର ବାପା ପ୍ରଦୀପ ସେନ୍ ଏବଂ ମୋର ବାପାଙ୍କ ଭାଇ ଯେଏକି ମୋର ଦାଦା ପ୍ରବୀର କୁମାର ସେନ୍ ଅବିବାହିତ ଥାଇ ଗତ ତା.୨୭.୦୮.୧୯୯୧ ରିଖରେ ଦୁର୍ଘଟଣାରେ ମୃତ୍ୟୁବରଣ କରିଅଛନ୍ତି । ତାଙ୍କର ମୃତ୍ୟୁ ପରେ ମୁଁ ତାଙ୍କର ଏକମାତ୍ର ଉତ୍ତରାଧିକାରୀ ଅଟେ । ମୋର ବାପା ପ୍ରଦୀପ ସେନ୍ ଏବଂ ମୋର ଦାଦା ପ୍ରବୀର କୁମାର ସେନ୍‌ଙ୍କ ମୃତ୍ୟୁ ପରେ ସେମାନଙ୍କ ନାମରେ ଥିବା ସମସ୍ତ ସ୍ଥାବର ଅସ୍ଥାବର ସମ୍ପତ୍ତିରେ ମୁଁ ଏକମାତ୍ର ଉତ୍ତରାଧିକାରୀ ଅଟେ । ବର୍ତ୍ତମାନ ସମସ୍ତ ସ୍ଥାବର ସମ୍ପତ୍ତିକୁ ମୁଁ ମୋ ନିଜ ନାମରେ ରେକର୍ଡ କରିବାକୁ ଯାଉଅଛି । ଏଥିରେ ଯଦି କାହାର କିଛି ଆପତ୍ତି ଅଭିଯୋଗ ଥାଏ କିମ୍ବା ତାଙ୍କ ସମ୍ପତ୍ତିରେ ଭାଗ ଅଛି ତେବେ ସେମାନେ ନିମ୍ନଲିଖିତ ଫୋନ୍ ହ୍ୱାଟସ୍‌ଆପ୍ ମାଧ୍ୟମରେ ସୂଚନା ବାହାରିବାର ୧୫ ଦିନ ମଧ୍ୟରେ ଜଣାଇପାରିବେ । ନଚେତ୍ ସୂଚନା ବାହାରିବାର ୧୫ ଦିନ ପରେ କୌଣସି ପ୍ରକାର ଅଭିଯୋଗ ଶୁଣାଯିବ ନାହିଁ ।

**Contact: 6371693880, Whatsapp No.9437220364**

ସ୍ୱା./– ପରେଶ ସେନ୍

## GOVERNMENT OF ODISHA
## DEPARTMENT OF WATER RESOURCE
## OFFICE OF THE SUPERINTENDING ENGINEER, NAYAGARH IRRIGATION DIVISION, NAYAGARH

eenidivn@gmail.com

No.A-294: **e-Procurement No. 02 (NGR) of 2024-25**

| Procurement Officer | e-Procurement Notice No. | Name of Work | Cost of Work | Bid Security (Rs.) E.M.D. | Cost of Bid documents (Rs.) | Class of Contractor | Bid documents available online for bidding | | Date of Opening of Technical Bid | Period of Completion of work |
|---|---|---|---|---|---|---|---|---|---|---|
| Superintending Engineer, Nayagarh Irrigation Division | 02 (NGR) of 2024-25 | Construction of Sub-Division office building-cum-rest shed at Sarankul under Nayagarh Irrigation Division District- Nayagarh | 72.02 | 72100/- | 10000/- | 'B' Class | 20.09.2024 At 10.00 Hours | 04.10.2024 At 17.00 Hours | 4.10.2024 At 17.00 Hours | 12 (Twelve) Calendar Month) |
| | 02 (NGR) of 2024-25 | Improvement of Kamei Right embankment from Dhanchangeda to PWD road for 2024-25 (RD 00m to 2350m) | 99.83 | 99900/- | 10000/- | 'B' Class | 20.09.2024 At 10.00 hours | 04.10.2024 At 17.00 Hours | 4.10.2024 At 17.00 Hours | 12 (Twelve) Calendar Month) |

Further details can be seen from the Govt. Website **www.tendersorissa.gov.in.**

**Sd./- Superintending Engineer, Nayagarh Irrigation Division, Nayagarh**

OIPR-32260/11/0005/2425

## GOVERNMENT OF ODISHA
## OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, SUNABEDA

email- serwsbd2003@yahoo.com

No.3703/ **e- Procurement Notice for PM-JANMAN, Batch-II PMGSY works** Date:______/

**No.O-286:** 1.Name of the work : Construction of Road works under PM-JANMAN-03 Nos. 2. Class of contractor : "B" & "A" Class of (Odisha PWD) or relevant class of other licensing authority. 3. Estimated Cost : Varies from Rs.68.38 Lakhs to Rs.314.32 Lakhs (Approximately). 4.Details projects as per Annexure attached:

| Procurement Officer | Bid Identification No. | Availability of Tender online for bidding: From | Availability of Tender online for bidding: To | Last date & time of seeking tender clarification | Date & Time of opening of tender: Technical Bid | Date & Time of opening of tender: Financial Bids |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sunabeda | CCERWCSBD-Online-11/2024-25 | 19.09.2024 at 11.00 A.M. | 09.10.2024 upto 5.00 P.M. | 14.10.2024 upto 2.00 P.M. | 15.10.2024 at 11.00 A.M. | To be intimated separately |

5. The details of works can be seen from the website **https://www.pmgsytenders.gov.in** for PM-JANMAN PMGSY works.
6. Any Corrigendum/Addendum will be displayed in the above e-tender website.

OIPR-25182/11/0015/2425 **Sd./- Chief Engineer, Rural Works Circle, Sunabeda**

## CORRIGENDUM

Notice No. 9350/2024 Dated: 12.09.2024

**On the Advertisement for Selection and Engagement of Gram Rozgar Sevaks (GRS) vide Letter No. 9068 Dated: 30.08.2024 of Collector-cum-CEO, Zilla Parishad, Rayagada**

No. CAD-1122: The total number of vacancy position of GRS shown as 130 at Annexure-I & II in the advertisement published vide this office Letter No. 9069 Dated: 30.08.2024 shall be read as 129 for the total vacancy. The vacancy position under SC Male shown as 07 in Annexure-II, shall be read as 06 for SC Male candidate under SC Category. The other items in the advertisement remain unchanged.

Sd./- 12.09.2024 C.D.O.-cum-EO Zilla Parishad, Rayagada

Sd./- 12.09.2024 Collector-cum-CEO Zilla Parishad, Rayagada

OIPR-19266/11/0003/2425

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଖୋର୍ଦ୍ଧା
### (ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଉପବିଭାଗ)

ସଂଖ୍ୟା–୩୭୬ ତା.୧୩.୦୯.୨୪

**ବିଜ୍ଞପ୍ତି**

No.V–24:ଡଃ ବଳରାମ ସିଂ ବନାମ ଭାରତ ସରକାର [WP (C) ନଂ ୩୨୪/୨୦୨୦] ମାମଲାରେ ମାନ୍ୟବର ସୁପ୍ରିମକୋର୍ଟଙ୍କ ଦ୍ୱାରା ପ୍ରଦତ୍ତ ରାୟ ଏବଂ ଭାରତ ସରକାରଙ୍କ ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରାଳୟଙ୍କ ନିର୍ଦ୍ଦେଶ ଅନୁଯାୟୀ ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ଭୁବନେଶ୍ୱର ମହାନଗର ନିଗମ, ସମସ୍ତ ସହରାଞ୍ଚଳ ଏବଂ ସମସ୍ତ ପଞ୍ଚାୟତ ସମିତିରେ କରାଯାଇଥିବା ସର୍ଭେ ଅନୁସାରେ ଏହି ଜିଲ୍ଲାରେ କୌଣସି ଉଠା ପାଇଖାନା (ଇନସାନିଟାରୀ ଲାଟ୍ରିନ) କିମ୍ବା ହସ୍ତକୃତ ଭାବରେ ମଳ ସଫେଇ କରୁଥିବା ବ୍ୟକ୍ତି (ମାନୁଆଲ ସ୍କାଭେଞ୍ଜର) ନାହାନ୍ତି । ଏଣୁ ଜିଲ୍ଲାସ୍ତରୀୟ ସର୍ଭେ କମିଟିର ନିଷ୍ପତ୍ତି ଅନୁଯାୟୀ ଜିଲ୍ଲା ପ୍ରଶାସନ ଖୋର୍ଦ୍ଧା ଜିଲ୍ଲାକୁ ଉଠା ପାଇଖାନା (ଇନସାନିଟାରୀ ଲାଟ୍ରିନ) କିମ୍ବା ହସ୍ତକୃତ ଭାବରେ ମଳ ସଫେଇ କରୁଥିବା ବ୍ୟକ୍ତି (ମାନୁଆଲ ସ୍କାଭେଞ୍ଜର) ମୁକ୍ତ ଜିଲ୍ଲା ଭାବରେ ଘୋଷଣା କରିବାକୁ ଯାଉଛନ୍ତି । ଯଦି କୌଣସି ବ୍ୟକ୍ତି କିମ୍ବା ଅନୁଷ୍ଠାନ ଏ ସମ୍ପର୍କରେ କିଛି ଆପତ୍ତି/ଅଭିଯୋଗ/ମତାମତ ଦେବାକୁ ଚାହୁଁଛନ୍ତି, ସେମାନେ ଏହି ବିଜ୍ଞପ୍ତି ପ୍ରକାଶ ପାଇବାର ୧୫ ଦିନ ମଧ୍ୟରେ ନିମ୍ନସ୍ୱାକ୍ଷରକାରୀଙ୍କୁ ଲିଖିତ ଆକାରରେ ଜଣାଇପାରିବେ । ନିର୍ଦ୍ଧାରିତ ସମୟସୀମା ପରେ ହସ୍ତଗତ ହୋଇଥିବା ଆପତ୍ତି /ଅଭିଯୋଗ/ ମତାମତକୁ ଗ୍ରହଣ କରାଯିବ ନାହିଁ ।

ସ୍ୱା./– ଜିଲ୍ଲାପାଳ, ଖୋର୍ଦ୍ଧା

OIPR-24351/11/0038/2425 ତାରିଖ ୧୩.୦୯.୨୪

## GOVERNMENT OF ODISHA
## OFFICE OF DEPUTY DIRECTOR OF MINES, SAMBALPUR CIRCLE, SAMBALPUR

E-mail: ddm.sambalpur@orissaminerals.gov.in Date:17.09.2024

### NOTICE INVITING TENDER
### "INVITING APPLICATION FOR GRANT OF QUARRY LEASES"

**No.G-10:** In exercise of the power conferred by Section 15 of Mines and Mineral (Development & Regulation) Act, 1957 and in accordance with the Odisha Minor Mineral Concession Rules, 2016 as amended from time to time notified thereunder, the Government of Odisha has identified 10 Nos. quarry leases for electronic auction and hereby invites tender for the purpose of grant of Quarry Lease. Accordingly, technical bids for grant of quarry lease are invited in the format of 'Form-M' both in digital and physical format from eligible bidders. Eligible condition, date and time for participating in the electronic auction are provided in Tender Document. Detailed Tender Document along with the timeline, notification, updates and other details for the e-auction process for the quarries are available in electronic from only and can be downloaded from the website https://www.mstcecommerce.com. Interested and eligible bidders can register themselves on the above website. On successful registration. Eligible bidders will obtain login ID and password necessary for participation in the e-auction process. Model Tender Document and Mineral Block Summary are available free of cost on the website of MSTC (https://www.mstcecommerce.com.) The intending bidders should submit necessary details and relevant mandatory documents in Form - M, by using valid login User ID and password. The bidders should refer to the 'Bidder's Manual' for successful submission of 'Form-M' for participating in the tenders, which is available in the e-Auction portal. The period given to the bidder for submission of e-tenders for Technical Evaluation, is counted from the date on which the notice inviting tender (e-NIT) including e-tender is actually published in newspaper(s) and the website of the Directorate of Minor Minerals.

**Time schedule:** The detail time schedule is available in the tender document. Last date for submission of application: 18.10.2024, Date of opening of application (Technical bids): 18.10.2024, Date of auction: 29.10.2024 to 05.11.2024.

Annexure - I

**Sources Ready for E-Auction**

| Sl No. | Circle Name | Name of the District | Tahasil | Name of the Source | Mineral | Land Schedule: Mauza | Khata No. | Plot No. | Kissam | Area in Hectare | Resource Position, if available | MGQ | MAC |
|---|---|---|---|---|---|---|---|---|---|---|---|---|---|
| 1 | SAMBALPUR | SAMBALPUR | RAIRAKHOL | HARIHARJORE SAND QUARRY-2 | SAND | BADAMALA | 176 | 643 | JORA | 4.843 | YES | 6103 | 87 |
| 2 | SAMBALPUR | SAMBALPUR | RAIRAKHOL | SURUBALI JORE C SAND QUARRY | SAND | BANSAJALA | 109 | 643 | JORA | 5.034 | YES | 6063 | 68 |
| 3 | SAMBALPUR | SAMBALPUR | RAIRAKHOL | GHOSARAMAL-BAHALJHARAN SAND QUARRY | SAND | GHOSARAMAL | 87,23,87 | 33(p),297(p),1971(p) | JORA,JORA, JORA | 2.780,1.508, 0.785 | YES | 1750 | 58 |
| 4 | SAMBALPUR | SAMBALPUR | RAIRAKHOL | TENTALAKHOL SAND QUARRY | SAND | TENTALAKHOLA | 18 | 453(p) | JORA | 2.61 | YES | 3156 | 76 |
| 5 | SAMBALPUR | SAMBALPUR | SAMBALPUR | SIKRIDI STONE QUARRY NO-2 | STONE | SIKRIDI | 162 | 1737/2210,1764/2211 | PATHAR CHATTAN,PATHAR CHATTAN | 0.034, 0.616 | YES | 5580 | 97 |
| 6 | SAMBALPUR | SAMBALPUR | SAMBALPUR | SIKRIDI STONE QUARRY NO-3 | STONE | SIKRIDI | 160 | 1781 | PATITA | 1.218 | YES | 5000 | 97 |
| 7 | SAMBALPUR | SAMBALPUR | NAKTIDEUL | HIKAPALI STONE QUARRY | STONE | HIKAPALI | 38 | 104(p) | DUNGURI | 5.059 | YES | 1125 | 67 |
| 8 | SAMBALPUR | SAMBALPUR | RENGALI | KHINDA SAND QUARRY | SAND | KHINDA | 248 | 75/2117, 22 | NADI, NADI | 4.593, 1.477 | YES | 10407 | 315 |
| 9 | SAMBALPUR | SAMBALPUR | RENGALI | THELKOLOI-1 SAND QUARRY | SAND | THELKOLOI | 1 | 1 | JALABHANDAR | 5.059 | YES | 4176 | 249 |
| 10 | SAMBALPUR | SAMBALPUR | RENGALI | THELKOLOI-2 SAND QUARRY | SAND | THELKOLOI | 1 | 1/3249 | JALABHANDAR | 7.912 | YES | 6597 | 249 |

Sd./- Mining Officer, Sambalpur Circle, Sambalpur

## ଓଡ଼ିଶା ସରକାର
## ଖଣି ଉପ–ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ, ସମ୍ବଲପୁର ଜିଲ୍ଲା, ସମ୍ବଲପୁର କ୍ଷେତ୍ର

ଇ–ମେଲ: ddm.sambalpur@orissaminerals.gov.in ତା: ୧୭।୦୯।୨୦୨୪

### ଟେଣ୍ଡର ନିମନ୍ତ୍ରଣ ବିଜ୍ଞପ୍ତି

ମାଇନ୍ସ ଏବଂ ମିନେରାଲ (ଡେଭଲପମେଣ୍ଟ ଆଣ୍ଡ ରେଗୁଲେସନ) ଆକ୍ଟ, ୧୯୫୭ର ଧାରା ୧୫ରେ ରାଜ୍ୟ ସରକାରଙ୍କୁ ଦିଆଯାଇଥିବା କ୍ଷମତା ଅନୁସାରେ ଏବଂ ସମୟ ସମୟରେ ସଂଶୋଧିତ ଓଡ଼ିଶା ମାଇନୋରାଲ୍ ମିନେରାଲ କନ୍‌ସେସ୍ ନିୟମ, ୨୦୧୬ ଅନୁଯାୟୀ ୧୦ ସଂଖ୍ୟକ ଲଘୁ ଖଣିଜ ଉତ୍ସର ଇ–ନିଲାମ ମାଧ୍ୟମରେ ଲିଜ୍ ଅନୁଦାନ ପାଇଁ ଟେଣ୍ଡର ଆହ୍ୱାନ କରାଯାଉଛି।
ତଦନୁସାରେ, କ୍ୱାରି ଲିଜ୍ ଅନୁଦାନ ପାଇଁ 'ଫର୍ମ–ଏମ୍' ଫର୍ମାଟରେ (ଉଭୟ ଡିଜିଟାଲ ଓ ଫିଜିକାଲ) ବୈଷୟିକ ବିଡ୍ ଆମନ୍ତ୍ରଣ କରାଯାଉଛି।
ଇଲେକ୍ଟ୍ରୋନିକ୍ ନିଲାମରେ ଅଂଶଗ୍ରହଣ ପାଇଁ ଯୋଗ୍ୟ ସର୍ତ୍ତ, ତାରିଖ ଏବଂ ସମୟ ଟେଣ୍ଡର ଡକ୍ୟୁମେଣ୍ଟରେ ପ୍ରଦାନ କରାଯାଇଛି। କ୍ୱାରିଗୁଡ଼ିକ ପାଇଁ ଇ–ନିଲାମ ପ୍ରକ୍ରିୟାର ସମୟସାରଣୀ, ବିଜ୍ଞପ୍ତି, ଅପଡେଟ୍ ଏବଂ ଅନ୍ୟାନ୍ୟ ବିବରଣୀ ସହିତ ଟେଣ୍ଡର ଡକ୍ୟୁମେଣ୍ଟକୁ **https://www.mstcecommerce.com** ୱେବ୍‌ସାଇଟ୍‌ରୁ ଡାଉନଲୋଡ୍ କରାଯାଇପାରିବ।
ଆଗ୍ରହୀ ବିଡରମାନେ ଉପରୋକ୍ତ ୱେବ୍‌ସାଇଟ୍‌ରେ ନିଜକୁ ପଞ୍ଜିକୃତ କରିପାରିବେ। ସଫଳ ପଞ୍ଜୀକରଣ ପରେ ଇ–ନିଲାମ ପ୍ରକ୍ରିୟାରେ ଅଂଶଗ୍ରହଣ ପାଇଁ ବିଡରମାନେ ଲଗଇନ୍ ଆଇଡି ଏବଂ ପାସୱାର୍ଡ ପାଇବେ। ମଡେଲ ଟେଣ୍ଡର ଡକ୍ୟୁମେଣ୍ଟ ଏବଂ ମିନେରାଲ ବ୍ଲକ ସାରାଂଶ ଉପରୋକ୍ତ ୱେବ୍‌ସାଇଟ୍‌ରେ ମାଗଣାରେ ଉପଲବ୍ଧ।
ଇଚ୍ଛୁକ ବିଡରମାନେ ନିଜର ଲଗଇନ୍ ୟୁଜର ID ଏବଂ ପାସୱାର୍ଡ ବ୍ୟବହାର କରି ଫର୍ମ–Mରେ ଆବଶ୍ୟକୀୟ ବିବରଣୀ ଏବଂ ପ୍ରଯୁଜ୍ୟ ବାଧ୍ୟତାମୂଳକ ଡକ୍ୟୁମେଣ୍ଟ ଦାଖଲ କରିବେ। 'ଫର୍ମ–ଏମ୍'ର ସଫଳ ଦାଖଲ ପାଇଁ ବିଡରମାନେ ଇ–ନିଲାମ ପୋର୍ଟାଲରେ ଉପଲବ୍ଧ 'ବିଡ଼ର ମାନୁଆଲ'କୁ ଅନୁସରଣ କରିବା ଉଚିତ୍। ଇ–ଟେଣ୍ଡର ଦାଖଲ ପାଇଁ ବିଡରଙ୍କୁ ଦିଆଯାଇଥିବା ଅବଧି, ଖବରକାଗଜ ଏବଂ MSTC ୱେବ୍‌ସାଇଟ୍‌ରେ ଟେଣ୍ଡର ବିଜ୍ଞପ୍ତି ପ୍ରକାଶ ହେବା ଦିନଠାରୁ ଗଣନା କରାଯିବ।
**ସମୟ ସାରଣୀ:** ଟେଣ୍ଡର ଡକ୍ୟୁମେଣ୍ଟରେ ସବିଶେଷ ସମୟସାରଣୀ ଉପଲବ୍ଧ ଅଛି। ଟେଣ୍ଡର ଆବେଦନର ଶେଷ ତାରିଖ: ୧୮।୧୦।୨୦୨୪। ଆବେଦନ (ବୈଷୟିକ ବିଡ୍) ଖୋଲିବା ତାରିଖ: ୧୮।୧୦।୨୦୨୪। ନିଲାମ ତାରିଖ: ୨୯।୧୦।୨୦୨୪ରୁ ୦୫।୧୧।୨୦୨୪।

**କ୍ୱାରୀଗୁଡ଼ିକର ତାଲିକା:**

| କ୍ର.ନଂ. | କ୍ଷେତ୍ର | ଜିଲ୍ଲା | ତହସିଲ | ସୋର୍ସ ର ନାମ | ଲାଣ୍ଡ ସେଡ୍ୟୁଲ: ମୌଜା | ଖତିୟାନ ନଂ. | ପ୍ଲଟ ନଂ. | କିସମ | କ୍ଷେତ୍ରଫଳ | ପରିମାଣ | MAC per $M^3$ (in Rs.) | MGQ per year |
|---|---|---|---|---|---|---|---|---|---|---|---|---|
| 1 | ସମ୍ବଲପୁର | ସମ୍ବଲପୁର | ରେଢାଖୋଲ | ହରିହାରଜୋର ବାଲି ଖଣି -୨ | ବାଡମାଳା | ୧୭୬ | ୬୪୩ | ଜୋର | ୪.୮୪୩ | ପ୍ରାପ୍ତବ୍ୟ | ୬୧୦୩ | ୮୭ |
| 2 | ସମ୍ବଲପୁର | ସମ୍ବଲପୁର | ରେଢାଖୋଲ | ସୁରୁବାଲିଜୋର – ସି ବାଲି ଖଣି | ବଂଶାଜଳ | ୧୦୯ | ୬୪୩ | ଜୋର | ୫.୦୪୩ | ପ୍ରାପ୍ତବ୍ୟ | ୬୦୬୩ | ୬୮ |
| 3 | ସମ୍ବଲପୁର | ସମ୍ବଲପୁର | ରେଢାଖୋଲ | ଘୋଷାରିମାଳ – ବହାଲଝରଣ ବାଲି ଖଣି | ଘୋଷାରମାଳ | ୮୭,୨୩,୮୭ | ୩୩(ଋ),୨୯୭(ଋ),୧୯୭୧(ଋ) | ଜୋର,ଜୋର,ଜୋର | ୨.୭୮୦,୧.୫୦୮,୦.୭୮୫ | ପ୍ରାପ୍ତବ୍ୟ | ୧୭୫୦ | ୫୮ |
| 4 | ସମ୍ବଲପୁର | ସମ୍ବଲପୁର | ରେଢାଖୋଲ | ତେନ୍ତଲାଖୋଲ ବାଲି ଖଣି | ତେନ୍ତଲାଖୋଲ | ୧୮ | ୪୫୩(ଋ) | ଜୋର | ୨.୬୧ | ପ୍ରାପ୍ତବ୍ୟ | ୩୧୫୬ | ୭୬ |
| 5 | ସମ୍ବଲପୁର | ସମ୍ବଲପୁର | ସମ୍ବଲପୁର | ସିକ୍ରିଡି ୨ ପଥର ଖଣି | ସିକ୍ରିଡି | ୧୬୨ | ୧୭୩୭/୨୨୧୦,୧୭୬୪/୨୨୧୧ | ପଥର ଚଟାଣ, ପଥର ଚଟାଣ | ୦.୦୩୪,୦.୬୧୬ | ପ୍ରାପ୍ତବ୍ୟ | ୫୫୮୦ | ୯୭ |
| 6 | ସମ୍ବଲପୁର | ସମ୍ବଲପୁର | ସମ୍ବଲପୁର | ସିକ୍ରିଡି ୩ ପଥର ଖଣି | ସିକ୍ରିଡି | ୧୬୦ | ୧୭୮୧ | ପତିତ | ୧.୨୧୮ | ପ୍ରାପ୍ତବ୍ୟ | ୫୦୦୦ | ୯୭ |
| ୭ | ସମ୍ବଲପୁର | ସମ୍ବଲପୁର | ନକଟିଦେଉଳ | ହିକପାଲି ପଥର ଖଣି | ହିକପାଲି | ୩୮ | ୧୦୪ (ଋ) | ଡୁଙ୍ଗୁରୀ | ୫.୦୫୮ | ପ୍ରାପ୍ତବ୍ୟ | ୧୧୨୫ | ୬୨ |
| ୮ | ସମ୍ବଲପୁର | ସମ୍ବଲପୁର | ରେଙ୍ଗାଳି | ଖିନ୍ଦା ବାଲି ଖଣି | ଖିନ୍ଦା | ୨୪୮ | ୨୨, ୭୫/୨୧୧୭ | ନଦୀ | ୪.୫୯୩,୧.୪୭୭ | ପ୍ରାପ୍ତବ୍ୟ | ୧୦୪୦୭ | ୩୧୫. |
| ୯ | ସମ୍ବଲପୁର | ସମ୍ବଲପୁର | ରେଙ୍ଗାଳି | ଠେଲକୋଲୋଇ -୧ ବାଲି ଖଣି | ଠେଲକୋଲୋଇ | ୧ | ୧ | ଜଳଭଣ୍ଡାର | ୫.୦୫୯ | ପ୍ରାପ୍ତବ୍ୟ | ୪୧୭୬ | ୨୪୯. |
| ୧୦ | ସମ୍ବଲପୁର | ସମ୍ବଲପୁର | ରେଙ୍ଗାଳି | ଠେଲକୋଲୋଇ -୨ ବାଲି ଖଣି | ଠେଲକୋଲୋଇ | ୧ | ୧/୩୨୯୪ | ଜଳଭଣ୍ଡାର | ୭.୯୧୨ | ପ୍ରାପ୍ତବ୍ୟ | ୬୫୯୭ | ୨୪୯. |

OIPR-30044/11/0001/2425 ସ୍ୱା./– ଖଣି ଅଧିକାରୀ, ସମ୍ବଲପୁର ମଣ୍ଡଳ, ସମ୍ବଲପୁର

## OFFICE OF THE SUPERINTENDENT
## BHIMA BHOI MEDICAL COLLEGE & HOSPITAL

At/P.O./Dist.: Balangir, PIN - 767001 (Odisha), E-mail: gmchospitalbalangir1@gmail.com
Letter No. IX-F-29/2024/5800/Store (BBMC&H)/24, Balangir Date: 17.09.24

### CORRIGENDUM NOTICE

No. E-325: The last date of submission of tender document for "Providing of Commercial Vehicles (Petrol) including Driver" to the BBMC&H, Balangir vide this office Tender Call Notice No. 5246 Dtd.23.08.2024 has been extended upto 26.09.2024 instead of 17.09.2024.
Others terms and conditions as notified vide this office notification No. 5246 Dtd.23.08.2024 will remain unchanged.

Sd./- Superintendent
Bhima Bhoi Medical College & Hospital, Balangir

OIPR-10141/11/0016/2425

## GOVERNMENT OF ODISHA
## OFFICE OF THE PANCHAYAT SAMITI, HARICHANDANPUR

### NOTICE INVITING TENDER e-Procurement
**Online Bid ID No.01-Harichandanpur (KJR/2024-2025)**

No.i-159 : The Block Development Officer, Harichandanpur on behalf of the Government of Odisha invites online percentage rate tender through "e" procurement to be received in online mode for the works as detailed in the Annexure to this bid notice.

| | |
|---|---|
| Name of Works | Civil construction works |
| No. of Works | 4 (Four) Nos. |
| Estimated Cost | Rs.50.99 Lakhs |
| Tender Paper Cost | Mentioned in Column No. 6 of Tender call notice |
| Period of completion | 06 (Six) calendar month |
| Availability of Bid Documents | From 18.09.2024 to 25.09.2024 during office hours in Website (www.tenderorissa.gov.in) |
| Period of receipt of Bid through online | From 18.09.2024 to 25.09.2024 through online |
| Date of Opening of Technical Bid Documents | At 11.00 A.M. on 30.09.2024 in the office chamber of the Block Development Officer, Harichandanpur |
| Date of Lottery | At 11.00 A.M. on 03.10.2024 in the office chamber of the Block Development Officer, Harichandanpur |
| Digital Signature Certificate of Bidder | The bidder must possess compatible digital signature certificate (DSC) of Class-II or Class-III |
| Name and Address of the OIT | Block Development Officer, Harichandanpur At/Po-Harichandanpur, Dist-Keonjhar, Pin-758028, E-Mail - ori-harichandanpur@nic.in |

Further Details can be seen from the web site : www.tendersorissa.gov.in

OIPR-19117/11/0001/2425 Sd./- Block Development Officer, Harichandanpur

## Government of Odisha "e" Procurement Notice
## WORKS DEPARTMENT

No.B-256

**Bid Identification No. CCEKC - 11/2024-25**

e-mail : ccekeonjharpwdcircle@gmail.com / sekcpwd_keonjhar@yahoo.com

**Letter No. 4169 dt.12.09.2024**

| | | |
|---|---|---|
| 1 | Name of the work | Improvement to Udayapur - Saharpada Road from Ch. 5/260 km to Ch. 16/00 km under RIDF for the year 2024-25 (Balance Work) |
| 2 | Estimated cost | Rs. 122.32 Lakhs |
| 3 | Class of Contractor | "B" & "A" Class |
| 4 | Period of completion | 04 (Four) Calendar Months |
| 5 | date and Time of availability of Bid document in the portal | from 11.30 Hours of 19.09.2024 to 16.00 Hours of 04.10.2024 |
| 6 | Last date / Time for receipt of bids in the portal | 16.00 Hours of 04.10.2024 |
| 7 | Date of opening of Bid from Portal | 11.30 Hours on 05.10.2024 |
| 8 | Name and address of the officer inviting Bid | Chief Construction Engineer, Keonjhar (R&B) Circle, Keonjhar-758001 |

Further details can be seen from the e-procurement portal "http://tendersodisha.gov.in"

Sd./- Chief Construction Engineer
Keonjhar (R&B) Circle, Keonjhar

OIPR-34033/11/0028/2425

## PANCHAYAT SAMITI,BELPADA

Email id: ori-belpada@nic.in

### E-Procurement Notice

**No.i-164:** Bid documents consisting of Work, Estimated Cost, Cost of Tender Paper, EMD, Time of Completion, Class of Contractors and the set of terms and conditions of contract and other necessary documents can be seen in Govt. website i.e. www.tendersorissa.gov.in.

1. Tender Reference No. : 01/2024-25/BELPADA BLOCK
2. Bid Identification No. : 2024_PRBBP_104896_1 to 7
3. Name of the Work : as mentioned in DTCN
4. No. of Works : 07
5. Estimated Cost : As per DTCN
6. Period of Completion : As per DTCN
7. Date & Time of Bidding : 17.09.2024 at 10 AM to 03.10.2024 upto 5.30 PM through online only
8. Last date & time for receipt of bids in the portal : 03.10.2024 upto 5.30 PM
9. Opening of Price Bid : 04.10.2024 at 11.00 AM
10. Name and address of the Officer Inviting Bid : Panchayat Samiti, Belpada

Further details can be seen from the procurement portal i.e. https://www.tendersorissa.gov.in.

OIPR-19110/11/0003/2425 Sd./- BDO, BELPADA

## Government of Odisha
## Information & Public Relations Department
## Loka Sampark Bhawan, Bhubaneswar

No.Z-

### Corrigendum Notice

File No.PT1-IPR-IMU-0003-2024 11739 / I&PR, BBSR, dated : 17.09.2024

The date for opening of the proposals received in pursuance of RFP No - 10163 Dt-16.08.2024 of I&PR Department, as published on Dt.-17.08.2024 in The Samaj, The Sambad, The Dharitri, The Times of India, The Hindustan Times and The Hindu is deferred to dt. **24.09.2024** at **11.30 A.M.** on account of unavoidable circumstances.

OIPR-15001/11/0176/2425 **Sd./- Director, I&PR**

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଆଦ୍ୟା ଅସ୍ମିତା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# କରାଚୀରେ ଆଇସିସି ପ୍ରତିନିଧି ଦଳ

**କରାଚୀ,୧୭।୯ (ପି.ଟି.)**

ଆସନ୍ତା ବର୍ଷ ପାକିସ୍ତାନରେ ଚାମ୍ପିୟନ୍ସ ଟ୍ରଫି ହେବ। ଦେଶର ସାମ୍ପ୍ରତିକ ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରିବା ଲାଗି ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି)ର ଏକ ୫ ଜଣିଆ ପ୍ରତିନିଧି ଦଳ ମଙ୍ଗଳବାର କରାଚୀରେ ପହଞ୍ଚିଛି। ପ୍ରତିନିଧି ଦଳରେ ଆଇସିସିର ଇଭେଣ୍ଟ ଓ ସୁରକ୍ଷା ବିଭାଗ ଏବଂ ଜେନେରାଲ କ୍ରିକେଟ ଓ ପ୍ରଡକ୍ସନ ମ୍ୟାନେଜରର ଟପ୍ ଅଫସିଆଲ ରହିଛନ୍ତି। ଆଇସିସିର ପିଚ୍ ପରାମର୍ଶଦାତା ଆଣ୍ଡି

## ସୁରକ୍ଷା ବ୍ୟବସ୍ଥା ସମୀକ୍ଷା

ଆଟ୍‌କିନ୍‌ସନ ଏପ୍ରିଲ ପରଠାରୁ ୩ଥର ଭିନ୍ନ ଭିନ୍ନ ସମୟରେ ପାକିସ୍ତାନ ପରିଦର୍ଶନରେ ଆସିଛନ୍ତି। ଖବର ଅନୁସାରେ କିଛିମାସ ପୂର୍ବେ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ଦ୍ୱାରା ପ୍ରସ୍ତୁତ କରାଯାଇ ପଠାଯାଇଥିବା ଟୁର୍ନାମେଣ୍ଟର କାର୍ଯ୍ୟସୂଚୀକୁ ନେଇ ଆଲୋଚନା କରିବାକୁ ଆଇସିସି ପ୍ରତିନିଧି ଦଳ ଆସିଛି। ଟୁର୍ନାମେଣ୍ଟରେ ଭାରତର ସମସ୍ତ ମ୍ୟାଚ ଲାହୋରରେ ଆୟୋଜନ କରିବା ଲାଗି ବ୍ୟବସ୍ଥା କରିଥିଲା। କିନ୍ତୁ ଭାରତ ସରକାର ଭାରତୀୟ ଦଳକୁ ପାକିସ୍ତାନ ଯିବା ଲାଗି ଅନୁମତି ଦେବ ନାହିଁ। ଏପରି ସ୍ଥଳେ ବିକଳ୍ପ ବ୍ୟବସ୍ଥାକୁ ନେଇ ଆଲୋଚନା ହେବ। ପ୍ରତିନିଧି ଦଳ ଇସ୍‌ଲାମାବାଦ ଓ ଲାହୋର ଗସ୍ତ କରିବା ପୂର୍ବରୁ ଆହୁରି ମଧ୍ୟ କରାଚୀରେ ନିର୍ମାଣ କାର୍ଯ୍ୟ ଏବଂ ହୋଟେଲ ବ୍ୟବସ୍ଥା ବୁଲି କରି ଦେଖିବ। ପ୍ରତିନିଧି ଦଳରେ ଆଇସିସି ସିକ୍ୟୁରିଟି ମ୍ୟାନେଜର ରହିଛନ୍ତି। ସେ ପାକିସ୍ତାନ ସିକ୍ୟୁରିଟି ଅଫିସିଆଲଙ୍କ ସହ ଆଲୋଚନା କରିବେ। ଖବର ଅନୁସାରେ ଆଇସିସି ଟୁର୍ନାମେଣ୍ଟର କାର୍ଯ୍ୟସୂଚୀ ଚୂଡ଼ାନ୍ତ କରିବ।


## ଷଷ୍ଠ ଜନ୍ମ ଦିବସ ଶୁଭେଚ୍ଛା



**ଆଦ୍ୟା ଅସ୍ମିତା ସାହୁ**

ଆଜି ଆଦ୍ୟାର ଷଷ୍ଠ ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥ ଆଦ୍ୟାଙ୍କୁ ଦୀର୍ଘାୟୁ ଓ ଯଶସ୍ୱୀ କରନ୍ତୁ ଏବଂ ଚଲାପଥ କୁସୁମିତ ଓ ଭବିଷ୍ୟତ ଉଜ୍ଜ୍ୱଳମୟ କରନ୍ତୁ ଏତିକି ହିଁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ।

ଶୁଭେଚ୍ଛା ସହ- ହର୍ଷିତା, ହଂସିତା, ପାପା, ମାମା, ଅଜା, ଆଈ, ଜେଜେବାପା, ଜେଜେମାଆ, ମାମୁ, ମାଈଁ, ଲକିମାମୁ, ବିକିମାମୁ, ତଲଆଈ ଓ ବନ୍ଧୁବାନ୍ଧବ ଏବଂ ଆତ୍ମୀୟସ୍ୱଜନ ।

ଧ-୧୩୭୨


# ମହିଳା, ପୁରୁଷଙ୍କ ପୁରସ୍କାର ରାଶି ସମାନ

**ଦୁବାଇ, ୧୭।୯ (ପି.ଟି.)**

ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ମଙ୍ଗଳବାର ଏକ ଐତିହାସିକ ନିଷ୍ପତ୍ତି ନେଇଛି। ବିଶ୍ୱକପ୍ ଲାଗି ଉଭୟ ପୁରୁଷ ଓ ମହିଳା ଖେଳାଳିଙ୍କ ଲାଗି ସମାନ ପୁରସ୍କାର ରାଶି ଘୋଷଣା କରିଛି। ଆସନ୍ତା ମାସରେ ହେବାକୁଥିବା ମହିଳା ଟି୨୦ ବିଶ୍ୱକପ୍‌ରେ ଏହା ଲାଗୁ କରାଯିବ। ପୁରସ୍କାର ରାଶିରେ ୨୨୫ ପ୍ରତିଶତ ବୃଦ୍ଧି କରାଯାଇଛି, ଅର୍ଥାତ ମୋଟ ପୁରସ୍କାର ରାଶି ୭.୯୫ ଆମେରିକୀୟ ଡଲାରକୁ ବୃଦ୍ଧି କରାଯାଇଛି। ଏଣିକି ଟି୨୦ ବିଶ୍ୱକପ୍ ବିଜେତା ମହିଳା ଦଳ ପାଣ୍ଠିର ସିଂହଭାଗ ୨.୩୪ ନିୟୁତ ଡଲାର ପାଇବ। ୨୦୨୩ରେ ଦକ୍ଷିଣ ଆଫ୍ରିକାରେ ବିଜେତା ଅଷ୍ଟ୍ରେଲିଆ ମହିଳା ଦଳ ୧ ନିୟୁତ ଆମେରିକୀୟ ଡଲାର



ପାଇଥିଲା। ତା'ଠାରୁ ଏହା ୧୩୪ ପ୍ରତିଶତ ଅଧିକ ବୋଲି ଆଇସିସି କହିଛି। ଚଳିତବର୍ଷ ପୁରୁଷ ଟି୨୦ ବିଶ୍ୱକପ୍ ବିଜେତା ଭାରତୀୟ ପୁରୁଷ ଦଳ ୨.୪୫ ଆମେରିକୀୟ ଡଲାର ପାଇଥିଲା। ଆଇସିସି ମହିଳା ଟି୨୦ ବିଶ୍ୱକପ୍ ୨୦୨୪ ହେବ ଆଇସିସିର ପ୍ରଥମ ଇଭେଣ୍ଟ, ଯେଉଁଥିରେ ମହିଳାମାନେ ପୁରୁଷଙ୍କ ସହ ସମାନ ପୁରସ୍କାର ପାଇବେ। ଖେଳର ଇତିହାସରେ ଏହା ଏକ ଉଲ୍ଲେଖନୀୟ ମାଇଲଖୁଣ୍ଟ ବୋଲି ଆଇସିସି କହିଛି। ଆସନ୍ତା ମାସରେ ହେବାକୁଥିବା ଇଭେଣ୍ଟରେ ରନରଅପ୍ ଦଳ ୧.୧୭ ନିୟୁତ ଡଲାର ପାଇବ। ଘରୋଇ ମାଟି ନ୍ୟୁଲାଣ୍ଡ୍ସ କ୍ରିକେଟ ଗ୍ରାଉଣ୍ଡରେ ଫାଇନାଲରେ ପ୍ରବେଶ କରି ଦକ୍ଷିଣ

## ଟି୨୦ ବିଶ୍ୱକପ୍

ଆଫ୍ରିକାରେ ୫୦୦,୦୦୦ ଡଲାର ପୁରସ୍କାର ପାଇଥିଲା। ସେ ତୁଳନାରେ ଏହା ୧୩୪ ପ୍ରତିଶତ ଅଧିକ। ଏଥର ଦୁଇ ପରାଜିତ ସେମିଫାଇନାଲିଷ୍ଟ ୬୭୫,୦୦୦ ଡଲାର (୨୦୨୩ରେ ୨୧୦,୦୦୦ ଡଲାର) ଲେଖାଏଁ ପାଇବେ। ଇଭେଣ୍ଟର ମୋଟ ପୁରସ୍କାର ରାଶି ୭.୯୫୮,୦୮୦ ଆମେରିକୀୟ ଡଲାର କରାଯାଇଛି। ଅର୍ଥାତ ଗତବର୍ଷର ମୋଟ ପୁରସ୍କାର ରାଶି ୨.୪୫ ନିୟୁତ ଡଲାର ତୁଳନାରେ ୨୨୫ ପ୍ରତିଶତ ଅଧିକ। ଗ୍ରୁପ୍ ପର୍ଯ୍ୟାୟରେ ପ୍ରତିଟି ବିଜୟରେ ଦଳ ୩୧, ୧୫୪ ଡଲାର ଲେଖାଏଁ ପାଇବେ। ସେମିଫାଇନାଲ ପ୍ରବେଶ କରି ପାରି ନ ଥିବା ଦଳଗୁଡ଼ିକ ଗ୍ରୁପ୍‌ରେ ସେମାନଙ୍କ ପୋଜିଶନ ଅନୁସାରେ ୧.୩୫ ନିୟୁତ ଡଲାରକୁ ବାଣ୍ଟିକରି ନେବେ। ସେମାନଙ୍କ ଗ୍ରୁପ୍‌ରେ ତୃତୀୟ କିମ୍ବା ଚତୁର୍ଥ ସ୍ଥାନ ଅଧିକାର କରିଥିବା ଦଳ ପ୍ରତ୍ୟେକ ୨୭୦,୦୦୦ ଡଲାର ଲେଖାଏଁ ପାଇବେ। ସେହିପରି ଉଭୟ ଗ୍ରୁପ୍‌ରେ ୫ମ ସ୍ଥାନ ଅଧିକାର କରିଥିବା ଦଳ ୧୩୫,୦୦୦ ଲେଖାଏଁ ପାଇବେ। ଟୁର୍ନାମେଣ୍ଟର ୯ମ ସଂସ୍କରଣ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ର ଦୁଇଟି ଭେନ୍ୟୁ ଦୁବାଇ ଓ ଶାରଜାଠାରେ ଅକ୍ଟୋବର ୩ରୁ ୨୦ ପର୍ଯ୍ୟନ୍ତ ହେବ। ଅକ୍ଟୋବର ୧୫ ପୂର୍ବରୁ ସମସ୍ତ ଗ୍ରୁପ୍ ମ୍ୟାଚ ଶେଷ ହେବ। ସେମିଫାଇନାଲ ଅକ୍ଟୋବର ୧୭ ଓ ୧୮ରେ ଏବଂ ଫାଇନାଲ ଅକ୍ଟୋବର ୨୦ରେ ଖେଳାଯିବ।

# ହକି ଷ୍ଟାର୍ସ ପୁରସ୍କାର ଦୌଡ଼ରେ ହରମନ୍‌ପ୍ରୀତ୍, ଶ୍ରୀଜେଶ୍

**ଲାଉସାନେ, ୧୭।୯ (ପି.ଟି.):** ଭାରତୀୟ ହକି ଦଳର ଅଧିନାୟକ ହରମନ୍‌ପ୍ରୀତ୍ ସିଂ ଓ ପୂର୍ବତନ ଗୋଲ୍‌କିପର ପି.ଆର. ଶ୍ରୀଜେଶ ହକି ଷ୍ଟାର୍ସ ପୁରସ୍କାର ଦୌଡରେ ସାମିଲ ହୋଇଛନ୍ତି। ମଙ୍ଗଳବାର ଅନ୍ତର୍ଜାତୀୟ ହକି ଫେଡେରେଶନ (ଏଫ୍ଆଇଏଚ୍) ପକ୍ଷରୁ ଶର୍ଟ ଲିଷ୍ଟ ତାଲିକା ପ୍ରକାଶ ପାଇଛି। ଉଭୟ ହରମନ୍‌ପ୍ରୀତ୍ ଓ ଶ୍ରୀଜେଶ ଭାରତକୁ ପ୍ୟାରିସ୍ ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ଜିତାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ହରମନ୍‌ପ୍ରୀତ୍ ୧୦ ଗୋଲ୍ ସହ ପ୍ୟାରିସ୍‌ରେ ସର୍ବାଧିକ ଗୋଲ୍‌ର ରେକର୍ଡ କରିଥିଲେ। ବର୍ଷର ଶ୍ରେଷ୍ଠ ଖେଳାଳି ପୁରସ୍କାର ଦୌଡରେ ଥିଏରୀ ବ୍ରିଙ୍କମାନ୍ (ନେଦରଲାଣ୍ଡ୍ସ), ଜୋଏପ୍ ଡି ନୋଏଲ୍ (ନେଦରଲାଣ୍ଡ୍ସ), ହାନ୍ସ ମୁଲେର (ଜର୍ମାନୀ) ଓ ଜ୍ୟାକ୍ ୱାଲେସ୍ (ଇଂଲଣ୍ଡ)ଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରିବେ ହରମନ୍‌ପ୍ରୀତ୍। ଅନ୍ୟ ପକ୍ଷରେ ଭାରତ ପାଇଁ ଅଲିମ୍ପିକ୍ସରେ ଅନ୍ତିମ ଥର ପ୍ରତିଦ୍ୱନ୍ଦ୍ୱିତା କରିଥିଲେ ଶ୍ରୀଜେଶ୍। ଚମତ୍କାର ଡିଫେନ୍ସର ପ୍ରଦର୍ଶନ କରିବା ସହିତ ଗ୍ରେଟ୍ ବ୍ରିଟେନ୍ ବିପକ୍ଷରେ ଭାରତକୁ ବିଜୟୀ କରିଥିଲେ ଶ୍ରୀଜେଶ। କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ଭାରତ ୧୦ ଜଣ ଖେଳାଳିଙ୍କୁ ନେଇ ଖେଳିଥିଲେ ମଧ୍ୟ ପେନାଲ୍ଟି ଶୁଟ୍ଆଉଟରେ ବିଜୟୀ ହୋଇଥିଲା। ବ୍ରୋଞ୍ଜ ପଦକ ପ୍ଲେ ଅଫ୍‌ରେ ଭାରତ ୨-୧ରେ ସ୍ପେନ୍‌କୁ ପରାସ୍ତ କରିଥିଲା। ଏହି ପୁରସ୍କାର ଦୌଡରେ ପିରମିନ୍ ବ୍ଲାକ୍(ନେଦରଲାଣ୍ଡ୍ସ), ଲୁଇସ୍ କାଲଜାଡୋ (ସ୍ପେନ୍), ଜିନ୍ ପଲ ଡାନେବର୍ଗ(ଜର୍ମାନୀ) ଓ ଟୋମାସ ସାଣ୍ଟିଆଗୋ (ଆର୍ଜେଣ୍ଟିନା)ଙ୍କ ସହିତ ମୁକାବିଲା କରିବେ ଶ୍ରୀଜେଶ୍।


ପି.ଆର ଶ୍ରୀଜେଶ ଓ ହରମନପ୍ରୀତ ସିଂ।


# Classified Everyday
0674-2580101, 2549949


MATRIMONIAL

## BRIDE WANTED

Publish free matrimony Ads in www.happylifehappybazar.com.Send to 9668072655. D-1339

କଟକ ଏବଂ ଜଗତପୁରରେ ନିଜର ବାସଗୃହ ଥିବା 30 ବର୍ଷର ଖଣ୍ଡାୟତ ପାତ୍ର (Law Officer) ପାଇଁ ଗ୍ରାଜୁଏଟ୍ ପାତ୍ରୀ ଆବଶ୍ୟକ। 9938520432. D-1344

## GROOM WANTED

Brahmin Bride, Age-31yrs, 5'7" MO in ICMR, Father Businessman, Mother on Job, Bomikhal Bhubaneswar. Contact: 9337826934, 9337826935. D-75568

62 ବୟସ୍କା Govt. Retd. ବିଧବା ମହିଳାଙ୍କୁ anycasteର ବରପାତ୍ର ଆବଶ୍ୟକ। 7077871702. D-1331


REAL ESTATE

## SALE

**Gharabari Converted Plots Available Near Hitech Square Sundarpada Bhubaneswar. For More Details Contact- 9437192512, 9937846404.** D-1368

Mouza Malipada (Near Sum Hospital 2.5K.M.) ସ୍ଥିତିବାନ୍ ଗୃହୋପଯୋଗୀ ଘରବାରି ପଟ୍ଟା, Electricity, Road ଥାଇ 2200sqft. ଏରିଆ ବିକ୍ରିହେବ। Price- 2650/- per sqft. (Negotiable). Mobile- 9937939683. D-75567

**1BHK Ready to move in flats available in Hi-Tech Brundaban Project near Batamangala Temple, Puri Town. 8249877810, 9439368599.** D-1369

ଭୁବନେଶ୍ୱର Sum Hospital ଘଙ୍ଗାପାଟଣାରେ 30 ଫୁଟ୍ ରାସ୍ତା ଥାଇ ସ୍ଥିତିବାନ୍ plot କିଣନ୍ତୁ। 6372851880. D-71076

6000sqft. land with house at Mahanadi Vihar, Cuttack. Mobile- 8917242678. D-1317




Newly open Jyoti SPA positively health benefits (Expert therapist). 8458067955. D-76151

Newly open health benefits SPA special offer @ 999 Bapuji Nagar. 8018429809. D-76153

**Full body massage experience, good looking therapist @ 999 (Bhubaneswar). 9078484455.** D-1347

Newly open health benefits SPA by expert therapist. Contact- 9938843929. D-76155

## LEGAL NOTICE

ପୁରୀ ମୁକାମ ସିଭିଲ୍ ଜଜ୍, ସିନିୟର ଡିଭିଜନଙ୍କ ଅଦାଲତ, ପୁରୀ
ସି.ଏସ୍.ନ୨୩୨ମ୍ବର ସନ ୨୦୨୦ (ଏଫ୍.ଡି.)
ସନ୍ତୋଷ କୁମାର ଦାସ ଓଗେର
.....ବାଦୀମାନେ
ବନାମ
ସ୍ୱଦେଶ ଦାସ ଓଗେର
....ପ୍ରତିବାଦୀମାନେ
ଦେଓ୍ୱାନୀ କାର୍ଯ୍ୟବିଧି ଆଇନର ଅର୍ଡର-୫, ରୁଲ୍ ୨୦ ମତେ
ଏହିକି ଯେ, ଉପରୋକ୍ତ ନମ୍ବର ମୋକଦ୍ଦମାରେ ତୁମ୍ଭେ ପ୍ରତିବାଦୀ (୪) ତୃପ୍ତି ପଟ୍ଟନାୟକ, ବ୪୫ର୍ଷ, ସ୍ୱାମୀ- ପ୍ରଶାନ୍ତ କୁମାର ପଟ୍ଟନାୟକ, ସାକିନ୍- ଲୋକନାଥ ରୋଡ୍, ସାମିଲି ଦାମୋଦର ଲେନ୍, ପୋଷ୍ଟ/ଥାନା/ଜିଲ୍ଲା- ପୁରୀ। (୫) କବିତା ମହାନ୍ତି, ବ୪୨ର୍ଷ, ସ୍ୱାମୀ- ବୀରେନ୍ଦ୍ର ମହାନ୍ତି, ସାକିନ୍- ବିମାନବନ୍ଦର ସାହି, ପୋଷ୍ଟ/ଥାନା/ଜିଲ୍ଲା- ପୁରୀ। (୬) ବବିତା ରାଉତରାୟ, ବ୪୦ର୍ଷ, ସ୍ୱାମୀ- ସନ୍ତୋଷ କୁମାର ରାଉତରାୟ, ସାକିନ୍/ପୋଷ୍ଟ- ମଦନପୁର, ଥାନା- ଯାଆଁଳା, ଜିଲ୍ଲା- ଖୋର୍ଦ୍ଧା, ବାରମ୍ବାର ଉପରୋକ୍ତ ଠିକଣାରେ ସମନ ଦିଆଗଲେ ମଧ୍ୟ ତୁମ୍ଭେମାନେ ଜାଣିଶୁଣି କୋର୍ଟଙ୍କ ଦ୍ୱାରା ପ୍ରେରିତ ସମନକୁ ଗ୍ରହଣ କରୁନାହଁ। ତେଣୁ ତୁମ୍ଭଙ୍କୁ ଏତଦ୍ୱାରା ଜଣାଇ ଦିଆଯାଉଅଛି ଯେ, ତା 08.10.24ରିଖ ଦିବା ୧୦ ଘଣ୍ଟା ୩୦ ମିନିଟ୍ ସମୟରେ ଉପରବର୍ଣ୍ଣିତ ମୋକଦ୍ଦମାରେ ତୁମ୍ଭେମାନେ କିମ୍ବା ତୁମ୍ଭର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ତୁମ୍ଭର ପକ୍ଷ ରଖିବ। ନଚେତ୍ ମୋକଦ୍ଦମାଟି ଆଇନ ଅନୁସାରେ ବିଚାର କରାଯିବ।
ତଫସିଲ ସମ୍ପତ୍ତି
ଜିଲ୍ଲା- ପୁରୀ, ଥାନା- ପୁରୀ ଟାଉନ, ତହସିଲ- ପୁରୀ ସ.ରେ. ପୁରୀ ସଦର, ମୌଜା- ମାର୍କଣ୍ଡେଶ୍ୱର ସାହି-୧, ସ୍ଥିତିବାନ୍ ଖାତା ନ ୪୦୫ମ୍ବର, ପ୍ଲଟ୍ ନ୯୧୪ମ୍ବର, କିସମ- ଘରବାରି, ପକ୍କା ଘର, ଏରିଆ ଏ୦.୦୩୩ ଡିସିମିଲି। ଏହାର ସାବକ ମୌଜା- ଚୂଡ଼ଙ୍ଗ ସାହି, ସାବକ ଖାତା ନ୧୪୧/୧୧ମ୍ବର, ସାବକ ପ୍ଲଟ୍ ନ୨୮୨ମ୍ବର, ଏରିଆ ଏ୦.୦୮୦ଡି. ସମ୍ବନ୍ଧ ଏ୦.୦୪୦ଡି.। ଏହାର ମ୍ୟୁନିସିପାଲିଟି ହୋଲ୍‌ଡିଂ ନ୫୮୪ମ୍ବର।
ସ୍ୱା./-ସିଭିଲ୍ ଜଜ୍, ସିନିୟର ଡିଭିଜନ, ପୁରୀ
ଧ-୧୩୬୬

ଭୁବନେଶ୍ୱର ମୁକାମ, ସିଭିଲ ଜଜ୍ ସିନିୟର ଡିଭିଜନ, ଅଦାଲତ-୧, ଭୁବନେଶ୍ୱର
ସି.ଏସ୍ ନଂ.-୨୫୬/୨୦୧୭
ବନ୍ଦନା କୁମାରୀ ସ୍ୱାଇଁ
....ବାଦୀ/ଦରଖାସ୍ତକାରୀ
ବନାମ
ଗଣେଶ କୁମାର ମହାପାତ୍ର, ଓଗେର
...ପ୍ରତିବାଦୀ/ଅପରପକ୍ଷମାନେ
ନୋଟିସ
ଦେଓ୍ୱାନୀ କାର୍ଯ୍ୟବିଧି ଅର୍ଡର-୫, ରୁଲ୍-୨୦ ମତେ-
୧. ଗଣେଶ କୁମାର ମହାପାତ୍ର, ବୟସ ୪୮ ବର୍ଷ, ପି- ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ସା- ଦୁମୁରାପୁଟ ଶାସନ, ପୋଷ୍ଟ/ଥାନା- ବାଣପୁର, ଜିଲ୍ଲା- ଖୋର୍ଦ୍ଧା, ୨. ବ୍ରହ୍ମଚାରୀ ନୀଲେଶ, ବୟସ ୩୫ ବର୍ଷ, ପି- ଭାସ୍କର ପଟ୍ଟନାୟକ, ଗ୍ରାମ/ପୋଷ୍ଟ/ଥାନା- ଉମରକୋଟ, ଜିଲ୍ଲା- ନବରଙ୍ଗପୁର, ୩. ରବୀନ୍ଦ୍ର ନାୟକ, ବୟସ ୪୪ ବର୍ଷ, ପି- ଅର୍ଜୁନ ନାୟକ, ଗ୍ରାମ- ଈଶ୍ୱରପୁର, ଥାନା- ନୀଳଗିରି, ଜିଲ୍ଲା- ବାଲେଶ୍ୱର, ୫. ସୌମ୍ୟ ରଞ୍ଜନ ସାମନ୍ତରାୟ, ବୟସ ୩୦ ବର୍ଷ, ପି- ମନୋରଞ୍ଜନ ସାମନ୍ତରାୟ, ଗ୍ରାମ- ନରସିଂହପୁର (ନାପୁଟ), ପୋଷ୍ଟ- ରେତଙ୍ଗ, ଥାନା- ତମାଣ୍ଡୋ, ଜିଲ୍ଲା- ଖୋର୍ଦ୍ଧା।
ଉପରୋକ୍ତ ବାଦୀ ଆପଣଙ୍କ ବିରୋଧରେ ଏକ ସ୍ୱତ୍ୱ ସାବ୍ୟସ୍ତ ଓ ଚିରସ୍ଥାୟୀ ନିଷେଧାଜ୍ଞ ମୋକଦ୍ଦମା ଆଗତ କରିଅଛନ୍ତି। ଏତଦ୍‌ଦ୍ୱାରା ଆପଣମାନଙ୍କୁ ଜଣାଇ ଦିଆଯାଉଛି କି ଧାର୍ଯ୍ୟ ତା ୦୫।୧୧।୨୦୨୪ରିଖରେ ଦିବା ୧୦ଟା ସମୟରେ ଆପଣ ସ୍ୱୟମ କିମ୍ବା କ୍ଷମତାପ୍ରାପ୍ତ ବ୍ୟକ୍ତିଙ୍କ ଜରିଆରେ ହାଜର ହୋଇ ଜବାବ ଦାଖଲ କରିବେ ନଚେତ୍ ମୋକଦ୍ଦମା ଏକତରଫା ବିଚାର କରାଯିବ।
ତଫସିଲ ବୃତ୍ତି- "କ"
ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଜଟଣୀ, ମୌଜା- ବଡ଼ରଘୁନାଥପୁର, ଖାତା- ୨୭୦/୧୨୧୧, ପ୍ଲଟ୍- ୬୫୨/୨୦୬୧, ଏରିଆ-ଏ୦.୦୨୦ଡି ଏବଂ ଖାତା- ୨୭୦/୧୨୧୨, ପ୍ଲଟ୍- ୬୨୪/୨୦୬୨, ଏରିଆ- ଏ୦.୦୨୬ଡି., ସବ୍ ପ୍ଲଟ୍- ୫୮୮, ଶାବକ ପ୍ଲଟ୍-୬୫୨, ଖାତା- ୭୧ ଏବଂ ଖାତା- ୧୮୬ ଓ ପ୍ଲଟ୍- ୬୨୪, ଏରିଆ- ଏ୦.୦୦୫ଡି.।
ତଫସିଲ ବୃତ୍ତି- "ଖ"
ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଭୁବନେଶ୍ୱର, ମୌଜା- ବଡ଼ରଘୁନାଥପୁର, ଖାତା- ୭୧, ପ୍ଲଟ୍- ୬୫୨, ଖାତା- ୨୦୮/୧୫୦, ପ୍ଲଟ୍-୬୨୩, ଖାତା- ୨୦୮/୧୫୦, ପ୍ଲଟ୍-୬୨୧ର ନିକଟତର କିଛି ଅଂଶ।
ଅଦାଲତଙ୍କ ସହି ମୋହର କ୍ରମେ,
ଅଦ୍ୟ ତାରିଖ ୨୪।୦୮।୨୪
ସା- ବରିଷ୍ଠ ସିଭିଲ ଜଜ୍ ସିନିୟର
1st Addl. Senior Civil Judge, Bhubaneswar, Date- 24.08.24
D-1355

ଭୁବନେଶ୍ୱର ମୁକାମ, ସିଭିଲ ଜଜ୍, ସିନିୟର ଡିଭିଜନ ଅଦାଲତ-୧, ଭୁବନେଶ୍ୱର
ସି.ଏସ୍. ନଂ.-୨୫୭/୨୦୧୭
ସସ୍ମିତା ପଣ୍ଡା
.....ବାଦୀ/ଦରଖାସ୍ତକାରୀ
ବନାମ
ଗଣେଶ କୁମାର ମହାପାତ୍ର, ଓଗେର
...ପ୍ରତିବାଦୀ/ଅପରପକ୍ଷମାନେ
ନୋଟିସ
ଦେଓ୍ୱାନୀ କାର୍ଯ୍ୟବିଧି ଅର୍ଡର-୫, ରୁଲ୍-୨୦ ମତେ-
୧. ଗଣେଶ କୁମାର ମହାପାତ୍ର, ବୟସ ୪୮ ବର୍ଷ, ପି- ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ସା- ଦୁମୁରାପୁଟ ଶାସନ, ପୋଷ୍ଟ/ଥାନା- ବାଣପୁର, ଜିଲ୍ଲା- ଖୋର୍ଦ୍ଧା, ୨. ବ୍ରହ୍ମଚାରୀ ନୀଲେଶ, ବୟସ ୩୫ବର୍ଷ, ପି- ଭାସ୍କର ପଟ୍ଟନାୟକ, ଗ୍ରାମ/ପୋଷ୍ଟ/ଥାନା- ଉମରକୋଟ, ଜିଲ୍ଲା- ନବରଙ୍ଗପୁର। ଉପରୋକ୍ତ ବାଦୀ ଆପଣଙ୍କ ବିରୋଧରେ ଏକ ସ୍ୱତ୍ୱ ସାବ୍ୟସ୍ତ ଓ ଚିରସ୍ଥାୟୀ ନିଷେଧାଜ୍ଞ ମୋକଦ୍ଦମା ଆଗତ କରିଅଛନ୍ତି। ଏତଦ୍‌ଦ୍ୱାରା ଆପଣମାନଙ୍କୁ ଜଣାଇ ଦିଆଯାଉଛି କି ଧାର୍ଯ୍ୟ ତା ୩୦।୧୦।୨୪ରିଖରେ ଦିବା ୧୦ଟା ସମୟରେ ଆପଣ ସ୍ୱୟମ କିମ୍ବା କ୍ଷମତାପ୍ରାପ୍ତ ବ୍ୟକ୍ତିଙ୍କ ଜରିଆରେ ହାଜରହୋଇ ଜବାବ ଦାଖଲ କରିବେ ନଚେତ୍ ମୋକଦ୍ଦମା ଏକତରଫା ବିଚାର କରାଯିବ।
ତଫସିଲ ବୃତ୍ତି- "କ"
ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଜଟଣୀ, ମୌଜା- ବଡ଼ରଘୁନାଥପୁର, ଖାତା- ୨୭୦/୧୩୩୭, ପ୍ଲଟ୍- ୬୫୨/୨୧୯୩, ଏରିଆ-ଏ୦.୦୩୫ଡି ଏବଂ ଖାତା- ୨୭୦/୧୩୩୬, ପ୍ଲଟ୍- ୬୫୧/୨୧୯୨, ଏରିଆ- ଏ୦.୦୦୫ଡି., ସବ୍ ପ୍ଲଟ୍-୫୭୬, ଶାବକ ପ୍ଲଟ୍-୬୫୨, ଖାତା- ୭୧ ଏବଂ ଖାତା- ୧୦୬ ଓ ପ୍ଲଟ୍-୬୫୧, ଏରିଆ ଏ୦.୦୦୫ଡି।
ତଫସିଲ ବୃତ୍ତି-"ଖ"
ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଭୁବନେଶ୍ୱର, ମୌଜା- ବଡ଼ରଘୁନାଥପୁର, ଖାତା-୭୧, ପ୍ଲଟ୍- ୬୫୨, ଖାତା- ୨୦୮/୧୫୦, ପ୍ଲଟ୍- ୬୨୩, ଖାତା- ୨୦୮/୧୫୦, ପ୍ଲଟ୍-୬୨୧ର ନିକଟତର କିଛି ଅଂଶ।
ଅଦାଲତଙ୍କ ସହି ମୋହର କ୍ରମେ
ଅଦ୍ୟ ତାରିଖ: ୨୯।୦୮।୨୪
1st Addl. Senior Civil Judge, Bhubaneswar, Dt. 29.08.24
ଧ-୧୩୫୪

## ମନେ ପଡ଼ନ୍ତି

ଦ୍ୱାଦଶାହ ଉପଲକ୍ଷ୍ୟେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ॥



ସ୍ୱର୍ଗତ ସନାତନ ଦାଶ
ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ
ସ୍ୱର୍ଗତା ଉର୍ବଶୀ କୁମାରୀ ମିଶ୍ର
ମାର୍ଥାପୁର ଶାସନ, ଢେଙ୍କାନାଳ

ଆପଣଦ୍ୱୟଙ୍କର ଅନାବିଳସ୍ନେହ, ସମାଜସେବା କର୍ତ୍ତବ୍ୟପରାୟଣତା ତଥା ପରୋପକାରିତା ଆମମାନଙ୍କ ଜୀବନରେ ପାଥେୟ ହେଉ। ଆପଣ ସବୁଦିନ ପାଇଁ ଆମ ସମସ୍ତଙ୍କୁ ବିଦାୟ ନେଇ ମହାପ୍ରଭୁଙ୍କ ହୃଦୟରେ ଚିରକାଳ ବିଦ୍ୟମାନ ରୁହନ୍ତୁ। ଦ୍ୱାଦଶାହ ଉପଲକ୍ଷେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।

ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ସହିତ :-
ପୁତ୍ର, ପୁତ୍ରବଧୂ, କନ୍ୟା, ଜାମାତା, ବନ୍ଧୁବାନ୍ଧବ ଓ ଆତ୍ମୀୟସ୍ୱଜନ
ଧ-୧୩୭୧

ଏକାଦଶାହ ଉପଲକ୍ଷେ



୰ସୁବାସିନୀ ପଣ୍ଡା
ସ୍ଥାନ: ବୋଇତବାଙ୍କ, ଧାରାଗଞ୍ଜ, ବାଲେଶ୍ୱର
ଆବିର୍ଭାବ-୦୮।୦୭।୧୯୫୧
ତିରୋଧାନ- ୦୮।୦୯।୨୦୨୪
।। ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି, ନୈନଂ ଦହତି ପାବକଃ ନ ଚୈନଂ କ୍ଲେଦୟନ୍ତ୍ୟାପୋ ନଶୋଷୟତି ମାରୁତଃ।।
ଆପଣଙ୍କ କର୍ମମୟ ଜୀବନ ସ୍ନେହ, ଶ୍ରଦ୍ଧା, ତ୍ୟାଗ, କର୍ତ୍ତବ୍ୟନିଷ୍ଠା, ଚିରସ୍ମରଣୀୟ । ଆପଣଙ୍କ ବିୟୋଗ ପରିବାର ଓ ପ୍ରିୟଜନଙ୍କୁ ଗଭୀର ଆଘାତ ଦେଇଛି। ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ସ୍ୱାମୀ- ହରିଶ୍ଚନ୍ଦ୍ର ପଣ୍ଡା, ପୁଅ- ଗୋବିନ୍ଦ ଚନ୍ଦ୍ର, ଗିରିଶ ଚନ୍ଦ୍ର, ଶିର୍ଶାନନ୍ଦ, ଦିଅର- ଶ୍ୟାମସୁନ୍ଦର ।
ଧ-୧୩୭୦

ଏକାଦଶ ଶ୍ରାଦ୍ଧ ଉପଲକ୍ଷେ



ସ୍ୱର୍ଗତ ଦେବେନ୍ଦ୍ର ନାଥ ମଲ୍ଲିକ (ଜଟିଆ)
ପୂର୍ବତନ ସରପଞ୍ଚ (ବଡ଼ କାଏମା ଗ୍ରାମ ପଞ୍ଚାୟତ)
କାଏମା, ଧର୍ମଶାଳା, ଯାଜପୁର
ଆବିର୍ଭାବ: ୨୨।୦୯।୧୯୪୮
ତିରୋଧାନ: ୦୮।୦୯।୨୦୨୪
ଆପଣଙ୍କର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା ।
ଶ୍ରଦ୍ଧାଞ୍ଜଳି ସହ: ମଲ୍ଲିକ ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ
ଧ-୧୩୬୭

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ ।
T&C Apply
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ ।


### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଫଳଚାଷ



**ଅ**ମୃତଭଣ୍ଡା, ପିଜୁଳି, ପଣସ, ଆମ୍ବ, ନଡ଼ିଆ, ସପେଟା, ଲିଚୁ, କାଜୁ ଇତ୍ୟାଦି ଲାଗିଥିବା ଗଛର ଯତ୍ନ ନିଅନ୍ତୁ । ଗଛ ମୂଳରେ ପାଣି ଜମିବାକୁ ଦିଅନ୍ତୁ ନାହିଁ । ବଗିଚାରୁ ଘାସ ଓ ଅନାବନା ଗଛ ବାଛି ସଫା କରିଦିଅନ୍ତୁ। ବର୍ଷାଦିନ ସବୁ ଫଳଗଛ ଲଗାଇବା ପାଇଁ ଉତ୍କୃଷ୍ଟ ସମୟ । ଜମିର ଆୟତନ ଓ ଜଳବାୟୁ ଆଦିକୁ ନଜର ରଖି ବିଭିନ୍ନ ପ୍ରକାର ଉନ୍ନତ କିସମର ଚାରା ସଂଗ୍ରହକରି ଠିକ୍ ଭାବରେ ଗାତକରି ଲଗାନ୍ତୁ । ପୂର୍ବରୁ ଲଗାଯାଇଥିବା କୌଣସି ଫଳଗଛ ମରିଯାଇଥିଲେ ସେହି ଜାଗାରେ ଆଉ ଥରେ ଲଗାଇ ଖାଲି ଜାଗା ପୂରଣ କରନ୍ତୁ । ଫଳଗଛରେ ଲାଗୁଥିବା ବିଶେଷକରି କବକଜନିତ ରୋଗ ପାଇଁ କବକନାଶକ ସିଞ୍ଚନ କରନ୍ତୁ ।

# କପାରେ ପତ୍ରଡିଆଁ ପୋକ ଲାଗିଲେ...



**କ**ପାରେ ପତ୍ରଡିଆଁ ପୋକ ଅର୍ଭକ ଦେଖାଗଲେ ପ୍ରତି ଲିଟର ପାଣିରେ ୨ ମି.ଲି. ଡାଇମେଥୋଏଟ୍ କିମ୍ବା ୩ ଲିଟର ପାଣିରେ ୧ ମି.ଲି. ଇମିଡାକ୍ଲୋପ୍ରିଡ୍ କିମ୍ବା ୧ ଗ୍ରାମ୍ ଥାୟାମେଥାକ୍‌ଜାମ୍ ମିଶାଇ ସକାଳବେଳା ଶୁଖିଲା ପାଗ ଦେଖି ସିଞ୍ଚନ କରନ୍ତୁ । ଏହାଛଡ଼ା ଅଠାଳିଆ ଯନ୍ତାର ବ୍ୟବହାର କରାଯାଇପାରେ । କପାଚାଷ କରିଥିଲେ କୋଡ଼ାଖୁସା କରି ହୁଡ଼ା ଟେକିଦିଅନ୍ତୁ । ଫସଲ ୯୦ ଦିନ ପରେ କିମ୍ବା ୩ ଫୁଟ ଉଚ୍ଚ ହୋଇଥିଲେ ଅଗ ଛିଣ୍ଡାଇ ଦିଅନ୍ତୁ । ଗଛ ୪୫ ଦିନର ହୋଇଯାଇଥିଲେ ସାଢ଼େ ୪ ଲିଟର ପାଣିରେ ୧ ମି.ଲି. ହିସାବରେ ପ୍ଲାନୋଫିକ୍ସ ସିଞ୍ଚନ କରନ୍ତୁ । ୧୫ ଦିନ ପରେ ପୁନର୍ବାର ପ୍ରତି ୪.୫ ଲିଟର ପାଣିରେ ୧ ମି.ଲି. ପ୍ଲାନୋଫିକ୍ସ ମିଶାଇ ସ୍ପ୍ରେ କରନ୍ତୁ ।

# ଔଷଧୀୟ ଛତୁଚାଷ



ଡ. ବିକ୍ରମ କେଶରୀ ପାଣି

**ପ୍ର**କୃତିରେ ଦେଖାଯାଉଥିବା ଅନେକ ଛତୁ ଔଷଧୀୟ ଗୁଣରେ ପରିପୂର୍ଣ୍ଣ । ଏଗୁଡ଼ିକ ମଧ୍ୟରେ ଗାନୋଡର୍ମା ଛତୁ ସର୍ବାଧିକ ଲୋକପ୍ରିୟ। ଦକ୍ଷିଣ-ପୂର୍ବ ଏସୀୟ ରାଷ୍ଟ୍ର ବିଶେଷକରି ଚାଇନା, ଜାପାନ ଓ କୋରିଆରେ ପ୍ରାଚୀନ କାଳରୁ ଏହାକୁ ବିଭିନ୍ନ ରୋଗର ଉପଚାର ଓ ଉପଶମ ପାଇଁ ବ୍ୟବହାର ହୋଇ ଆସୁଛି। ଚାଇନା ଓ ଜାପାନରେ ଏହାର ଆଞ୍ଚଳିକ ନାମ ଯଥାକ୍ରମେ 'ଲିଙ୍ଗ୍‌ଝି' ଓ 'ରଷି'। ଚମତ୍କାର ଔଷଧୀୟ ଗୁଣ ପାଇଁ ଜାପାନରେ ଏହାକୁ ଅମରତ୍ୱ ପ୍ରଦାନକାରୀ ଛତୁ ଓ କୋରିଆରେ ଏହି ଛତୁକୁ ଶରୀରର ରକ୍ଷା କବଚ ପ୍ରଭୃତି ନାମରେ ଅଭିହିତ କରାଯାଏ। ପୃଥିବୀରେ ଉତ୍ପାଦିତ ହେଉଥିବା ସମୁଦାୟ ଗାନୋଡର୍ମା ଛତୁର ୭୦ ପ୍ରତିଶତ କେବଳ ଚାଇନାରୁ ହିଁ ମିଳିଥାଏ ।

ଗାନୋଡର୍ମା ଛତୁର ଔଷଧୀୟ ଗୁଣ ଖୁବ୍ ବ୍ୟାପକ । ଏଥିରେ ୨୦୦ରୁ ଅଧିକ ଔଷଧୀୟ ଗୁଣ ରହିଛି ବୋଲି ଜଣାଯାଏ । ଏହାକୁ ଖାଇବା ଦ୍ୱାରା ଆମ ଶରୀରର ରୋଗ ପ୍ରତିରୋଧକାରୀ ଶକ୍ତି ବୃଦ୍ଧି ପାଇଥାଏ। ସାମ୍ପ୍ରତିକ ଜୀବନଶୈଳୀ ହେତୁ ଆମ ଶରୀରରେ ଜମି ରହୁଥିବା ବିଷାକ୍ତ ପଦାର୍ଥର ନିଷ୍କାସନ ପ୍ରକ୍ରିୟାକୁ ଏହା ତ୍ୱରାନ୍ୱିତ କରିଥାଏ। ଶରୀରର ବିଭିନ୍ନ ପ୍ରକ୍ରିୟା ସନ୍ତୁଳିତ ହୁଏ । ଫଳରେ ମନ ଓ ଶରୀରରେ ଅପୂର୍ବ ଆନନ୍ଦ ଓ ସ୍ଫୂର୍ତ୍ତି ପରିଲକ୍ଷିତ ହୁଏ । ମାନସିକ ଚାପରୁ ରକ୍ଷାପାଇବା ପାଇଁ ଓ କାର୍ଯ୍ୟଦକ୍ଷତା ବୃଦ୍ଧି ପାଇଁ ଏହାକୁ ମହାକାଶଚାରୀଙ୍କ ଉଦ୍ଦିଷ୍ଟ ତାଲିମ କାର୍ଯ୍ୟକ୍ରମରେ ଉପଯୋଗ କରାଗଲାଣି । ରକ୍ତରେ କୋଲେଷ୍ଟରଲ, ଶର୍କରା ଓ ଚର୍ବି ହ୍ରାସ କରିବାରେ ଗାନୋଡର୍ମା ସାହାଯ୍ୟକରେ। ଏଥିରୁ ପ୍ରସ୍ତୁତ ଔଷଧ ସେବନ ଦ୍ୱାରା ରକ୍ତଚାପ ନିୟନ୍ତ୍ରଣକାରୀ ଔଷଧ ତଥା ଅନ୍ୟାନ୍ୟ ଔଷଧର ପାର୍ଶ୍ୱ ପ୍ରତିକ୍ରିୟା ହ୍ରାସ ପାଇଥାଏ। ବୈଜ୍ଞାନିକ ଓ ଗବେଷକଙ୍କ ମତରେ ଦୁରାରୋଗ୍ୟ ବ୍ୟାଧି କ୍ୟାନ୍‌ସର ଓ ଏଡ୍‌ସର ଚିକିତ୍ସାରେ ଗାନୋଡର୍ମାକୁ ଫଳପ୍ରଦ ଭାବରେ ବ୍ୟବହାର କରାଯାଇପାରିବ। ହୃଦ୍‌ରୋଗ, ମଧୁମେହ, କାମଳ, ପାକସ୍ଥଳୀ ଓ ବୃହଦନ୍ତ୍ରର ଘା, ନପୁଂସକତା, ଶ୍ୱାସ ଓ କାଶ, ତରଳଝାଡ଼ା ବା କୋଷ୍ଠକାଠିନ୍ୟ, କାନ୍ଧ ଯନ୍ତ୍ରଣା, ଗଳଗଣ୍ଡ, ଅନିୟମିତ ଋତୁସ୍ରାବ, ରକ୍ତ ସଞ୍ଚାଳନରେ ଅସୁବିଧା, ମାନସିକ ବିଷାଦ ଓ ସ୍ନାୟୁଗତ ଦୁର୍ବଳତା, କେଶ ପତନ, ମୋଟା ରୋଗ, କାନ୍ତିହୀନ ତ୍ୱଚା, କେତେକ ପ୍ରକାର ବଂଶଗତ ରୋଗ, ନିଦ୍ରାହୀନତା ଇତ୍ୟାଦିର ଉଭୟ ନିରାକରଣ ଓ ଚିକିତ୍ସାରେ ଏହି ଔଷଧୀୟ ଛତୁକୁ ବ୍ୟବହାର କରାଯାଇପାରିବ ।

ଗାନୋଡର୍ମା ଛତୁର ଉପଯୋଗିତା, ଅପେକ୍ଷାକୃତ ଅଧିକ ଆୟ ଓ ଦ୍ରୁତ ବ୍ୟବସାୟ କାରଣକୁ ଦୃଷ୍ଟିରେ ରଖି ତଥା ଓଡ଼ିଶା ଛତୁଚାଷୀଙ୍କ ଲାଭ ବହୁଗୁଣିତ କରିବା ପାଇଁ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି)ର କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳଙ୍କ ନିର୍ଦ୍ଦେଶରେ ବିଶବିଦ୍ୟାଳୟ ଅଧୀନ ସର୍ବଭାରତୀୟ ସମନ୍ୱିତ ଛତୁ ଗବେଷଣା ପ୍ରକଳ୍ପରେ ଚାଲିଛି ଗବେଷଣା। ଏଥିରୁ ଆଶାନୁରୂପ ସଫଳତା ମଧ୍ୟ ମିଳିଛି। ଏହି ଛତୁ ସାଧାରଣତଃ ୨୫ରୁ ୩୨ଡିଗ୍ରୀ ସେଲ୍‌ସିୟସ ତାପମାତ୍ରାରେ ଚାଷ କରାଯାଏ । ଫିମ୍ପିର ବିସ୍ତାର ପାଇଁ ୨୮ ରୁ ୩୨ ଡିଗ୍ରୀ ଓ ଛତୁ ଫୁଟିବା ପାଇଁ ୨୫ ରୁ ୨୮ ଡିଗ୍ରୀ ସେଲ୍‌ସିୟସ ଉତ୍ତାପ ଆବଶ୍ୟକ । ସ୍ୱଳ୍ପ ବ୍ୟୟଯୁକ୍ତ ପଲିଥିନ ନିର୍ମିତ ଘରେ ଆଂଶିକ ନିୟନ୍ତ୍ରିତ ପାଣିପାଗରେ ଏହାକୁ ସହଜରେ ଚାଷ କରାଯାଇପାରିବ । ଚାଷ ପ୍ରଣାଳୀରେ ଆବଶ୍ୟକ ପରିବର୍ତ୍ତନ କରି ଓ ତାପମାତ୍ରାକୁ ନିୟନ୍ତ୍ରଣକରି ଗାନୋଡର୍ମା ଛତୁକୁ ବର୍ଷ ସାରା ଚାଷ କରା ଯାଇପାରେ । ୧୦ ସେଣ୍ଟି ମିଟର x ୩୦ ସେଣ୍ଟି ମିଟର କିମ୍ବା ୧୬ ସେଣ୍ଟି ମିଟର x ୩୦ ସେଣ୍ଟି ମିଟର ଗୋଲାକାର ଉଚ୍ଚ ତାପ ସହଣି ପଲିପ୍ରୋପିଲିନ ବ୍ୟାଗ୍‌ରେ ଏହି ଛତୁ ଚାଷକରାଯାଏ । ପ୍ରାୟ ୪୫ରୁ ୫୦ ଦିନରେ ଛତୁ ଅମଳ ହୁଏ। ୨ ବା ୩ ପର୍ଯ୍ୟାୟରେ ଛତୁ ଅମଳ କରାଯାଏ । ଓୟୁଏଟିରେ ଚାଷ କରାଯାଉଥିବା ଗାନୋଡର୍ମାର ଜୈବିକ ଦକ୍ଷତା ପ୍ରାୟ ୨୫ ପ୍ରତିଶତ ଯାହାକି ଖୁବ୍ ସନ୍ତୋଷଜନକ। ଅନ୍ୟାନ୍ୟ ସ୍ଥାନରେ କାଠଗଣ୍ଡି ବା କରତଗୁଣ୍ଡରେ ଏହି ଛତୁ ଉତ୍ପାଦନ କରାଯାଉଥିବା ବେଳେ ଧାନ ନଡ଼ା ବ୍ୟବହାରକରି ଉତ୍ପାଦନ କରିବା ଉପରେ ଗୁରୁତ୍ୱ ଦେଉଛନ୍ତି ଓୟୁଏଟି କର୍ତ୍ତୃପକ୍ଷ। ବିଶୋଧିତ ଧାନ ନଡ଼ା କିମ୍ବା ନଡ଼ା ସହ କରତଗୁଣ୍ଡକୁ ସମାନ ଅନୁପାତରେ ମିଶାଇ ତାକୁ ଛତୁଚାଷର ମାଧ୍ୟମ ଭାବରେ ବ୍ୟବହାର କରାଯାଉଛି । ଏହି ଛତୁ ଟାଣ ଏବଂ ତିକ୍ତ ହୋଇଥିବାରୁ ସିଧାସଳଖ ଖାଇବା ଅପେକ୍ଷା ସେଥିରୁ ଔଷଧ ପ୍ରସ୍ତୁତି ପାଇଁ ପ୍ରାଧାନ୍ୟ ଦିଆଯାଇଥାଏ । ଅନ୍ତର୍ଜାତୀୟ ବଜାରରେ ଏହାର କାରବାର ପ୍ରାୟ ୨ ନିୟୁତ ଆମେରିକୀୟ ଡଲାରରୁ ଅଧିକ। ଭାରତରେ ଏହି ଛତୁର ବ୍ୟବସାୟ ୧୦୦ କୋଟି ଟଙ୍କାରୁ ଅଧିକ । ତଟକା ଛତୁର କିଲୋଗ୍ରାମ ପ୍ରତି ଦର ୪୦୦୦ ଟଙ୍କା ରହିଛି। ମାତ୍ର ଏହା ଶୁଖିଯିବା ପରେ ଏହାର ମୂଲ୍ୟ ବୃଦ୍ଧି ପାଇଥାଏ। ଶୁଖିଲା ଛତୁର କିଲୋ ପ୍ରତି ମୂଲ୍ୟ ପ୍ରାୟ ୨୪,୦୦୦ ଟଙ୍କାରୁ ଅଧିକ। ପାଳ ଛତୁ ତୁଳନାରେ ଏହି ଛତୁର ବଜାର ମୂଲ୍ୟ ପ୍ରାୟ ୧୦ ଗୁଣରୁ ଅଧିକ। ତେଣୁ ଏହି ଛତୁ ଓଡ଼ିଶାରେ ଚାଷ ହେଲେ ବଜାରକୁ ରପ୍ତାନିକରି ଆମ ଚାଷୀମାନେ ବେଶ୍ ଲାଭବାନ୍ ହେବେ ବୋଲି ଓୟୁଏଟି ପକ୍ଷରୁ ଆକଳନ କରାଯାଇଛି ।

ଦେଶରେ ହାତଗଣତି କେତୋଟି ସ୍ଥାନରେ ଏହି ଛତୁ ପରୀକ୍ଷାମୂଳକ ଭାବରେ ଚାଷ କରାଯାଇଛି । ଓଡ଼ିଶାରେ ପ୍ରଥମକରି ଓୟୁଏଟି ପକ୍ଷରୁ ଏହି ଛତୁର ଉତ୍ପାଦନ ଆରମ୍ଭ କରାଯାଇଛି ଓ ଛତୁଚାଷର ଅନ୍ୟାନ୍ୟ ଦିଗ ଉପରେ ଉଚ୍ଚତର ଗବେଷଣା ଅବ୍ୟାହତ ରହିଛି । ଆଗାମୀ ଦିନରେ ଏହି ଛତୁ ବ୍ୟାପକ ଭାବରେ ଚାଷ ହେବ । ରାଜ୍ୟ ସରକାର, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଓଡ଼ିଶାର ଅଗଣିତ ଛତୁଚାଷୀ ତଥା ଛତୁଚାଷ ସହ ସମ୍ପୃକ୍ତ ସଂସ୍ଥାଗୁଡ଼ିକ ମିଳିତ ସହଯୋଗ ଓ ଉଦ୍ୟମରେ ଓଡ଼ିଶାରୁ ପ୍ରଚୁର ପରିମାଣରେ ଗାନୋଡର୍ମା ଛତୁ ବିଦେଶକୁ ରପ୍ତାନି କରି ଆମ ରାଜ୍ୟ ସୁନାମ ଅର୍ଜନ କରୁ, ଏତିକି କାମନା କରାଯାଇପାରେ ।

> "ଗାନୋଡର୍ମା ଛତୁର ଉପଯୋଗିତା, ଅପେକ୍ଷାକୃତ ଅଧିକ ଆୟ ଓ ଦ୍ରୁତ ବ୍ୟବସାୟ କାରଣକୁ ଦୃଷ୍ଟିରେ ରଖି ତଥା ଓଡ଼ିଶା ଛତୁଚାଷୀଙ୍କ ଲାଭ ବହୁଗୁଣିତ କରିବା ପାଇଁ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି)ର କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳଙ୍କ ନିର୍ଦ୍ଦେଶରେ ବିଶ୍ୱବିଦ୍ୟାଳୟ ଅଧୀନ ସର୍ବଭାରତୀୟ ସମନ୍ୱିତ ଛତୁ ଗବେଷଣା ପ୍ରକଳ୍ପରେ ଚାଲିଛି ଗବେଷଣା। ଏଥିରୁ ଆଶାନୁରୂପ ସଫଳତା ମଧ ମିଳିଛି।"



- ମୁଖ୍ୟ ବୈଜ୍ଞାନିକ, ସର୍ବଭାରତୀୟ ସମନ୍ୱିତ ଛତୁ ଗବେଷଣା ପ୍ରକଳ୍ପ, ଗବେଷଣା ନିର୍ଦ୍ଦେଶାଳୟ, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ
ଭୁବନେଶ୍ୱର-୩
ମୋ : ୯୪୩୭୬୯୭୩୬୩

# ଟମାଟୋ ତଳି ଲଗାଇବା ସମୟରେ..



**ଟ**ମାଟୋ ତଳି ଲଗାଉଥିଲେ ୧ ଏକର ଜମି ପାଇଁ ୨୫ଫୁଟ୍ ଲମ୍ବ ୪ଫୁଟ୍ ଚଉଡ଼ା ଓ ୬ଇଞ୍ଚ ଚଉଡ଼ା ବିଶିଷ୍ଟ ୪ଟି ପଟାଳି ଯଥେଷ୍ଟ। ମଞ୍ଜି ବୁଣିବାର ୧୦ଦିନ ପୂର୍ବରୁ ପଟାଳିରେ ୧୦-୨୦କି.ଗ୍ରା. ଭଲଭାବେ ଶଢ଼ିଯାଇଥିବା ଖତ ଓ ୫୦୦ଗ୍ରାମ୍ ୧୫:୧୫:୧୫ ଜୈବିକ ସାରକୁ ଭଲଭାବେ ମିଶାଇ ଦିଅନ୍ତୁ। ମଞ୍ଜିକୁ କାପ୍‌ଟାନ୍ ବା ଥିରାମ୍‌ରେ ବିଶୋଧନକରି ୫ରୁ ୧୦ସେ.ମି. ଗଭୀରରେ ଓ ୫ ସେ.ମି. ବ୍ୟବଧାନରେ ଧାଡ଼ିରେ, ମଞ୍ଜିକୁ ମଞ୍ଜି ଦୂରତା ୨.୫ସେ.ମି. ରଖି ପଟାଳିରେ ବୁଣାଯାଏ। ଏହାପରେ ପଟାଳିରେ ପାଣି ଛିଞ୍ଚି ୧ ଲିଟର ପାଣିରେ ୨ଗ୍ରାମ୍ କାର୍ବେଣ୍ଡାଜିମ୍ ମିଶାଇ ସିଞ୍ଚନ କରନ୍ତୁ। ପରେ ପରେ ଶୁଖିଲା ନଡ଼ାରେ ପଟାଳିକୁ ଘୋଡ଼ାଇ ଦିଅନ୍ତୁ। ପଟାଳିରେ ମଝିରେ ମଝିରେ ପାଣି ଛିଞ୍ଚନ୍ତୁ। ତଳି ୫-୭ ପତ୍ର ବିଶିଷ୍ଟ ହେଲେ ମୁଖ୍ୟ କିଆରିରେ ରୁଅନ୍ତୁ। ତଳିଗୁଡ଼ିକୁ ୬୦X୪୫ସେ.ମି. ବ୍ୟବଧାନରେ ଲଗାନ୍ତୁ। ଲଗାଇବା ପୂର୍ବରୁ ଏକର ପ୍ରତି ୨୦ଟନ୍ ଗୋବରଖତ ଏବଂ ୫ଟନ୍ ନିମ୍ବ ପିଡ଼ିଆ ବ୍ୟବହାର କରନ୍ତୁ।

# ଆଖୁରେ ରୋଗପୋକ ନିୟନ୍ତ୍ରଣ



**ଆ**ଖୁ କିଆରିରେ ପାଣି ଜମିବାକୁ ଦିଅନ୍ତୁ ନାହିଁ। ଏଥିରେ ଅଗବିନ୍ଧା ପୋକ ଦମନ ପାଇଁ ଟ୍ରାଇକୋଗାମା ଚିଲୋନିସ୍ ନାମକ ପରାଶ୍ରୟୀ କୀଟକୁ ହେକ୍ଟର ପ୍ରତି ୧,୨୫,୦୦୦ ହିସାବରେ ଛାଡ଼ନ୍ତୁ। ଏହା ବ୍ୟତୀତ ଆଲୋକ ଜନ୍ତା ବସାଇ ପୂର୍ଣ୍ଣାଙ୍ଗ କୀଟଗୁଡ଼ିକୁ ଧରି ମାରିଦିଅନ୍ତୁ ଅଥବା ହେକ୍ଟର ପ୍ରତି ୫୦୦ ଲିଟର ପାଣିରେ ୧ ଲିଟର ପ୍ରୋଫେନୋଫସ୍ କିମ୍ବା କ୍ଲୋରାଣ୍ଟ୍ରାନିଲିପ୍ରୋଲ୍ (ଫେର୍‌ଟେରା ୦.୪ ଜି.) ୧୫ କି.ଗ୍ରା. ହେକ୍ଟର ପ୍ରତି ଦାନାଦାର ବିଷ ପ୍ରୟୋଗ କରନ୍ତୁ କିମ୍ବା କ୍ଲୋରାଣ୍ଟ୍ରାନିଲିପ୍ରୋଲ୍ ୧୮.୫ ଏସ୍‌ସି ୩୭୫ ମି.ଲି. ୫୦୦ ଲିଟର ପାଣିରେ ମିଶାଇ ସ୍ପ୍ରେ କରନ୍ତୁ। ଦହିଆପୋକ ଲାଗିବା ସମ୍ଭାବନା ଅଛି। ଏହାର ନିୟନ୍ତ୍ରଣ ପାଇଁ ପ୍ରତି ଲିଟର ପାଣିରେ ୨ ମି.ଲି. ହିସାବରେ ପ୍ରୋଫେନୋଫସ୍ କିମ୍ବା ୩ ଲିଟର ପାଣିରେ ୧ ଗ୍ରାମ୍ ଥାୟାମେଥୋକ୍‌ଜାମ୍ ମିଶାଇ ସିଞ୍ଚନ କରନ୍ତୁ। ଥାୟାମେଥୋକ୍‌ଜାମ୍ ବଦଳରେ ଆସିଟାମ୍ପ୍ରିଡ୍ ୧ ଗ୍ରାମ୍ ପ୍ରତି ୪ ଲିଟର ପାଣିରେ ଗୋଳାଇ ପତ୍ର ସିଞ୍ଚନ କରାଯାଇପାରିବ। ନାଳିଶଢ଼ା ରୋଗରେ ଆକ୍ରାନ୍ତ ବୁଦାକୁ ଉପାଡ଼ି କିଆରି ବାହାରେ ନଷ୍ଟ କରନ୍ତୁ। ଆକ୍ରାନ୍ତ ସ୍ଥାନରେ କାର୍ବେଣ୍ଡାଜିମ୍ ସହ ମାଙ୍କୋଜେବ୍ ୨ ଗ୍ରାମ୍ ଲିଟର ପିଛା ୫୦୦ ରୁ ୬୦୦ ମି.ଲି. ମାଟି ଭିଜା କରନ୍ତ। ଆକ୍ରାନ୍ତ ବୁଦାକୁ ଉପାଡ଼ି ନଷ୍ଟକରିଦିଅନ୍ତୁ ।



# ଧାନ ତଳି ବୁଢ଼ା ହୋଇଯାଇଥିଲେ ...

**ଯେ**ଉଁ ସ୍ଥାନରେ ଅତ୍ୟଧିକ ବର୍ଷା ହେତୁ ଫସଲ ଧୋଇହୋଇଯାଇଛି ସେଠି ଅନ୍ୟ ସ୍ଥାନରୁ ତଳି ସଂଗ୍ରହକରି ରୁଆ କାମ କରନ୍ତୁ। ତଳି ନ ମିଳିଲେ ନୂଆ ତଳି ପକାନ୍ତୁ। ଓଡ଼ିଶାରେ ଅଗଷ୍ଟ ଶେଷ ପର୍ଯ୍ୟନ୍ତ ଧାନ ଲଗାଯାଇପାରିବ ଏବଂ ଦକ୍ଷିଣ ଓଡ଼ିଶାରେ ଏହା ସେପ୍ଟେମ୍ବର ତୃତୀୟ ସପ୍ତାହ ପର୍ଯ୍ୟନ୍ତ ଲଗାଯାଇପାରିବ। ତେଣୁ ମଧ୍ୟମ କିସମ ଜମି ପାଇଁ ୧୦୦ଦିନିଆ କିସମ ଯଥା ଅନ୍ନଦା, ଖଣ୍ଡଗିରି, ପାରିଜାତ ଏବଂ ବିଳମ୍ବ କିସମ ଜମି ପାଇଁ ୧୨୦ ଏବଂ ୧୩୦ଦିନିଆ କିସମ ଯଥା-ଲଲାଟ, ସୁରେନ୍ଦ୍ର ଆଦି କିସମ ସଂଗ୍ରହକରି କାଦୁଆ ତଳି ଘରାରେ ଧାନ ଗଜାକରି ତଳି ପକାନ୍ତୁ ଏବଂ ୧୫ଦିନ ପରେ ତଳି ରୁଅନ୍ତୁ। ଅନ୍ୟପକ୍ଷରେ ମଧ୍ୟମ କିସମ ଧାନର ୫୦-୬୦ଦିନିଆ ତଳି ରୁଆଯାଇପାରିବ। ବୁଦା ପ୍ରତି ୪ରୁ ୫ଟି ତଳି ଓ ବର୍ଗମିଟର ପ୍ରତି ୫୦ଟି ବୁଦା ଧାଡ଼ିରେ ରୁଅନ୍ତୁ। ବିଳମ୍ବ କିସମ ଧାନର ୬୦-୭୦ଦିନିଆ ଧାନ ତଳି ରୁଆଯାଇପାରିବ। ବୁଦା ପ୍ରତି ୫ରୁ ୬ଟି ତଳି ଓ ବର୍ଗମିଟର ପ୍ରତି ୬୫ଟି ବୁଦା ଧାଡ଼ିରେ ରୁଅନ୍ତୁ। ଏକର ପ୍ରତି ଅଧିକ ୧୦କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗ କରନ୍ତୁ।

# ଡାଲିଜାତୀୟ ଫସଲରେ ଘାସ ଦମନ

**ମୁ**ଗ, ବିରି, ହରଡ଼ ବୁଣା ହେବାର ୩ ସପ୍ତାହ ବେଳକୁ କୋଡ଼ାଖୁସାକରି ଘାସ ବାଛିଦିଅନ୍ତୁ କିମ୍ବା କୁଇନାଲଫପ୍ ଇଥାଇଲ୍ (ହେକ୍ଟର ପ୍ରତି ୧୦୦୦ ମି.ଲି. ଟାର୍ଗାସୁପର ୫% ତରଳ) ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନକରି ଘାସ ଦମନ କରନ୍ତୁ। ଜମିକୁ ନିଗିଡ଼ା ରଖନ୍ତୁ। ପତ୍ରଦାଗ ଓ ପତ୍ରପୋଡ଼ା ରୋଗ ପାଇଁ ମାଙ୍କୋଜେବ୍ ସହ କାର୍ବେଣ୍ଡାଜିମ୍ (୧.୫ ଗ୍ରାମ୍ ୧ ଲିଟର ପାଣିରେ ମିଶାଇ) ସିଞ୍ଚନ କରନ୍ତୁ। ଜଉପୋକ ଓ ସାହେବି ରୋଗ ପାଇଁ ହେକ୍ଟର ପ୍ରତି ୧ ଲିଟର ରୋଗର କିମ୍ବା ୧୨୫ ମି.ଲି. ଇମିଡାକ୍ଲୋପ୍ରିଡ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ମୁଗ, ବିରି, ହରଡ଼ ଆଦି ଫସଲରେ ପତ୍ରକଟା ପୋକ ଦମନ ପାଇଁ ହେକ୍ଟର ପ୍ରତି ୨୫ ରୁ ୩୦ କି.ଗ୍ରା. କ୍ଲୋରୋପାଇରିଫସ୍ ୧.୫% ଗୁଣ୍ଡ ପ୍ରୟୋଗ କରନ୍ତୁ କିମ୍ବା ୧ ଲିଟର ପ୍ରୋଫେନୋଫସ୍ କିମ୍ବା ୧ ଲିଟର କୁଇନାଲଫସ୍ ବା ୫୦୦ ମି.ଲି. ଇଣ୍ଡାକ୍ସାକାର୍ବ ହେକ୍ଟର ପ୍ରତି ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ସଅଳ ବୁଣାଯାଇଥିବା ମୁଗ, ବିରି ଫସଲରେ ଏ ମାସ ମଧ୍ୟଭାଗରେ ଛୁଇଁ ପାକଳହେବା ମାତ୍ରେ ତୋଳି ଦିଅନ୍ତୁ ନଚେତ୍ ବର୍ଷା ଦ୍ୱାରା ନଷ୍ଟହୋଇଯିବ। ଧାନ ବିଲ ହିଡ଼ରେ ବିରି ଓ ହରଡ଼ ଆଦି ଧାଡ଼ିରେ ବୁଣନ୍ତୁ ।





# ଚିନାବାଦାମ ଚାଷ କରିଥିଲେ...

**ଚି**ନାବାଦାମ ଜମିରୁ ପାଣି କାଟିଦିଅନ୍ତୁ। ଚିନାବାଦାମ ଜମିରେ ପାଣି ଜମି ରହିଲେ ଚେର ଯବକ୍ଷାରଜାନ ପାଏ ନାହିଁ । ଚେରର ଭାତୁଡ଼ିଗୁଡ଼ିକ ନଷ୍ଟ ହୋଇଯାଏ। ଭଲ ବାଦାମ ଧରେ ନାହିଁ। ତେଣୁ ଜମିରୁ ଜଳ ନିଷ୍କାସନ ନିହାତି କରିବା ଦରକାର। ଟିକାରୋଗ ପାଇଁ ମାଙ୍କୋଜେବ୍ (୩ ଗ୍ରାମ୍ ପ୍ରତି ୧ ଲିଟର ପାଣିରେ ମିଶାଇ) କିମ୍ବା କ୍ଲୋରୋଥାଲୋନିଲ୍ (୨ ଗ୍ରାମ୍ ପ୍ରତି ୧ ଲିଟର ପାଣିରେ) ସିଞ୍ଚନ କରନ୍ତୁ । ମୂଳଶଢ଼ା ରୋଗ ଲାଗିଲେ ମେଟାଲାକ୍‌ସିଲ୍ ସହ ମାଙ୍କୋଜେବ୍‌କୁ ୨ ଗ୍ରାମ୍ ପ୍ରତି ୧ ଲିଟର ପାଣିରେ ମିଶାଇ ଚିନାବାଦାମ ଫସଲରେ ସିଞ୍ଚନ କରନ୍ତୁ। ବର୍ଷା କମ୍ ଥିବା ଅଞ୍ଚଳରେ ଉଇ ଲାଗିଥିଲେ ଏହାର ଦମନ ପାଇଁ ପ୍ରତି ଲିଟର ପାଣିରେ ୫ ମି.ଲି. ହିସାବରେ କ୍ଲୋରୋପାଇରିଫସ୍ ୨୦ ଇ.ସି. ମିଶାଇ ଗଛ ମୂଳରେ ସିଞ୍ଚନ କରନ୍ତୁ , ଯେପରିକି ମାଟି ଭଲ ଭାବରେ ଭିଜିପାରିବ।

www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ବୁଧବାର, ସେପ୍ଟେମ୍ବର ୧୮/୨୦୨୪ Bhubaneswar, Wednesday, September 18/ 2024

# ଜ୍ୟୋତ୍ସ୍ନା, ମୀନାଙ୍କୁ ସ୍ୱର୍ଣ୍ଣ ପଦକ

**ଭୁବନେଶ୍ୱର, ୧୭।୯ (ତପନ ସ୍ୱାଇଁ)**

ଫିଜିର ସୁଭାରେ ମଙ୍ଗଳବାର ଆରମ୍ଭ ହୋଇଥିବା ରାଜ୍ୟଗୋଷ୍ଠୀ ୟୁଥ୍, ଜୁନିୟର ଓ ସିନିୟର ଭାରୋତ୍ତୋଳନ ଚାମ୍ପିୟନଶିପ୍‌ରେ ଓଡ଼ିଶାର ଜ୍ୟୋତ୍ସ୍ନା ଶବର ଓ ମୀନା ସାନ୍ତା ସ୍ୱର୍ଣ୍ଣ ପଦକ ହାସଲ କରି ରାଜ୍ୟକୁ ଗର୍ବିତ କରିଛନ୍ତି। କେବଳ ମୀନାଙ୍କୁ ୨ ସ୍ୱର୍ଣ୍ଣ ଓ ୧ ରୌପ୍ୟ ପଦକ ମିଳିଛି। ୟୁଥ୍ ବର୍ଗରେ ଜ୍ୟୋତ୍ସ୍ନା ସ୍ନାଚ୍‌ରେ ୫୮ ଓ କ୍ଲିନ୍ ଆଣ୍ଡ ଜର୍କରେ ୬୫ ଏହିପରି ମୋଟ ୧୨୩ କେଜି

**ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନ ଚାମ୍ପିୟନଶିପ୍**

ଉତ୍ତୋଳନ କରି ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ସେହିପରି ମୀନା ୟୁଥ୍ ଓ ଜୁନିୟର ବର୍ଗରେ ୨ ସ୍ୱର୍ଣ୍ଣ ଓ ସିନିୟର ବିଭାଗରେ ରୌପ୍ୟ ପଦକ ଜିତିଛନ୍ତି। ସେ ମୋଟ ୧୮୦ (ସ୍ନାଚ୍–୮୧, କ୍ଲିନ୍ ଆଣ୍ଡ ଜର୍କ–୯୯ କେଜି) କେଜି ଉତ୍ତୋଳନ କରିଛନ୍ତି। ଜ୍ୟୋତ୍ସ୍ନା ୪୦ କେଜି ଓ ମୀନା ୫୫ କେଜିରେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ପ୍ରତିଯୋଗିତାରେ ଓଡ଼ିଶାକୁ ମୋଟ ୨ଟି ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ପଦକ ମିଳିଛି। ଉଭୟ ପ୍ରତିଭା ସମ୍ପନ୍ନ ଭାରୋତ୍ତୋଳିକା ଓଡ଼ିଶା ଟେନ୍‌ଭିକ୍ ଭାରୋତ୍ତୋଳନ ଏଚ୍‌ପିସିରେ ଟ୍ରେନିଂ ନେଉଛନ୍ତି ଏବଂ କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ ଅଫ୍ ସୋସିଆଲ ସାଇନ୍ସେସ (କିସ୍)ରେ +୨ରେ ଅଧ୍ୟୟନ କରୁଛନ୍ତି। ପ୍ରତିଯୋଗିତାରେ ୨୫ ଦେଶର ୨୧୦ ଭାରୋତ୍ତୋଳକ ଅଂଶଗ୍ରହଣ କରିଛନ୍ତି। ଏହି ସଫଳତା ପାଇଁ ଜ୍ୟୋତ୍ସ୍ନା ଓ ମୀନା କିସ୍, ଓଡ଼ିଶା ଭାରୋତ୍ତୋଳନ ଆସୋସିଏଶନ, ଭାରତୀୟ ଭାରୋତ୍ତୋଳନ ଫେଡେରେଶନ ଓ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗକୁ ଧନ୍ୟବାଦ ଜଣାଇଛନ୍ତି। ପ୍ରତିଯୋଗିତା ପୂର୍ବରୁ ଦୁହେଁ ପଟିଆଲାସ୍ଥିତ ସାଇ ଏନଏସ୍‌ଏନ୍‌ଆଇଏସ୍ ଜାତୀୟ କ୍ୟାମ୍ପରେ ଟ୍ରେନିଂ ନେଉଥିଲେ। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଉଭୟ ପ୍ରତିଯୋଗୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।




ପଦକ ସହ ମୀନା ସାନ୍ତା ଓ ଜ୍ୟୋତ୍ସ୍ନା ଶବର।

## ଆଣ୍ଡରସନଙ୍କ ପାଇଁ ଏମ୍‌ଏଲ୍‌ସି ଫ୍ରାଞ୍ଚାଇଜ ଆଗ୍ରହୀ

**ଲଣ୍ଡନ, ୧୭।୯ (ପି.ଟି.):** ପୂର୍ବତନ ଇଂଲଣ୍ଡ ପେସ୍ ବୋଲର ଜେମ୍ସ ଆଣ୍ଡରସନ ପ୍ରାୟ ଏକ ଦଶନ୍ଧି ପରେ ଟି୨୦ କ୍ରିକେଟ ଲିଗ୍‌କୁ ଫେରିପାରନ୍ତି। ଏକ ମେଜର ଲିଗ୍ କ୍ରିକେଟ (ଏମ୍‌ଏଲ୍‌ସି) ଟିମ୍ ୨୦୨୫ ସିଜନ ପାଇଁ ତାଙ୍କୁ ଦଳରେ ନେବାକୁ ଆଗ୍ରହ ପ୍ରକାଶ କରିଛି। ୪୨ବର୍ଷୀୟ ଆଣ୍ଡରସନ ଗତ ଜୁଲାଇରେ ଅନ୍ତର୍ଜାତୀୟ କ୍ରିକେଟରୁ ତାଙ୍କର ଅବସର ଘୋଷଣା କରିଛନ୍ତି। ୨୦୧୯ ପରଠାରୁ ସେ ହ୍ୱାଇଟ ବଲ୍ କ୍ରିକେଟ ଖେଳି ନାହାନ୍ତି। ୨୦୧୪ରେ ଲାଙ୍କାଶାୟାର ତରଫରୁ ସେ ତାଙ୍କ ଶେଷ ଟି୨୦ ମ୍ୟାଚ ନାଟୱେଷ୍ଟ ବ୍ଲାଷ୍ଟ ଫାଇନାଲ ଖେଳିଥିଲେ। ଇଂଲଣ୍ଡ ତରଫରୁ ସେ ତାଙ୍କ ଶେଷ ଟି୨୦ ମ୍ୟାଚ ୨୦୦୯ରେ ଖେଳିଥିଲେ। ଆସନ୍ତାବର୍ଷ ଆମେରିକାରେ ଏମ୍‌ଏଲ୍‌ସିର ତୃତୀୟ ସଂସ୍କରଣ ଖେଳାଯିବ। ଆଗ୍ରହୀ ଫ୍ରାଞ୍ଚାଇଜ୍ ଇଂଲଣ୍ଡର ସର୍ବକାଳୀନ ଅଗ୍ରଣୀ ଉଇକେଟ ହାସଲକାରୀ ବୋଲରଙ୍କୁ ଦଳରେ ନେବା ଲାଗି ମନସ୍ଥ କରିଛନ୍ତି। ଇଂଲଣ୍ଡ ତରଫରୁ ୧୮୮ଟେଷ୍ଟ ଖେଳି ୭୦୪ ଉଇକେଟ ନେଇଥିବା ଆଣ୍ଡରସନଙ୍କୁ ଫ୍ରାଞ୍ଚାଇଜ୍ ୧୩୫,୦୦୦ ପାଉଣ୍ଡ ଦେବେ। ଆଣ୍ଡରସନ ଗତମାସରେ କହିଥିଲେ, ସେ ତାଙ୍କ କ୍ରିକେଟ କ୍ୟାରିୟର ଜାରି ରଖିବା ଲାଗି ଏବେ ସୁଦ୍ଧା ଫିଟ୍ ଅଛନ୍ତି।

# କାର୍ତ୍ତିକଙ୍କ ପ୍ରଭାବୀ ବ୍ୟାଟିଂ: ମ୍ୟାଚ ଟାଇ

**ଭୁବନେଶ୍ୱର, ୧୭।୯ (ତପନ ସ୍ୱାଇଁ)**

କର୍ଣ୍ଣାଟକ କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ଆୟୋଜିତ କ୍ୟାପ୍‌ଟେନ କେ. ଥିମ୍ମାଇପ୍ପା ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟର ମହୀଶୂରର ଏସଜେସିଇ ଗ୍ରାଉଣ୍ଡରେ ମଙ୍ଗଳବାର ଶେଷ ହୋଇଥିବା ଓଡ଼ିଶା ଓ ଡିୱାଇ ପାଟିଲ କ୍ରିକେଟ ଏକାଡେମୀ ମ୍ୟାଚ ଟାଇ ରହିଛି। ୨ଟି ଲେଖାଏ ଇନିଂସରେ ଉଭୟ ଦଳ ୫୭୦ ରନ ସଂଗ୍ରହ କରିଛନ୍ତି। ଦ୍ୱିତୀୟ ଇନିଂସରେ କାର୍ତ୍ତିକ ବିଶ୍ୱାଳଙ୍କ ପ୍ରଭାବୀ ବ୍ୟାଟିଂ ଓଡ଼ିଶାର ସମ୍ମାନ ରଖିଛି। ଡିୱାଇ ପାଟିଲ କ୍ରିକେଟ ଏକାଡେମୀ ପ୍ରଥମ ଇନିଂସରେ ୨୬୨ ଓ ଦ୍ୱିତୀୟ ଇନିଂସରେ ୩୦୮ ରନ ସ୍କୋର କରିଥିଲା। ସେହିପରି ପ୍ରଥମ ଇନିଂସରେ ୨୮୩ ରନ କରିଥିବା ଓଡ଼ିଶା ଦ୍ୱିତୀୟ ଇନିଂସରେ ୨୮୭ ରନକରି ସମସ୍ତ ଉଇକେଟ ହରାଇଥିଲା। କାର୍ତ୍ତିକ ବିଶ୍ୱାଳ ଲଢୁଆ ବ୍ୟାଟିଂ କରି ଦଳ ପକ୍ଷରୁ ସର୍ବାଧିକ ୯୦ ରନ ସଂଗ୍ରହ କରିଥିଲେ। ଶାନ୍ତନୁ ମିଶ୍ର ୪୪ ରନ ସ୍କୋର କରିଥିଲେ। ବିପକ୍ଷ ଦଳର କର୍ଷ କୋଠାରି ଓ ଉମର ଖାଁ ୪ଟି ଲେଖାଏ ଉଇକେଟ ନେଇଥିଲେ। ପୂର୍ବରୁ ଓଡ଼ିଶାର ପ୍ରଥମ ଇନିଂସରେ ଶତକ ହାସଲ କରିଥିଲେ ସନ୍ଦିପ ପଟ୍ଟନାୟକ। ସେ ୧୫୮ ଓ ଆଶୀର୍ବାଦ ସ୍ୱାଇଁ ୫୫ ରନ କରିଥିଲେ।




କାର୍ତ୍ତିକ ବିଶ୍ୱାଳ

# ଚମକ ସୃଷ୍ଟି ପାଇଁ କୋଣାର୍କ ସୂର୍ଯ୍ୟସ ପ୍ରସ୍ତୁତ




ନୂଆଦିଲ୍ଲୀରେ ମଙ୍ଗଳବାର ଅନୁଷ୍ଠିତ କାର୍ଯ୍ୟକ୍ରମ ଅବସରରେ ଅମ୍ବାତି ରାୟୁଡୁ ଓ ଅନ୍ୟମାନେ।

**ଭୁବନେଶ୍ୱର, ୧୭।୯ (ତପନ ସ୍ୱାଇଁ)**

**ଲିଜେଣ୍ଡ୍ସ ଲିଗ୍ କ୍ରିକେଟ**

**ଓଡ଼ିଶାର ନଟରାଜ ବେହେରା ସାମିଲ**

ଲିଜେଣ୍ଡ୍ସ ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ତୃତୀୟ ସଂସ୍କରଣ ଚଳିତ ମାସ ୨୦ ତାରିଖରୁ ଆରମ୍ଭ ହେବ। ଏଥିରେ ପ୍ରଥମଥରପାଇଁ ଯୋଗ ଦେଇଥିବା ଓଡ଼ିଶା ଭିତ୍ତିକ ଫ୍ରାଞ୍ଚାଇଜ୍ ଦଳ 'କୋଣାର୍କ ସୂର୍ଯ୍ୟସ ଓଡ଼ିଶା' ଏହାର ପ୍ରଥମ ମ୍ୟାଚ ରାଜସ୍ଥାନର ଯୋଧପୁରରେ ମନିପାଲ ଟାଇଗର୍ସ ବିପକ୍ଷରେ ଖେଳିବ। ନିଜର ପ୍ରଥମ ପଦାର୍ପଣରେ ପ୍ରଭାବୀ ପ୍ରଦର୍ଶନ କରି ଚମକ ସୃଷ୍ଟି ପାଇଁ କୋଣାର୍କ ସୂର୍ଯ୍ୟସ ପ୍ରସ୍ତୁତ। ମଙ୍ଗଳବାର ନୂଆଦିଲ୍ଲୀର ଗ୍ରାଣ୍ଡ ହୋଟେଲରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଲିଜେଣ୍ଡ୍ସ ଲିଗ୍–୨୦୨୪ ସମ୍ପର୍କରେ ସୂଚନା ଦିଆଯାଇଛି। ଏହି ଅବସରରେ ଉପସ୍ଥିତ ରହି ସୂର୍ଯ୍ୟସ ଟିମ୍‌ର ପ୍ରମୁଖ ସଦସ୍ୟ ଅମ୍ବାତି ରାୟୁଡୁ ଓଡ଼ିଶା ସହ ତାଙ୍କର ସମ୍ପର୍କ ଏବଂ ଏହି ରାଜ୍ୟରେ କ୍ରିକେଟକୁ ପ୍ରୋତ୍ସାହିତ କରିବାକୁ ସେ ଆଗ୍ରହୀ ଥିବା ସମ୍ପର୍କରେ ପ୍ରକାଶ କରିଛନ୍ତି। ଓଡ଼ିଶାର ନଟରାଜ ବେହେରା ଦଳରେ ସାମିଲ ହୋଇଛନ୍ତି।

ଇରଫାନ ପଠାନଙ୍କ ନେତୃତ୍ୱରେ ଗଠିତ କୋଣାର୍କ ସୂର୍ଯ୍ୟସ ଦଳରେ ୟୁସୁଫ ପଠାନ, ବିନୟ କୁମାର, ରାଜେଶ ବିଷ୍ଣୋଇ, ଶାହବାଜ ନଦୀମ, ପ୍ରବୀଣ ଟାମ୍ବେ, ଦିବେଶ ପଠାନିଆ, କେ.ପି. ଅପନ୍ନା, ନଟରାଜ ବେହେରା, ରସ୍ ଟେଲର (ନ୍ୟୁଜିଲାଣ୍ଡ), କେଭିନ ଓ'ବ୍ରାଏନ (ଆୟର୍ଲାଣ୍ଡ), ବେନ୍ ଲାଫଲିନ (ଅଷ୍ଟ୍ରେଲିଆ), ରିଚାର୍ଡ ଲେଭି (ଦକ୍ଷିଣ ଆଫ୍ରିକା), ନଭିନ ଷ୍ଟିୱାର୍ଟ, ଫିଦେଲ ଏଡୱାର୍ଡ୍ସ (ଉଭୟେ ୱେଷ୍ଟଇଣ୍ଡିଜ) ଓ ଦିଲସାନ ମୁନାୱିରା (ଶ୍ରୀଲଙ୍କା) ପ୍ରମୁଖ ସାମିଲ ଅଛନ୍ତି। "କୋଣାର୍କ ସୂର୍ଯ୍ୟସ ଓଡ଼ିଶା ଦଳରେ ସାମିଲ ହେବା ମୋ ପାଇଁ ଏକ ସମ୍ମାନ ସଦୃଶ। ଓଡ଼ିଶାରେ କ୍ରୀଡ଼ାପ୍ରତି ଆଗ୍ରହ ବଢୁଛି। ଲିଜେଣ୍ଡ୍ସ ଲିଗ୍ କ୍ରିକେଟ ଆମକୁ ଏହି ରାଜ୍ୟରେ କ୍ରିକେଟର ଉନ୍ନତି, ଯୁବ ପ୍ରତିଭା ମାନଙ୍କୁ ଉତ୍ସାହିତ କରିବା ଏବଂ ପରବର୍ତ୍ତୀ ପୀଢ଼ି ଖେଳାଳିଙ୍କୁ ପ୍ରେରଣା ପ୍ରଦାନ କରିବାକୁ ଏକ ଆକର୍ଷଣୀୟ ପ୍ଲାଟଫର୍ମ ପ୍ରସ୍ତୁତ କରିଛି। ଓଡ଼ିଶା ବାସୀଙ୍କ ଭଲପାଇବା ଓ ସମର୍ଥନରେ ଆମେ ପଡ଼ିଆ ଭିତରେ ଓ ବାହାରେ ପ୍ରଭାବ ପକାଇବା ନେଇ ମୋର ଆଶା ରହିଛି" ବୋଲି ରାୟୁଡୁ ପ୍ରକାଶ କରିଛନ୍ତି। ସନ୍‌ପ୍ରିୟା ଗ୍ରୁପ୍ ଏହି ପଦକ୍ଷେପକୁ ସମର୍ଥନ କରିଥିବାରୁ ମୁଁ ଆନନ୍ଦିତ। କ୍ରୀଡ଼ା ଭିତ୍ତିଭୂମୀର ଉନ୍ନତି ଓ ଖେଳାଳିଙ୍କ ପାଇଁ ସୁଯୋଗ ସୃଷ୍ଟିଲାଗି ଓଡ଼ିଶାରେ ସେମାନଙ୍କର ନିରନ୍ତର ପ୍ରୟାସ ପ୍ରଶଂସନୀୟ। ସମସ୍ତେ ମିଶି ଆମେ ଓଡ଼ିଶାରେ କ୍ରିକେଟକୁ ଆଗେଇ ନେବା ଦିଗରେ କାର୍ଯ୍ୟ କରିବୁ ବୋଲି ରାୟୁଡୁ କହିଛନ୍ତି। ସନ୍‌ପ୍ରିୟା ଗ୍ରୁପ୍‌ର ସିଓଓ ଇନାକ୍ଷୀ ପ୍ରିୟମ କହିଛନ୍ତି ଯେ, "ଓଡ଼ିଶାର କ୍ରୀଡ଼ା ଓ ପ୍ରତିଭାର ସମୃଦ୍ଧ ଇତିହାସ ରହିଛି। ଇରଫାନ ପଠାନ କୋଣାର୍କ ସୂର୍ଯ୍ୟସ ଓଡ଼ିଶା ଦଳର ନେତୃତ୍ୱ ନେଉଥିବାବେଳେ ଅମ୍ବାତି ରାୟୁଡୁ ଓ ଅନ୍ୟ ଦକ୍ଷ ଖେଳାଳିମାନେ ଏହି ଲିଗ୍ ମାଧ୍ୟମରେ ରାଜ୍ୟରେ କ୍ରିକେଟ ଓ କ୍ରୀଡ଼ା ଭିତ୍ତିଭୂମୀକୁ ଅଧିକ ସୁଦୃଢ଼ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଆମେ କେବଳ କ୍ରିକେଟ ନୁହେଁ ଏକ ସୁସ୍ଥ, ସକ୍ରିୟ ଜୀବନଶୈଳୀକୁ ପ୍ରୋତ୍ସାହିତ କରିବାକୁ ଚାହୁଁଛୁ"।

**ଆଇପିଏଲ୍ ରିଟେନ୍‌ସନ୍**

## ଖେଳାଳି ସଂଖ୍ୟା ବଢ଼ାଇବା ପକ୍ଷରେ ରାଇନା, ରାୟୁଡୁ

**ନୂଆଦିଲ୍ଲୀ,୧୭।୯(ପି.ଟି.):** ଇଣ୍ଡିଆନ ପ୍ରିମିୟର୍ ଲିଗ୍(ଆଇପିଏଲ)ରେ ରିଟେନ୍ କରା ଯାଉଥିବା ଖେଳାଳିଙ୍କ ସଂଖ୍ୟା ବୃଦ୍ଧି କରିବା ସପକ୍ଷରେ ମତ ରଖିଛନ୍ତି ପୂର୍ବତନ ଖେଳାଳି ସୁରେଶ ରାଇନା ଓ ଅମ୍ବାତି ରାୟୁଡୁ। ଆଇପିଏଲ୍ ୨୦୨୫ର ନିଲାମୀ ପୂର୍ବରୁ ଏହି ନିୟମ ଲାଗୁ କରିବା ପାଇଁ ଉଭୟ ଖେଳାଳ କହିଛନ୍ତି। ଆଇପିଏଲର ଗଭର୍ଣ୍ଣିଂ କାଉନସିଲ୍ ଏହି ମାମଲାରେ ଏଯାଏ କୌଣସି ଚୂଡାନ୍ତ ନିଷ୍ପତ୍ତି ନେଇନାହିଁ। ୨୦୨୨ରେ ପରିବର୍ତ୍ତିତ ନିୟମ ଅନୁସାରେ ମେଗା ଅକ୍ସନରେ କୌଣସି ଦଳ ଚାହିଁଲେ ୪ ଜଣ ଖେଳାଳିଙ୍କୁ ରିଟେନ୍ କରି ପାରିବ। ୩ ବର୍ଷ ସମାପ୍ତ ହୋଇଥିବା ବେଳେ କିଛି ଦଳ ରିଟେନ୍ ଖେଳାଳିଙ୍କ ସଂଖ୍ୟା ୮କୁ ବୃଦ୍ଧି କରିବାକୁ ଦାବି କରିଛନ୍ତି। ପ୍ରତ୍ୟେକ ଫ୍ରାଞ୍ଚାଇଜ ଖେଳାଳିଙ୍କ ଉପରେ ନିବେଶ କରିଥାନ୍ତି। ତେଣୁ ଖେଳାଳିଙ୍କୁ ରିଟେନ୍ କରିବାର ବିକଳ୍ପ ବୃଦ୍ଧି ପାଇବା ଆବଶ୍ୟକ ବୋଲି କହିଛନ୍ତି ରାୟୁଡୁ। ଅନ୍ୟ ପକ୍ଷରେ ରାୟୁଡୁଙ୍କ ସହ ସହମତି ବ୍ୟକ୍ତ କରିଛନ୍ତି ମିଷ୍ଟର ଆଇପିଏଲ ସୁରେଶ ରାଇନା। ଏହା ସହ ଭବିଷ୍ୟତକୁ ଦୃଷ୍ଟିରେ ରଖି ଶୁବମାନ ଗିଲ୍‌ଙ୍କୁ ଟି୨୦ ଦଳର ଅଧିନାୟକ କରାଯିବା ଉଚିତ ବୋଲି ରାଇନା କହିଛନ୍ତି।

# ମଧ୍ୟପ୍ରଦେଶ ଚାମ୍ପିୟନ, ଓଡ଼ିଶା ରନରଅପ୍




ଚାମ୍ପିୟନ ଦଳର ଖେଳାଳିମାନେ ଅତିଥିଙ୍କ ଗହଣରେ।

**ଭୁବନେଶ୍ୱର,୧୭।୯(ସରୋଜ ଜେନା)**

**ଜାତୀୟ ସବ୍ ଜୁନିୟର ବାଳିକା ଫୁଟବଲ୍**

ମଧ୍ୟପ୍ରଦେଶର ନୀମଚରେ ଅନୁଷ୍ଠିତ ଜାତୀୟ ସବ୍ ଜୁନିୟର ବାଳିକା ଫୁଟବଲ୍ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶାକୁ ୨–୧ରେ ପରାସ୍ତ କରି ମଧ୍ୟପ୍ରଦେଶ ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି। ମଙ୍ଗଳବାର ଡ. ରାଜେନ୍ଦ୍ର ପ୍ରସାଦ ଷ୍ଟାଡିୟମରେ ଘରୋଇ ଦଳ ସମ୍ପୂର୍ଣ୍ଣ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲା। ମଧ୍ୟପ୍ରଦେଶ ପକ୍ଷରୁ ସୋମିନି ଧୁରବେ(୩୩ ମିନିଟ)ରେ ଗୋଲ ଦେଇଥିବା ବେଳେ ଓଡ଼ିଶା ପକ୍ଷରୁ ୬୯ ତମ ମିନିଟରେ ଖୁଣ୍ଡୋଙ୍ଗବାମ୍ ଅମ୍ବାଳିକା ଏକମାତ୍ର ଗୋଲ ଦେଇଥିଲେ। ୧୨ ତମ ମିନିଟରେ ଓଡ଼ିଶାର ପୂଜା ଓରାମ ଏକ ଆତ୍ମଘାତୀ ଗୋଲ ଦେଇଥିଲେ। ପ୍ରଥମାର୍ଦ୍ଧ ସୁଦ୍ଧା ମଧ୍ୟପ୍ରଦେଶ ୨–୦ରେ ଆଗୁଆ ରହିଥିଲା। ଦ୍ୱିତୀୟାର୍ଦ୍ଧରେ ଅମ୍ବାଳିକାଙ୍କ ଗୋଲ ବଳରେ ବ୍ୟବଧାନ କମିଥିଲେ ମଧ୍ୟ ଓଏଫ୍‌ସି ବିଜୟୀ ହୋଇ ପାରି ନ ଥିଲା।

## ଗତିକୃଷ୍ଣ ମେମୋରିଆଲ 'ବି' ଡିଭିଜନ ଲିଗ୍

**ଭୁବନେଶ୍ୱର, ୧୭।୯ (ତପନ ସ୍ୱାଇଁ)**

ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ଗତିକୃଷ୍ଣ ମେମୋରିଆଲ 'ବି' ଡିଭିଜନ ଫୁଟବଲ ଲିଗ୍ ଅକ୍ଟୋବର ୩ୟ ସପ୍ତାହରେ ଆରମ୍ଭ ହେବ। ଭୁବନେଶ୍ୱର ଅଞ୍ଚଳର ଫୁଟବଲ କ୍ଲବ ଗୁଡ଼ିକ ଏଥିରେ ଅଂଶଗ୍ରହଣ କରିପାରିବେ। ଆଗ୍ରହୀ କ୍ଲବ ଗୁଡ଼ିକ ଚଳିତ ମାସ ୩୦ ପୂର୍ବରୁ ୧୦୦୦ ଟଙ୍କା ଏଣ୍ଟ୍ରି ଫି ଦେଇ ନାମ ପଞ୍ଜୀକରଣ କରିପାରିବେ ବୋଲି ଆସୋସିଏଶନ ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଜା ଓ ଫୁଟବଲ ସମ୍ପାଦକ ଦିଲୀପ ଦାସ ପ୍ରକାଶ କରିଛନ୍ତି।

## ପିକଲ୍‌ବଲ୍ ବିଶ୍ୱକପ୍: ଭାରତରୁ ଭାଗନେବେ ୨ ଦଳ

**ନୂଆଦିଲ୍ଲୀ, ୧୭।୯ (ପି.ଟି.):** ପେରୁରେ ଅନୁଷ୍ଠିତ ପିକଲ୍‌ବଲ୍ ବିଶ୍ୱକପରେ ଭାରତରୁ ୨ ଦଳ ଭାଗ ନେବାକୁ ଯାଉଛନ୍ତି। ପେରୁର ଲିମାରେ ଅକ୍ଟୋବର ୨୨–୨୭ ମଧ୍ୟରେ ଏହି ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବ। ପ୍ରଥମ ଥର ପାଇଁ ଭାରତ ଏହି ବିଶ୍ୱକପରେ ଅଂଶଗ୍ରହଣ କରିବାକୁ ଯାଉଛି। ଭାରତୀୟ ପିକଲବଲ୍ ଆସୋସିଏଶନ(ଆଇପିଏ)କୁ ଆମନ୍ତ୍ରଣ ମିଳିଥିବା ବେଳେ ଏହା ୯ ଜଣ ଖେଳାଳିଙ୍କୁ ୨ ଟି ଦଳରେ ସାମିଲ କରି ପ୍ରେରଣ କରିବ ବୋଲି ଘୋଷଣା କରିଛି। ଅହମଦାବାଦରେ ନିକଟରେ ଆଇପିଏର ଚୟନ ପ୍ରକ୍ରିୟା ଅନୁଷ୍ଠିତ ହୋଇ ଯାଇଛି। ଏହି ଚୟନ ପ୍ରକ୍ରିୟାରେ ୯ ଜଣ ଖେଳାଳିଙ୍କୁ ଚୟନ କରାଯାଇଥିବା ଜଣାପଡିଛି। ଓପନ ବର୍ଗରେ ଧୀରେନ ପଟେଲ ଭାରତର ନେତୃତ୍ୱ ନେଉଥିବା ବେଳେ ଏହି ଦଳରେ ହିମାଂଶ ମେହଟା, ସୁରଜ ଦେଶାଇ, ରକ୍ଷିକା ରବି ଓ ଅଂଶୀ ସେଠୀ ଏହି ଦଳରେ ସାମିଲ ଅଛନ୍ତି। ଅନ୍ୟ ପକ୍ଷରେ ୫୦ ବର୍ଷରୁ ଅଧିକ ବୟସ ବର୍ଗରେ ନୋଜେର ଅମଲସିଡ଼ୱାଲା, କିରଣ ସାଇଲାନ, ବେଲା କୋଟୱାନି ଓ ସୁଜୟ ପାରେଖ ସାମିଲ ଅଛନ୍ତି।

ପିକଲ ବଲ୍ ଟେନିସ୍ ପରି ଏକ ଖେଳ ହୋଇଥିବା ବେଳେ ଏଥିରେ ର୍‍ୟାକେଟ ପରିବର୍ତ୍ତେ ପ୍ୟାଡଲ ବ୍ୟବହାର କରାଯାଏ। ଡବଲ୍ସ ବ୍ୟାଡମିଣ୍ଟନ ସାଇଜର କୋର୍ଟରେ ଏହା ଖେଳା ଯାଉଥିବା ବେଳେ ନେଟ୍‌ର ଉଚ୍ଚତା ୩୬ ଇଞ୍ଚ ରହିଥାଏ।




ଚେନ୍ନାଇରେ ମଙ୍ଗଳବାର ଭାରତୀୟ ଦଳର ଅଭ୍ୟାସ ସେସନରେ କୁଲଦୀପ ଯାଦବ ଓ ରିଷଭ ପନ୍ତ।

# ଜାମ୍‌ସେଦ୍‌ପୁର ଏଫ୍‌ସିର ଚମତ୍କାର ବିଜୟ

**ପଣଜୀ,୧୭।୯**

ଇଣ୍ଡିଆନ ସୁପର ଲିଗ୍ (ଆଇଏସଏଲ)ରେ ଏଫ୍‌ସି ଗୋଆକୁ ୨–୧ରେ ପରାସ୍ତ କରିଛି ଜାମସେଦପୁର ଏଫ୍‌ସି। ଇଞ୍ଜୁରୀ ଟାଇମରେ ଜୋର୍ଡାନ ମୁରେଙ୍କ ଗୋଲ ବଳରେ ଜାମସେଦପୁର ଚମତ୍କାର ବିଜୟ ହାସଲ କରିଥିଲା। ଫତୋର୍ଦା ଷ୍ଟାଡିୟମରେ ଖେଳା ଯାଇଥିବା ମ୍ୟାଚରେ ଗୋଆ ପକ୍ଷରୁ ଆମାଣ୍ଡୋ ସାଦିକୁ(୪୫+୩) ମିନିଟରେ ଗୋଲ ଦେଇଥିଲେ। ଅନ୍ୟ ପକ୍ଷରେ ଜାମସେଦପୁର ପକ୍ଷରୁ ଜାଭିଏର ସିଭେରିଓ(୭୪ ମିନିଟ) ଓ ଜୋର୍ଡାନ ମୁରେ (୯୦+୩ ମିନିଟରେ) ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଏଫ୍‌ସି ଗୋଆ ସମ୍ପୂର୍ଣ୍ଣ ମ୍ୟାଚ୍‌ରେ ପ୍ରାଧାନ୍ୟ ବିସ୍ତାର କରି ଖେଳିବା ସହ ୬୩ ପ୍ରତିଶତ ସମୟ ବଲ ନିୟନ୍ତ୍ରଣରେ ରଖିଥିଲା। ପ୍ରଥମାର୍ଦ୍ଧର ଅତିରିକ୍ତ ସମୟରେ ସାଦିକୁ ଗୋଆକୁ ଅଗ୍ରଣୀ କରିଥିଲେ। ୭୪ ତମ ମିନିଟରେ ସିଭେରିଓ ଗୋଲଟିକୁ ପରିଶୋଧ କରିଥିଲେ। ଇଞ୍ଜୁରୀ ଟାଇମରେ ମ୍ୟାଚ୍ ଡ୍ର ଆଡକୁ ଯାଉଥିବା ବେଳେ ଜୋର୍ଡାନ ମୁରେ ଏକ ଚମତ୍କାର ଶଟ ଜରିଆରେ ଗୋଲ ସ୍କୋର କରିଥିଲେ। ଡି ବାହାରୁ ଏକ ଶକ୍ତିଶାଳୀ ଶଟ୍ ଜରିଆରେ ଗୋଆର ଡିଫେଣ୍ଡର ଓ ଗୋଲ କିପରଙ୍କୁ ପରାସ୍ତ କରି ଗୋଲ କରିଥିଲେ ଜୋର୍ଡାନ।



ବିଜୟ ପରେ ଉଲ୍ଲସିତ ଜାମ୍‌ସେଦପୁର ଏଫ୍‌ସିର ଖେଳାଳି।

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ